ଚେତନାର ଚନ୍ଦ୍ରଭାଗା

ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ର

Digitized by PPRACHIN, SOA

ଜଣେ ନିରଳସ, ନିରବଚ୍ଛିନ୍ନ, ନିର୍ଭୀକ ସାଧକ ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ର ବୃତ୍ତି ଦୃଷ୍ଟିରୁ ଜଣେ ଶିକ୍ଷକ ହୋଇଥିଲେ ମଧ୍ୟ ତାଙ୍କ ର ଶୈଶବରୁ ରହି ଆସିଥିବା ଲଳିତ କୋମଳ ବିଦ୍ୟା ପ୍ରତି ଆନ୍ତରିକ ଅନୁରାଗ ତାଙ୍କୁ ଆଜି ଜଣେ ପ୍ରତିଷ୍ଠିତ ସାହିତ୍ୟିକ ଭାବରେ ସମ୍ମାନଜନକ ସ୍ଥିତିରେ ଅଧିଷ୍ଠିତ କରାଇପାରିଛି । ସେ ଏକାଧାରରେ ଜଣେ ନାଟ୍ୟକାର, କବି, ପ୍ରାବନ୍ଧିକ, ସଙ୍ଗୀତଜ୍ଞ, ସଂଗୀତ ନିର୍ଦ୍ଦେଶକ ତଥା ଅନେକ କିଛି । ଓଡ଼ିଶାର ପୂର୍ବତନ ଗଡ଼ଜାତମାନଙ୍କରେ କାର୍ଯ୍ୟ କରୁଥିବା ଏକହଜାର ପାଞ୍ଚଶହ ଶିକ୍ଷକଙ୍କର ପେନସନ୍ ଓ ସିନିୟରିଟି ଭଳି ନ୍ୟାର୍ଯ୍ୟଦାବୀ ପୂରଣ ପାଇଁ ଦୀର୍ଘ ୨୧ ବର୍ଷ ଧରି ସଂଗ୍ରାମ କରି ସେ ସଫଳକାମ ହୋଇଛନ୍ତି । ତାଙ୍କୁ ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ, ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ଓ ଦାଶରଥି ମିଶ୍ର ହାଇସ୍କୁଲର ପ୍ରତିଷ୍ଠାତା ତଥା ପିତା କହିଲେ ସତ୍ୟର ଅପଳାପ ହେବନାହିଁ । ବିଶ୍ୱ ହିନ୍ଦୁ ପରିଷଦର ସେ ଆଜୀବନ ସଦସ୍ୟ ରହିଛନ୍ତି । ଜଣେ ଅନୁବାଦକ ଭାବେ ତାଙ୍କର କୃତି ''ଉପଦେଶାମୃତ ଏବଂ ସ୍ୱାମୀ ଚିଦାନନ୍ଦଙ୍କ ଦୁଃଖାତୀତ ପଥ'' ତାଙ୍କ ଯୋଗ୍ୟତାର ପରିମାପକ । ହିନ୍ଦୁଧର୍ମର ବୈଜ୍ଞାନିକ **ବ୍ୟାଖ୍ୟା**, ବ୍ୟଙ୍ଗଯୁକ୍ତ ରମ୍ୟରଚନା ମଧୁର ଆଳାପ, ଚେତନାର ଚନ୍ଦ୍ରଭାଗା ଭଳି ଗ୍ରନ୍ଥ ତଥା , ଗଲି ଆଇଲି ଯାହା ଦେଖିଲି ଭଳି ଭ୍ରମଣ ବୃତ୍ତାନ୍ତ ତାଙ୍କର ବିସ୍ତୀର୍ଣ୍ଣ ଦୃଷ୍ଟି ଭଙ୍ଗୀର ପରିଚୟ ଦିଏ । ସେ ଆମେରିକା, ଇଂଲଣ୍ଡ ଭଳି ଅନେକ ଦେଶରେ ପରିଭ୍ରମଣ କରି ନିଜ ପର୍ଯ୍ୟଟନପ୍ରୀତିର ପରିଚୟ ଦେଇଛନ୍ତି ।

ଚେତନାର ଚନ୍ଦ୍ରଭାଗା ମୁକ୍ତ ବିଚାରଧାରାର ପରିପ୍ରକାଶ ପାଇଁ ଏକ ମନୋଜ୍ଞ ସମ୍ଭାର, ସାର୍ଥକ ପ୍ରତିଫଳନ ତଥା ଚେତନାର ଏକ ଭିନ୍ନଦିଗନ୍ତ । ପାଠକେ ଏହାକୁ ଆଦରି ନେବା ସ୍ୱାଭାବିକ ।

ପ୍ରାଧ୍ୟାପକ ରମେଶ ଦାସ
ବକ୍ସି ଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟ
ଭୁବନେଶ୍ୱର

Digitized by PPRACHIN, SOA

ଢେଙ୍କନାର ଚନ୍ଦ୍ରଭାଗା

ପ୍ରଥମ ଭାଗ

ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଆନୁକୁଲ୍ୟରେ

ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ର

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ଲେଖକ : ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ର
କୁଞ୍ଜକାନ୍ତ, ଢେଙ୍କାନାଳ - ୭୫୯୦୦୧
ଦୂରଭାଷ : ୦୬୭୬୨ - ୨୨୫୦୪୫
ପ୍ରଥମ ସଂସ୍କରଣ : ଶ୍ରୀପଞ୍ଚମୀ - ୨୬.୧.୨୦୦୪
ପ୍ରକାଶକ : ମହାପାତ୍ର ପବ୍ଲିକେସନ୍ସ
କୁଞ୍ଜକାନ୍ତ, ଢେଙ୍କାନାଳ - ୭୫୯୦୦୧
ଦୂରଭାଷ : ୦୬୭୬୨ - ୨୨୪୪୪୫
ମୁଦ୍ରଣ : ପୁନମ୍ ଗ୍ରାଫିକ୍ସ,
ଫ୍ରେଣ୍ଡସ କଲୋନୀ, କେନାଲ ରୋଡ୍, କଟକ
ପ୍ରଚ୍ଛଦ ଓ ଅଙ୍ଗସଜ୍ଜା : ବିଭୁ
ସାନ୍ତରା ପୁର, ଭୁବନେଶ୍ୱର

ମୂଲ୍ୟ : ଟ ୧୪୦/- ମାତ୍ର

CHETANARA CHANDRABHAGA

Writer : **Sandilya Basanta Kumar Mohapatra**
Kunjakanta, Dhenkanal-759001
Ph : 06762 - 225045

Publisher Mohapatra Publications
Kunjakanta, Dhenkanal-759001
Ph : 06762 - 224445

First Edition Shreepanchami - 26.1.2004

Printed by Poonam Graphics,
Friends Colony, Cuttack

Cover Design & Set : Bibhu,
Santarapur, Bhubaneswar

Price : **Rs. 140/-** only

ISBN - 81-86790-72-1

Digitized by PPRACHIN, SOA

ମୁଖବନ୍ଧ

ଶାଣ୍ଡିଲ୍ୟ ବସନ୍ତ କୁମାରଙ୍କ ''ଚେତନାର ଚନ୍ଦ୍ରଭାଗା'' ପରିବେଶ ଠାରୁ ମା' ଓ ମମତା ପର୍ଯ୍ୟନ୍ତ ସଂସ୍କୃତି, ସାହିତ୍ୟ, ଜୀବନୀ, ଶିକ୍ଷା, ନାରୀ, ବିଜ୍ଞାନ, ଓ ଦର୍ଶନ ଆଦି ବହୁ ସାମଗ୍ରୀରେ ପରିପୂର୍ଣ୍ଣ ଓ ସୁସଜ୍ଜିତ । ପୁସ୍ତକର ବିଶେଷ ଆକର୍ଷଣ ହେଉଛି, ଢେଙ୍କାନାଳର ସାହିତ୍ୟ ଓ ସଂସ୍କୃତିର ଅନେକ ଅଭିବ୍ୟକ୍ତି । ଏତଦ୍ ବ୍ୟତୀତ ଧର୍ମ ଓ ଧାରଣାକୁ ନେଇ ସେ ଏଥିରେ ଅନେକ ପ୍ରବନ୍ଧ ଲେଖିଛନ୍ତି, ଯାହା ଅତ୍ୟନ୍ତ ଉପାଦେୟ ।

ଶାଣ୍ଡିଲ୍ୟ କେବଳ ଜଣେ ଦାର୍ଶନିକ ବା ଲେଖକ ନୁହଁନ୍ତି, ସମଗ୍ର ଜୀବନ ପଢିବା ପଢେଇବା, ଲେଖିବା-ଲେଖେଇବା, କହିବା-କୁହେଇବା କାର୍ଯ୍ୟରେ ବ୍ୟତୀତ କରିଥିଲେ ମଧ୍ୟ ସେ ଜଣେ ନିର୍ଭୀକ ବ୍ୟକ୍ତିତ୍ୱ । ଶିକ୍ଷକଙ୍କର ଅଧିକାର ପାଇଁ ସେ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଲଢିଛନ୍ତି ଓ ବିଜୟୀ ହୋଇଛନ୍ତି ।

ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳର ସୂତ୍ରଧର ଭାବରେ ଢେଙ୍କାନାଳର ଉନ୍ନତିକଳ୍ପେ ସେ ତାଙ୍କର ସମସ୍ତ ଶ୍ରମ ନିଗାଡି ଦେଇଥିଲେ ମଧ୍ୟ ଜଣେ ପରିବେଶବିଦ୍ ଭାବରେ ସେ ଜୀବଜଗତ, ଉଦ୍ଭିଦ ବିଷୟରେ ଖୁବ୍ ଚିନ୍ତା କରନ୍ତି । ବିଶ୍ୱକୁ ସବୁ ପ୍ରକାର ପ୍ରଦୂଷଣରୁ ମୁକ୍ତ ରଖିବା ପାଇଁ ସେ ଲେଖିଥିବା ପ୍ରଥମ ପ୍ରବନ୍ଧଟି ଏକ ଉଲ୍ଲେଖଯୋଗ୍ୟ ପ୍ରବନ୍ଧ । ସର୍ବଗ୍ରାସୀ ମଣିଷ କେମିତି ତାର ଲାଳସା ପରିତୃପ୍ତି ପାଇଁ ନିରୀହ ପଶୁପକ୍ଷୀମାନଙ୍କୁ ମଧ୍ୟ ଭକ୍ଷଣ କରିବାକୁ ଭୁଲେ ନାହିଁ, ଏ ପ୍ରକାର ଏକ ରାକ୍ଷାସ ପ୍ରବୃତ୍ତିରୁ ମାନବ ସମାଜକୁ ରକ୍ଷା କରିବା ପାଇଁ ସେ ସତତ ପ୍ରୟାସୀ ।

ଅଯୋଧାରେ ବାବ୍ରୀ ଢାଞ୍ଚା ଭଙ୍ଗାଯିବା ଘଟଣା ସହିତ ଶାଣ୍ଡିଲ୍ୟ ବସନ୍ତ କୁମାରଙ୍କ କାରାବରଣର ଅର୍ଥ କିଛି ବୁଝିହୁଏ ନାହିଁ । ଖୁବ୍ ମନୋଜ୍ଞ ଭାବରେ ସେ ତାଙ୍କର ବନ୍ଦୀ ଜୀବନକୁ ବର୍ଣ୍ଣନା କରିଛନ୍ତି । ବନ୍ଦୀ ହେବାରେ ଭୟ ବା ଭ୍ରାନ୍ତି ନାହିଁ । ତେବେ ଯେଉଁଥିପାଇଁ ସେ ବନ୍ଦୀ ହେଲେ, ସେ ବିଷୟରେ ପାଠକ ନିଶ୍ଚୟ ଜାଣିବା ପାଇଁ ଇଚ୍ଛା କରିବେ । ଶାଣ୍ଡିଲ୍ୟଙ୍କ ଭାଷାରେ ବାବ୍ରୀ ଢାଞ୍ଚା ଭାଙ୍ଗିଥିବା ଲୋକମାନେ କୁହନ୍ତି ପାଞ୍ଚ ଶହ ବର୍ଷର କଳଙ୍କ ପୋଛି ହୋଇଗଲା ତ ସରକାର କୁହନ୍ତି ଏହା ବଡ ଅପକର୍ମ ବା ପାପ କର୍ମ ।

Digitized by PPRACHIN, SOA

କାହିଁକି ବାବ୍ରୀ ଢାଞ୍ଚା ଭାଙ୍ଗିଲା । ବାସ୍ତବରେ ତାହା ଗୋଟିଏ ମସ୍‌ଜିଦ୍ ନା ମନ୍ଦିର ଥିଲା, ଏ ସଂକ୍ରାନ୍ତରେ ବହୁ ପାଠକଙ୍କ ମନରେ ନାନା ପ୍ରକାର ଧାରଣା ରହିଛି । ସେ ଦୃଷ୍ଟିରୁ ଶାଣ୍ଡିଲ୍ୟ ମୋ ପାଖରୁ ଏକ ବିଷଦ ବିବରଣୀ ଆଶା କରି ଏ ଭୂମିକାଟି ଲେଖିବା ପାଇଁ ମୋତେ ଆଗ୍ରହ କରିଛନ୍ତି ।

ଅଯୋଧ୍ୟା ପ୍ରସଙ୍ଗକୁ ନେଇ ସାରା ଦେଶ ବିକ୍ଷୁବ୍ଧ ଥିବାବେଳେ ଅତୀତ ଓ ଇତିହାସର ଆଇନାରେ ଆମେ ଅଯୋଧ୍ୟାକୁ ଦେଖୁଁ ଏକ ରାଜନୈତିକ ପ୍ରଶ୍ନ ଭାବରେ ନୁହେଁ, ଏକ ସାଂସ୍କୃତିକ ପ୍ରସଙ୍ଗ ଭାବରେ । ଏଠି ଗୋଟିଏ ଆଖ୍ୟାୟିକା ଉଲ୍ଲେଖ କଲେ କଥାଟି ବେଶ୍ ଜଣାପଡିବ ।

ଇଂଲଣ୍ଡର ହେଡିଙ୍ଗଟନ ଗୋଟିଏ ଛୋଟ ବଜାର ଭଳି ଗ୍ରାମ । ବିଂଶ ଶତାବ୍ଦୀର ଆଧୁନିକ ସଭ୍ୟତା ଏହି ଗ୍ରାମକୁ ଛୁଇଁ ପାରି ନାହିଁ । ଉପେକ୍ଷା ଓ ହତାଶାଗ୍ରସ୍ତ ଏହି ଗ୍ରାମର ଯୁବକମାନେ ଅପରାଧ କରିବାରେ କିଛି କମ୍ ନ ଥିଲେ । କାନ୍ଥବାଡରେ ଅଜସ୍ର ଅଶ୍ଳୀଳ ଚିତ୍ର ଓ ବାକ୍ୟ ସୂଚେଇ ଦେଉଥିଲା ଯେ ଗାଆଁଟିର ଯୁବକଗଣ ଅପରାଧୀ ମାନସିକାତାରେ ପ୍ରପୀଡିତ । ଅବହେଳିତ ହୋଇପଡିଥିବା ଗ୍ରାମର ଜଣେ ମହିଳା ଥରେ ଚିନ୍ତା କଲେ ଯେ ଶତାବ୍ଦୀ ପୂର୍ବରୁ ନଷ୍ଟ ହୋଇଯାଇଥିବା ଗ୍ରାମର ଗୀର୍ଜାଘରର ପୁନରୁଦ୍ଧାର ହିଁ ଗ୍ରାମ ସମସ୍ୟାର ସମାଧାନ କରିପାରିବ । ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେଲା । ଆଶ୍ଚର୍ଯ୍ୟର କଥା, ଗ୍ରାମଟିର ନାଟକୀୟ ପରିବର୍ତ୍ତନ ଦେଖାଦେଲା । ଗୀର୍ଜାଘରର ପୁନରୁଦ୍ଧାର ଦେଖି ଲୋକେ ନିଜ ଘରଗୁଡିକୁ ମଧ୍ୟ ସୁଧାରିବା ଆରମ୍ଭ କରିଦେଲେ । ଖଣ୍ଡବିଖଣ୍ଡିତ ଭାବନାର ମଧ୍ୟ ପୁନରୁଦ୍ଧାର ହେବାକୁ ଲାଗିଲା ।

୧୯୮୬ରେ ନ୍ୟାୟାଳୟ ରାମ ଜନ୍ମଭୂମିର ଦ୍ୱାର ଉନ୍ମୁକ୍ତ କରିବା ପାଇଁ ଆଦେଶ ଜାରି କରିବା ପ୍ରସଙ୍ଗରେ ଭାବ ବିଭୋର ହୋଇ 'ପ୍ରୋବ୍ ଇଣ୍ଡିଆ'ର ଏକ ପ୍ରବନ୍ଧରେ ଏକଥା ଲେଖିଥିଲେ ରାନୀ ଦୁବେ । ଅନ୍ତଃରାଷ୍ଟ୍ରୀୟ ଖ୍ୟାତିପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତ୍ରୀ ରାନୀ ଦୁବେ, ରିଚାର୍ଡ ଏଟନବରାଙ୍କ ସହିତ ''ଗାନ୍ଧୀ'' ଚଳଚ୍ଚିତ୍ରର ମଧ୍ୟ ସହ ନିର୍ମାତ୍ରୀ ଥିଲେ । ଏହି ପ୍ରସଙ୍ଗଟକୁ ଆଗକୁ କହିବାକୁ ଯାଇ ସେ କୁହନ୍ତି ଯେ ହେଡିଙ୍ଗଟନ ଗ୍ରାମର ଜଣେ କିରାଣୀଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା, ଯିଏ ସେହି ଗ୍ରାମ ସଂପର୍କରେ କହିବାକୁ ଯାଇ ତାଙ୍କୁ କହିଥିଲେ : ''ରାନୀ, ଦୁଇବର୍ଷ ପୂର୍ବରୁ ଯେବେ ମୁଁ ଏହି ସ୍ଲୋଗାନ୍ ଶୁଣୁଥିଲି ଯେ ''ଗୀର୍ଜା ଘରର ଉପଚାର ଗ୍ରାମର ଉପଚାର ।'' ସେତେବେଳେ ମୁଁ ନ ହସି ରହି ପାରୁ ନ ଥିଲି । କିନ୍ତୁ ଆଜି ମୁଁ ଦୃଢତା ସହିତ କହିବି ଯେ ଏହି ସ୍ଲୋଗାନ୍ ବାସ୍ତବରେ

Digitized by PPRACHIN, SOA

ଗ୍ରାମ ପାଇଁ କାମ କରି ଦେଖାଇଲା । ବର୍ତ୍ତମାନ ୭୪ ପ୍ରତିଶତ ଅପରାଧ ଗ୍ରାମରୁ କମିଯାଇଛିତ ଏବଂ କାନ୍ଥବାଡରେ ଆଉ ଅଶ୍ଳୀଳ କଥା ଲେଖାଯାଉ ନାହିଁ ।

ରାନୀ ଦୁବେ କୁହନ୍ତି ଯେ ଏହି ପ୍ରକାର ଉପଚାର, ଆମର ଗାଁ, ପୂଜାସ୍ଥାନ ଆଦି ପାଇଁ ଆବଶ୍ୟକ । ସେ ଭାବନ୍ତି, ଜଣେ ନାଗରିକ ହୋଇଥିବା କାରଣରୁ ଏହାର ଆବଶ୍ୟକତା ରହିଛି । ଆସନ୍ତୁ, ଆମେ ସବୁ ଭାରତୀୟ ହୋଇଥିବା କାରଣରୁ ନିଜ ପ୍ରାଚୀନ ସଂସ୍କୃତି, ପ୍ରାଚୀନ ଦର୍ଶନର ପୁନଃପ୍ରତିଷ୍ଠା କରିବା ଯଦ୍ୱାରା ଆମେ ନିଜକୁ ଜାଣି ପାରିବା ଓ ବୁଝିପାରିବା ।

ଲକ୍ଷ୍ନୌର ଗୋଟିଏ ହୋଟେଲରୁ ଝରକାରୁ ଶାନ୍ତିରେ ବୋହିଯାଉଥିବା ଗୋମତୀକୁ ନିରୀକ୍ଷଣ କରୁଥିବା ସମୟରେ ରାନୀ ଦୁବେ ଅଯୋଧ୍ୟାସ୍ଥିତ ରାମ ଜନ୍ମ ଭୂମି ମନ୍ଦିରର ତାଲା ଖୋଲିବା ସମାଚାର ପାଇଲେ । ଏକ ଅଦ୍ଭୁତ ଘଟଣା ଘଟିଥିଲା । ଏକ ଉତ୍ସାହର ଲହରୀରେ ରୋମାଞ୍ଚିତ ହୋଇଉଠିଲେ ସେ । ରାତିରେ ନିଜ ଭାବନାକୁ ସେ ବିଶ୍ଳେଷଣ କରିବାକୁ ଲାଗିଲେ । ''ମୁଁ ଜଣେ ହିନ୍ଦୁ । ମୁଁ ନିଜକୁ ସନାତନୀ କହିବାରେ ଆନନ୍ଦିତ କାହିଁକି ନା ଏହି ଦେଶର ଦର୍ଶନ କେବେ କୌଣସି ଏକ ବଂଶ ବା ଜାତିରେ ଯୋଡା ହୋଇ ରହିନାହିଁ । କିନ୍ତୁ ମୁଁ ରୁଢ଼ୀବାଦୀ ନୁହେଁ । ମୁଁ ଜଣେ ଇଂରାଜୀ ଖ୍ରୀଷ୍ଟିୟାନକୁ ବିବାହ କରିଛି । ନିଜ ଘରର ଶ୍ରୀକୃଷ୍ଣଙ୍କ ସହିତ ଯୀଶୁଖ୍ରୀଷ୍ଟଙ୍କ ଚିତ୍ର ଆଗରେ ମୁଁ ମହମବତୀ ଜଳାଏ । ଏହା ସତ୍ତ୍ୱେ ରାମଜନ୍ମଭୂମି ତାଲା ଖୋଲିବା ସମାଚାର ଶୁଣି ମୁଁ କାହିଁକି ଅତ୍ୟନ୍ତ ଆନନ୍ଦିତ ହୋଇଉଠିଲି ।''

ପୁନଶ୍ଚ ସେ କହିଛନ୍ତି : ''ଅଚାନକ ଆନନ୍ଦର କାରଣ ମୁଁ ବୁଝିପାରିଲି । ଏକ ଅପରାଧବୋଧ ଯାହା ବୋଝ ହୋଇ ମୋତେ ଅବଦମିତ କରି ରଖିଥିଲା, ତାହା ହଟିଗଲା । ତାହା ସେହି ଅପରାଧବୋଧ ଥିଲା, ଯାହାକୁ ମୁଁ ବାରାଣାସୀ, ମଥୁରା ବା ଦେଶର କୌଣସି ସ୍ଥାନରେ ପଡି ରହିଥିବା ଭଗ୍ନାବଶେଷ ଦେଖି ଅନୁଭବ କରୁଥିଲି । ଏହି ଅପରାଧବୋଧ ଏବଂ ପୀଡା ଥିଲା ନପୁଂସକତାର ।''

କିଛିବର୍ଷ ତଳେ ତାଙ୍କର ସାନଭାଇ ବିଶ୍ୱଭ୍ରମଣରେ ବାହାରିଲେ । ସେ ଗଜନୀ ଯିବା ପାଇଁ ତାଙ୍କୁ ବାଧ କରିଥିଲେ । ସେ ସେହି ଜାଗା ଦେଖିବା ପାଇଁ ଚାହୁଁଥିଲେ ଯେଉଁଠୁ ମହମୁଦ୍ ଗଜନୀ ଆସିଥିଲେ । ଗଜନୀରେ ପହଞ୍ଚି ସେ ରାନୀଙ୍କ ପାଖକୁ ଏକ ମର୍ମସ୍ପର୍ଶୀ ପତ୍ର ଲେଖିଥିଲେ । ସେ ପତ୍ରର ପ୍ରତ୍ୟେକ ଶବ୍ଦ ରାନୀଙ୍କର ମନେ ରହିଯାଇଛି । ସେ ଲେଖିଥିଲେ : ''ଭଉଣୀ ! ଝୁପୁଡିରେ ପରିପୂର୍ଣ୍ଣ ଏହା ଏକ ଅପରିଷ୍କାର ଓ ଅଶିକ୍ଷିତ

Digitized by PPRACHIN, SOA

ସ୍ଥାନ । ଏଠାରେ ଦୁଇଟି ମୁଖ୍ୟ ଜିନିଷ ରହିଛି । ଗୋଟିଏ ହେଲା ଚନ୍ଦନକାଠରେ ତିଆରି ହୋଇଥିବା ଦ୍ୱାର, ଯାହା ମହମୁଦ ଗଜନୀ ସୋମନାଥ ମନ୍ଦିରରୁ ଆଣିଥିଲେ ଏବଂ ମସଜିଦ୍-ଯାହା ଗ୍ରାମର ମଝିରେ ରହିଛି ଓ ସେହି ମସ୍‌ଜିଦର ସିଡିଗୁଡିକ ସୋମନାଥ ମନ୍ଦିରର ମୂର୍ତ୍ତିଗୁଡିକରେ ତିଆରି ହୋଇଛି ।''

ଏହି ପତ୍ର ରାନୀଙ୍କୁ ଭୟଭୀତ କରିଦେଇଥିଲା । ସେ ଭାବିବାକୁ ଆରମ୍ଭ କରିଦେଇଥିଲେ ଯେ, ସେ ପ୍ରକାରର ଲୋକଙ୍କ ସହିତ ସେ କଣ ଏପରି ବ୍ୟବହାର କରିପାରିବେ ? ସେ କଣ ଅନ୍ୟ କାହାର ପୂଜା ସ୍ଥଳକୁ ନଷ୍ଟ କରିବାକୁ ଭାବି ପାରିବେ ? ନା, କେବେ ନୁହେଁ ।

୧୯୬୮ର କଥା, ସେତେବେଳେ ଲୋକସଭାର ଅଧ୍ୟକ୍ଷ ଥିଲେ ସଂଜୀବ ରେଡ୍ଡୀ । ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଋଷ ଯାଇଥିଲେ । ସେଥିରେ କମ୍ୟୁନିଷ୍ଟ ପାର୍ଟିର ଶ୍ରୀ ହରେନ ମୁଖାର୍ଜୀ ଏବଂ ଭାରତୀୟ ମଜଦୁର ସଂଘର ଶ୍ରୀ ଦତ୍ତୋପନ୍ତ ଠେଙ୍ଗଡୀ ମଧ୍ୟ ଥିଲେ । ସେମାନେ ଜାରଙ୍କ ଶୀତକାଳୀନ ରାଜପ୍ରାସାଦ ପେଟ୍ରୋଗ୍ରେଡ ମଧ୍ୟ ଗଲେ । ଋଷୀୟ କଳାକୃତିରେ ପରିପୂର୍ଣ୍ଣ ପେଟ୍ରୋଗ୍ରେଡରେ ସେମାନେ ଗ୍ରୀକ ଶୈଳୀର ଦେବତାଙ୍କ ମୂର୍ତ୍ତିଗୁଡିକୁ ଦେଖି ଆନନ୍ଦିତ ହେଲେ । ଶ୍ରୀ ଠେଙ୍ଗଡି ସେଠାରେ ରଖାଯାଇଥିବା ପ୍ରେମ ଦେବତା ଭେନସ୍ ଓ ଜୁପିଟର ବା ଶୁକ୍ର ବୃହସ୍ପତିଙ୍କର ସହିତ ଦୁଇ ତିନିଟି ମୂର୍ତ୍ତି ଦେଖି ଋଷୀୟ ମାର୍ଗଦର୍ଶକଙ୍କୁ ପଚାରିଲେ : ''ସମସ୍ତ ମୂର୍ତ୍ତି ଅତି ପ୍ରାଚୀନ, କିନ୍ତୁ ଏ ଦୁଇ ତିନିଟି ମୂର୍ତ୍ତି ନୂଆ ପରି ମନେ ହେଉଛି ।'' ଉତ୍ତରରେ ଋଷୀୟ ମାର୍ଗଦର୍ଶକ କହିଲେ : ଆଜ୍ଞା, ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଏଗୁଡିକୁ ସ୍ଥାପନ କରାଯାଇଛି । ଶ୍ରୀ ଠେଙ୍ଗଡୀ ପୁଣି ପଚାରିଲେ, ଋଷ ଏକ କମ୍ୟୁନିଷ୍ଟ ଏବଂ ନାସ୍ତିକ ଦେଶ । ଏଠି କେବଳ ମୂର୍ତ୍ତିପୂଜା ନୁହେଁ, ଧର୍ମ ଏବଂ ଈଶ୍ୱରଙ୍କ ସ୍ଥାନ ମଧ୍ୟ ନାହିଁ । ତେବେ ଏ ମୂର୍ତ୍ତିଗୁଡିକୁ ସ୍ଥାପନ କରିବାର କାରଣ କଣ ? ଋଷୀୟ ମାର୍ଗଦର୍ଶକ କହିଲେ ଏ ମୂର୍ତ୍ତିଗୁଡିକର ପୁନଃ ପ୍ରତିଷ୍ଠା ଆମେ ଏଥିପାଇଁ କରିନାହୁଁ କି ଋଷ ମୂର୍ତ୍ତିପୂଜା କରେ ବା ଗ୍ରୀକ୍ ଦେବତାଙ୍କ ପ୍ରତି ଋଷୀୟମାନଙ୍କର ଆସ୍ଥା ରହିଛି । ଏହାର ପୁନଃସ୍ଥାପନା ଏଥିପାଇଁ କରାଯାଇଛି ଯେ ଏହା ଆମ୍ଭର ରାଷ୍ଟ୍ରୀୟ ସ୍ୱାଭିମାନର କଥା । ଦ୍ୱିତୀୟ ମହାଯୁଦ୍ଧ ସମୟରେ ଜର୍ମାନ ନେତୃତ୍ୱରେ ହିଟଲର ଋଷ ଉପରେ ଆକ୍ରମଣ କରିବା ପରେ ପେଟ୍ରୋଗ୍ରେଡ ପହଞ୍ଚି ସେମାନଙ୍କର ସୈନିକମାନେ ମୂର୍ତ୍ତିଗୁଡିକୁ ଭାଙ୍ଗିବା ଆରମ୍ଭ କରିଦେଲେ । ଏହି ମୂର୍ତ୍ତି ଗୁଡିକୁ ଭାଙ୍ଗିବା ପଛରେ ସେମାନେ ଆମକୁ ଅପମାନିତ କରିବାକୁ ଚାହୁଁ ଥିଲେ । ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଆମ୍ଭେମାନେ ଭଙ୍ଗାମୂର୍ତ୍ତିଗୁଡିକୁ ମରାମତି କରି ସମାରୋହ ପୂର୍ବକ ସ୍ଥାପନ କଲୁ । ଋଷ ନିଜ ଦେଶବାସୀଙ୍କୁ ଏହା ବୁଝାଇ

Digitized by PPRACHIN, SOA

ଦେବାକୁ ସମର୍ଥ ହୋଇପାରିଲା ଯେ ଆମେ କେବଳ ହିଟଲରଙ୍କୁ ହରାଇ ନାହୁଁ, ସେମାନଙ୍କ ଦ୍ୱାରା କରାଯାଇଥିବା ରାଷ୍ଟ୍ରୀୟ ଅପମାନକୁ ମଧ୍ୟ ପରିମାର୍ଜିତ କରିଛୁ ।

ଏଠି ସୋମନାଥ ମନ୍ଦିରର ଉଦାହରଣ ନିଆଯାଉ । ସୌରାଷ୍ଟ୍ରର ଦକ୍ଷିଣସ୍ଥିତ ପ୍ରଭାସପାଟଣା ନଗରରେ ଏ ପ୍ରାଚୀନ ମନ୍ଦିର ମୁସଲମାନ ଆକ୍ରମଣକାରୀଙ୍କ ଦ୍ୱାରା ବାରମ୍ବାର ଧର୍ଷିତ ହୋଇଅଛି । ଗଜନୀର ମହମୁଦଙ୍କ ଠାରୁ ଆରମ୍ଭ କରି ଆଉରଙ୍ଗଜେବଙ୍କ ପର୍ଯ୍ୟନ୍ତ ଏ ମନ୍ଦିରକୁ ବାରମ୍ବାର ଲୁଣ୍ଠିତ କରି ଧ୍ୱଂସ କରିଦିଆଯାଇଛି । ଲୁଣ୍ଠନକାରୀ ମାନେ ମନ୍ଦିର ଲୁଣ୍ଠନ କରିସାରିବା ପରେ ମନ୍ଦିରକୁ ଭାଙ୍ଗିଦେଉଥିଲେ ଏବଂ ସେହି ସ୍ଥାନରେ ମସଜିଦ୍ ନିର୍ମାଣ କରୁଥିଲେ । ୧୦୨୬ରୁ ଆରମ୍ଭ କରି ୧୭୦୬ ପର୍ଯ୍ୟନ୍ତ ଏଠାରେ କେତେଥର ମସ୍‌ଜିଦ ଓ ମନ୍ଦିର ତିଆରି ହୋଇଛି ତାହା କହି ହେବ ନାହିଁ । ତେବେ ଶେଷଥର ପାଇଁ ଆଉରଙ୍ଗଜେବ୍ ଏହି ଆଦେଶ ଗୁଜରାଟର ସୁବେଦାର ଆଜମଙ୍କ ପାଖକୁ ପଠାଇଥିଲେ, ‘‘ମନ୍ଦିରକୁ ଧ୍ୱଂସ କରି ସେହି ସ୍ଥାନରେ ଗୋଟିଏ ମସ୍‌ଜିଦ୍ ଓ କବର ଖାନା ଏପରି ଭାବରେ ନିର୍ମାଣ କରିଦିଅ ଯେମିତିକି କେହି ଜାଣିପାରିବେ ନାହିଁ ଯେ ଏଇଠି ଦିନେ କୌଣସି ଏକ ମନ୍ଦିର ଥିଲା । ୧୯୪୭ ନଭେମ୍ବର ୯ ତାରିଖରେ ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପ୍ରଭାସପାଟଣାଠାରେ ପହଞ୍ଚିଲେ । ସୋମନାଥ ମନ୍ଦିରର ଦୁରବସ୍ଥା ଦେଖି ତାଙ୍କ ଚକ୍ଷୁ ଲୋତକାପ୍ଲୁତ ହୋଇଉଠିଲା । ଗୋଟିଏ ଜନ ସଭାରେ ସେ ଘୋଷଣା କଲେ, ଭାରତୀୟ ସଂଘରେ ଜୁନାଗଡ ଆନୁଷ୍ଠାନିକ ରୂପେ ମିଶି ସାରିଥିବାରୁ ସ୍ୱାଧୀନ ଭାରତର ପ୍ରଥମ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେବ ସୋମନାଥ ମନ୍ଦିରର ପୁନର୍ନିର୍ମାଣ ଓ ସେଥିରେ ଜ୍ୟୋତିର୍ଲିଙ୍ଗଙ୍କର ପୁନଃ ପ୍ରତିଷ୍ଠା ।

ସର୍ଦ୍ଦାର ପଟେଲଙ୍କର ଏହି ଘୋଷଣାକୁ କେତେକ ପସନ୍ଦ କଲେ ନାହିଁ । ଚୀନ ସ୍ଥିତ ଭାରତୀୟ ରାଜଦୂତ ଶ୍ରୀ ପାଣିକର ନେହେରୁଙ୍କୁ ପତ୍ର ଲେଖିଲେ : ‘‘ଧର୍ମ ନିରପେକ୍ଷ ଭାରତ ବର୍ଷରେ ଏ ସବୁ କଣ ହେଉଛି ? ମନ୍ତ୍ରୀ ମଣ୍ଡଳ ବୈଠକରେ ନେହେରୁ ଏହି ପତ୍ରଟିକୁ ପଢି କେ. ଏମ୍.ମୁନ୍‌ସୀଙ୍କୁ ପଚାରିଲେ ଏହା କଣ ହେଉଛି ।’’ ସେତେବେଳକୁ ସର୍ଦ୍ଦାର ପଟେଲଙ୍କର ଦେହାବସାନ ହୋଇଯାଇଥିଲା । ବୈଠକ ପରେ ମୁନ୍‌ସୀଜୀ ନେହେରୁଙ୍କୁ ଏକ ଦୀର୍ଘ ପତ୍ରରେ ଲେଖିଲେ ମୋତେ ଏ ପ୍ରକାର ସ୍ୱାତନ୍ତ୍ର୍ୟ ଦରକାର ନାହିଁ ଯାହା ମୋତେ ମୋର ଗୀତା ଓ ରାଷ୍ଟ୍ରୀୟ ପରମ୍ପରାରୁ ଅଲଗା କରିରଖିବ ।’’ ନେହେରୁ ଚୁପ୍ ପଡିଗଲେ । ୧୯୫୧ ମଇ ୧୧ ତାରିଖଦିନ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦଙ୍କୁ ନେଇ ମୁନସୀଜୀ ସୋମନାଥ ମନ୍ଦିରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ ।

Digitized by PPRACHIN, SOA

ଯେଉଁମାନେ ରାମ ଜନ୍ମ ଭୂମି ମନ୍ଦିରର ପୁନରୁଦ୍ଧାରକୁ ବିରୋଧ କରୁଛନ୍ତି ସେମାନେ ରାନୀ ଦୁବେଙ୍କ ମର୍ମ ବ୍ୟଥା, ପେଟ୍ରୋଗ୍ରାଡ ଓ ସୋମନାଥ ମନ୍ଦିରର ଉଦାହରଣ ଗୁଡିକର କି ପ୍ରକାର ଅର୍ଥ କରିବେ ? ଯଦି ହିଟଲର ଦ୍ୱାରା ଧ୍ୱଂସ କରାଯାଇଥିବା ଗ୍ରୀକ୍ ଶୈଳୀର ଦେବମୂର୍ତ୍ତିଗୁଡିକର ପୁନପ୍ରତିଷ୍ଠା ଗ୍ରୀସର ରାଷ୍ଟ୍ରୀୟ କର୍ତ୍ତବ୍ୟ ଥିଲା, ସୋମନାଥ ମନ୍ଦିରରେ ତିଆରି କରାଯାଇଥିବା ମସ୍‌ଜିଦ୍ ଓ କବର ସ୍ଥାନକୁ ହଟାଇ ମନ୍ଦିର ନିର୍ମାଣ କରିବା ପାଇଁ ନେହେରୁ ମନ୍ତ୍ରୀ ମଣ୍ଡଳ ସ୍ୱୀକୃତି ଦେଇସାରିଥିଲେ ଓ ଭାରତର ପ୍ରଥମ ରାଷ୍ଟ୍ରପତି ମନ୍ଦିରରେ ଜ୍ୟୋତିର୍ଲିଙ୍ଗ ସ୍ଥାପନ କରିବା ରାଷ୍ଟ୍ରୀୟ କର୍ତ୍ତବ୍ୟ ଥିଲା, ତାହାହେଲେ ଆକ୍ରମଣକାରୀ ବାବର ସେନାଦ୍ୱାରା ଭଙ୍ଗାଯାଇଥିବା ଶ୍ରୀ ରାମ ମନ୍ଦିରକୁ ପୁନଃନିର୍ମାଣ କରିବାରେ ହିନ୍ଦୁମାନେ କିପରି ସାମ୍ପ୍ରଦାୟିକ, ରାଷ୍ଟ୍ରୀୟ ଏକତାର ଘାତକ ଭାବରେ ଅଭିହିତ ହେବେ ।

ଜେରୁଜେଲମରେ ସ୍ଥାପିତ ଆଲାସ୍କା ମସଜିଦର ପୁନରୁଦ୍ଧାର ପାଇଁ ଯଦି ବିଶ୍ୱ ମୁସଲମାନ ସଂଗଠନ ଜେହାଦର ଆହ୍ୱାନ ଦେଇପାରେ, ହିନ୍ଦୁମାନେ ସେମାନଙ୍କ ଆରାଧ୍ୟ ରାମମନ୍ଦିରର ପୁନରୁଦ୍ଧାର ପାଇଁ ଆନ୍ଦୋଳନ କରିବା କଣ ଅବାନ୍ତର ହୋଇପାରେ । ରାମ ଜନ୍ମଭୂମି ପ୍ରସଙ୍ଗଟିକୁ ରାଜନୈତିକ ପ୍ରଶ୍ନ କହି ଏଡାଇ ଦେଇ ହେବନାହିଁ । ଏହା ଏକ ସାଂସ୍କୃତିକ ପ୍ରସଙ୍ଗ । ଭାରତ ଭିତରେ ଓ ଭାରତ ବାହାରେ ଯେତେ ରାମ ମନ୍ଦିର ଥିଲେ ମଧ୍ୟ ଅଯୋଧ୍ୟା ସ୍ଥିତ ରାମମନ୍ଦିର ଶ୍ରୀରାମଙ୍କ ଜନ୍ମସ୍ଥାନ ହୋଇଥିବାରୁ ଅନ୍ୟକୌଣସି ମନ୍ଦିର ସହ ତୁଳନା କରାଯାଇପାରିବ ନାହିଁ । ଯେଉଁପରି ପୃଥିବୀରେ ଯେତେ ମସଜିଦ୍ ଥିଲେ ମଧ୍ୟ ମକ୍କା ସ୍ଥିତ କାବା ମସଜିଦ୍‌ର ତୁଳନା ଅନ୍ୟ କୌଣସି ମସଜିଦ୍ ସହିତ ହୋଇପାରେନା ।

ରାମଚନ୍ଦ୍ରଥିଲେ ବା ନ ଥିଲେ ସେ ଅଯୋଧ୍ୟାରେ ଜନ୍ମ ହୋଇଥିଲେ ବା ନ ଥିଲେ ଏହା ନ୍ୟାୟାଳୟର ବିଷୟବସ୍ତୁ ନୁହେଁ । ଜମି ବାଡିର ପ୍ରଶ୍ନ ହୋଇଥିଲେ ଏହାକୁ ନ୍ୟାୟାଳର ପରିସର ଭୁକ୍ତ କରାଯାଇ ପାରିଥାନ୍ତା, ମାତ୍ର ଏହା ବିଶ୍ୱାସ ବା ଆସ୍ଥାର ପ୍ରଶ୍ନ । ବିଶ୍ୱାସକୁ ବଦଳାଇବା କାର୍ଯ୍ୟ ଆମ ସମ୍ବିଧାନ ନ୍ୟାୟାଳୟକୁ ଦେଇନାହିଁ । କିଏ କେଉଁଠାରେ କାହାକୁ ପୂଜା କରିବ, ଏଥିପାଇଁ ନ୍ୟାୟାଳୟର ଆବଶ୍ୟକତା କଣ ? ଯଦି ନ୍ୟାୟାଳୟକୁ ଏପ୍ରକାର ଅନଧିକାର କାର୍ଯ୍ୟ ପାଇଁ ନ୍ୟସ୍ତ କରାଯାଏ ତାହା ହେଲେ ସେ ନିର୍ଣ୍ଣୟକୁ ହିନ୍ଦୁ କିମ୍ବା ମୁସଲମାନ୍ କଣ ମାନି ଯାଇ ପାରିବେ ? ଯଦି ମାନିପାରି ଥାନ୍ତେ ତାହାହେଲେ ଶହାବାନୁ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟକୁ ନ ମାନି ସମ୍ବିଧାନ ସଂଶୋଧନ ପର୍ଯ୍ୟନ୍ତ କାହିଁକି ଯିବାକୁ ପଡିଲା । ଯେହେତୁ ମନ୍ଦିର ମସଜିଦ୍ ପ୍ରସଙ୍ଗଟି ସଂପ୍ରତି ସର୍ବୋଚ୍ଚ

Digitized by PPRACHIN, SOA

ନ୍ୟାୟାଳୟର ବିଚାରଧୀନ, ଏଣୁ ଏ ସଂର୍ପକରେ ବିଶେଷ ମନ୍ତବ୍ୟ ଦେବା ଏଠି ନିଷ୍ପ୍ରୟୋଜନ । ତେବେ ରାମ ସେହି ସ୍ଥାନରେ ଜନ୍ମ ହୋଇଥାଆନ୍ତୁ ବା ନ ହୋଇଥାଆନ୍ତୁ ଏହା ନିର୍ବିବାଦ ଯେ ସେଠାରେ ଗୋଟିଏ ମନ୍ଦିର ଥିଲା ।

ମହାତ୍ମା ଗାନ୍ଧୀ ୧୯୩୭ ମସିହା ଜୁଲାଇ ୨୭ ତାରିଖରେ 'ନବଜୀବନ'ରେ ଦେଇଥିବା ମନ୍ତବ୍ୟ ଏବେ ମଧ୍ୟ ବିଚାରଣୀୟ । ସେ ସ୍ପଷ୍ଟ ଭାବେ ଲେଖିଛନ୍ତି : 'ଯେ କୌଣସି ଧାର୍ମିକ ଉପାସନା ଗୃହକୁ ଜବରଦସ୍ତି ଅଧିକାର କରିବା ଅତି ଜଘନ୍ୟ କାର୍ଯ୍ୟ । ମୋଗଲ କାଳରେ ଧାର୍ମିକ ଧର୍ମାନ୍ଧତା କାରଣରୁ ମୋଗଲ ଶାସକମାନେ ବହୁ ଧାର୍ମିକ ସ୍ଥାନକୁ ଦଖଲ କରି ନେଇଥିଲେ ଯାହା ହିନ୍ଦୁ ମାନଙ୍କର ଧାର୍ମିକ ପୀଠ ଥିଲା । ଧାର୍ମିକ ଦୃଷ୍ଟିକୋଣରୁ ଜଣେ ମୁସଲମାନ କଦାପି ବରଦାସ୍ତ କରିପାରିବ ନାହିଁ ଯେ ସେ ଯେଉଁ ମସ୍‌ଜିଦ୍‌ରେ ଉପାସନା କରିଆସିଛି, କୌଣସି ହିନ୍ଦୁ ତାର କିୟଦଂଶ ମଧ୍ୟ ଅଧିକାର କରିନେଉ । ସେହିପରି ଭାବରେ ଜଣେ ହିନ୍ଦୁ ସେ ଯେଉଁ ମନ୍ଦିରରେ ନିତ୍ୟ ରାମ, କୃଷ୍ଣ, ଶଙ୍କର ବା ଅନ୍ୟ କୌଣସି ଦେବା ଦେବୀଙ୍କର ପୂଜା କରିଆସୁଛି, ତାକୁ କେହି ଭାଙ୍ଗି ମସ୍‌ଜିଦରେ ପରିଣତ କରିବା ଆଦୌ ସହି ପାରିବ ନାହିଁ । ଯେଉଁଠାରେ ଏପରି ହୋଇଛି ବାସ୍ତବରେ ଏ ସବୁ ଧାର୍ମିକ ପରାଧୀନତାର ଚିହ୍ନ । ମୁସଲମାନ ମାନଙ୍କର ଯେଉଁ ପୂଜନ ସ୍ଥାନ ହିନ୍ଦୁଙ୍କ ଅଧିକାରରେ ରହିଛି ସେମାନେ ତାକୁ ଉଦାରତା ପୂର୍ବକ ଫେରାଇଦେବା ଉଚିତ୍ । ସେହିପରି ହିନ୍ଦୁଙ୍କର ଯେଉଁ ଉପାସନା ସ୍ଥଳ ମୁସଲମାନଙ୍କ କବଳରେ ରହିଛି ସେମାନେ ତାହାକୁ ଆନନ୍ଦରେ ହିନ୍ଦୁ ମାନଙ୍କୁ ଫେରାଇଦେବା ଉଚିତ । ଏହା ଦ୍ୱାରା ପାରସ୍ପରିକ ଏକତା ବୃଦ୍ଧି ହେବ ।''

ଶାଣ୍ଡିଲ୍ୟଙ୍କ 'ଚେତନାର ଚନ୍ଦ୍ରଭାଗା' ଏ ପ୍ରକାର ଅନେକ ପ୍ରଶ୍ନ ଓ ପ୍ରସଙ୍ଗକୁ ନେଇ ଲେଖା ହୋଇଥିବାରୁ ଏହା ଏକ ସଂଗ୍ରହଣୀୟ ଗ୍ରନ୍ଥ ଭାବରେ ଓଡିଆ ଭାଷା ସାହିତ୍ୟରେ ନିଜର ସ୍ୱତନ୍ତ୍ର ସ୍ଥାନ ବାଛି ନେବ ।

ଡଃ ଉମେଶ ପତ୍ରୀ
ପ୍ରାଧ୍ୟାପକ : ଇଂରାଜୀ ବିଭାଗ
ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ
ଭୁବନେଶ୍ୱର - ୭୫୧୦୧୪

Digitized by PPRACHIN, SOA

ମୋର ପ୍ରାଣପ୍ରତିମ କଳ୍ପନା,

ସ୍ୱପ୍ନା, କବିତା, ଶୁଭେନ୍ଦୁ

ଓ ଜ୍ଞାନେନ୍ଦୁଙ୍କୁ...

Digitized by PPRACHIN, SOA

ଅସ୍ତି କଶ୍ଚିତ୍

ଶୈଶବରୁ ପ୍ରକୃତିରାଣୀର ଶୋଭା ପ୍ରତି ଅସୀମ ଆକର୍ଷଣ । କେଉଁଠି ଲତାବୁଦା ଡାଳରେ କୁମ୍ଭାଟୁଆ କି କୋଇଲିର କୁହୁତାନ ତ କେଉଁ ଝରଣାର କୁଳୁକୁଳୁ ଶବ୍ଦ ସହିତ ପାଦେ ପାଣିରେ ବୃକ୍ଷମୂଳରେ ମୀନମାନଙ୍କର ଖେଳ ଇତ୍ୟାଦି ଅତି ଆଗ୍ରହ ସହକାରେ ନିରୀକ୍ଷଣ କରୁଥିଲି । ପଲ୍ଲୀ ପ୍ରକୃତିର ରମଣୀୟ ରୂପକୁ ଉପଭୋଗ କରିବାବେଳେ ପଲ୍ଲୀଗ୍ରାମବାସୀ କହୁଥିଲେ 'ବୋକା ପିଲାଟା, କୁଆଡ଼କୁ ଅନେଇଚି ?'

ଏପରି ସ୍ୱଭାବରୁ ଜନ୍ମନିଏ ସଂଗୀତ ଓ ସାହିତ୍ୟ ପ୍ରତି ଆକର୍ଷଣ । ଡ୍ରାମାମାନଙ୍କରେ ଅଭିନୟ କରିବାଠାରୁ ନିର୍ଦ୍ଦେଶନା, ସଂଗୀତ ଓ ନୃତ୍ୟ ନିର୍ଦ୍ଦେଶନା ଏବଂ ଅପର ଜୀବନରେ ସଙ୍ଗୀତ ବିଦ୍ୟାଳୟମାନ ସ୍ଥାପନା କରାଗଲା । ସାହିତ୍ୟ କ୍ଷେତ୍ରରେ ମଧ ଶିକ୍ଷକତା କରିବା ଅବସରରେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ମୁଖପତ୍ର ପ୍ରକାଶନ ଏବଂ ତହିଁରେ ଲେଖାମାନ ପ୍ରକାଶ କରିବା ଥିଲା ଏକ ସଉକ (Hobby) । ମହାବିଦ୍ୟାଳୟମାନଙ୍କରେ ମଧ ସଂଗୀତ ଓ ନାଟକ ସଂପାଦକ ଭାବେ କାର୍ଯ୍ୟ ତୁଲାଇଛି । ଅଭିନୟ ମଧ କରିଛି । ଶିକ୍ଷକତା ମଧରେ ଛାତ୍ରଛାତ୍ରୀମାନଙ୍କୁ ଆନ୍ତଃସ୍କୁଲ ପ୍ରତିଯୋଗୀତାମାନଙ୍କରେ ପୁରସ୍କୃତ କରାଇଛି । ଅଲ୍‌ରାଉଣ୍ଡର୍ ବୋଲି ପ୍ରଶଂସିତ ହୋଇଅଛି ।

ସାହିତ୍ୟ କ୍ଷେତ୍ରରେ ପ୍ରଥମତଃ କବିତା ଲିଖନରେ ମନବଳାଇ କିଛି ରଚନା କରିବା ପରେ ଦେଖିଲି ସେ ମୋ ଦିଗନୁହେଁ । ପରେ ପରେ ରମ୍ୟରଚନା ଏବଂ ପ୍ରବନ୍ଧ ଲିଖନରେ ମନୋନିବେଶ କରି କିଞ୍ଚିତ୍ ସଫଳତା ପାଇଛି । ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ପ୍ରତିଷ୍ଠା କରିଅଛି । ସେହି ପ୍ରେରଣାରୁ ଢେଙ୍କାନାଳର ବିଭିନ୍ନ ଅଞ୍ଚଳରେ ଆଞ୍ଚଳିକ ସାହିତ୍ୟ ଅନୁଷ୍ଠାନମାନ ଗଢ଼ି ଉଠିଛି ।

ପୂର୍ବତନ ଗଡ଼ଜାତମାନଙ୍କର ଶିକ୍ଷକମାନଙ୍କ ପାଇଁ ସରକାରଙ୍କଠାରୁ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଦୀର୍ଘ ଏକୋଇଶ ବର୍ଷ ଧରି ଲଢ଼ାଇ କରି ସେମାନଙ୍କର ପେନ୍‌ସନ୍ ଓ ସିନିୟରିଟି ଦିଆଇଛି ।

ଏ ସଂକଳନରେ ପ୍ରକାଶିତ ସମସ୍ତ ପ୍ରବନ୍ଧ ବିଭିନ୍ନ ପତ୍ର, ପତ୍ରିକା ତଥା ଆକାଶବାଣୀରେ ପ୍ରଚାରିତ ଓ ପ୍ରସାରିତ ହୋଇଅଛି । ପ୍ରବନ୍ଧଲିଖନ ଅବାରିତ ଥିବାରୁ ଏ ସଂସ୍କରଣର ନାମ 'ଚେତନାର ଚନ୍ଦ୍ରଭାଗା' ପ୍ରଥମ ଭାଗ ରଖାଯାଇଅଛି । ବିଭିନ୍ନ ସମୟର ଲେଖା ଏକତ୍ର ସଂକଳନ କରିବା ବେଳେ କେତେକ ପ୍ରବନ୍ଧରେ ଦ୍ୱିରୁକ୍ତି ବୋଧ ହୋଇପାରେ । ପାଠକମାନେ ସହୃଦ ଚିତ୍ତରେ କ୍ଷମା କରିବା ପାଇଁ ନିବେଦନ ।

ପୁସ୍ତକ ପ୍ରକାଶନ ପାଇଁ ଯେଉଁ ସୁହୃଦ ବ୍ୟକ୍ତିଗଣ ମୋତେ ଉତ୍ସାହ ଦେଇଅଛନ୍ତି ସେମାନଙ୍କ ପ୍ରତି କୃତିଜ୍ଞତା ଜ୍ଞାପନ କରୁଅଛି ।

ଶ୍ରୀପଞ୍ଚମୀ-୨୦୦୪ **- ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ର**

Digitized by PPRACHIN, SOA

ସୂଚୀପତ୍ର

ବିଷୟ..ପୃଷ୍ଠା

■ ପରିବେଶ ପ୍ରଭାଗ

୧. ପରିବେଶ-ପ୍ରକୃତିର ଭାରସାମ୍ୟ ୧
୨. ଯୁଗେ ଯୁଗେ ପରିବେଶ ୮
୩. ଯଦୁପତି ଶ୍ରୀକୃଷ୍ଣ ଓ ପରିବେଶ ସନ୍ତୁଳନ ୧୩
୪. ପ୍ରାଣ ଓ ପରିବେଶ ୨୩

■ ସଂସ୍କୃତି ପ୍ରଭାଗ

୧. ପ୍ରାଚୀନ ପୃଥିବୀର ଏକମାତ୍ର ସଂସ୍କୃତି ୨୮
୨. ବିଂଶ ଶତାବ୍ଦୀରେ ଢେଙ୍କାନାଳ ସଂସ୍କୃତି ୩୩
୩. କୋଦାଳକନଗରୀ-ଅତୀତ ଓ ବର୍ତ୍ତମାନ ୩୯
୪. ବିଷୁବ ସଂକ୍ରାନ୍ତିର ତାତ୍ପର୍ଯ୍ୟ ୪୩

■ ପ୍ରବାହ ପ୍ରଭାଗ

୧. ଏଇତ ଜୀବନ ୪୬
୨. ତିନିରୁ ନଅ ୫୦
୩. ଢେଙ୍କାନାଳ- ସେବେ ଓ ଏବେ ୬୨
୪. ସ୍ୱତନ୍ତ୍ର ଉତ୍କଳ-କିଛି ସ୍ମୃତି, କିଛି ଅଭିବ୍ୟକ୍ତି ୭୦
୫. ଚରୈବେତି, ଚରୈବେତି ୭୩

■ ସାହିତ୍ୟ ସମୀକ୍ଷା ପ୍ରଭାଗ

୧. ତା ତିନ୍ ତିନ୍ ତା ୭୬
୨. ଓଡ଼ିଆ ସାହିତ୍ୟକୁ ଢେଙ୍କାନାଳର ଦାନ ୮୩

■ ଜୀବନୀ ଓ କୃତି ପ୍ରଭାଗ

୧. ବହୁମୁଖୀ ପ୍ରତିଭା- କବି ବ୍ରଜନାଥ ବଡ଼ଜେନା ୯୪
୨. ସ୍ୱଭାବ କବି ଗଙ୍ଗାଧର ୧୦୪
୩. ଅନନ୍ୟ ପ୍ରତିଭାଧାରୀ ଶଶୀକଳା ଦେବୀ ୧୧୨
୪. ଔଷଧର ଗବେଷକ- ବିପ୍ଳବୀ ହାନିମ୍ୟାନ୍ ୧୧୭

Digitized by PPRACHIN, SOA

■ ଶିକ୍ଷା ପ୍ରଭାଗ
୧. ସାମ୍ପ୍ରତିକ ଶିକ୍ଷା ଓ ଶିକ୍ଷକର କର୍ତ୍ତବ୍ୟ ୧୨୨
୨. ଜଗତର ଶିଶୁ ୧୨୬
୩. ପୂର୍ବତନ ଗଡ଼ଜାତମାନଙ୍କରେ ଶିକ୍ଷା ଓ ଶିକ୍ଷକ-ଏକ ବିସ୍ମୃତ ଅଧ୍ୟାୟ.. ...... ୧୩୦
■ ବିଦ୍ୟାୟତନ ପ୍ରଭାଗ
୧. ଢେଙ୍କାନାଳର ବ୍ରଜନାଥ ବଡ଼ଜେନା ଉଚ୍ଚବିଦ୍ୟାଳୟ ୧୩୬
୨. ଭୁବନ ଉଚ୍ଚବିଦ୍ୟାଳୟ-ସୁବର୍ଣ୍ଣ ଜୟନ୍ତୀ ଅବସରରେ... .... ୧୪୦
■ ନାରୀ ପ୍ରଭାଗ
୧. ସମସ୍ୟା ବହୁଳ ନାରୀ ଜୀବନ ୧୪୬
୨. ଆଜିର ଗାର୍ଗୀ-ଆଜିର ମୈତ୍ରେୟୀ ୧୪୯
୩. ନାରୀ ଉବାଚ ୧୫୩
■ ବିଜ୍ଞାନ ଓ ଦର୍ଶନ ପ୍ରଭାଗ
୧. ବିଜ୍ଞାନ ବନାମ ଆଧ୍ୟାତ୍ମିକତା ୧୫୮
୨. ଆଦର୍ଶ ବନାମ ବାସ୍ତବତା (୧) ୧୬୩
୩. ଆଦର୍ଶ ବନାମ ବାସ୍ତବତା (୨) ୧୭୧
୪. ସର୍ବେହୋଇବେ ଏକାକାର ୧୭୪
୫. ଦାରିଦ୍ର୍ୟ ଏକ ମାନସିକତା ୧୭୮
■ ବିବିଧା ପ୍ରଭାଗ
୧. ବର୍ଗୀ ଆସୁଛି ୧୮୪
୨. ଗୋଟିଏ ଦିନର ବନ୍ଦୀ ଜୀବନ ୧୮୮
୩. ଓଡ଼ିଶାର ପୂର୍ବତନ ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନ ୧୯୫
୪. ଅବସର ୧୯୯
୫. ମା ଓ ମମତା ୨୦୩

❖❖❖

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ପରିବେଶ ପ୍ରଭାଗ

Digitized by PPRACHIN, SOA

ପରିବେଶ- ପ୍ରକୃତିର ଭାରସାମ୍ୟ

(ପରିବେଶକୁ ପ୍ରଦୂଷିତ କରି ଆମେ ଏବେ ଚିତ୍କାର କରୁଛୁ । ପରିବେଶକୁ କିପରି ପ୍ରଦୂଷଣ ମୁକ୍ତ କରିବା ଓ ନିଜକୁ ତଥା ଜୀବଜଗତକୁ ରାକ୍ଷାକରିପାରିବା, ଏଥିପାଇଁ ପୃଥିବୀର ପ୍ରତ୍ୟେକ ଦେଶରେ ପରିବେଶ ମନ୍ତ୍ରଣାଳୟ ଓ ନିର୍ଦ୍ଦେଶାଳୟ ଇତ୍ୟାଦି ସୃଷ୍ଟିକରାଯାଇ କୋଟି କୋଟି ଟଙ୍କା ବ୍ୟୟକରାଯାଉଛି । ମାତ୍ର କାର୍ଯ୍ୟତଃ ହେଉଛି କଣ ତାହା ଅନୁଧ୍ୟାନ କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ)

ସୃଷ୍ଟିର ଆରମ୍ଭରୁ ପ୍ରକୃତି ପରିବେଶକୁ ଏପରି ସନ୍ତୁଳିତ କରି ରଖିଛି ଯେ ପ୍ରତ୍ୟେକ ଜୀବ ନିଜର ଜୀବନଧାରଣ ପାଇଁ ଉପଯୁକ୍ତ ବାତାବରଣ ଓ ସୁରକ୍ଷା ପାଇଆସୁଛି । ପ୍ରତ୍ୟେକ ପ୍ରାଣୀର ଆତ୍ମରକ୍ଷାପାଇଁ ମଧ୍ୟ ଗୋଟିଏ ଗୋଟିଏ ଆୟୁଧ ପ୍ରକୃତି ଯୋଗାଇ ଦେଇଛି । କିଏ ଖାଦକଠାରୁ ଆତ୍ମଗୋପନ କରିବାପାଇଁ ପାଣିକୁ କଳାକରି ଦେଉଛି ତ କିଏ ନିଜ ଶରୀରରୁ ଶର ନିକ୍ଷେପ କରୁଛି । । ସୃଷ୍ଟିହେବାଦିନଠାରୁ ଖାଦ୍ୟ-ଖାଦକ ସମ୍ବନ୍ଧ ଲାଗି ରହିଛି ବେଙ୍ଗର ଝଡିପୋକ, ସାପର ବେଙ୍ଗ ଓ ନେଉଳର ସାପ... ଇତ୍ୟାଦି । ଏହି ଭୋଜ୍ୟ ଜୀବମାନେ ମଧ୍ୟ ଜୀବନ ସଂଗ୍ରାମରେ ବିଲୀନ ନ ହୋଇ ନିଜ ପ୍ରଜାତିର ସତ୍ତା ବଜାୟ ରଖିଛନ୍ତି । ବରଂ ବ୍ୟାଘ୍ର, ସିଂହ ପରି ଖାଦକଗୋଷ୍ଠୀ ହାରି ଯାଉଛନ୍ତି ଯଦ୍ଦ୍ୱାରା ସେହି ପ୍ରଜାତିର ସ୍ଥିତି ଏବେ ଏକ ପ୍ରଶ୍ନବାଚୀ ହୋଇଅଛି ।

ଜଣେ ଇଂରେଜ ପର୍ଯ୍ୟବେକ୍ଷକ କହନ୍ତି-There are more misses than hits, Otherwise animal life could not exist. ଏ ସମ୍ବନ୍ଧରେ 'ସ୍ୱାନ'ରେ ପ୍ରକାଶିତ ଗୋଟିଏ ଲେଖା "Nature has its own Selection" ରେ ସେ ପ୍ରତିପାଦନ କରିଛନ୍ତି ଯେ ଯେତିକି ଜୀବ ବଞ୍ଚିବା ଆବଶ୍ୟକ ସେତିକି ରଖି ପ୍ରକୃତି ବାକି ସବୁ ନଷ୍ଟକରିଦିଏ । ବୃକ୍ଷମାନଙ୍କ କ୍ଷେତ୍ରରେ ମଧ୍ୟ ସେଇକଥା, ଫୁଲ ଅନେକ - ଫଳକମ୍ । ବୃକ୍ଷର ଧାରଣ ଶକ୍ତି ଅନୁଯାୟୀ ଫଳ ରହେ । ପ୍ରକୃତିର ଏ ନିର୍ବାଚନ ସହ ପରିବେଶର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଗ୍ରୀଷ୍ମମଣ୍ଡଳରେ ହସ୍ତୀ, ମରୁରେ ଓଟ ଓ ବରଫ ମଧ୍ୟରେ ସିଲ୍ ଇତ୍ୟାଦିର ବାସ ପ୍ରକୃତି ଓ ପରିବେଶର ଦାନ ନୁହେଁ ତ ଆଉ କଣ ?

ସମସ୍ତ ଜୀବଙ୍କ ମଧ୍ୟରେ ମାନବ ଶ୍ରେଷ୍ଠ । ଜଣେ ବିଶିଷ୍ଟ ଆଧ୍ୟାତ୍ମବାଦୀଙ୍କ ଉକ୍ତି ଅନୁଯାୟୀ "Spirit sleeps in matter, dreams in plants, thinks in animals and understands in human beings", ତେଣୁ ମନୁଷ୍ୟେତର ଜୀବ ପ୍ରବୃତ୍ତି (Instinct)ଦ୍ୱାରା ପରିଚାଳିତ ହେଉଥିବାବେଳେ ମନୁଷ୍ୟ ବିଚାରବୁଦ୍ଧିଦ୍ୱାରା ପରିଚାଳିତ ।

Digitized by PPRACHIN, SOA

ଭାଗବତ କହେ - "ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ" । ମନୁଷ୍ୟର ଏହି ଦିବ୍ୟଜ୍ଞାନ ବଳରେ ସେ କେତେଦୂର ପ୍ରଗତିକରିଛି ଦେଖାଯାଉ । ଆମେରିକାର World watch institute ଏକ ପରିବେଶ ସମ୍ବନ୍ଧୀୟ ଗବେଷଣା ସଂସ୍ଥା । ଗତବର୍ଷ ପ୍ରକାଶିତ ତା'ର ଏକ ରିପୋର୍ଟ କହେ- ମନୁଷ୍ୟର କାର୍ଯ୍ୟକଳାପ ହେତୁ ପରିବେଶ ପ୍ରଦୂଷିତ ହୋଇ ପ୍ରକୃତିର ଭାରସାମ୍ୟ ନଷ୍ଟହେଉଅଛି । ମନୁଷ୍ୟର ଏହି କାର୍ଯ୍ୟକଳାପ ହେଲା ପାରମାଣବିକ ବିସ୍ଫୋରଣ, କଳକାରଖାନାରୁ ନିର୍ଗତବାଷ୍ପ, କୋଇଲା, ଡିଜେଲ ଧୂମ, ନଦୀ ହ୍ରଦର ଜଳ ଦୂଷିତୀକରଣ, ବନ୍ୟ ସଂପଦର ଅବକ୍ଷୟ ଇତ୍ୟାଦି । ଉକ୍ତ କାର୍ଯ୍ୟକଳାପ ସବୁ ମାନବକୃତ । ତେଣୁ ପ୍ରକୃତିକୁ ଜୟ କରୁଛି ବୋଲି ସେ ଯେ ଡିଣ୍ଡିମ ପିଟୁଛି - ଏହା ମାନବର ଜୟ ନୁହେଁ, ପରାଜୟ ।

ପରିବେଶକୁ ପ୍ରଦୂଷିତ କରି ଆମେ ଏବେ ଚିତ୍କାର କରୁଛୁ ପରିବେଶକୁ କିପରି ପ୍ରଦୂଷଣମୁକ୍ତ କରିବା ଓ ନିଜକୁ ତଥା ଜୀବଜଗତକୁ ରକ୍ଷାକରିପାରିବା, ଏଥିପାଇଁ ପୃଥିବୀର ପ୍ରତ୍ୟେକ ଦେଶରେ ପରିବେଶ ମନ୍ତ୍ରଣାଳୟ ଓ ନିର୍ଦ୍ଦେଶାଳୟ ଇତ୍ୟାଦି ସୃଷ୍ଟି କରାଯାଇ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ମାତ୍ର କାର୍ଯ୍ୟତଃ ହେଉଛି କଣ ତାହା ଅନୁଧ୍ୟାନ କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

ଜୀବଜଗତ :

କଥାରେ ଅଛି - *"ଆପଣା ହସ୍ତେ ଜିହ୍ୱାଛେଦି, କେ ଅଛି ତାର ପ୍ରତିବାଦୀ"*

ୱାଶିଂଟନ ଡି.ସି (ଯୁକ୍ତରାଷ୍ଟ୍ରର ରାଜଧାନୀ) ନିକଟସ୍ଥ ଚେଷାପିକ୍ ସାଗରରେ ଗବେଷଣାକରି ଦେଖାଯାଇଛି ଯେ ସେଠାରେ ଶାମୁକାମାନେ ପ୍ରତି ତିନିଦିନରେ ସମୁଦ୍ର ଜଳକୁ ସଫାକରି ଦେଉଥିଲେ । ମାତ୍ର ପରିବେଶ ପ୍ରଦୂଷଣ ଓ ଶାମୁକା ରପ୍ତାନୀ ହେତୁ ୧୮୭୦ ମସିହାରୁ ଏ ମଧ୍ୟରେ ଶତକଡା ୯୯ ଭାଗ ଶାମୁକା ନଷ୍ଟ ହୋଇ ସାରିଲାଣି । ତେଣୁ ଏବେ ସେମାନେ ବର୍ଷକୁ ଥରେ ମାତ୍ର ସାଗର ଜଳକୁ ଶୋଧନକରି ପାରୁଛନ୍ତି । ଶାମୁକାହ୍ରାସଯୋଗୁ ମଧ୍ୟ ସେ ସମୁଦ୍ରର ଅମ୍ଳଜାନ ପରିମାଣ କମିଗଲାଣି । ଯଦି ଏପରି ଶାମୁକା ଅମଳ ଓ ପ୍ରଦୂଷଣ ଚାଲେ ତେବେ ବୋଧହୁଏ ଆଉବର୍ଷ କେତେଟାରେ ସେଠାରୁ ଶାମୁକା ବଂଶ ଲୁପ୍ତହେବ । ଏ'ତ ଗଲା ଗୋଟାଏ ଦୃଷ୍ଟାନ୍ତ । ଏପରି ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ ସ୍ତରରେ ଦେଖାଯିବ । ଏବେ ବିକାଶଶୀଳ ଦେଶ, ଆମ ଭାରତର ଗୋଟିଏ ଦୃଷ୍ଟାନ୍ତ ନିଆଯାଉ । ପ୍ରାପ୍ତ ବୟସ୍କ ବେଙ୍ଗ ଓ ବେଙ୍ଗୁଲିମାନଙ୍କୁ ପରୀକ୍ଷା ପାଇଁ ନେଇ ବହୁଳ ଭାବରେ ମାରିଦେବାରୁ ସେମାନେ ଯେଉଁ ପୋକଯୋକ ମାନଙ୍କୁ ଖାଇ ପରିବେଶର ସନ୍ତୁଳନକୁ ସମତୁଲ ରଖୁଥିଲେ ସେହି ପୋକଯୋକ ବଂଶ ବୃଦ୍ଧିଘଟି ପ୍ରଦୂଷଣକୁ ଯଥେଷ୍ଟ

Digitized by PPRACHIN, SOA

ବଢ଼ାଇ ଦେଲେଣି । ବେଙ୍ଗ ବଂଶନାଶ ଯୋଗୁଁ ପଶ୍ଚିମବଙ୍ଗରେ ମେଲେରିଆର ପ୍ରକୋପ ବୃଦ୍ଧିପାଉଛି ଏବଂ ମହାରାଷ୍ଟ୍ରରେ ପୋକଲାଗି ହଜାର ହଜାର ଏକର ଫସଲ ନଷ୍ଟ ହେବାରେ ଲାଗିଛି । ୱାର୍ଲ୍ଡ ୱାଚ୍ ଇନିଷ୍ଟିଚ୍ୟୁଟର ସହଯୋଗୀ ଗବେଷକ 'ରିଆନ୍' କହନ୍ତି ଯେ ପ୍ରାକୃତିକ କାରଣରୁ ବର୍ଷକୁ ଏକରୁ ଦଶଟି ପର୍ଯ୍ୟନ୍ତ (species) ପ୍ରଜାତିର ଜୀବସତ୍ତା ଲୁପ୍ତ ହୁଏ । ମାତ୍ର ମନୁଷ୍ୟର ଏହି କାର୍ଯ୍ୟକଳାପ ଯୋଗୁଁ ଏବେ ପ୍ରତିଦିନ ଶହଶହ ପ୍ରଜାତିର ଜୀବସତ୍ତା ଲୁପ୍ତ ହୋଇଯାଉଛନ୍ତି । ବିଜ୍ଞାନୀମାନେ ଏକକୋଟି ପ୍ରଜାତିର ଜୀବସତ୍ତା ଅଛନ୍ତି ବୋଲି ଅନୁମାନ କରୁଥିବାବେଳେ ଆମର ପୂର୍ବ ଦ୍ରଷ୍ଟାମାନେ ଛପନକୋଟି ପ୍ରଜାତିର ପରିସଂଖ୍ୟାନ ଦେଇଥିଲେ - 'ଛପନ କୋଟି ଜୀବକୁ ବାଉନ କୋଟି ଭଣ୍ଡାର'' ।

ଉଦ୍ଭିଦ : ଏତ ଗଲା ଜୀବଜଗତ କଥା । ବର୍ତ୍ତମାନ ଉଦ୍ଭିଦମାନଙ୍କ ବିଷୟ ବିଚାରକୁ ନିଆଯାଉ । ମୁନିଋଷିମାନେ ବ୍ରାହ୍ମମୁହୂର୍ତ୍ତରୁ ଘୃତାହୂତି ଦେଇ ଉଦାତ୍ତ କଣ୍ଠରେ ଗାନ କରୁଥିଲେ- '' ଦ୍ୟୌ ଶାନ୍ତିଃ, ଅନ୍ତରୀକ୍ଷଶାନ୍ତିଃ, ଆପଃ ଶାନ୍ତିଃ, ପୃଥ୍ୱୀ ଶାନ୍ତିଃ, ବିଶ୍ୱେଦେବାଃ ଶାନ୍ତିଃ, ଔଷଧୟ ଶାନ୍ତିଃ, ବନସ୍ପତୟ ଶାନ୍ତିଃ, ବିଶ୍ୱେଦେବାଃ ଶାନ୍ତି, ବ୍ରହ୍ମଶାନ୍ତିଃ, ସର୍ବଂଶାନ୍ତିଃ, ଶାନ୍ତିରେବ ଶାନ୍ତିଃ, ସା ମାଂ ଶାନ୍ତିରେଧି ।'' ମାତ୍ର ଆଜି ଆମେ ବନସ୍ପତି, ଔଷଧ ଇତ୍ୟାଦି ସମସ୍ତଙ୍କୁ ଅଶାନ୍ତ କରୁଛୁଁ ପ୍ରତିକ୍ଷଣ, ପ୍ରତି ମୁହୂର୍ତ୍ତରେ । ବନସ୍ପତିମାନେ ଅମ୍ଳଜାନ ତ୍ୟାଗକରି ଅଙ୍ଗାରକାମ୍ଳ ଗ୍ରହଣ କରନ୍ତି ଓ ଆମ୍ଭେମାନେ ଅଙ୍ଗାରକାମ୍ଳ ତ୍ୟାଗକରି ଅମ୍ଳଜାନ ଗ୍ରହଣ କରୁଁ । ପ୍ରକୃତିର ଏ ଯେଉଁ ଭାରସାମ୍ୟ ବନସ୍ପତି କ୍ଷୟଦ୍ୱାରା ନଷ୍ଟହେଉଛି, ଜନସଂଖ୍ୟା ବୃଦ୍ଧିହେତୁ ଯଥେଷ୍ଟ ଅମ୍ଳଜାନ ଆବଶ୍ୟକ ହେଉଥିବା ବେଳେ ଆମେ ଅପେକ୍ଷାକୃତ ଅଳ୍ପ ଅମ୍ଳଜାନ ପାଉଛୁ ଜଙ୍ଗଲର ଅବକ୍ଷୟ ହେତୁ । ତେଣୁ ନାନା ଅଜଣା ରୋଗର ଶିକାର ହେଉଛୁ । ଆଜି ପୂର୍ବଦ୍ରଷ୍ଟାମାନଙ୍କର ଆବିଷ୍କାର ଓ ଉଦ୍ଭାବନର ପୁଙ୍ଖାନୁପୁଙ୍ଖ ଗବେଷଣା ଆବଶ୍ୟକ । ମାତ୍ର ସେ ଦିଗକୁ ଆମେ ଆଖିବୁଜି ଦେଇଛୁ, ପୁରୁଣାକୁ ଆଉଟ ଡ଼େଟେଡ଼ କହି ।

ହୋମଧୂମଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣମୁକ୍ତ ହେଉଥିଲା । ଏବଂ ସେଥିଲାଗି ସେମାନେ ନୀରୋଗ ଶରୀରରେ ବହୁଦିନ ବଞ୍ଚୁଥିଲେ । ମାତ୍ର ଆଜି ଜଙ୍ଗଲର ଅଶେଷ ଅବକ୍ଷୟ ଘଟିଛି । ବିଭିନ୍ନ ନଦୀବନ୍ଧ ଯୋଜନାରେ ପ୍ରଚୁର ଜଙ୍ଗଲ ନଷ୍ଟକରାଯାଉଅଛି । ପୁଣି ବୁଡିଯାଉଥିବା ଗ୍ରାମମାନଙ୍କର ଲୋକଙ୍କୁ ଥଇଥାନ କରିବାରେ ଜଙ୍ଗଲ ନଷ୍ଟ କରାଯାଉଅଛି । ବୋଝ ଉପରେ ନଳିତା ବିଡାପରି କାଠ ଚୋରି ହେଉଛି । ଆମେ କାଠ ବା ଗଛ ହାଣୁନୁ ଯେ ନିଜକୁ ଓ ନିଜର ଭବିଷ୍ୟତ ବଂଶଧରମାନଙ୍କୁ ମନ୍ଥର ବିଷ ଦେଉଛୁ । ବର୍ତ୍ତମାନ-ସର୍ବସ୍ୱ-ବ୍ୟକ୍ତି ତାହା ବୁଝିବେ କିପରି ? ବୁଝିବା ଲୋକମଧ୍ୟ କେବଳ ଉଦାସୀନ ନୁହଁନ୍ତି, ସ୍ୱାର୍ଥଯୋଗୁଁ ପ୍ରୋତ୍ସାହନ ମଧ୍ୟ ଦେଉଛନ୍ତି । ବିଭିନ୍ନ ଆଣବିକ ପରୀକ୍ଷା ଓ କୋଇଲା

Digitized by PPRACHIN, SOA

ପେଟ୍ରୋଲ୍ ଧୂଆଁଦ୍ୱାରା ବାୟୁମଣ୍ଡଳ ଦୂଷିତ ହେଉଥିବାବେଳେ କିଛି ଘିଅ ପୋଡିଦେଲେ ବିଶେଷଲାଭ ହେଉନାହିଁ - ତା ପୁଣି ଦିନ ଦ୍ୱିପହରରେ ।

ଜଙ୍ଗଲରେ ବଡଗଛଥିଲେ ତା ତଳେ ବିଭିନ୍ନ ପ୍ରକାର ଗୁଳ୍ମଲତା ଜନ୍ମେ । ସେହି ଗୁଳ୍ମଲତାମାନଙ୍କ ମଧରେ ବିଭିନ୍ନ ପ୍ରକାର ପଶୁପକ୍ଷୀ, ସରୀସୃପ ଇତ୍ୟାଦି ବାସକରନ୍ତି । ସେମାନଙ୍କ ବଂଶଲୋପ ହେବାରୁ ପ୍ରକୃତି ମଧରେ ଯେଉଁ Interaction ସଂଘଟିତ ହେଉଥିଲା, ତାହା ହୋଇପାରୁନାହିଁ । ତେଣୁ ସବୁ ଓଲଟପାଲଟ ହୋଇଯାଉଛି । ପାଗବଦଳି ଯାଉଛି, ଉତ୍ତାପ ବୃଦ୍ଧିପାଇବାରେ ଲାଗିଛି । ଜୀବଜଗତ ଉପରେ ତାର ଯେ ସୁଦୂର ପ୍ରସାରୀ ପ୍ରଭାବ ପଡୁଛି ତାହା ଆଜି ସର୍ବାଦୌ ଚିନ୍ତାର ବିଷୟ ହୋଇଛି ।

ଜନସଂଖ୍ୟା ବୃଦ୍ଧି : ପୃଥିବୀ ପରିସଂଖ୍ୟାନରୁ ଜଣାପଡେ ଯେ ୧୮୦୦ ମସିହାରେ ୯୧ କୋଟି ମନୁଷ୍ୟ ଥିବାବେଳେ ଆଜିର ଜନସଂଖ୍ୟା ୫୪୦ କୋଟି । ଏହା କେବଳ ଭାରତକଥା ନୁହେଁ, ସମଗ୍ର ପୃଥିବୀର ଜନସଂଖ୍ୟାର ବୃଦ୍ଧି । ଆମ୍ଭେମାନେ ସେଥିପାଇଁ ବ୍ୟଥିତ ଓ ବ୍ୟଗ୍ର । ପ୍ରାଚ୍ୟ କବି ଇକ୍‌ବାଲ ପାଶ୍ଚାତ୍ୟ ସଭ୍ୟତାର ପୂଜାରୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, "your civilisation will die of wounds inflicted by its own hands", ପାଶ୍ଚାତ୍ୟ ସଭ୍ୟତା ଆତ୍ମଧ୍ୱଂସକାରୀ । Hobbes କହନ୍ତି ପାଶ୍ଚାତ୍ୟ ଜୀବନ "Nasty, brutish & short, ତାର କାରଣ ହେଲା ଅତ୍ୟଧିକ ଓ ଦୀର୍ଘକାଳ ସ୍ଥାୟୀ ଶୀତ ବା ଥଣ୍ଡା । ତେଣୁ ବିଗତ ଏକଶତ ବର୍ଷହେବ ସେମାନେ ପ୍ରକୃତିକୁ ଯେପରି ଧର୍ଷିତ କରିଛନ୍ତି ଓ ଆମର ଜନନାୟକମାନେ ତାର ଯେପରି ଅନ୍ଧାନୁସରଣ କରୁଛନ୍ତି, ତାର ପରିଣାମ ହେଉଛି ମାନବର ଅବକ୍ଷୟ-ନୈତିକ, ଆଧାତ୍ମିକ, ସାଂସ୍କୃତିକ ତଥା ସାମାଜିକ । ତେଣୁ କବିଙ୍କ ଭାଷାରେ:-

ଛୁଇଁଲେ ଚୂଡାନ୍ତ ସୀମା ସକଳ ଉନ୍ନତି
କ୍ରମେ କ୍ରମେ ଲଭେଆସି ପୁଣି ଅଧୋଗତି
ପୂର୍ଣ୍ଣତା ଲଭିଲେ କ୍ଷୀଣ ହୁଏ ସୁଧାଧାର
ଭଟ୍ଟା ପଡିଯାଏ ପୂର୍ଣ୍ଣ ହୋଇଲେ ଜୁଆର ।

ମନୁଷ୍ୟ ଅବକ୍ଷୟର ଚରମସୀମାରେ ପହଞ୍ଚିଲାଣି । ପ୍ରକୃତିକୁ ଜୟ କରିବାର ଦୁଷ୍ପ୍ରବୃତ୍ତିକୁ ମନରୁ ତ୍ୟାଗକରି ଭାରସାମ୍ୟ ରକ୍ଷାକରିବାକୁ ଶିଖିବା ଉଚିତ୍ । ତେବେ ସବୁ ଠିକ୍ ହୋଇଯିବ ।

ଆଜିର ଆହ୍ୱାନ : "Span" ର ଆଉ ଏକ ସଂସ୍କରଣରେ, "Should we proceed with the so-called progress of science or save humanity from extinc-

Digitized by PPRACHIN, SOA

tion" ଶୀର୍ଷକ ଅନ୍ୟ ଏକ ଲେଖାରେ ବିଜ୍ଞାନର ତଥାକଥିତ ପ୍ରଗତି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ଯାହାକୁ ନେଇ ଆଜିର ତଥାକଥିତ ସଭ୍ୟମାନବ ଏତେ ଆସ୍ଫାଳନ କରେ ସେ ଆଜି ପରିବେଶ ସମ୍ବନ୍ଧରେ ସଚେତନ ହେଲାଣି । ମାତ୍ର "Tobaco smoking is injurious to health" ଓ୍ୱାର୍ଣ୍ଣି ଦେଖି, ପଢି, ହୃଦୟଙ୍ଗମ କରି ମଧ୍ୟ ଯେପରି ନିଶାଖୋର ବ୍ୟକ୍ତି ଧୂମପାନ, ମଦ୍ୟପାନ ବା ଡ୍ରଗ୍ସ ସେବନ ଛାଡିପାରେନି ସେପରି "The so-called progress of science is detrimental to human existence" ଜାଣି ମଧ୍ୟ ଆମେ ତାକୁ ଛାଡି ପାରୁନୁ । CFC ହେତୁ ଓଜୋନ୍ ସ୍ତରରେ ଯେଉଁ ଛିଦ୍ର ସୃଷ୍ଟିହେଲାଣି ତାହା ସମଗ୍ର ମାନବ ସମାଜର ସ୍ଥିତିପାଇଁ ଏକ ବିରାଟ ଆହ୍ୱାନ । ଏଠାରେ ଗୋଟିଏ କାହାଣୀ ମନେ ପଡେ । ମିଦାସ ନାମକ ଜନୈକ ରାଜା ଥିଲେ । ତାଙ୍କର ସୁନାର ମୋହ ଏତେ ଥିଲା ଯେ, ସେ ଦେବତାଙ୍କ ବାରଣ ସତ୍ତ୍ୱେ ‘ଯାହା ଛୁଇଁବି ସୁନା ହୋଇ ଯାଉ’ ବର ମାଗିନେଲେ । ସେତେବେଳେ ସେ ଚିନ୍ତାକରି ପାରିଲେ ନାହିଁ ସେ ହରାଇବେ କେତେ ଓ ଲାଭକରିବେ କେତେ । ଆଜି ଆମେ ସେହିପରି ଚିନ୍ତାକରି ପାରୁନୁ ଯେ, ଆମେ ଭୌତିକ ଦିଗରେ ଲାଭକରୁଛୁ କେତେ ଓ ପରିବେଶ ଦିଗରୁ ହରାଉଛୁ କେତେ ? ମିଦାସଙ୍କର ଉଦ୍ୟାନର ବୃକ୍ଷଲତା, ଏପରିକି ଖାଦ୍ୟ ଓ କନ୍ୟାମଧ୍ୟ ଯେତେବେଳେ ସୁନା ପାଲଟିଗଲେ ସେତେବେଳେ ତାଙ୍କ ସୁନାର ମୋହ ଭାଙ୍ଗିଲା । ଆଜି ଆମେ କି ବର ପାଇଛୁ ଯେଉଁଠି ହାତମାରିଲେ "Radioactivity" ଏପରିକି ମା ପେଟରେ ମଧ୍ୟ । ଏ ମୋହ ନ ଭାଙ୍ଗିବା ପର୍ଯ୍ୟନ୍ତ ଆମ୍ଭେମାନେ ପ୍ରକୃତିସ୍ଥ ହେବୁନାହିଁ । ଏ ପରିପ୍ରେକ୍ଷୀରେ ରାମଚନ୍ଦ୍ରଙ୍କ ଲୁହାମଇ ବୁଲାଇବା କଥା ମନକୁ ଆସେ । ସେତେବେଳେ ମଧ୍ୟ ବିଜ୍ଞାନର ତଥାକଥିତ ଅଗ୍ରଗତି ହୋଇଥିଲା । ପୁଷ୍ପକ ବିମାନ, ଆଗ୍ନେୟ ଓ ଜଳବର୍ଷୀ ଅସ୍ତ୍ର ତଥା କେମିକାଲ ଓ୍ୱାରଫେୟାର ହେଉଥିଲା । ରକେଟ ଉଦ୍ଭାବିତ ହୋଇ ଥିଲା । ଏସବୁ ମହାଯାନର ଅପକାରିତାକୁ ଉତ୍ତମରୂପେ ହୃଦୟଙ୍ଗମ କରି ସେ ଏ ସମସ୍ତ ତଥାକଥିତ ପ୍ରଗତିକୁ ନିଷିଦ୍ଧକରିଥିଲେ, ଯଦ୍ୱାରା କି ରାମରାଜ୍ୟ, ଶାନ୍ତିର ରାଜ୍ୟ ସ୍ଥାପିତ ହୋଇଥିଲା । ଫଳତଃ ସମାଜରେ ଶାନ୍ତିର ବାତାବରଣ ଫେରି ଆସିଥିଲା । ସେତେବେଳେ ଶ୍ରୀଲଙ୍କା ଏ ସମସ୍ତ ଅଣୁଅସ୍ତ୍ରର ଅଧିକାରୀ ହୋଇ ଦାଦାଗିରି ଦେଖାଉଥିଲା ।

ରାମଚନ୍ଦ୍ରଙ୍କର ଗୁଇନ୍ଦାସଂସ୍ଥା ଇନ୍ଦ୍ରଜିତ ମେଘନାଦର ପାରମାଣବିକ ଅସ୍ତ୍ରଭଣ୍ଡାର ନଷ୍ଟ କରିଦେବା ଦ୍ୱାରା ରାବଣର ପରାଜୟ ଘଟିଲା । ପୁଣି ମାନବ ସେ ଦୁଃଖଦ ଅଧ୍ୟାୟକୁ ଭୁଲି ଚେଷ୍ଟାକଲା ବିଜ୍ଞାନର ତଥାକଥିତ ଉନ୍ନତିପାଇଁ । ଫଳରେ ବାବଲ, ପାଶୁପତ ଶର ଇତ୍ୟାଦି ପାରମାଣବିକ ଶକ୍ତିଚାଳିତ ଅସ୍ତ୍ରର ଉଦ୍‌ଭାବନ କଲା । ତାକୁ ଆମେ କହୁ

Digitized by PPRACHIN, SOA

ଦ୍ୱାପରଯୁଗ । ପୁନଶ୍ଚ କୃଷ୍ଣ ସେ ସବୁର ଧ୍ୱଂସ ସାଧନ କଲେ । ଆଜିର ସଦ୍ଦାମ ହୁସେନ୍ ଇନ୍ଦ୍ରଜିତପରି ବଙ୍କର ତିଆରି କରିଛି ଓ ପରମାଣୁ ଅସ୍ତ୍ର ସଜ୍ଜିତ ଆମେରିକା ଦାଦାଗିରି ଦେଖାଉଛି । ଏମାନଙ୍କୁ ବୁଦ୍ଧି ଶିଖାଇବାପାଇଁ ପୁଣି ଏକ ଅବତାର ଆବଶ୍ୟକ ।

ସମୁଦ୍ର ମନ୍ଥନରୁ ପ୍ରଥମେ ଅମୃତ ମିଳିଥିଲା । ଆମେ ଅଗ୍ନିର ବ୍ୟବହାର, ରୋଗର ପ୍ରତିଷେଧକ, ସ୍ୱାସ୍ଥ୍ୟରକ୍ଷା, ଆୟୁର୍ବେଦ ଇତ୍ୟାଦି ଆବିଷ୍କାର ଓ ଉଦ୍ଭାବନ କରିଥିଲୁ । ସ୍ୱର୍ଣ୍ଣ, ହୀରକ, ଅଭ୍ର, ତାମ୍ର ଲୌହ ଇତ୍ୟାଦି ଆବିଷ୍କାର କରିଥିଲୁ । ମାତ୍ର ପରେ ପରେ ହଳାହଳ ବାହାରିଲା-Carbon monoxide, carbondioxide, chlorofluro carbon, X-rays, Gama rays, Uranium, Plutonium, Atomic reactors । ତାକୁ ନେଇ ଆମେ ଖେଳଖେଳିଲୁ । ନୀଳକଣ୍ଠ ସିନା ସେ ବିଷକୁ ହଜମ କରିଦେଲେ ହେଲେ ସାଧାରଣ ଜନତା ତାକୁ ହଜମ କରିବେ କେତେ ? ଆମେ ଅଜଣା AIDS ର ଶିକାର ହେଲୁ । ଦାଦାମାନଙ୍କର ପରିବେଶ ଦୁଷିତୀକରଣର ଫଳଭୋଗୁଛୁ ଆମେ । ସେମାନେ ପରିବେଶ ଦୂଷିତ କରିବେ ଏବଂ ସଫାକରିବା ଦାୟିତ୍ୱ ଆମର, ସମସ୍ତ ବିକାଶଶୀଳ ଦେଶମାନଙ୍କର । ଜମିଦାର ମଳତ୍ୟାଗ କରିବେ, ଆଉ ମେହେନ୍ତର ସଫାକରିବେ । ସଫା କରିବାପାଇଁ ଉପଯୁକ୍ତ ଅର୍ଥ ଯୋଗାଅ- ନାହିଁ, ଖାଲି ଗାଲୁ । କାରଣ ଗରିବ ମାଇପ ସମସ୍ତଙ୍କ ଶାଳୀ । ଲୁହା କୋହଳଦେଖି ବେଙ୍ଗ ଟାଙ୍ଗୀ ଧରିଲାପରି ଆମର ସରଳତାର ସୁଯୋଗନେଇ ଏମାନେ କଟକଣା ଜାରି କରୁଛନ୍ତି, Super 301 ଲାଗୁ କରୁଛନ୍ତି ମାତ୍ର ସାଧୁ ସାବଧାନ, ଶିର ଜାଯଗା ପର ସର ନେହିଁ ଦିୟା ଜାୟଗା । ପେଟରେ ଓଦାକନା ଦେଇ ଶୋଇବା ଭଲ, ଏମାନଙ୍କ ଗୋଡତଳେ ପଡି ପେଟପୁରାଇବା ଠିକ୍ ନୁହେଁ ।

ପରିଶେଷରେ : ଧରିତ୍ରୀ ଶିଖର ସମ୍ମିଳନୀ ରାଇଓ-ଡି-ଜେନିରୋଠାରେ ୧୭୮ଟି ଦେଶର ସରକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କର ପ୍ରାୟ ୩୦ ହଜାର ବ୍ୟକ୍ତି ଏବଂ ୧୧୫ ଦେଶର ରାଷ୍ଟ୍ରନାୟକମାନେ ଏକତ୍ରିତ ହୋଇ ୧୨ ଦିନ ଯେଉଁ ଆଲୋଚନା କଲେ, ତହିଁରୁ ସ୍ପଷ୍ଟ ହୁଏ ଯେ ପରିବେଶ ପ୍ରଦୂଷଣ ବିଗତ ଏକ ଦଶନ୍ଧିରେ ମହାବିପଦରୂପେ ମାନବ ସମାଜ ସମ୍ମୁଖରେ ଦଣ୍ଡାୟମାନ । ଏଠାରେ ଆମର ଦ୍ରଷ୍ଟାମାନଙ୍କର ଉଦାତ୍ତ ବାକ୍ୟ 'ବସୁଧୈବ କୁଟୁମ୍ବକଂର ଯାଥାର୍ଥ୍ୟ ପ୍ରତିପାଦିତ ହେଲା । ମାତ୍ର ଏମାନେ ଉଦାର ଚରିତାନାଂ ନୁହଁନ୍ତି । ଏମାନେ ଲଘୁଚେତସାଂ । ତେଣୁ ଏମାନେ ଅୟଂନିଜପରୋବେତି କରୁଛନ୍ତି । କେବଳ ରାଜନୈତିକ ବା ବ୍ୟବସାୟିକ ଦୃଷ୍ଟିକୋଣରୁ ଏ ବିଷୟ ବିଚାର କରାଯାଇ ନ ପାରେ । ଏମାନେ କାହାକୁ ଠକିବାକୁ ଚାହୁଁଛନ୍ତି ଜଣାପଡୁନାହିଁ । ସମସ୍ତ

Digitized by PPRACHIN, SOA

ମାନବଜାତି ମଧ୍ୟରେ ଯେ ଏମାନେ ଅନ୍ତର୍ଭୁକ୍ତ ତାହା ଭୁଲିଯାଉଛନ୍ତି । ଅନ୍ୟମାନେ ଆଗେ ମଲେ ଏମାନେ ପଛେ ମରିବେ ମାତ୍ର ଯିବେ ନିଶ୍ଚୟ । ମୁକୁଳିବାର ବାଟ ଗୋଟିଏମାତ୍ର, ପରିବେଶକୁ ପ୍ରଦୂଷଣମୁକ୍ତ କର । କଞ୍ଚାମାଲର ମାଲିକ ବିକାଶଶୀଳ ରାଷ୍ଟ୍ରମାନଙ୍କର ଅଧିବାସୀ ସମଗ୍ର ଜନସଂଖ୍ୟାର ତିନି ଚତୁର୍ଥାଂଶ । ମାତ୍ର ଏକ ଚତୁର୍ଥାଂଶ ବିକଶିତ ରାଷ୍ଟ୍ରମାନଙ୍କର ବ୍ୟକ୍ତି ଆମ ସମ୍ପଦର ତିନି ଚତୁର୍ଥାଂଶ ବ୍ୟବହାର କରିମଧ୍ୟ ପରିବେଶର ଭାରସାମ୍ୟ ରକ୍ଷାକରିବା ପାଇଁ ଯଥେଷ୍ଟ ଖର୍ଚ୍ଚ କରିବାକୁ ନାରାଜ । ଆମର ଆପ୍ତବାକ୍ୟ 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟା' କେବଳମାନବ ଜାତି ନୁହେଁ, ସମଗ୍ର ଜୀବଜଗତପାଇଁ ଉଦ୍ଦିଷ୍ଟ । ସର୍ବେ ଭଦ୍ରାଣି ନ ପଶ୍ୟନ୍ତି ସମାଧାନ ହେବ କିପରି ? They will have to pay dearly for that ।

ପରିବେଶ ଜୀବର ସୃଷ୍ଟି, ସ୍ଥିତି, ପ୍ରଳୟ ସହ ଓତଃପ୍ରୋତ ଭାବେ ଜଡିତ । ତେଣୁ ଏହାକୁ ଏକ କ୍ଷୁଦ୍ର ଶବ୍ଦ ବିଚାରକରି ହାଲୁକାଭାବେ ଗ୍ରହଣ କଲେ ଚଳିବ ନାହିଁ । ପରିବେଶର ପ୍ରତ୍ୟେକଦିଗ ପଞ୍ଚମହାଭୂତର ପ୍ରତ୍ୟେକ ଦିଗସହ ଏକାକାର । ପୃଥିବୀ ପ୍ରଦୂଷଣ, ଜଳ ପ୍ରଦୂଷଣ, ବାୟୁ ପ୍ରଦୁଷଣ ସାଙ୍ଗକୁ ଏବେ ତେଜ ମଧ୍ୟ ପ୍ରଦୂଷିତ । ତେଣୁ ଏ ପ୍ରଦୂଷଣ ମୁକ୍ତି ଗୋଟିଏ ଦେଶ ବା ଜାତିର କଥା ନୁହେଁ । ଏହା ସମଗ୍ର ଜୀବଜଗତ ତଥା ପ୍ରକୃତିର କଥା, ଏ ସମସ୍ତ ବିଷୟ ବିଚାରକୁ ନେଇ ଆମର ଚିନ୍ତାନାୟକମାନେ ଚିନ୍ତାକରନ୍ତୁ ଆମକୁ କେଉଁ ପନ୍ଥା ଅବଲମ୍ବନ କରିବାକୁ ହେବ ।

(ପ୍ରଗତିବାଦୀ-୨୨.୧୧.୧୯୯୩)

❖❖❖

Digitized by PPRACHIN, SOA

ଯୁଗେ ଯୁଗେ ପରିବେଶ

ଶ୍ରୀମଦ୍‌ଭଗବଦ୍ ଗୀତାରେ ଭଗବାନ କହିଛନ୍ତି :

ସହ ଯଜ୍ଞା ପ୍ରଜାସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ
ଅନେକ ପ୍ରସବିଷ୍ୟାଧ୍ୱମେଷ ବୋଷ୍ଟିସ୍ତ୍ୱକାମଧୁକ !

(ଗୀତା ୩/୧୦)

ଅର୍ଥାତ୍‌ପ୍ରଜାପତି ବ୍ରହ୍ମା ଯଜ୍ଞ ସହିତ ପ୍ରଜାସୃଷ୍ଟି କରି ସେମାନଙ୍କର ଉତ୍ତରୋତ୍ତର ମଙ୍ଗଳକାମନା କରିଥିଲେ ।

ଏଠାରେ ଯଜ୍ଞର ଅର୍ଥ - ନିୟମ, ନିୟମ ସହିତ ସୃଷ୍ଟି । ବିନା ନିୟମରେ କୌଣସି ସୃଷ୍ଟି ହୋଇନାହିଁ । ପ୍ରଥମତଃ ଆମ ସୌରମଣ୍ଡଳର କଥା ଦେଖାଯାଉ । ସୂର୍ଯ୍ୟ କେନ୍ଦ୍ରରେ ରହିବେ, ବିଭିନ୍ନଗ୍ରହ ତାଙ୍କ ଚତୁର୍ଦ୍ଦିଗରେ ନିଜ ନିଜ କକ୍ଷରେ ସମୟାନୁଯାୟୀ ଘୁରିବେ, ଉପଗ୍ରହମାନେ ସ୍ୱୀୟଗ୍ରହମାନଙ୍କ ଚତୁପାର୍ଶ୍ୱରେ ପରିଭ୍ରମଣ କରିବେ, ଧୂମକେତୁମାନେ ବକ୍ରାକାରରେ (Parabolic) ଭ୍ରମଣକରିବେ - ଏହିସବୁ ନିୟମ ମାନି ସେମାନେ ଗତିକରୁଛନ୍ତି । ଏପରି ଏକ ନିୟମ ନଥିଲେ ସେମାନେ ପରସ୍ପର ସହ ଧକ୍‌କାଖାଇ ଚୁରମାର ହୋଇଯାନ୍ତେ । ତେଣୁ ବିଶ୍ୱ ଏକ ନିୟମର ବଶବର୍ତ୍ତୀ ବୋଲି ବୁଝିବାକୁ ହେବ ।

ଯେତେବେଳେ ପଞ୍ଚମହାଭୂତର ସୃଷ୍ଟି ହୋଇଛି (କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ) ସେତେବେଳେ ମଧ୍ୟ ସେମାନଙ୍କ ପାଇଁ ନିୟମ କରାଯାଇଛି ଯେପରି ତେଜର ସୂର୍ଯ୍ୟଙ୍କ ପାଇଁ ନିୟମ- ସେ ଉତ୍ତାପ ଓ ଆଲୋକ ପ୍ରଦାନ କରିବ, କ୍ଷିତିପାଇଁ ନିୟମ - ସେ ଖାଦ୍ୟ ଓ ବାସ ଯୋଗାଇବ ଇତ୍ୟାଦି । ପଞ୍ଚମହାଭୂତର ସୃଷ୍ଟିପରେ ପୃଥିବୀରେ ଜୀବସୃଷ୍ଟି ସମ୍ଭବ ହୋଇଛି, କାରଣ, ଏହି ପଂଚଭୂତରୁ ଗୋଟିଏର ଅଭାବରେ ଜୀବସୃଷ୍ଟି ଅସମ୍ଭବ । ପୃଥିବୀରେ ଯେତେ ଜୀବ ସେମାନେ ଛପନକୋଟି ପ୍ରଜାତିର ବୋଲି ପ୍ରବାଦ ଅଛି । ପ୍ରତ୍ୟେକ ପ୍ରଜାତିପାଇଁ ନିୟମ କରାଯାଇଛି ଯାହା ତାଙ୍କ ମଧ୍ୟରେ ପ୍ରବୃତ୍ତି (Instict) ଭାବରେ ରଖାଯାଇଛି । ସେମାନେ ପ୍ରବୃତ୍ତିଗତ ଭାବରେ ସେ ନିୟମକୁ ପାଳନ କରନ୍ତି । ସର୍ବଶେଷ ସୃଷ୍ଟି ମାନବ । ମନବର ବୁଦ୍ଧି, ବିଚାର, ବିବେକ ଓ ଜ୍ଞାନ ଇତ୍ୟାଦି ଥିବାରୁ ତାକୁ ପ୍ରବୃତ୍ତିଗତ ନିୟମ ବ୍ୟତିରେକେ ଏକ ନିୟମ ପ୍ରଦାନ କରାଗଲା ବେଦ ମାଧ୍ୟମରେ । ଏହି ନିୟମ ହେଲା ସନାତନ ଧର୍ମ । ମହାଭୂତମାନଙ୍କ ପାଇଁ ଯେଉଁ ନିୟମ ହେଲା ତାକୁ ମଧ୍ୟ କୁହାଗଲା ଧର୍ମ (Property), ଯେପରି ସୂର୍ଯ୍ୟର ଧର୍ମ, ବାୟୁର ଧର୍ମ ଇତ୍ୟାଦି । ଏହି ସମସ୍ତ ଧର୍ମକୁ ନେଇ ପୃଥିବୀର ଗ୍ରହ ନକ୍ଷତ୍ରଠାରୁ ଧରି ପ୍ରାଣୀମାନେ ମଧ୍ୟ ଆତଯାତ ହୁଅନ୍ତି । ପଞ୍ଚମହାଭୂତର ସନ୍ତୁଳନକୁ କୁହାଯାଏ ପ୍ରକୃତି ଓ ସେମାନଙ୍କର ଏହି ସନ୍ତୁଳିତ ଅବସ୍ଥା ହେଉଛି ପରିବେଶ । ପରିବେଶ ସହ ଖାପଖୁଆଇ ମନୁଷ୍ୟ ଯେ ପର୍ଯ୍ୟନ୍ତ ଚଳିଆସିଛି, ସେ ପର୍ଯ୍ୟନ୍ତ ପୃଥିବୀରେ ଶାନ୍ତି ରହିଛି । ଆଉ ଯେତେବେଳେ ପ୍ରକୃତିର

Digitized by PPRACHIN, SOA

ବିରୁଦ୍ଧାଚରଣ କରିଛି ବା ତାକୁ ଜୟ କରିବାକୁ ବିଚାର କରିଛି ସେତେବେଳେ ପରିବେଶ ପ୍ରଦୂଷିତ ହୋଇଛି ଏବଂ ଜୀବକୁଳ ହନ୍ତସନ୍ତ ହୋଇଅଛି । ଅନେକ ପ୍ରଜାତିଙ୍କର ବିଲୋପ ଘଟିଛି ।

ବୈଦିକ କାଳରେ ବହୁ ମନିଷୀଙ୍କର ଆବିର୍ଭାବ ଘଟିଥିଲା ଏବଂ ସେମାନଙ୍କର ବହୁସାଧନାର ଫଳ ସ୍ୱରୂପ ବେଦ, ବେଦାନ୍ତ, ଉପନିଷଦ ଆଦିର ବିଶ୍ଳେଷଣ ହୋଇ ବହୁକାରିକା, ସୂତ୍ର ସଂହିତାଦର୍ଶନ ଇତ୍ୟାଦି ସମାଜକୁ ଶାନ୍ତରଖିବା ଦିଗରେ ପ୍ରଭୂତ ଅବଦାନ ଦେଇଅଛନ୍ତି । ମୁନିଋଷିଗଣ ଜାଣିଥିଲେ ଯେ ପଞ୍ଚମହାଭୂତହିଁ ଜୀବନଧାରଣ ପାଇଁ ଦାୟୀ । ତେଣୁ ସେମାନେ ଏହି ପଞ୍ଚମହାଭୂତକୁ ହିଁ ଆବାହନ କରୁଥିଲେ ଦ୍ୟୋଃଶାନ୍ତିଃ, ଅନ୍ତରୀକ୍ଷଃ ଶାନ୍ତିଃ, ପୃଥିବୀ ଶାନ୍ତିଃ, ଆପଃ ଶାନ୍ତିଃ, ବିଶ୍ୱେଦେବାଃ ଶାନ୍ତିଃ, ବନସ୍ପତୟଃ ଶାନ୍ତିଃ, ଔଷଧୟଃ ଶାନ୍ତିଃ, ଶାନ୍ତିରେବ ଶାନ୍ତିଃ, ବ୍ରହ୍ମଂ ଶାନ୍ତିଃ, ସା ମାଂ ଶାନ୍ତିରେଧି, ଓଁ ଶାନ୍ତିଃ, ଶାନ୍ତିଃ ଶାନ୍ତିଃ । ସେମାନେ ଏହି ଶାନ୍ତି ପାଠ କରୁଥିଲେ କେବଳ ନୁହେଁ, ତଦନୁଯାୟୀ ନିଜକୁ ନିୟନ୍ତ୍ରିତ କରୁଥିଲେ । ହୋମ ଯଜ୍ଞାଦିକରି ପରିବେଶକୁ ପ୍ରଦୂଷଣମୁକ୍ତ ରଖୁଥିଲେ । ତେଣୁ ସେମାନେ ନୀରୋଗ, ସୁଖମୟ ଓ ଦୀର୍ଘ ଜୀବନଯାପନ କରୁଥିଲେ ।

ଏହିପରି ଶାନ୍ତିରେ ଶାନ୍ତିରେ ଅନେକଯୁଗ ବିତିଗଲା । ବେଦ ଏକ ସମ୍ପୂର୍ଣ୍ଣ ଗ୍ରନ୍ଥ ଅର୍ଥାତ୍ ମନୁଷ୍ୟର ଜ୍ଞାନର ଶାଖା ଯଥା - ଔଷଧ (ଆୟୁର୍ବେଦ), ଇଂଜିନିୟରିଂ, କାରିଗରୀ କୌଶଳ, ଆଣବିକ ଜ୍ଞାନ, ଗଣିତ, ଜ୍ୟୋତିଷ (ଫଳିତ ଓ ଗଣିତ) ସଂଗୀତ, ଦର୍ଶନ, ଅର୍ଥନୀତି, ରାଜନୀତି ଇତ୍ୟାଦି ସମସ୍ତ ବେଦରେ ନିହିତ । ବହୁଯୁଗ ଶାନ୍ତିରେ ବିତିବାପରେ ଏପରି ଏକ ସମୟ ଆସିଛି ଯେତେବେଳେ କେତେକ ବ୍ୟକ୍ତି ବେଦର ଆଣବିକ ଅଧ୍ୟାୟକୁ ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରି ବିଭିନ୍ନ ମହାଯାନ (ଉଡାଜାହାଜ, ରେଳଗାଡି, ମୋଟରଗାଡି ଇତ୍ୟାଦି) ଏବଂ ପରମାଣବିକ ଅସ୍ତ୍ର ଇତ୍ୟାଦି ଉଦ୍‌ଭାବନ କରିଛନ୍ତି ଯଦ୍ୱାରା ପରିବେଶର ପ୍ରଦୂଷଣ ଘଟିଛି । ପ୍ରକୃତିକୁ ଜୟ କରିବ ଭାବି ମାନବ ନିଜର ବିନାଶକୁ ଆମନ୍ତ୍ରିତ କରିଅଛି । ଗୀତାର ଦୁଇଟି ଶ୍ଳୋକ ନିମ୍ନମତେ ବର୍ଣ୍ଣନା କରେ:-

ଯଦା ଯଦା ହି ଧର୍ମସ୍ୟଗ୍ଳାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।

ଏହି ଶ୍ଳୋକ ଦ୍ୱୟରୁ କେତେଗୁଡିଏ ପ୍ରଶ୍ନଉଠେ (୧) ଧର୍ମ କ'ଣ (୨) ଧର୍ମର ଗ୍ଳାନି କିପରି ଘଟେ (୩)ଅଧର୍ମର ଉତ୍ଥାନ କିପରି ହୁଏ (୪) ଆତ୍ମାର ସୃଜନ କିପରି ହୁଏ (୫) ସାଧୁ କିଏ (୬) ଦୁଷ୍କୃତ କିଏ ଓ (୭) ଧର୍ମ ସଂସ୍ଥାପନ କିପରି ହୁଏ ?

ଧର୍ମର ସଂଜ୍ଞା ହେଉଛି 'ଧାରୟତି ଇତି ଧର୍ମଃ' ଅର୍ଥାତ୍ ଯେ ବିଶ୍ୱକୁ ଧାରଣ କରିଛି କିମ୍ବା ଅନ୍ୟଭାବରେ କହିବାକୁ ଗଲେ ସୃଷ୍ଟିର ଯେଉଁ ନିୟମଦ୍ୱାରା ସମସ୍ତ ଜୀବଜଗତ

Digitized by PPRACHIN, SOA

ପରିଚାଳିତ ତାହାହିଁ ଧର୍ମ । ଏଠାରେ ଧର୍ମର ଅର୍ଥ କୌଣସି ମଜହବ୍ ନୁହେଁ ଯେପରି ଖ୍ରୀଷ୍ଟଧର୍ମ, ମହମ୍ମଦ ଧର୍ମ ଇତ୍ୟାଦି । ଗୋରୁ ହେଉଛି ନିରାମିଷାସୀ ପ୍ରାଣୀ ବା ତୃଣଭୋଜୀ - ଏହା ଗୋରୁର ଧର୍ମ । ଇଂଲଣ୍ଡରେ ଗୋରୁମାନଙ୍କୁ ଆମିଷଖୁଆଇ ବେଶୀଦୁଧିଆଳୀ କରିବାର ପ୍ରଚେଷ୍ଟା କରିବାରୁ ସେମାନେ ମେଡ୍‌କା ଓ ଡିଜିଜ୍‌ରେ ରୋଗାକ୍ରାନ୍ତ ହୋଇ ମଲେ ଏବଂ ସେମାନଙ୍କର ମାଂସ ବିଷାକ୍ତ ହୋଇଗଲା । ଏହି ସ୍ଥଳରେ ଧର୍ମର ଗ୍ଲାନିଘଟିଲା ବୋଲି ବୁଝିବାକୁ ହେବ । ଏହିପରିଭାବରେ ପଞ୍ଚଭୂତଙ୍କର ଧର୍ମର ଗ୍ଲାନିଘଟିଲେ ପରିବେଶ ପ୍ରଦୂଷିତହୁଏ ଓ ତାର କୁ ପ୍ରଭାବ ପ୍ରାଣୀମାନଙ୍କ ଉପରେ ପଡେ । ଯେପରି ଓଜୋନ୍‌ସ୍ତରରେ ଛିଦ୍ରହେଲା - ତେଜ ଧର୍ମର ଗ୍ଲାନି ଘଟିଲା ବା ତେଜ ପ୍ରଦୂଷିତ ହେଲା । ବାୟୁରେ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍, ସି.ଏଫ.ସି ଇତ୍ୟାଦି ଯୋଗୁଁ ବାୟୁଧର୍ମର ଗ୍ଲାନି କିମ୍ବା ବାୟୁ ପ୍ରଦୂଷିତ ହେଲା । ଜଳ ପ୍ରଦୂଷିତହୋଇ ସେଥିରେ ମାଛ କଇଁଛ ବାସ କରିପାରିଲେ ନାହିଁ । ତେଣୁ ଅପ୍ ଧର୍ମର ଗ୍ଲାନି ହେଲା । କିମ୍ବା ଜଳ ପ୍ରଦୂଷିତ ହେଲା- ଏ ହେଲା ଧର୍ମସ୍ୟ ଗ୍ଲାନି । ପଞ୍ଚମହାଭୂତଙ୍କର କୁପ୍ରଭାବ ଜୀବଜଗତ ଉପରେ ପଡିଲା । ତେଣୁ ଅନେକ ପ୍ରଜାତି ବିଲୟପ୍ରାପ୍ତ ହେଲେ, ଯେପରି ଆଜିକାଲି ଘଟୁଛି । ଏ ପ୍ରଦୂଷଣର କୁପ୍ରଭାବ କେବଳ ଆମର ଶରୀର ଉପରେ ପଡିନାହିଁ । ଏହା ଆମର ଶାରୀରିକ ମାନସିକ, ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ - ସବୁ ଦିଗରୁ ପଡିଅଛି । ତେଣୁ ଅଧର୍ମର ଅଭ୍ୟୁତ୍ଥାନ ଘଟିଛି । ତଦ୍ୱାରା ଅସୁରଙ୍କର ସୃଷ୍ଟି ହୋଇଛି । ସେମାନଙ୍କର ଧର୍ମାଧର୍ମ ନୀତି ଅନୀତିର ବିଚାର ନାହିଁ । ତେଣୁ ଦିନରାତି ସବୁବେଳେ ଚୋରି, ଡକାୟତି, ହତ୍ୟା, ଧର୍ଷଣ, ନିର୍ଯ୍ୟାତନା, ଧସ୍ତାବାଜି ଇତ୍ୟାଦି ଚାଲିଛି ।

ଏହିପରି ଏକଦା ରାବଣର ରାଜୁତି ସମୟରେ ଘଟିଥିଲା । ସେ ବେଦରୁ ପାରମାଣବିକ ସୁତ୍ର ସବୁ ବିଶ୍ଳେଷଣ କରି କ୍ଷିତି, ଅପ୍, ତେଜ, ମରୁତ୍ ବ୍ୟୋମ ଇତ୍ୟାଦିଙ୍କୁ ପ୍ରଦୁଷିତ କଲା । ମହାଯାନ ମାନ (ଏରୋପ୍ଲେନ୍, ଟ୍ରେନ୍ ଓ ମୋଟରକାର) ଉଦ୍ଭାବିତ ହୋଇ ବହୁଧନ, ଜୀବନ ନଷ୍ଟ ହେଲେ । ପାଣିପାଗ ଅନିୟମିତ ହେବା ସାଙ୍ଗକୁ ଏସିଡ୍ ବର୍ଷା ଇତ୍ୟାଦି ହେଲା । ଏପରି ଭାବରେ ସମସ୍ତ ମହାଭୂତଙ୍କର ଧର୍ମର ଗ୍ଲାନି ଘଟିଲା ଅର୍ଥାତ୍ ସେମାନେ ପ୍ରଦୁଷିତ ହେଲେ । ଓଜୋନ୍ ସ୍ତରରେ ଛିଦ୍ର ହେଲା, ବାୟୁରେ କାର୍ବନ ଭର୍ତ୍ତିହେଲା, ଜଳରେ ଆବର୍ଜନା ଯୋଗୁଁ ଜଳଚର ପ୍ରାଣୀ ଲୁପ୍ତହେଲେ । ପୃଥିବୀରେ ନାନା ଆଣବିକ ପରୀକ୍ଷଣ ହୋଇ ଅନେକ ପ୍ରଜାତି ଲୁପ୍ତ ହେଲେ । ତେଣୁ ଅଧର୍ମର ଅଭ୍ୟୁତ୍ଥାନ ହେଲା । ଲୋକମାନଙ୍କର ଧାର୍ମିକ ତଥା ନୈତିକ ସ୍ଖଳନ ହେଲା- ମୋଟ ଉପରେ କହିବାକୁ ଗଲେ ଅସୁର ସୃଷ୍ଟି ହେଲେ ଯେଉଁମାନେ ପ୍ରଦୁଷଣ ବଢାଇ ଚାଲିଲେ । ସେମାନେ ପାରମାଣବିକ କାରିଗରୀ କୌଶଳ (Technical knowhow) ହାସଲ କରିଥିଲେ । ଏ ସମସ୍ତ ପ୍ରକାର ପ୍ରଦୁଷଣ ଶେଷ ସୀମାରେ ପହଞ୍ଚିଲା, ଯେତେବେଳେ ରାବଣ ନିଜକୁ ଅମର ବୋଲି ଘୋଷଣା କଲା । ମନୁଷ୍ୟ ମରିବ ନାହିଁ - ଏ ସୂତ୍ର ଯେତେବେଳେ

Digitized by PPRACHIN, SOA

ପାଇଯାଇଛି ସେତିକି ବେଳେ ଚରମସୀମାରେ ପହଞ୍ଚିଛି ବୋଲି ବୁଝିବାକୁ ହେବ । ସେତିକିବେଳେ 'ତଦାତ୍ମାନଂ ସୃଜାମ୍ୟହ୍ୟଂ'ର ଆବଶ୍ୟକତା ପଡିଛି ଏବଂ ଏ କ୍ଷେତ୍ରରେ 'ରାମ'ଙ୍କୁ ସୃଜନ କରାଯାଇଛି । ଉଦ୍ଦେଶ୍ୟ - ସେ ଧର୍ମ ସଂସ୍ଥାପନ କରିବେ ଅର୍ଥାତ୍ ପୃଥିବୀକୁ ପ୍ରଦୁଷଣ ମୁକ୍ତ କରିବେ ।

ରାମଙ୍କୁ ଦଶ/ବାର ବର୍ଷ ବୟଃକ୍ରମ କାଳରେ ବିଶ୍ୱାମିତ୍ର ତାଙ୍କର ଯଜ୍ଞରକ୍ଷା କରିବା ପାଇଁ ଦୁଇଭାଇ ରାମ ଓ ଲକ୍ଷ୍ମଣଙ୍କୁ ଡାକି ନେଇଛନ୍ତି । ରାମଚନ୍ଦ୍ର ତାଙ୍କ ଆଶ୍ରମରେ ପହଞ୍ଚି ଦେଖିଲେ ଯେ ମୁନି, ଋଷି ତଥା ବ୍ରହ୍ମଚାରୀମାନେ ପୃଥିବୀକୁ ପ୍ରଦୁଷଣମୁକ୍ତ କରିବା ପାଇଁ ଯଜ୍ଞ କରୁଥିବାବେଳେ ଅସୁରମାନେ ପ୍ରଦୁଷଣଯୁକ୍ତ କାରୀ ଦଳ ସେମାନଙ୍କୁ ନଷ୍ଟ କରିବା ତଥା ସେମାନଙ୍କୁ ନାନା ନିର୍ଯ୍ୟାତନା ଦେବା ଏପରିକି ପ୍ରାଣନାଶ ପର୍ଯ୍ୟନ୍ତ ମଧ୍ୟ କରିବାକୁ ପଛାଉନାହାନ୍ତି । ସେ ଦେଖିଲେ ସେଠାରେ ପ୍ରଦୁଷଣ ମୁକ୍ତ ଏବଂ ଯୁକ୍ତ ମଧ୍ୟରେ ଲଢେଇ ଚାଲିଛି । ପ୍ରଦୁଷଣଯୁକ୍ତକାରୀ ଦଳଙ୍କୁ ହଟାଇଦେଲେ ପୃଥିବୀ ଶାନ୍ତ ହୋଇଯିବ । ମାତ୍ର କେବଳ କୋଦଣ୍ଡ ଖଣ୍ଡକ ଧରି ସେମାନଙ୍କର ମହାବିଷାକ୍ତ ଅସ୍ତ୍ରମାନଙ୍କର ସାମନା କରିବା ଦୂରୁହ ତେଣୁ ସେମାନଙ୍କୁ ପ୍ରତିହତ କରିପାରିବା ପରି ଅସ୍ତ୍ର ସଂଗ୍ରହ କରିଛନ୍ତି । ଯେତେବେଳେ ଦେଖିଲେ ଯେ ସେ ଅସୁରମାନଙ୍କୁ ହଟାଇପାରିବେ, ଦୁହେଁ ଯାକ ଅସୁରନିଧନ ପାଇଁ ଚାଲିଯାଇଛନ୍ତି । ଗୋଟି ଗୋଟି କରି ଅସୁର ନାଶ କରି ସାରି ପହଞ୍ଚିଛନ୍ତି ରାବଣ ରାଜ୍ୟରେ । ସେତେବେଳକୁ ବିଭୀଷଣ ତାଙ୍କ କ୍ୟାମ୍ପରେ ଯୋଗ ଦେଇଛନ୍ତି । ଇନ୍ଦ୍ରଜିତର ପରମାଣୁ ଅସ୍ତ୍ରାଗାର ସମ୍ବନ୍ଧୀୟ ତଥ୍ୟ ବିଭୀଷଣଙ୍କ ଠାରୁ ପାଇ ସେ ସେହି ଅସ୍ତ୍ରଯାକ ଅକାମୀ କରି ଦେବାରୁ ରାବଣ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ଇତ୍ୟାଦିଙ୍କୁ ମାରି ପାରିଲେ, ନଚେତ୍ ପାରିନଥାନ୍ତେ । ଆଉ ଏକ ପରାକ୍ରମଶାଳୀ ପରମାଣୁ ବିଶେଷଜ୍ଞ ଥିଲା ବାଳୀ । ତାକୁ ରାସ୍ତାରୁ ନ ହଟାଇଲେ ପ୍ରଦୁଷଣରୁ ମୁକ୍ତିନାହିଁ ମାତ୍ର ତାକୁ ସମ୍ମୁଖ ସମରରେ ଜିଣିବା ଅସମ୍ଭବ ଜାଣି ତାକୁ ପଛରୁ ଆଘାତ କରିଛନ୍ତି । ଯୁଦ୍ଧ ଶେଷରେ ରାମଙ୍କୁ ମହୀରାବଣ ଅପହରଣ କରି ନେଇଯାଇଛି ପାତାଳପୁରକୁ (ଆମେରିକା) । ତାକୁ ମାରି ରାମଚନ୍ଦ୍ର ସେ ଭୂଖଣ୍ଡର ରାଜା ହୋଇଛନ୍ତି । ଏ ପଟେ ସହସ୍ରାବଣକୁ ମାରି ଆଉ ଏକ ମହାଦେଶ ଜୟକରିଛନ୍ତି । ତତ୍‌ପରେ ଅଯୋଧ୍ୟା ସିଂହାସନାରୂଢହୋଇ ସମସ୍ତ ପ୍ରଦୁଷଣକାରୀ ସଂସ୍ଥାକୁ ବନ୍ଦ କରିଦେଇଛନ୍ତି । ସମସ୍ତ କଳକାରଖାନା ବନ୍ଦ ହୋଇଯିବାରୁ ମହାଯାନ ଚଳାଚଳ ବନ୍ଦ ହୋଇଯାଇଛି । ସମସ୍ତଙ୍କ ଧର୍ମର ସଂସ୍ଥାପନ ହୋଇଯାଇଛି ବାୟୁ କାର୍ବନ ମୁକ୍ତ ହୋଇଛି, ଜଳର କଳାଗୁଣ୍ଡ ବସିଯାଇଛି, ଓଜୋନ୍‌ର ଛିଦ୍ର ଆସ୍ତେ ବନ୍ଦ ହୋଇଯାଇଛି । ପୃଥିବୀରେ ପାରମାଣବିକ ପରୀକ୍ଷା ବନ୍ଦହୋଇଯାଇଛି - ଇତ୍ୟାଦି । ତେଣୁ ସମସ୍ତେ ପ୍ରଦୁଷଣମୁକ୍ତ ହୋଇଯାଇଛନ୍ତି । ପୃଥିବୀରେ ଶାନ୍ତିପ୍ରତିଷ୍ଠା ହୋଇଛି, ରାମ ଶାନ୍ତି ଆଣିଦେଇଥିବାରୁ ତାକୁ ରାମରାଜ୍ୟ ବୋଲା ଯାଇଛି ।

Digitized by PPRACHIN, SOA

ଅନ୍ୟ ଭାବରେ କହିଲେ 'ଧର୍ମ ସଂସ୍ଥାପନ' ହୋଇଛି । ସାଧୁତାର ପ୍ରତିଷ୍ଠା ହୋଇଛି, ଲୋକମାନଙ୍କର ମନରୁ ଦୁର୍ନୀତିର ଭାବନା ଦୁର ହୋଇଛି । ତେଣୁ ଦୁଷ୍କୃତିର ବିନାଶ ଘଟିଛି । ଗୋଟିଏ ଯୁଗର ପରିସମାପ୍ତି ଘଟିଥିବାରୁ ଆମେ ତାକୁ କହୁ ତ୍ରେତୟାଯୁଗ ।

ରାମଚନ୍ଦ୍ରଙ୍କର ଉତ୍ତରସୂରୀମାନେ ଶାନ୍ତିରସହ କେତେ ଯୁଗ ବିତାଇବାପରେ ଲୋକମାନେ ମହାଯାନ ଓ ପରମାଣୁ ଉଦ୍ଭାବନର ଅପକାରିତା ସମ୍ବନ୍ଧରେ ଭୁଲି ପୁଣି ସେହି ଉଦ୍‌ଭାବନରେ ଲାଗି ପଡିଛନ୍ତି । ପୃଥିବୀ ପୁଣି ପ୍ରଦୁଷଣର ଚରମ ସୀମାରେ ପହଞ୍ଚିଛି, ଯେତେବେଳେ କଂସାସୁର ନିଜକୁ ଅମର ବୋଲି ଘୋଷଣା କରିଛି । ଏତିକିବେଳେ ଆଉ ଗୋଟିଏ ଅମ୍ବାର ସୃଜନ ହୋଇଛି - ଶ୍ରୀକୃଷ୍ଣ । କୃଷ୍ଣ ଗୋଟି ଗୋଟି କରି ପଞ୍ଚମହାଭୂତଙ୍କର ପ୍ରଦୁଷଣକୁ ରୋକି, ପ୍ରଦୁଷଣକାରୀ ସମସ୍ତ ଅସୁରଙ୍କର ବିନାଶ କରିସାରିବାପରେ ଦେଖିଲେ ଯେ ତାଙ୍କ ନିଜର ପୁତ୍ରମାନେ ପ୍ରଦୁଷଣର ସୂତ୍ରସବୁ ହାସଲ କରିଛନ୍ତି । ସେମାନେ ବଞ୍ଚିଥିଲେ ପୃଥିବୀରେ ପୁଣି ପ୍ରଦୁଷଣ କରିବେ ଏବଂ କୃଷ୍ଣଙ୍କର ସମସ୍ତ ସାଧନା ପଣ୍ଡ ହେବବୋଲି ନିଶ୍ଚୟ କରି ସେ ସମସ୍ତ ପୁତ୍ରଙ୍କୁ ସଂହାର କରିଛନ୍ତି । କୃଷ୍ଣ ଧର୍ମ ସଂସ୍ଥାପନ କରିବା ସମୟକୁ ଆମେ କହୁ ଦ୍ୱାପରଯୁଗ ।

ଆଜିର ପ୍ରଦୁଷଣ ମାନବକୃତ ବୋଲି ଅନେକ ବିଜ୍ଞାନୀ ଏବଂ ମହାପୁରୁଷଙ୍କ ମତ । ଆଜି ପ୍ରଦୁଷଣ ଯୋଗୁଁ ଅନେକ ପ୍ରଜାତି ଲୋପପାଇବା, ପାଗ ବଦଳିବା, ହତ୍ୟା ଧର୍ଷଣ, ଲୁଣ୍ଠନ ବଢିଚାଲିବା, ଏସିଡ୍ ବର୍ଷା ହେବାପରି ଅଘଟଣ ଘଟୁଅଛି ଏବଂ ମନୁଷ୍ୟର ମାନସିକ, ନୈତିକ ତଥା ଧାର୍ମିକ ଅବକ୍ଷୟ ଘଟିଅଛି । ପ୍ରଦୁଷଣ କେବଳ ଆଜି ଘଟୁନାହିଁ ବା ଘଟିନାହିଁ । ଏହା ଯୁଗ ଯୁଗ ଧରି ଘଟିଆସୁଛି ଏହା ଜନସମାଜକୁ ଦର୍ଶାଇଦେବାକୁ ଏ ପ୍ରବନ୍ଧର ନାମ 'ଯୁଗେ ଯୁଗେ ପରିବେଶ' ରଖାଯାଇଛି । ଜନସାଧାରଣ ତଥା ବିଜ୍ଞାନୀମାନେ ଏହାକୁ ଅନୁଧ୍ୟାନ କରି ପ୍ରଦୁଷଣରୁ କିପରି ମୁକ୍ତିଲାଭ କରିବେ ଚିନ୍ତା କରନ୍ତୁ । ଭାଷଣଦେଇ, ମନ୍ତ୍ରାଳୟ ସଚିବାଳୟ ଖୋଲି ଅଜସ୍ର ଅର୍ଥ ଖର୍ଚ୍ଚକଲେ ମଧ୍ୟ ଏହାର ନିରାକରଣ ହୋଇପାରିବ ନାହିଁ । ସମସ୍ତ ପ୍ରକାର କଳକାରଖାନା ବନ୍ଦ କରି ମହାଯାନର ବ୍ୟବହାର ବନ୍ଦକଲେ ଯାଇ ପ୍ରଦୁଷଣରୁ ମୁକ୍ତିମିଳିବ । ଆଉ 'ତେଲ ଘଡିକି ସାରିବି ନାହିଁ କି ପୁଅକୁ ନୁଖୁରା କରିବି ନାହିଁ ନୀତିରେ ସବୁ ଚାଲିଥିବ, ଏଆଡେ ପ୍ରଦୁଷଣକୁ ରୋକି ହେବ- ଯେ ଧର୍ମକୁ ଆଖିମିଟିକା ମାରିବା ଛଡା ଆଉ କିଛି ନୁହେଁ । ମାତ୍ର ଏମାନେ ଏପରି ଏକ ଆଣଲେଉଟା ସ୍ତରରେ ପହଞ୍ଚିଛନ୍ତି ଯେ (point of no return) ଏମାନଙ୍କୁ 'ଚୁଚୁନ୍ଦ୍ରାକୁ ନାଗ ଧରିଲା ଦୁର୍ଯୋଗ ଘଟିଛି । ଏ ଅବସ୍ଥା ସୁଧାରିବାକୁ ପୁଣି ଏକ ଯୁଗପୁରୁଷର ଆବିର୍ଭାବ ଜରୁରୀ ହୋଇପଡିଛି ।

(ସଂଧ୍ୟାତାରା ସ୍ମରଣିକା-୨୦୦୩)

Digitized by PPRACHIN, SOA

ଯଦୁପତି ଶ୍ରୀକୃଷ୍ଣ ଓ ପରିବେଶ ସନ୍ତୁଳନ

''ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ, ତଦାତ୍ମାନଂ ସୃଜାମ୍ୟହଂ
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।''

ଅର୍ଥାତ୍ ଯେଉଁ ଯେଉଁ ସମୟରେ ଧର୍ମର ଗ୍ଲାନି ଘଟେ ଓ ଅଧର୍ମର ଅଭ୍ୟୁତ୍ଥାନ ହୁଏ ସେତେବେଳେ ମୁଁ ଏପରି ଅତ୍ମା ସୃଷ୍ଟିକରେ ଯେ କି ସାଧୁମାନଙ୍କର ପରିତ୍ରାଣ ଏବଂ ଦୁଷ୍କୃତ ମାନଙ୍କର ବିନାଶକୁ ସମ୍ଭବ କରନ୍ତି ଏବଂ ଧର୍ମର ପୁନଃ ସଂସ୍ଥାପନ କରନ୍ତି ।

ଏଠାରେ ପ୍ରଶ୍ନ ଉଠେ (୧) ଧର୍ମ କଣ ? (୨) ଧର୍ମର ଗ୍ଲାନି ଘଟେ କିପରି (୩) ଅଧର୍ମର ଅଭ୍ୟୁତ୍ଥାନ କିପରି ହୁଏ ? (୪) ଆତ୍ମାର ସୃଜନ ହୁଏ କିପରି ? (୫) ସାଧୁ କିଏ ? (୬) ଦୁଷ୍କୃତ କିଏ ? (୭) ଧର୍ମର ସଂସ୍ଥାପନ କିପରି ହୁଏ ? ଏପରି କେବେ ଘଟିଥିଲା କି ? ଯଦି ଘଟିଥିଲା ତାକୁ ସଜଡାଗଲା କିପରି ? ଏ ପ୍ରସଙ୍ଗ ଆଲୋଚନା କରିବା ବେଳେ ଶ୍ରୀକୃଷ୍ଣ ଓ ଶ୍ରୀରାମ ଆମ ଅଲୋଚନା ପରିସରକୁ ଆସନ୍ତି । ସେମାନଙ୍କ ସମୟରେ ଧର୍ମର ଗ୍ଲାନି ଘଟିଥିଲା ଓ ସେମାନେ ଧର୍ମ ସଂସ୍ଥାପନ କରିଥିଲେ । ତେବେ ଏ ପ୍ରସଙ୍ଗ ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ପ୍ରଥମୋକ୍ତ ସାତ ଗୋଟି ପ୍ରଶ୍ନର ଉତ୍ତର ସନ୍ଧାନ କରାଯିବା ସମୀଚୀନ ହେବ ।

ପ୍ରଥମ ପ୍ରଶ୍ନ : ଧର୍ମ କ'ଣ ? ଧାରୟତି ଇତି ଧର୍ମଃ ଅର୍ଥାତ୍ ଯାହା ସକଳ ଜୀବଙ୍କୁ ଧାରଣ କରିଛି ତାହା ଧର୍ମ । ଏହାକୁ ଆଉ ଟିକିଏ ସରଳ କଲେ ସୃଷ୍ଟିର ଯେଉଁ ନିୟମ ଦ୍ୱାରା ଜଗତ ପରିଚାଳିତ ତାହାହିଁ ଧର୍ମ କିମ୍ୱା ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି, ପଞ୍ଚ ମହାଭୂତଙ୍କର ସୃଷ୍ଟି ତଥା ପୃଥିବୀର ସମସ୍ତ ପ୍ରଜାତିଙ୍କର ସୃଷ୍ଟି ସମୟରେ ସେମାନେ ଯେଉଁ ନିୟମରେ ଚଳିବା ପାଇଁ ବିଧି କିମ୍ୱା ଈଶ୍ୱର ନିର୍ଦ୍ଦେଶ ଦେଇଥାନ୍ତି ତାହାହିଁ ଉକ୍ତ ସମସ୍ତଙ୍କର ଧର୍ମ । ଏହା ବିଧି ନିର୍ଦ୍ଦିଷ୍ଟ ଥିବାରୁ ଏହାକୁ ଆମ୍ଭେମାନେ 'ବିଧି' ବୋଲି ମଧ୍ୟ କହିଥାଉ । ସାଧାରଣତଃ ଧର୍ମ କହିଲେ ଯେଉଁ ରଲିଜିୟନ ବା ମଜହବ୍‌କୁ ବୁଝାଏ ଏହା ସେହି ଧର୍ମ ନୁହେଁ, ଯେପରି ହିନ୍ଦୁଧର୍ମ, ବୌଦ୍ଧଧର୍ମ, ଜୈନଧର୍ମ ଇତ୍ୟାଦି । ଏମାନଙ୍କର ନିଜ ନିଜର ସ୍ୱତନ୍ତ୍ର ବିଧି ବା ଧର୍ମ ବା ଆଚରଣ ପଦ୍ଧତି (code of conduct) ଏବଂ ଆଦର୍ଶ ଭିନ୍ନ ଭିନ୍ନ ଥିବାରୁ ଏମାନଙ୍କୁ ଏକ ଏକ ସ୍ୱତନ୍ତ୍ର ଧର୍ମର ଆଖ୍ୟା ଦିଆଯାଇଛି । ମାତ୍ର ସୂକ୍ଷ୍ମ ଭାବରେ ପର୍ଯ୍ୟାଲୋଚନା କଲେ ଏମାନଙ୍କ ମଧ୍ୟରେ ଭିନ୍ନତା ବହୁତ ଅଳ୍ପ ଓ ସାମଞ୍ଜସ୍ୟ ବହୁତ ଅଧିକ

Digitized by PPRACHIN, SOA

କାରଣ ଏମାନେ ଗୋଟିଏ ଦେଶ ଭାରତବର୍ଷରୁ ଉଦ୍ଭୁତ । ଅଧିକ ଭିନ୍ନତା ପରିଲକ୍ଷିତ ହୁଏ ଖ୍ରୀଷ୍ଟଧର୍ମ ବା ଇସଲାମ୍ ଧର୍ମ ମଧ୍ୟରେ - ସେଗୁଡ଼ିକ ଭାରତ ବାହାରର ଅନ୍ୟ ଅଞ୍ଚଳର ଧର୍ମ । ଏଗୁଡ଼ିକୁ ସେମିଟିକ୍ ରିଲିଜିୟନ୍ (semitic religion) ବୋଲି କୁହାଯାଏ । ପ୍ରଥମୋକ୍ତ ତିନିଗୋଟି ଧର୍ମ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିବାବେଳେ ସେମିଟିକ ଧର୍ମ ଗୁଡିକ ବିଦ୍ୱେଷ ଭାବାପନ୍ନ । ମାତ୍ର ସାମ୍ପ୍ରତିକ ପ୍ରସଙ୍ଗ ଏ ସବୁ ଧର୍ମର ଆଲୋଚନା ପରିସର ମଧ୍ୟରେ ନୁହେଁ । ଏଠାରେ ଧର୍ମର ସଂଜ୍ଞା ହେଉଛି ନିୟମ ବା ଆଚରଣ ବିଧି, ଯେପରି ସୂର୍ଯ୍ୟର ଧର୍ମ ଆଲୋକ ଏବଂ ଉତ୍ତାପ (ଶକ୍ତି) ଦାନ, ପୃଥିବୀର ଧର୍ମ ଖାଦ୍ୟ ଓ ବାସ ଇତ୍ୟାଦି ଯୋଗାଇବା, ବନସ୍ପତି ଓ ଔଷଧ ମାନଙ୍କ ଦ୍ୱାରା ଜୀବଜଗତକୁ ରକ୍ଷା କରିବା ପ୍ରଭୃତି । ଯାହା ଐହିକ ଓ ପାରତ୍ରିକ ଉନ୍ନତିରେ ସହାୟକ ହୋଇଥାଏ, ସେହି ନିୟମ ବ୍ୟବସ୍ଥା ଏବଂ ତାହାର ମୂଳରେ ନିହିତ ଭାବହିଁ ଧର୍ମ ଯାହାଦ୍ୱାରା ଅଭ୍ୟୁଦୟ ଓ ନିଃଶ୍ରେୟସ ପ୍ରାପ୍ତି ହୋଇଥାଏ ଏବଂ ସମାଜ ସୁବ୍ୟବସ୍ଥିତ, ସୁଖୀ ଓ ଏକସୂତ୍ରରେ ଗ୍ରଥିତ ହୋଇଥାଏ । ତେଣୁ ପ୍ରତ୍ୟେକ ମହାଭୂତ ଓ ପ୍ରତ୍ୟେକ ପ୍ରାଣୀ ନିମିତ୍ତ ସ୍ୱ ସ୍ୱ ଧର୍ମ ରହିଅଛି, ଯାହାକୁ ଆମେ 'ସ୍ୱଧର୍ମ' ବୋଲି କହୁ । 'ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମୋ ଭୟାବହଃ । ନିଜର ନିୟମ ଲଂଘନ କରି ଅନ୍ୟର ଅନୁକରଣ କରିବାର ପ୍ରଚେଷ୍ଟା ଅନିଷ୍ଟକର ଅଟେ । ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ - ଯେପରି ବ୍ୟାଘ୍ରଚର୍ମ ପରିହିତ ଗର୍ଦ୍ଦଭ କମ୍ୱା ନୀଳବର୍ଣ୍ଣ ଶୃଗାଳ ଇତ୍ୟାଦି ।

ଦ୍ୱିତୀୟ ଓ ତୃତୀୟ ପ୍ରଶ୍ନ : ଧର୍ମର ଗ୍ଲାନି ଘଟେ କିପରି ଓ ଅଧର୍ମର ଅଭ୍ୟୁତ୍ଥାନ କିପରି ହୁଏ ? ପରିବେଶ ପ୍ରଦୂଷଣ ଦ୍ୱାରା ଧର୍ମର ଗ୍ଲାନି ଘଟେ । ଆମେରିକାର ଗବେଷଣା ସଂସ୍ଥା ୱାଲ୍ଡର୍ୱାଚ୍ ଇନିଷ୍ଟିଚ୍ୟୁଟ (world watch)ର ଏକ ରିପୋର୍ଟ ଅନୁଯାୟୀ ମନୁଷ୍ୟର କାର୍ଯ୍ୟ ଯୋଗୁଁ ପରିବେଶର ପ୍ରଦୂଷଣ ଘଟୁଅଛି । ଉଦାହରଣ ସ୍ୱରୂପ ଉକ୍ତ ରିପୋର୍ଟରେ କୁହାଯାଇଛି ଯେ ୧୮୭୦ ଖ୍ରୀଷ୍ଟାବ୍ଦରେ ଚେଷାପିକ୍ ସାଗରରେ ଯେତେ ଶାମୁକା ଥିଲେ ସେମାନେ ପ୍ରତି ତିନି ଦିନରେ ଥରେ ସମୁଦ୍ରଜଳକୁ ବିଶୋଧନ କରି ଦେଉଥିଲେ । ମାତ୍ର ସେଦିନ ଠାରୁ ଏ ପର୍ଯ୍ୟନ୍ତ ମୁକ୍ତା ଉତ୍ତୋଳନ ଏବଂ ଶାମୁକା ରପ୍ତାନୀ ଦ୍ୱାରା ଶତକଡା ଅନେଶ୍ୱତ ଭାଗ ଶାମୁକା ନଷ୍ଟ ହୋଇଗଲେଣି । ତେଣୁ ସେମାନେ ବର୍ଷକୁ ଥରେ ମାତ୍ର ସାଗର ଜଳ ବିଶୋଧନ କରିପାରୁଛନ୍ତି । ତଦ୍ୱାରା ଅମ୍ଳଜାନର ପରିମାଣ ବହୁତ କମିଯାଇଅଛି । ସେହିପରି ଆମ ଭାରତବର୍ଷରେ ବେଙ୍ଗମାନଙ୍କୁ ମାରି ବାହାର ଦେଶକୁ ରପ୍ତାନି କରିଦେବାରୁ ସେମାନେ ଯେଉଁ କୀଟମାନଙ୍କୁ ଖାଇ ପରିବେଶକୁ ସମତୁଲ ରଖୁଥିଲେ, ସେମାନଙ୍କ ସଂଖ୍ୟା ବଢି ପଶ୍ଚିମବଙ୍ଗ ଓ ଆସାମରେ ମ୍ୟାଲେରିଆ ପ୍ରକୋପ

Digitized by PPRACHIN, SOA

ବହୁପାରିମାଣରେ ବୃଦ୍ଧିପାଇଲା ଓ ମହାରାଷ୍ଟ୍ରରେ ଶସ୍ୟହାନୀ ଘଟିଲା । ପରମାଣୁ ପରୀକ୍ଷଣ ଦ୍ୱାରା ଅନେକ ପ୍ରଜାତିଙ୍କର ବିନାଶ ଘଟୁଅଛି । ତେଣୁ କ୍ଷିତି ଧର୍ମର ଗ୍ଲାନି ଘଟିଅଛି ।

କଳକାରଖାନାମାନଙ୍କରୁ ନିର୍ଗତ ଆବର୍ଜନା ନଦୀମାନଙ୍କୁ ନିଷ୍କାସନ କରାଯିବାରୁ ଜଳଚର ଜୀବ ଯଥା ମତ୍ସ୍ୟ କଇଁଛ ଇତ୍ୟାଦି ବିନଷ୍ଟ ହେଉଛନ୍ତି ଓ ଜନସାଧାରଣ ସେ ପାଣିକୁ ବ୍ୟବହାର କରିପାରୁନାହାନ୍ତି । ମହାନଦୀ, ବ୍ରାହ୍ମଣୀ ଏପରିକି ପବିତ୍ର ଗଙ୍ଗା ମଧ ପ୍ରଦୂଷିତ ହୋଇଅଛି । ତେଣୁ ଅପ୍‌ଧର୍ମର ଗ୍ଲାନି ଘଟିଛି ।

କ୍ଲୋରୋଫ୍ଲୋରୋ କାର୍ବନ ବ୍ୟବହାର ଦ୍ୱାରା ଓଜୋନ୍ ସ୍ତରରେ ଛିଦ୍ର ସୃଷ୍ଟିହୋଇ ପୃଥିବୀର ଉତ୍ତାପ ବଢିଚାଲିଛି । ତେଣୁ ତେଜ ଧର୍ମର ଗ୍ଲାନି ଘଟିଛି ।

ବିଭିନ୍ନ ପ୍ରକାର କଳକାରଖାନା ମାନଙ୍କରୁ ଓ ଯନ୍ତ୍ରଚାଳିତ ମହାଯାନ ମାନଙ୍କରୁ ନିର୍ଗତ ଧୂଆଁ ହେତୁ କାର୍ବନ୍ ମନୋକ୍ସାଇଡ ଓ କାର୍ବନ ଡାଇଅକ୍‌ସାଇଡ ଦ୍ୱାରା ମରୁତ (ବାୟୁ) ପ୍ରଦୂଷଣ ଘଟିଛି । ଏ ସବୁର ସମାହାରରେ ବ୍ୟୋମ ପ୍ରଦୂଷଣ ମଧ ଘଟିଛି । ଏ ହେଉଛି 'ଧର୍ମସ୍ୟ ଗ୍ଲାନି' । ଏ ସମସ୍ତ ମନୁଷ୍ୟକୃତ । ପଞ୍ଚମହାଭୂତଙ୍କର ଧର୍ମର ଗ୍ଲାନି ଘଟିବାରୁ ଅନାବୃଷ୍ଟି, ଅମ୍ଳବୃଷ୍ଟି, ଦୁର୍ଭିକ୍ଷ, ଭୂକମ୍ପ ଓ ଅଗ୍ନିଉଦ୍ଗାର ଇତ୍ୟାଦି ଘଟି ବହୁଧନଜୀବନ ନଷ୍ଟ ହେଉଅଛି ।

ଧର୍ମର ଗ୍ଲାନି ଘଟିବା ଦ୍ୱାରା ଅଧର୍ମର ଅଭ୍ୟୁତ୍‌ଥାନ ମଧ୍ୟ ହେଉଛି । ଏ ଦୁହେଁ ଏକ ମୁଦ୍ରାର ଦୁଇପାର୍ଶ୍ୱ ସହିତ ସମାନ । ପଞ୍ଚମହାଭୂତଙ୍କର ଧର୍ମର ଗ୍ଲାନିର ପ୍ରଭାବ ଜୀବଜଗତ ଉପରେ ପଡୁଅଛି । ତେଣୁ ଅନେକ ପ୍ରଜାତି ଉପଯୁକ୍ତ ବାତାବରଣ ନପାଇ ଜୀବନ ସଂଗ୍ରାମରେ ହାରିଯାଉଛନ୍ତି ଏବଂ ପୃଥିବୀ ପୃଷ୍ଠରୁ ବିଲୁପ୍ତ ହୋଇ ଯାଉଛନ୍ତି । ଏହା କେବଳ ଆମର ଶରୀର ଉପରେ କୁ ପ୍ରତିକ୍ରିୟା ସୃଷ୍ଟି କରୁନାହିଁ, ଏହା ଆମର ଦୈହିକ, ମାନସିକ, ସାମାଜିକ, ନୈତିକ, ତଥା ଆଧ୍ୟାତ୍ମିକ ସମସ୍ତ କ୍ଷେତ୍ରରେ ଅବକ୍ଷୟ ଘଟାଇବାରେ ଲାଗିଛି । ଫଳତଃ ହତ୍ୟା, ଧର୍ଷଣ, ଲୁଣ୍ଠନ ଇତ୍ୟାଦି ବଢି ଚାଲିଛି ସିନା, କମିବାର ନାହିଁ । ଆମେ ଯେଉଁ ଜଙ୍ଗଲ ରାସ୍ତାରେ ହିଂସ୍ରଜନ୍ତୁଙ୍କ ଭୟରେ ସଂଧ୍ୟା ହେଲେ ଯିବାକୁ ଭୟ କରୁଥିଲୁ ସେ ରାସ୍ତାରେ ଏବେ ରାତିଅଧରେ ଗଲେ ମଧ ଭୟ ନାହିଁ । ମାତ୍ର ସକାଳରୁ ସଂଧ୍ୟା ଓ ସଂଧ୍ୟାରୁ ସକାଳ ଯେତେବେଳେ ଯାଅ କଟକ, ଭୁବନେଶ୍ୱର, କଲିକତା, ବମ୍ବେ, ଦିଲ୍ଲୀ ଇତ୍ୟାଦି ପ୍ରକାଣ୍ଡ ନଗରୀ ମାନଙ୍କରେ ହତ୍ୟା, ଲୁଣ୍ଠନ ଧର୍ଷଣ ଇତ୍ୟାଦିର ଭୟ ଚବିଶ ଘଣ୍ଟା ଲାଗିରହିଛି । ପ୍ରଦୂଷଣ ପ୍ରଭାବରୁ ହିଂସ୍ରଜନ୍ତୁ ଲୋପ ପାଇଗଲେ, ମାତ୍ର ସେ ହିଂସ୍ରତା ଆମେ ତାଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଛୁଁ ଏବଂ ସମସ୍ତ ପ୍ରକାରର ଆସୁରିକ ପ୍ରବୃତ୍ତିକୁ ଆପଣେଇଛୁଁ । ବିଭିନ୍ନ କ୍ଷେତ୍ରରେ ଅଧର୍ମର

Digitized by PPRACHIN, SOA

ଅଭ୍ୟୁତଥାନ ହୋଇଛି । ସକାଳୁ ଖବରକାଗଜର ପୃଷ୍ଠା ଆଡେଇଲା ମାତ୍ରେ ଦୁର୍ନୀତିର ସମ୍ବାଦ ପଢି ପଢି ବିରକ୍ତ ଲାଗିଲାଣି । ବ୍ୟାଙ୍କ ସ୍କାମ, ସୁଗାର ସ୍କାମ, ଯୁରିଆ, ଫଡର ଆଦି ଯେତେ ସ୍କାମ ସବୁ ଅର୍ଧମର ଅଭ୍ୟୁତ୍ଥାନର ଫଳ । ପୃଥିବୀରେ ସର୍ବନାସୀ ସନ୍ତ୍ରାସବାଦ ଏତେ ପ୍ରବଳ ହେଲାଣି ଯେ, ପ୍ରତ୍ୟେକ ରାଷ୍ଟ୍ର ଏଇଥିପାଇଁ ଚିନ୍ତିତ । ଏ ହେଉଛି ଦ୍ୱିତୀୟ ଓ ତୃତୀୟ ପ୍ରଶ୍ନର ଉତ୍ତର ।

ଚତୁର୍ଥ ପ୍ରଶ୍ନ : ତଦାତ୍ମାନଂ ସୃଜାମ୍ୟହଂ - ଏପରି ପରିବେଶର ପ୍ରଦୂଷଣ କିମ୍ବା ଧର୍ମର ଗ୍ଲାନି ଘଟିଲେ ପୁଣି ପରିବେଶକୁ ମୁକ୍ତକରି ଧର୍ମ ସଂସ୍ଥାପନ କରିବା ପାଇଁ ମହାମନିଷୀ ମାନେ ଜାତ ହୋଇଥାନ୍ତି । ଏପରି ବ୍ୟକ୍ତିମାନଙ୍କୁ ଈଶ୍ୱର ବା ଭଗବାନ ସୃଜନ ବା ସୃଷ୍ଟି କରିଥାନ୍ତି । 'ଚକ୍ରବତ୍ ପରିବର୍ତ୍ତନ୍ତେ ଦୁଃଖାନିଚ ସୁଖାନିଚ' । ତେଣୁ ପ୍ରଦୂଷଣ ଦୁଃଖ ମଧ୍ୟ କାଳଚକ୍ରର ଆବର୍ତ୍ତନରେ ଆସେ ଓ ପୁଣି ସୁଖ ଶାନ୍ତି ଫେରାଇ ଅଣାଯାଏ । ଯେଉଁମାନେ ଏହା କରନ୍ତି ସେମାନେ ମହାପୁରୁଷ ବା ଯୁଗପୁରୁଷ । ପୁରାଣ ଓ ଇତିହାସ ପୃଷ୍ଠାକୁ ଓଲଟାଇଲେ ଆମେ ଏପରି ଗ୍ଲାନି ବିଶେଷକରି ଦୁଇଟି ସ୍ଥାନରେ ପାଉଁ - ଗୋଟିଏ ତ୍ରେତୟା ଯୁଗର ଶେଷରେ ଓ ଅନ୍ୟଟି ଦ୍ୱାପର ଯୁଗର ଅନ୍ତ ସମୟରେ । ତ୍ରେତୟାରେ ରାବଣ ଓ ଦ୍ୱାପରରେ କଂସ ପ୍ରଦୂଷଣକାରୀ ସାଧନା ମାନଙ୍କର ଉଦ୍ଭାବକ ଥିଲେ ଏବଂ ଏହି ପାରମାଣବିକ ଉଦ୍ଭାବନ ହେତୁ ପ୍ରକୃତି ତଥା ଜୀବଜଗତର ପ୍ରଭୂତ କ୍ଷତି ହେବାରୁ ଏମାନଙ୍କ ଅତ୍ୟାଚାରରେ ପୃଥିବୀ ପ୍ରକମ୍ପିତ ହେଉଥିଲା ବୋଲି କୁହାଯାଏ । ଏହିପରି ହଳାହଳମୟ ସୂତ୍ର (ନ୍ୟୁକ୍ଲିଅର ଫର୍ମୁଲା) ଜାଣି ତାହାକୁ ପ୍ରୟୋଗ କରି ପାରୁଥିବା ବ୍ୟକ୍ତିମାନେ ହେଲେ ଅସୁର । ଏହି ମୁଷ୍ଟିମେୟ ବ୍ୟକ୍ତିଙ୍କୁ ନିଃଶେଷ କରିଦେବାରୁ ଶ୍ରୀରାମ ଓ ଶ୍ରୀକୃଷ୍ଣ ହେଲେ ଯୁଗପୁରୁଷ । ପରିବେଶର ସନ୍ତୁଳନରେ ଶ୍ରୀକୃଷ୍ଣଙ୍କର ଭୂମିକା ଏ ପ୍ରବନ୍ଧର ଆଲୋଚ୍ୟ ବସ୍ତୁ । ତେଣୁ ଶ୍ରୀକୃଷ୍ଣଙ୍କ ସମୟର ସାମାଜିକ ତଥା ରାଜନୈତିକ ଅବସ୍ଥା ଓ ତାର ପୁନଃସଂସ୍କାର ସମ୍ବନ୍ଧରେ ଦୃକ୍‌ପାତ କରାଯାଉ ।

ଶ୍ରୀକୃଷ୍ଣଙ୍କ ସମୟର ଅବସ୍ଥାର ପଟ୍ଟଭୂମି - ଇଂରାଜୀରେ ଗୋଟିଏ ପ୍ରବାଦ ଅଛି "look down and you go up, look up, and you go down' ଅର୍ଥାତ ତଳକୁ ଦୃଷ୍ଟିଦେଲେ ତୁମ୍ଭେ ଉପରକୁ ଉଠିବ ଏବଂ ଉପରକୁ ଦୃଷ୍ଟି ରଖିଲେ ତୁମ୍ଭେ ନିମ୍ନଗାମୀ ହେବ । ଭାରତର ବିଶିଷ୍ଟ ଦ୍ରଷ୍ଟାବୃନ୍ଦଙ୍କର ଉକ୍ତ ପ୍ରବାଦଟି ଥିଲା ମୂଳମନ୍ତ୍ର । ତେଣୁ ସେମାନେ କହୁଥିଲେ, 'ବନେ ଭକ୍ଷିବ କନ୍ଦମୂଳ, ପିନ୍ଧିବ ବୃକ୍ଷର ବଲ୍କଳ' । ମନୁଷ୍ୟର ଜୀବନଧାରଣ ପାଇଁ ମୌଳିକ ଆବଶ୍ୟକତା ଯେତିକି ସେତିକିରେ କାର୍ଯ୍ୟ ନିର୍ବାହକରି (plain living

Digitized by PPRACHIN, SOA

and high thinking) 'ସାଧାରଣ ଜୀବନ ନିର୍ବାହ ଓ ଉଚ୍ଚ ଚିନ୍ତା' ଥିଲା ସେମାନଙ୍କର ଜୀବନ ଦର୍ଶନ । ମାତ୍ର ପ୍ରଥମ ପ୍ରବାଦର ଦ୍ୱିତୀୟ ପଂକ୍ତିର ଭକ୍ତ ଯେଉଁମାନେ ହୋଇଛନ୍ତି ସେମାନଙ୍କର ସଂପୂର୍ଣ୍ଣ ବିନାଶ ଘଟିଛି । ଯେପରି ରାବଣ ଓ କଂସ । ସେମାନେ ଉପରକୁ ଦୃଷ୍ଟି ରଖି ଦୁନିଆଁର ନିୟନ୍ତା ହେବାକୁ ବସିଛନ୍ତି ।

'ଇଛନ୍ତି ଦାମ୍ଭିକେ ସିନା ରଖିବାକୁ ସଂସାରର ଭାଗ୍ୟଡୋରି,
ନିଜ ଭାଗ୍ୟ ଡୋରି କାଳହସ୍ତେ ଏହା ପକାନ୍ତି ହେଲେ ପାଶୋରି ।'

ସାରା ସଂସାରକୁ କବଳିତ କରିବାକୁ କଂସ ଆଶାୟୀ ହୋଇଛି ଏବଂ ସେଥିପାଇଁ ସେ ପାରମାଣବିକ ଆବିଷ୍କାର ଦ୍ୱାରା ନାନା ପ୍ରକାର ମାରାତ୍ମକ ଅସ୍ତ୍ର ଶସ୍ତ୍ରର ନିର୍ମାଣ କରିଛି, ସମସ୍ତ ରାଜା ମହାରାଜା ତଥା ପ୍ରଜାକୁଳଙ୍କୁ ନିଜର କରାୟତ କରିଛି । ମାତ୍ର ତାଦ୍ୱାରା ଯେ ପ୍ରଦୂଷଣ ହୋଇଛି, ତାକୁ ପ୍ରକୃତି ସହି ପାରିନାହିଁ । ବହୁ ପ୍ରଜାତି ପୃଥିବୀପୃଷ୍ଠରୁ ବିଲୁପ୍ତ ହୋଇଯାଇଛନ୍ତି, ଆଉ ଯେଉଁମାନେ ବଞ୍ଚିଛନ୍ତି ସେମାନଙ୍କର ନାନା ଭାବେ ଅବକ୍ଷୟ ଘଟିଛି । ସମସ୍ତ ଗ୍ଲାନି ଶୀର୍ଷସୀମାରେ ଆଗତ ହୋଇଛି ଯେତେବେଳେ ମନୁଷ୍ୟକୁ ଅମର ହେବାର ସୂତ୍ର ମିଳିଯାଇଛି । କଂସ ଘୋଷଣା କରିଛି ଯେ, ସେ ଅମର । ଠିକ୍ ସେତିକିବେଳେ ଶ୍ରୀକୃଷ୍ଣ ଭୂମିଷ୍ଠ ହୋଇଛନ୍ତି । ଶ୍ରୀକୃଷ୍ଣ ପୃଥିବୀରେ ଜାତ ସମସ୍ତ ବ୍ୟକ୍ତିଙ୍କ ମଧ୍ୟରେ ଶ୍ରେଷ୍ଠ ସଂସ୍କାରକ ଓ ପରିବେଶବିତ୍ । (It was a period of great renaissance) ତାଙ୍କର ସଂସ୍କାର ମାନଙ୍କ ମଧ୍ୟରୁ କେତେଗୋଟି ନିମ୍ନରେ ପ୍ରଦାନ କରାଗଲା ।

(୧) ସେ ପର୍ଯ୍ୟନ୍ତ ଲୋକମାନେ 'ବନେଭକ୍ଷିବ କନ୍ଦମୂଳ ପିନ୍ଧିବ ବୃକ୍ଷର ବଳ୍କଳ, ପାଷଣେ କୁଟି କିମ୍ବା ଦନ୍ତେ, ଭକ୍ଷଣ କରିବ ବନସ୍ତେ' ରୀତିରେ ଚଳୁଥିଲେ । ଜଙ୍ଗଲଜାତ ଦ୍ରବ୍ୟରୁ ଜନତାକୁ ଯଥେଷ୍ଟ ଖାଦ୍ୟ ମିଳୁଥିଲା । କୃଷି ଜନସାଧାରଣଙ୍କର ଏକ ସୌଖୀନ୍ ବ୍ୟାପାର ଥିଲା । ଜଙ୍ଗଲରୁ କାଟି ଖଣ୍ଡେ ଖଣ୍ଡେ ଚାଷୋପଯୋଗୀ ଜମି ତିଆରି କରି କୃଷିଜାତ ଦ୍ରବ୍ୟ ଉତ୍ପାଦନ କରୁଥିଲେ । ଶ୍ରୀକୃଷ୍ଣ ଦେଖିଲେ ଯେ କୃଷିକର୍ମକୁ ବ୍ୟାପକ କରାଯିବା ଉଚିତ୍ । କାରଣ ଜଙ୍ଗଲ କମି କମି ଯାଉଛି ଏବଂ ଜନସଂଖ୍ୟା କ୍ରମ ବର୍ଦ୍ଧମାନ । କୃଷି ନିମିତ୍ତ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀର ପ୍ରବର୍ତ୍ତନ ଅବଶ୍ୟ ଦରକାର । କୃଷିପାଇଁ ଗୋପାଳନ ଅତୀବ ଜରୁରୀ । ତେଣୁ ଗୋପାଳନକୁ ପ୍ରଥମ ଓ ପ୍ରଧାନ କାର୍ଯ୍ୟ ରୂପେ ସେ ନିଜେ ଓ ତାଙ୍କର ସମସ୍ତ ସାଥୀଙ୍କୁ ଧରି ହାତକୁ ନେଲେ । ଗୋରୁଜାତିର ଉନ୍ନତି ହେଲେ କୃଷିର ଉନ୍ନତି ହେବ କାରଣ ପ୍ରଥମତଃ ଚାଷ ପାଇଁ ବଳଦ ଅତ୍ୟାବଶ୍ୟକ ଏବଂ ତଦ୍ରୂପ ଗାଈର ଗୋବର ଜମି ପାଇଁ ଉତ୍କୃଷ୍ଟ ସାର ଅଟେ । ଗୋଜାତିର ସ୍ୱାସ୍ଥ୍ୟରକ୍ଷା ପାଇଁ ନିଜେ ସେମାନଙ୍କର ରୋଗର ନିରାକରଣ ବିଷୟରେ ବିଶେଷ ଜ୍ଞାନ ଅର୍ଜନ କରି ହେଲେ

Digitized by PPRACHIN, SOA

'ଗୋବିନ୍ଦ' । ସେ ପର୍ଯ୍ୟନ୍ତ ଲୋକମାନେ ହାତରେ କୋଡି, କୋଦାଳ ଦ୍ୱାରା ମାଟିହାଣି ପୋଡୁଚାଷ ପରି ଫସଲ ଫଳାଉଥିଲେ । ବଳଦ ସାହାଯ୍ୟରେ ତାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ସେ ବଡଭାଇ ବଳରାମଙ୍କୁ କେତେ ଗୁଡିଏ ଉପକରଣ ସୃଷ୍ଟିକରିବାକୁ ପ୍ରବର୍ତ୍ତାଇଲେ । ବଳରାମ ଲଙ୍ଗଳ, ଈଷ କଣ୍ଟି, ଲୁହା, ଯୁଆଳି, ମଇ ଇତ୍ୟାଦିର ଉଦ୍ଭାବକ । ଏକଥା ଜନସାଧାରଣଙ୍କ ମନରେ ଜାଗ୍ରତ କଲେ ଶ୍ରୀକୃଷ୍ଣ ।

(୨) ଗୋବରର ଚାରିଗୋଟି ବିଶିଷ୍ଟ ଗୁଣ ସମ୍ବନ୍ଧରେ ସେ ଜନତାକୁ ଅବଗତ କରାଇଲେ ।

କ. କୃଷିନିମିତ୍ତ ଗୋବର ଏକମାତ୍ର ଉନ୍ନତ ସାର । ପଚାପତ୍ର, କମ୍ପୋଷ୍ଟ ରାସାୟନିକ ସାର ତାର ସମକକ୍ଷ ନୁହଁନ୍ତି ।

ଖ. ଗୋବର ଏକ କୀଟନାଶକାରୀ ଔଷଧ । ସୂର୍ଯ୍ୟୋଦୟ ପୂର୍ବରୁ ଗୋବରରେ ଅଗଣା ଲିପିଦେଲେ ସମସ୍ତ କୀଟାଣୁ ନଷ୍ଟ ହୋଇଯାନ୍ତି । ସୂର୍ଯ୍ୟୋଦୟ ପରେ ସେଥିରେ ଏକ ପ୍ରକାର ବ୍ୟାକ୍ଟେରିଆ ଜନ୍ମ ହୁଅନ୍ତି । ତେଣୁ ତାର କୀଟନାଶକାରୀ ଗୁଣ ଚାଲିଯାଏ । ଶ୍ରୀକୃଷ୍ଣଙ୍କର ଏ ଆବିଷ୍କାର ହେତୁ ପ୍ରଦୂଷଣ ଅନେକାଂଶରେ ରୋକାଯାଇପାରିଲା ।

ଗ. ଗୋବର ଲିପାସ୍ଥାନ ସୂର୍ଯ୍ୟଙ୍କର ଅତିବାଇଗଣୀ ରଶ୍ମି ଯାହା ଜୀବଜଗତ ପାଇଁ ଘାତକ, ତହିଁର ମାତ୍ର ଶତକଡା ସାତଭାଗ ଗ୍ରହଣ କରୁଥିବା ବେଳେ, ସିମେଣ୍ଟ ଚଟାଣ ସ୍ଥାନ ତାର ଶତକଡା ଅଣଚାଶ ବା ପଚାଶ ଭାଗ ଗ୍ରହଣ କରେ । ତେଣୁ ଗୋବର ଲିପା ଘର ସିମେଣ୍ଟ ଘରଠାରୁ ବହୁଗୁଣରେ ସ୍ୱାସ୍ଥ୍ୟକର । ଏ ଗାଈ ଜଙ୍ଗଲରେ ଚରିବୁଲି ଘାସ ଓ ତାଳପତ୍ର ଖାଉଥିବା ଗାଈ, ଦାନାଖିଆ ଜର୍ସି ଗାଈ ନୁହେଁ ।

ଘ. ଗୋରୁର ମୂତ୍ର ଓ ଗୋବରରୁ ନାନା ପ୍ରକାର ଔଷଧ ତିଆରି କରାଯାଇପାରିବ ।

(୩) ସାହସିକତା : ଇନ୍ଦ୍ରଙ୍କୁ ବିରୋଧକରି ସାହସର ସହିତ ତାଙ୍କ ବଜ୍ରକୁ ପ୍ରତିହତ କରିବା ପାଇଁ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ଧାରଣ କଲେ । ସେ ପ୍ରମାଣ କରିଦେଲେ ଯେ, ଗୋବର ବିଦ୍ୟୁତ୍ ଅପରିବାହୀ (non cunductor of electricity) ଏବଂ ପଚାଶ ମେଗାୱାଟର ବଜ୍ର ବିଜୁଳି ମଧ୍ୟ ଗୋବର ଭେଦକରି ଆମର କ୍ଷତି କରିପାରିବ ନାହିଁ । ଗୋବର୍ଦ୍ଧନ ଗିରି ଗୋରୁମାନଙ୍କ ପାଇଁ ଘାସ ତାଳପତ୍ର ଏବଂ ମନୁଷ୍ୟମାନଙ୍କ ପାଇଁ ବିଭିନ୍ନ ଫଳ, ଜାଳେଣି କାଠ ତଥା ଛାୟା ଯୋଗାଇ ଯେ ଉପକାର କରେ ତାହା ଇନ୍ଦ୍ରଙ୍କର ଦାନଠାରୁ ବହୁଗୁଣ ଅଧିକ । ତେଣୁ ଗୋବର୍ଦ୍ଧନ ପୂଜାହିଁ ଶ୍ରେୟସ୍କର ବୋଲି ପ୍ରତିପାଦନ କରି ପରମ୍ପରା କ୍ରମେ ଇନ୍ଦ୍ରପୂଜା ଉଠାଇ ଗୋବର୍ଦ୍ଧନ ପୂଜା ଆରମ୍ଭ କରାଇଲେ ଯାହା ଏ ପର୍ଯ୍ୟନ୍ତ ଆମେ ପ୍ରତିବର୍ଷ ପାଳନ କରୁଅଛୁ ।

Digitized by PPRACHIN, SOA

(୪)କୌଶଳ (Tact) :- କୌଶଳ କ୍ରମେ କିପରି କାମ କରିବାକୁ ହୁଏ ତାହା ଶ୍ରୀକୃଷ୍ଣ ଜନସାଧାରଣଙ୍କୁ ଶିଖାଇଛନ୍ତି । କଂସର ମୃତ୍ୟୁପରେ ତାର ଶ୍ୱଶୁର ଜରାସନ୍ଧର ସମ୍ମୁଖୀନ ହୋଇପାରିବେ ନାହିଁ ବୋଲି ସମସ୍ତ ଯାଦବକୁଳଙ୍କୁ ନେଇ ସେ ଦ୍ୱାରିକା ଚାଲିଯାଇଛନ୍ତି । ପରେ କୌଶଳକ୍ରମେ ଭୀମ ଓ ଅର୍ଜୁନଙ୍କ ସହ ତାକୁ ନିଧନ କରି ଯାଇଅଛି । କାଳଯବନ ରାକ୍ଷସ ହାବୁଡରେ ପଡି ନିହତ ହୋଇଛି । ତାଙ୍କ ଶଯ୍ୟାର ମୁଣ୍ଡ ଓ ଗୋଡଠାରେ ଦୁଇଟି ଆସନ ପକାଇ ଦୁର୍ଯ୍ୟୋଧନ ଓ ଅର୍ଜୁନଙ୍କୁ ବସାଇଛନ୍ତି । ସେ ଜାଣନ୍ତି ଦୁର୍ଯ୍ୟୋଧନ ନିଶ୍ଚୟ ମୁଣ୍ଡପାଖରେ ବସିବ ଓ ସେ ଉଠିଲେ ଆଗ ଗୋଡପାଖରେ ବସିଥିବା ଅର୍ଜୁନ ସହ ସାକ୍ଷାତ ହେବ । ଏପରି ଅନେକ କୌଶଳ ଯେଉଁଥିରୁ ଆମର ବହୁତ ଶିଖିବାର ଅଛି । ଗୋରୁ, ଘୋଡାମାନଙ୍କୁ ମନାଇବାର କୌଶଳ, କାଳୀୟକୁ ପରାଜିତ କରିବାର କୌଶଳ - ଜୀବନର ପ୍ରତିକ୍ଷେତ୍ରରେ ତାଙ୍କର କୌଶଳର ନିଦର୍ଶନ ମିଳେ ।

(୫)ସେ ପର୍ଯ୍ୟନ୍ତ ଲୋକମାନଙ୍କର ଧାରଣା ଥିଲା ଯେ, ଗୃହସଂସାର ତ୍ୟାଗ କରି ବନଚାରୀ ହେଲେ ଯାଇ ଆଧ୍ୟାତ୍ମିକ ଚିନ୍ତା ବା ସାଧନା କରିବା ସମ୍ଭବ ହେବ । ମାତ୍ର ଶ୍ରୀକୃଷ୍ଣ ଲୋକମାନଙ୍କୁ ଶିଖାଇଲେ ଯେ ଗୃହ ମଧ୍ୟରେ ରହି ମଧ୍ୟ ଜଣେ ଗୃହସ୍ଥ ଆଧ୍ୟାତ୍ମ ଅଭ୍ୟାସ କରିପାରିବ । ଗୃହ ମଧ୍ୟରେ ରହି ମଧ୍ୟ ଧର୍ମ ସାଧନା କରିବାର ପଦ୍ଧତି ବତାଇଲେ ।

(୬) ବିଶ୍ୱ ଏକ ମଧୁମୟ ପରିବେଶ ଏବଂ ବିଶ୍ୱରେ ବଞ୍ଚିଥିବା ପର୍ଯ୍ୟନ୍ତ ଏହାର ପରିବେଶକୁ ମଧୁମୟ କରି ତୋଳିବା ପାଇଁ ସେ ବୃନ୍ଦାବନରେ ରାସଲୀଳା ରଚନା କରିଥିଲେ । ସେ କହୁଥିଲେ ଯେ, 'ବିଶ୍ୱଦେଖ ମଧୁମୟରେ ଜୀବନ' ଏବଂ 'ସଂସାରେ ଥିବ ଯେତେଦିନ ଆନନ୍ଦ କରୁଥିବ ମନ' । ଏହି ଦର୍ଶନକୁ ଆଧାରକରି ଆମେ ପାରମ୍ପରିକ ଭାବେ ଶରତ ରାସ ଓ ବସନ୍ତ ରାସ ଇତ୍ୟାଦି ପାଳନ କରୁଅଛୁ ।

(୭) ଶ୍ରୀକୃଷ୍ଣଙ୍କ ପରି ବିଖ୍ୟାତ କୁଟନୀତିଜ୍ଞ ଏପର୍ଯ୍ୟନ୍ତ ଜାତ ହୋଇନାହାନ୍ତି । ପଠାଣି ସାମନ୍ତ ଦୁଇଖଣ୍ଡି ବାଉଁଶ କାଠିରେ ସ୍ୱର୍ଗକୁ ମାପୁଥିଲେ । ମାତ୍ର ଶ୍ରୀକୃଷ୍ଣ ଶୂନ୍ୟହସ୍ତରେ କେତେ ଯୁଦ୍ଧ, ସନ୍ଧି, ଶାନ୍ତି, ଚୁକ୍ତି ଆଦି କରିଛନ୍ତି ତାର ତୁଳନା ନାହିଁ । ନିଜେ ରାଜା ନ ହୋଇ ମଧ୍ୟ ଜନତା ତାଙ୍କୁ ଅଧିପତି ଆଖ୍ୟା ଦେଇଛି । ନିଜେ ଯେଉଁ କାମରେ ହାତଦେଇଛନ୍ତି, ତାକୁ ନ ନିଭାଇ ଛାଡିନାହାନ୍ତି । ପାଣ୍ଡବମାନେ ଯେଉଁ ଯେଉଁ କ୍ଷେତ୍ରରେ ଭୟ ଓ ବିପଦର ଆଶଙ୍କା କରିଛନ୍ତି, ଶ୍ରୀକୃଷ୍ଣ ତାହା ଅନାୟାସରେ ଦୂର କରିଛନ୍ତି । ତାଙ୍କର ସମସ୍ତ ସୈନ୍ୟଙ୍କୁ କୌରବମାନଙ୍କୁ ଦେଇସାରି ପାଣ୍ଡବମାନଙ୍କ ସପକ୍ଷରେ ଯାଇ ଯୁଦ୍ଧ ନ କରି ମଧ୍ୟ ସେମାନଙ୍କୁ ଜିତାଇଛନ୍ତି ।

(୮) ଗୋପାଳ ବାଳକମାନଙ୍କୁ ଗୋରୁ ଚରାଇବା ଉଦ୍ଦେଶ୍ୟରେ ବନ ଉପବନକୁ ନେଇ ସେଠାରେ ସେମାନଙ୍କୁ ଯୁଦ୍ଧବିଦ୍ୟା ଶିଖାଉଥିଲେ । ତେଣୁ ଯାଦବମାନେ ଏକ

Digitized by PPRACHIN, SOA

ସମରକୁଶଳୀ ଜାତିରୁପେ ଗଣ୍ୟ ହେଲେ । ବଳରାମ ମଧ ଅନ୍ୟପିଲାମାନଙ୍କୁ ସମର କୌଶଳ ଶିକ୍ଷା ଦେଉଥିଲେ । ଉପର୍ଯ୍ୟୁକ୍ତ ଉଦାହରଣମାନଙ୍କରୁ ସ୍ପଷ୍ଟ ହୁଏ ଯେ ଶ୍ରୀକୃଷ୍ଣ ଜଣେ ବିରାଟ ସଂସ୍କାରକ ଏବଂ ତାଙ୍କ ସମୟରେ ବହୁ ସଂସ୍କାର ସେ ସମାଜରେ ଆଣିଥିଲେ ।

ପରିବେଶର ପ୍ରଦୂଷଣ ମୁକ୍ତି - ଶ୍ରୀକୃଷ୍ଣଙ୍କ ଜନ୍ମସମୟକୁ ଧର୍ମର ପ୍ରଭୂତ ଗ୍ଲାନି ଘଟିଥିଲା । ଅର୍ଥାତ୍ ପରିବେଶର ପ୍ରଦୂଷଣ ଘଟିଥିଲା । ପାଠକମାନେ ଜାଣନ୍ତି ଯେ ବେଦ ଏକ ସଂପୂର୍ଣ୍ଣଗ୍ରନ୍ଥ ଅର୍ଥାତ୍ ଏଥିରେ ଆୟୁର୍ବେଦ, ଇଞ୍ଜିନିୟରିଂ, କାରିଗରୀ କୌଶଳ, ଗଣିତ, ସଙ୍ଗୀତ, ଦର୍ଶନ ଅର୍ଥନୀତି, ରାଜନୀତି, ପାରମାଣବିକ ତତ୍ତ୍ୱ ଇତ୍ୟାଦି କିମ୍ବା ସଂକ୍ଷେପରେ କହିଲେ ମନୁଷ୍ୟର ଜ୍ଞାନର ସମସ୍ତ ଶାଖା ସମ୍ବନ୍ଧରେ ସମ୍ୟକ୍ ତଥ୍ୟ ଉପଲବ୍ଧ । ଏବେ ବେଦମଧ୍ୟସ୍ଥ ଷୋହଳଟି ସୂତ୍ର ଓ ତେରଗୋଟି ଉପସୂତ୍ରରୁ ବୈଦିକ ଗଣିତର ବ୍ୟାଖ୍ୟା ପୁରୀର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଭାରତୀକୃଷ୍ଣ ଏବଂ ତାଙ୍କପରେ ଅନ୍ୟ ଦୁଇଜଣ କରିଅଛନ୍ତି । ସେ ସମୟରେ ବେଦର ପାରମାଣବିକ ସୂତ୍ରମାନଙ୍କ ବିଷୟରେ ବିଶେଷ ଆଗ୍ରହୀ ହୋଇ କେତେକ ବିଶେଷଜ୍ଞ ତାକୁ ବିଶ୍ଳେଷଣ କରି ତଦନୁଯାୟୀ କଳ କାରଖାନା ବସାଇଛନ୍ତି ଓ ମହାଯାନ ମାନଙ୍କର ଉଦ୍ଭାବନ କରିବାଦ୍ୱାରା ସମସ୍ତ ପୃଥିବୀ ପ୍ରକମ୍ପିତ ହୋଇଛି । ଧର୍ମର ଗ୍ଲାନି ଘଟିଥିଲା ଏବଂ ତାର ଶୀର୍ଷ ସୀମାରେ ପହଞ୍ଚିଥିଲା ଯେତେବେଳେ ସେ ଘୋଷଣା କରିଥିଲା - ଯେ ସେ ଅମର । ସେତିକିବେଳେ ରାମଚନ୍ଦ୍ରଙ୍କର ଜନ୍ମ ଏବଂ ସେ ପାରମାଣବିକ ପ୍ରୟୋଗ କୌଶଳ ଜାଣିବ୍ୟବହାର କରୁଥିବା ସମସ୍ତ ଅସୁରଙ୍କୁ ବିନଷ୍ଟ କରି ପୃଥିବୀକୁ ପ୍ରଦୂଷଣ ମୁକ୍ତ କରିଥିଲେ କିମ୍ବା ଗୀତାର ଭାଷାରେ ଧର୍ମ ସଂସ୍ଥାପନ କରିଥିଲେ । ସେହିପରି କଂସ ମଧ୍ୟ ପରମାଣୁ ବିଶେଷଜ୍ଞ ଭାବେ ପଞ୍ଚମମହାଭୂତଙ୍କର ଗ୍ଲାନି ଘଟାଇ ଓ ଅଧର୍ମର ଅଭ୍ୟୁତ୍‌ଥାନ କରି ପୃଥିବୀକୁ ପ୍ରକମ୍ପିତ କରୁଥିଲା । ପରିଶେଷରେ ମନୁଷ୍ୟ ମରିବନାହିଁ ଏ ସୂତ୍ର ମଧ୍ୟ ଉଦ୍ଭାବନ କରିଥିଲା ରାବଣ ପରି । ଏ ଯେଉଁ ଧର୍ମର ଗ୍ଲାନି (ପରିବେଶ ପ୍ରଦୂଷଣ) ଏବଂ ଅଧର୍ମର ଅଭ୍ୟୁତ୍‌ଥାନକୁ ପ୍ରଶମିତ କରିଥିଲେ ଶ୍ରୀକୃଷ୍ଣ । ସେଥିନିମିତ୍ତ ତାଙ୍କୁ ବହୁକଷ୍ଟ ସ୍ୱୀକାର କରିବାକୁ ପଡିଅଛି । କେତେବେଳେ ସେ ବୃହତ୍ତର ଶକ୍ତି କବଳରୁ ରକ୍ଷା ପାଇବା ପାଇଁ ପଳାୟନ କରିଛନ୍ତି ତ କେତେବେଳେ ସେମାନଙ୍କୁ ସାମନା କରିଛନ୍ତି । ଅଘା, ବକା, ତୃଣା, ଶକଟା ଆଦି ତାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ । ଜରାସନ୍ଧ ଓ କାଳଯବନଙ୍କ ଦାଉରୁ ରକ୍ଷାପାଇବା ପାଇଁ ପଳାୟନ କରି, 'ଯଃ ପଳାୟତି ସଃ ଜୀବତି', ବାଣୀର ସାର୍ଥକତା ପ୍ରତିପାଦନ କରିଛନ୍ତି । ସମୟ ସୁଯୋଗ ଉଣ୍ଡି କଳେ ବଳେ କୌଶଳେ ସେମାନଙ୍କର ନିଧନ କରିଅଛନ୍ତି । ଅନେକ କ୍ଷେତ୍ରରେ ସେ କୂଟନୀତି ପ୍ରୟୋଗ କରିଛନ୍ତି ଯେପରି ମହାଭାରତ ଯୁଦ୍ଧ ସମୟରେ । ତାଙ୍କର ସମସ୍ତ ପ୍ରଚେଷ୍ଟାର

Digitized by PPRACHIN, SOA

ମୂଳରେ ଗୋଟିଏ ଲକ୍ଷ୍ୟ ପୃଥିବୀକୁ ପ୍ରଦୂଷଣ ମୁକ୍ତକରିବା । ସେଥିପାଇଁ ସେ ନାନାକାର୍ଯ୍ୟ କରିଛନ୍ତି ଓ ନାନା କଷ୍ଟ ସହିଛନ୍ତି ।

ଶ୍ରୀକୃଷ୍ଣ ଗୋଟିଏ ଗୋଟିଏ କରି ମହାଭୂତଙ୍କୁ ପ୍ରଦୂଷଣମୁକ୍ତ କରିଛନ୍ତି । ସାଂକେତିକ ଭାବେ (as a token, symbolically) ଟିକିଏ ମାଟି ଖାଇ ପୃଥିବୀକୁ ପ୍ରଦୂଷଣ ମୁକ୍ତ କଲେ । ଶୈଶବ ଅବସ୍ଥା ହେତୁ ମା ଯଶୋଦା ଯେତେବେଳେ ତାଙ୍କୁ ଦଣ୍ଡ ଦେବାକୁ ବସିଛନ୍ତି ସେ ତାଙ୍କୁ ବିଶ୍ୱବ୍ରହ୍ମାଣ୍ଡ ଦେଖାଇ ଦେଇଛନ୍ତି । ଉଦ୍ଦେଶ୍ୟ - ଦେଖ ମା, ମୁଁ ଅନ୍ୟ ଶିଶୁଙ୍କ ପରି ମାଟି ଖାଇନାହିଁ । ଟିକିଏ ମାଟି ସାଂକେତିକ ରୂପେ ଖାଇ ମୁଁ କ୍ଷିତି (ପୃଥିବୀ) କୁ ପ୍ରଦୂଷଣରୁ ରକ୍ଷାକରିଅଛି । କାଳୀୟ ନାମକ କୌଣସି ନାଗ ନଥିଲା । ଆଜିକାଲି ଯେପରି ନନ୍ଦିରା, ଇବ୍, ବ୍ରାହ୍ମଣୀ ଏପରିକି ଗଙ୍ଗାଜଳ ମଧ୍ୟ ପ୍ରଦୁଷିତ ହୋଇଅଛି ସେପରି ସେ ସମୟରେ ଅନେକ ପରିମାଣରେ ବିଭିନ୍ନ ନଦୀ, ହ୍ରଦ ତଥା ତଡାଗର ଜଳ ପ୍ରଦୂଷିତ ହୋଇଥିଲା କଳକାରଖାନାମାନଙ୍କ ଦ୍ୱାରା ନିର୍ଗତ ମଇଳା ଆବର୍ଜନା ହେତୁ ସେସବୁ କଳକାରଖାନା ବନ୍ଦ କରାଇ ସମସ୍ତ ନଦୀ, ହ୍ରଦ ଇତ୍ୟାଦିକୁ ଆବର୍ଜନାଶୂନ୍ୟ କରାଇଲେ । ଫଳତଃ ଯେଉଁଠି ଜଳଚର ପ୍ରାଣୀ ନିଶ୍ଚିହ୍ନ ହୋଇଯାଇଥିଲେ ସେମାନେ ପୁନଃ ଆବିର୍ଭୂତ ହେଲେ ତଥା ଜନସାଧାରଣଙ୍କର ସେ ଜଳ ବ୍ୟବହାରୋପଯୋଗୀ ହୋଇପାରିଲା । ତେଣୁ ଅପ୍ (ଜଳ) ଧର୍ମର ସଂସ୍ଥାପନ ହୋଇଗଲା ।

ଏହିପରି ଅନ୍ୟାନ୍ୟ ମହାଭୂତ ମାନଙ୍କର ଧର୍ମ ସଂସ୍ଥାପନ କରାଗଲା । କୁହାଯାଇଛି ଶ୍ରୀକୃଷ୍ଣ ଦାବାନଳ ପାନ କରିଦେଲେ- ଅର୍ଥାତ୍ ସେ ତେଜ ଧର୍ମର ସଂସ୍ଥାପନ କଲେ । ଓଜୋନ ସ୍ତରରେ ଛିଦ୍ର ଆସ୍ତେ ଆସ୍ତେ ବନ୍ଦ ହୋଇଗଲା । ତୃଣାବର୍ତ୍ତକୁ ମାରିଦେଲେ ଅନ୍ୟ ଅର୍ଥରେ ସେ ମରୁତ୍ ମହାଭୂତକୁ ପ୍ରଦୂଷଣ ମୁକ୍ତ କଲେ । ବ୍ୟୋମାସୁରକୁ ମାରି ବ୍ୟୋମଧର୍ମର ସଂସ୍ଥାପନ କରାଗଲା । ଯେଉଁମାନେ ପ୍ରଦୂଷଣ ନିମିତ୍ତ ଦାୟୀ ସେମାନଙ୍କୁ (ଅସୁର) ନିଧନ କରାଗଲା । କାରଣ ସେମାନେ ବଞ୍ଚିଥିଲେ ପୁନଃ ପ୍ରଦୂଷଣ କରିଥାନ୍ତେ ।

ସମସ୍ତ ଅସୁରଙ୍କର ନିଧନ ପରେ ଶ୍ରୀକୃଷ୍ଣ ହୃଦୟଙ୍ଗମ କଲେ ଯେ, ତାଙ୍କର ନିଜର ପୁତ୍ରମାନେ ପ୍ରଦୂଷଣକାରୀ ସୂତ୍ର ସବୁ ଜାଣନ୍ତି । ତେଣୁ ଏତେ ମୁକ୍ତ କରି କରି ପୁଣି ଯଦି ପରିବେଶ ପ୍ରଦୂଷିତ ହୁଏ ତାଙ୍କର କାର୍ଯ୍ୟ ଅପୂର୍ଣ୍ଣ ରହିଯିବ ଏବଂ ଲକ୍ଷ୍ୟପୂର୍ଣ୍ଣ ହୋଇପାରିବ ନାହିଁ । ତେଣୁ ସେ ନିଜ ପୁତ୍ରମାନଙ୍କର ବିନାଶ ନ କରି ଛାଡିଲେ ନାହିଁ । ଅନେକ ପ୍ରଶ୍ନ କରନ୍ତି, ଜଣେ ପୁତ୍ରହନ୍ତାକୁ କାହିଁକି ପୂଜା କରୁଛ ? ତାର ନିଶ୍ଚିତ ଉତ୍ତର କୃଷ୍ଣ ଜଣେ ଛୋଟିଆ ଲୋକ ନୁହନ୍ତି । ତରୁ, ତୃଣ, ବୃକ୍ଷ, ଲତା, କୀଟ, ପତଙ୍ଗ ସମସ୍ତଙ୍କର ଅର୍ଥାତ୍ ଗଣଙ୍କର ସୁରକ୍ଷା ଓ ଉପକାର ପାଇଁ ସେ ଜଣଙ୍କର ସ୍ୱାର୍ଥକୁ ବଳି ଦେଇ ଯାଇଛନ୍ତି ।

Digitized by PPRACHIN, SOA

ତେଣୁ ସେ ସମସ୍ତଙ୍କର ପୂଜ୍ୟ । ଏ ସମାଜ ଏତେ ଅନ୍ଧ ନୁହେଁ ଯେ ପ୍ରତି ଘରେ ଘରେ କୃଷ୍ଣ କିମ୍ବା ରାମଙ୍କୁ ପୂଜା କରୁଅଛି । ଏପରି ବ୍ୟାପକ ଭାବରେ ସମସ୍ତ ପୃଥିବୀକୁ ପ୍ରଦୂଷଣ ମୁକ୍ତ ଅନ୍ୟ କେହି କରିନାହାନ୍ତି । ତେଣୁ ପୃଥିବୀରେ ଜାତ ସର୍ବଶ୍ରେଷ୍ଠ ପରିବେଶ ବିଜ୍ଞାନୀ ହେଉଛନ୍ତି ଶ୍ରୀରାମ ଓ ଶ୍ରୀକୃଷ୍ଣ ।

ପରିବେଶ ପ୍ରତି ଶ୍ରୀକୃଷ୍ଣଙ୍କର ଅବଦାନ ବିଷୟ ଆଲୋଚନା କରିବା ବେଳେ ଉପର୍ଯ୍ୟୁକ୍ତ ପ୍ରସଙ୍ଗ ପ୍ରତି ଧ୍ୟାନ ଦେବାକୁ ହେବ । ଶ୍ରୀରାମଙ୍କ ସମୟ ଅପେକ୍ଷା ଶ୍ରୀକୃଷ୍ଣଙ୍କ ସମୟ ବହୁଳ ଭାବେ ଜଟିଳତର ସ୍ଥିତି ମଧ୍ୟ ଦେଇ ଗତି କରୁଥିବାର ଅନୁମିତ ହୁଏ । ତେଣୁ ରାମଙ୍କ ପରି ସରଳ ନ ହୋଇ ତାଙ୍କୁ ବହୁ ଜଟିଳ ହେବାକୁ ପଡିଛି । ତେଣୁ କୁହାଯାଏ ଯେ, 'ଏତେଚାଂଶ କଳାପୁଂଷଂ, ଶ୍ରୀକୃଷ୍ଣ ଭଗବାନ ସ୍ୱୟଂ ।' ତାଙ୍କର ସମସ୍ତ ଅବଦାନ ମଧ୍ୟରେ ବିଶେଷକରି ପିରବେଶକୁ ପ୍ରଦୂଷଣ ମୁକ୍ତ କରିବା ହେଉଛି ପ୍ରଧାନତମ । ଇଂରାଜୀରେ ଗୋଟିଏ ଉକ୍ତି ଅଛି ("all conditions positive and negative taken together make a cause") ଅର୍ଥାତ ସମସ୍ତ ଅସ୍ତି ଓ ନାସ୍ତିବାଚକ ଘଟଣା ମିଶି ଏକ କାରଣର ସୃଷ୍ଟି ହୁଏ । ତେଣୁ ଯାମଳାର୍ଜୁନ ଭଞ୍ଜନ, କୁବଜା ଉଦ୍ଧାରଣ, କୁବଳୟା ନିଧନ ଓ କଂସ ମାରଣ ଇତ୍ୟାଦି ଗୋଟିଏ ଗୋଟିଏ ଘଟଣା ଏବଂ ଏ ସବୁର ସମିଶ୍ରଣରେ ଯେଉଁ କାରଣର ଉଦ୍ଭବ ହୋଇଛି ତାହା ହେଲା ପୃଥିବୀକୁ ପ୍ରଦୂଷଣ ମୁକ୍ତ କରି ସମସ୍ତ ଜୀବଜଗତକୁ ଉଦ୍ଧାର କରିବା । ଏତେ ବଡ ବ୍ୟାପକ କାର୍ଯ୍ୟ ହାତକୁ ନେଇ ତାକୁ ନିଭାଇ ଥିବାରୁ ସେ ଭାରତର ପ୍ରତି ଘରେ ଘରେ ପୂଜା ପାଆନ୍ତି ଏବଂ ତାଙ୍କ ଦ୍ୱାରା ସୃଷ୍ଟ ପରମ୍ପରା ଆମ୍ଭମାନଙ୍କର ପର୍ବ ପର୍ବାଣୀରେ ପରିଣତ ହୋଇଛି - ଯଥା ଦୋଳ, ହୋଲି, ଜନ୍ମାଷ୍ଟମୀ, ଗୋଷ୍ଠାଷ୍ଟମୀ, ଝୁଲଣ, ରାଧାଷ୍ଟମୀ, ରାସ, ଗହ୍ମା, ଧନୁଯାତ୍ରା, ଇତ୍ୟାଦି । ଆଜିର ଏ ଶୁଭ ଅବସରରେ ଶ୍ରୀକୃଷ୍ଣଙ୍କ ଚରଣରେ ମଥାନତ କରି ଏ ପ୍ରବନ୍ଧର ଉପସଂହାର କରୁଅଛି ।

(ସପ୍ତାରଣ୍ୟ -୨୦୦୩)

❖❖❖

Digitized by PPRACHIN, SOA

ପ୍ରାଣ ଓ ପରିବେଶ

ଆମର କୌଣସି ଅଙ୍ଗରେ ଆଘାତ ଲାଗିଲେ କିମ୍ବା ଯନ୍ତ୍ରଣା ହେଲେ ଆମେ କହୁ 'ମୋର ମୁଣ୍ଡ ବ୍ୟଥା, ପେଟ ବ୍ୟଥା କିମ୍ବା ହାତ ଗୋଡ ବ୍ୟଥା ହେଉଛି । ଏପରିକି ମୋର ମନ ଭଲ ନାହିଁ, ମୋର ବିବେକ କହୁଛି ବା ମୋର ବୁଦ୍ଧି ଦିଶୁନାହିଁ ଇତ୍ୟାଦି । ତେବେ ଏ ହାତ, ଗୋଡ, ପେଟ, ମୁଣ୍ଡ, ମନ, ବୁଦ୍ଧି, ବିବେକ ଏମାନେ କାହାର ? ସେ ଯେଉଁ 'ମୁଁ'ଟି ସେ କିଏ ? ବହୁ ଚିନ୍ତନ ମନନ, ଗବେଷଣା, ପରୀକ୍ଷା, ନିରୀକ୍ଷା ଦ୍ୱାରା ସିଦ୍ଧ, ସାଧକ ଓ ଦ୍ରଷ୍ଟା ମୁନି ଋଷିମାନେ ଆଧ୍ୟାତ୍ମିକ ଅନୁଶୀଳନ ଦ୍ୱାରା ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ତାହା ହେଉଛି ଆତ୍ମା ବା ବ୍ରହ୍ମ । ଆତ୍ମ ବ୍ରହ୍ମ ଓ ପରବ୍ରହ୍ମ ହେଲେ ଏକ ଓ ଅଭିନ୍ନ । ଯେ ଆତ୍ମାକୁ ଚିହ୍ନିଲା ସେ ମୁକ୍ତି ପାଇଯିବ ଇତ୍ୟାଦି । ପରମାତ୍ମାକୁ ବର୍ଣ୍ଣନା କରି ନ ପାରି ଖାଲି 'ନେତି ନେତି' ଅର୍ଥାତ୍ ଏକ ନାସ୍ତିବାଚକ ବର୍ଣ୍ଣନାରୁ ଆମକୁ ପ୍ରକୃତ ସଂଜ୍ଞା ନିର୍ଣ୍ଣୟ କରିବାକୁ ହେବ । ସେମାନେ ଅଂହ ବ୍ରହ୍ମାଦସ୍ମି' 'ସୋଦ୍ଧହଂ' ଇତ୍ୟାଦି ବ୍ୟାଖ୍ୟାନ କଲେ । ଆତ୍ମା ଓ ପରମାତ୍ମାଙ୍କର ସ୍ୱରୂପ ଆବିଷ୍କାର କରିବାକୁ ଯାଇ 'ନାନା ମୁନିନାଂ ମତୟୋ ବିଭିନ୍ନା' ହେଲା । କେବଳ ଗବେଷଣା କରି କରି କ୍ଲାନ୍ତ ହେଲେ ମାତ୍ର ସେମାନଙ୍କର ନିର୍ଣ୍ଣୟ ବା ସିଦ୍ଧାନ୍ତ ଭିନ୍ନ ଭିନ୍ନ ହେଲା । ଶେଷରେ ବାଣୀ ପ୍ରଚାରିତ ହେଲା, 'ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟ, ମହାଜନୋ ଯେନ ଗତ ସଃ ପନ୍ଥାଃ ।' ମାତ୍ର ମହାଜନମାନଙ୍କର ଗତି ତ ଗୋଟିଏ ପନ୍ଥାର ନ ଥିଲା । ନାନା ମତ ନାନା ପନ୍ଥାର ସୃଷ୍ଟି ହେଲା । ଜନସାଧାରଣ, ଯେଉଁ ପନ୍ଥା ମନକୁ ପାଇଲା, ବାଛିଲେ । ରାସ୍ତା ହେଲା ଅନେକ, ଲକ୍ଷ୍ୟ ହେଲା ଏକ । ଏ ପନ୍ଥାମାନେ ହେଲେ ଗାଣପତ୍ୟ, ବୈଷ୍ଣବ, ଶୈବ, ଶାକ୍ତ ଇତ୍ୟାଦି ।

ବର୍ତ୍ତମାନ ଦେଖାଯାଉ ଆତ୍ମା ଏବଂ ପରମାତ୍ମା କିପରି ଏକ ଓ ଅଭିନ୍ନ । ଅଦ୍ୱୈତବାଦ ଓ ଦ୍ୱୈତବାଦର ପାର୍ଥକ୍ୟ । ଏହି ଦୁଇ 'ବାଦ' ସମ୍ବନ୍ଧରେ ଏକ ହାସ୍ୟୋଦ୍ଦୀପକ ବର୍ଣ୍ଣନା ଅଛି । ଏକଦା ଜନୈକ ବ୍ୟକ୍ତି ଗୁରୁ ଅନ୍ୱେଷଣରେ ରହିଲେ । ମାତ୍ର ଉପଯୁକ୍ତ ଗୁରୁ ମିଳିବାରେ ବିଳମ୍ବ ଘଟିବାରୁ ସେ ଅତିଷ୍ଠ ହୋଇ କୁଳଗୁରୁଙ୍କୁ ତାଙ୍କର ଇଚ୍ଛା ପ୍ରକଟ କଲେ । କୁଳପୁରୋଧା ଥିଲେ ଅଦ୍ୱୈତବାଦୀ । ସେ ଏ ମହାଶୟଙ୍କୁ 'ସୋଦ୍ଧହଂ' ଜପିବା ପାଇଁ ପରାମର୍ଶ ଦେଲେ । କିଛିଦିନ ପରେ ଗୁରୁଦୀକ୍ଷା ନେବାରେ ଗୁରୁ କହିଲେ 'କୁଳପୁରୋଧା' ଯାହା କହିଛନ୍ତି ତହିଁରେ ଟିକିଏ ଅସୁବିଧା ରହିଯାଇଛି । ସେଥିଲେ ଦ୍ୱୈତବାଦୀ । 'ସୋଦ୍ଧହଂ' ଅଦ୍ୱୈତବାଦର ପ୍ରତୀକ । ତେଣୁ ଗୁରୁ ତହିଁରେ ଗୋଟିଏ ଅକ୍ଷର 'ଦା' ଯୋଡି ଦେବାକୁ ନିର୍ଦ୍ଦେଶ ଦେଲେ, ଶିଷ୍ୟ ସେହିଠାରୁ 'ଦାସୋଦ୍ଧହଂ' ଜପ ଆରମ୍ଭ

Digitized by PPRACHIN, SOA

କଲେ । ଅର୍ଥ ହେଲା- ମୁଁ ଦାସ । ଅର୍ଥାତ୍ ଜୀବାତ୍ମା ଦାସ ଓ ପରମାତ୍ମା ମୁନିବ । ଏହା ହେଲା ଦ୍ୱୈତବାଦ । ପରେ କୁଳଗୁରୁ ପୁଣି ଗୋଟିଏ ଅକ୍ଷର ଯୋଡିଲେ 'ସ' । ସଦା ସୋଽହଂର ଅର୍ଥ ହେଲା ମୁଁ ସବୁବେଳେ ସେହି ପରମାତ୍ମା । ଏହିପରି କ୍ରମାନ୍ୱୟେ ଦା ଓ ସ ଯୋଡି ଯୋଡି ଦାସଦାସୋଽହଂ ଓ ସଦାସଦା ସୋଽହଂଚାଲିଲା । ତେଣୁ ଦ୍ୱୈତ ଓ ଅଦ୍ୱୈତର ଦ୍ୱନ୍ଦ ଲାଗି ରହିଲା । ଏବେ ଆମେ ନିର୍ଣ୍ଣୟ କରୁ- ଏଥିରେ ଭୁଲ କିଏ, ଠିକ୍ କିଏ ? କାରଣ ସତ୍ୟତା ଗୋଟିଏ The truth,ମାତ୍ର ଭୁଲ ଅନେକ - (lie) ।

ପ୍ରାରମ୍ଭରେ ବର୍ଣ୍ଣିତ ଶରୀରର ଅଙ୍ଗମାନଙ୍କ ବ୍ୟତୀତ ଅନେକ ଗୁଣର ଆଧାର ହେଉଛି ଆତ୍ମା ଯଥା - ଦୟା, କ୍ଷମା, ସହିଷ୍ଣୁତା, ସହାନୁଭୂତି ଈର୍ଷା, ଘୃଣା, ଲୋଭ, ମୋହ ଇତ୍ୟାଦି । ଏ ସମସ୍ତ ଗୁଣର ସମାହାର ହେଉଛି ବ୍ୟକ୍ତିତ୍ୱ - ଯାହା ବ୍ୟଷ୍ଟି ବାଚକ, ତେଣୁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପ୍ରଭେଦ - ସବୁ ଗୁଣର, ମାତ୍ରାର (degree) ତାରତମ୍ୟ ନେଇ । ମାତ୍ରାର ତାରତମ୍ୟକୁ ବାଦ ଦେଲେ ବାକି ସବୁ ସାଧାରଣ - ସମସ୍ତଙ୍କଠାରେ ବିଦ୍ୟମାନ ତାହା ହେଉଛି ପ୍ରାଣ ବା ଆତ୍ମା । ପ୍ରାଣ ବିହୁନେ ସମସ୍ତଙ୍କ ଜୀବ ଜଡ ବା ଶବ । ତେବେ ଏହି ପ୍ରାଣ ବା ଆତ୍ମାର ପ୍ରକୃତ ସ୍ୱରୂପ କ'ଣ ? ସମସ୍ତ ଜୀବଙ୍କର ନିଃଶ୍ୱାସ ଟିକକ ଚଳମାନ ଅବସ୍ଥାରେ ଥିବା ପର୍ଯ୍ୟନ୍ତ ସେ ପ୍ରାଣୀ (ପ୍ରାଣଃ ଅସ୍ତିଯସ୍ୟ) । ନିଃଶ୍ୱାସ ପ୍ରଶ୍ୱାସ ସ୍ଥିର ହୋଇଗଲେ କିମ୍ବା ଚଳତ୍ ଶକ୍ତି ରହିତ ହେଲେ ସେ ପ୍ରାଣୀର ପ୍ରାଣୀତ୍ୱ ଲୁପ୍ତ ହୁଏ । ସେ ହୁଏ ପ୍ରାଣହୀନ ପିଣ୍ଡ, ଅର୍ଥାତ୍ ଏକ ଭୌତିକ ଜଡ ପଦାର୍ଥ (matter) । ଅତଏବ୍ ପ୍ରାଣୀତ୍ୱ ଓ ପ୍ରାଣହୀନତ୍ୱ ମଧ୍ୟରେ ପ୍ରଭେଦ । ଶ୍ୱାସ ପ୍ରଶ୍ୱାସ ବା ପ୍ରାଣବାୟୁ ସଞ୍ଚାରିତ ହେଉଥିବା ପର୍ଯ୍ୟନ୍ତ ଶରୀରର ଅନ୍ୟ ସମସ୍ତ ପ୍ରକ୍ରିୟା ଚଳମାନ ଥାଏ, ଯଥା - ଆହାର, ଯାହା ପିଣ୍ଡର ପୃଷ୍ଟପୋଷକତା କରେ । ଏହା ହେଉଛି କ୍ଷିତି ମହାଭୂତର ପରିସର ଅନ୍ତର୍ଭୁକ୍ତ । ଦ୍ୱିତୀୟତଃ ଅପ୍ - ଯାହାଦ୍ୱାରା ରକ୍ତ ମୂତ୍ର ଓ ସ୍ୱେଦ ଇତ୍ୟାଦିର ସୃଷ୍ଟି ହୁଏ । ତୃତୀୟତଃ ଅଗ୍ନି ବା ତେଜ ସାହାଯ୍ୟରେ ଶରୀରର ଉଷ୍ମତା ରକ୍ଷା ଯଥା - ପାକକ୍ରିୟା ସମ୍ଭବ ହୁଏ । ଚତୁର୍ଥତଃ ମରୁତ୍ ବା ବାୟୁ-ପ୍ରାଣବାୟୁଃ ବ୍ୟତୀତ ଅନ୍ୟ ଚାରି ପ୍ରକାରର ବାୟୁ ଶରୀରରେ ସଞ୍ଚରିତ ହୁଏ- ଅପାନ, ବ୍ୟାନ, ଉଦାନ, ସମାନ । ଏମାନଙ୍କର ସଠିକ ସଞ୍ଚାଳନ ନହେଲେ ରକା, ସ୍ପଣ୍ଡିଲାଇଟିସ୍ ବା ବାତରୋଗ ଇତ୍ୟାଦି ସୃଷ୍ଟି ହୁଏ । ଏମାନେ ରକ୍ତ ସଞ୍ଚାଳନ, ପାକକ୍ରିୟା, ହସ୍ତପଦର ସଞ୍ଚାଳନ ପାଇଁ ମଧ୍ୟ ଦାୟୀ । ସର୍ବୋପରି ମସ୍ତକର ଯାବତୀୟ କାର୍ଯ୍ୟ ପାଇଁ ମଧ୍ୟ ଏ ସମସ୍ତ ମହାଭୂତ (element) ମାନଙ୍କର ପ୍ରଧାନ ଭୂମିକା ରହିଛି । ଶରୀରର ସର୍ବପ୍ରଧାନ ଶକ୍ତି ହେଲା ପ୍ରାଣବାୟୁ ଅର୍ଥାତ୍ ନିଶ୍ୱାଃସ ଓ ପ୍ରଶ୍ୱାସ । ଅନ୍ୟମାନେ ପ୍ରାଣଶକ୍ତିର ସହାୟକ ଭାବେ ଶକ୍ତି ପ୍ରଦାନ କରିଥାଆନ୍ତି କାରଣ ପ୍ରାଣଶକ୍ତିର ଅବର୍ତ୍ତମାନରେ ଏମାନଙ୍କର ସ୍ଥିତିହିଁ ନାହିଁ ।

Digitized by PPRACHIN, SOA

ପ୍ରାଣବିହୀନ ପିଣ୍ଡ ମଧ୍ୟରେ ହୃଦୟ, ବୃକ୍କ, କଲିଜା, ଆଖି, କାନ, ହାତ, ଗୋଡସବୁ ଥିଲେ ମଧ୍ୟ ପ୍ରଧାନ ଉପାଦାନ ପ୍ରାଣବାୟୁ ଅଭାବରୁ ଏମାନେ ଆପେ ଆପେ ନିଷ୍କ୍ରିୟ ହୋଇଯାଆନ୍ତି ।

ବର୍ତ୍ତମାନ ବିଚାର କରାଯାଉ - ପ୍ରାଣର ପରିବେଶ ସହ ସମ୍ବନ୍ଧ । ପରିବେଶ ହେଉଛି ପ୍ରକୃତିର ଭାରସାମ୍ୟ, ଅର୍ଥାତ୍ ପଞ୍ଚମହାଭୂତ-କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମିଙ୍କର ସଠିକ ସନ୍ତୁଳନ । ଯେ ପର୍ଯ୍ୟନ୍ତ ଏ ସନ୍ତୁଳନ ଠିକ୍ ଅଛି, ସେ ପର୍ଯ୍ୟନ୍ତ ପରିବେଶ ଉତ୍ତମ ଅଛି ଏବଂ ଏହାର ପ୍ରଭାବ ସମସ୍ତ ଜୀବଜଗତକୁ ମଙ୍ଗଳମୟ କରିଛି । ଏ ପଞ୍ଚ ମହାଭୂତଙ୍କର ଯେତେବେଳେ ଗ୍ଲାନି ବା ପ୍ରଦୁଷଣ ଘଟିଛି, ସେତେବେଳେ ପରିବେଶ ପ୍ରଦୁଷିତ ହୋଇଛି ଏବଂ ତାର କୁପ୍ରଭାବ ଜୀବ ଜଗତ ଉପରେ ପଡିଛି, ଯଦ୍ୱାରା କେତେକ ପ୍ରଜାତି ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ ହୋଇ ଯାଇଛନ୍ତି । ଏହାର ମୂଳ କାରଣ ହେଲା ପ୍ରଦୁଷିତ ବାୟୁସେବନ । ସେମାନେ ଯେଉଁ ବାୟୁକୁ ସେମାନଙ୍କ ଜୀବନ ପାଇଁ ପ୍ରତି ମୁହୂର୍ତ୍ତରେ ସେବନ କରନ୍ତି, ତାହା ପ୍ରଦୁଷିତ ହେବାରୁ ସେମାନଙ୍କର ଶ୍ୱାସ କଷ୍ଟ ହୋଇ ଶେଷରେ ରୁଦ୍ଧ ହୋଇ-ଯାଇଛି ଏବଂ ଅନେକ ପ୍ରଜାତି ଏହିପରି ଭାବରେ ପୃଥବୀ ପୃଷ୍ଠରୁ ଲୁପ୍ତ ହୋଇଯାଇଛନ୍ତି ଚିରଦିନ ପାଇଁ ।

ପରିବେଶ ଠିକ୍ ନ ରହିଲେ ପ୍ରାଣ ରହେ ନାହିଁ । ମତ୍ସ୍ୟ ଗୋଟିଏ ପ୍ରାଣୀ । ତାହା ଜଳ ମଧ୍ୟରୁ ତା'ର ପ୍ରାଣ ନିମିତ୍ତ ବାୟୁ (ଅମ୍ଳଜାନ) ସଂଗ୍ରହ କରେ । ସେ ପରିବେଶରୁ ତାକୁ ବାହାରକୁ ନେଇ ଆସିଲେ ତାର ପ୍ରାଣର ବିନାଶ ଘଟେ । ବାୟୁ ମଣ୍ଡଳର ଯେତେ ଅମ୍ଳଜାନ ଥିଲେ ମଧ୍ୟ ତାହା ସେ ଗ୍ରହଣ କରିପାରେ ନାହିଁ । ତେଣୁ କବିଙ୍କର ଯଥାର୍ଥ ଉକ୍ତି ଜୀବନ ବିହୁନେ ଯେହ୍ନେ ଝସ', କିମ୍ବା A fish without water ଏ ଯୁକ୍ତି ପ୍ରତ୍ୟେକ ଜୀବ ପାଇଁ ପ୍ରଯୁଜ୍ୟ । ଜଣେ ମେରୁବାସୀ ଏସ୍କିମୋ ଗ୍ରୀଷ୍ମମଣ୍ଡଳରେ ରହିଲେ ଯେତିକି ଅସୁବିଧା ଭୋଗ କରିବ, ଗ୍ରୀଷ୍ମମଣ୍ଡଳର ବ୍ୟକ୍ତି ମେରୁ ପ୍ରଦେଶରେ ଅନୁରୂପ ଅସୁବିଧାର ସମ୍ମୁଖୀନ ହେବ । ସେଥିପାଇଁ କଙ୍ଗୋ ହେଉଛି 'White man's grave' । ସ୍ୱଭାବ କବି ଗଙ୍ଗାଧରଙ୍କ 'ବାକ୍ୟବୀର ଓ କର୍ମବୀର ଏଠାରେ ବିଶେଷ ପ୍ରଣିଧାନଯୋଗ୍ୟ ।

ମରୁ ଦେଶେ ଭେକ ଗରଜଇନାହିଁ, ନୀରଦ ସେ ଦେଶେ ନ ଦିଏ ନୀର
କର୍ମବୀର କର୍ମ କୁଣ୍ଠତାକୁ ଚାହିଁ   ନ ଭାଷନ୍ତି କେବେ ବଚନବୀର ।

ମରୁଭୂମିର ପରିବେଶରେ ଭେକ ଗର୍ଜନ କରେ ନାହିଁ । ଅର୍ଥାତ୍ ସେ ପରିବେଶରେ ଭେକ ବଞ୍ଚିପାରେ ନାହିଁ । ତେଣୁ ଭେକ ଗର୍ଜନର ପ୍ରଶ୍ନହିଁ ଉଠେନା । ଭେକ ଡାକିବା ଓ ଜଳ ବର୍ଷିବା ପରସ୍ପର ସମ୍ବନ୍ଧାନ୍ୱିତ । କର୍ମ ଯେଉଁଠାରେ ନାହିଁ, ବାକ୍ୟ ମଧ୍ୟ ସେଠାରେ

Digitized by PPRACHIN, SOA

ନାହିଁ । ଏହା ଥିଓରୀ ଓ ପ୍ରାକ୍ଟିସ ମଧ୍ୟସ୍ଥ ସମ୍ବନ୍ଧ । ଗୋଟିଏ nomy ଓ logy ଅନ୍ୟଟି । ଏ ସମ୍ବନ୍ଧରେ ଗୋଟିଏ ସୁନ୍ଦର ପ୍ରବାଦ ଅଛି । ଏକଦା ନାରଦ ମର୍ତ୍ତ୍ୟବାସୀମାନଙ୍କୁ ସ୍ୱର୍ଗସୁଖ ଭୋଗ କରିବାକୁ ପ୍ରବର୍ତ୍ତାଇବା ପାଇଁ ଆସିଲେ । ପଙ୍କରେ ଲୋଟୁଥିବା ଘୁଷୁରିକୁ ସ୍ୱର୍ଗଲୋକକୁ ଯାଇ ମହାସୁଖରେ ରହିବା ପାଇଁ କହିଲେ । ସେଠାରେ ନନ୍ଦନକାନନ, ପାରିଜାତ ଓ ଅମୃତ ଇତ୍ୟାଦି କଥା ଶୁଣି ସାରିବା ପରେ ଘୁଷୁରୀ ପ୍ରଶ୍ନକଲା - ସ୍ୱର୍ଗରେ ପଙ୍କ ମିଳିବ ? ନାରଦ ଘୁଷୁରୀ କଥାରେ ଟିକିଏ ହସିଦେଲେ । ଘୁଷୁରୀ କହିଲା, 'ଯେଉଁଠାରେ ପଙ୍କ ନାହିଁ, ମୁଁ ସେଠାକୁ ଯିବିନାହିଁ ।' ଦେଖନ୍ତୁ ପରିବେଶର ପ୍ରାଣ ବା ପ୍ରାଣୀ ସହ କି ନିବିଡ ସମ୍ପର୍କ । ତେଣୁ ପ୍ରାଣ ଓ ପରିବେଶ ଅଙ୍ଗାଙ୍ଗୀ ଭବେ ଜଡିତ । ସେହି ହେତୁ ପରିବେଶ ନ ଥିଲେ ପ୍ରାଣ ନାହିଁ କି ପ୍ରାଣ ନ ଥିଲେ ପରିବେଶ ନାହିଁ ।

ପ୍ରଦୁଷଣକୁ ସବୁଠାରୁ ଅଧିକ ସହ୍ୟକରେ ମାନବ । ମାତ୍ର ତାର କୁ ପ୍ରଭାବ ମନୁଷ୍ୟର ଶାରୀରିକ, ମାନସିକ, ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ଇତ୍ୟାଦି ସମସ୍ତ ସ୍ତରରେ ଅବକ୍ଷୟ ଘଟାଇଛି । ଫଳତଃ ସେ ଅସାମାଜିକ, ନୀତିହୀନ ଓ ଆସୁରପ୍ରବୃତ୍ତି ବିଶିଷ୍ଟ ହୋଇଛି- ଯଦ୍ୱାରା ସମାଜରେ ହତ୍ୟା, ଧର୍ଷଣ, ଲୁଣ୍ଠନ ଇତ୍ୟାଦି ବଢି ଚାଲିଛି । ଦୁର୍ନୀତି ବ୍ୟାପକ ହୋଇ ସୁଗାର ସ୍କାମ, ବ୍ୟାଙ୍କ ସ୍କାମ ଓ ଫଡର ସ୍କାମ ପରି ଜଘନ୍ୟ ନୀତିହୀନତା ପରିଦୃଷ୍ଟ ହୋଇଛି ଏବଂ ସର୍ବୋପରି ସନ୍ତ୍ରାସବାଦ ବିଶ୍ୱବ୍ୟାପୀ ହୋଇଛି ଯେଉଁଥିପାଇଁ ଏବେ ପୃଥିବୀର ସମସ୍ତ ଦେଶ ଚିନ୍ତିତ । ବିଜ୍ଞ ବ୍ୟକ୍ତିମାନେ ମଧ୍ୟ ସମାଜ କଲ୍ୟାଣକୁ ଗୌଣକରି ନୀତିହରା ହୋଇ ସ୍ୱାର୍ଥଲିପ୍ସୁ ହୋଇ ପଡିଛନ୍ତି ଏବଂ ସାମାଜିକ ଆଚାର, ବିଚାରକୁ ବଳିଦେଇ ଅଛନ୍ତି । ରକ୍ଷକମାନେ ଭକ୍ଷକ ସାଜିଛନ୍ତି । ଜୀବନର ମୂଲ୍ୟବୋଧ ଦିଗଭ୍ରଷ୍ଟ ହୋଇଛି । ପରମାତ୍ମା କ୍ଲିଷ୍ଟ ହେବାରୁ ଜୀବାତ୍ମା ମଧ୍ୟ କ୍ଲିଷ୍ଟ ହୋଇଛି । ତେଣୁ ପ୍ରାଣର ପରିବେଶ ସହ ସମ୍ବନ୍ଧ ଯେ ଅଚ୍ଛେଦ୍ୟ - ଏହା ଅନସ୍ୱୀକାର୍ଯ୍ୟ । ଦ୍ୱିତୀୟତଃ ପରିବେଶର ପ୍ରଦୂଷଣ ହେତୁ ଅକାଳବୃଷ୍ଟି, ଅମ୍ଳବୃଷ୍ଟି, ବୃଷ୍ଟିହୀନତା, ଋତୁମାନଙ୍କର ଅନିୟମିତତା ଇତ୍ୟାଦିର କୁପ୍ରଭାବ ସମଗ୍ର ଜୀବ ଜଗତ ଉପରେ ପଡୁଛି ।

ତୃତୀୟତଃ ପ୍ରକୃତିରେ ନାନା ପ୍ରକାରର ଅସନ୍ତୁଳନ ଯଥା କ୍ଲୋରୋଫ୍ଲୋରେକାର୍ବନ ହେତୁ ଓଜୋନ ସ୍ତରରେ ଛିଦ୍ର, ଭୂଗର୍ଭର ଜଳସ୍ତର ହ୍ରାସ, ପୃଥିବୀର ଉତ୍ତାପବୃଦ୍ଧି, ମେରୁର ବରଫ ତରଳିବା ଇତ୍ୟାଦି ବିଘଟନ ଘଟୁଅଛି । ବିଘଟନର ଫଳ ସ୍ୱରୂପ ନାନା ଅଜଣା ରୋଗ ବ୍ୟାପୁଛି ଯଦ୍ୱାରା ମାନବର କ୍ଲେଶର ଅନ୍ତ ରହୁନାହିଁ । ମାନବ ସୁଖରେ ରହିବା ପାଇଁ ଯେଉଁ ଉପାୟ ପାଞ୍ଚୁଛି, ତାର ବିଚାର ବିଭ୍ରାଟ ହେତୁ ସେ ଏକ ଭୁଲ ପନ୍ଥାର ଅନୁସରଣ କରୁଛି । ପ୍ରକୃତିକୁ ଜୟ କରୁଛି ଭାବି ଚରମ ପରାଜୟର ସମ୍ମୁଖୀନ ହେଉଅଛି । 'ଆପଣା ହସ୍ତେ ଜିହ୍ୱାଛେଦି, କେ ଅଛି ତାର ପ୍ରତିବାଦୀ' ପରି ସେ ନିଜ ଗୋଡରେ

Digitized by PPRACHIN, SOA

କୁରାଢୀ ମାରୁଛି । ଏ ଅବକ୍ଷୟ ମଧ୍ୟରେ ପ୍ରବେଶ କରିବା ଅନୁଚିତ ବୋଲି ଜାଣି ମଧ୍ୟ ସେଥିରୁ ନିସ୍ତାରର ଉପାୟ ଚିନ୍ତା କରିପାରୁ ନାହିଁ । ମହାପୁରୁଷଙ୍କର ଭବିଷ୍ୟବାଣୀ, 'ତେଣୁ ହୋଇବେ ଅଳ୍ପାୟୁଷ, ପାପେ ସକଳେ ଯିବେ ନାଶ'- ସେଇ ଅବସ୍ଥା ହେବାକୁ ଯାଉଛି । ଏ ସମସ୍ତ ବ୍ୟୁତ୍ପାତର କାରଣ ପରିବେଶର ପ୍ରଦୁଷଣ । ପ୍ରାଣ ଉପରେ ପରିବେଶର ପ୍ରଭାବ ଯୁଗେ ଯୁଗେ ଅନୁଭୁତ । ମୋର ବିଚାରରେ ପ୍ରାଣ ହେଉଛି ଜୀବାତ୍ମା ଓ ପରିବେଶ - ପରମାତ୍ମା ! ପରମାତ୍ମା ଏବଂ ଜୀବାତ୍ମା ଏକ ଓ ଅଭିନ୍ନ ବୋଲି ଦ୍ରଷ୍ଟାଗଣ ଭୁରି ଭୁରି ପ୍ରମାଣ କରିଯାଇଛନ୍ତି । ତାକୁ ଅନ୍ୟଭାବେ ପ୍ରକାଶ କଲେ ପ୍ରାଣବାୟୁ ଓ ଇଥର୍ ବାୟୁମଣ୍ଡଳ ଏକ ଓ ଅଭିନ୍ନ । ଏହି ବାୟୁକୁ ପ୍ରତ୍ୟେକ ପ୍ରାଣୀ ଗ୍ରହଣ କରନ୍ତି ଓ ପୁଣି ନିଃଶ୍ୱାସ ଆକାରରେ ତାକୁ ବାୟୁମଣ୍ଡଳକୁ ତ୍ୟାଗ କରନ୍ତି । ଈଶାବାସ୍ୟୋପନିଷଦ କୁହେ,

'ପୂର୍ଣ୍ଣମିଦଃ, ପୂର୍ଣ୍ଣମିଦଂ, ପୂର୍ଣ୍ଣାଦ୍ ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବ ବସିଷ୍ୟତେ ।'

ଅର୍ଥାତ୍ ପରମାତ୍ମା ବା ଇଥର ପୂର୍ଣ୍ଣ, ତହିଁରୁ ସମ୍ପୂର୍ଣ୍ଣ ଜଗତର ସୃଷ୍ଟି । ପୂର୍ଣ୍ଣରୁ ପୂର୍ଣ୍ଣ ଯିବାପରେ ଯାହା ରହେ ତାହା ମଧ୍ୟ ପୂର୍ଣ୍ଣ । ତେଣୁ ସେ ପରମାତ୍ମା ବା ଶକ୍ତି ଅଥବା ଇଥରର କ୍ଷୟ ନାହିଁ । ଏହା ସର୍ବଦା ସ୍ୱୟଂ ସମ୍ପୂର୍ଣ୍ଣ । ଏ ଜଗଦ୍ ସେହିଠାରୁ କ୍ଷରିଥିବାରୁ 'ସକଳ ଘଟେ ନାରାୟଣର ସତ୍ୟତା ଉପଲବ୍ଧ ହୁଏ । ଆମେ ଯେଉଁ ନିଃଶ୍ୱାସ ତ୍ୟାଗ କରୁ ତାହାକୁ ଗୃହମଧ୍ୟସ୍ଥ ଅସରପା, ଝିଟିପିଟି, ବେଙ୍ଗ, ମୂଷା, ବିଛା ଇତ୍ୟାଦି ଏବଂ ଘରର ବାହାରେ ଥିବା ଗାଈ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ଗ୍ରହଣ କରନ୍ତି ଏବଂ ସେମାନେ ଯେଉଁ ନିଶ୍ୱାସ ତ୍ୟାଗ କରନ୍ତି ତାକୁ ଆମେ ଗ୍ରହଣ କରୁ । ଏହାକୁ 'ଇଣ୍ଟର ଆକସନ୍' ବା ପାରସ୍ପରିକ କାର୍ଯ୍ୟଧାରା କୁହାଯାଏ । ଏହି ସତ୍ୟରୁ ମଧ୍ୟ ଆଇନଷ୍ଟାଇନ୍‌ଙ୍କ 'ଥିଓରୀ ଅଫ୍ ରିଲେଟିଭିଟି'ର ସୃଷ୍ଟି । ଏହା ସ୍ପଷ୍ଟ ପ୍ରମାଣିତ କରେ ଯେ ପୃଥିବୀମଧ୍ୟସ୍ଥ ସକଳଜୀବ (ଜଡ ଓ ଚେତନ) ପ୍ରତ୍ୟେକେ ପ୍ରତ୍ୟେକ ସହିତ ସମ୍ବନ୍ଧାନ୍ୱିତ । ତେଣୁ ମହାକାବ୍ୟ 'ସବ୍ ହୈ ସମାନା, ସବ୍‌ମେ ଏକ ପ୍ରାଣା' ବୋଲି ଯାହା କହିଛି ତାହା ଯଥାର୍ଥ । ସେ ଦୃଷ୍ଟିରୁ ପ୍ରାଣ ଓ ପରିବେଶ ଯେ ପରସ୍ପର ସହ ନିବିଡଭାବେ ସମ୍ବନ୍ଧାନ୍ୱିତ ଏଥିରେ ଦ୍ୱିମତର ଅବକାଶ ଥାଇ ନପାରେ ।

(ସହକାର- ଜୁନ୍-୨୦୦୩)

❖❖❖

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ସଂସ୍କୃତି ପ୍ରଭାଗ

Digitized by PPRACHIN, SOA

ପ୍ରାଚୀନ ପୃଥିବୀର ଏକମାତ୍ର ସଂସ୍କୃତି

ହିନ୍ଦୁମାନଙ୍କର ଏକ ମହାନ୍ ପରମ୍ପରା ଅଛି । କେବଳ ହିନ୍ଦୁ ଦର୍ଶନ ନୁହେଁ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ହିନ୍ଦୁମାନେ ଆଦିମ କାଳରୁ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ସେମାନଙ୍କର ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି । ସୁଖର କଥା ଇଉରୋପସ୍ଥ ହିନ୍ଦୁ ଯୁବ ମାନସରେ ହିନ୍ଦୁ ପରମ୍ପରା ଏକ ଜାଗରଣ ଆଣି ଦେଇଛି । ସେମାନେ ପ୍ରାଚୀନ ହିନ୍ଦୁପ୍ରଜ୍ଞାର ଉତ୍ତରାଧିକାରୀ ଓ ବାହକ । ବେଦ ଓ ଉପନିଷଦର ଜନ୍ମଭୂମି ଭାରତ ହିଁ ପୃଥିବୀର ସାମଗ୍ରିକ ସଂସ୍କୃତି ଓ ସଭ୍ୟତାର ଉତ୍ସ ।

ନିକଟ ଅତୀତରେ ବି.ବି.ସି.ର ଏକ ଧାରାବାହିକରେ ଖ୍ରୀଷ୍ଟ ପୂର୍ବବର୍ତ୍ତୀ ଆଦିମ ଇଉରୋପରେ ହିନ୍ଦୁଧର୍ମର ବ୍ୟାପକତା ସମ୍ବନ୍ଧରେ ପ୍ରସାରଣ କରାଯାଇଥିଲା । ଅତି ଦୂରସ୍ଥ ଆଇସ୍‌ଲ୍ୟାଣ୍ଡ ଦ୍ୱୀପରେ ଆବିଷ୍କୃତ ଏକ ମନ୍ଦିରର ଭଗ୍ନାବଶେଷ କିମ୍ବା ଇଜିପ୍ଟର ପିରାମିଡ୍ କିମ୍ବା ବାବେଲ୍ ଟାୱାର ଆଦି ସମସ୍ତେ ଶିବ ମହାପ୍ରଭୁଙ୍କର ପୂଜାର୍ଚ୍ଚନାର ପ୍ରତୀକ । ବ୍ରିଟୀଶ୍ ଦ୍ୱୀପପୁଞ୍ଜର ପୁରାତନ ଅଧିବାସୀ କେଲ୍ଟିକ୍‌ମାନେ ବୈଦିକ ଆର୍ଯ୍ୟ ଥିଲେ ଏହା ଜଣାଶୁଣା । କେଲ୍ଟିକ୍ ପୁରୋଧାମାନେ ଡ୍ରୁଇଡ୍ ନାମଧାରୀ ବୈଦିକ ବ୍ରାହ୍ମଣ ଥିଲେ । ସ୍କାଣ୍ଡିନେଭିଆ ଦେଶମାନଙ୍କର ଲୋକକଥାର ଅନେକ ସାମଞ୍ଜସ୍ୟ ହିନ୍ଦୁଲୋକକଥାମାନଙ୍କ ସହ ଅଛି । ୱିଲଡୁରାନ୍ତ କହନ୍ତି- "ଏସିଆ ମହାଦେଶରେ ହିନ୍ଦୁ ସଭ୍ୟତାର ବହୁଳ ପ୍ରସାର ଘଟିଥିଲା । ପୃଥିବୀର ସର୍ବବୃହତ୍ ଉପାସନା ସ୍ଥଳ ବିଷ୍ଣୁଦେବଙ୍କ ପାଇଁ ଉତ୍ସର୍ଗୀକୃତ କାମ୍ବୋଡ଼ିଆର ଆଙ୍କରଭାଟ୍ " (ଓଁକାର ବତ୍ସ) ଅଟେ ।

ସେମିଟିକ୍ ଧର୍ମମାନଙ୍କରେ ଜୀବନ ପ୍ରତି ଶ୍ରଦ୍ଧାହୀନତା ସହ ବିଗତ ଦୁଇ ହଜାର ବର୍ଷର ଅଭିଜ୍ଞତା ସେମାନଙ୍କର ଆଖିଖୋଲି ଦେଇଛି ଏବଂ ଭୌତିକତା ଦ୍ୱାରା ପ୍ରପୀଡ଼ିତ ପାଶ୍ଚାତ୍ୟ ଦେଶର ଅନେକ ବ୍ୟକ୍ତି ତାଙ୍କର ଖ୍ରୀଷ୍ଟ ପୂର୍ବବର୍ତ୍ତୀ ମୂଳ ଉତ୍ସର ଅନୁସନ୍ଧାନ କରୁଛନ୍ତି । ଏହି ସ୍ଥଳ (ଭାରତ) ମାନବ ସମାଜର ଆଦ୍ୟତମ ସର୍ବସାଧାରଣ ସଂସ୍କୃତି ବ୍ୟତୀତ ଅନ୍ୟ କିଛି ନୁହେଁ । ଆଞ୍ଚଳିକ ତାରତମ୍ୟ ସତ୍ତ୍ୱେ କେତେକ ସାଧାରଣ ପ୍ରଧାନ ଗୁଣ ସମସ୍ତଙ୍କ ମଧ୍ୟରେ ଥିଲା, ଯାହାକୁ ଆମେ ବର୍ତ୍ତମାନ ବୈଦିକ ସଂସ୍କୃତି ନାମରେ ନାମିତ କରୁଅଛୁଁ । ପାଶ୍ଚାତ୍ୟ ତଥା ହିନ୍ଦୁ ପଣ୍ଡିତମାନେ ସମସ୍ୱରରେ ଘୋଷଣା କରିଛନ୍ତି କି, ଆଦିମ ପୃଥିବୀରେ ଗୋଟିଏ ମାତ୍ର ସଂସ୍କୃତି ଥିଲା ଏବଂ ତାହା ହେଉଛି ବୈଦିକ ସନାତନ ସଂସ୍କୃତି ।

ବେଦମାନଙ୍କର ସାର୍ବଜନୀନ ଧର୍ମାଭିମୁଖୀ ବିଚାରଧାରାର ମହତ୍ତ୍ୱ ସମ୍ବନ୍ଧରେ ଅନଭିଜ୍ଞତା ଏକ ଦୁଃଖଦ ବ୍ୟାପାର । ଏ ସମ୍ବନ୍ଧରେ ଆମ୍ଭମାନଙ୍କର ବିମୁଖତା, ଆମ ସ୍ୱାଭିମାନରେ ଏବେ ମଧ୍ୟ ଆଞ୍ଚ ଆଣୁଛି । ଆଧ୍ୟାତ୍ମିକ ଓ ବିଶ୍ୱଜନୀନ ନିୟମର ଏକତ୍ରିକୃତ ସଂପଦ ହେଉଛି 'ବେଦ' ।

Digitized by PPRACHIN, SOA

ଯୋଗୀ ପରମହଂସ ଯୋଗାନନ୍ଦ କହନ୍ତି - ''ବାହାରୁ କୌଣସି ପବନ ଦିଆ ପଦାର୍ଥ ଦ୍ୱାରା ଜ୍ଞାନପୁରାଇ ଦିଆଯାଏନାହିଁ । ତୁମର ଅଭ୍ୟନ୍ତରରେ ଗ୍ରହଣ କରିବାର ଶକ୍ତି ଏବଂ ବ୍ୟାପକତା, ତୁମ୍ଭେ କେତେ ଶୀଘ୍ର ଓ କେତେ ପରିମାଣରେ ପ୍ରକୃତ ଜ୍ଞାନ ଆହରଣ କରିପାରିବ, ତାର ନିର୍ଦ୍ଧାରଣ କରେ ।'' ଏହି ସତ୍ୟକୁ ଜାଣି ଏବଂ ପ୍ରୟୋଗ କରି ଭାରତର ପ୍ରାଚୀନ ମୁନିଗଣ ଧ୍ୟାନ ଏବଂ ଯୋଗରେ ନିଜକୁ ନିୟୋଜିତ କଲେ, ଯାହାଦ୍ୱାରା ସେମାନେ ବିରାଟ ପଦାର୍ଥ ବିଜ୍ଞାନ ଠାରୁ ଆରମ୍ଭ କରି ଦୈନନ୍ଦିନ ଚଳଣି ପର୍ଯ୍ୟନ୍ତ ଟିକିନିଖି ମନନ ଦ୍ୱାରା ବିଶ୍ୱର ବୈଜ୍ଞାନିକ ବିଚାରଧାରା ଉପରେ ଉପନୀତ ହୋଇପାରିଥିଲେ । ସେମାନଙ୍କର ଜ୍ଞାନ ବେଦରେ ସ୍ଥାନୀତ ହୋଇ ବର୍ତ୍ତମାନ ସୁଦ୍ଧା ଭାରତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଜୀବନର ମୂଳଭିତ୍ତି ରୂପେ ଦଣ୍ଡାୟମାନ । ''ଦକ୍ଷିଣ ଆମେରିକା''ର ଇଙ୍କା ଓ ମାୟାଠାରୁ ଆରମ୍ଭ କରି ଜାପାନର ସିଣ୍ଟୋବାଦ ପର୍ଯ୍ୟନ୍ତ ପୃଥିବୀର କୋଣେ ଅନୁକୋଣେ ପ୍ରାଚୀନ ଭାରତ ମାନବ ସଂସ୍କୃତି ଓ ସଭ୍ୟତା ଗଠନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ବୌଦ୍ଧ ଭିକ୍ଷୁମାନେ ବସ୍ତୁତଃ ପ୍ରାଚୀନ ମୁନିମାନଙ୍କ ସମ୍ବଳିତ ସନାତନ ଧର୍ମର ପ୍ରଚାର ପୃଥିବୀସାରା କରିଥିଲେ ।

ହିନ୍ଦୁ ବିଜ୍ଞାନ : ଅନ୍ତତଃ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଭାରତ ପୃଥିବୀରେ ବୈଜ୍ଞାନିକ କାର୍ଯ୍ୟ ଦିଗରେ ପଥପ୍ରଦର୍ଶକ ଥିଲା । ମଧ୍ୟଯୁଗରେ ବୈଦେଶିକ ଆକ୍ରମଣ, ପରାଧୀନତା ଓ ସର୍ବସ୍ୱ ଲୁଣ୍ଠନ ଆଦି ଯୋଗୁଁ ଭାରତୀୟ ବିଜ୍ଞାନର କ୍ଷୟ ଆରମ୍ଭ ହେଲା । ଯଥାର୍ଥ ସାମାଜିକ, ଅର୍ଥନୈତିକ ପଟ୍ଟଭୂମିରେ ଏବଂ ଆଦର୍ଶ ପରିବେଶ ସହ ସହଜାତ ପ୍ରବୃତ୍ତି ମାଧ୍ୟମରେ ବିଜ୍ଞାନର କ୍ରମୋନ୍ନତି ହୁଏ । ହିନ୍ଦୁମାନଙ୍କ ମଧ୍ୟରେ ଅବଧାରଣାର ଦକ୍ଷତା ଏବଂ ଯଥାର୍ଥଭାବେ ପର୍ଯ୍ୟବେକ୍ଷଣ, ଚିନ୍ତା, ପରୀକ୍ଷା ନିରୀକ୍ଷା ଓ ସମାଧାନର ଶକ୍ତି ପ୍ରବଳ ଥିଲା । ସେମାନଙ୍କ ମଧ୍ୟରୁ ଜ୍ଞାନୀ, ଗୁଣୀ ବ୍ୟକ୍ତିମାନେ କେବଳ ଆଧ୍ୟାତ୍ମିକ, ସାଂସ୍କୃତିକ ବିଜ୍ଞାନ ନୁହେଁ, ବରଂ ଅନ୍ୟାନ୍ୟ ବହୁ ବିଭାଗରେ ବୈଜ୍ଞାନିକ ଚିନ୍ତାଧାରାର ମୂଳଭିତ୍ତି ସ୍ଥାପନ କରିଥିଲେ । ଗ୍ରହ, ଉପଗ୍ରହ ତଥା ପ୍ରକୃତି ସମ୍ବନ୍ଧରେ କେତେକ ବ୍ୟକ୍ତି ଧାର୍ମିକ ଦୃଷ୍ଟିକୋଣରୁ ଅନୁଶୀଳନ କରୁଥିବାବେଳେ ଅନ୍ୟ କେତେକ ଭୌତିକ ଦୃଷ୍ଟିକୋଣରୁ ବର୍ଷା, ପାଣିପାଗ, ସମୁଦ୍ର ଯାତ୍ରା ଓ କୃଷି ସମ୍ବନ୍ଧୀୟ ଗବେଷଣାରେ ରତ ଥିଲେ । ଖୋଦିତ ହିନ୍ଦୁ ଧ୍ୱଂସାବଶେଷମାନଙ୍କରୁ ବୈଷୟିକ ଜ୍ଞାନ କୌଶଳ ଏବଂ ଲେଖନ ପ୍ରଣାଳୀ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଉପଲବ୍ଧ ହୁଏ । ପ୍ରାଚୀନ ହିନ୍ଦୁମାନେ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନର ମୂଳଭିତ୍ତି ସ୍ଥାପନ କରିଥିଲେ । ତର୍କଶାସ୍ତ୍ର ଏବଂ ବ୍ୟାକରଣ ବିଜ୍ଞାନର ସୃଷ୍ଟି ଏବଂ ପ୍ରଗତି ବ୍ୟତୀତ, ଅଙ୍ଗବ୍ୟବଚ୍ଛେଦରୁ ଜ୍ୟୋତିର୍ବିଜ୍ଞାନ, ଦର୍ଶନ, ମନୋବିଜ୍ଞାନ, ଔଷଧ ଓ ଗଣିତ ଇତ୍ୟାଦି ବହୁ ବିଭାଗରେ

Digitized by PPRACHIN, SOA

ପ୍ରଭୂତ ଅଗ୍ରଗତି କରିଥିଲେ । ପ୍ରାଚୀନ ହିନ୍ଦୁ ସିଦ୍ଧାନ୍ତରୁ କେତେକ ଆଧୁନିକ ବିଜ୍ଞାନର ମୌଳିକ ତତ୍ତ୍ୱରେ ପରିଣତ ହୋଇଅଛି ।

ପେନସିଲଭାନିଆର ଐତିହାସିକ ଭାଷାତତ୍ତ୍ୱବିତ୍ ଅଧ୍ୟାପକ ଜର୍ଜ କାଡ଼ୋନା ଏକ ସାକ୍ଷାତକାରରେ କହନ୍ତି- '' ଆଧୁନିକ ଭାଷାବିଜ୍ଞାନୀଙ୍କ ମଧ୍ୟରେ ନୋଆମ୍‌ଚୋମ୍‌ସ୍କି ଜଣେ ବେତ୍ତା । ମାତ୍ର ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀର ପାଣିନି, ତାଙ୍କଠାରୁ ଶ୍ରେଷ୍ଠତର ଭାଷା ବିଜ୍ଞାନୀ । ଅବିଶ୍ୱାସ୍ୟ ବିଜ୍ଞାନଭିତ୍ତିକ ବ୍ୟାକରଣ ପ୍ରଣୟନରେ ସେ ପ୍ରଥମ ଓ ପ୍ରାଚୀନତମ । ତାଙ୍କର ''ଅଷ୍ଟାଧ୍ୟାୟୀ'' ଭାଷା ସମ୍ବନ୍ଧୀୟ ବହୁ ଜଟିଳ ବିଷୟର ବର୍ଣ୍ଣନାରେ ପୂର୍ଣ୍ଣ । ଏତଦ୍‌ବ୍ୟତୀତ ଚିନ୍ତା ଓ ତର୍କ (ଆକାର ଓ ଅର୍ଥର ସମ୍ବନ୍ଧ) ବିଷୟରେ ସେ ସ୍ୱୀୟ ସିଦ୍ଧାନ୍ତମାନ ଏଥିରେ ଲିପିବଦ୍ଧ କରିଛନ୍ତି । ଭାଷାର ସମସ୍ତ ଦିଗ ସମ୍ବନ୍ଧରେ ବହୁକାଳ ଧରି କରାଯାଇଥିବା ଚିନ୍ତାର ସେ ଏକ ପ୍ରସୂତି । ବେଦ, ଆରଣ୍ୟକ ଓ ଉପନିଷଦ ସମୂହ ଭାଷା ସମ୍ବନ୍ଧରେ ଚିନ୍ତା ପ୍ରକଟ କରିଛନ୍ତି । ଏ ସମସ୍ତକୁ ପାଣିନି ବହୁ ସୂକ୍ଷ୍ମଭାବରେ ବିଧିବଦ୍ଧ କରିଛନ୍ତି ଏବଂ ତା'ଉପରେ ଅନେକ ବ୍ୟାଖ୍ୟା ଏପର୍ଯ୍ୟନ୍ତ କରାଯାଇଅଛି । ସେ (ପାଣିନି), ହେଉଛନ୍ତି ସର୍ବଶେଷ ହିନ୍ଦୁ ଏବଂ ଜଣେ ତୀକ୍ଷ୍ଣ ମେଧା ସମ୍ପନ୍ନ ପଣ୍ଡିତ । ଋକ୍, ଯଜୁ, ସାମ ଓ ଅଥର୍ବ ବେଦାଦି, ରୋଗ ଔଷଧ ଏବଂ ଗ୍ରହ ନକ୍ଷତ୍ରଙ୍କ ଗଣନାଦିବ୍ୟତୀତ ଭାବାତ୍ମକ ଚିନ୍ତାଧାରାରେ ସର୍ବଶ୍ରେଷ୍ଠ । ବିଗତ କତିପୟ ଦଶକରେ ବୈଦିକ ମନ୍ତ୍ରମାନଙ୍କରୁ ଷୋଡ଼ଶ ଗାଣିତିକ ସୂତ୍ରର ଆବିଷ୍କାର କରାଯାଇଅଛି ।

ଏଥିରୁ ଜଣାପଡ଼େ ଯେ ପ୍ରାଚୀନ ଗ୍ରନ୍ଥମାନଙ୍କର ଉପଯୁକ୍ତ ବିଶ୍ଳେଷଣ କଲେ, ଆମ୍ଭେମାନେ ବହୁତ ରତ୍ନ ଉଦ୍ଧାର କରିପାରିବା । ବିଖ୍ୟାତ ଦାର୍ଶନିକ 'କଣାଦ' ଏବଂ 'କପିଳ' ଜଡ଼ବସ୍ତୁର ପାଞ୍ଚଗୋଟି ଅପରିବର୍ତ୍ତନୀୟ ଉପାଦାନ ସମ୍ବନ୍ଧରେ ବର୍ଣ୍ଣନା କରିଅଛନ୍ତି । ସେମାନେ ମଧ୍ୟ ଅଣୁ ଓ ପରମାଣୁ ବିଷୟ ଉତ୍‌ଥାପନ କରିଛନ୍ତି । କଣାଦ ଧ୍ୱନି ତରଙ୍ଗ ସମ୍ବନ୍ଧରେ ବ୍ୟକ୍ତ କରନ୍ତି ଓ କହନ୍ତି ଯେ, ଧ୍ୱନି ଓ ଆଲୋକ ଏକ ଶକ୍ତିର ବିଭିନ୍ନ ରୂପାନ୍ତର । ଏପରିକି ପ୍ରାଚୀନ କାଳରେ ଅଥର୍ବ ସଂହିତାରେ ଲିପିବଦ୍ଧ ହୋଇଛି, ''ଯଦିଓ ସାଧାରଣ ଧାରଣା ଯେ ରାହୁ ଚନ୍ଦ୍ରକୁ ଗ୍ରାସ କଲେ ଚନ୍ଦ୍ରଗହଣ ହୁଏ, ତଥାପି ଚନ୍ଦ୍ର, ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ରହିଲେ ଏହା ଘଟିପାରେ ।'' ବୈଦିକ ଯୁଗରେ ସାଧାରଣ ଧାର୍ମିକ ବିଶ୍ୱାସ ଓ ବୈଜ୍ଞାନିକ ଚିନ୍ତାଧାରା ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟ ଥିଲା । ଧାର୍ମିକ ଦଣ୍ଡ ବୈଦିକ ଯୁଗରେ ଦିଆଯାଉ ନଥିବାରୁ ପ୍ରମାଣିତ ହୁଏ ଯେ- ହିନ୍ଦୁସଂସ୍କୃତି ବହୁ ସହନଶୀଳ । ସୂର୍ଯ୍ୟ ସିଦ୍ଧାନ୍ତରେ ଜ୍ୟୋତିର୍ବିଜ୍ଞାନ କେନ୍ଦ୍ର ଉଜ୍ଜୟିନୀକୁ ଭାରତର ମେରିଡ଼ିୟାନ୍ (୦° ଦ୍ରାଘିମା) ରୂପେ ଗ୍ରହଣ କରାଯାଇଥିଲା । ସୂର୍ଯ୍ୟସିଦ୍ଧାନ୍ତରେ ସବୁଠାରୁ ଚମତ୍କାରୀ ବିଷୟ ହେଲା - ସାଇନ୍ ନିର୍ଘଣ୍ଟ (Sinetable) ଯାହା ପୃଥିବୀର ସର୍ବ ପୁରାତନ ।

Digitized by PPRACHIN, SOA

ଶତପଥ ବ୍ରାହ୍ମଣ ଓ ସୁଲ୍ୟସୂତ୍ରରେ ବହୁବାର ବର୍ଣ୍ଣିତ ''ଆୟତକ୍ଷେତ୍ରର କର୍ଣ୍ଣର ବର୍ଗ ତାର ଲମ୍ବ ଓ ପ୍ରସ୍ଥ ଉପରେ ଅଙ୍କିତ ବର୍ଗର ସମଷ୍ଟି ସହ ସମାନ ।'' ପ୍ରତିପାଦ୍ୟ ଅଯଥା ଗ୍ରୀକ୍ ପଣ୍ଡିତ ପିଥାଗୋରାସଙ୍କ କୃତି ବୋଲି ସାବ୍ୟସ୍ତ କରାଯାଉଅଛି । ପରବର୍ତ୍ତୀ କାଳରେ ଆର୍ଯ୍ୟଭଟ୍ଟଙ୍କ ଦ୍ୱାରା ସଂପୂର୍ଣ୍ଣୀକୃତ ଦଶମିକ ସଂଖ୍ୟା ବୈଦିକ ସମୟରୁ ପ୍ରଚଳିତ । ବହୁ ପୁରାତନ ହିନ୍ଦୁଶାସ୍ତ୍ର ମାନଙ୍କରେ ୧୦⁸ ପର୍ଯ୍ୟନ୍ତ ବିରାଟ ଦଶମିକମାନ ନିର୍ଣ୍ଣୟ କରାଯାଇଅଛି । ମାତ୍ର ତେଇଶି ବର୍ଷ ବୟଃକ୍ରମ କାଳରେ ଆର୍ଯ୍ୟଭଟ୍ଟ (୫୭୬ ଖ୍ରୀ:ଅ:) ତାଙ୍କର ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନ ଗ୍ରନ୍ଥ ''ଆର୍ଯ୍ୟଭଟ୍ଟିୟାନ'' ପ୍ରଣୟନ କରିଥିଲେ । ତହିଁରେ ପୃଥିବୀ ନିଜ କକ୍ଷରେ ଦୈନିକ ଘୂର୍ଣ୍ଣୟମାନ ଏବଂ ସୂର୍ଯ୍ୟର ଚତୁଃପାର୍ଶ୍ୱରେ ବାର୍ଷିକ ଗତି କରେ ବୋଲି ଦର୍ଶାଇଛନ୍ତି । ତାଙ୍କର ବିଜ୍ଞାନ କ୍ଷେତ୍ରକୁ ଅନ୍ୟାନ୍ୟ ଦାନ ମଧ୍ୟରେ ତ୍ରିକୋଣମିତିକ ''ସାଇନ୍''ର ଆବିଷ୍କାର, ପାଇ (π)ର ମୂଲ୍ୟ ନିର୍ଦ୍ଧାରଣ, ଦଶମିକ ପ୍ରଣାଳୀର ସମ୍ପୂର୍ଣ୍ଣକରଣ, ସମାନ୍ତର ପ୍ରଗତି (AP) ଓ ଜ୍ୟାମିତିକ ପ୍ରଗତି (GP) ର ଗଣନା, ସଂଖ୍ୟାମାନଙ୍କ ବର୍ଗମୂଳ ଓ ଘନମୂଳ ନିରୂପଣ (ଦଶମିକ ସାତ ସ୍ଥାନ ପର୍ଯ୍ୟନ୍ତ) ଯାହାକି ଟଲେମିଙ୍କ ଠାରୁ ବହୁ ଉଚ୍ଚକୋଟୀର, ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର କାରଣ ଏବଂ ଗ୍ରହଣର ସ୍ଥିତିକାଳ ଓ କୌଣିକ ବ୍ୟାପକତାର ଏକ ଲମ୍ବା ତାଲିକା ଦିଆଯାଇପାରେ । ବୀଜଗଣିତର ଚେତନା ସେ ଦେଇଥିଲେ । ମନୁଷ୍ୟ ସମାଜରେ ଜାତ ସର୍ବପ୍ରଥମ ଓ ସର୍ବପ୍ରଧାନ ଏହି ପ୍ରତିଭା ନିୟୁଟନ ତଥା ଅନ୍ୟାନ୍ୟ ପାଶ୍ଚାତ୍ୟ ପଣ୍ଡିତମାନଙ୍କଠାରୁ ସହସ୍ରାଧିକ ବର୍ଷ ପୂର୍ବର ଜାତ ପ୍ରତିଭା । 'ଭାସ୍କର' ବୀଜଗଣିତର ଚିନ୍ତାଧାରାକୁ ଅନେକ ଆଗେଇ ନେଇ ଆଲଗାରିଦମ୍, ଶୂନ୍ୟ ଏବଂ ତାର ବ୍ୟବହାର, ଅଜ୍ଞାତ ରାଶି ସର୍ତ୍ତ, ଦ୍ୱିଘାତ ସମୀକରଣର ସମାଧାନ ଏବଂ ତୃତୀୟ ଚତୁର୍ଥ ଘାତର ସମୀକରଣର ସମାଧାନ କରିଥିଲେ । ଆରବ ସଂଖ୍ୟାମାଳା ହିନ୍ଦୁସ୍ଥାନରୁ ଗ୍ରହଣ କରାଯାଇଥିବାରୁ ସେମାନଙ୍କୁ ''ହିନ୍ଦୁଶା'' ବୋଲି କୁହାଯାଉଅଛି ।

ଚରକ ସଂହିତା ଓ ଶୁଶ୍ରୁତ ସଂହିତାରେ ବହୁ ବ୍ୟବହାରିକ ଓ ବୈଜ୍ଞାନିକ ତଥ୍ୟ ମିଳେ - ''ଅସ୍ତ୍ର ଚିକିତ୍ସାରେ ଅଭିଜ୍ଞତା ଅର୍ଜନ କରିବାକୁ ହେଲେ ଆପଣଙ୍କୁ ଉପଯୁକ୍ତ ପୋଷାକ ପିନ୍ଧିବାକୁ ହେବ, ଗୋଟିଏ ଶବକୁ ବ୍ୟବଚ୍ଛେଦ କରି ଅଙ୍ଗ ପ୍ରତ୍ୟଙ୍ଗର ଟିକିନିଖି ବିବରଣୀ ଜାଣିବାକୁ ପଡ଼ିବ ।'' ଚରକ ଓ ଶୁଶ୍ରୁତ କେବଳ ଆୟୁର୍ବେଦିକ୍ ଉପରେ ଗବେଷଣା କରି ନଥିଲେ, ସେମାନେ ବହୁ ଜୈବ (ଅରଗାନିକ୍) ଓ ଅଜୈବ (ଇନ୍‌ଅରଗାନିକ୍) ସମ୍ମିଶ୍ରଣ (କମ୍ପାଉଣ୍ଡ)ର ତଥ୍ୟ ନିର୍ଣ୍ଣୟ କରିଥିଲେ । କେତେକ ପାଶ୍ଚାତ୍ୟ ପଣ୍ଡିତ ଦାବି କରନ୍ତି ଯେ, ବିଜ୍ଞାନର ଜନ୍ମଭୂମି ଗ୍ରୀସ୍ ଦେଶ ଏବଂ ହିନ୍ଦୁମାନେ ତାଙ୍କଠାରୁ ସବୁ ଗ୍ରହଣ କରିଛନ୍ତି, ମାତ୍ର ଫରାସୀ ଭାଷାବିଜ୍ଞାନୀ ଜିନ୍ ଫିଲୋଜଟ୍ ଏହି ଅବାନ୍ତର ଉକ୍ତିମାନଙ୍କୁ ଖଣ୍ଡନ କରିଛନ୍ତି ।

Digitized by PPRACHIN, SOA

ପ୍ରାଚୀନ ହିନ୍ଦୁ ଋଷିମାନେ ପ୍ରକୃତିର ବିଭିନ୍ନ ଦିଗ ସମ୍ବନ୍ଧରେ ବହୁ ଗବେଷଣା କରିଥିଲେ । ସେମାନେ କେବଳ ଏହି ପ୍ରବାହର ଗବେଷଣା କରି ନଥିଲେ, ପରନ୍ତୁ ମାନବ ଓ ପ୍ରକୃତି ମଧ୍ୟରେ ପରସ୍ପର ସହଯୋଗୀ ସମ୍ବନ୍ଧ ବିଷୟରେ ମଧ୍ୟ ଅବଗତ ଥିଲେ । ତେଣୁ ମାନବ କୃତ କର୍ମଯୋଗୁଁ ପ୍ରକୃତିରେ କି ବାଧା ଉପୁଯିବ ତାହା ହୃଦୟଙ୍ଗମ କରି, ପ୍ରକୃତିକୁ ସନ୍ତୁଳିତ ରଖିବାକୁ ମାନବ ପାଇଁ କେତେକ ଆଚରଣ ବିଧି ପ୍ରଣୟନ କରିଥିଲେ । ଏହି ବିଧିଗୁଡ଼ିକୁ ପାଳନ କରିବା ପାଇଁ ସେମାନେ ନାନାଦି ପ୍ରଥା ଓ ପରମ୍ପରା ସୃଷ୍ଟି ମଧ୍ୟ କରିଥିଲେ । ଆମ୍ଭମାନଙ୍କୁ ଅଧୁନାତନ ପରିପ୍ରେକ୍ଷୀରେ ସେ ସମସ୍ତଙ୍କୁ ବିଶ୍ଳେଷଣ କରିବାକୁ ପଡ଼ିବ । ଏହି କ୍ଷେତ୍ରରେ ଏକ ବିଧିବଦ୍ଧ ସମୀକ୍ଷା ଦ୍ୱାରା ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରାଯାଇପାରିବ ଏବଂ କେବଳ ହିନ୍ଦୁମାନେ ଏଦିଗରେ ସମୁଚିତ ଦିଗ୍‌ଦର୍ଶନ ଦେଇପାରିବେ । ହିନ୍ଦୁମାନଙ୍କର ଧାର୍ମିକ ବିଚାରଧାରା ମାନବିକତାକୁ ପ୍ରାଧାନ୍ୟ ଦିଏ, ଯାହା ସେମିଟିସିଜମ୍‌ର ଆତ୍ମକୈନ୍ଦ୍ରିକତା, କମ୍ୟୁନିଜିମ୍ (ସମାଜବାଦ) ଓ କ୍ୟାପିଟାଲିଜିମ୍ (ପୁଞ୍ଜିବାଦ)ର ପରିପନ୍ଥୀ ।

ଉପରୋକ୍ତ ବର୍ଣ୍ଣନା ସମ୍ପୂର୍ଣ୍ଣ ନୁହେଁ, ପ୍ରତୀକାତ୍ମକ ମାତ୍ର । ଅନେକ ଜ୍ଞାନୀ ବ୍ୟକ୍ତି ଏ ସମ୍ବନ୍ଧରେ ଗବେଷଣାରତ- ସଉକରେ ନୁହେଁ, ମାତ୍ର ପୁରାତନ ଦ୍ରଷ୍ଟାମାନଙ୍କର ଆବିଷ୍କାରରୁ ମାନବ କଲ୍ୟାଣ ସମ୍ବନ୍ଧରେ ଶିକ୍ଷା ପାଇବା ପାଇଁ । ପ୍ରାଚୀନ ଓ ନୂତନ ଚିନ୍ତାଧାରା ଉପରେ ଗବେଷଣା ଚାଲୁ ରହିବା ଉଚିତ୍ । ଆମର ଯୁବ ପୀଢ଼ି ଏହା କରିପାରିବେ । ଆମକୁ ପ୍ରାଚୀନ ଅଭିଜ୍ଞତାରୁ ଶିକ୍ଷା କରିବାକୁ ହେବ । ଏକ ସମୃଦ୍ଧ ଭବିଷ୍ୟତ ଗଠନ ପାଇଁ ଆମର ପ୍ରାଚୀନ ଜ୍ଞାନକୁ ଉପଲବ୍ଧି କରିବା ଉଚିତ୍ । ଆଲେକ୍‌ଜାଣ୍ଡାର ଓ ନୋପୋଲିଅନ୍‌ଙ୍କ ଠାରୁ ବହୁ ଉତ୍କୃଷ୍ଟ ଯୁଦ୍ଧ ବିଶାରଦ ସମୁଦ୍ରଗୁପ୍ତ ଓ ଶୈଳେନ୍ଦ୍ରଙ୍କ ବିଷୟ କେତେଜଣଙ୍କୁ ଜଣା ? ସମଗ୍ର ଦକ୍ଷିଣ ପୂର୍ବ ଏସିଆରେ ମାତ୍ର ପାଞ୍ଚଶତ ବର୍ଷତଳେ ହିନ୍ଦୁଧର୍ମର ପ୍ରାଧାନ୍ୟ ଥିଲା । ସୁଦୂର ବାଲି, ଜାଭା କାମ୍ବୋଡ଼ିଆ ଓ ଶ୍ରୀଲଙ୍କାରେ ଏବେ ମଧ୍ୟ ତାର ପ୍ରମାଣ ମିଳେ । ପୃଥିବୀକୁ ସହନଶୀଳତା ଓ ସାର୍ବଜନୀନତା ଶିକ୍ଷା ଦେଇଥିବା ଏକ ପ୍ରଖ୍ୟାତ ଧର୍ମର ଆମ୍ଭେମାନେ ଅବଲମ୍ବୀ । ପୃଥିବୀ ବ୍ୟାପୀ ହିନ୍ଦୁମାନେ ଏବେ ସେମାନଙ୍କର ବିରାଟ ପରମ୍ପରା ସମ୍ବନ୍ଧରେ ସଚେତନ ହେଲେଣି- ଏହା ଏକ ସୁଖଦ ଘଟଣା । ପୃଥିବୀବାସୀ ସେମିଟିକ ଧର୍ମକୁ ନେଇ ବହୁବର୍ଷ ଧରି ବ୍ୟାପୃତ ହୋଇପଡ଼ିଲେଣି । ହିନ୍ଦୁଧର୍ମର ବିଶ୍ୱଜନୀନ ଜ୍ଞାନ ଆହରଣ କରିବାର ସମୟ ଆସିଯାଇଛି । ଆମ ପାଇଁ ଏକ ଆହ୍ୱାନ ଓ ଏକ ସୁବିଧା ପହଞ୍ଚିଛି । ଆମ୍ଭେମାନେ ତାର ସୁଯୋଗ ନେଇ ବିଶ୍ୱକୁ ଶାନ୍ତି ଓ ସଦ୍‌ଭାବର ସନ୍ଧାନ ଦେବାକୁ ଆଗେଇ ଆସିବା ଉଚିତ୍ ।

(ସହକାର, ପ୍ରଜାତନ୍ତ୍ର - ୧୦.୦୭.୧୯୯୮)

Digitized by PPRACHIN, SOA

ବିଂଶ ଶତାବ୍ଦୀରେ ଢେଙ୍କାନାଳ ସଂସ୍କୃତି

ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଢେଙ୍କାନାଳ ଗଡ଼ଜାତ ଥିଲେହେଁ ଏ ସ୍ଥାନରେ ଓଡ଼ିଶାର ସଂସ୍କୃତି ପାଇଁ ଅନବଦ୍ୟ ଅବଦାନ ଥିଲା । ଏ ରାଜ୍ୟରେ ଯାତ୍ରା, ପାଲା, ଇତ୍ୟାଦି ସହିତ ଦଣ୍ଡ, ଘୁମୁରା, ଚାଙ୍ଗୁ ଇତ୍ୟାଦି ଏବଂ ଗଉଡ଼ବାଡ଼ି ଓ ପାଇକଙ୍କ ଖଣ୍ଡାଖେଳ ପ୍ରଭୃତି ପ୍ରଦର୍ଶିତ ହେଉଥିଲା । ଏ ରାଜ୍ୟର ପ୍ରଶାସନ ସଂସ୍କୃତି ଦିଗରେ ଆଗ୍ରହୀ ଥାଇ ତାର ପୃଷ୍ଟପୋଷକତା କରୁଥିଲେ, ତେଣୁ ଶିକ୍ଷା ଓ ସଂସ୍କୃତି ଦିଗରେ ଢେଙ୍କାନାଳ ଓଡ଼ିଶାରେ ଏକ ଅଗ୍ରଣୀ ରାଜ୍ୟ ଥିଲା । ସାହିତ୍ୟ କ୍ଷେତ୍ରରେ ମଧ୍ୟ ଢେଙ୍କାନାଳର ଅବଦାନ ବିଶେଷ ଉଲ୍ଲେଖଯୋଗ୍ୟ ଥିଲା । ନାରୀ କବି ସୁଲକ୍ଷଣା ଦେବୀ ଓ ଶଶୀକଳା ଦେବୀ, ଶ୍ରୀ ଦାମୋଦର ପଟ୍ଟନାୟକ, ଶ୍ରୀ ଚନ୍ଦ୍ରଶେଖର ପାଣୀ (ପ୍ରଥମ ପାଦ) ଶ୍ରୀ ରାମଚନ୍ଦ୍ର ନନ୍ଦ, ଶ୍ରୀ ଦାମୋଦର ପଟ୍ଟନାୟକ, ଶ୍ରୀ ଗଙ୍ଗାଧର ମିଶ୍ର (ଦ୍ୱିତୀୟ ପାଦ) ଓ ଅଗଣିତ ଲେଖିକା, ଲେଖକ ସ୍ୱାଧୀନୋତ୍ତର କାଳରେ ଓଡ଼ିଆ ସାହିତ୍ୟକୁ ସେମାନଙ୍କର ଅବଦାନ ଦେଇଅଛନ୍ତି ।

ସଂସ୍କୃତି ଦିଗରେ ସର୍ବପ୍ରଥମେ ଯାତ୍ରା ପାର୍ଟି (ନାଚ ପାର୍ଟି, ଅପେରା ପାର୍ଟି) ସମ୍ବନ୍ଧରେ ଆଲୋକପାତ କରାଯାଉ । ପ୍ରଥମ ଦଶକରେ ଅଭିନେତା, ଅଭିନେତ୍ରୀ ମାନେ ନିଜର ପରିଚୟ ନିଜେ ଦେଉଥିଲେ, ଯେପରି ବୈଦ୍ୟ ରୋଗୀ ଦେଖିବାକୁ ଆସିଲେ- 'ଲୋ ବଙ୍ଗାଳ ବୈଦ୍ୟ ଆମି, ବିକ୍ରମ ପୁରତେ ଥାଇ, କାହିଁଛନ୍ତି ରୋଗୀ ବ୍ୟକ୍ତି, ଦେବାକୁ ହେବ ଚିହ୍ନାଇ'.... ଇତ୍ୟାଦି । ମେହେନ୍ତର ପ୍ରବେଶ କଲେ- ବାଟଛାଡ଼ ସାଆନ୍ତେ ହାଡ଼ିଯାଉଛି ଗୋ---- ମୋହର ଶ୍ୱଶୁରଘର କଟକ ବାଲୁବଜାର, ଶାଶୁ ବୁଢ଼ୀକୁ ମୁଁ କାଲି ବାହା ହେଇଛି ଗୋ------- ସେ ସମୟରେ ପୁରାତନ ନାଟ୍ୟଧାରା ଅନୁଯାୟୀ ନଟ ଓ ନଟୀଙ୍କ ଦ୍ୱାରା ଯାତ୍ରା ଆରମ୍ଭ ହେଉଥିଲା । ଚନ୍ଦ୍ରଶେଖର ପାଣି ଇତ୍ୟାଦି ନାଟ୍ୟକାରମାନଙ୍କର ନାଟକ ସବୁ ପ୍ରଥମ ପାଦର ଶେଷ ଓ ଦ୍ୱିତୀୟ ପାଦରେ ଶୀର୍ଷସ୍ଥାନ ଅଧିକାର କରିଥିଲା ।

ଦ୍ୱିତୀୟ ପାଦରେ (୧୯୨୬-୧୯୫୦) ଗାଁ ଗହଳରେ ଅନେକ ଅପେରାପାର୍ଟି ସୃଷ୍ଟି ହେଲା । ଏହି ପାର୍ଟିମାନଙ୍କର ବିଶେଷ ନାମକରଣ ନଥିଲା, ଗ୍ରାମମାନଙ୍କ ନାମ ଅନୁସାରେ ପାର୍ଟିର ନାମକରଣ ହେଉଥିଲା । ଗ୍ରାମବାସୀମାନେ ଢେଙ୍କାନାଳ କିମ୍ବା ରାଜ୍ୟ ବାହାରର ଓସ୍ତାଦମାନଙ୍କୁ ନିର୍ଦ୍ଦେଶନା ପାଇଁ ନିଯୁକ୍ତ କରୁଥିଲେ । ସେ ସମୟର ବିଭିନ୍ନ ନାଚପାର୍ଟିମାନେ ହେଲେ ବାରିହାପୁର ଯାତ୍ରା ପାର୍ଟି- ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର (ଭୁବନ), ବଡ଼ଝରା ଯାତ୍ରା ପାର୍ଟି-ଶ୍ରୀ ନନ୍ଦକିଶୋର ଦାସ (କୀର୍ତ୍ତନପୁର) ରାୟ ନୃସିଂହପୁର ଯାତ୍ରାପାର୍ଟି (କମଗରା) ଶ୍ରୀ ଦାଶରଥି ଦାସ (ଢେଙ୍କାନାଳ ବାହାର), ମଠକରଗୋଳା ଯାତ୍ରାପାର୍ଟି ଶ୍ରୀ ପୀତବାସ ମିଶ୍ର (ଭୁବନ), ଚଣ୍ଡିପାଳ ଯାତ୍ରାପାର୍ଟି - ବାଞ୍ଛାନିଧି ଜେନା, କୀର୍ତ୍ତନପୁର

Digitized by PPRACHIN, SOA

ଯାତ୍ରାପାର୍ଟି - ଗୋକୁଳଚନ୍ଦ୍ର ଦାସ (କୀର୍ତ୍ତନପୁର) ଓ ସଛପୁର ଯାତ୍ରାପାର୍ଟି - ରତ୍ନାକର କର (ସଛପୁର) ଇତ୍ୟାଦି । ଏହି ଯାତ୍ରାପାର୍ଟିମାନେ ବୈଷ୍ଣବ ପାଣି, ଜଗନ୍ନାଥ ପାଣି, ଦୋଳଗୋବିନ୍ଦ ମହାନ୍ତି ଇତ୍ୟାଦିଙ୍କର ରଚିତ ନାଟକମାନ ପରିବେଷଣ କରୁଥିଲେ । ଚତୁର୍ଥ ଦଶକରେ କବିଚନ୍ଦ୍ର କାଳିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ରାସଲୀଳା ଅବଲମ୍ବନରେ ଖୋକସାରେ ଗୋଟିଏ ଥିଏଟର ପାର୍ଟି କରି ପରିବେଷଣ କରୁଥିଲେ । ପଞ୍ଚମ, ଷଷ୍ଠ ଦଶକରେ ଢେଙ୍କାନାଳ ସହରସ୍ଥ ଆଡ଼ଭୋକେଟ୍ ଶରତ କୁମାର ମିଶ୍ର 'କେଦାର ଗୌରୀ' ଗଣନାଟ୍ୟ ସଂସ୍ଥା ସ୍ଥାପନ କରି ପ୍ରାୟ ଦଶବର୍ଷ ବିଭିନ୍ନ ସ୍ଥାନରେ ଯାତ୍ରା କରୁଥିଲେ ।

ଉପଯୁକ୍ତ ସମସ୍ତ ସଂସ୍ଥା ସମ୍ବଳ ଅଭାବରୁ ବିଲୟ ପ୍ରାପ୍ତ ହେଲା । ଏଗୁଡ଼ିକ ବ୍ୟବସାୟିକ ସଂସ୍ଥା ଥିଲା । ଢେଙ୍କାନାଳର ସଦର ମହକୁମା ଢେଙ୍କାନାଳ ସହରର ସାଂସ୍କୃତିକ ଅନୁଷ୍ଠାନମାନଙ୍କ ସମ୍ବନ୍ଧରେ କିୟତ୍ ଆଲୋଚନା କରାଯାଉ । ଢେଙ୍କାନାଳ ରାଜଦରବାରର ରଙ୍ଗମହଲ ଓଡ଼ିଶାର ଏକ ଅଗ୍ରଣୀ ରଙ୍ଗମଞ୍ଚ ଥିଲା । ଏଥିରେ ଢେଙ୍କାନାଳ ତଥା ବାହାରର ଶିଳ୍ପୀମାନେ ନାଟକ ପରିବେଷଣ କରୁଥିଲେ । ରାଜକୀୟ ପୃଷ୍ଠପୋଷକତାରେ ଏଠାରେ ବିଭିନ୍ନ ପୌରାଣିକ ଓ ଐତିହାସିକ ନାଟକ ମଞ୍ଚସ୍ଥ ହୋଇଥିଲା ଯଥା କଂସବଧ, ଟିପୁ ସୁଲତାନ ଇତ୍ୟାଦି । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସ ବିଭିନ୍ନ ଗଡ଼ଜାତ, ଢେଙ୍କାନାଳ, ଆଠଗଡ଼, ବଡ଼ମ୍ବା, ତାଳଚେର ଇତ୍ୟାଦି ବୁଲି ତାଙ୍କର ନାଟକମାନ ପରିବେଷଣ କରି ଯଥେଷ୍ଟ ଅନୁଦାନ ସଂଗ୍ରହ କରୁଥିଲେ । ତେଣୁ ରଙ୍ଗମହଲରେ ତାଙ୍କର କେତେକ ନାଟକ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ସ୍ୱାଧୀନୋତ୍ତର କାଳରେ ୧୯୬୪ ମସିହାରେ ଶରତ କୁମାର ମିଶ୍ରଙ୍କ ତତ୍ୱାବଧାନରେ ଯୁଗଜ୍ୟୋତି କ୍ଲବ ଗଠନ କରାଯାଇ କେତେକ ଉଚ୍ଚକୋଟୀର ନାଟକ ମଞ୍ଚସ୍ଥ କରିଥିଲେ- ସ୍ଥାନୀୟ ପୋଲିସ୍ ପେଣ୍ଡାଲ୍‌ରେ । କଳାକାରମାନଙ୍କ ମତପାର୍ଥକ୍ୟ ହେତୁ ତାହା ନିଷ୍କ୍ରିୟ ହୋଇଯିବାରୁ ୧୯୬୭ରେ ପୁଣି 'କେଦାରଗୌରୀ' ଗଣନାଟ୍ୟସଂସ୍ଥା ଶ୍ରୀ ବିପିନ ବିହାରୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ଅନେକ ରାଜ୍ୟସ୍ତରୀୟ ତଥା ଜାତୀୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ସୁନାମ ଅର୍ଜନ କରିଅଛି । ଏ ସଂସ୍ଥା ପୁର୍ନବିଭାଜିତ ହୋଇ 'ଶତରୂପା ଓ ଶିଳ୍ପୀ' ଏପରି ଦୁଇଭାଗ ହେଲେ ମଧ୍ୟ ଶିଳ୍ପୀ ଦୁଇଟି ରାଜ୍ୟସ୍ତରୀୟ ପ୍ରତିଯୋଗୀତା ଆୟୋଜନ କରିଛି ଓ କିଛି ପୁରସ୍କାର ବିଜେତା ମଧ୍ୟ ହୋଇଛି ।

୧୯୮୦ ମସିହାରେ ଦିଲ୍ଲୀଶ୍ୱର ମହାରଣାଙ୍କ ଦ୍ୱାରା 'କଳାପରିଷଦ' ଗଠିତ ହୋଇ ଏ ପର୍ଯ୍ୟନ୍ତ ସକ୍ରିୟ ଅଛି । ମହାରଣାଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଅନେକ ନାଟକ ଜାତୀୟ ସ୍ତରରେ ପୁରସ୍କୃତ ତଥା ଉଚ୍ଚ ପ୍ରଶଂସିତ ହୋଇଅଛି । ସପ୍ତରଙ୍ଗ ଓ ତ୍ରିରଙ୍ଗା ନାମକ ଦୁଇଟି ନାଟ୍ୟାନୁଷ୍ଠାନ ଏବେ ମୁଣ୍ଡଟେକିଛି ।

Digitized by PPRACHIN, SOA

ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ 'କଳାମନ୍ଦିର' ନାମକ ଏକ ସଂସ୍ଥା ୧୯୫୬ରେ ପ୍ରତିଷ୍ଠିତ ହୋଇ ପ୍ରାୟ କୋଡ଼ିଏ ବର୍ଷ ଚାଲିବା ପରେ ବନ୍ଦ ହୋଇଗଲା । ଏହି ଅନୁଷ୍ଠାନରୁ ସେପରି ନାମକରା କଳାକାର ସୃଷ୍ଟି ହୋଇପାରିନାହାନ୍ତି । ୧୯୭୫ରେ ଏ ଲେଖକ ଢେଙ୍କାନାଳ ଆସିବାପରେ ସଂଗୀତ ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ବହୁଚେଷ୍ଟାକରି ଅନେକ ବାର ବିଫଳ ହେବା ପରେ ୧୯୭୯ରେ ଜିଲ୍ଲା ଲେଖକ ସଂସଦ ଏବଂ ୧୯୮୬ରେ ନଟରାଜ ସଂଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା କରି ସେଗୁଡ଼ିକ ପଞ୍ଜୀକୃତ କରାଇଛି । ସେମାନେ ସକ୍ଷମ ରହିଛନ୍ତି ଓ ରହିବେ । 'ନଟରାଜ'ର ନିଜସ୍ୱ ଗୃହ ନିର୍ମିତ ଓ ଜିଲ୍ଲା ଲେଖକ ସଂସଦ ଗୃହ ନିର୍ମାଣାଧୀନ । ୧୯୭୯ରେ ଯୁବଗୋଷ୍ଠୀଙ୍କୁ ନେଇ 'ସଂଧ୍ୟାତାରା' ସାହିତ୍ୟ ସଂସଦ ଗଠିତ ହୋଇ ଓଡ଼ିଶାରେ ନାମ କରିଛି । ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦର ପ୍ରତିଷ୍ଠା ପରେ ଜିଲ୍ଲାରେ କେତେଗୁଡ଼ିଏ ଆଞ୍ଚଳିକ ସାହିତ୍ୟାନୁଷ୍ଠାନ ମୁଣ୍ଡ ଟେକିଛି, ଯଥା- ଭୁବନର ଗଡ଼ନାୟକ ସାହିତ୍ୟ ସଂସଦ ଓ ବାଣୀଶ୍ରୀ ସାହିତ୍ୟ ସଂସଦ (ମହିଳା ସଂଗଠନ) ମାର୍ଥାପୁର ଅଭୟା ସାହିତ୍ୟ ସଂସଦ, କାମାକ୍ଷାନଗରର ପ୍ରବାହ ସାହିତ୍ୟ ପରିଷଦ, ଗଁଦିଆର ମହତାବ ସାହିତ୍ୟ ସଂସଦ, ରାଧାଦେଇପୁରର ବ୍ରଜନାଥ ସାହିତ୍ୟ ସଂସଦ, ବେଲଟିକିରିର ସୁରଭି ସାହିତ୍ୟ ସଂସଦ ଏବଂ ଓଡ଼ାପଡ଼ାର କଲ୍ଲୋଳ ସାହିତ୍ୟ ସଂସଦ । ଧଳପୁର ଭକ୍ତିବିନୋଦ ସାହିତ୍ୟ ସଂସଦ ଏବଂ ଅନ୍ୟ କେତେକ ସଂସଦ ନିଷ୍କ୍ରିୟ । ସାହିତ୍ୟିକ ବାତାବରଣ ପରେ ନଟରାଜ ସଂଗୀତ ବିଦ୍ୟାଳୟରୁ ଫିଟି କେତେକ ବ୍ୟକ୍ତି ସୁର ସଙ୍ଗୀତ, ନୃତ୍ୟାଙ୍ଗନା, ଭାରତୀୟ ସଂଗୀତନିଳୟ, ସର୍‌ଗମ୍ ଇତ୍ୟାଦି ବିଭିନ୍ନ ଅନୁଷ୍ଠାନମାନ ମୁଣ୍ଡଟେକିଲେଣି । ଢେଙ୍କାନାଳ ଜିଲ୍ଲା ସାହିତ୍ୟ ଓ ସଂଗୀତରେ ଅନେକ ପାଦ ଆଗେଇ ଯାଇଛି ।

ଢେଙ୍କାନାଳର ଅନ୍ୟତମ ସଂସ୍କୃତି ହେଉଛି ପାଲା । କଟକ ପଛକୁ ଢେଙ୍କାନାଳ ପାଲା ପରିବେଷଣରେ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଦାବିକରେ । ପାଲା ସାହିତ୍ୟ ଆଲୋଚନାର ଏକ ବିଶିଷ୍ଟ ମାଧ୍ୟମ । ଢେଙ୍କାନାଳର ଗ୍ରାମେ ଗ୍ରାମେ ବାଦିପାଲା ଅନୁଷ୍ଠିତ ହୋଇଥାଏ । ଗୋଟିଏ ଦଳ ଯେଉଁ ସମ୍ବାଦ ଯେଉଁଠି ଛାଡ଼ିଥାନ୍ତି ଅପର ଦଳ ସେହିଠାରୁ ଆରମ୍ଭ କରନ୍ତି, ନପାରିଲେ ପ୍ରଥମ ଦଳର ଜୟହୁଏ । ଏମାନେ ବିଶେଷତଃ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ, ରାଧାନାଥ, ଗଙ୍ଗାଧର, ବ୍ରଜନାଥ ଇତ୍ୟାଦିଙ୍କ କାବ୍ୟ ଚର୍ଚ୍ଚା କରି ଗ୍ରାମୀଣ ବ୍ୟକ୍ତିମାନଙ୍କ ମଧ୍ୟରେ ଆଲୋଚନା କରାଯାଏ । ଗାୟକମାନଙ୍କୁ କଣ୍ଠସ୍ଥ କରିବା ଓ ଅନ୍ୱୟ

Digitized by PPRACHIN, SOA

ସହ ଅର୍ଥ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼େ । ପାଲାରେ ଗୋଟିଏ ଖୋଳ (ମୃଦଙ୍ଗ), ଜଣେ ଗାୟକ, ଜଣେ ଶ୍ରୀପାଳିଆ ଓ ୩ ବା ୪ ଜଣ ପାଳିଆ ଥାନ୍ତି । ସେମାନେ ଗାୟକଙ୍କ କବିତାର ଶେଷ ଆଉଡ଼ାନ୍ତି ଏବଂ ମଝେ ମଝେ ହାସ୍ୟ ବ୍ୟଙ୍ଗ ପରିବେଷଣ କରନ୍ତି । ସ୍ୱଳ୍ପ ନୃତ୍ୟ ମଧ ତହିଁରେ ଥାଏ । ଅନ୍ୟୁନ ଦୁଇଟି ଝାଞ୍ଜ ଓ ଗାୟକଙ୍କ ଦ୍ୱାରା ଚାମର ବ୍ୟବହୃତ ହୁଏ । ସେମାନେ ଏକ ସ୍ୱତନ୍ତ୍ର ପ୍ରକାରର ପୋଷାକ ଏବଂ ପଗଡ଼ି ବ୍ୟବହାର କରନ୍ତି ଓ ଗୋଡ଼ରେ ଘୁଙ୍ଗୁର ପିନ୍ଧନ୍ତି । ଓଡ଼ିଆ ସାହିତ୍ୟର ପ୍ରସାର ପାଇଁ ଏମାନଙ୍କର ଅବଦାନ କମ୍ ନୁହେଁ । ସତ୍ୟନାରାୟଣ ଏମାନଙ୍କର ପ୍ରଧାନ ଆରାଧ୍ୟ ଦେବତା । ପାଲା ଆରମ୍ଭ ପୂର୍ବରୁ ଲଡୁ ଓ ଶିରିଣି ଭୋଗ କରି ପାଲା ଆରମ୍ଭ ହୁଏ । ଷୋଳ ପାଲା ମଧ୍ୟରୁ ଗୋଟିଏ ପାଲା ଗାଇବା ଲକ୍ଷ୍ୟରଖି ଆରମ୍ଭ ହୋଇଥିବା ଅନୁଷ୍ଠାନରେ ସାହିତ୍ୟ ଚର୍ଚ୍ଚାରେ ଦୀର୍ଘ ୫/୬ ଘଣ୍ଟା ବିତାଇଲା ପରେ ପ୍ରାୟ ଘଣ୍ଟାଏ ମଧରେ ପ୍ରକୃତ ପାଲା ଗାଇ ସାଙ୍ଗକଲା ବେଳକୁ ସୂର୍ଯ୍ୟୋଦୟ ହୋଇସାରିଥାଏ । ଢ଼େଙ୍କାନାଳରେ ଏ ପରମ୍ପରା ପ୍ରାୟ ଏକଶତାବ୍ଦୀ ଧରି ଚାଲିଆସିଅଛି । ଢ଼େଙ୍କାନାଳର କେତେକ ବିଶିଷ୍ଟ ପାଲା ଗାୟକଙ୍କ ନାମ ଏହି ପରିପ୍ରେକ୍ଷୀରେ ସ୍ଥାନିତ କରିବା ବିଧେୟ । ସେମାନେ ହେଲେ ସର୍ବଶ୍ରୀ ନାରାୟଣ ପଣ୍ଡା, ମୃଦଙ୍ଗୀ (୧୯୩୫ ଠାରୁ), ନଟବର ନାୟକ, ମଠକରଗୋଳା, ସୁରେନ୍ଦ୍ର ମିଶ୍ର-ଭୁବନ, ପୀତବାସ ମହାଳିକ-ଓଢଣା, ସନାତନ ଦାସ ଓ କୋଦଣ୍ଡଧର ସ୍ୱାଇଁ-ଭୁଷଳ, ନରୋତ୍ତମ ଦାଶ-ଜିରାଳ, ନରହରି ପଣ୍ଡା-କଙ୍କା, ମାଧବଚନ୍ଦ୍ର ଦାଶ-ଗୋବିନ୍ଦ ପୁର, ବିପିନ ବିହାରୀ ଖୁଣ୍ଟିଆ-କାଶିଆଡ଼ିହ, ରାମଚନ୍ଦ୍ର ଦାସ-କନ୍ତାରିପାଟ ଓ ତୁଳସୀଶ୍ୟାମ ତ୍ରିପାଠୀ-ସୋଗର । ପାଲା ପରିବେଷଣ ପାଇଁ କେତେକ ଲେଖକ ମଧ ସ୍ୱକୀୟ ଲେଖନୀ ଚାଳନା କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକଙ୍କୁ ଏ ଲେଖକ ଜାଣେ । ସ୍ୱର୍ଗତ ଭିକାରୀ ଚରଣ କାବ୍ୟ ରତ୍ନ-ବାଲିକିଆରୀ (ହିନ୍ଦୋଳ), ସ୍ୱର୍ଗତ ଧନେଶ୍ୱର ପତି - ଚିତ୍ତଳପୁର(ହିନ୍ଦୋଳ), ଜୟରମ ସାହୁ-କାଲୁଣିଗୋଡ଼ା, ଶରତ ଚନ୍ଦ୍ର ମହାପାତ୍ର-ଭାଗୀରଥପୁର (କାଦୁଆ ଶାସନ) ଇତ୍ୟାଦି । ଶ୍ରୀଯୁକ୍ତ ଧନେଶ୍ୱର ପାଣି ବଙ୍ଗଳାର ଷୋଳ ପାଲାକୁ ଓଡ଼ିଆ ଭାଷାନ୍ତର କରି ଧନ୍ୟବାଦର ପାତ୍ର ହୋଇଛନ୍ତି ।

ପାଲା ପଛକୁ ଢ଼େଙ୍କାନାଳର ଆଉ ଗୋଟିଏ ବିଶିଷ୍ଟ ସଂସ୍କୃତି ହେଉଛି 'ଦଣ୍ଡନାଟ' । ଢ଼େଙ୍କାନାଳରେ ଏ ପରମ୍ପରା କେଉଁ ଆଦିମକାଳରୁ ଚଳିଆସିଛି, ତାହା ଗବେଷଣା ସାପେକ୍ଷ । ଦଣ୍ଡନାଟ ମହାଦେବ ଶିବଙ୍କର ଉଦ୍ଦଣ୍ଡ ନୃତ୍ୟରୁ ଆରମ୍ଭ ବୋଲି କୁହାଯାଏ । ଏ ନାଟ୍ୟ ଧର୍ମନିରପେକ୍ଷତା ଓ ସାମ୍ୟବାଦର ଏକ ପ୍ରତୀକ । ସମାଜର ବିଭିନ୍ନ ବର୍ଗର

Digitized by PPRACHIN, SOA

ବ୍ୟକ୍ତି ଏଥିରେ ଭାଗ ନିଅନ୍ତି- ଆଚାଣ୍ଡାଳ ବ୍ରାହ୍ମଣ ପର୍ଯ୍ୟନ୍ତ । ଚୈତ୍ରମାସ ଆରମ୍ଭରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଅତି ନିଷ୍ଠାର ସହ ବକ୍ତେ ମାତ୍ର ଅରୁଆ ଖାଇ ଏମାନେ 'ଦଣ୍ଡ' ଧରି ଗ୍ରାମେ ଗ୍ରାମେ ବୁଲନ୍ତି । ଯେଉଁ ବ୍ୟକ୍ତି ଦଣ୍ଡ ରଖନ୍ତି ତାଙ୍କ ଖୋଲିରେ ଖରାବେଳେ ଧୂଳିଦଣ୍ଡ ଓ ରାତିରେ ନୃତ୍ୟ ପରିବେଷଣ କରାଯାଏ । ଶିବ ପାର୍ବତୀଙ୍କ ଜୀବନୀ ପର୍ଯ୍ୟାଲୋଚନା ଏହାର ବିଷୟବସ୍ତୁ । ଏଥିରେ ପ୍ରଧାନ ଚରିତ୍ରମାନେ ହେଲେ ଚଢ଼େୟା, ଚଢ଼େୟାଣୀ, ପତ୍ର ଶଉରା ଓ ପ୍ରଭା ଇତ୍ୟାଦି । ଗୋଟିଏ ଢ଼ୋଲ ଦଣ୍ଡନାଟର ଏକମାତ୍ର ବାଦ୍ୟଯନ୍ତ୍ର । ଢ଼େଙ୍କାନାଳର ଅନେକ ଗ୍ରାମରେ ଦଣ୍ଡଯାତ୍ରା ପାଳିତ ହୁଏ । ତା'ର ପୁଙ୍ଖାନୁପୁଙ୍ଖ ବିବରଣୀ ଦେବା ଏ କ୍ଷୁଦ୍ର ପ୍ରବନ୍ଧରେ ଅସମ୍ଭବ । ଦୁଇହଜାର ମସିହାରେ କାମାକ୍ଷାନଗରର ପ୍ରବାହ ସାହିତ୍ୟ ପରିଷଦ ସଭାପତି ଶ୍ରୀମାନ୍ ନାରାୟଣ ସାମଲ (ଓକିଲ) ଗୋଟିଏ ଦଣ୍ଡ ପ୍ରତିଯୋଗୀତା କରିଥିଲେ । ସେଥିରେ କେବଳ କାମାକ୍ଷାନଗର ସବ୍‌ଡ଼ିଭିଜନ୍‌ର ପଚିଶ ଦଣ୍ଡଯାତ୍ରା ଦଳ ଅଂଶ ଗ୍ରହଣ କରିଥିଲେ । ଢ଼େଙ୍କାନାଳର ଗ୍ରାମୀଣ ସଂସ୍କୃତିର ଏହା ଅବିଚ୍ଛେଦ୍ୟ ଅଙ୍ଗ ।

ଅନେକ ଲୋକସଂସ୍କୃତି ଯୁଗଯୁଗ ଧରି ଢ଼େଙ୍କାନାଳର ଜନମାନସକୁ ପ୍ରଭାବିତ କରି ଆସୁଛି । ଫଗୁଦଶମୀ ଠାରୁ ଆରମ୍ଭ କରି ପୂର୍ଣ୍ଣମୀ ପରବର୍ତ୍ତୀ ପ୍ରାୟ ଚଉଦ୍ ଦିନ ପର୍ଯ୍ୟନ୍ତ ଦୋଳଯାତ୍ରା ଚାଲିଥାଏ । ବିଭିନ୍ନ ଗ୍ରାମରେ ମେଳଣ ମାନ ମଧ୍ୟ ଅନୁଷ୍ଠିତ ହୁଏ । ଏଥିମଧ୍ୟରେ ତେନ୍ତୁଳିସିଂହାର ପଞ୍ଚୁଦୋଳ ପ୍ରଧାନ । ଏ ପର୍ବ ଗୋପାଳମାନଙ୍କର ପ୍ରଧାନ ପର୍ବ । ଆବାଳ ବୃଦ୍ଧବନିତା ଏ ପର୍ବର ମଜା ନିଅନ୍ତି । ଛୋଟ ପିଲାଙ୍କ ଠାରୁ ଧରି ୭୫/୮୦ ବର୍ଷର ବୃଦ୍ଧମାନେ କାଛିଆ ମାରି ଦେହରେ ରଙ୍ଗବୋଳି ଘାଗୁଡ଼ି ପିନ୍ଧି ଗଉଡ଼ ବାଡ଼ି ଖେଳନ୍ତି । ସେମାନଙ୍କର ଗୀତ ସହିତ ବୀର ଦର୍ପରେ ଚାଲି ଏବଂ ଦୁଇଟି ପାଞ୍ଚଣ ସାହାଯ୍ୟରେ ବାଡ଼ିଖେଳ ବଡ଼ ଆକର୍ଷଣୀୟ ହୁଏ । ଏବେ ଗଉଡ଼ମାନଙ୍କର ଧାର୍ମିକ ଆକର୍ଷଣର ଘୋର ଅଭାବ ପରିଲକ୍ଷିତ ହେଉଅଛି । କୌଣସି ଯାତ୍ରାରେ ଯୋଗ ଦେବାକୁ ହେଲେ ସେମାନେ ଅର୍ଥ ଦାବି କରୁଛନ୍ତି । ଏହା ଗୋପାଳ ଓଗାଳ ନାମରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ପ୍ରଦର୍ଶିତ ହେଉଛି ।

ଓଡ଼ିଶା ୧୮୦୩ରେ ବ୍ରିଟିଶ ଶାସନାଧୀନ ହେବାପରେ କେତେକବର୍ଷ ପର୍ଯ୍ୟନ୍ତ ୧୮୧୬/୧୭ ଯାଏ ବକ୍ସି ଜଗବନ୍ଧୁ ବିଦ୍ୟାଧର ଇତ୍ୟାଦିଙ୍କ ବିଦ୍ରୋହ ପରେ ପରେ ଖୋର୍ଦ୍ଧାର ଦୁର୍ଦ୍ଧର୍ଷ ପାଇକ ବାହିନୀର ଅବକ୍ଷୟ ଘଟିଲା । ଖୋର୍ଦ୍ଧା ପାଇକମାନଙ୍କ ସହ ସମତାଳର ପାଇକମାନେ ସେତେବେଳେ ଏବଂ ତା ପୂର୍ବରୁ ମରହଟ୍ଟାଙ୍କ ସହ ସମରରେ (୧୭୮୦) ବିଜୟୀ ହୋଇ ଓଡ଼ିଶାରେ ବୀରାଗ୍ରଗଣ୍ୟ ବୋଲି ଖ୍ୟାତିଲାଭ କରିଥିଲେ । ନୂତନ ଯୁଦ୍ଧ କୌଶଳ ତଥା ବିଲାତର ସୈନ୍ୟମାନଙ୍କର ବନ୍ଧୁକ ବ୍ୟବହାର ସମ୍ମୁଖରେ

Digitized by PPRACHIN, SOA

ପାଇକବାହିନୀ ନଗଣ୍ୟ ହୋଇଗଲା । ପାଇକମାନଙ୍କଠାରୁ ଅସ୍ତ୍ର ଶସ୍ତ୍ର କାଢ଼ିନିଆଗଲା । ଯୁଦ୍ଧ କରିବାପାଇଁ ସେମାନଙ୍କୁ ନିଷିଦ୍ଧ କରାଗଲା । ସେହିଦିନଠାରୁ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ପ୍ରତ୍ୟେକ ପାଇକାଳି ଗ୍ରାମରେ ପ୍ରତିବର୍ଷ ଦଶହରାରେ ପାଇକମାନେ ଖଣ୍ଡା ଖେଳି ପୂର୍ବପୁରୁଷମାନଙ୍କର ସ୍ମୃତିକୁ ଉଜାଗର କରନ୍ତି । ଢ଼େଙ୍କାନାଳରେ ଏପରି ପ୍ରାୟ ପଚାଶ ଦଳ ପାଇକ ଢ଼େଙ୍କାନାଳ ସହରସ୍ଥ ସୁରପ୍ରତାପ ସ୍ମୃତିପୀଠରେ ଏକତ୍ରିତ ହୋଇ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରନ୍ତି । ଢ଼େଙ୍କାନାଳର ଏମାନେ ଗର୍ବ ଓ ଗୌରବ ।

ବିଭିନ୍ନ ସଂସ୍କୃତି ଓ ପରମ୍ପରା ଭରା ଏ ମାଟିରେ ଯେତେ ଲୋକନୃତ୍ୟ, ଲୋକଗୀତ ପ୍ରଚଳିତ, ସବୁ ବଖାଣିବସିଲେ ପୋଥିହେବ । ସଂକ୍ଷିପ୍ତରେ କହିଲେ ଆଦିବାସୀ ଯୁଆଙ୍ଗମାନଙ୍କର ଚାଙ୍ଗୁନୃତ୍ୟ, ବିଭିନ୍ନ ସ୍ଥାନରେ ଘୁଡୁକି ନୃତ୍ୟ, ଦାଣ୍ଡ କାଠିଆ, ଘୋଡ଼ାନାଚ ଇତ୍ୟାଦି ଅବସର ବିନୋଦନ ଓ ଆମୋଦ ପାଇଁ ଯଥେଷ୍ଟ ଖୋରାକ ଯୋଗାଇଥାନ୍ତି । ରଣପା ନୃତ୍ୟ ମଧ୍ୟ ଅନ୍ୟ ଏକ ଆମୋଦ ମନୋରଞ୍ଜନର ମାଧ୍ୟମ । ଏ ସମସ୍ତ ଢ଼େଙ୍କାନାଳର ପରମ୍ପରାଗତ ହୋଇଯାଇଅଛି ଯୁଗ ଯୁଗ ଧରି । ଏତଦ୍ ବ୍ୟତୀତ ଭୁବନ ଓ ଇନ୍ଦିପୁରର କଂସା, ପିତ୍ତଳ ବାସନ, ସିମିନଇର ମଠା ପାଟ, ଗଁଦିଆର କାଠ ଫରୁଆ, ଧୂପଦାନୀ ଇତ୍ୟାଦି ଢ଼େଙ୍କାନାଳର ସାଂସ୍କୃତିକ ପରମ୍ପରା ଓଡ଼ିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନର ମର୍ଯ୍ୟାଦା ପାଇବା ନିମିତ୍ତ ବହୁମତେ ହକଦାର ।

(ଢେଙ୍କାନାଳ ମହୋତ୍ସବ-୨୦୦୨)

❖❖❖

Digitized by PPRACHIN, SOA

କୋଦାଳକ ନଗରୀ- ଅତୀତ ଓ ବର୍ତ୍ତମାନ

ପୁରୀରେ ଗଜପତି ସିଂହାସନ ଅଧିରୂଢ଼ ହୋଇ ଉତ୍କଳର ସମସ୍ତ ରାଜାଙ୍କ ଅଧିପତି ହେବା ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରୁ ଆରମ୍ଭ । ମାତ୍ର ତତ୍‌ପୂର୍ବେ ଅଷ୍ଟମ ଶତାବ୍ଦୀରୁ କୋଦାଳକ ମଣ୍ଡଳାଧୀପ, ସମସ୍ତ ମଣ୍ଡଳର ରାଜଧାନୀ ଥିଲା କୋଦାଳକ ନଗରୀ ଯାହା ଅପଭ୍ରଷ୍ଟ ହୋଇ ଅଧୁନା କୁଆଁଳୋ ଗ୍ରାମ ନାମରେ ଅଭିହିତ, ତାର ଐତିହ୍ୟ ସମ୍ବନ୍ଧରେ ପଦେ ଅଧେ ବର୍ଣ୍ଣନା କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

ଭୌମକର ଯୁଗ ଅର୍ଥାତ୍ ସପ୍ତମ ଅଷ୍ଟମ ଶତାବ୍ଦୀରେ ବ୍ରାହ୍ମଣୀ ନଦୀର ଅବବାହିକାରେ କୋଦାଳକ ନଗରୀ ଏକ ଐଶ୍ୱର୍ଯ୍ୟ ପରିପୂର୍ଣ୍ଣ ସଂସ୍କୃତି-ସମ୍ପନ୍ନ ନଗରୀ ରୂପେ ପ୍ରସିଦ୍ଧ ଥିଲା । ଏହି ଐତିହ୍ୟମୟୀ ନଗରୀରେ ଶୁଲ୍‌କୀ ବଂଶୀ ସ୍ତମ୍ଭୋପାଧିଧାରୀ ରାଜନ୍ୟ ବୃନ୍ଦ ରାଜଧାନୀ ସ୍ଥାପନ କରିଥିଲେ । ସେମାନଙ୍କ ପ୍ରଦତ୍ତ ତାମ୍ର ଶାସନରୁ କୋଦାଳକ ନଗରୀର ଗୌରବୋଜ୍ଜ୍ୱଳ ଐତିହ୍ୟର ସୂଚନା ମିଳିଥାଏ । ଅଷ୍ଟଶମ୍ଭୂ ମନ୍ଦିର ପରିଶୋଭିତ ସେହି ନଗରୀ ଏକ ମହିମା-ବନ୍ତ ଶୈବ ପୀଠ ରୂପେ ଆଧ୍ୟାତ୍ମିକ ମର୍ଯ୍ୟାଦା ଲାଭ କରିଥିଲା । ଢ଼େଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡସ୍ଥିତ କୁଆଁଳୋ ଗ୍ରାମ ସଂପ୍ରତି ବିଧ୍ୱସ୍ତ ପ୍ରାୟ କୋଦାଳକ ନଗରୀ ଅଟେ ।

ପୁଣ୍ୟତୋୟା ବ୍ରାହ୍ମଣୀ ନଦୀର ଉତ୍ତର ପାର୍ଶ୍ୱରେ ଏହି ନଗରୀ ଅବସ୍ଥିତ ଥିଲା । ସେହି ଅଞ୍ଚଳରୁ ପ୍ରାପ୍ତ ନଅଗୋଟି ଶୁଲ୍‌କୀ-ବଂଶୀ ରାଜାଙ୍କ ପ୍ରଦତ୍ତ ତାମ୍ର ଶାସନରୁ ପ୍ରାଚୀନ କୋଦାଳକ ମଣ୍ଡଳ ସମ୍ପର୍କୀୟ ବହୁ ମହତ୍ୱପୂର୍ଣ୍ଣ ସୂଚନା ଉପଲବ୍ଧ ହୋଇଥାଏ । ରଣସ୍ତମ୍ଭଙ୍କ ପ୍ରଦତ୍ତ ତାମ୍ର ଶାସନରୁ ତଥ୍ୟ ମିଳିଥାଏ ଯେ କୋଦାଳକ ନଗରୀର ନଭଶ୍ଚୁମ୍ବୀ ଦେବାଳୟ ଚତୁପାର୍ଶ୍ୱବର୍ତ୍ତୀ ରାଜନ୍ୟବୃନ୍ଦଙ୍କ କୀର୍ତ୍ତିସମୂହକୁ ଧିକ୍‌କାର କରୁଅଛି । କୁଆଁଳୋଠାରେ ବର୍ତ୍ତମାନ ଅନେକ ପ୍ରାଚୀନ ଶିବମନ୍ଦିର, ମନ୍ଦିରର ଭଗ୍ନାବଶେଷ ତଥା ବହୁ ପୋତିହୋଇ ପଡ଼ିଥିବା ପୁଷ୍କରିଣୀ ଦୃଷ୍ଟିଗୋଚର ହୋଇଥାଏ । କିନ୍ତୁ ରାଜପ୍ରାସାଦ ଭୂଗର୍ଭସ୍ଥ ହେବା ଅସମୀଚୀନ ନୁହେଁ । ତାମ୍ର ଶାସନରେ "କୋଦାଳକ ନଗରୀରୁ ଭଗବତୀ ସ୍ତମ୍ଭେଶ୍ୱରୀଙ୍କ କୃପାରୁ" ଉଲ୍ଲେଖ ଥିବାରୁ ଜଣାଯାଏ ସେଗୁଡ଼ିକ କୋଦାଳକ ରାଜ ଦରବାରରୁ ପ୍ରଦତ୍ତ ହୋଇଥିଲା । ତେଣୁ ନିଶ୍ଚିତ ଭାବେ ଶୁଲ୍‌କୀ ବଂଶ ରାଜାମାନେ ଏହା କରିଥିଲେ । ହୁଏତ ଦିନେ ନା ଦିନେ କୁଆଁଳୋର ସେହି ଶସ୍ୟ-ଶ୍ୟାମଳା ପ୍ରାନ୍ତରରୁ ସେହି ରାଜପ୍ରସାଦର ସନ୍ଧାନ ମିଳିବ ।

ଶୁଲ୍‌କୀ ବଂଶୀ ସ୍ତମ୍ଭ ଉପାଧିଧାରୀ ରାଜାଙ୍କ ପ୍ରଦତ୍ତ ତାମ୍ର ଶାସନରେ ଅର୍ଦ୍ଧଚନ୍ଦ୍ରଯୁକ୍ତ ଲାଂଛିତ ବୃଷଭ ଖୋଦିତ ହୋଇଥିବାର ପ୍ରତୀୟମାନ ହୁଏ । ଏହି ରାଜନ୍ୟ ବୃନ୍ଦ ଶୈବ

Digitized by PPRACHIN, SOA

ଥିଲେ । ପ୍ରାୟ ପ୍ରତ୍ୟେକ ତାମ୍ର ପ୍ରସ୍ତରରେ ଶିବଙ୍କର ଜୟଗାନ ସହିତ ରାଜାମାନେ ଆପଣାକୁ ପରମ ମାହେଶ୍ୱରୀ ରୂପରେ ପରିଚିତ କରାଇ ଯାଇଛନ୍ତି । ଶିବ ଭକ୍ତିର ସ୍ୱାଭିମାନରେ ସ୍ତମ୍ଭ ନୃପତି ବୃନ୍ଦ କୋଦାଳକ ନଗରୀରେ ଅଗଣିତ ଶିବ ମନ୍ଦିର ନିର୍ମାଣ କରିଥିଲେ । ଅଦ୍ୟାବଧି ଏଠାରେ ଆଠଗୋଟି ଭଗ୍ନମନ୍ଦିର ଦୃଷ୍ଟିଗୋଚର ହୋଇଥାଏ ଯାହାକି ସମ୍ପ୍ରତି ଅଷ୍ଟଶମ୍ଭୁ ପୀଠନାମରେ ପ୍ରସିଦ୍ଧି ଲାଭ କରିଅଛି । ଏଠାରେ ପୂଜିତ ଅଷ୍ଟଶମ୍ଭୁ ହେଉଛନ୍ତି କନକେଶ୍ୱର, ସ୍ୱପ୍ନେଶ୍ୱର, ଐଶାନେଶ୍ୱର, କପିଳେଶ୍ୱର, ବୈଦ୍ୟନାଥେଶ୍ୱର, ପଶ୍ଚିମେଶ୍ୱର, ବାଣେଶ୍ୱର ଓ ଲୋକନାଥେଶ୍ୱର । ତନ୍ମଧ୍ୟରୁ କନକେଶ୍ୱର ମୁଖ୍ୟ ମନ୍ଦିରରେ ପୂଜିତ । କନକେଶ୍ୱର ମନ୍ଦିର ଚତୁପାର୍ଶ୍ୱରେ ପାଞ୍ଚଗୋଟି ମନ୍ଦିରର ଭଗ୍ନାବଶେଷ ରହିଛି । କନକେଶ୍ୱର ଶିବଲିଙ୍ଗ ଭୂମି ପତ୍ତନଠାରୁ ଆଠଫୁଟ ଉଚ୍ଚ । ଲିଙ୍ଗ ଚତୁପାର୍ଶ୍ୱରେ ଥିବା ଶକ୍ତି ନଷ୍ଟ ହୋଇଯାଇଥିବାରୁ ୧୯୮୦ ମସିହାରେ ନୂତନ ଶକ୍ତି ନିର୍ମାଣ କରାଯାଇଛି । ଶକ୍ତି ନିର୍ମାଣ ସମୟରେ ୧୨ ଫୁଟ ତଳୁ ଲିଙ୍ଗ ଫୁଟି ବାହାରି ଥିବାର ଜଣାପଡ଼ିଲା । କନକେଶ୍ୱର ମନ୍ଦିରର ଉଚ୍ଚତା ୮୦ ଫୁଟ ଥିଲା । ଅଷ୍ଟଶମ୍ଭୁ ପୀଠର ପ୍ରତ୍ୟେକଟି ମନ୍ଦିର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ । ବିଶେଷତଃ ମୁଖ୍ୟ ମନ୍ଦିର ଦ୍ୱାର ଦେଶରେ ଥିବା ଗଙ୍ଗା ଯମୁନା ମୂର୍ତ୍ତି ଓ ପଶ୍ଚିମ ପାର୍ଶ୍ୱ ମନ୍ଦିର କାନ୍ଥରେ ଥିବା ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଅତୀବ ରମଣୀୟ । ପୀଠର ପୂର୍ବ ଦିଗରେ ଏକ ସ୍ୱତନ୍ତ୍ର ଆସ୍ଥାନରେ ଦଶଭୂଜା ମହିଷାମର୍ଦ୍ଦିନୀ ଦୁର୍ଗା ବିରାଜିତା । ଏହି ଦେବୀ କନକେଶ୍ୱରୀ ବା କନକ ଦୁର୍ଗା ନାମରେ ଖ୍ୟାତ । ପୀଠର ଚତୁପାର୍ଶ୍ୱରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପ୍ରତ୍ନ ବିଭବ ଇତସ୍ତତଃ ପଡ଼ିଅଛି ।

ପ୍ରାଚୀନ କୋଦାଳକ ନଗରୀ କେବଳ ଶୈବପୀଠ ନଥିଲା । ଏହା ଏକ ଶକ୍ତି ପୀଠ ରୂପେ ମଧ ମାନ୍ୟତା ଲାଭ କରିଥିଲା । ଶକ୍ତିପୀଠ କୋଦାଳକ ନଗରୀର ଅଧିଷ୍ଠାତ୍ରୀ ହେଉଛନ୍ତି ସ୍ତମ୍ଭେଶ୍ୱରୀ । ଏହି ପ୍ରାଚୀନ ଦେବୀ ମୂର୍ତ୍ତି ଶୁଳ୍କୀ ବଂଶୀ ନୃପତିଙ୍କର ଥିଲେ ଇଷ୍ଟଦେବୀ । ସ୍ତମ୍ଭେଶ୍ୱରୀ ଓଡ଼ିଶାର ସର୍ବ ପ୍ରାଚୀନ ଶାକ୍ତ ଦେବୀ । ସ୍ତମ୍ଭେଶ୍ୱରୀଙ୍କ ଭକ୍ତ ଭାବରେ ଶୁଲ୍‌କୀବଂଶର ପ୍ରତ୍ୟେକ ରାଜା ପୁରୁଷାନୁକ୍ରମେ ସ୍ତମ୍ଭ ଉପାଧିରେ ଭୂଷିତ ହୋଇଥିଲେ । କୁଳସ୍ତମ୍ଭ ପ୍ରଦତ୍ତ ତାମ୍ରଶାସନରେ ''ସ୍ତମ୍ଭେଶ୍ୱରୀ ଲବ୍‌ଧବର ପ୍ରସାଦାଃ ଶୁଲ୍‌କୀ କୁଳେନ୍ଦ୍ରଭୂତ୍ କ୍ଷିତପଃ'' । ଜୟ ସ୍ତମ୍ଭଙ୍କ ପ୍ରଦତ୍ତ ତାମ୍ର ଶାସନରେ ''ସ୍ତମ୍ଭେଶ୍ୱରୀ ଲବ୍‌ଧବର ପ୍ରଭାବୋ ମହାନୁଭବଃ ପରମ ମାହେଶ୍ୱରୀ'' ତଥା ରଣ ସ୍ତମ୍ଭଙ୍କ ପ୍ରଦତ୍ତ ତାମ୍ର ଶାସନରେ ''ଆସ୍ୟ କୁଳଦେବତା ଭଗବତୀ ସ୍ତମ୍ଭେଶ୍ୱରୀ'' ପ୍ରଭୃତି ଉଲ୍ଲିଖିତ ଥିବାରୁ ଏହା ସ୍ପଷ୍ଟ ସେ ଶୁଲ୍‌କୀବଂଶର କୂଳଦେବତା ଥିଲେ । ଯେଉଁ ଶୁଲ୍‌କୀ ବଂଶ ନୃପତି ବୃନ୍ଦ ଅଂସଖ୍ୟ ଶିବ ମନ୍ଦିର ନିର୍ମାଣ କରି ପାରିଥିଲେ ସେମାନଙ୍କ ପକ୍ଷରେ ଆପଣାର କୁଳଦେବୀଙ୍କ ନିମିତ୍ତ ସୁରମ୍ୟ ମନ୍ଦିର୍ ନିର୍ମାଣ କରିବା ଅସାଧ ନଥିଲା । ବର୍ତ୍ତମାନ

Digitized by PPRACHIN, SOA

ଖମ୍ଭେଶ୍ୱରୀଦେବୀ କଲଦା ଗ୍ରାମ ନିକଟସ୍ଥ ଏକ ଉପବନ ମଧ୍ୟରେ ମୁକ୍ତ ଆସନରେ ବିରାଜିତ । ଏହି ଦେବୀମୂର୍ତ୍ତି ଚତୁର୍ଥ କିମ୍ବା ପଞ୍ଚମ ଶତାବ୍ଦୀର ବୋଲି ମନେକରାଯାଏ ।

ତୃତୀୟ ଅନଙ୍ଗଭୀମ ଦେବ ଦ୍ୱାଦଶ ଶତାବ୍ଦୀରେ ଶୁଳ୍କୀ ରାଜାଙ୍କୁ ପରାସ୍ତ କରି ସ୍ୱାଧୀନ କରିଥିଲେ । ଶୁଲ୍କୀ ସାମ୍ରାଜ୍ୟ ଉତ୍ତର଼ରେ ପାଲଲହଡ଼ା ଠାରୁ ଦକ୍ଷିଣରେ ଅନୁଗୁଳ ପର୍ଯ୍ୟନ୍ତ ଓ ପୂର୍ବରେ ଢ଼େଙ୍କାନାଳଠାରୁ ପଶ୍ଚିମରେ ତାଳଚେର ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ତଦବଧି ଢ଼େଙ୍କାନାଳର ନାମକରଣ ହୋଇ ନଥିଲେ ହେଁ କରମୂଳ ପାଟଣା, ହଦଗଡ଼, ଭୀମନଗ୍ରୀ ଦଣ୍ଡପାଟ ଆଦି ପରବର୍ତ୍ତୀ ସମୟରେ ଢ଼େଙ୍କାନାଳ ନାମରେ ନାମିତ ହୋଇଥିଲା । ପଶ୍ଚିମରେ ସମ୍ବଲପୁର ପର୍ଯ୍ୟନ୍ତ ରାଜ୍ୟ ଶୁଲ୍କୀରାଜାମାନଙ୍କର ଅଧୀନତା ସ୍ୱୀକାର କରିଥିଲେ । ଶୁଲ୍କୀମାନେ ସମର ନିପୁଣ ସୋଲାଙ୍କିମାନଙ୍କର ଏକଶାଖା ବୋଲି ଐତିହାସିକମାନେ ମତ ଦିଅନ୍ତି । ଏମାନେ ମହାରାଜ, ବିକ୍ରମାଦିତ୍ୟ ଓ ରାଣକ ଇତ୍ୟାଦି ଉପାଧିରେ ଭୂଷିତ ହେଉଥିଲେ । ରଣସ୍ତମ୍ଭଙ୍କର ଜରାଗ୍ରାମ ତାମ୍ରଶାସନରୁ ଜଣାଯାଏ ଯେ ଶୁଲ୍କୀମାନଙ୍କର ରାଜ୍ୟ ବଙ୍ଗଦେଶ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ସେମାନଙ୍କର ଶାସନ ପଦ୍ଧତି ଉଚ୍ଚକୋଟୀର ଥିଲା । ସୈନିକମାନେ ଚାଟ ଓ ଭାଟ, ଏପରି ଦୁଇଭାଗରେ ବିଭକ୍ତ ହୋଇ ରାଜ୍ୟରକ୍ଷା କାର୍ଯ୍ୟରେ ବ୍ୟାପୃତ ଥିଲେ । ସମଗ୍ର ରାଜ୍ୟରେ ଭୂବନ୍ଦୋବସ୍ତ କରାଯାଇ ଗ୍ରାମମାନଙ୍କର ସୀମା ସରହଦ ଏବଂ ଭୂ-ରାଜସ୍ୱ ଇତ୍ୟାଦି ନିର୍ଦ୍ଧାରଣ କରାଯାଉଥିଲା । କୁଳସ୍ତମ୍ଭଙ୍କର ତାଳଚେର ତାମ୍ରଶାସନ ପ୍ରତିପାଦନ କରେ ଯେ ରୂପ୍ୟ ନାମକ ଏକ ପ୍ରକାର ମୁଦ୍ରାର ପ୍ରଚଳନ ସେ କରାଇଥିଲେ । ଶୁଲ୍କୀମାନେ ପ୍ରାଚୀନ ଭାରତର ଶାସନବ୍ୟବସ୍ଥା କୋଦାଳକରେ ପ୍ରବର୍ତ୍ତନ କରିଥିଲେ ।

ଶୁଲ୍କୀ ରାଜତ୍ୱକାଳରେ ବହୁ ମନ୍ଦିର, ପ୍ରାସାଦ ତଥା ଦୁର୍ଗ ନିର୍ମାଣ କରାଯାଇଥିଲା । ଏଗୁଡ଼ିକ ଦ୍ରାବିଡ଼ (ଦକ୍ଷିଣ ଭାରତ) ପ୍ରଥା ଶିଳ୍ପ କୌଶଳରେ ବିଶେଷ ଭାବେ ନର୍ମିତ । ଉତ୍ତର ଭାରତରେ ନାଗର ପ୍ରଥା ମଧ୍ୟ କିୟଦ୍ ଦୃଷ୍ଟିଗୋଚର ହୁଏ । ମନ୍ଦିରମାନଙ୍କର ଅବୟବ ଦୀର୍ଘ, ସରଳ ତଥା ସ୍ଥୂଳାକୃତି । ମନ୍ଦିରର ଚତୁପାର୍ଶ୍ୱସ୍ଥ କାନ୍ଥମାନଙ୍କରେ ଶିବ, ପାର୍ବତୀ, କାର୍ତ୍ତିକେୟ, ଗଣେଶ ଓ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିମାନ ଖୋଦିତ । ଏତଦ୍ ବ୍ୟତୀତ ସୂର୍ଯ୍ୟ, ଚନ୍ଦ୍ର, ଅଷ୍ଟଗ୍ରହ ଓ ପୂର୍ଣ୍ଣ କୁମ୍ଭ ଇତ୍ୟାଦି ମଧ୍ୟ ଚିତ୍ରିତ ହୋଇଅଛି । ଏହାର ମାଧ୍ୟମରେ ଶୁଲ୍କୀ ନୃପତିବୃନ୍ଦ ଧର୍ମର ପରିପ୍ରସାର ଘଟାଇଥିଲେ ।

ଶୁଲ୍କୀ ରାଜତ୍ୱକାଳରେ କେବଳ ଯେ ଶୈବ ବା ଶାକ୍ତ ପଦ୍ଧତିରେ ଗୁରୁତ୍ୱ ଦିଆଯାଉଥିଲା, ତାହା ନୁହେଁ । ସେହି ସମୟରେ ବୈଷ୍ଣବ ସଂସ୍କୃତିର ମଧ୍ୟ ପ୍ରସାର ଘଟିଥିଲା । ଭୀମକାଣ୍ଡ ଓ ସରାଙ୍ଗଠାରେ ଖୋଦିତ ଦୁଇଟି ଶାୟିତ ବିଷ୍ଣୁମୂର୍ତ୍ତିରୁ ଏହାର ପ୍ରମାଣ ମିଳେ । କୋଦାଳକ ମଣ୍ଡଳ ଅନ୍ତର୍ଗତ ବ୍ରାହ୍ମଣୀ ଅବବାହିକାରେ ତଥା ପାର୍ବତ୍ୟ

Digitized by PPRACHIN, SOA

ଅଞ୍ଚଳରେ ସେ କାଳରେ ଯେ ଏକ ଉନ୍ନତ ସଭ୍ୟତାର ବିକାଶ ଘଟିଥିଲା ଏହା ନିଃସନ୍ଦେହରେ କୁହାଯାଇପାରେ ।

ଦୀର୍ଘ ଦ୍ୱାଦଶ ଶତାବ୍ଦୀଧରି କଳିଙ୍ଗଉତ୍କଳର ଇତିହାସ ତଥା ଭୂଗୋଳର ଅନେକ ପରିବର୍ତ୍ତନ ଘଟି ଯାଇଅଛି । ମୁସଲମାନ, ମୋଗଲ ଇଂରେଜ ଶାସନ ସମୟରେ ପରାଧୀନତା ଏ ଦେଶ ଭୋଗ କରିଅଛି । ତତ୍ ପୂର୍ବବର୍ତ୍ତୀ ସ୍ୱାଧୀନ ଭାରତଭୂମି ମଧ୍ୟସ୍ଥ କୋଦାଳକ ମଣ୍ଡଳ ଅଧୁନା ପୁନଶ୍ଚ ସ୍ୱାଧୀନତାର ସ୍ୱାଦ ଆସ୍ୱାଦନ କରିଅଛି । ମାତ୍ର କୋଦାଳକ ମଣ୍ଡଳ ନାହିଁ, ରାଜବଂଶ ଲୁପ୍ତ । ମନକୁ ଲାଗେ ଯେପରି କାଳସ୍ରୋତର ପ୍ରବାହରେ ଏ ଭୂମି ବୁଡ଼ି ବୁଡ଼ି ଏବେ ଜଳମଧ୍ୟରୁ ନିମଜ୍ଜିତ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବା ବେଳକୁ ଦେଖୁଛି, ସେ ଅଶରୀରୀ ହୋଇ ଯାଇଅଛି- ତାର କାୟା ପାଲଟ ଘଟିଛି । ସେ ସ୍ମୃତିକୁ, ସେ ପ୍ରାଚୀନ କୀର୍ତ୍ତିରାଜିକୁ ସଂରକ୍ଷଣ କରିବା ପାଇଁ ସରକାରଙ୍କ ତରଫରୁ ଆନ୍ତରିକତାର ବହୁ ଅଭାବ ପରିଲକ୍ଷିତ ହୁଏ । ଅଷ୍ଟଶମ୍ଭୁଙ୍କର ମନ୍ଦିରଗୁଡ଼ିକ ଜୀର୍ଣ୍ଣ ଓ ଭଗ୍ନ । କନକେଶ୍ୱରୀ ଏକ ଚାଳଘର ମଧ୍ୟରେ ପୂଜିତା, ସେ ଗୃହ ମଧ୍ୟ ଗ୍ରାମବାସୀମାନଙ୍କ ଦ୍ୱାରା ନିର୍ମିତ । ପ୍ରାଚୀନ କର୍ତ୍ତିଭାବେ ଅଜନ୍ତା, ଏଲୋରା ଏବଂ ବୌଦ୍ଧବିହାରମାନଙ୍କୁ ବାଦ୍ ଦେଲେ, ତତ୍‌ପରବର୍ତ୍ତୀ ସଂସ୍କୃତିର ସର୍ବପୁରାତନ ସ୍ମୃତି ବୋଧହୁଏ ଏହି କୋଦାଳକ ମଣ୍ଡଳସ୍ଥ ଶୁଲ୍କୀ ଓ ସ୍ତମ୍ଭ ବଂଶ ରାଜାମାନଙ୍କର କୀର୍ତ୍ତିରାଜି । ଆଜି ପୃଥିବୀର ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ ଅନାଦୃତ, ଅବହେଳିତ ଏବଂ ବହୁ ନାଗରିକଙ୍କ ନିକଟରେ ଅଜ୍ଞାତ । ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀ କରାଯାଇ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଏକ ବିଶିଷ୍ଟ ସ୍ଥାନର ମାନ୍ୟତା ଦେବା ଅତୀବ ସମୀଚୀନ । ଏ ସ୍ଥଳୀର ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ଗବେଷଣା ହେବା ସର୍ବାଦୌ ଆବଶ୍ୟକ । ଏହା ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ମୂକ ସାକ୍ଷୀ ।

(ଢେଙ୍କାନାଳ ମହୋତ୍ସବ, ୧୯୯୯)

❖❖❖

Digitized by PPRACHIN, SOA

ମହାବିଷୁବ ସଂକ୍ରାନ୍ତି

ବିଷୁବ ଶବ୍ଦ ବିଷୁ-ବ-ଅ ଦ୍ୱାରା ନିଷ୍ପନ୍ନ । ବିଷୁ ଶବ୍ଦର ଅର୍ଥ ସାମ୍ୟ ବା ସମାନତା । ଏହି ଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଅବସ୍ଥାନ କରୁଥିବାରୁ ଦିନ ରାତି ସମାନ ହୁଏ । ସୂର୍ଯ୍ୟଙ୍କର ସଂକ୍ରମଣ ଜନିତ ଏହି ବିଘଟନକୁ ବିଷୁବ ସଂକ୍ରାନ୍ତି କୁହାଯାଏ । ଭାରତୀୟ ଜନମାନସରେ ଏହା ଏକ ଚେତନାଦ୍ୟୋତକ ମାହେନ୍ଦ୍ର ବେଳା । ଅତୀତ ଓ ଭବିଷ୍ୟତର ଏହି ମିଳନ ମୁହୂର୍ତ୍ତ ଉଭୟ ଜୀବ ଓ ଜଡ଼ ଜଗତ ଉପରେ ଏକ ପ୍ରଚ୍ଛନ୍ନ ପ୍ରଭାବ ପକାଇଥାଏ । ବିଶେଷକରି ଏହି ପବିତ୍ର ବେଳା ଜନମାନସରେ ସୂକ୍ଷ୍ମ ଆଧାତ୍ମ୍ୟ ପ୍ରବୃତ୍ତି ଜାଗ୍ରତ କରାଇଥାଏ ।

''ଆହଶ୍ଚ କୃଷ୍ଣ ମହରର୍ଜ୍ଜୁନଂଚ'' (ଋକ ୬.୯.୧) । କେତେକ ପଣ୍ଡିତ ଯେ କୃଷ୍ଣ ସେ ଅର୍ଜ୍ଜୁନ ବୋଲି ଏହାର ଅର୍ଥ କରିଥାନ୍ତି । ମାତ୍ର ବୈଦିକ ଅର୍ଥ ଅନୁସାରେ କୃଷ୍ଣସହ (କୃଷ୍ଣଦିନ) ଅର୍ଥାତ୍ ରାତି ଓ ଅର୍ଜ୍ଜୁନ ଅର୍ଥ ଦିନ । ସମାନ ଦିନ ଓ ରାତିକୁ ଏହା ବୁଝାଏ । ପ୍ରକୃତ ପକ୍ଷେ ଉପର୍ଯ୍ୟୁକ୍ତ ବେଦୋକ୍ତିହିଁ ବିଷୁବ ସଂକ୍ରାନ୍ତିକୁ ସଂକେତ କରେ ।

ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କୁ କେନ୍ଦ୍ର କରି ସମସ୍ତ ଗ୍ରହ ଉପଗ୍ରହାଦି ଦୈନିକ ଓ ବାର୍ଷିକଗତିରେ ଶୃଙ୍ଖଳିତ । ବାର୍ଷିକ ଗତିର ଅୟମାରମ୍ଭ ମୁହୂର୍ତ୍ତରେ ଏହି ବିକିରଣ ଅତୀବ ଔଜ୍ୟଲ୍ୟମୟ ତଥା ଶକ୍ତିଶାଳୀ । ଏହି ପୁରୋଦୃଷ୍ଟିରେ ସୂର୍ଯ୍ୟଦେବଙ୍କର ବାର୍ଷିକ ଗତିର ଆରମ୍ଭ ଦିବସକୁ ମହାବିଷୁବ ସଂକ୍ରାନ୍ତି ରୂପେ ମାନ୍ୟତା ଦିଆଯାଇଅଛି । ଭାରତରେ ପ୍ରଚଳିତ ବିଭିନ୍ନ ପଞ୍ଜିକାରେ ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ପୁଣ୍ୟକାଳ ଭିନ୍ନ ଭିନ୍ନ ପଦ୍ଧତିରେ ନିର୍ଣ୍ଣୟ କରାଯାଇଛି ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ପାଞ୍ଚପ୍ରକାର ବର୍ଷ ପ୍ରଚଳିତ । ସେଗୁଡ଼ିକ ହେଉଛି, ସୌର, ବାର୍ହସ୍ପତା, ସାବନ, ଚାନ୍ଦ୍ର ଓ ନାକ୍ଷତ୍ରିକ । ପ୍ରତ୍ୟେକ ବର୍ଷର ଗଣନା ଭିନ୍ନ ଭିନ୍ନ । ସୌର ବର୍ଷର କାଳ ଦି ୩୬୫/୧୫/୩୧/୨୦/ବାର୍ହସ୍ପତ୍ୟଦି୩୬୧ନ । ସାବନ ଦି୩୬୦ନ । ଚାନ୍ଦ୍ର ଦି୩୫୫ନ ଓ ନାକ୍ଷତ୍ରିକ ଦି୩୬୦ନ ଅଟେ । ଚାନ୍ଦ୍ରବର୍ଷ ଦି୩୫୫ନ, ହୋଇଥିବାରୁ ପ୍ରତି ତିନିବର୍ଷରେ ଏକ ମଳମାସ ବା ଅଧିମାସର ସୃଷ୍ଟିହୋଇ ଥାଏ । ତେଣୁ ଚାନ୍ଦ୍ରବର୍ଷ ପଦ୍ଧତିରେ ସଂକ୍ରାନ୍ତିର କାଳ ନିରୂପଣ ପ୍ରମାଣ ସିଦ୍ଧ ନୁହେଁ । ଏହି କାଳ ସୌରବର୍ଷ ଗଣନା ଅନୁଯାୟୀ ନିର୍ଦ୍ଧାରଣ କରାଯାଏ । ସୌର ବର୍ଷ ପଦ୍ଧତିରେ ବାରଗୋଟି ରାଶିଚକ୍ର ଅଛି ଏବଂ ପ୍ରତ୍ୟେକ ରାଶିଚକ୍ର ଏକ ସଂକ୍ରାନ୍ତିରୁ ଆରମ୍ଭ ହୋଇଥାଏ । ତନ୍ମଧ୍ୟରୁ ପ୍ରଥମ ରାଶି ବା ମେଷ ରାଶିର ପ୍ରଥମ ଦିବସହିଁ ମହାବିଷୁବ ସଂକ୍ରାନ୍ତି ।

ସୌରବର୍ଷ ଅନୁଯାୟୀ ସୌର ବୃତ୍ତର ପ୍ରଥମ ବିନ୍ଦୁରେ ସୂର୍ଯ୍ୟଙ୍କର ସ୍ଥିତିକୁ ମହାବିଷୁବ ସଂକ୍ରାନ୍ତି ବୋଲାଯାଏ । ଜ୍ୟୋତିଷର ବର୍ଣ୍ଣନା ଅନୁଯାୟୀ ଆକାଶରେ ସ୍ଥିତକାଳ୍ପନିକ

Digitized by PPRACHIN, SOA

ବିଷୁବରେଖାକୁ ସୌରକ୍ରାନ୍ତି ଦୁଇଟି ନିର୍ଦ୍ଦିଷ୍ଟ ବିନ୍ଦୁରେ ଛେଦ କରିଥାଏ । ଏହି ଦୁଇ ବିନ୍ଦୁରେ ସୂର୍ଯ୍ୟଙ୍କର ଅବସ୍ଥାନକୁ ମହାବିଷୁବ ଓ ଜଳ-ବିଷୁବ ଆଖ୍ୟା ଦିଆଯାଇଛି । ମେଷ ରାଶିର ପ୍ରବେଶ ସମୟକୁ ମହାବିଷୁବ ଓ ତୁଳା ରାଶିର ପ୍ରବେଶ ସମୟକୁ ଜଳବିଷୁବ କୁହାଯାଏ । ବିଶ୍ୱ ଜାଗତିକ ପ୍ରକ୍ରିୟାର ଦୋଳନ ଓ କମ୍ପନ ହେତୁ ଏହି ବିନ୍ଦୁ ଛେଦ ସମୟ ସମୟରେ କିଞ୍ଚିତ୍ ପଛକୁ ଘୁଞ୍ଚିଯାଇଥାଏ । ଏହି ପାଶ୍ଚାତ୍-ଧାବନର ପରିମାପକୁ ଅୟନାଂଶ କୁହାଯାଏ । ଜ୍ୟୋତିର୍ବିଦ୍‌ମାନେ ଅୟନାଂଶର ସ୍ଥିତି ନିର୍ଣ୍ଣୟ ପୂର୍ବକ ମହାବିଷୁବ ସଂକ୍ରାନ୍ତିର ସଠିକ୍ କାଳ ନିରୂପଣ କରିଥାନ୍ତି । ତଦନୁଯାୟୀ ବିଭିନ୍ନ ପଞ୍ଜିକାରେ ସୂର୍ଯ୍ୟ ତଥା ଅନ୍ୟଗ୍ରହଙ୍କର ସ୍ଥିତି, ଚଳନ ଓ ପ୍ରଭାବ ସୂଚନା ଦିଆଯାଇଥାଏ । ଧର୍ମାଚାର୍ଯ୍ୟମାନେ କ୍ରାନ୍ତିପାତ ମୁହୂର୍ତ୍ତରେ ମହାବିଷୁବ ସଂକ୍ରାନ୍ତି ପାଳନ କରିବାର ଉଦ୍‌ଘୋଷଣା ପୂର୍ବକ ସୃଷ୍ଟିଧର୍ମ ସହିତ ମାନବ ଧର୍ମର ଅଖଣ୍ଡ ଯୋଗସୂତ୍ରର ସୂଚନା ଦେଇଯାଇଛନ୍ତି ।

ଏହି ଅନୁଭବକୁ ସାଧାରଣ ଜୀବନରେ ଉପଲବ୍‌ଧି ନିମିତ୍ତ ଆମର ପୂର୍ବସୂରୀଗଣ ଏହି ପୂଣ୍ୟ ଦିବସରେ ପର୍ବ, ମହୋତ୍ସବ ତଥା ଉପାସନାର ବିଭିନ୍ନ ବିଧିବ୍ୟବସ୍ଥା କରି ଯାଇଛନ୍ତି । ତାହା କାଳକ୍ରମେ ପାରମ୍ପରିକ ରୂପ ନେଇଛି । ବେଦ ବର୍ଣ୍ଣନାରେ ସୂର୍ଯ୍ୟ ସ୍ୱକୀୟ ତ୍ରିବିଧରୂପର ପ୍ରଭାସ୍ୱରୂପରେ ସକଳ ବିଶ୍ୱରେ ଆତ୍ମସତ୍ତା ରୂପେ ପରିବ୍ୟାପ୍ତ । ଭାରତୀୟମାନେ ପ୍ରାଚୀନ କାଳରୁ କ୍ରାନ୍ତିପାତ ମୁହୂର୍ତ୍ତକୁ ସର୍ବାଧିକ ସଂବେଦନଶୀଳ ପୂଣ୍ୟକାଳରୂପେ ବିବେଚନା କରିଅଛନ୍ତି । ସମୟକ୍ରମେ ଭାରତୀୟ ଜନଜୀବନରେ ମହାବିଷୁବ ସଂକ୍ରାନ୍ତି ପାଳନ ବ୍ୟକ୍ତିଗତ, ପାରିବାରିକ ତଥା ଆନୁଷ୍ଠାନିକ ମହୋତ୍ସବରେ ପରିଣତ ହୋଇଯାଇଛି । ଧର୍ମପ୍ରାଣ ବ୍ୟକ୍ତିମାନେ ବିଷୁବ ସଂକ୍ରାନ୍ତିର ପୂଣ୍ୟକାଳରେ ଧର୍ମାଚରଣ ଦ୍ୱାରା ସାରାବର୍ଷର ସୌଭାଗ୍ୟ, ସମୃଦ୍ଧି ଓ ବିକାଶ କାମନା କରିଥାନ୍ତି । ବୈଷ୍ଣବମାନଙ୍କ ପକ୍ଷରେ ଏହା ଆତ୍ମରତିର ମଧୁର ମୁହୂର୍ତ୍ତ । ସଦ୍‌ଗୃହସ୍ଥନିମିତ୍ତ ଏହା ସ୍ୱଧର୍ମାଚରଣର କଲ୍ୟାଣମୟ ବେଳା । ବିଷୁବ ସଂକ୍ରାନ୍ତି ସମୀରଣ ସର୍ବରୋଗ ନିବାରକ ତଥା ଆଧ୍ୟାତ୍ମ ଚେତନାଦ୍ୟୋତକ ବୋଲି ଭାରତୀୟମାନଙ୍କ ବିଶ୍ୱାସ ।

ମହାବିଷୁବ ସଂକ୍ରାନ୍ତିରେ ଦେବାଳୟମାନଙ୍କରେ ଅଖଣ୍ଡ ଜଳଧାରା ପ୍ରଦାନ ପୂର୍ବକ ସ୍ତୋତ୍ର ପାଠ କରାଯାଇ ଶାନ୍ତି ଓ ସମନ୍ୱୟ କାମନା କରାଯାଏ । ବିଶ୍ୱ କଲ୍ୟାଣ କାମନା କରି ସର୍ବମଙ୍ଗଳମୟ ମହାଦେବଙ୍କର ଅଖଣ୍ଡ ରୁଦ୍ରାଭିଷେକ ବିଷୁବ ସଂକ୍ରାନ୍ତି ପାଳନର ଏକ ବିଶେଷ ବିଧି । ଏହି ପୂଣ୍ୟ ଦିବସରେ ତୁଳସୀ ଚଉରା ଉପରେ ଛାୟାମଣ୍ଡପ ନିର୍ମାଣ କରାଯାଇ ଜଳଧାରା ଅର୍ପଣ କରାଯାଏ । ଅଖଣ୍ଡ ନାମ ସଂକୀର୍ତ୍ତନ, ଗୀତା ପାଠ, ଚଣ୍ଡୀପାଠ, ପ୍ରଭୃତି ଆଧ୍ୟାତ୍ମିକ ଅନୁଷ୍ଠାନମାନ ବିଶେଷଭାବେ ପାଳନ କରାଯାଏ । ଧର୍ମପରାୟଣ ବ୍ୟକ୍ତିମାନେ ଏହି ପୂଣ୍ୟ କାଳରେ ଅନ୍ନ, ଜଳ, ବସ୍ତ୍ର, ଛତ୍ର, ଉପାନହ ପ୍ରଭୃତି ଅକୁଣ୍ଠ ଚିତ୍ତରେ ଦାନ କରିଥାନ୍ତି । ଏହି ଦିବସରେ ପଣା ପର୍ବର ଏକ ସ୍ୱାତନ୍ତ୍ର୍ୟ ରହିଛି ।

Digitized by PPRACHIN, SOA

ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ମଧ୍ୟରେ ଶିବରାସ(ଦଣ୍ଡ) ପ୍ରଧାନ । ଯୋଗକରିବା ପାଇଁ ପ୍ରଥମେ ଏକାଗ୍ରତା ଆବଶ୍ୟକ । ସେହି ଏକାଗ୍ରତାର ପରୀକ୍ଷା ଓ ଅଭ୍ୟାସ ଶିବରାସ ଯାହା ଅଧୁନା ଦଣ୍ଡଯାତ ଭାବରେ ଓଡ଼ିଶାର ଗ୍ରାମାଞ୍ଚଳ ତଥା ଢେଙ୍କାନାଳ, କଟକ, ନରସିଂହପୁର ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ଦେଖାଯାଏ । ଶିବରାସ ଓ ଦଣ୍ଡଯାତର ବର୍ଣ୍ଣନା ଶିବପୁରାଣରେ ଦେଖିବାକୁ ମିଳେ । ପୁରାଣ ବର୍ଣ୍ଣନା ଅନୁସାରେ ଶିବ (ମହାଦେବ) ଏକଦା ଏକ ଷଣ୍ଢ (କପିଳା) ହତ୍ୟାକରିଥିବାରୁ ବହୁଯଜ୍ଞ ଅନୁଷ୍ଠାନପରେ ଗୋହତ୍ୟା ପାପରୁ ମୁକ୍ତ ହୋଇଥିଲେ । ସେହି ଖୁସିରେ ଦେବତା ଓ ଋଷିମାନେ ମିଶି ଶିବରାସ ବା ଦଣ୍ଡନୃତ୍ୟ ଆରମ୍ଭ କରିଥିଲେ ଏବଂ ଏହି ମହାବିଷୁବ ସଂକ୍ରାନ୍ତିରେ ସମସ୍ତଙ୍କୁ ପ୍ରପାନକ (ପଣା) ପାନରେ ଆପ୍ୟାୟିତକରି ଶିବରାସ ଉଦ୍‌ଯାପନ କରିଥିଲେ । ସେହିଦିନଠାରୁ ଏହା ପ୍ରପାନକ ବା ପଣା ସଂକ୍ରାନ୍ତି ନାମରେ ଖ୍ୟାତ । ଶିବରାସରେ ଜାତିଭେଦ ନଥାଏ । ଏହା ସଂପ୍ରୀତି ଓ ମିଳନର ପ୍ରତୀକ । ପ୍ରତିଦିନ ଗୋଟିଏ ଥର ମାତ୍ର ଅରୁଆନ୍ନ ଭୋଜନ କରି ତେର ଦିନ ଅତିକ୍ରାନ୍ତ ହେବାପରେ ବିଷୁବ ସଂକ୍ରାନ୍ତି ଦିନ ପ୍ରପାନକ ପାନ ପୂର୍ବକ ବ୍ରତ ଉଦ୍‌ଯାପନ କରାଯାଏ । ଏହି ଦିନକୁ ଉତ୍କଳୀୟମାନେ ନବବର୍ଷଭାବେ ପାଳନ କରନ୍ତି ଓ ନୂତନ ପଞ୍ଜିକା ଏହିଦିନଠାରୁ ପ୍ରଚଳନ କରାଯାଏ ।

ଓଡ଼ିଶାର ସମସ୍ତ ଶାକ୍ତ ପୀଠ ଯଥା- କାକଟପୁର ମଙ୍ଗଳା, ଝଙ୍କଡ଼ ଶାରଳା, ବାଙ୍କୀର ଚର୍ଚ୍ଚିକାଇ ଓ ତାରାତାରିଣୀ ପୀଠରେ ପଣାସଂକ୍ରାନ୍ତି ଉତ୍ସବପାଳନ କରାଯାଏ । ମାନସିକ ରଖିଥିବା ଉପାସକଗଣ ଦଣ୍ଡ ନାଚ ଝାମୁଯାତ୍ରା, ଭଡ଼ାଯାତ୍ରା, ମେରୁ ଯାତ୍ରା, ବୁହିନାଚ ପ୍ରଭୃତି କରିଥାନ୍ତି । ଏହି ସ୍ମରଣୀୟ ତିଥି ମହାବୀର ହନୁମାନଙ୍କର ଜୟନ୍ତୀ । ଏଣୁ ପ୍ରତ୍ୟେକ ହନୁମାନପୀଠରେ ବିଶେଷ ପୂଜାଅର୍ଚ୍ଚନା, ମାଜଣା, ଚାଳିଶା ପାଠ ଓ ହୋମ ପ୍ରଭୃତି ଅନୁଷ୍ଠିତ ହୁଏ । ଶିବ ବିଷ ପାନ କରିଥିବାରୁ ତାଙ୍କର ବିଷପାନ ଜନିତ ଜ୍ୱାଳାରୁ ଉପଶମ ଲାଭ କରିବା ପାଇଁ କର୍ପୁର, ବିଲ୍ୱ, ଗୁଡ଼, ଛେନା ଓ କଦଳୀ ଇତ୍ୟାଦି ସୁମିଷ୍ଟ ଓ ପୁଷ୍ଟିକାରକ ପଦାର୍ଥର ସମ୍ମିଶ୍ରଣରେ ପ୍ରପାନକ ପ୍ରସ୍ତୁତ କରାଯାଇ ନୈବେଦ୍ୟ କରାଯାଏ । ପ୍ରଚଣ୍ଡ ଅଂଶୁଘାତର ତୀବ୍ରତାର ଉପଶମପାଇଁ ଏପରି ପ୍ରପାନକ ସେବନ ବିଜ୍ଞାନ ସମ୍ମତ । ଅତଏବ ଏହିଭଳି ଅନେକ ଦେବୀ ଓ ମାନୁଷୀ ଘଟଣାବହୁଳ ବିଷୁବ ସଂକ୍ରାନ୍ତି ଏକ ମହନୀୟ ଦିବସ ଅଟେ ।

(ଆକାଶବାଣୀ, ଯୋରନ୍ଦା ସୌଜନ୍ୟରୁ)

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ପ୍ରବାହ ପ୍ରଭାଗ

Digitized by PPRACHIN, SOA

ଏଇତ ଜୀବନ

ସୃଷ୍ଟିର ପ୍ରାକ୍କାଳରୁ ଈଶ୍ୱର ବିଭିନ୍ନ ପ୍ରକାରର ଜୀବ, ତରୁ, ତୃଣ, କୀଟ, ପତଙ୍ଗ ପଶୁପକ୍ଷୀ, ଜଳଚର, ସ୍ଥଳଚରେ, ନଭଚର, ଜଳଜ, ଅଣ୍ଡଜ, ସ୍ୱେଦଜ ଇତ୍ୟାଦି ସୃଷ୍ଟିକରି ଜଗତକୁ ପୂର୍ଣ୍ଣକଲେ । ତେଣୁ ବୃହଦାରଣ୍ୟକ ଉପନିଷଦ ବର୍ଣ୍ଣନା କଲେ :-

ପୂର୍ଣ୍ଣମଦଃ, ପୂର୍ଣ୍ଣମିଦଂ, ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ, ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ ।

ଅର୍ଥାତ୍ ସେ (ବ୍ରହ୍ମ), ପୂର୍ଣ୍ଣ, ଇଏ (ଜଗତ)ପୂର୍ଣ୍ଣ, ସେହି ପୂର୍ଣ୍ଣ ବ୍ରହ୍ମରୁ ଏହି ପୂର୍ଣ୍ଣ ବ୍ରହ୍ମାଣ୍ଡର ସୃଷ୍ଟି । ସେ ପୂର୍ଣ୍ଣରୁ ଏ ପୂର୍ଣ୍ଣ ସୃଷ୍ଟି ହେବା ପରେ ଆଉ ଯାହା ରୁହେ ତାହା ମଧ୍ୟ ପୂର୍ଣ୍ଣ-ଅର୍ଥାତ୍ ବ୍ରହ୍ମ କିମ୍ବା ଶକ୍ତି ଅକ୍ଷୟ । ଆମ୍ଭେ ବିଭିନ୍ନ ମନ୍ତ୍ର ଦ୍ୱାରା ଶକ୍ତିକୁ ଜାଗ୍ରତ କରୁ । ବିଜ୍ଞାନ ମଧ୍ୟ ସେହି ତଥ୍ୟକୁ ପ୍ରମାଣ କରି କୁହେ ''Energy is never lost'' ଶକ୍ତିର ପରିବର୍ତ୍ତନ ହୋଇପାରେ, ମାତ୍ର କ୍ଷୟ ହୁଏ ନାହିଁ । ଏହି ଶକ୍ତି କେଉଁସ୍ଥାନରେ ଅବସ୍ଥିତ ତାହା ବର୍ଣ୍ଣନା କରିବାକୁ ଯାଇ ଅନ୍ୟ ଏକ ମହାବାକ୍ୟ କୁହେ :-

ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଶୂନ୍ୟ ମଧ୍ୟେ ନିରାମୟ ।
ନିରାମୟ ମଧ୍ୟେ ଜ୍ୟୋତି ସଂଜ୍ୟୋତି ର୍ଭଗବାନୟ ॥

ଏହି ଶକ୍ତି ବା ବ୍ରହ୍ମ ବିରାଟ ମହାଶୂନ୍ୟ ମଧରେ ବ୍ୟାପ୍ତ । ତନ୍ମଧରେ ନିରାମୟ କିମ୍ବା ଭ୍ୟାକମ୍ ଅଛି । ସେହି ଭ୍ୟାକମ୍ ମଧ୍ୟସ୍ଥ ଜ୍ୟୋତି ବା ଆଲୋକ ହିଁ ଭଗବାନ । ଏଥିରୁ ସ୍ପଷ୍ଟ ହୁଏ ଯେ ଏହି ମହାଶୂନ୍ୟ ହିଁ ଶକ୍ତିର ଉତ୍ସ ଯାହା ସଦା ସଂପୂର୍ଣ୍ଣ ଏବଂ ତାର କ୍ଷୟ ହେବାର ପ୍ରଶ୍ନ ଉଠିନପାରେ । ସେଥିପାଇଁ ମଧ ବିଚାର କରାଯାଏ ଯେ ବ୍ରହ୍ମ ସକଳ ସ୍ଥାନରେ ଏବଂ ସକଳ କାଳରେ ପରିପୂର୍ଣ୍ଣ ହୋଇରହିଛି ଏବଂ ସେ କାହାର କର୍ତ୍ତବ୍ୟା-କର୍ତ୍ତବ୍ୟ ପ୍ରତି ସମ୍ପର୍କିତ ନୁହେଁ । ଏହି ମହାଜାଗତିକ ଶକ୍ତି ହିଁ ସକଳ ଘଟରେ ପୁରି ରହିଛି । ତେଣୁ ବେଦ କୁହେ ''ସୋଽହଂ'' ''ଅହଂ ବ୍ରହ୍ମାସ୍ମି'' ''ତତ୍ତ୍ୱ ମସି'' ଇତ୍ୟାଦି । ଆମେ ସେହି ବ୍ରହ୍ମଶକ୍ତିର ଏକ ଏକ କଣିକା, ଜଗତର ପ୍ରତ୍ୟେକ ଜୀବ ଏହି ମହାଜାଗତିକ ଶକ୍ତିରୁ ପ୍ରାଣ ଧରି ବଞ୍ଚନ୍ତି । ନିଃଶ୍ୱାସ ପ୍ରଶ୍ୱାସ ନିଅନ୍ତି । ତେଣୁ କୁହାଯାଇଛି ''ପ୍ରାଣ ବାୟୁ ହିଁ ଭଗବାନ'' । ଏ ବର୍ଣ୍ଣନା ବୃହଦାରଣ୍ୟକ ଓ ଛାନ୍ଦୋଗ୍ୟ ଉପନିଷଦ କରିଛନ୍ତି । ଭାରତବର୍ଷର ବିଜ୍ଞ ମୁନିଋଷିଗଣ କେବଳ ଏହି ଆତ୍ମା, ପରମାତ୍ମାର ରହସ୍ୟ ଭେଦ କରିବା ପାଇଁ ଯୁଗଯୁଗ ବ୍ୟାପୀ ସାଧନା କରି ଜଗତକୁ ଅତି ମୂଲ୍ୟମାନ ତଥ୍ୟମାନ ଦାନ କରି ଯାଇଛନ୍ତି- ଯାହା ଅଦ୍ୟାବଧି ପାଶ୍ଚାତ୍ୟ ଓ ପୂର୍ବସ୍ଥ ପଣ୍ଡିତମାନଙ୍କର ଗବେଷଣାର ବସ୍ତୁ ହୋଇଅଛି । ମହାଜାଗତିକ ଶକ୍ତିର ଗୋଟିଏ ଗୋଟିଏ ସ୍ଫୁଲିଙ୍ଗ ହେଉଛନ୍ତି ଜୀବଗଣ । ତେଣୁ ବିଖ୍ୟାତ ଜ୍ଞାନୀ ଦାର୍ଶନିକ ସ୍ୱାମୀ କୃଷ୍ଣାନନ୍ଦଙ୍କ ଭାଷାରେ ''It is all a process-no events- we are all bubles in the ocean'' ଆମେ ସବୁ ଆମର କୃତିକୁ

Digitized by PPRACHIN, SOA

ଆଧାର କରି ବହୁ ଆସ୍ଫାଳନ କରୁ ମାତ୍ର ପର ମୁହୂର୍ତ୍ତରେ ଫୋଟକା ପରି ଫାଟିଯାଉ । ବ୍ରହ୍ମ କିମ୍ବା ଶକ୍ତି ଠାରୁ ଯିଏ ଯେତିକି ଶକ୍ତି ପ୍ରାପ୍ତ ହୋଇଥାଏ, ସେ ସେହି ଅନୁସାରେ ଜଗତକୁ ତାର ଦାନ କରେ । ହେଉ ସେ ଭଲ ବା ମନ୍ଦ, ହେଉ ସେ ରାମ ବା ରାବଣ, କୃଷ୍ଣ କିବା କଂସ । ସମସ୍ତେ କାଳର କବଳରେ ନଷ୍ଟ ହୋଇଛନ୍ତି ।

କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମିତଳେ ।
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ ॥

ତେଣୁ ଏହାର ନାମ ଜଗତ- ଗମ୍-କ୍ୱିପ୍ । ଯାହା ନିଶ୍ଚୟ ଗମନ କରିବ ବା ଯିବ । ତେଣୁ ସୃଷ୍ଟିର ସମସ୍ତଙ୍କୁ କୁହାଗଲା ଜୀବ । ଆମେ ଆସ୍ଫାଳନ କରୁ ଯେ, ମୁଁ ଶହେ ବର୍ଷ ବଞ୍ଚିଲି । ମୁଁ କ'ଣ ଗୋଟାଏ ବୁଦ୍‌ବୁଦ ? ମୁଁ ପୃଥିବୀକୁ ଦର୍ଶନ ଦେଲି, ବିଜ୍ଞାନ ଦେଲି, ସାହିତ୍ୟ ଦେଲି । ନୋବେଲ୍ ପୁରସ୍କାର ପାଇଲି । ସମୟ ବାଲୁକାରେ ପଦଚିହ୍ନ ରଖିଦେଲି । (Foot prints on the sands of time) ଆମର ଦାନକୁ ପାଥେୟ କରି ଭବିଷ୍ୟତ ପୀଢ଼ି ତାର କର୍ମପନ୍ଥା ନିର୍ଣ୍ଣୟ କରିବ- ଆଉ ଆଗକୁ ଆଗେଇବ ।

"Last week in Babylone, Last night in Rome" ଗତ ସପ୍ତାହରେ ବେବିଲୋନ୍‌ରେ ଏବଂ ଗତ ରାତିରେ ରୋମ୍‌ରେ" ଏହା ବିଭିନ୍ନ ସଭ୍ୟତା ଯଥା ବେବିଲୋନିଆଁ, ମେସୋପଟାମିୟା, ରୋମୀୟ ଏବଂ ମିଶରୀୟ ସଂସ୍କୃତିର ଉତ୍‌ଥାନ ଓ ପତନ ସମ୍ବନ୍ଧରେ କୁହାଯାଇଛି । ଇଂରେଜ କବି ଗତ ସପ୍ତାହ ଓ ଗତ ରାତି ବୋଲି ବର୍ଣ୍ଣନା କଲେ- ଆଜିକୁ କେତେ ହଜାର ବର୍ଷ ତଳର ଏହି ସଭ୍ୟତାମାନଙ୍କୁ । ମାତ୍ର ସନାତନ ହିନ୍ଦୁଧର୍ମର ଗଣନା ଅନୁସାରେ ବ୍ରହ୍ମା କହିଥାନ୍ତେ- କେତେ ଲିତା ବା ବିଲିତାର ଅନ୍ତର । ତେଣୁ ମହାକାଳର ଏହି ଅନାଦି ଅନନ୍ତତ୍ୱ ଭିତରେ ହଜାର ହଜାର ବର୍ଷ ମଧ୍ୟ ଏକଲିତା ବା ବିଲିତା ପରି ଗଣ୍ୟ ହେବାବେଳେ ଏକ ଏକ ସଭ୍ୟତାର ସ୍ଥିତିକାଳ ଯଦି ଏକ ଲିତା ହୁଏ ତେବେ ଜଣେ ମାନବର ଜୀବନ ଏକ ପଳ ବା ନିମେଷ ନ ହେବ କାହିଁକି ?

ଆମେ ଦେଖୁଛୁଁ ଗୋଟିଏ ଗାଇ ୧୬,୧୭ ବର୍ଷ ବଂଚିବା ବେଳେ, କୁକୁର ହାରାହାରି ୧୨ ବର୍ଷ । ଏ କ୍ରମରେ ଧରିନେଲେ ଅନେକ ଜୀବଙ୍କର ଜୀବନ ଏକବର୍ଷ, ଏକମାସ, ଏକ ଦିନ ଏବଂ ଏପରିକି କେତେ ଘଣ୍ଟା ହୋଇପାରେ ଆମ ମାପ କାଠିରେ । ଦ୍ୱିତୀୟତଃ ସମସ୍ତ ମନୁଷ୍ୟ କ'ଣ ୬୦/୭୦ ବର୍ଷ ବଞ୍ଚନ୍ତି ? ଦିନକଠାରୁ ଧରି ପକ୍ଷ, ମାସ, ବର୍ଷ, ୫,୧୦,୧୫, ୫୦ରେ କ'ଣ ଲୋକ ମରୁନାହାନ୍ତି ? ତେଣୁ କୃଷ୍ଣାନନ୍ଦ ସ୍ୱାମୀ ଯେଉଁ ମହାବାକ୍ୟଟି ଉଦ୍ଧାର କଲେ ତାର ସତ୍ୟତା ଉପଲବ୍ଧି କରିହେବ ।

ଏପରି ପ୍ରବାହ ବା Process ମଧ୍ୟରେ ଏ କ୍ଷଣ ଭଙ୍ଗୁର ଜୀବନ ଧରି ମଧ୍ୟ ମାନବ ଆସ୍ଫାଳନ କରେ ମୁଁ ଏସା କରିଦେଲି, ତେସା କରିଦେଲି ଇତ୍ୟାଦି । ତାସ୍, ପଶା କିମ୍ବା ସତରଞ୍ଚ ଖେଳରେ ଜିଣି ଜଣେ ଯେତିକି ଗର୍ବିତ, ଆନ୍ତର୍ଦେଶୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ଲାଭକରି ମଧ୍ୟ ଜଣେ ସେତିକି ଗର୍ବିତ । ଜଣେ ନିଜର ଜମି ବା ଡ଼ିହ ଖଣ୍ଡେ ଜିଣି

Digitized by PPRACHIN, SOA

(ମୋକଦ୍ଦମାରେ) ଯେତେ ଖୁସି, ଜଣେ ରାଜ୍ୟ ଜୟ କରି ମଧ ତା'ଠାରୁ ଅଧିକ ସନ୍ତୋଷ ପାଉନଥିବ । ରାଜ୍ୟ ଜୟ କରି ବୀର ବୋଲି ଆସ୍ଫାଳନ କରୁଥିବା ଅଶୋକ କିମ୍ବା ଆଲେକ୍‌ଜାଣ୍ଡାର ପ୍ରଭୃତି ମଧ ପୃଥିବୀ ପୃଷ୍ଠରୁ ବିଦାୟ ନେଇଛନ୍ତି । ରାମ ବା କୃଷ୍ଣ ପୃଥିବୀକୁ ପ୍ରଦୁଷଣ ମୁକ୍ତ କରି ଯୁଗ ପୁରୁଷ ଆଖ୍ୟା ପାଇଲେ, ମାତ୍ର ସେମାନଙ୍କର ମଧ ଅନ୍ତ ହେଲା । ତେଣୁ କୁହାଯାଇଛି :

ଇଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ ଡ଼ୋରି
ନିଜ ଭାଗ୍ୟ ଡ଼ୋରି କାଳହସ୍ତେ ଏହା ପକାନ୍ତି ହେଳେ ପାଶୋରି ।

ଅନ୍ୟ ଜଣେ ପଣ୍ଡିତ କୁହନ୍ତି :

କାଳର ବଳେ ଏ ଜଗତ - କାଳକୁ କେବା ସମରଥ

ଏ ମହାକାଳର ପ୍ରଭାବରେ ସର୍ବଜୀବ ଆତଯାତ । ତାହାରି ଭିତରେ ଜଣେ ସାଧାରଣ ମନୁଷ୍ୟର ଜୀବନ ବିଶ୍ଳେଷଣ କଲେ ଆମେ ଦେଖୁଁ- ସେ ଜନ୍ମ ନିଏ, ବିବାହ କରି ଘର ସଂସାର କରେ, ଜୀବିକା ନିର୍ବାହ କରି କୁଟୁମ୍ବ ପ୍ରତିପୋଷଣ କରେ, ପୁତ୍ର କନ୍ୟାଦିଙ୍କୁ ବବାହ ଦେଇ ପରିଣତ ବୟସରେ ନାତି, ନାତୁଣୀଙ୍କ ପରିଚର୍ଯ୍ୟା କରୁ କରୁ ମୃତ୍ୟୁବରଣ କରେ । ଶିକ୍ଷା ବିଷୟ ଅବତାରଣା ନକରିବାର ଉଦ୍ଦେଶ୍ୟ ହେଲା ଶତକଡ଼ା ସତୁରୀଭାଗ ବ୍ୟକ୍ତି (ଆମ ଦେଶରେ) ଅଶିକ୍ଷିତ କିମ୍ବା ନିରକ୍ଷର । ଆଉ ପ୍ରାୟ ୧୫% ଅର୍ଦ୍ଧଶିକ୍ଷିତ ବା ଅଳ୍ପ ଶିକ୍ଷିତ, ଯେଉଁମାନଙ୍କର ଶିକ୍ଷାକୁ ଉପଯୋଗ କରି ଜୀବିକା ନିର୍ବାହର ପନ୍ଥା ନଥାଏ । ଉଚ୍ଚ ଶିକ୍ଷିତ ହୋଇ ନାମୀଦାମୀ ଚାକିରି କରି ବଞ୍ଚୁଥିବା ବ୍ୟକ୍ତି ଶତକଡା ଏକ ମଧ ହେବେନାହିଁ । ଚାକିରି ସମୟରେ ଯେତେ ହାକିମି ଦେଖାଇଲେ ବି ଚାକିରିରୁ ଅବସର ନେଲାପରେ ଜନସଂପର୍କ ରହେନାହିଁ । ପେନ୍‌ସନ୍ ନେଇ ବାକି ଜୀବନ ବିତାନ୍ତି । ତେଣୁ ପ୍ରତ୍ୟେକ ବ୍ୟକ୍ତି ପାଇଁ ତିନିଗୋଟି ପ୍ରଧାନ ଘଟଣା ଜୀବନ ମଧରେ ହେଉଛି । ୧-ଜନ୍ମ, ୨-ବିବାହ ଓ ଗାର୍ହସ୍ଥ୍ୟ, ୩-ମୃତ୍ୟୁ । ଦେଶ କିମ୍ବା ଜାତିରେ କିମ୍ବା ଆନ୍ତର୍ଜାତୀୟ ସ୍ତରରେ ନାମ କରିବା ବ୍ୟକ୍ତି ମୁଷ୍ଟିମେୟ - ଯେଉଁ କ୍ଷେତ୍ରରେ ହେଉନା କାହିଁକି ।

ପ୍ରତ୍ୟେକ ଦେଶ ବା ଜାତି ନିଜ ନିଜ ଦେଶର, ନିଜ ନିଜ ଜାତିର ବଡ଼ିମା, ସେମାନଙ୍କର ଗୌରବ, ତାଙ୍କର ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରନ୍ତି -ଆମେ ବଡ଼ । ମାନବ ସମାଜ ପାଇଁ ଆମେ ଅମୁକ, ଅମୁକ ଦାନ ଦେଇଛୁଁ । ଅନ୍ୟ ଦେଶ ବା ଜାତି ଆମ ପରି ଏତେ ବଡ଼ ଦାନ ଦେଇନାହିଁ । ଅନ୍ୟ ସହିତ ତୁଳନା କରି ଆମର ସଭ୍ୟତା ଉଚ୍ଚକୋଟୀର, ଆମ ଧର୍ମ ସବୁଠାରୁ ଶ୍ରେଷ୍ଠଧର୍ମ- ଇତ୍ୟାଦି ନାନାକଥା । ଜଣେ ବ୍ୟକ୍ତିଗତ ଭାବେ ନିଜର, ନିଜ ପରିବାରର, ନିଜ ବଂଶର ବଡ଼ିମା ନଦେଖାଇ ମଧ ଛାଡ଼ନ୍ତି ନାହିଁ । ମୋ' ବାପା ଜେଜେବାପା ଏପରି ନାଁ କରିଥିଲେ- ଏ ରାଜ୍ୟରେ ଆମର ନାଁ ଡ଼ାକ- ଆମେ ଏକ ବିଖ୍ୟାତ ଜଣାଶୁଣା ପରିବାର । ପ୍ରଶଂସା ଟିକିଏ ପାଇଲେ ସମସ୍ତେ ଫୁଲି ଉଠନ୍ତି, ମାତ୍ର ଟିକିଏ ନିନ୍ଦା ଶୁଣିଲେ ଭାରି ଖପା ହୁଅନ୍ତି । ନିଜର ଦୋଷ

Digitized by PPRACHIN, SOA

କେହି ଦେଖିବାକୁ ନାରାଜ । ସାଧୁସନ୍ଥମାନେ, ଶାସ୍ତ୍ର ସମୂହ ନିଜ ଦୋଷ ନିଜେ ଦେଖିବା ପାଇଁ ଏବଂ ସେ ଅନୁସାରେ ନିଜକୁ ସଜାଡ଼ିବା ପାଇଁ ଉପଦେଶ ଦିଅନ୍ତି । ମାତ୍ର କେତେଜଣ ନିଜକୁ ସଜାଡ଼ନ୍ତି ? ମନୁଷ୍ୟର ଆଦିମ ପ୍ରବୃତ୍ତି ଆହାର, ନିଦ୍ରା, ଭୟ, ମୈଥୁନ ସହିତ ଏହି ଆତ୍ମଶ୍ଳାଘା ତାକୁ ଉଚ୍ଚତର ସୋପନାକୁ ନେଇପାରିନାହିଁ । T.S.Eliot ଙ୍କ ଭାଷାରେ ''Man has not improved on his basic instincts'' । ଆଦିମାନବ ଯେଉଁ ସ୍ତରରେ ଥିଲା ଆଜିର ତଥାକଥିତ ସଭ୍ୟମାନବ ତା'ଠାରୁ କିଛି ଆଗେଇ ନାହିଁ । ଆଜି ସମଗ୍ର ପୃଥିବୀରେ ନରହତ୍ୟା, ଲୁଣ୍ଠନ, ଧର୍ଷଣ ଇତ୍ୟାଦି ଯେଉଁ ପରିମାଣରେ ବଢ଼ିଚାଲିଛି ତାହା ବୋଧହୁଏ- ଆଦିମାନବ କଳ୍ପନା କରିନଥିବ । ତା' ମଧ୍ୟରେ ଆମ ଦେଶରେ ବଧୂହତ୍ୟା ଆଉ ଗୋଟିଏ ବ୍ୟାଧି ହୋଇ ଉବୁରିଛି । ଆମେରିକାରେ ଜଣେ ନରହନ୍ତା ୧୭ଜଣ ବ୍ୟକ୍ତିଙ୍କୁ ମାରି ତାଙ୍କର କଲିଜା ଖାଇ ସାରିଲା ପରେ ଧରାପଡ଼ିଛି । ଏବେ ସନ୍ତ୍ରାସବାଦର ବିଭତ୍ସ ରୂପ ସାରା ବିଶ୍ୱକୁ ଆଛନ୍ନ କରିଛି । ସନ୍ତ୍ରାସବାଦର କବଳରେ ବର୍ଷକୁ ସାଢ଼େ ତିନିକୋଟୀ ଲୋକ ମରନ୍ତି ବୋଲି ଜାତିସଂଘର ରିପୋର୍ଟ କୁହେ । ଏ' ସବୁ ଘଟଣା ପ୍ରବାହରୁ ଏତିକି ଉପଲବ୍ଧ ହୁଏ ଯେ ମାନବ ସମାଜର ସୃଷ୍ଟିକାଳରୁ ସେ ଯାହାଥିଲା ଆଜି ସେୟା ଅଛି କିମ୍ୱା ତା'ଠାରୁ ଅଧିକ ହିଂସ୍ର ହୋଇଅଛି ।

ମାନବ ସମାଜକୁ ଶୃଙ୍ଖଳିତ କରି ଜୀବନ ଧାରଣ ଶୈଳୀକୁ ସଂଯତ କରିବା ଉଦ୍ଦେଶ୍ୟରେ ବେଦଠାରୁ ସ୍ମୃତିଶାସ୍ତ୍ର ପର୍ଯ୍ୟନ୍ତ ଧର୍ମନାମରେ ଯେତେ ନିୟମ ପ୍ରବର୍ତ୍ତନ କରିଗଲେ ଏବଂ ସେହିପରି ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଇହୁଦୀ, ଯୋରୋଷ୍ଟର, କନଫୁସିୟସ, ବାଇବେଲ୍, କୋରାନ୍, ତ୍ରିପିଟକ ଇତ୍ୟାଦି ଯେତେ ଶୃଙ୍ଖଳା ଓ ଶାନ୍ତିର ବାଣୀ ଶୁଣାଇଲେ ମଧ୍ୟ ମାନବ ସମାଜ ଦିନୁଁ ଦିନ ବିଶୃଙ୍ଖଳିତ ହେବାରେ ଲାଗିଛି । ସାଧାରଣ ମାନବ ଜୀବନକୁ ପର୍ଯ୍ୟାଲୋଚନା କଲେ ଦେଖାଯିବ ଯେ, ମାନବ ସମାଜ ସୃଷ୍ଟିର ପ୍ରାରମ୍ଭରୁ ଆଜି ମଧ୍ୟରେ ଆଦୌ ଆଗେଇ ନାହିଁ- ନିଜର ଆଦିମ ପ୍ରବୃତ୍ତି ବାଦଦରେ । ''ଏଇତ ଜୀବନ'' ଶୀର୍ଷକର ତାତ୍ପର୍ଯ୍ୟ ହେଲା ମୂଳତଃ ଜନ୍ମ, ଆହାର, ନିଦ୍ରା, ଭୟ, ମୈଥୁନର ଶିକାର, ବିବାହ-ପରିବାର ପ୍ରତିପୋଷଣ ମୃତ୍ୟୁ । ଏତଦ୍ ଅତିରେକ ଦର୍ଶନ, ବିଜ୍ଞାନ, ଶିକ୍ଷାଦୀକ୍ଷାରେ ଯେତେ ଯେତେ ଅଗ୍ରଗତି ହେଲେ ମଧ୍ୟ ମୂଳ ପ୍ରବୃତ୍ତି ଯଥା ପୂର୍ବଂ ତଥା ପରମ୍ ।

ଅଳମତି ବିସ୍ତରେଣ

(ଖୋଲାଦ୍ୱାର)

❖❖❖

Digitized by PPRACHIN, SOA

ତିନି ରୁ ନଅ

ଏ ତିନିରୁ ନଅ କ'ଣ - ଏ ପ୍ରଶ୍ନ ନିଶ୍ଚେ ପାଠକ ପାଠିକାଙ୍କ ମନରେ ଉଙ୍କି ମାରିବଣି । ଏହା ହେଉଛି ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରୁ ନବମ ଦଶନ୍ଧି । ଅର୍ଥାତ୍ ୧୯୩୦ରୁ ୨୦୦୦ ଏ ସତୁରି ବର୍ଷ କାଳର ପ୍ରବାହ । ଏ ସମୟ ମଧ୍ୟରେ ଆମ ସମାଜର ବିଭିନ୍ନ ଦିଗରେ କି ପ୍ରକାର ପରିବର୍ତ୍ତନ ଘଟି ଆସିଛି, ତାହାର ପୁଙ୍ଖାନୁପୁଙ୍ଖ ନ ହେଲେ ମଧ୍ୟ କିଞ୍ଚିତ ଆଲୋଚନା ଏ ପ୍ରବନ୍ଧରେ କରାଯାଇଅଛି । ଗ୍ରାମ୍ୟ ଜୀବନରୁ ସହରୀ ଜୀବନ ପର୍ଯ୍ୟନ୍ତ ରାଜ ଶାସନରୁ ଗଣତନ୍ତ୍ର ପର୍ଯ୍ୟନ୍ତ ଓ କୃଷିରୁ ଶିଳ୍ପ ପର୍ଯ୍ୟନ୍ତ - ସମୟର ପ୍ରଭାବରେ ସମାଜ କିପରି ଗତି କରି ଆସିଛି ତାର ଏକ ନିଛକ ଚିତ୍ର ଏଥିରେ ସନ୍ନିବିଷ୍ଟ । ସ୍ୱାଧୀନତା ପୂର୍ବବର୍ତ୍ତୀ ଆନ୍ଦୋଳନ ଓ ଜନ ଜାଗରଣ, ସ୍ୱଦେଶବତ୍ସଳ ଦେଶସେବୀମାନଙ୍କର ଆତ୍ମୋତ୍ସର୍ଗ, ସ୍ୱାଧୀନତା ପ୍ରାପ୍ତି ଓ ତତ୍‌ପରବର୍ତ୍ତୀ କାଳରେ ଦେଶର ଶାସନ ଶୃଙ୍ଖଳା, ଗଣତନ୍ତ୍ରର ସ୍ୱାଦ, ଗଡଜାତ ମିଶ୍ରଣ, ନୈତିକତାର ସ୍ଖଳନ ଇତ୍ୟାଦି ବହୁବିଧ ଦିଗରୁ ଆଲୋଚନା କରାଯାଇଅଛି ।

ଆମର ଆଦର୍ଶ - ମହାତ୍ମାଗାନ୍ଧୀଙ୍କ ଜୀବନୀରୁ ଅନେକ ଆଦର୍ଶ ଶିଖିବାର ଅଛି, ମାତ୍ର ଆମେ ସମସ୍ତେ କଣ ସେ ଆଦର୍ଶକୁ ପାଳନ କରି ପାରୁଅଛୁ ? ସେହିପରି ରାଜନୀତିଜ୍ଞ ଜନ୍‌କେନେଡି, ମାର୍ଗାରେଟ ଥାଚର, ଚ୍ୟାଙ୍ଗ କାଇସେକ କିମ୍ବା ମାଓସେତୁଙ୍ଗ, ଇତ୍ୟାଦି ଯେ କୌଣସି ବ୍ୟକ୍ତିଙ୍କର ଜୀବନୀ ପର୍ଯ୍ୟାଲୋଚନା କରାଯାଇପାରେ । ଲିଓଟଲଷ୍ଟୟ, ବିଶ୍ୱକବି ରବୀନ୍ଦ୍ରନାଥ, ସେକସ୍‌ପିୟର ବା କାଳିଦାସ, ଭବଭୂତି ଇତ୍ୟାଦି ପଣ୍ଡିତମାନଙ୍କର ଜୀବନୀ ପାଠକକୁ ଅନେକ ଅନୁଭୂତି ସହ ପରିଚୟ କରାଇ ଦିଏ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ କିଛି ଅନୁଭୂତି ଅର୍ଜନ କରେ । ବର୍ଣ୍ଣାଶ୍ରମର ପ୍ରଥମ ପର୍ଯ୍ୟାୟ ଶିକ୍ଷାର ପର୍ଯ୍ୟାୟ ଯାହାକୁ ବ୍ରହ୍ମଚର୍ଯ୍ୟାଶ୍ରମ ନାମରେ ନାମିତ କରାଯାଇଅଛି । ଦ୍ୱିତୀୟ ପର୍ଯ୍ୟାୟର ନାମ ଗାର୍ହସ୍ଥ୍ୟାଶ୍ରମ ଏହି ପର୍ଯ୍ୟାୟରେ ଶିକ୍ଷା କରାଯାଇଥିବା ବିଦ୍ୟାର ଉପଯୋଗ ହୁଏ । ବ୍ୟକ୍ତି ନିଜର ଗୃହ ପରିବାର ଆରମ୍ଭ କରେ, ଧର୍ମ ପତ୍ନୀ ଗ୍ରହଣ କରେ, ଯେକି ପ୍ରତ୍ୟେକ କ୍ଷେତ୍ରରେ (ଭୌତିକ, ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ) ତାର ପଥ ପ୍ରଦର୍ଶିକା ହୁଅନ୍ତି । ତୃତୀୟ ଆଶ୍ରମ ବାନପ୍ରସ୍ଥ ଆଶ୍ରମ । ଏହି ଆଶ୍ରମରେ ମନୁଷ୍ୟ ତାର ଜୀବନର ଅନୁଭୂତି ସମାଜକୁ ଦର୍ଶାଏ । ବିଭିନ୍ନ ବ୍ୟକ୍ତି ପରାମର୍ଶ ଓ ଉପଦେଶ ପାଇଁ ବାନପ୍ରସ୍ଥୀମାନଙ୍କର ସାହାଯ୍ୟ ଲୋଡନ୍ତି । ସମାଜକୁ ଦିଗ୍‌ଦର୍ଶନ ଦେବା ବାନପ୍ରସ୍ଥୀର

Digitized by PPRACHIN, SOA

କର୍ତ୍ତବ୍ୟ । ଚତୁର୍ଥଆଶ୍ରମ ଯତିବ୍ରତ, ଯେଉଁ ଅବସ୍ଥାରେ ମନୁଷ୍ୟ ସମାଜ ଓ ପରିବାରର ସମସ୍ତ ସମ୍ପର୍କ ତୁଟାଇ ସନ୍ୟାସ ଗ୍ରହଣ କରେ ଓ ପରପାରପାଇଁ କିଛି ପାଥେୟ ସଂଗ୍ରହ କରେ । ମନୁଷ୍ୟର ଜୀବନ କାଳକୁ ମୋଟାମୋଟି ଶହେ ବର୍ଷ ଧରାଯାଇ ପ୍ରତ୍ୟେକ ଆଶ୍ରମକୁ ସାଧାରଣତଃ ପଚିଶ ବର୍ଷ ରଖାଯାଇଅଛି । ତହିଁରେ ପୂର୍ବ ବା ପରର କିଛି ବ୍ୟତିକ୍ରମ ହୋଇପାରେ ।

ତୃତୀୟ ଚତୁର୍ଥ ଦଶକରେ ସାଧାରଣତଃ ଏହି ପନ୍ଥା ଅବଲମ୍ବନ କରାଯାଉଥିଲା । ଅବଶ୍ୟ ସେଥିରେ ଜେନରେସନ ଗ୍ୟାପ ଥିଲା । ମାତ୍ର ଆଜିର ସମାଜରେ ଏ ବର୍ଣ୍ଣାଶ୍ରମକୁ ଅଦୌ ପାଳନ କରାଯାଉନାହିଁ । ଅବସର ପ୍ରାପ୍ତି ପରେ ସମାଜ ବୟସ୍ୟମାନଙ୍କଠାରୁ ଯେଉଁ ଅନୁଭୂତି ଶିକ୍ଷା କରିବା କଥା, ଯେଉଁ ପରାମର୍ଶ ଓ ଉପଦେଶ ନେବା କଥା ତାହା ନେଉନାହିଁ । ବାନପ୍ରସ୍ଥ ଏବେ ଏକ ଅବହେଳିତ ଅବସ୍ଥା- ଯତିବ୍ରତର ପ୍ରଶ୍ନ ତ ନାହିଁ । ମୁଷ୍ଟିମେୟ ରାଜନୀତି ତଥା ବ୍ୟବସାୟ କରୁଥିବା ବ୍ୟକ୍ତି ବାନପ୍ରସ୍ଥ ଏପରିକି ଯତିବ୍ରତ ସମୟରେ ମଧ ଗାର୍ହସ୍ଥ୍ୟ ଧର୍ମ ପାଳନ କରିବାରେ ବ୍ୟସ୍ତ 'ଅର୍ଥ ମନର୍ଥଂ ଭାବୟ ନିତ୍ୟଂ'' । ଏହି କେତେକଙ୍କ ବ୍ୟତିରେକେ ଅନ୍ୟ ସମସ୍ତ ଅବସରପ୍ରାପ୍ତ (ବାନପ୍ରସ୍ଥୀ) ବ୍ୟକ୍ତି ସମାଜରେ ଅନାବଶ୍ୟକ ଉପାଦାନ ରୂପେ ଗଣ୍ୟ ହେଉଛନ୍ତି । ଏମାନଙ୍କ ଠାରୁ ଯେ କିଛି ଶିଖିବାର ଅଛି ଏହା କେହି ଭାବୁ ନାହାନ୍ତି । ସମସ୍ତେ ନିଜ ନିଜକୁ ପଣ୍ଡିତ ମନେ କରୁଛନ୍ତି । ଯଦିବା କିଏ କିଛି ଉପଦେଶ ଦେଉଛି ତାକୁ ଅନାଦର, ହତାଦର କରି ନିଜ ନିଷ୍ପତ୍ତିରେ ଅଟଳ ରହୁଛନ୍ତି । ପରିଣାମରେ କୁଫଳ ଭୋଗୁଛନ୍ତି । ଇଏ ଏକ ପ୍ରଧାନ କାରଣ ଯେଉଁଥିପାଇଁ ସମାଜ ଓ ବ୍ୟକ୍ତିର ବହୁଧା ସ୍ଖଳନ ଘଟିଛି ଓ ଘଟୁଛି ।

ସମାଜ : ସମାଜରେ ଆବହମାନ କାଳରୁ ରାଜା ଓ ପ୍ରଜା ଏପରି ଦୁଇଟି ଶ୍ରେଣୀ ଥିଲେ । ରାଜା ରାଜ୍ୟ ଶାସନ କରିବ, ପ୍ରଜାମାନଙ୍କର ସୁଖ ଦୁଃଖ ହାନି ଲାଭ, ରାଜ୍ୟର ଆଇନ ଶୃଙ୍ଖଳା ଇତ୍ୟାଦି ସମସ୍ତ ଦାୟିତ୍ୱ ତୁଲାଇବ, ପ୍ରଜା ନିର୍ବିଘ୍ନରେ ତାହାର କର୍ମ - କୃଷି ବାଣିଜ୍ୟ ଇତ୍ୟାଦି କରିପାରିବ - ଏହାଥିଲା ସମାଜ ଦ୍ୱାରା ସ୍ୱୀକୃତ ଏକ ପଦ୍ଧତି । ରାଜାମାନେ ପ୍ରଜାମାନଙ୍କର ମଙ୍ଗଳପାଇଁ ବହୁକାର୍ଯ୍ୟ କରୁଥିଲେ । ଅନେକ ରାଜା ରାତ୍ରିର ଅନ୍ଧକାରରେ ପ୍ରଜାମାନଙ୍କର ଦୁଃଖ ଦୁର୍ଦ୍ଦଶାର ବିବରଣୀ ନିଜେ ସଂଗ୍ରହ କରୁଥିଲେ । ରାଣୀ ଅହଲ୍ୟାବାଇ ନିଶାର୍ଦ୍ଧ ପର୍ଯ୍ୟନ୍ତ ପ୍ରଜାମଙ୍ଗଳପାଇଁ ପାର୍ଷଦମାନଙ୍କ ସହ ପରାମର୍ଶ କରୁଥିଲେ । ଆମେ ରାଜା ସୁଢଳ ଦେବ, ଶ୍ରୀରାମଚନ୍ଦ୍ର ଭଞ୍ଜ ଓ ରାଜେନ୍ଦ୍ର ନାରାୟଣ ସିଂହଦେଓ ପ୍ରଭୃତିଙ୍କ ଆଚାର ବିଚାର ସମ୍ବନ୍ଧରେ ଏହି ବିଂଶ ଶତାବ୍ଦୀରେ ଅବଗତ ହୋଇଅଛୁ । ଅବଶ୍ୟ କେତେକ ରାଜା ଅତ୍ୟାଚାରୀ ଥିଲେ । ମାତ୍ର ସେମାନଙ୍କ ସଂଖ୍ୟା ବହୁ ସୀମିତ । ୧୯୪୮ ଜାନୁୟାରୀରେ ଭାରତର ୫୨୬ ଗଡଜାତରୁ ରାଜୁଡା ଶାସନର

Digitized by PPRACHIN, SOA

ବିଲୋପ ଘଟିବା ପରେ ଆମେ ସ୍ୱାଧୀନ ଭାରତର ନାଗରିକ ହେଲୁ । ମାତ୍ର ପାଇଲୁ କଣ ? ତତ୍‌କାଳୀନ ରାଜାମାନେ ଶ୍ରବଣ ମାତ୍ରେ ପ୍ରଜାମାନଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରୁଥିଲେ, ସେମାନଙ୍କର ହାରି ଗୁହାରି ଶୁଣୁଥିଲେ । ଏ ପ୍ରକାର ଶାସନ ଚତୁର୍ଥ ଦଶନ୍ଧିର ପ୍ରାୟ ଶେଷପର୍ଯ୍ୟନ୍ତ ଚାଲିଥିଲା । ଆଜି ରାଜାନାମଧେୟ କେତେକ ବ୍ୟକ୍ତି ଅଛନ୍ତି, ମାତ୍ର ନା ଅଛି ତାଙ୍କର କ୍ଷମତା ନାଁ ଅଛି ରାଜପଣ । ସେମାନଙ୍କୁ କିଛି କାଳ ଯେଉଁ ଭତ୍ତା ଦିଆଯାଉଥିଲା ତାକୁ ଇନ୍ଦିରା ଗାନ୍ଧୀ ଉଠାଇ ଦେଲେ । କେତେକ ରାଜା ତାଙ୍କ ଜମିବାଡ଼ି ବିକ୍ରୀକରି ଏବେ ନିଃସ୍ୱ । ସେମାନଙ୍କ ପୃଷ୍ଠପୋଷକତାରେ ଯେଉଁ ଲେଖକ, ନାଟ୍ୟଶିଳ୍ପୀ, କଳାକାର, ଶିଳ୍ପୀ ଓ କାରିଗର ଇତ୍ୟାଦି ଶ୍ରେଣୀ ତିଷ୍ଠି ରହି ଏ ଦେଶର ସଂସ୍କୃତିକୁ ଉନ୍ନତ କରିଥିଲେ ସେମାନେ ଆଉ ନାହାନ୍ତି । ଏବେ ଯିଏ ଲବି କରି ପାରିଲା, ସିଏ ବଡ କବି, ସାହିତ୍ୟିକ ବା କଳାକାର ବୋଲାଇଲା । ଯୋଗାଡ କରି ପୁରସ୍କାର ଲାଭ କରାଗଲା- ଶାରଳା, ଜ୍ଞାନପୀଠ, ଏକାଡେମୀ, ରାଜ୍ୟପାଳ, ରାଷ୍ଟ୍ରପତି ଇତ୍ୟାଦି । ବ୍ରିଟିଶ୍ ଶାସନରେ ଥିବା ମୋଗଲବନ୍ଦୀ ଅଞ୍ଚଳର ଅବସ୍ଥାମଧ କୌଣସି ଭାବେ ଭଲ ନଥିଲା । ଜମିଦାରମାନଙ୍କ ଅତ୍ୟାଚାରରେ ଅଜ୍ଞ ପ୍ରଜାକୁଳ କିପରି ହନ୍ତ ସନ୍ତ ହେଉଥିଲେ, ତାହା ଫକୀରମୋହନଙ୍କ ଉପନ୍ୟାସମାନଙ୍କଠାରୁ ବିଭିନ୍ନ ନାଟକ ମାଧ୍ୟମରେ ମଞ୍ଚମାନଙ୍କରେ ପ୍ରଦର୍ଶିତ ହେଉଥିଲା । ଏବେ ମଧ ବିଭିନ୍ନ ଅପେରା ବା ସିନେମାର ସେହିମାନେ ହେଉଛନ୍ତି ଉପଜୀବ୍ୟ ନାୟକ । ରାଜା ଓ ଜମିଦାରମାନଙ୍କ ଉଚ୍ଛେଦପରେ ଏବେ ଯେତେ ନେତା, ବିଧାୟକ ସାଂସଦ ତଥା ଅମଲା ଅଫିସର ଇତ୍ୟାଦି ପ୍ରତ୍ୟେକ ଜଣେ ଜଣେ ରାଜା, ସୂତା ନଟେଇ ଗୁଡେଇ ହେବା ପରି ଆପଣ ବି.ଡି.ଓ. ତହସିଲଦାର ଠାରୁ ଧରି ଜିଲ୍ଲାପାଳ ସଚିବ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଧାଇଁ ଧାଇଁ ନିଜର ଦୁର୍ଦ୍ଦଶା ମେଣ୍ଟାଇ ପାରିବେନି । ଯେତେ ଉଚ୍ଚପଦାଧୀକାରୀ ସମସ୍ତ ଅର୍ଥ ବାଟମାରଣା କରି ‘‘ତୁ ତ ମୁତୁରି ମୁଁ ତ ମୁତୁରି’’ ନୀତିରେ ଖସି ଯାଉଛନ୍ତି । ସୋହେଲ ଶେଠ୍‌ଙ୍କ ଭାଷାରେ ଏ ହେଉଛି ‘ଦି ଗ୍ରେଟ ଇଣ୍ଡିଆନ୍ ଏସ୍‌କେପ୍’ । ସାଧାରଣ ଜନତାଙ୍କ ମଧ୍ୟରୁ ପ୍ରତିନିଧିତ୍ୱ କରୁଥିବା ନେତାମାନେ ପାଞ୍ଚ ପଚିଶିଠାରୁ ଧରି କୋଟି କୋଟି ଟଙ୍କା ପର୍ଯ୍ୟନ୍ତ ହଡପ କରିବାରେ ବ୍ୟସ୍ତ । ନିଜ ନିଜର ପରିବାର ତଥା ଆତ୍ମୀୟଙ୍କର କୁଶଳ ଚିନ୍ତା କରୁ କରୁ ପାଞ୍ଚବର୍ଷ ଚାଲିଯାଉଛି । ଦେଶ କଥା ଭାବିବାକୁ ବେଳ କାହିଁ ? ଗତାନୁଗତିକ ଭାବେ ଦେଶ ତଥା ରାଜ୍ୟ ଚାଲିଛି । ନେତାଙ୍କର ନୈତିକ ସ୍ଖଳନ ଯୋଗୁଁ ବ୍ୟୁରୋକ୍ରାଟମାନେ ଫାଇଦା ଉଠାଉଛନ୍ତି । ଆମର ଗୁପ୍ତ ତଥ୍ୟ ଅନ୍ୟଦେଶକୁ ବିକ୍ରୟ କରାଯାଉଛି । ମନ୍ଦିରରୁ ବିଗ୍ରହମାନ ଚୋରି ହୋଇ ବିଦେଶରେ ମ୍ୟୁଜିୟମମାନଙ୍କର ଶୋଭାବର୍ଦ୍ଧନ କରାଯାଉଛି । ଭାରତରେ ଜାତ ହୋଇ ଏଠାର ପାଣି ପବନରେ ବଢ଼ି ଆମେ ନିଜକୁ ଭାରତୀୟ ବୋଲି ପରିଚୟ ଦେବାକୁ ନାରାଜ । କେବଳ ସେତିକି ନୁହେଁ,

Digitized by PPRACHIN, SOA

ଭାରତ ମାତାର ଜୟଗାନ କଲେ ଆମେ ତାକୁ ବିରୋଧ କରୁ - ଏପରିକି ଭାରତମାତାର ଅପମାନ, ଲୁଣ୍ଠନ ଓ ବିନାଶପାଇଁ ମଧ୍ୟ ଆମେ ପଶ୍ଚାତ୍‌ପଦ ହେଉନାହିଁ । କତିପୟ ଭାରତୀୟଙ୍କର ଏ ପ୍ରକାର ଆଚରଣ ଯୋଗୁଁ ଆମେ ଭାରତ ବାହାରେ ନିନ୍ଦିତ । ''ଗାଁ ପରିମଳ ଧୋବା ତୁଠରୁ'' ପରି ଦେଶର ପରିମଳ ପାର୍ଲିଆମେଣ୍ଟରୁ । ଜଣେ ପାର୍ଲିଆମେଣ୍ଟ ସଦସ୍ୟଙ୍କର ଆଚରଣ କିପରି ହେବା ଉଚିତ ତାହା ହୃଦୟଙ୍ଗମ ନକରି ପାର୍ଲିଆମେଣ୍ଟରେ ଯେପରି ବିଶୃଙ୍ଖଳ ଆଚରଣ ଦେଖାଯାଉଛି ତାହାତ ଜନସାଧାରଣ ଦୂରଦର୍ଶନ ଜରିଆରେ ଦେଖି ପାରୁଛନ୍ତି । ଯେଉଁ ବ୍ୟକ୍ତିମାନେ ନିଜ ନିଜ ଆଚରଣରେ ଏତେ ବିଶୃଙ୍ଖଳ, ସେମାନଙ୍କଠାରୁ ଦେଶ ବା ରାଜ୍ୟର ଶୃଙ୍ଖଳା କେତେଦୂର ଆଶା କରାଯିବ ତାହା ଅନୁମାନ ସାପେକ୍ଷ । ଆମର ଦୁର୍ଭାଗ୍ୟ ଆମେ ଗଧ ଭିତରୁ ଖଚର ବାଛିବାକୁ ବାଧ୍ୟ । ଏବେ ଟିପ ଦେବା ଲୋକ ମଧ୍ୟ ସାଂସଦ ବା ବିଧାୟକ ହେଉଛନ୍ତି ଏବଂ ଦୁର୍ବିନ୍ଦମାନେ ମନ୍ତ୍ରୀ ହେବାପାଇଁ ଆଶାୟୀ । ''ମହାଜନ ଯେନ ଗତଃ ସ ପନ୍ଥା'' - ତଥା କଥିତ ମହାଜନମାନେ କୋଟି କୋଟି ଟଙ୍କା ହଡପ କରିବା ଦେଖି କିରାନୀ ଶହେ ପଚାଶ ତ ପିଅନ ଦଶ ପଚିଶ ମାରିବାରେ ବ୍ୟସ୍ତ । ଦେଶପାଇଁ ସମସ୍ତ ଋଣ ଲବ୍ଧ ଅର୍ଥ ଏବେ ବିଦେଶୀବ୍ୟାଙ୍କ ମାନଙ୍କରେ ଗଚ୍ଛିତ । ଦେଶ ରସାତଳକୁ ଯାଉ ଚିନ୍ତା ନାହିଁ । ତିନିରୁ ନଅ ପର୍ଯ୍ୟନ୍ତ ଆତ୍ମମାନଙ୍କର ଏ ତିକ୍ତ ଅନୁଭୂତି । ଏ ପଟେ ଜନ ସାଧାରଣ କୁଆଡେ କଣ ହେଉଛି କିଛି ଜାଣି ପାରୁନି, ଜାଣିବାର ସ୍ୱାଧୀନତା ନାହିଁ - ଦେଶ କି ସ୍ୱାଧୀନ ହୋଇଛି ? ଦେଶ ବାସୀ ଏକ ବିରାଟ ପ୍ରତାରଣାର ଶୀକାର ହୋଇଛନ୍ତି ।

ସଂସ୍କୃତି ଓ ପରମ୍ପରା : ଓଡିଶାର ଲୋକ ସଂସ୍କୃତି ଏହାର ବିଭିନ୍ନ ପର୍ବପର୍ବାଣି ଲୋକଗୀତ ଏବଂ ଲୋକନୃତ୍ୟ ଇତ୍ୟାଦିରେ ପ୍ରତିଫଳିତ । ଆମର ରଜ, ଗୁଣ୍ଡିଚା ଯାତ୍ରା, ଚିତାଲାଗି, ଗହ୍ମା, ଖୁଦୁରୁକୁଣୀ, ତଅପୋଇ, କୁମାର ପୂର୍ଣ୍ଣମୀ, ପ୍ରଥମାଷ୍ଟମୀ, ପୁଷ ପୁନେଇ, ଦାଣ୍ଡପହଁରା, ଚନ୍ଦ୍ରଭାଗା ସ୍ନାନ, ମାଘ ପୂର୍ଣ୍ଣମୀ ଇତ୍ୟାଦି ଓଡିଶାର ସ୍ୱାତନ୍ତ୍ର୍ୟ । ପ୍ରତ୍ୟେକ ପର୍ବର ପୃଷ୍ଠଭାଗରେ ଏକ ଆଧାତ୍ମିକ ବିଚାର ନିହିତ । ନିଦାଘ ସମୟରେ ପୃଥିବୀ ଶୁଷ୍କଥାଏ । ବର୍ଷାର ଆଗମନରେ ତାର ଉତ୍ପାଦିକା ଶକ୍ତି ଜାଗ୍ରତ ହୁଏ । ତେଣୁ ପୃଥିବୀମାତା ଏହି ସମୟରେ ଅର୍ଥାତ ରଜ ସଂକ୍ରାନ୍ତିରେ ରଜସ୍ୱଳା ହୁଅନ୍ତି - ଏହି ଭାବନାରେ ମାନବ ସୁଲଭ ତିନି ଦିନ ରଜୋବତୀ ନାରୀ ପରି ତାଙ୍କର ପୂଜାଦି ବର୍ଜନ କରାଯାଏ । ଚତୁର୍ଥ ଦିନ ଶୁଦ୍ଧସ୍ନାନକୁ ଧରାସ୍ନାନ ବା ମହାଲକ୍ଷ୍ମୀ ବୁଡ ବୋଲାଯାଏ । ଧରିତ୍ରୀ ଓ ଲକ୍ଷ୍ମୀ ଏକ ଓ ଅଭିନ୍ନ ବୋଲି ମନେ କରାଯାଏ । ତେଣୁ ଉକ୍ତ ତିନି ଦିନରେ ସ୍ତ୍ରୀ ଲୋକମାନେ ତୈଳ ବର୍ଜନ କରନ୍ତି, କଟା ବଟା କରନ୍ତି ନାହିଁ, ଭୂଇଁରେ ଚାଲିବେ ନାହିଁ ବୋଲି ନଡିଆ ଫୋପଡକୁ ଯୋତା ପରି ବ୍ୟବହାର କରନ୍ତି ଓ ଦୋଳିରେ ଝୁଲୁଥାନ୍ତି - ଭୂମିକୁ ସ୍ପର୍ଶ କରାଯିବ ନାହିଁ

Digitized by PPRACHIN, SOA

ବୋଲି । ରଜ ଦୋଳିଗୀତର ଏକ ସ୍ୱତନ୍ତ୍ର ସ୍ୱର ଭଙ୍ଗୀ ଓ ମାଧୁରୀ ଅଛି । ଭୂମିର ଧର୍ଷଣ ହେବ ବୋଲି କୃଷକ କର୍ଷଣ କରେ ନାହିଁ । ଏ ହେଉଛି ରଜପର୍ବରେ ନିହିତ ସମଗ୍ର ତତ୍ତ୍ୱ । ଏହା ଓଡିଶାର ସ୍ୱାତନ୍ତ୍ର୍ୟ । ଗହ୍ମାପୂର୍ଣ୍ଣମୀ ହେଉଛି ହଳଧର ବଳରାମଙ୍କ ଜନ୍ମଦିବସ । ତେଣୁ ସେ ଦିନ ବଳରାମଙ୍କ ଉଦ୍ଭାବିତ ଲଙ୍ଗଳ, ଯୁଆଳି, ମଇ ଇତ୍ୟାଦି ଧୁଆ ଲିପା ହୋଇ ଝୋଟି ଚିତା ଦ୍ୱାରା ସୁସଜ୍ଜିତ ଭାବେ ପୂଜା କରିବା ସହିତ କୃଷି ପାଇଁ ଅନିବାର୍ଯ୍ୟ ବଳଦ ମାନଙ୍କର ପୂଜା କରାଯାଏ । ବଳଦମାନଙ୍କ ବେକରେ ଫୁଲମାଳ ଲମ୍ବାଇ, ମୁଣ୍ଡରେ ସିନ୍ଦୁର ଦେଇ ସେମାନଙ୍କୁ ପିଠା ଖୁଆଯାଏ । ବିହୁଡା ବେଉଷଣ ପରେ ସେମାନଙ୍କର ଏହା ବିଶ୍ରାମ ପର୍ବ । ଆଜିର ଯୁବପିଢୀ ଗହ୍ମାପୂର୍ଣ୍ଣମୀର ବିଶେଷତ୍ୱକୁ ଉପଲବ୍ଧି ନ କରି ରାକ୍ଷୀ ବନ୍ଧନରେ ବ୍ୟସ୍ତ । ସେଥିପାଇଁ ବିଭିନ୍ନ ସ୍ଥାନରେ ପ୍ରାୟ ଏକ ମାସ ଧରି ଅସ୍ଥାୟୀ ରାକ୍ଷୀ ଦୋକାନମାନ ବହୁ ସଂଖ୍ୟାରେ ଖୋଲାଯାଇ ବିଭିନ୍ନ କିସମ ଓ ମୂଲ୍ୟର ରାକ୍ଷୀ ବିକ୍ରି କରାଯାଉଛି । ସେ ସବୁ ସ୍ଥାନମାନଙ୍କରେ ଗ୍ରାହକମାନଙ୍କ ଭିଡ ଲାଗିରହୁଛି । ରାକ୍ଷୀ ବାନ୍ଧିବା ପରିବର୍ତ୍ତେ କେତେକ ବ୍ୟକ୍ତି ସେମାନଙ୍କର ସଙ୍ଗୀମାନଙ୍କପାଇଁ ରାକ୍ଷୀ ବିଦେଶକୁ ମଧ୍ୟ ପାର୍ଶଲ କରୁଛନ୍ତି । ରାକ୍ଷୀ ଓଡିଆ କିମ୍ବା ଓଡିଶାର ପରମ୍ପରା ନ ହୋଇ ଥିଲେ ମଧ୍ୟ ଆଜିର ସମାଜରେ ତାହା ଆମ୍ଭ ଗହ୍ମାପର୍ବଠାରୁ ଅଧିକ ମହତ୍ୱ ଅଧିକାର କରି ବସିଅଛି । ଏହା ଏକ ଅପସଂସ୍କୃତିର ପରିଚୟ । ରାକ୍ଷୀ ବାନ୍ଧିବା କିମ୍ବା ରାକ୍ଷୀବନ୍ଧନ ଏକ ଦୁଷ୍ଟ ପରମ୍ପରା ନ ହେଲେ ମଧ୍ୟ ଏହା ଓଡିଶାର ନିଜସ୍ୱ ପରମ୍ପରା ନ ହୋଇଥିବାରୁ ଆମ୍ଭମାନଙ୍କୁ ସର୍ବପ୍ରଥମେ ଆମ୍ଭର ନିଜସ୍ୱ ସଂସ୍କୃତି ଗହ୍ମା ପୂର୍ଣ୍ଣମୀ ସର୍ବାଦୌ ପାଳନ କରିବା କର୍ତ୍ତବ୍ୟ, ଯାହାକୁ ଆମ୍ଭେ କ୍ରମେ କ୍ରମେ ବିସ୍ମୃତ ହୋଇ ଯାଉଅଛୁ । ସେହିପରି ସନ୍ତୋଷୀ ମା ବ୍ରତ ଏକ ରାଜସ୍ଥାନୀୟ ସଂସ୍କୃତି, ବର୍ତ୍ତମାନ ଓଡିଶାରେ ବହୁଳ ଭାବେ ପ୍ରଚଳିତ । ଏଗୁଡିକ ଓଡିଶାର ନ ହେଲେ ମଧ୍ୟ ଭାରତୀୟ ସଂସ୍କୃତି । ଏହାଠାରୁ ଅଧିକ ଗର୍ହିତ ଜାନୁୟାରୀ ୧ ତାରିଖରେ ନବବର୍ଷ ପାଳନ , ଯାହାକି ଏକ ସଂପୂର୍ଣ୍ଣ ବିଦେଶୀ ପାଶ୍ଚାତ୍ୟ ସଂସ୍କୃତି । ଏପରି ନାନା ଅପସଂସ୍କୃତିକୁ ଆପଣେଇ ନିଜସ୍ୱ ସଂସ୍କୃତି ଯଥା ବିଷୁବ ସଂକ୍ରାନ୍ତି ପୁନିଆରେ ଆମର ନବବର୍ଷ କ୍ୱଚିତ୍ ପାଳନ କରାଯାଉଛି । ଏ ପ୍ରକାର ଏକ ଅସ୍ୱାସ୍ଥ୍ୟକର ପରିବର୍ତ୍ତନ ଏହି ବିଗତ ସତୁରୀ ବର୍ଷର ପ୍ରବାହ ମଧ୍ୟରେ ଘଟିଯାଇଅଛି । ଓଡିଶାର ପ୍ରତ୍ୟେକ ପୂଜା ପାର୍ବଣ, ଓଷାବ୍ରତ ପଛରେ ଏକ ଏକ ଧାର୍ମିକ ତଥା ବ୍ୟବହାରିକ ତଥ୍ୟ ନିହିତ । ପ୍ରଥମାଷ୍ଟମୀ ଏକ ଭିନ୍ନ ଧରଣର ପର୍ବ । ଏ ପର୍ବରେ ବଂଶର ପ୍ରଥମ ସନ୍ତାନକୁ ନବ ବସ୍ତ୍ର ପରିହିତ କରି ତାକୁ ଆଶୀର୍ବାଦ କରି ତାର ଦୀର୍ଘ ଜୀବନ କାମନା କରିବା ଏ ପର୍ବର ଉଦ୍ଦେଶ୍ୟ । କାରଣ ଘରର ବଡପୁଅ ଭବିଷ୍ୟତରେ ପରିବାରର ସମସ୍ତ ଦାୟିତ୍ୱ ତୁଲାଇବ ଏବଂ ବାର୍ଦ୍ଧକ୍ୟରେ ପିତା, ମାତାଙ୍କ ସେବା କରିବ, ସେମାନଙ୍କ ଅନ୍ତେ ଶ୍ରାଦ୍ଧ ମଧ୍ୟ କରିବ ଇତ୍ୟାଦି ।

Digitized by PPRACHIN, SOA

ସ୍ୱତନ୍ତ୍ର ଖାଦ୍ୟ - ପ୍ରତ୍ୟେକ ପର୍ବରେ ଆନୁସଙ୍ଗିକ ଖାଦ୍ୟର ବିଶେଷତ୍ୱ ମଧ୍ୟ ହୃଦୟଙ୍ଗମ କରିବାର ବିଷୟ । ପ୍ରଥମାଷ୍ଟମୀରେ ଏଣ୍ଡୁରୀ ପିଠା, ନୂଆ ଚାଉଳରେ କରାଯାଏ । ନୂତନ ବସ୍ତ୍ର ସହିତ ନୂତନ ଧାନ୍ୟର ପିଷ୍ଟକ ଏକ ସୁଚିନ୍ତିତ ପରମ୍ପରା । ଏଣ୍ଡୁରୀକୁ ବାଷ୍ପ ସାହାଯ୍ୟରେ ସିଦ୍ଧ କରାଯାଉଥିବାରୁ ଏହା ତୈଳପକ୍ୱ ବା ଘୃତ ପକ୍ୱ ନୁହେଁ । ତେଣୁ ଏହା ସ୍ୱାସ୍ଥ୍ୟ ପକ୍ଷରେ ହିତକର । ମକର ସଂକ୍ରାନ୍ତିରେ ମକର ଯାଉ ଆମ ପାକ ପ୍ରଣାଳୀର ଏକ ବିଶେଷତ୍ୱ । ନୂତନ ଚାଉଳ ସହିତ ନୂଆଗୁଡ ଓ ସଦ୍ୟ ଆମଦାନୀ ରାଶି ଦ୍ୱାରା ଏହି ସୁମିଷ୍ଟ ଖାଦ୍ୟ ପ୍ରସ୍ତୁତ ହୁଏ । ପ୍ରତ୍ୟେକ ପର୍ବରେ ଭିନ୍ନ ପ୍ରକାରର ମିଷ୍ଟାନ୍ନ କରାଯାଏ । ଧନୁ ମୁଆଁ, ଦୋଳର ଚଣା, ରଜର ପୋଡପିଠା, କାକରା, ନାନମାନ ଇତ୍ୟାଦି, ବଡ ଓଷାର ଅଟକାଳୀ, ପୌଷ ପୂର୍ଣ୍ଣମୀର ପୁଷ ମଣ୍ଡା, ଶାମ୍ବ ଖେଚୁଡି, ମକର ଯାଉ ପ୍ରଭୃତି ବିଭିନ୍ନ ପ୍ରକାରର ଖାଦ୍ୟ ଆମ ପରମ୍ପରାର ବୈଶିଷ୍ଟ । କୁମାରୋତ୍ସବରେ କୁମାରୀମାନଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନର ବ୍ୟବସ୍ଥା ସହ ଚନ୍ଦ୍ର ବନ୍ଦାପନାର କଳ୍ପନା ଏକ ବଳିଷ୍ଠ ପରମ୍ପରାର ନମୁନା । ସାଧାରଣ ଦୈନନ୍ଦିନ ଖାଦ୍ୟପେୟ ବ୍ୟତୀତ ଏହି ବିଶେଷଦିନମାନଙ୍କରେ ଏକ ବିଶେଷ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ସାଧାରଣ ଖାଦ୍ୟରେ ଗୋଟିଏ ପରିବର୍ତ୍ତନ ପାଇଁ । ଯୁଗ ଯୁଗ ଧରି ଏ ପରମ୍ପରାକୁ ନୂତନ ପୀଢିର ଯୁବକ ଯୁବତୀମାନେ ଏକ ପ୍ରକାର ଭୁଲିଗଲେଣି । କେଉଁ ଦିନ କେଉଁ ପର୍ବ ଅଛି ତାହା ମଧ୍ୟ ସେମାନଙ୍କୁ ଅଗୋଚର । ଗୃହର ସୁରକ୍ଷାପାଇଁ ରକ୍ଷାପଞ୍ଚମୀ ଏବଂ ନାଗଲ ଚତୁର୍ଥୀ ଓ ଗୃହ ପରିବେଶର ନିର୍ମଳତା ନିମିତ୍ତ ଦାଣ୍ଡ ପହଁରା ଓଷା ଇତ୍ୟାଦି ଧାର୍ମିକ ଦୃଷ୍ଟିକୋଣରୁ ଯେତିକି, ବ୍ୟାବହାରିକ ଦୃଷ୍ଟିକୋଣରୁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଆମ ପରମ୍ପରାରୁ କ୍ରମେ ଦୂରେଇ ଯାଇ ପାଶ୍ଚାତ୍ୟ ଅପସଂସ୍କୃତିକୁ ଆପଣେଇବାର ଏକ ଦୁଷ୍ଟ ମାନସିକତା ଆମ ସମାଜକୁ ଗ୍ରାସ କରିବାକୁ ବସିଲାଣି । ଏ ପ୍ରବାହ ବିଶେଷକରି ସ୍ୱାଧୀନତା ଲାଭପରଠାରୁ ଦ୍ରୁତତର ଗତିରେ ଆମ୍ଭମାନଙ୍କୁ ଗ୍ରାସ କରୁଛି ।

ଲୋକଗୀତ : ପର୍ବପର୍ବାଣୀମାନଙ୍କରେ ସୁମିଷ୍ଟ ଖାଦ୍ୟ ବ୍ୟତିରେକେ ବିଭିନ୍ନ ପ୍ରକାର ଲୋକଗୀତର ପରିପ୍ରକାଶ ଅନ୍ୟଏକ ପ୍ରଧାନ ଆକର୍ଷଣ । ଦୋଳଯାତ୍ରାରେ ରାଧାକୃଷ୍ଣ ଲୀଳା ବର୍ଣ୍ଣିତ ସଂକୀର୍ତ୍ତନ ଲୋକଗୀତର ଏକ ଅଂଶ । ଚଇତି ଘୋଡାନାଚ, ରଜଦୋଳି ଗୀତ, କୁଆଁର ପୁନେଇରେ କୁମାରୀମାନଙ୍କର ଫୁଲ ବଉଳବେଣୀ ଇତ୍ୟାଦି ଓଡିଆ ସଂସ୍କୃତିର ଏକ ଏକ ନିଦର୍ଶନ । ଗୋପାଳଓଗାଳ, ପାଇକ ଆଖଡା, ହଳିଆଗୀତ ପ୍ରଭୃତି ଆମ ଲୋକଗୀତକୁ ବହୁଭାବେ ସମୃଦ୍ଧ କରିଛନ୍ତି । ଆଦିବାସୀ ଶବର ମାନଙ୍କର ଘୁମୁରା ବାଦନ ଓ ଗୀତ ସହିତ ଶବରୁଣୀ ମାନଙ୍କ ନୃତ୍ୟ, ଯୁଆଙ୍ଗମାନଙ୍କ ଚାଙ୍ଗୁବାଦ୍ୟ ଗୀତ ତାଳେ ତାଳେ ଯୁଆଙ୍ଗ ରମଣୀମାନଙ୍କ ନୃତ୍ୟ ଇତ୍ୟାଦି ଆଉ ଦେଖାଯାଉନାହିଁ । କେବଳ ଆର୍ଯ୍ୟ

Digitized by PPRACHIN, SOA

ବଂଶୋଦ୍ଭବ ନୁହଁନ୍ତି, ଆଦିମ ଅଧିବାସୀମାନଙ୍କ ସଂସ୍କୃତି ଓ ପରମ୍ପରାରେ ମଧ୍ୟ ବ୍ୟତିକ୍ରମ ଦୃଷ୍ଟିଗୋଚର ହୁଏ । କନ୍ୟାମାନଙ୍କର ଶ୍ୱଶୁରାଳୟ ଗମନର କାନ୍ଦଣା ଲୁପ୍ତ ପ୍ରାୟ । ଏ ସମସ୍ତ ଇତିହାସର ବିଷୟ ହୋଇଗଲାଣି । ବୁଢୀମା କିମ୍ବା ମାତାମାନଙ୍କର ପିଲାମାନଙ୍କର ମନ ବହଲେଇବା ପାଇଁ 'ଆ ଜହ୍ନ ମାମୁଁ ଶରଦ ଶଶୀ ଓ ଧୋରେ ବାୟା ଧୋ, ଗୀତ ତଥା କାହାଣୀ ଏବେ ଲୋକେ ଭୁଲିଗଲେଣି । ମାତ୍ର ତୃତୀୟରୁ ପଞ୍ଚମ ଦଶକ ପର୍ଯ୍ୟନ୍ତ ଜେମାଦେଇ କାନ୍ଦ, ଶଶୀଦେଇ କାନ୍ଦ ପରି ଅନେକ ଛୋଟ ଛୋଟ ଲୋକଗୀତ ସମ୍ବଳିତ ପୁସ୍ତିକା । (ଦୁଇପଇସାରୁ ଦୁଇଅଣା ପଯ୍ୟନ୍ତ ମୂଲ୍ୟ ବିଶିଷ୍ଟ) ବଜାରରେ ବିକ୍ରି ହେଉଥିଲା । ଏସ୍ ଅମିନୁଲ ଆଇଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକମାନଙ୍କର ସଂଖ୍ୟା ସର୍ବାଧିକ ବୋଲି ସେ ପୁରସ୍କାର ଲାଭ କରିଥିଲେ । ଷଷ୍ଠ ଦଶକ ବେଳକୁ ତାହା ସହସା ବିଲୁପ୍ତ ହୋଇଗଲା ।

ଲୋକନୃତ୍ୟ - ଓଡିଆ ସଂସ୍କୃତିର ଅନ୍ୟ ଏକ ବିଶିଷ୍ଟ ଦିଗ ଲୋକନୃତ୍ୟର ମଧ୍ୟ ଆନୁପାତିକ ଭାବେ ଅବକ୍ଷୟ ଘଟୁଅଛି । ଏବେ ଆମେ ବୈଦ୍ୟୁତିକ ଗଣ ମାଧ୍ୟମ ଦୂରଦର୍ଶନରେ ଯାହା କିଛି ଦେଖୁଛୁ । ମାତ୍ର ଜନପଦମାନଙ୍କରେ ସେ ସବୁ କ୍ରମେ ଅବଲୁପ୍ତ ହେବାକୁ ବସିଲାଣି । ଗୋଟିପୁଅ ନାଚ, ଚୈତିଘୋଡା ନାଚ, ଘୁମୁରା, ଘୁଡୁକି, କେଳା କେଲୁଣୀ, ଶବର ଶବରାଣୀ ଇତ୍ୟାଦି ଓଡିଶା ତଥା ଓଡିଆର ସଂସ୍କୃତି ଓ ପରମ୍ପରାର ପୁନରୁତ୍ଥାନ ପାଇଁ ସରକାରୀ ପୃଷ୍ଠପୋଷକତା ଅତ୍ୟନ୍ତ ଆବଶ୍ୟକ ହୋଇପଡିଲାଣି । ଓଡ଼ିଶାର ଆଦିବାସୀ ନୃତ୍ୟ ଡ଼ାଲ୍‌ଖାଇ ଓ କରମା ଆଦି ଏବେ ମଧ୍ୟ ଆମ ସଂସ୍କୃତିର ଏକ ଅଂଶ ରୂପେ ସ୍ୱୀକୃତ ଯାହା ପଶ୍ଚିମ ଓଡିଶାର ଆଦିବାସୀ ସଂପ୍ରଦାୟମାନଙ୍କ ମଧ୍ୟରେ ପରିଦୃଷ୍ଟ ।

କୁସଂସ୍କାର ଓ ଅନ୍ଧବିଶ୍ୱାସ - ପୃଥିବୀର ପ୍ରତ୍ୟେକ କୋଣ ଅନୁକୋଣରେ କିଛି କୁସଂସ୍କାର ଓ କିଛି ଅନ୍ଧବିଶ୍ୱାସ ଅଛି । ଭାରତରେ ମଧ୍ୟ ଏପରି ଅନ୍ଧବିଶ୍ୱାସ ଓ କୁସଂସ୍କାର ମଧ୍ୟ ବହୁଳଭାବେ ଦୃଷ୍ଟିଗୋଚର ହୁଏ । ପାଶ୍ଚାତ୍ୟଦେଶମାନଙ୍କରେ ତେର ଗୋଟିଏ ଅଶୁଭ ସଂଖ୍ୟା ଭାବେ ପରିଗଣିତ । ଲୋକମାନେ ହୋଟେଲର ୧୩ ନମ୍ବର ଘରେ ରହିବେ ନାହିଁ, ୧୩ ତାରିଖରେ କେଉଁଆଡେ ଯିବେନାହିଁ ଇତ୍ୟାଦି । ଆମ ଦେଶରେ ଯାତ୍ରା କଲାବେଳେ କେବେ ଆଗରେ ବିଲେଇ ରାସ୍ତା ପାରି ହେବାର ଦେଖିଲେ ଗାଡି ଅଟେଇ ପାଉଣ୍ଡ ପଛକୁ ଘୁଞ୍ଚାଇ ଦେଉ । କୌଣସି ଗାଁରେ ବସନ୍ତ ବା ହଇଜା ହେଲେ ତିନି ସପ୍ତାହ ପରେ ଗାଁ ବାହାର ତ୍ରିଛକରେ ପଣାପାଣି ଦେଇ ଦେବୀଙ୍କୁ ବାଟେଇ ଦିଅନ୍ତି । ଅବଶ୍ୟ ଏପରି ଅନ୍ଧବିଶ୍ୱାସ ଆସ୍ତେ ଆସ୍ତେ କମିବାରେ ଲାଗିଛି । ତ଼ଥାପି ଗାଁ ଗହଳରେ ଏ ଅବସ୍ଥା ଅନେକ ସ୍ଥାନରେ ଦୃଷ୍ଟିଗୋଚର ହୁଏ । ସ୍ୱାସ୍ଥ୍ୟଗତ କାରଣରୁ ନାନା ଓଷା ବ୍ରତର ବ୍ୟବସ୍ଥା କରାଯାଇଅଛି । ମାତ୍ର ଆଜି ମଙ୍ଗଳବାର ଓଷା, ତା ପରଦିନ ଏକବାର, ପରେ

Digitized by PPRACHIN, SOA

ପରେ ବଡଓଷା, ଏପରି ଲଗାତାର ତିନି ଚାରିଦିନ ଉପବାସ କରିବା ପରେ ପେଟ ଗରମ ଓ ଆନୁସାଙ୍ଗିକ ରୋଗର ଶିକାର ହୋଇ ଔଷଧରେ ବହୁ ଅର୍ଥ ଶ୍ରାଦ୍ଧ କରିବା ଏସବୁ ସଂସ୍କାର ନୁହେଁ କୁସଂସ୍କାର । ଆମର ଭଲ ପାଇଁ ହୋଇଥିବା ବ୍ୟବସ୍ଥାକୁ ଆମେ ମନ୍ଦରେ ପରିଣତ କରୁଛୁଁ । ଏବେ ମଧ୍ୟ ଡାଆଣୀ ବୋଲି ଭାବି ଅନେକ ସ୍ଥାନରେ ସ୍ତ୍ରୀଲୋକମାନଙ୍କୁ ମାରିଦିଆଯାଉଛି । ଏ ପ୍ରକାର କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ଜନ ସଚେତନତା ଆବଶ୍ୟକ । ସତୁରୀ ବର୍ଷ ମଧ୍ୟରେ ଆମେ ଏ ଦିଗରେ ବିଶେଷ ପ୍ରଗତି କରିଥିବା ପରି ପ୍ରତୀୟମାନ ହୁଏନାହିଁ ।

ଗାଁରୁ ସହର : ତୃତୀୟ ଚତୁର୍ଥ ଦଶନ୍ଧିରେ ସହର ଥିଲା ବହୁ ସୀମିତ । ଭାରତ କହିଲେ ଏକ ଗ୍ରାମ ବହୁଳ ଦେଶକୁ ବୁଝାଯାଉଥିଲା । ବିଦେଶୀମାନେ ଭାରତକୁ ଏକ ସାପୁଆ କେଳା, ଗୁଣୀଗାରେଡି ବା ବାଘ ଭାଲୁର ଦେଶ ବୋଲି ଭାବୁଥିଲେ । ହେଲେ ସେ ଗ୍ରାମମାନଙ୍କର ଶାନ୍ତ ପ୍ରକୃତି, ସୁନ୍ଦର ପରିବେଶ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସୌହାର୍ଦ୍ଦ୍ୟ ଭାରତକୁ ଦ୍ୱିତୀୟ ସ୍ୱର୍ଗରେ ପରିଣତ କରିଥିଲା । ଜଣକର ଦୁର୍ଦ୍ଦଶାରେ ସମସ୍ତ ଗ୍ରାମବାସୀ ସହଭାଗୀ ହେଉଥିଲେ । ଏ ଘରୁ ସେଘରକୁ ତରକାରୀ, ଶାଗ ଏପରିକି ଭାତ ମଧ୍ୟ ଦିଆ ନିଆ ଚାଲିଥିଲା - ଯେପରି ସମସ୍ତେ ଗୋଟିଏ କୁଟୁମ୍ବ । ପର୍ବପର୍ବାଣୀରେ ପିଠାପଣା ପ୍ରତ୍ୟେକ ପ୍ରତ୍ୟେକ ଗୃହକୁ ଆଦାନ ପ୍ରଦାନ ଏକ ମଧୁମେୟ ପରିବେଶର ନମୁନା । ଗ୍ରାମମାନଙ୍କର ଏକତା ଓ ସଂହତି ଆଜି ସ୍ୱପ୍ନ ।

ଇତି ମଧ୍ୟରେ ଅନେକ ଛୋଟବଡ ସହର ଗଢି ଉଠିଛି । ମନୁଷ୍ୟ ଗ୍ରାମରୁ ସହରାଭିମୁଖୀ ହୋଇଛି । ଗ୍ରାମରେ ଏବେ କେତେକ ବୃଦ୍ଧ ଓ ବିଧବାଙ୍କ ବ୍ୟତୀତ କ୍ୱଚିତ୍ ଶିଶୁ ଅବା ଯୁବକ ଦୃଷ୍ଟି ଗୋଚର ହୁଅନ୍ତି । ଗ୍ରାମର ପ୍ରାକୃତିକତା ବହୁ ଭାବରେ ବିଧ୍ୱସ୍ତ । ଯେଉଁ ଆଟୁ ଓ ଚାଳ ଛପର ଘରେ ଶୀତଦିନେ ଉଷ୍ଣ ଓ ଖରାଦିନେ ଶୀତଳ ଲାଗୁଥିଲା ଖଣ୍ଡିଏ ଖଣ୍ଡିଏ ବିଚଣା ଧରି ଲୋକେ ଆରାମରେ ଶୋଇଯାଉଥିଲେ ସେଠାରେ ଏବେ କୋଠା, ଫ୍ୟାନ୍, ଟିଭି, ଫ୍ରିଜ୍ ଇତ୍ୟାଦି । ଅନେକ ଫୋନ୍ ମଧ୍ୟ ଲଗାଇଲେଣି । ଗ୍ରାମମାନଙ୍କୁ ଛୋଟବଡ଼ ଗାଡି ମଧ୍ୟ ଚଳାଚଳ କଲାଣି । ମାତ୍ର ଗାଁର ସରସତା କ୍ରମେ ଲୋପପାଇ ଆସୁଛି । ଆଜି ଦୋଳ, ହୋଲି, ରଜ, କୁଆଁର ପୂନେଇ ଆଦିରେ କୁମାର କୁମାରୀମାନେ ସେତେ ଆଗ୍ରହୀ ନୁହଁନ୍ତି ଯେତେ ଟିଭିର ଡିସ୍କୋ ଓ ବ୍ରେକ୍ ଡାନ୍ସ - ନାନା ଅଶ୍ଳୀଳ ଅଙ୍ଗଭଙ୍ଗୀରେ । ଆଜି ଆଉ ଘରେ ଘରେ ପିଠା ପଣା ବଣ୍ଟା ଯାଉ ନାହିଁ । ଖର୍ଚ୍ଚ ବହୁତ, ଦରଦାମ ବଢିଗଲା ଇତ୍ୟାଦି । ତା ସହିତ ଆମର ସ୍ନେହ ସୌହାର୍ଦ୍ଦ୍ୟ ଅନୁପାତିକ ଭାବରେ କମିଗଲା, ଏକତା ଭାଙ୍ଗିଗଲା । ରାଜନୈତିକ ନେତାମାନେ ଗାଁରେ ଖଳ ପୂରାଇଲେ ।

Digitized by PPRACHIN, SOA

ଘର ଘରକେ ଠାକୁର ବାଡି ହେଲା । ଗାଁର ଲୋକମାନଙ୍କ ଭିତରେ ବିଭେଦ ସୃଷ୍ଟି କରାଗଲା । ଗାଁରେ ଏକତା ନାହିଁ, ଦେଶର ଏକତା ପାଇଁ କାନ୍ଦିଲେ କି ଲାଭ ଅଛି । ଗଣ ମାଧ୍ୟମରେ ଯେତେ ଚିତ୍କାର କଲେ ମଧ ଦେଶର ସଂହତି ଅସମ୍ଭବ - ଯେତେଦିନ ପର୍ଯ୍ୟନ୍ତ ଏ ବିଭେଦର ମଞ୍ଜି ବୁଣିବା ବନ୍ଦ ନ ହୋଇଛି ।

ସହରମାନଙ୍କର ଆବର୍ଭାବ ତଥା ଉନ୍ନତିରେ ସହାୟକ ଲକ୍ଷ ଲକ୍ଷ ଶ୍ରମିକ ଓ କୁଶଳୀ କାରିଗର ଇତ୍ୟାଦି ଝୋପଡପଟିରେ ରହିବାକୁ ବାଧ ହେଉଛନ୍ତି । ସେମାନେ ଧନୀକ ଶ୍ରେଣୀର ସୁଖରେ ଅନ୍ତରାୟ ସୃଷ୍ଟି କରୁଛନ୍ତି ବୋଲି ସେମାନଙ୍କୁ ସହରରୁ ବହିଷ୍କାର କରିବାର ମସୁଧା ହେଉଛି । ମାତ୍ର ସେମାନଙ୍କ ବିହୁନେ ଯେ ସହରର ସ୍ଥିତି ନାହିଁ ସେ କଥା ବଡ ଲୋକମାନେ ଚିନ୍ତା କରି ପାରୁ ନାହାନ୍ତି । ସେମାନଙ୍କ ବିହୁନେ ଘରେ ଇଟା ଖଣ୍ଡେ ବସି ପାରିବ ନାହିଁ, ବିଦ୍ୟୁତ ଖୁଣ୍ଟଟିଏ ପୋତାହୋଇ ପାରିବ ନାହିଁ କିମ୍ବା ସହରର ମଇଳା ସଫାହୋଇ ପାରିବ ନାହିଁ । ଯେଉଁମାନଙ୍କ ସେବା ହେତୁ ଆମେ ତ୍ରିତଳ ପ୍ରସାଦରେ ବିଳାସ କରିପାରୁ ସେମାନଙ୍କୁ ଘୃଣା ଦୃଷ୍ଟିରେ ଦେଖୁ । ମାତ୍ର ସେମାନଙ୍କ ମଧରେ ମଧ କବି କଳାକାର ତଥା ମେଧାବୀ ବ୍ୟକ୍ତି ବା ବାଳକ ବାଳିକା ଅଛନ୍ତି, ଏକଥା ଭୁଲିଯିବା ଉଚିତ୍ ନୁହେଁ । ମଫସଲର ସ୍ନେହ ସୌହାର୍ଦ୍ଦ୍ୟର ବାତାବରଣ ସହରରେ ମିଳିବ ନାହିଁ । ମାତ୍ର ଏମାନେ ମାନବିକ ଅଧିକାର ବିଷୟ କଥା କଥାକେ ଉଠାନ୍ତି । ଏମାନେ ପଞ୍ଚତଳ ପ୍ରାସାଦରେ ରହି ଯେଉଁ ଭୋଗ କରନ୍ତି ସେହି ଭୋଗପାଇଁ ସାହାଯ୍ୟ କରିଥିବା ବ୍ୟକ୍ତିର ସେଥିରେ କିଛି ଅଧିକାର ନାହିଁ । ଏମାନେ ଏୟାର କଣ୍ଡିସନ ଘରେ ରହିଲା ବେଳେ ସେ ସନଷ୍ଟ୍ରୋକର ଶୀକାର ହୁଏ । ଏମାନେ ବିଦ୍ୟୁତବତୀ ଓ ପଙ୍ଖା ବ୍ୟବହାର କରି ଟିଭି ଦେଖିଲା ବେଳେ ସେ ଅନ୍ଧକାରରେ କ୍ୟାଣ୍ଡେଲ ଜାଳେ । ଏମାନେ କକଟେଲ ପାର୍ଟି କଲାବେଳେ, ସେ ଦୁଇମୁଠା ଅନ୍ନ ପେଟପୁରାଇ ଖାଇ ପାରେନି । ତାର ପିଲା ନ୍ୟୁନତମ ଶିକ୍ଷଣ ପାଇ ପାରେ ନାହିଁ । ଶିଶୁ ଶ୍ରମିକ ହୋଇ ଜୀବନ ବିତାଏ । ତା ମୁହଁରୁ ଆହାର ଛଡାଇ ନେବାପରି ଲାଗେ । ସତୁରି ବର୍ଷ ତଳର ସମାଜ ତାହାର ଚଳଣି ଓ ବର୍ତ୍ତମାନର ଚଳଣି ମଧରେ ଆକାଶ ପାତାଳ ପ୍ରଭେଦ । ବିଶେଷତଃ ପଞ୍ଚମଦଶକ ପରଠାରୁ ଏ ପରିବର୍ତ୍ତନ ବହୁତ ଦ୍ରୁତ ହୋଇଯାଇଅଛି ।

ବଜାର ବ୍ୟବସ୍ଥା : ତୃତୀୟ ଦଶକରେ ଦରଦାମ ସ୍ଥିର ଥିଲା । ଜିରା ଓ ଗୁଆ କଟକୀ ସେର (୧୦୫ ତୋଳା) ଦାମ ଆଠଅଣା (ପଚାଶ ପଇସା) କିରୋସିନୀ ଟିଣ (୧୬ ଲିଟର) ପାଞ୍ଚ ସିଉକା (ଟ୧.୨୫ପଇସା), ଚାଉଳ ଟଙ୍କାକୁ ପଉଟିଏ (୪୦ କିଗ୍ରା), ଗୁଆଘିଅମାଣ ଆଠଅଣା ଓ ମଇଁଷି ଘିଅ ଛଅଅଣା, ଜଗୁଆଳି ବା ପିଅନମାନଙ୍କ ଦରମା ମାସିକ ଦୁଇଟଙ୍କା, ପ୍ରାଥମିକ ଶିକ୍ଷକ, ଫରେଷ୍ଟ ଗାର୍ଡ କେନଷ୍ଟବଲମାନଙ୍କର ତିନି ଟଙ୍କାରୁ

Digitized by PPRACHIN, SOA

ପାଞ୍ଚଟଙ୍କା, କିରାଣୀ, ଫରେଷ୍ଟର ଓ ମାଟ୍ରିକ୍ ଶିକ୍ଷକମାନଙ୍କ ଦରମା ପନ୍ଦର ଟଙ୍କା । ଏହିପରି ଭାବରେ ଅତିଉଚ୍ଚଚାକିରୀ କରୁଥିବା ବ୍ୟକ୍ତି (ଜଜ୍, ଏସପି. ଇତ୍ୟାଦି) ମାସିକ ଦୁଇଶହ ଟଙ୍କା ଦରମା ପାଉଥିଲେ । ପାଞ୍ଚଟଙ୍କା ବେତନରେ ମଧ୍ୟ ଲୋକମାନେ ଘରଦ୍ୱାର ଜମିବାଡି କିଣି ପାରୁଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଦରଦାମ ଆସ୍ତେ ଆସ୍ତେ ବଢିବାକୁ ଲାଗିଲା । ବଜାରକୁ ବିଭିନ୍ନ ବିଳାସ ସାମଗ୍ରୀ ଆମଦାନୀ କରାଯାଇ ଜନତାଙ୍କର ଚାହିଦାକୁ ବଢ଼ାଇ ଦିଆଗଲା । ଦରଦାମ ବଢ଼ିବା ସାଙ୍ଗେ ସାଙ୍ଗେ ଚାହିଦା ବଢିବା ଯୋଗୁଁ ଅନେକଙ୍କର କ୍ରୟ କରିବା ଶକ୍ତି କମି ଯାଇଅଛି । ଟଙ୍କାର ଅବମୂଲ୍ୟାୟନ ଯୋଗୁଁ ସାମଞ୍ଜସ୍ୟ ରଖାଯାଇ ପାରୁନାହିଁ । ସେ ସମୟରେ ଜଣେ ମାସିକ ପଚାଶଟଙ୍କା ବେତନ ପାଉଥିବା ବ୍ୟକ୍ତି ଯେପରି ସ୍ୱଚ୍ଛନ୍ଦରେ ଚଳିପାରୁଥିଲା, ଆଜି ଜଣେ ଦଶ ହଜାର ପାଉଥିବା ବ୍ୟକ୍ତି ମଧ୍ୟ ସେପରି ଚଳି ପାରୁନାହିଁ । ତତ୍ ସହିତ ଏବେ ଯେଉଁ ଜଗତୀକରଣ କରାଗଲାଣି ସେଥିରେ ଧନୀକ ଶ୍ରେଣୀ ବେଶୀ ଧନୀ ଏବଂ ଦରିଦ୍ର ଶ୍ରେଣୀ ଦରିଦ୍ରତର ହେବାର ଜଳଜଳ ଦିଶିଲାଣି ।

ବୈବାହିକ ସମ୍ବନ୍ଧ : ବହୁ ପୂରାକାଳରୁ ଆମ ସମାଜରେ ବାଲ୍ୟ ବିବାହ ପ୍ରଚଳିତ ଥିଲା । ବର କନ୍ୟାଗୃହକୁ ବିବାହପାଇଁ ଯାଇ ବିବାହ ପରେ ସାତଦିନ କନ୍ୟାଗୃହରେ ରହୁଥିଲେ । ସେଠାରେ କଉଡି ଖେଳଠାରୁ ଧରି ଚତୁର୍ଥୀ ହୋମ ପର୍ଯ୍ୟନ୍ତ କରାଯାଉଥିଲା । (ମଧୁଶଯ୍ୟା ନୁହେଁ) ଅଷ୍ଟମ ଦିନ ବର ଲୁଚି ଯାଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲା । ବିବାହ ପରବର୍ତ୍ତୀ ଶୁକ୍ଳ ଦ୍ୱିତୀୟା ତିଥିରେ ଚନ୍ଦ୍ର ବନ୍ଦାପନା କରାଯାଉଥିଲା । କନ୍ୟାର ବୟଃପ୍ରାପ୍ତି ପରେ ତିନି ଚାରିବର୍ଷ ପିତ୍ରାଳୟରେ ରହି ଶ୍ୱଶୁରାଳୟକୁ ପୁଆଣି ହୋଇ ଆସୁଥିଲେ । ତେଣୁ ଆମର "ବାହା ପୁଆଣି" କୁହାଯାଉଥିଲା । ଏବେ କିନ୍ତୁ ଆଉ ପୁଆଣି ଘର ନାହିଁ । କାରଣ ବିଭାଘର ଦିନ କିମ୍ବା ତତ୍‌ପର ଦିନ ପ୍ରଭାତରୁ କନ୍ୟା ବରସଙ୍ଗେ ଚାଲିଯାଉଛି । ଶ୍ୱଶୁରାଳୟରେ ଉତ୍ତମ ତିଥି ଦେଖି ଆଶୀର୍ବାଦ ହୋମ କରାଯାଇ ମଧୁଶଯ୍ୟା ଆୟୋଜନ କରାଯାଉଥିଲା । ତେଣୁ ପ୍ରତ୍ୟେକ ପିତାମାତା କନ୍ୟାର ବୟଃପ୍ରାପ୍ତି ପୂର୍ବରୁ ତାକୁ ବିବାହ ଦେବାକୁ ବାଧ୍ୟ ହେଉଥିଲେ । ମାତ୍ର ଏବେ କନ୍ୟାର ବିବାହ ବୟସ ସର୍ବନିମ୍ନ ଅଠର ଓ ବରର ଏକୋଇଶି ହେବା ପରେ ବହୁକନ୍ୟା ଚାଳିଶି ବର୍ଷ ପର୍ଯ୍ୟନ୍ତ ବିବାହ ହୋଇ ପାରିଲେନି- ଅର୍ଥାତ୍ ସେମାନେ ଚିର କୁମାରୀ ହୋଇ ରହିଗଲେ । କାରଣ ସୁନ୍ଦରୀକନ୍ୟା ଅଳ୍ପ ବୟସ୍କା ହୋଇ ମଧ୍ୟ ବିଭା ହୋଇଗଲା ବେଳେ ଏମାନେ ବାଛିଆରି ହୋଇ ରହିଗଲେ ।

କନ୍ୟାର ପୁଆଣି ବେଳେ କନ୍ୟାକୁ ଗ୍ରାମର ପ୍ରାୟ ପ୍ରତ୍ୟେକ ପରିବାର ଖାଇବାକୁ ଡାକନ୍ତି । ଆଠ ଦଶଦିନ ପର୍ଯ୍ୟନ୍ତ ଝିଅଟି ବିଭିନ୍ନ ପ୍ରକାର ପିଠାପଣା ଅନ୍ନ ବ୍ୟଞ୍ଜନରେ

Digitized by PPRACHIN, SOA

ପରିତୃପ୍ତ ହୁଏ । ଝିଅ ପୁଆଣି ଘର ଯିବା ପୂର୍ବଦିନ ବସ୍ତ୍ରାଳଙ୍କାର ଭୂଷିତା ହୋଇ ବସେ ଓ ଗ୍ରାମର ପ୍ରତ୍ୟେକ ପରିବାର ତାକୁ ହଳଦୀ, ଅଳତା, ସିନ୍ଦୂର ଓ ଶକ୍ତି କ୍ରମେ ପଇସା ଦେଇ ଯାଆନ୍ତି । ଆଜି ପୁଆଣି ଘରର ପବିତ୍ରତା ଇତିହାସର ବସ୍ତୁ ହୋଇ ଯାଇଛି । କନ୍ୟାଟି ପନ୍ଦର ଷୋହଳ ବର୍ଷରେ ଶ୍ୱଶୁରାଳୟକୁ ଆସିବାବେଳେ ବୟସ୍କ ଓ ଗୁରୁଜନମାନଙ୍କର (ଶାଶୁ, ଶ୍ୱଶୁର ଇତ୍ୟାଦି) ଉପଦେଶ ମାନି ନୂତନ ଗୃହ ସମ୍ଭାଳିବାର ଦାୟିତ୍ୱ ସମ୍ବନ୍ଧରେ ଶିକ୍ଷାଲାଭ କରୁଥିଲା ଓ ସେମାନଙ୍କର ଅନୁଗତ ହେଉଥିଲା । ନୂତନ ପରିବେଶ ସହ ସାଲିସ୍ କରୁଥିଲା । ମାତ୍ର ଏବେ ପଚିଶି ସତେଇଶି ବର୍ଷର କନ୍ୟା ଶ୍ୱଶୁରାଳୟ ଯିବା ବେଳକୁ ଏତେ ପରିଣତ ବୟସ ହୋଇ ଯାଉଛି ଯେ ସେ ନୂତନ ପରିବେଶକୁ ସ୍ୱୀକାର କରିବା କିମ୍ବା ତାଳମେଳ ଖୁଆଇବା ଦିଗରେ ବଡ କଷ୍ଟ ଅନୁଭବ କରୁଛି । ଫଳତଃ ନିଜର ଜୀବନ ଦୁର୍ବିସହ କରିବା ସହ ପରିବାରର ଅଶାନ୍ତିର କାରଣ ହେଉଅଛି । ସ୍ୱାମୀ ଅନ୍ୟତ୍ର କର୍ମ କରୁଥିଲେ ସେ ତାଙ୍କ ସହ ଚାଲିଯାଉଛି କିମ୍ବା ଅଧିକାଂଶ ସମୟ ପିତ୍ରାଳୟରେ କଟାଉଛି । ଅନେକ ସ୍ଥଳରେ ଏଥିପାଇଁ ବଧୂହତ୍ୟା, ଆତ୍ମହତ୍ୟା କିମ୍ବା ବିବାହ ବିଚ୍ଛେଦ ମଧ୍ୟ ଘଟୁଛି । ଅନେକ ସ୍ଥଳରେ ସମାଜକୁ ଡରି ପ୍ରେମିକ ପ୍ରେମିକା ପଳାୟନ କରୁଛନ୍ତି କିମ୍ବା ଆତ୍ମହତ୍ୟା କରୁଛନ୍ତି । ଅପରିଣାମ ଦର୍ଶିତା ହେତୁ ବହୁ ପ୍ରେମ ବିବାହ ଅସଫଳ ଅଥବା ଦୁର୍ବିସହ ହୋଇପଡୁଛି । ଆମ ସମାଜର ଏକାନ୍ନବର୍ତ୍ତିତା ଅବକ୍ଷୟ ପ୍ରାପ୍ତ ହେଉଅଛି ।

ଘରକରଣା - ଆଜିର ପାଠୋଇ ଝିଅ ଗୃହକର୍ମ ନିପୁଣା ନୁହେଁ । ଆମ ଘରର ସାଧାରଣ ରୋଷେଇ ବ୍ୟତୀତ ପର୍ବପର୍ବାଣୀର ପିଠାପଣା ସେ ଭୁଲି ଯାଇଛି । ଓଷାବାର କଥା ଛାଡନ୍ତୁ । ଯଦି ସେ କୌଣସି ଓଷା କରୁଛି, ତେବେ ଦୋକାନରୁ ଫଳମୂଳ କିମ୍ବା ମିଠା, କିଣି ଆଣି ପୂଜା କରୁଛି । ଆଉ ମଣ୍ଡା, କାକରା, ଦୁଦୁରା, ଆରିସା, ଏଣ୍ଡୁରି, ଚିତୋଉ ଇତ୍ୟାଦି ସେ କରି ଜାଣୁନି କି ସେଥିପ୍ରତି ଆଗ୍ରହ ମଧ୍ୟ ଦେଖାଉନି । ଅନେକ ଚାକିରୀ କରି ଗଲେଣି । ତେଣୁ ଯାହି ତାହି ମୁଠେ ଫୁଟାଇ ଚାକିରୀକୁ ଯିବା ପ୍ରଧାନ ଲକ୍ଷ୍ୟ ହେଉଛି । ସନ୍ତାନ ସନ୍ତତିମାନଙ୍କ ଲାଳନ ପାଳନ ଠିକ୍ ଭାବେ ହୋଇ ପାରୁନି । ନାରୀସ୍ୱାଧୀନତା ନାମରେ ନାରୀ ସ୍ୱେଚ୍ଛାଚାରିତା ବଢି ଚାଲିଛି ।

ଧର୍ମ ଧାରଣା - ସ୍ୱାମୀ ବିବେକାନନ୍ଦ ତାଙ୍କ ଚିକାଗୋ ଭାଷଣରେ ଆମ ଧର୍ମ ଏବଂ ଅନ୍ୟ ଧର୍ମ ମଧ୍ୟରେ ପ୍ରଭେଦ ଦର୍ଶାଇବା ଅବସରରେ ଯେଉଁ ପ୍ରସଙ୍ଗ ଉତ୍ଥାପନ କରି ଥିଲେ ତାହା ଏହି ଯେ ଆମଧର୍ମ କହେ କେତେ ଅଳ୍ପରେ ଜଣେ ଚଳି ପାରିବ । କାରଣ ଜୀବନର ଧ୍ୟେୟ ହେଲା ଆତ୍ମସାକ୍ଷାତକାର ଏବଂ ସେଥିପାଇଁ ଶରୀର ଏକ ସାଧନ ମାତ୍ର । ବହୁ ଦିଗ୍‌ଦର୍ଶୀ ମହାମନିଷୀ ଓ ମୁନିଋଷିମାନେ (ଯେଉଁମାନେ ବିଶିଷ୍ଟ ଦାର୍ଶନିକ ଅତି

Digitized by PPRACHIN, SOA

ପଣ୍ଡିତ ତଥା ବିଜ୍ଞାନୀ ମଧ) ପର୍ଣ୍ଣକୁଟୀର ମଧ୍ୟରେ ବାସକରି ଓ ବଲ୍କଲ ପରିଧାନ କରି ତଥା ଫଳମୂଳ ଖାଇ ମଧ ବିଶ୍ୱକୁ ସେମାନଙ୍କର ବିଶ୍ଳେଷଣ ଓ ଗବେଷଣା ଲବ୍ଧ ଯେଉଁ ଅକାଟ୍ୟ ତଥ୍ୟ ଓ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି ତାହା ଅନ୍ୟତ୍ର ଦୁର୍ଲ୍ଲଭ । ତେଣୁ ଜ୍ଞାନ ସହ ପଞ୍ଚତଳ ପ୍ରାସାଦର କୌଣସି ସମ୍ବନ୍ଧ ନାହିଁ । ସେଥିପାଇଁ ଦ୍ରଷ୍ଟାମାନେ ଉଦାତ୍ତ କଣ୍ଠରେ ଘୋଷଣା କରିଛନ୍ତି - ବନେ ଭକ୍ଷିବ କନ୍ଦମୂଳ, ପିନ୍ଧିବ ବୃକ୍ଷର ବଲ୍କଳ ଇତ୍ୟାଦି । ଏପରି କରିବା ଦ୍ୱାରା ଈଶ୍ୱର ଉପାସନା ତଥା ଆତ୍ମୋପଲବ୍ଧି ପାଇଁ ଯଥେଷ୍ଟ ସମୟ ମିଳିବ । ମାତ୍ର ପାଶ୍ଚାତ୍ୟ ସଭ୍ୟତା ଭୋଗସର୍ବସ୍ୱ, ଭୋଗର ଅନ୍ତ ନାହିଁ । ଭୋଗ କରିବାପାଇଁ ଦିନ ରାତି ଅଣ୍ଟୁନାହିଁ - ମନୁଷ୍ୟ ପୃଥିବୀସାରା ବୁଲୁଛି ଭୋଗ ଲାଳସାରେ । ସେ ଏତେ ଯନ୍ତ୍ର ସର୍ବସ୍ୱ ଏବଂ ଭୌତିକତାବାଦୀ ହୋଇଗଲାଣି ଯେ ଆଧ୍ୟାତ୍ମିକତା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଚେତନ ହୋଇଗଲାଣି । ତେଣୁ ଅସୁର ସୃଷ୍ଟି ହେଲେଣି । ମୋ ମତରେ ଦାରିଦ୍ର୍ୟ ଏକ ମାନସିକତା । ଦରିଦ୍ର ବ୍ୟକ୍ତି ଶାନ୍ତିରେ ରହିପାରେ, ମାତ୍ର ଧନୀକକୁ ନିଦ ହୁଏ ନାହିଁ । ଗରିବ ଦିନେ ମରିବ - ଶାନ୍ତିରେ ମାତ୍ର ଧନୀକ ମରିବ- ଅଶାନ୍ତିରେ ଏବଂ ଗଲାବେଳେ କିଛି ନେଇ ଯିବ ନାହିଁ । ପାଶ୍ଚାତ୍ୟ ସଭ୍ୟତା ସହ ପ୍ରତିଯୋଗିତା ଆମେ ଗରିବ ଦେଶ ଓ ଜନତା କଦାପି କରି ପାରିବା ନାହିଁ । କେବଳ ଦରିଦ୍ରରୁ ଦରିଦ୍ରତର ହୋଇ ଋଣଭାର ବୋହି ମରିବାହିଁ ସାରହେବ । ଏ ଏକ ମରୀଚିକା ପଛରେ ଧାଇଁବା ଛଡା ଆଉ କିଛି ନୁହେଁ । କୁଆ ମୟୂର ପୁଚ୍ଛ ଧାରଣ କରି ଯେପରି ହିନସ୍ତା ଭୋଗିଲା ସେହିପରି ଆମେ ବିଦେଶୀ ଋଣ ଭାର ବହନ କରି ନିଜକୁ ମୟୂର ପୁଚ୍ଛ ପରିହିତ କୁଆପରି ଦିନେ ବିଶ୍ୱ ସମକ୍ଷରେ ଅପମାନିତ ହେବା । ତେଣୁ ସାଧୁ ସାବଧାନ । ଏ ଭୁଲ୍ ମାର୍ଗରୁ ଓହରି ଆସିବାପାଇଁ ମୋର ସମସ୍ତଙ୍କୁ ବିନୀତ ନିବେଦନ । ସରଳ ଜୀବନ ଓ ଉଚ୍ଚବିଚାର (plain living and high thinking)ଆମର ଧ୍ୟେୟ ହେବା ଆବଶ୍ୟକ । ସ୍ୱଧର୍ମେ ନିଧନ ଶ୍ରେୟ ପରଧର୍ମଃ ଭୟାବହ'' । ପାଶ୍ଚାତ୍ୟ ଢାଞ୍ଚା, ଚାଳିଚଳନ, ରୀତିନୀତି ଇତ୍ୟାଦି ଆମପାଇଁ ସ୍ପୃହଣୀୟ ନୁହେଁ ବରଂ ବର୍ଜନୀୟ । ମାତ୍ର ଆମେ ସେଥିରୁ ଦୂରେଇ ରହିବାଛାଡି ତାକୁ ବେଶୀ ଆପଣାର କରୁଛୁ - ଏହା ଭୟାବହ ଅଟେ । ସ୍ୱଦେଶୀ ଓ ବହୁଦେଶୀୟ ମଧ୍ୟରେ ପ୍ରତିଯୋଗିତା ଓ ସଂଘର୍ଷ ଲାଗି ରହିଛି ଓ ଲାଗିରହିବ । ଆମେ ଏକ ଚରମ ସୀମା (point of no return) ଆଡକୁ ଧାବମାନ ।

(ସହକାର, ଖୋଲାଦ୍ୱାର)

Digitized by PPRACHIN, SOA

ଢେଙ୍କାନାଳ ସେବେ ଓ ଏବେ

ଢେଙ୍କାନାଳ ଗଡଜାତ ଏକ ଐତିହ୍ୟ ଓ ସଂସ୍କୃତି ସଂପନ୍ନ ଅଞ୍ଚଳ । ଏଠାରେ କେତେଯେ ପ୍ରାଜ୍ଞ ଓ ବିଜ୍ଞ ବ୍ୟକ୍ତି ସ୍ୱ ସ୍ୱ ପ୍ରତିଭାରେ ଭାସ୍ୱର ହୋଇ ସମୟର ବାଲୁକାରେ ନିଜ ନିଜର ପଦଚିହ୍ନ ଛାଡି ଦେଇ ଯାଇଛନ୍ତି ତାହା ଗବେଷଣା ସାପେକ୍ଷ । ଏଇ ମାଟିରେ ସ୍ତମ୍ଭ ଓ ଶୁଲ୍କି ବଂଶର ରାଜାମାନଙ୍କର କୀର୍ତ୍ତି ସପ୍ତମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟାପ୍ତ । ସେମାନଙ୍କର ସ୍ମୃତିସ୍ତମ୍ଭ ସ୍ୱରୂପ କୁଆଁଳୋର ଅଷ୍ଟଶମ୍ଭୁ, କନକଦୁର୍ଗା, ସରାଙ୍ଗର ଶାୟିତ ବିଷ୍ଣୁମୂର୍ତ୍ତି ତଥା ବଜ୍ରକୋଟର ଏସିଆ ମହାଦେଶର ସର୍ବ ବୃହତ ଶାୟିତ ବିଷ୍ଣୁ ମୂର୍ତ୍ତି ବିଦ୍ୟମାନ ଏବଂ ବିଭିନ୍ନ ତମ୍ବାପଟା ମାନ ପ୍ରାପ୍ତ ।

ତତ୍‌ପରେ ଭୀମନଗ୍ରୀ ଗଡ । ଚତୁର୍ଦ୍ଦଶ ଶାତାବ୍ଦୀର ଅନଙ୍ଗଭୀମଦେବଙ୍କର ଭୀମନଗ୍ରୀ ଗଡ- ଯାହାର ଭଗ୍ନାବଶେଷ ଏବେ ଧଳପୁର ନିକଟ ବ୍ରାହ୍ମଣୀ ନଦୀ ଅବବାହିକାରୁ ପ୍ରାପ୍ତ । ଏଇଠି ନାଧରା ଗ୍ରାମର ରାମଚଣ୍ଡୀ ମନ୍ଦିର । ଏଇଠି ଏକଘରିଆ ଗ୍ରାମରେ ଥାଇ ଦୀନକୃଷ୍ଣ ଦାସ ତାଙ୍କର ରସବିନୋଦ କାବ୍ୟରଚନା କରିଗଲେ । ନଦୀର ଅପରପାର୍ଶ୍ୱରେ ହଦଗଡ (କମଗରାନିକଟ) ସାମନ୍ତଙ୍କଠାରୁ ସମସ୍ତ ପୃଷ୍ଠପୋଷକତା ପ୍ରାପ୍ତହୋଇ ଦୀନକୃଷ୍ଣ ଓଡିଶାର ଏକ୍ ଉଜ୍ଜ୍ୱଳ ତାରକା ରୂପେ ପ୍ରତିଭାତ ।

ତାଙ୍କର ବହୁପୂର୍ବରୁ ଚତୁର୍ଦ୍ଦଶ ଶତାବ୍ଦୀରେ କପିଳାସ କନ୍ଦରରେ ଶ୍ରୀଧର ସ୍ୱମୀ ଓ ତାଙ୍କର ପୂର୍ବଜ ବସ୍ତାଦାସ ଢେଙ୍କାନାଳ ମାଟିର ଐତିହ୍ୟରେ ଏକ ଏକ ମାଇଲ ଖୁଣ୍ଟ । ଏଇ କପିଳାସରେ ସାଧନାକରି ସିଦ୍ଧିଲାଭ କରିଥିବା ମହିମାଗୋସାଇଁ ଏକ ସ୍ୱତନ୍ତ୍ର ଧର୍ମ, ମହିମାଧର୍ମ ପ୍ରଚାର କରିଗଲେ ଯାହା ଆଜି ଓଡିଶା ଓ ତା ବାହାରେ ଛତିଶଗଡ, ଝାଡଖଣ୍ଡ ଓ ପଶ୍ଚିମବଂଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏବଂ ତତ୍‌ସମ୍ବନ୍ଧୀୟ ଗବେଷଣାରେ ବହୁ ଜ୍ଞାନୀଗୁଣୀ ବ୍ୟକ୍ତି ରତ ।

ଅଷ୍ଟାଦଶ ଶତାବ୍ଦୀର କବି ବ୍ରଜନାଥ ଓଡିଆ ସାହିତ୍ୟର ଚକ୍ରବର୍ତ୍ତୀ । ତାଙ୍କର ରୀତିଯୁଗୀୟ ରଚନାବଳୀ ବିଭିନ୍ନ କାବ୍ୟ ବ୍ୟତିରେକେ ସେ ଥିଲେ ପ୍ରଥମ ସମର ସାହିତ୍ୟ ଓ ଗଦ୍ୟ ସାହିତ୍ୟର ସ୍ରଷ୍ଟା । ସେତେବେଳେ ସାରା ଭାରତରେ କୌଣସି ଭାଷାରେ ଗଦ୍ୟ ରଚନା ନଥିଲା । ସେ କେବଳ ଢେଙ୍କାନାଳର ନୁହନ୍ତି ସାରା ଓଡିଆ ସାହିତ୍ୟ ଆକାଶର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ।

ରାଜନୈତିକ ଦୃଶ୍ୟପଟ୍ଟ : ଶ୍ୱାପଦସଙ୍କୁଳ ଘନବନାନୀ ଘେରା ଢେଙ୍କାନାଳ ଗଡଜାତ ଦୁଇଟି ସବଡିଭିଜନରେ ବିଭକ୍ତ ଥିଲା- ବିଭାଜନକାରୀ ବ୍ରାହ୍ମଣୀନଦୀ-ଏକପଟେ ସଦର,

Digitized by PPRACHIN, SOA

ଅନ୍ୟପଟେ ମଢ଼ି । ଊନବିଂଶ ଶତାବ୍ଦୀର ଶେଷପାଦରେ ନା ଥିଲା ସଡକ ନା ଥିଲା ମୋଟରଯାନ ଏପରିକି ସାଇକେଲ ମଧ୍ୟ ନଥିଲା । ସବଡିଭିଜନ ବୋଲି ସେମିତି କିଛି ନଥିଲା । ଶୁଣାଯାଏ ରାଜା ଘୋଡାଗାଡିରେ ଯାଇ ରାଜ୍ୟଯାକର ଭଲମନ୍ଦ ଖବର ବୁଝୁଥିଲେ । ମାଜିଷ୍ଟ୍ରେଟ୍ ନ ଥିଲେ, ମୋକଦ୍ଦମା ନ ଥିଲା । ରାଜାଙ୍କ ଗସ୍ତ ସମୟରେ ପ୍ରଜାମାନେ ହାରିଗୁହାରି ଶୁଣାଉଥିଲେ । ଗୋଟିଏ ଘଟଣା, ପ୍ରଜା ଆପତ୍ତି କଲା 'ହଜୁର ମୋତେ ଅମକ ମାରିଲା' । କେମିତି ମାରିଲା ? 'ହଜୁର ଦୁଇ ବିଧା ମାରିଛି' । ଅଭିଯୁକ୍ତକୁ ଡକାଇଆଣି ହୁକୁମ ହେଲା 'ମାର ତାକୁ ଦି ବିଧା' । ମୋକଦ୍ଦମା ଫଏସଲା ହୋଇଗଲା । ଭଗିରଥ ମହୀନ୍ଦ୍ରବାହାଦୁର ପ୍ରଜାପାଳକ ଥିଲେ । କଟକଠାରେ ପ୍ରଥମକରି ଓଡିଆ ଛାପାଖାନା କଟକ ପ୍ରିଣ୍ଟିଂ ପ୍ରେସ ତାଙ୍କର ଅବଦାନ । ଢେଙ୍କାନାଳ ତଥା ଓଡିଆ ସାହିତ୍ୟକୁ ତାଙ୍କର ଯଥେଷ୍ଟ ଅବଦାନ ଥିଲା । ସେ ହିଁ ମଢି ସବଡିଭିଜନ ପ୍ରତିଷ୍ଠା କରାଇ ତିନୋଟି ବଜାକୋଠା, କଚେରୀ, ଥାନା ଓ ଡାକ୍ତରଖାନା କରାଇଥିଲେ । ତଦୀୟ ପୌତ୍ର ସୁରପ୍ରତାପଙ୍କ ଦ୍ୱାରା ପ୍ରଥମ ଏସଡିଓ ମହମ୍ମଦ ଅତାହାର୍ ନିଯୁକ୍ତ ହୋଇଥିଲେ । ଢେଙ୍କାନାଳ ସହରରେ ରାଜ୍ୟ କୋଷାଗାର, ଅଦାଲତ ଓ ପ୍ରଶାସନ ଅଧିକାରୀ ମାନେଥିଲେ । ରାଜା ପାର୍ଷଦମାନଙ୍କ ପରାମର୍ଶରେ ରାଜ୍ୟ ଚଳାଉଥିଲେ ।

ତଦୀୟପୁତ୍ର ଶଙ୍କରପ୍ରତାପଙ୍କ ରାଜତ୍ୱର ପ୍ରାରମ୍ଭରେ (୧୯୨୬) ମୋଟର ଗାଡି ପ୍ରଥମ କରି ଢେଙ୍କାନାଳ ଆସିଲା । ବ୍ରହ୍ମଣୀ ଓ ରାମିଆଳରେ ଖରାଦିନିଆ ସଡକ ତିଆରି ହୋଇ (ବେଠିରେ) ନଭେମ୍ବରରୁ ଜୁନ ଯାଏ ଗାଡି ଚଳାଚଳ କରେ । ସେ ସମୟ ମଧ୍ୟରେ କାମାକ୍ଷାନଗରର (ପୂର୍ବତନ ମଢି) କଚେରୀ, ଥାନା ଡାକ୍ତରଖାନା ସ୍କୁଲ ଇତ୍ୟାଦି ଇନସ୍ପେକସନ କରାଯାଏ । ଆଇନ ଶୃଙ୍ଖଳା ଠିକ ଥାଏ । ଲାଞ୍ଚଖୋରି ନଥିଲା । ୧୯୩୮ ପ୍ରଜାଆନ୍ଦୋଳନ ପରେ ସବୁ ଓଲଟପାଲଟ ହୋଇ ଯାଇଥିଲା ୧୯୪୭ ସ୍ୱାଧୀନତା ମିଳିବା ପର୍ଯ୍ୟନ୍ତ । ଗଡଜାତ ମିଶ୍ରଣ ପରଠାରୁ ଓଡିଶା ସରକାରଙ୍କର ଏହା ଗୋଟିଏ ଜିଲ୍ଲାରେ ପରିଣତ ହୋଇଛି । ଏ ଜିଲ୍ଲା ପ୍ରାରମ୍ଭରେ ଛଅଗୋଟି ଗଡଜାତକୁ ନେଇ ସାତଗୋଟି ସବଡିଭିଜନରେ ବିଭକ୍ତ ଥିଲା । ମାତ୍ର ଜିଲ୍ଲା ପୁନର୍ଗଠନ (୧୯୯୩) ପରଠାରୁ ତାଳଚେର, ପାଲଲହଡା, ଆଠମଲ୍ଲିକ ଓ ଅନୁଗୁଳ ମିଶି ଅନୁଗୁଳ ଜିଲ୍ଲାରେ ପରିଣତ ହେଲା । ତେଣୁ ବର୍ତ୍ତମାନର ଢେଙ୍କାନାଳ ଜିଲ୍ଲା କେବଳ ଢେଙ୍କାନାଳ, କାମାକ୍ଷାନଗର ଓ ହିନ୍ଦୋଳ ତିନିଗୋଟି ସବଡିଭିଜନକୁ ନେଇ ଗଠିତ ।

ଶିକ୍ଷା : ଓଡିଶା ଭିତରେ ଶିକ୍ଷା ଦିଗରେ ଢେଙ୍କାନାଳ ଏକ ଅଗ୍ରଗଣ୍ୟ ରାଜ୍ୟ । ବିଂଶ ଶତାବ୍ଦୀର ପ୍ରଥମପାଦରେ ସୁରପ୍ରତାପ ରାଜ୍ୟସାରା ଅନେକ ପ୍ରାଥମିକ ସ୍କୁଲ ପ୍ରତିଷ୍ଠା

Digitized by PPRACHIN, SOA

କରିଥିଲେ । ଅପର ପ୍ରାଇମେରୀ ପାଶ୍ ଲୋକ ନିମ୍ନପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ ହେଉଥିଲେ । ଲେଖକର ପିତା ସ୍କୁଲ ଏସ୍.ଆଇ. ଭାବେ ମଡ଼ି ସବଡିଭିଜନରେ ଅନେକ ସ୍କୁଲ ସୃଷ୍ଟି କରିଥିଲେ । ମଡ଼ିରେ ଗୋଟିଏ ମାଇନର ସ୍କୁଲ ୧୯୩୦ରେ ରତ୍ନପ୍ରଭା ଦେବୀଙ୍କ ନାମରେ ପ୍ରତିଷ୍ଠିତ ହେଲା । ତତପରେ ଭୁବନ, ପର୍ଜଙ୍ଗ ଓ ଧଳପୁର ଇତ୍ୟାଦିରେ ଭର୍ଣ୍ଣାକୁଲାର ସ୍କୁଲମାନଙ୍କୁ ମାଇନର ସ୍କୁଲରେ ପରିଣତ କରାଗଲା । ୧୮୯୬ ମସିହାରୁ ଢେଙ୍କାନାଳଠାରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠିତ ହୋଇଥିଲା । ଏଠାକୁ ଦଶପଲ୍ଲା, ବଡମ୍ବା, ହିନ୍ଦୋଳ, ନରସିଂହପୁର, ତାଳଚେର, ପାଲଲହଡା, ଅନୁଗୁଳ, ଆଠମଲ୍ଲିକ, ଆଠଗଡ ଓ ତିଗିରିଆ ଇତ୍ୟାଦି ଗଡଜାତର ପିଲାମାନେ ପଢ଼ିବାପାଇଁ ଆସୁଥିଲେ । କବି ବୈକୁଣ୍ଠନାଥ ପଟ୍ଟନାୟକ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଶ୍ରୀଯୁକ୍ତ ଜୟକୃଷ୍ଣ ମିଶ୍ର ଓ ଗତିକୃଷ୍ଣ ମିଶ୍ର (ବିଚାରପତି) ଓ ବୃନ୍ଦାବନ ତ୍ରିପାଠୀ (ମନ୍ତ୍ରୀ) ଆଦି ଏହି ବିଦ୍ୟାଳୟର ଛାତ୍ରଥିଲେ । ବହୁପରେ ବିଭିନ୍ନ ରାଜ୍ୟରେ ହାଇସ୍କୁଲମାନ କାଳକ୍ରମେ ଖୋଲିଥିଲା । ମେଧାବୀ ପିଲାମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ରେଭେନ୍ସା କଲେଜକୁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦିଆଯାଉଥିଲା । ଓଡିଶାର ପ୍ରଥମ ମାଟ୍ରିକୁଲେଟ୍ ଥିଲେ ଢେଙ୍କାନାଳର ଶ୍ରୀ ବନମାଳୀ ସିଂହ । ଆଜି ମଧ୍ୟ ଶିକ୍ଷାକ୍ଷେତ୍ରରେ ଢେଙ୍କାନାଳ ଏକ ସ୍ୱତନ୍ତ୍ର ଆସନ ଦାବି କରେ । ଏ ଜିଲ୍ଲାରେ ପ୍ରାୟ ତିରିଶଟି କଲେଜ୍, ପାଞ୍ଚଟି ବୈଷୟିକ ମହାବିଦ୍ୟାଳୟ ଓ ଅଗଣିତ ହାଇସ୍କୁଲ ପ୍ରତିଷ୍ଠିତ ।

ସଂସ୍କୃତି : ଢେଙ୍କାନାଳର ଲୋକଗୀତ ଓ ଲୋକନୃତ୍ୟ ତଥା ବିଭିନ୍ନ ଢଗଢମାଳି ହେଉଛି ଏହାର ସଂସ୍କୃତି । ଏତଦ୍ ବ୍ୟତୀତ ବହୁ ବାଣୀସାଧକ ଏମାଟିକୁ ସାହିତ୍ୟ କ୍ଷେତ୍ରରେ ଋଦ୍ଧିମନ୍ତ କରିଛନ୍ତି । ଏ ସମ୍ବନ୍ଧରେ ଏକ ବିବରଣୀ ପୂର୍ବସଂଖ୍ୟାରେ ପ୍ରକାଶିତ । ତେଣୁ ତତ୍‌ସଂପର୍କିତ ଅଧିକ ବିବରଣୀ ଦେବାରୁ କ୍ଷାନ୍ତ ହେଲୁ । ଲୋକନୃତ୍ୟ ଓ ଲୋକଗୀତର କିୟତ ଝଲକ ପ୍ରତ୍ୟେକବର୍ଷ ଢେଙ୍କାନାଳ ମହୋତ୍ସବ ଅବସରରେ ପ୍ରଦର୍ଶିତ ହୁଏ । ମହୋତ୍ସବରେ ସାହିତ୍ୟ ଚର୍ଚ୍ଚା ଏବଂ କବିତା ଆସର ମଧ୍ୟ ଅନୁଷ୍ଠିତ ହୁଏ ।

ଶିଳ୍ପ : ଅବିଭକ୍ତ ଢେଙ୍କାନାଳରେ ଅନେକ କଳାକାରଖାନା ଅଛି । ଯଥା - ନାଲକୋ, ଏଫ୍.ସି.ଆଇ., କୋଇଲା ଖଣି ଇତ୍ୟାଦି । ମାତ୍ର ଢେଙ୍କାନାଳ ଜିଲ୍ଲା ବିଭାଜନ ପରେ ଏଠାରେ କୋଡେଗୋଟି ମଧ୍ୟମ ଧରଣର ଶିଳ୍ପ କାରାଖାନା ଯଥା- ସିନ୍ଥେଟିକ ଫ୍ୟାକ୍ଟ୍ରି (ବଉଳପୁର) ନୋଭୋକ୍ରୋମ୍ (ମେରାମୁଣ୍ଡଳୀ), ଓଡିଶା ଏୟାର ପ୍ରଡକଟସ, ଇପିଷ୍ଟିଲ ଓ ଟାଟା ରିଫ୍ରାକଟରିଜ୍ (ଗୁଣ୍ଡିଚାପଡା), ଶକ୍ତିସୁଗାରସ୍ (ହରିପୁର) ଓ ଉତ୍କଳ ଆଜବେଷ୍ଟସ (କୋରିଆଁ) ଅବସ୍ଥିତ । କଳିଙ୍ଗ ଉଇଭରସ୍ କୋଅପରେଟିଭ ମିଲ (ଗୋବିନ୍ଦପୁର) ମୃତବତ୍ ପଡିରହିଛି ।

Digitized by PPRACHIN, SOA

କୁଟୀର ଶିଳ୍ପ : ଢେଙ୍କାନାଳରେ କୁଟୀରଶିଳ୍ପ ମଧ୍ୟରେ ଭୁବନ ଓ ଇନ୍ଦିପୁରର କଂସା ପିତ୍ତଳ ବାସନ, ଗଁଦିଆର କାଷ୍ଠ ଓ ଶିଙ୍ଗ କାମ, ଦେଓଗାଁର ବେତକାମ, ସହର ସମେତ ବିଭିନ୍ନ ଗ୍ରାମରେ ସୁନାରୂପା ଗହଣା, ମୃଣ୍ମୟ ପାତ୍ର ଓ ବିଭିନ୍ନ ଲୌହ ଉପକରଣ ଅନ୍ତର୍ଭୁକ୍ତ । ସହର ଉପକଣ୍ଠସ୍ଥ ବୋରାପଦା ଗ୍ରାମର ଆତେଣ୍ଠି ତାଟି ଏକ କ୍ଷୁଦ୍ରଶିଳ୍ପର ମର୍ଯ୍ୟାଦା ଦାବିକରେ । ପ୍ରତ୍ୟେକ ଦିନ ପାହାନ୍ତାରୁ ଶହ ଶହ ଆତେଣ୍ଠି ତାଟି ସହର ମଧ୍ୟକୁ ବିକ୍ରୀ ପାଇଁ ଆସେ । ବର୍ଷସାରା ଏ ବ୍ୟବସାୟ ଚାଲେ । ଖଲି, ଚଉପତି, ପତ୍ର, ଦାନ୍ତକାଠି ଇତ୍ୟାଦି କାଠଗଡା ଓ ଗହମଖୁଣ୍ଟି ଇତ୍ୟାଦି ଗ୍ରାମମାନଙ୍କରୁ ସହରକୁ ଆସେ । ଏଗୁଡିକ ଅସଂଗଠିତ କ୍ଷେତ୍ର । ଏମାନଙ୍କୁ ସରକାରୀ ଅନୁଦାନ ମିଳେନା । ଏବେ ସରକାରଙ୍କର ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀମାନ- ଖୋଲାଯାଇ ଖଲି, ଚଉପତି, ପାମ୍ପଡ, ବଡି ଇତ୍ୟାଦି ହିନ୍ଦୋଳ ଓ କଙ୍କଡାହାଡ ବ୍ଲକମାନଙ୍କରେ କାର୍ଯ୍ୟରତ । ମାତ୍ର ଏ ଆତେଣ୍ଠି ତାଟି ଓ ଗହମଖୁଣ୍ଟି ଖଲି କେଉଁ ଆଦିମ କାଳରୁ ଢେଙ୍କାନାଳ ସହରକୁ ଯୋଗାଯାଉଛି ତାର ହିସାବ କେହି ରଖିନାହିଁ । ଧଳପୁରର ମୁରୁଜପଥର ମଧ୍ୟ ଏହିପରି ଏକ ଅସଂଗଠିତ କ୍ଷେତ୍ର । କେନ୍ଦୁପତ୍ର ସଂଗ୍ରହ ସରକାରଙ୍କର ଏକ ସ୍ୱତନ୍ତ୍ର ସଂସ୍ଥା । ସୋଗର ଗ୍ରାମରେ ବିଡିଁ ତିଆରି ଏକ କୁଟୀର ଶିଳ୍ପ । ବିଡିକାଠ ମଧ୍ୟ କୁଟୀରଶିଳ୍ପ ମଧ୍ୟରେ ଗଣ୍ୟ । ଜଙ୍ଗଲରୁ କାଠ ସଂଗ୍ରହ କରି ତାକୁ ଛୋଟ ଛୋଟ କରି ଲଇରେ ବାନ୍ଧି ବିକ୍ରୟକରି ବହୁ ଦରିଦ୍ର ପରିବାର ନିଜର ଗୁଜୁରାଣ ମେଣ୍ଟାନ୍ତି । କାଠରେ ସୋଫା, ପଲଙ୍କ, ଚୌକି, ମେଜ ଇତ୍ୟାଦି ତିଆରି କରି ଅନେକ ବଢେଇ ଜୀବିକା ଅର୍ଜନ କରନ୍ତି । ଏମାନେ ଜିଲ୍ଲାସାରା ବିଭିନ୍ନ ଗ୍ରାମରେ ରହନ୍ତି । ଫାବ୍ରିକେସନ ଏବେ ଏକ କ୍ଷୁଦ୍ରଶିଳ୍ପରେ ପରିଣତ । ଘରର ଝର୍କାପାଇଁ ଗ୍ରିଲ, ବାହାରେ ଲୁହା ଗେଟ୍ ଷ୍ଟିଲ ଆଲମିରା ଇତ୍ୟାଦି ଏମାନେ ପ୍ରସ୍ତୁତ କରନ୍ତି । ପଥରକୁ ଭାଙ୍ଗି ଛୋଟ ମେଟାଲ ଓ ଚିପସ୍ କରିବାପାଇଁ ଢେଙ୍କାନାଳରେ ଅନେକ କ୍ରସର ପ୍ରତିଷ୍ଠିତ । ତା ଛଡା ପଥର କାଟି ଘର ତିଆରି ପାଇଁ ଯୋଗାଇବା ମଧ୍ୟ କ୍ଷୁଦ୍ରଶିଳ୍ପ ମଧ୍ୟରେ ଅନ୍ୟତମ । ଏ ସମସ୍ତ ଶିଳ୍ପ ଶହ ଶହ ବର୍ଷ ପୂର୍ବରୁ ଥିଲା ଏବେ ମଧ୍ୟ ଅଛି । ତତ୍ ସହିତ ସଦେଇ ବେରେଣୀ ଓ ଇନ୍ଦିପୁରର ଡୋକରା ଶିଳ୍ପ ସାରା ରାଜ୍ୟରେ ମଧ୍ୟ ବେଶ୍ ନାଁ କମେଇ ପାରିଛି ।

ଢେଙ୍କାନାଳର ଏକ ଖ୍ୟାତନାମା ପଲ୍ଲୀଗ୍ରାମ ଭଗୀରଥପୁରରେ ମୋର ଜନ୍ମ ୧୯୨୮ ଫେବୃଆରୀ ଫାଲଗୁନ ଶୁକ୍ଳ ସପ୍ତମୀରେ । ପ୍ରାୟ ଚାରିବର୍ଷ ବୟସରୁ ମୋର ବୁଦ୍ଧି ହେଲା ପରଠାରୁ ୧୯୪୮ ପର୍ଯ୍ୟନ୍ତ ରାଜୁଡା ଶାସନ ଓ ତତପରବର୍ତ୍ତୀ ସ୍ୱାଧୀନ ଭାରତର ନାଗରିକ ରୂପେ ଏକ ତୁଳନାତ୍ମକ ସାମାଜିକ ଚିତ୍ର ଦେବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

Digitized by PPRACHIN, SOA

ସାମାଜିକ ଦୃଶ୍ୟପଟ : ମଫସଲ ଅଞ୍ଚଳରେ ଜୀବନ ନୀରସ ଓ ଆକର୍ଷଣ ବିହୀନ ଥିଲା । ତଥାପି ତା ମଧ୍ୟରୁ ଜନତା ଆନନ୍ଦ ପାଇବାର ଉପାଦାନ ସଂଗ୍ରହ କରୁଥିଲେ । ତା ମଧ୍ୟରେ ବିଭିନ୍ନ ପର୍ବପର୍ବାଣୀ ଯଥା ପଣା ସଂକ୍ରାନ୍ତି, ଅକ୍ଷୟ ତୃତୀୟା, ରାମନବମୀ, ଚନ୍ଦନ ଯାତ୍ରା, ରଜପର୍ବ, ମଙ୍ଗଳବାର, ସୁଦଶାବ୍ରତ, ଝୁଲଣ ପୂର୍ଣ୍ଣମୀ, ଗଣେଶ ଚତୁର୍ଥୀ, ଜନ୍ମାଷ୍ଟମୀ, ଖୁଦୁରୁକୁଣୀ, ଦୁର୍ଗାଷ୍ଟମୀ, ରାଇଦାମୋଦର ପୂଜା, ପ୍ରଥମାଷ୍ଟମୀ, ବକୁଳ ଅମାବାସ୍ୟା, ଶାମ୍ବଦଶମୀ, ଦାଣ୍ଡପହଁରା, ଶ୍ରୀପଞ୍ଚମୀ, ଅଗ୍ନ୍ୟୁସବ, ଜାଗର ଯାତ୍ରା ଏବଂ ଦୋଳଯାତ୍ରା ଇତ୍ୟାଦି ପ୍ରାୟ ପ୍ରତ୍ୟେକ ମାସରେ କୌଣସି ନା କୌଣସି ପର୍ବ ପଡେ । ଏତଦ୍‌ବ୍ୟତୀତ ମଧ୍ୟେ ମଧ୍ୟେ ଅଷ୍ଟପ୍ରହରୀ ନାମଯଜ୍ଞ, ପାଲାପରିବେଷଣ, ନାଚ, ଦଣ୍ଡ ଇତ୍ୟାଦି ମଧ୍ୟ ଗାଁ ଗହଳିରେ ଅନୁଷ୍ଠିତ ହୁଏ । ଗୋଟିଏ ଗାଁରେ କୌଣସି ମେଳା ବା ଯାତ୍ରା ହେଲେ ଆଖ ପାଖ ପ୍ରାୟ ଦଶକିଲୋମିଟର ଦୂର ଗ୍ରାମମାନଙ୍କରୁ ଆବାଳ ବୃଦ୍ଧବନିତା ଦେଖିବାକୁ ଆସନ୍ତି । ବ୍ୟକ୍ତିଗତ ଓ ସାମୁହିକ ଭାବେ ତ୍ରିନାଥ ମେଳା, ପଞ୍ଚାନନ ମେଳା ବା ଶନିମେଳା ଇତ୍ୟାଦି କରାଯାଏ । ନବଜାତକ ମାନଙ୍କର ଏକୋଇଶା ବା ମାସିକିଆ ସବୁ କୀର୍ତ୍ତନମଣ୍ଡଳୀ କରନ୍ତି । ପ୍ରତିଦିନ ସଂଧ୍ୟାରେ ଗାଁ ଭାଗବତ ଟୁଙ୍ଗୀରେ ଭାଗବତ, ପୁରାଣ ଇତ୍ୟାଦି ପାଠ କରାଯାଇ ସଂକୀର୍ତ୍ତନ କରାଯାଏ । ପ୍ରତିଗ୍ରାମରେ ଭଗବତ ଟୁଙ୍ଗୀ ଓ କୀର୍ତ୍ତନଦଳ ଥାନ୍ତି । ଗାଁ ଗହଳିରେ ମନୋରଞ୍ଜନର ମାଧ୍ୟମ ଖୋଳ, କରତାଳ, ଝାଞ୍ଜ, ବୀରକାହାଳୀ, ଶଙ୍ଖ, ଘଣ୍ଟ ଓ ଘଣ୍ଟା ଇତ୍ୟାଦି । ଦିନରେ ଅବସର ସମୟରେ ତାସ, ପଶା, ସତରଞ୍ଜ ଏବଂ ମହିଳା ମହଲରେ ଗିଲ, ବାଘବଜାରି, କଉଡି ଇତ୍ୟାଦି ଖେଳହୁଏ । ଯୁବକମାନେ ଡୁଡୁ, ବହୁଚୋରୀ ଇତ୍ୟାଦି ପଡିଆରେ ଖେଳନ୍ତି ।

ଗାଁ ବାହାରୁ ମଧ୍ୟେ ମଧ୍ୟେ କେନ୍ଦରାଧରି ଯୋଗୀମାନେ ଗୋବିନ୍ଦଚନ୍ଦ୍ର ଗାଥା ପରିବେଷଣ କରିବାକୁ ଆସନ୍ତି । ମଙ୍ଗଳ ଚଣ୍ଡିଆ, ରଣପା ନୃତ୍ୟ ଓ ଚୈତ୍ରମାସରେ ଘଣ୍ଟପାଟୁଆମାନେ ଆସନ୍ତି, ଦଣ୍ଡ ରଖାଯାଇ ପାଣିଦଣ୍ଡ, ଧୂଳିଦଣ୍ଡ ଓ ରାତିରେ ଦଣ୍ଡନାଚ ହୁଏ । ଦୋଳପୂର୍ଣ୍ଣିମା ପରେ ଗଉଡମାନେ ଗଉଡବାଡି ଖେଳନ୍ତି । ଗହ୍ମାପୂର୍ଣ୍ଣମୀରେ ଶବର ଶବରାଣୀମାନେ ଘୁମୁରା ନୃତ୍ୟ କରନ୍ତି । ସାପୁଆକେଳା, ମାଙ୍କଡନଚା ଓ ଯାଦୁଗର (ମାଜିସିଆନ୍) ମଧ୍ୟ ନିଜ ନିଜର କୌଶଳ ପ୍ରଦର୍ଶନ କରନ୍ତି । ସଂକ୍ରାନ୍ତି, ଅମାବାସ୍ୟାରେ ଚକୁଳିଆପଣ୍ଡାମାନେ ଗ୍ରାମେ ଗ୍ରାମେ ବୁଲନ୍ତି । ଯେତେ ପ୍ରକାର ଲୋକଆସନ୍ତି ସମସ୍ତଙ୍କୁ ଚାଉଳ ଦିଆଯାଏ । ପଇସା ଖୁବ୍ କମ୍ । ଆଜିକାଲି ଆଉ ଗଉଡମାନେ ଗଉଡ ବାଡି ଖେଳୁନାହାନ୍ତି କି ଶବର ଶବରାଣୀ ନାଚ କରୁନାହାନ୍ତି । ଜୀବନର ଧାରା ବହୁଭାବେ ପରିବର୍ତ୍ତିତ ହୋଇଯାଇଛି । ଭାଗବତଟୁଙ୍ଗୀ କ୍ଲବଘରେ ପରିଣତ ହୋଇଯାଇଛି । ବିଭିନ୍ନ ମନୋରଞ୍ଜନର ମାଧ୍ୟମ ଆଜି ପ୍ରାକୃତିକତାରୁ ଓହରିଯାଇ ଟିଭି ଓ ରେଡିଓ ମଧ୍ୟରେ ସ୍ଥାନ ପାଇଛି । ଜନତା ଆଜି ଟିଭିରୁ ଯାଲା. ଦାଶକାଠି ଠୁ ଧରି ସିନେମା, ନୃତ୍ୟଗୀତ ପର୍ଯ୍ୟନ୍ତ

Digitized by PPRACHIN, SOA

ଦେଖିପାରୁଛନ୍ତି । ସର୍ବୋପରି କ୍ରିକେଟ ଖେଳ ଏକ ବିରାଟ ଆକର୍ଷଣ ହୋଇଛି । ଗ୍ରାମ ଆଜି ସହରାଭିମୁଖୀ ହୋଇଯାଇଛି । ଗାଁ ଭିତରକୁ ଗଲେ କେବଳ କେତେକ ବୃଦ୍ଧ ଓ ବିଧବା ଆଉ ବେକାର ଯୁବକ ଓ ଯୁବତୀ ମିଳିବେ - ଅନ୍ୟମାନେ ବିଭିନ୍ନ ସହରରେ ଭିନ୍ନ ଭିନ୍ନ କର୍ମରେ ପିଲାଛୁଆ ନେଇ ରହୁଛନ୍ତି ।

ହାତୀଧରା : ଢେଙ୍କାନାଳ ରାଜା ପ୍ରତିବର୍ଷ କାମାକ୍ଷାନଗର ସବଡିଭିଜନ ପରିଦର୍ଶନରେ ନଭେମ୍ବର ଠାରୁ ମେ ମାସ ମଧ୍ୟରେ ଯାଆନ୍ତି । ତା ପନ୍ଦରଦିନ ଆଗରୁ ପରୱାନା ଆସେ । ସମସ୍ତ ଅଫିସ୍ କାଗଜପତ୍ର ଇତ୍ୟାଦି ଇତି ମଧ୍ୟରେ ପ୍ରସ୍ତୁତ ହୋଇ ସମସ୍ତ କର୍ମଚାରୀ ପ୍ରସ୍ତୁତ ହୋଇଯାନ୍ତି । ରାଜାଙ୍କ ପାର୍ଷଦ, ଥାଟ ପଟୁଆର ସଙ୍ଗରେ ଆସନ୍ତି । ସେମାନଙ୍କ ପାଇଁ ଭୋଜିର ଆୟୋଜନ ହୁଏ । ଗୁଆଘିଅରେ ଛଣା ପାନତୁଆ, ଗୁଆଘିଅର ପଲାଉ ଓ ମାଂସ ତରକାରୀ, କୁରମା, ଚପ କଟଲେଟ ଆଦି ତିଆରି ହୁଏ । ଆଜି ସେ ସବୁ ସ୍ୱପ୍ନ । ଖାଣ୍ଟି ଗୁଆଘିଅ ଟିକିଏ ମିଳିବା କଷ୍ଟକର । ରାଜାସାହେବଙ୍କ ଆଗମନ ଉପଲକ୍ଷେ ସ୍କୁଲପିଲାମାନେ ସ୍କାଉଟିଂ ତଥା ବିଭିନ୍ନ ଖେଳ ପ୍ରଦର୍ଶନ କରନ୍ତି । ରାତିରେ କ୍ୟାମ୍ପ ଫାୟାର ହୁଏ । ନିନିସାହେବ (ରାଜାଙ୍କ ତୃତୀୟଭାଇ ଓ ଢେଙ୍କାନାଳର ଜେନେରାଲ ମିନିଷ୍ଟର) ନାନା ପ୍ରକାର ମ୍ୟାଜିକ ଦେଖାନ୍ତି ।

ପ୍ରତ୍ୟେକ ୩/୪ବର୍ଷରେ ଥରେ ହାତୀ ଧରାଯାନ୍ତି । କାମାକ୍ଷାନଗର ନିକଟବର୍ତ୍ତୀ ଗୁଣ୍ଡିଚାନାଳୀ ଗ୍ରାମ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ଗୋଟିଏ ହାତୀ ଗୀର୍ଜା ତିଆରି ହୋଇଥାଏ । ତାର ଲମ୍ବା ଚୌଡା ସମାନ ପ୍ରାୟ ତିରିଶଫୁଟ । ଚାରିପଟରେ ପଥରର କାନ୍ଥ, ବାହାରେ ଠିଆ ହେଲେ ଭିତରକୁ ଦେଖିହେବ । ମାତ୍ର ଭିତରଟି ବହୁତ ଗଭୀର । ଏକ ପାର୍ଶ୍ୱରେ ପ୍ରବେଶ ଦ୍ୱାର- ପ୍ରାୟ ୧୫ ଫୁଟ ଚଉଡା । ତିନିଇଞ୍ଚ ମୋଟା କାଠପଟା ଦ୍ୱାରା ଦ୍ୱାରଟି ନିବଦ୍ଧ । ଦୁଇପ୍ରଟର ପିଲରରେ ଦୁଇଟି ବଡ ପଥର ମଧ୍ୟରେ ଗର୍ତ୍ତ ଯେପରି ଜଣେ ଲୋକ ବସିପାରିବ । ଦୁଇପଟେ ଦୁଇଟି କଣା ତା ଭିତରେ ଦେଇ ବାହାର ଓ ଭିତରକୁ ଦେଖିହେବ । ହାତୀଧରାର ନିର୍ଦ୍ଧାରିତ ଦିନ ପୂର୍ବରୁ ବିଭିନ୍ନ ଗ୍ରାମର ଲୋକମାନଙ୍କୁ କଟୁରୀ, ଟାଙ୍ଗୀଆ ଫାର୍ଶା, ଠେଙ୍ଗା ପ୍ରଭୃତି ଧରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଥାଏ ଓ ବନ୍ଧୁକ ଲାଇସେନସ ଧାରୀମାନେ ବନ୍ଧୁକ ସହ ଉପସ୍ଥିତ ହୁଅନ୍ତି । ପ୍ରାୟ ୩/୪ ମାଇଲ ଆକ୍ରାନ୍ତରୁ ଆଡି କରାଯାଇ ସମସ୍ତ ଜୀବଜନ୍ତୁଙ୍କୁ ଘଉଡାଯାଏ । ସେଥିରେ ବାଘ, ଭାଲୁ, କୁଟୁରା ଇତ୍ୟାଦି ସମସ୍ତ ପଶୁ ବାହାରି ଆସନ୍ତି । ସେମାନଙ୍କୁ ଗୁଳି ବା କୁନ୍ତ ସାହାଯ୍ୟରେ ମାରିଦିଆଯାଏ । କେତେକ ପଳାଇ ଯାଆନ୍ତି । ହାତୀମାନଙ୍କୁ କାଳିକରି ଅଣାଯାଏ । ପ୍ରାୟ ଅଧମାଇଲ ଦୂରରୁ ଗୀର୍ଜା ଭିତର ପର୍ଯ୍ୟନ୍ତ ଆଖୁ, କଦଳୀଗଛ ଇତ୍ୟାଦି ପକାଯାଇଥାଏ । ସେମାନେ ଖାଇ ଖାଇ ଯେତେବେଳେ ୮/୧୦ ଘର ହାତୀ ଭିତରକୁ ଚାଲିଯାଆନ୍ତି, ଦୁଇପଟ.ଗେଟରେ ଦଉଡିକୁ ଦୁଇଜଣ ପଥର କାନ୍ଥରେ ଲୁଚିଥିବା ବ୍ୟକ୍ତି ହାଣି ଦିଅନ୍ତି । ଗେଟ୍ ପଡିଯାଏ । ସେମାନେ

Digitized by PPRACHIN, SOA

ଭିତରେ ରହିଯାଆନ୍ତି । ସେମାନଙ୍କୁ ସାତଦିନ ପର୍ଯ୍ୟନ୍ତ କିଛି ଖାଇବାକୁ ଦିଆଯାଏନାହିଁ । ତାପରେ ଘର ହାତୀ ୨/୩ଟି ଶୁଣ୍ଡରେ ଠେଙ୍ଗାଦେଇ ତାଙ୍କୁ ବାଡାନ୍ତି ଏବଂ ମୋଟାଦଉଡିରେ ସେମାନଙ୍କ ଗୋଡକୁ ବାନ୍ଧି ପଦାକୁ ଆଣନ୍ତି । ୪/୫ ଜଣ ଲୋକ ମିଶି ଗଛଗଣ୍ଡି ମାନଙ୍କରେ ସେମାନଙ୍କୁ ବାନ୍ଧିପକାନ୍ତି । ତା ପରେ ଏକ ସପ୍ତାହ ପର୍ଯ୍ୟନ୍ତ ସେମାନଙ୍କୁ ଅଳ୍ପ ଅଳ୍ପ ଖାଇବାକୁ ଦିଆଯାଏ । ସେଇଠୁ ସେମାନଙ୍କୁ ଦୁଇଟି ଘରହାତୀଙ୍କ ମଝିରେ ପୁରାଇ ଗୋଟି ଗୋଟି କରି ମଢିକୁ ଅଣାଯାଏ । ଗୋଟିଏ ବଣୁଆ ହାତୀକୁ ଦୁଇଘରହାତୀଙ୍କ ମଝିରେ ନେଇ ପ୍ରତିଦିନ ସକାଳେ ପ୍ରାୟ ଦେଢମାଇଲ ରାମିଆଳ ପର୍ଯ୍ୟନ୍ତ ଟ୍ରେନିଂ ଦେଇ ପୋଷାମନାଯାଏ । ବଣୁଆ ହାତୀ ଆଗରେ ଦୁଇଜଣ କୁନ୍ତ ଧରି ଧାଉଁଥାନ୍ତି । ଜଣେ ସାହସୀ ମାହୁନ୍ତ ବଣୁଆ ହାତୀ ଉପରେ ପଛ ଆଡକୁ ଅଙ୍କୁଶ ଧରି ବସେ । ପଛଆଡେ ଦୁଇଜଣ ଠେଙ୍ଗାଧରି ଧାଉଁଥାନ୍ତି । ହାତୀ ଗୋଡ ଘୋଷାରିଲେ ସେମାନେ ଠେଙ୍ଗାରେ ପିଟନ୍ତି । ଆଗରେ ଶୁଣ୍ଢ ଟେକିଲେ କୁନ୍ତବାଲା ଭୁଷନ୍ତି । ଏପରି ଭାବେ ଅଭ୍ୟାସ କରାଇ ସମସ୍ତ ବଣୁଆହାତୀଙ୍କୁ ପୋଷା ମନାଇ ସାରିବାପରେ ଢେଙ୍କାନାଳକୁ ଅଣାଯାଏ । ସେଠାରେ ସେମାନଙ୍କୁ ବିକ୍ରୀ କରାଯାଏ ଓ ଉପହାର ମଧ୍ୟ ଦିଆଯାଏ । ଆବଶ୍ୟକ ହେଲେ ଗୋଟିଏ ଦୁଇଟି ରଖାଯାଏ । ସେମାନଙ୍କୁ ଭଲ ନାଁ ଦିଆଯାଏ ଯଥା- ନକ୍ଷତ୍ରମାଳା, କୃଷ୍ଣପିଆରୀ ଇତ୍ୟାଦି । କେତେକ ହାତୀ ଜଙ୍ଗଲକୁ ଝୁରି ଝୁରି ମରିଯାନ୍ତି । ଛୋଟ ହାତୀ ମା ସାଙ୍ଗରେ ଯାଆନ୍ତି ।

ଏବେ ହାତୀମାନେ ଜଙ୍ଗଲ ନଷ୍ଟ ହେବାରୁ ଖାଦ୍ୟନପାଇ ଗାଁ ଭିତରକୁ ପଶିଆସି ବିଲରୁ ଧାନ ଖାଇ ଶେଷକୁ ଖଳା ମାନଙ୍କରେ ପଶି ଧାନ ଖାଇଯାଉଛନ୍ତି ଏବଂ ଲୋକମାନଙ୍କୁ ମାରିପକାଉଛନ୍ତି । ମାତ୍ର ସେମାନଙ୍କୁ କେହି ମାରିଲେ ଜେଲ, ଜୋରିମାନା ହେଉଛି । ମୃତଲୋକଙ୍କ ପରିବାରକୁ କ୍ଷତିପୂରଣ ଦେଲେ ମଧ୍ୟ ହାତୀମାନଙ୍କ ପ୍ରତି କଟକଣା କରାଯାଇ ପାରୁନାହିଁ । ଚଳିତ ବର୍ଷ ଗେଙ୍ଗୁଟିଆ ଓ ଜୟପୁରାକାଟେଣୀ ଇତ୍ୟାଦିରେ ଏପରି ଘଟଣା ଘଟିଅଛି ।

ବଜାରଦର : ବ୍ରିଟିଶ ଶାସନ ଅମଳରେ ବଜାର ଦର ବହୁତଶସ୍ତା ଥିଲା । ଜିରା ସେର (କଟକୀ ୧୦୫ ତୋଳା) - ୮ଅଣା (୫୦ ପଇସା), ଗୁଆ ସେର - ୮ଅଣା ; କିରାସିନୀ ଟିଣ (୧୫ ଲିଟର) (ଏକଟଙ୍କା ପଚିଶ ପଇସା) ଚିନି ସେର - ୨ଅଣା (ବାରପଇସା), ସୁନାଭରି- ୩୦ ଟଙ୍କା ଗୁଆଘିଅ ମାଣ (୫୦୦ଗ୍ରାମ) - ୮ଅଣା ଓ ମଇଁଷି ଘିଅ ମାଣ - ୬ଅଣା (୩୮ ପଇସା) ମୂଲିଆମାନେ ଦିନକୁ - ୨ଅଣା (୧୨ ପଇସା) ମଜୁରି ପାଆନ୍ତି । ଟଙ୍କାରେ ଚାଉଳ ପଉଟିଏ (୪୦କିଲୋ) ୧ଅଣାରେ ଚାଉଳ

Digitized by PPRACHIN, SOA

୫ ମାଣ । ବାକି ୧ ଅଣାରେ ସେମାନେ ବଜାରରୁ ୧୨ଟି ଜିନିଷ କିଣିପାରନ୍ତି । ଖାଇବା ତେଲ, କିରାସିନି, ଚିନି, ଜିରା, ଲଙ୍କା, ହଳଦୀ, ଲୁଣ ଖାଇବା ସୋଡା, ଗୁଡାଖୁ, ଭାଙ୍ଗ, ଦୋକ୍ତା ଇତ୍ୟାଦି । ଏଦର ୧୯୩୮ ମସିହା ୨ୟ ମହାସମର ପର୍ଯ୍ୟନ୍ତ ଚାଲିଥିଲା । ଧୋତି ଖଣ୍ଡକ ୭୫ ପଇସା, ଓ ଶାଢୀଖଣ୍ଡକ ମାତ୍ର ୧ ଟଙ୍କା । ତା ପରଠାରୁ ଦରଦାମ ବଢ଼ି ବଢ଼ି ଚାଲିଛି । ବର୍ତ୍ତମାନ ସୁନା ଦଶ ଗ୍ରାମକୁ ସାଢେ ପାଞ୍ଚ ଛ ହଜାର ଟଙ୍କା ପର୍ଯ୍ୟନ୍ତ ଗଲାଣି । ଅର୍ଥାତ୍ ଦାମ ୨୦୦ ଗୁଣ ବଢ଼ିଯାଇଛି । ଟଙ୍କାର ମୂଲ୍ୟ ସେହି ପରିମାଣରେ ହ୍ରାସ ପାଇଛି । ସାଧାରଣ ଲୋକର କ୍ରୟଶକ୍ତି ହ୍ରାସ ପାଇଛି । ଆମର ଅର୍ଥନୀତି ଭୁଷୁଡି ପଡିଛି । ଆମେ ଋଣଯନ୍ତାରେ ପଡିଯାଇଛୁ । ଢେଙ୍କାନାଳ ସେବେ ଓ ଏବେ ସମ୍ବନ୍ଧରେ କହିବାକୁ ଗଲାବେଳେ ତାହା ଓଡିଶା ତଥା ସମଗ୍ର ଦେଶ ସହିତ ଜଡିତ ହେବାକୁ ବାଧ୍ୟ, ସେବେ ନ ହେଲେ ମଧ୍ୟ ଏବେ । ଏ କ୍ଷୁଦ୍ର ପ୍ରବନ୍ଧରେ ସମସ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ବିବରଣୀ ଦେଇହେବ ନାହିଁ । କେତେଗୋଟି ମାତ୍ର ଦିଗ ସମ୍ବନ୍ଧରେ ଆଲୋଚନା କରି ଏ ପ୍ରବନ୍ଧର ଉପସଂହାର କରୁଅଛି । ଏଠାରେ ରାଧାନାଥ ରାୟଙ୍କର 'ଦରବାର' କବିତାରୁ କିଛି ପଂକ୍ତି ମନେପଡେ-

କାଳେ କାଳେ କେତେ ଦେଖିସେ ଆସିଲା   ନଶ୍ୱର ନରର ଗାରିମାର ଲୀଳା
ପୁଣି ନୂଆଲୀଳା ଲାଗିଛି ଏଠାରେ   ପୁଣି ମତ୍ତ ନରେ ନଶ୍ୱର ବ୍ୟାପାରେ
ପୁଣି ଦେଖ ଆଜି ଗାରିମାର ହଟ୍ଟା   ଲୁଚି ବସି କାଳ କରେ ଯାକୁ ଥଟ୍ଟା ।

(ଢ଼େଙ୍କାନାଳ ମହୋତ୍ସବ-୨୦୦୩)

❖❖❖

Digitized by PPRACHIN, SOA

ସ୍ୱତନ୍ତ୍ର ଉତ୍କଳ-କିଛି ସ୍ମୃତି, କିଛି ଅଭିବ୍ୟକ୍ତି

(ଉତ୍କଳ ଦିବସ-୧୯୯୬)

ଉପକ୍ରମ : ଉତ୍କଳ ଏକ ସ୍ୱତନ୍ତ୍ର ଦେଶ । ଅଧୁନା ଏହା ଭାରତବର୍ଷର ଏକ ପ୍ରଦେଶ ରୂପେ ପରିଗଣିତ, ମାତ୍ର ପୂର୍ବେ ଏ ଦେଶ କଳିଙ୍ଗ ଉଡ୍ର, କୋଶଳ ଇତ୍ୟାଦି ନାମରେ ପରିଚିତ ଥିଲା ଯଦିଓ ତାର ସୀମା ସରହଦ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ହୋଇ ଅଛି । ଯାହା ହେଲେବି ଉତ୍କଳ ତାର ସ୍ୱାତନ୍ତ୍ର୍ୟ ଭାରତ ବର୍ଷରେ ବଜାୟ ରଖି ଆସିଅଛି । "ଉନ୍ନତ କଳା ଯସ୍ମିନ୍ ଦେଶେ ତଦେବ ଉତ୍କଳ" ବୋଲି ଯେଉଁ ପ୍ରବାଦ ଅଛି ତାହା ଉତ୍କଳର ବିଭିନ୍ନ ଅଞ୍ଚଳରେ ଏବେ ମଧ୍ୟ ପରିଦୃଶ୍ୟମାନ ।

ସାହିତ୍ୟ : ପ୍ରଥମତଃ ସାହିତ୍ୟ କ୍ଷେତ୍ରରେ ଦେଖାଯାଉ । କପିଳ ମୁନିଙ୍କ ସାଂଖ୍ୟ ଦର୍ଶନ ଉତ୍କଳସ୍ଥ କପିଳାସ କ୍ଷେତ୍ରରୁ ହିଁ ସୃଷ୍ଟି । ଶ୍ରୀଧର ସ୍ୱାମୀଙ୍କର ଭଗବତର ବ୍ୟାଖ୍ୟା ପୁନଶ୍ଚ ଏହି ସ୍ଥାନରୁହିଁ ପ୍ରଣୀତ । ପ୍ରଭୁ ରାମଚନ୍ଦ୍ରଙ୍କର ବିଶେଷ ଘଟଣା ବହୁଳ ଦଣ୍ଡକାରଣ୍ୟ ଉତ୍କଳ ମଧ୍ୟରେ ଅବସ୍ଥିତ । ଚତୁର୍ଦ୍ଦଶ ଶତାବ୍ଦୀର ସାରଳା ଦାସ, ଷୋଡଶ ଶତାବ୍ଦୀର ପଞ୍ଚସଖା, ସପ୍ତଦଶ ଓ ଅଷ୍ଟାଦଶ ଶଦାବ୍ଦୀର ରୀତିଯୁଗର ସାହିତ୍ୟ, ଭଞ୍ଜ, କବିସୂର୍ଯ୍ୟ, ଅଭିମନ୍ୟୁ, ବ୍ରଜନାଥ, ଭକ୍ତଚରଣ ଓ ଦୀନକୃଷ୍ଣ ଇତ୍ୟାଦି, ଉନବିଂଶ ଓ ବିଂଶ ଶତାବ୍ଦୀର ଗଙ୍ଗାଧର, ଫକୀରମୋହନ, ରାଧାନାଥ, ମଧୁସୁଦନ ଓ ନନ୍ଦକିଶୋର ପ୍ରଭୃତିଙ୍କର ବଳିଷ୍ଠ ସାହିତ୍ୟ ସୃଷ୍ଟି, ସବୁଜ ଯୁଗ ଓ ଆଧୁନିକ ଯୁଗ ଏପରି ଏକ ଚିରପ୍ରବହମାନ ସାହିତ୍ୟର ଧାରା ଓଡିଆ ସାହିତ୍ୟର ଉତ୍କର୍ଷ ପ୍ରତିପାଦନ କରେ ।

କଳା : କଳା କ୍ଷେତ୍ରରେ ଓଡିଶାର ଦେବଦାସୀ ନୃତ୍ୟ ବର୍ତ୍ତମାନ ପୃଥିବୀର ପ୍ରତିପ୍ରାନ୍ତରେ ଓଡିଶୀ ନୃତ୍ୟ ନାମରେ ଏକ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ପ୍ରାପ୍ତ କେବଳ ହୋଇନାହିଁ, ବହୁ ବିଦେଶାଗତ ଓ ବିଦେଶିନୀ ମହିଳାମାନଙ୍କ ପାଇଁ ଏକ ଆର୍କଷଣୀୟ କଳା ରୂପେ ବହୁ ଆଦୃତ । ଏତଦ୍ ବ୍ୟତୀତ ଛଉ, ସୁଆଙ୍ଗ ଓ ଲୀଳା ଇତ୍ୟାଦି ଉତ୍କଳର ବିଭିନ୍ନ ଅଞ୍ଚଳର ସ୍ୱାତନ୍ତ୍ର୍ୟ । ଲୋକନୃତ୍ୟ ଭାବେ ଦଣ୍ଡ, ବଣ୍ଡୀ, ପାଲା, ଦାଶକାଠି, ଧୁଡୁକି ଓ ଘୁମୁରାନୃତ୍ୟ ଇତ୍ୟାଦି ଭାରତର ଅନ୍ୟ କୌଣସି ପ୍ରାନ୍ତରେ ମିଳେନା । ପାଇକ ଆଖଡା ଓ ଗୋପାଳ ଓଗାଳ ଇତ୍ୟାଦି ଉତ୍କଳର ବିଶେଷତ୍ୱ । ସର୍ବୋପରି ବିଭିନ୍ନ ଆଦିବାସୀ ନୃତ୍ୟ ଯଥା - କରମା, ତାଲଖାଇ, ଚାଙ୍ଗୁ ଇତ୍ୟାଦି ନୃତ୍ୟ ସରଳ ଆଦିବାସୀର ସବିଶେଷ ମନୋରଞ୍ଜନ କରେ ।

Digitized by PPRACHIN, SOA

ନାନା ଚାରୁକଳାର ଉତ୍କର୍ଷ ଉତ୍କଳ ଭୂମିରେ ଉପଲବ୍ଧ ହୁଏ । ପିପିଲିର ଚାନ୍ଦୁଆ, ସମ୍ବଲପୁରର ଶାଢୀ ଓ ପର୍ଦା, କଟକର ତାରକସି ଓ ଶିଙ୍ଗକାମ, ପୁରୀର ଶାମୁକା ଓ ଶଙ୍ଖକାମ, ଭୁବନ, ଭଚିମୁଣ୍ଡା ଓ କଣ୍ଟିଲୋର କଂସା, ପିତଳ ବାସନ ଇତ୍ୟାଦି ଉତ୍କଳର ଶିଳ୍ପକଳା ପରାକାଷ୍ଠାର ଏକ ଏକ ନମୁନା । ସିମିଲଇ ପାଟ ଓ ମଣିଆବନ୍ଧ ଶାଢୀର ପ୍ରାଧାନ୍ୟ ଏବେମଧ୍ୟ ରହିଅଛି ।

ଓଡିଆଣୀଝିଅ, ବୋହୂଙ୍କର କେଶ ବିନ୍ୟାସ, ବେଶ ପରିପାଟୀ, ପ୍ରସାଧନ, ବସ୍ତ୍ର ଭୂଷଣ ଇତ୍ୟାଦି ଏକ ସ୍ୱତନ୍ତ୍ରତାର ସ୍ୱାକ୍ଷର ବହନକରେ । ତାର ଚିତା ଲେଖିବା ଓ ଝୋଟି ପକାଇବା, ଛୁଞ୍ଚିପତ୍ର, ଏଣ୍ଡୁରୀ, କାକରା, ନାନମାନ, ଆରିସା ମନୋହର ଉଖୁଡା, ରାଶିଲଡ୍ଡୁ ଇତ୍ୟାଦି ସୁମିଷ୍ଟ ପିଠାପଣା ତିଆରି କରିବା ମଧ୍ୟରେ ତାର ସ୍ୱତନ୍ତ୍ର୍ୟ ନିହିତ । ଏ ଦିଗରେ ଓଡିଆଣି ଝିଅ ବୋହୂମାନେ ଭାରତବର୍ଷ ମଧ୍ୟରେ ଅନନ୍ୟା । ଏ ରନ୍ଧନ କଳା ଅନ୍ୟତ୍ର ଦୁର୍ଲଭ ।

ଖୋଦେଇ : କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୀର ଜଗନ୍ନାଥଙ୍କ ଦେଉଳ ଓ ଭୁବନେଶ୍ୱରର ଅସଂଖ୍ୟ ମନ୍ଦିର ଗାତ୍ରରେ ଖୋଦିତ ପାଷାଣମୂର୍ତ୍ତିମାନଙ୍କର କାରୁକାର୍ଯ୍ୟ ଓଡିଆ ପୁଅର ମହିମା ବିଶ୍ୱ ସମ୍ମୁଖରେ ପ୍ରକଟ କରେ । ତାକୁ ଦେଖିବା ପାଇଁ ବିଦେଶୀ ପର୍ଯ୍ୟଟକଙ୍କର ଭିଡ ଜମେ । ଖିଚିଂଙ୍ଗର ମନ୍ଦିର ଏବଂ ନୀଳଗିରି ଓ ମୟୁରଭଞ୍ଜର ପଥୁରୀ ବାସନ ପଥର ଖୋଦେଇର ଅନ୍ୟ ଏକ ନମୁନା । ପ୍ରସ୍ତର ଖୋଦନ କରି ନାଟ୍ୟଗୁରୁ ଭରତମୁନିଙ୍କ ରଚନା ଅନୁଯାୟୀ ଦ୍ୱିତଳ ବିଶିଷ୍ଟ ମଞ୍ଚ, ପ୍ରେକ୍ଷାଳୟ ଇତ୍ୟାଦିର ନମୁନା କେବଳ ଓଡିଶାର ଖଣ୍ଡଗିରିର ରାଣୀଗୁମ୍ଫାରୁହିଁ ମିଳେ ।

ତେଣୁ ବିଭିନ୍ନ କ୍ଷେତ୍ରରେ ଉନ୍ନତ କଳାଥିବାରୁ ଏହା ଉତ୍କଳ ଦେଶ ନାମରେ ଖ୍ୟାତ । ଯଥାର୍ଥରେ କବି ମଧୁସୂଦନଙ୍କ ଭାଷାରେ 'ଆମ ଜନ୍ମଭୂମି ଉତ୍କଳ ଦେଶ ଉତ୍କଳ କୀରତି ଅଟେ ଅଶେଷ' । ସାହିତ୍ୟ, ସଂସ୍କୃତି, କଳା, ଶିଳ୍ପ, ନୃତ୍ୟ ଓ ସଂଗୀତ ଦୃଷ୍ଟିରୁ ବିଚାରକଲେ ଉତ୍କଳ ତାର ଉତ୍କର୍ଷ ଯୋଗୁ କେବଳ ଭାରତରେ ନୁହେଁ, ସମଗ୍ର ପୃଥିବୀରେ ସ୍ୱୀୟ ସ୍ୱାତନ୍ତ୍ର୍ୟ ପ୍ରମାଣିତ କରିପାରିଛି ।

ମାତ୍ର ସ୍ୱତନ୍ତ୍ର ଉତ୍କଳ ଦିବସ କଥା ଚିନ୍ତା କଲାବେଳେ ଆମ୍ଭେମାନେ ଏ ସମସ୍ତ ସ୍ୱାତନ୍ତ୍ର୍ୟ ବିଷୟ ଚିନ୍ତା କରୁନାହିଁ । ଏଥିରେ ଆମ୍ଭମାନଙ୍କର ପ୍ରଧାନ ପ୍ରତିପାଦ୍ୟ ବସ୍ତୁ ହୁଏ ଓଡିଶା କିପରି ରାଜନୈତିକ ଦୃଷ୍ଟିକୋଣରୁ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା, ଯଦିଓ ଭୌଗୋଳିକ ଦୃଷ୍ଟିକୋଣରୁ ତାହା ସମ୍ପୂର୍ଣ୍ଣ ଖଣ୍ଡିତ । ତେଣୁ ଜନୈକ କବି ଲେଖିଥିଲେ 'କି ହେବ ଏ ମୁଣ୍ଡକଟା ଦେଶକୁ ଘେନି, ମୁଣ୍ଡକଟା ଗୋଡକଟା ପଙ୍ଗୁକୁ ଘେନି' । ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ପାରଳା ଗଜପତି କୃଷ୍ଣଚନ୍ଦ୍ର ଦେବ, ମୟୁରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ରଦେବ, ଉତ୍କଳ ଗୌରବ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ପଣ୍ଡିତ ଗୋପବନ୍ଧୁ ଦାଶ ଇତ୍ୟାଦିଙ୍କର ନିଷ୍ଠା, ଚେଷ୍ଟା ଓ ତ୍ୟାଗ ଫଳରେ ୧୯୦୩ ରୁ

Digitized by PPRACHIN, SOA

ସଂଗ୍ରାମ କରି କରି ୧୯୩୬ ଏପ୍ରିଲ୍ ପହିଲାରେ ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢି ତୋଳିବାରେ ସଫଳକାମ ହେଲେ, ମାତ୍ର ଓଡିଶା ଖଣ୍ଡିତ ହୋଇ ରହିଗଲା । ଯେପରି ଗୋଟିଏ ଚକୁଳି ପିଠା ଭଲରେ ନ ଉତୁରିଲେ ଚାରିପଟୁ ଖଣ୍ଡେ ଖଣ୍ଡେ ତାଉଆରେ ଲାଗିରହେ, ସେହିପରି ଓଡିଶାର ଚାରିପଟୁ ଖଣ୍ଡେ ଖଣ୍ଡେ ରହିଗଲା । ମଝିରୁ ଖଣ୍ଡେ ଉଠିଆସିଲା ଖଣ୍ଡିଆ ପିଠା । ଏ ପଟେ ବଙ୍ଗଦେଶରେ ମେଦିନିପୁର ସେ ପଟେ ବିହାରରେ ସିଂହଭୂମି ଓ ଧଳଭୂମି । ଆରପଟେ ମଧ୍ୟପ୍ରଦେଶରେ ଛତିଶଗଡ ଓ ଶେଷରେ ଆନ୍ଧ୍ର (ପୂର୍ବତନ ମାନ୍ଦ୍ରାଜରେ) ଶ୍ରୀକାକୁଲମ୍ ଓ ଗୋଦାବରୀ । ଓଡିଶାର ପ୍ରାୟ ଏକ ତୃତୀୟାଂଶ ବାହାରେ ଯେ ରହିଗଲା, ତାହା ଯୁଗ ଯୁଗ ଧରି ଫେରିବାର ନାହିଁ । ଯାହା ଅବା ବିଦେଶୀ ବ୍ରିଟିଶ୍ ସରକାରଙ୍କ ଦୟାରୁ ମିଳିଥିଲା ସେଥିରୁ ସ୍ୱାଧୀନ ଭାରତରେ ଷଢେଇକଳା, ଖରସୁଆଁ ଗଲା ସିନା, ଆସିବାର କିଛି ନାହିଁ ।

ଆଜି ଉତ୍କଳ ସମ୍ମିଳନୀ ନାମକୁ ମାତ୍ର ଅଛି, ପ୍ରତିବର୍ଷ ମନ୍ତ୍ରୀ, ସଚିବ ଇତ୍ୟାଦିଙ୍କୁ ନେଇ ସଭା ସମିତି ହେଉଛି, ମାତ୍ର ତାହା ପୂର୍ବତନ ଉତ୍କଳ ସମ୍ମିଳନୀର ଏକ ପ୍ରେତପରି ଜଣାପଡୁଛି । ତାହା ଆଦୌ କାର୍ଯ୍ୟକାରୀ (effective) ହେଉନି ବା ହୋଇପାରିବ ନାହିଁ ମଧ୍ୟ । ବିଗତ ସମୟ ପରି ଆମ୍ଭେମାନେ ଯଦି ପରସ୍ପର ମଧ୍ୟରେ ଯୁଦ୍ଧ କରିପାରୁଥାନ୍ତେ ତେବେ ଅବା କିଛି ଅଂଶ ଜିଣିବାର ଆଶାଥିଲା । ଓଡିଆମାନେ ଯଦି ବନ୍ଦ, ଆନ୍ଦୋଳନ, ଧର୍ମଘଟ ଇତ୍ୟାଦି କରିପାରନ୍ତେ ତେବେ କଣ ହୁଅନ୍ତା, ନହୁଅନ୍ତା କହି ହେବନି । ସୀମା ପାଇଁ ଆନ୍ଦୋଳନ କରିତ ବେଙ୍ଗ ପଣିଆ ଓ ସୁନିଲ୍ ସହୀଦ ହେଲେ ଆମ ସରକାରଙ୍କ ଦ୍ୱାରା । ଆମ ସରକାର ଯେତେବେଳେ ଆମର ସ୍ୱାର୍ଥରକ୍ଷା ପାଇଁ ଆନ୍ଦୋଳନ କରୁଥିବା ଜନତାଙ୍କୁ ନିଜେ ଗୁଳିକରି ମାରିଲେ ସେ ସ୍ଥଳରେ ଆମେ 'କାହାକୁ କହିବା- କପାଳରେ ସିନା କର ମାରିବା' । ଏ ଜାତି ପାଇଁ ଯିଏ ଜୀବନ ଦେଲା, ତା ପ୍ରତି ସରକାରଙ୍କର ଦରଦ କାହିଁ ? ସେମାନଙ୍କ ପାଇଁ ସହୀଦ୍ ଦିବସ ସରକାର ପାଳୁଛନ୍ତି କି ? ଇଏ ହେଉଛି ଆମ ନିଜ ଭିତରର କଥା । ସାଧାରଣ ଲୋକ ସେ ସମ୍ୱନ୍ଧରେ ମୁଣ୍ଡ ଖେଳାଇବ କାହିଁକି ? ସେ ଏ ବିଷୟରେ ଅଚେତନ ।

ତେଣୁ ଆଜିର ଉତ୍କଳ ଦିବସ ପାଳନରେ ଆମର ଆନନ୍ଦ ଯେତିକି ଦୁଃଖ ତା ଠାରୁ ଅଧିକ । ଇଏ ହେଉଛି ଆଜି ଦିନର ସ୍ମୃତି ତର୍ପଣ ।

କବି ମନମୋହନ ମିଶ୍ରଙ୍କର ଏକ ପଂକ୍ତିଏ ପରିପ୍ରେକ୍ଷୀରେ ମନେ ପଡେ- ବିଜୟୀ...

ବିଜୟ ତୋ ହୋଇନି ପୁରା

ବହିଆସେ ଝଡଝଞ୍ଜା ମୁକ୍ତି ଅଧୀରା । ଜୟ ଉତ୍କଳ ଜୟ

(ଉତ୍କଳ ଦିବସ ବିଶେଷାଙ୍କ, ସପ୍ତାରଣ୍ୟ-୧୯୯୬)

❖❖❖

Digitized by PPRACHIN, SOA

ଚରୈବେତି ଚରୈବେତି

(ସ୍ୱତନ୍ତ୍ର ଉତ୍କଳଦିବସ ଉପଲକ୍ଷେ-୧୯୮୯)

ଗୋଦାବରୀ ଠାରୁ ଗଙ୍ଗାଯାଏ ବ୍ୟାପି
କୀର୍ତ୍ତିମାଳାଯାର ବିରାଜେ ଅଦ୍ୟାପି,
ଏକାମ୍ରେ, କୋଣାର୍କେ ଯା କୀର୍ତ୍ତି ଭାସ୍ୱର
ଯୋଗ୍ୟ ପୁତ୍ର ତୁମେ ସେହି ଉତ୍କଳର ।

କବିବର ରାଧାନାଥଙ୍କର ଏ ଉକ୍ତି ଥିଲା ୧୯୧୨ ମସିହାରେ ସାମନ୍ତ ଚନ୍ଦ୍ରଶେଖରଙ୍କୁ ଲକ୍ଷ୍ୟକରି । ଉତ୍କଳମାତା ସେତେବେଳେ ଝାସ ଦେଇଥିଲା, ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁଣ୍ଡରେ ସତୀ ଝାସ ଦେଲାପରି ଏବଂ ସେ ହୋଇଥିଲା ଅତନ୍ୱା, ନା ଥିଲା ତାର ସତ୍ତା, ନ ଥିଲା ତାର ନାମ । ସତୀ'ତ ଥରେ ଯଜ୍ଞକୁଣ୍ଡରେ ଝାସଦେଇ ପରେ ପାର୍ବତୀ ହୋଇଥିଲେ ସବୁଦିନ ପାଇଁ, ମାତ୍ର ମୋ ମା' ଉତ୍କଳ ! ସେ ଯେ କେତେଥର ଦେହ ତ୍ୟାଗକରି ପ୍ରତ୍ୟେକ ଥର ବିଭିନ୍ନ ରୂପରେ ପ୍ରକଟିତ ହୋଇଛି ତାର ହିସାବ ଏ ଅଧମ ସନ୍ତାନ ଦେବାକୁ ଅକ୍ଷମ । କେତେବେଳେ ସେ ହେଉଛି ଉଡ୍ର (ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଅନୁସାରେ ଉଡ୍ର ମାଗଧୀ ରାଗ ସମୁହର ସୃଷ୍ଟି ଏହି ସ୍ଥଳୀରୁ) ପୁଣି କେତେବେଳେ କୋଶଳ (ଯଦୁପତେଃ କ୍ୱଗତ ମଥୁରା ପୁରୀ, ରଘୁପତେଃ କ୍ୱଗତୋତ୍ତର କୋଶଳଃ) କେତେବେଳେ ଅଙ୍ଗ (ଅଙ୍ଗ ଦେଶୀ କନିଆଁକୁ ବଙ୍ଗ ଦେଶୀବର, ମଝିରୁ ବାହା ହୋଇଲା ଶରଣ ପଞ୍ଜର) କେତେବେଳେ କଳିଙ୍ଗ (ଏହି କଳିଙ୍ଗକୁ ଜୟ କରିଥିଲେ ଅଶୋକ, ଏଇ କଳିଙ୍ଗ ବାସୀ ସୁଦୂର ଜାଭା, ସୁମାତ୍ରା, ବୋର୍ଣ୍ଣିଓରେ ବାଣିଜ୍ୟ କରୁ କରୁ କ୍ଲିଂନାମଧରି ବସ ବାସ କରୁଛନ୍ତି) ଏବଂ ବର୍ତ୍ତମାନ ଓଡ଼ିଶା । ବହୁରୂପୀ ପରି ମୋ ମାଆ ନିଜର କେବଳ ବେଶ ବଦଳାଇ ନାହିଁ ଅଙ୍ଗମଧ୍ୟ ବଦଳାଇଛି ।

ତେବେ ଅଦୂର ଅତୀତରେ (ଠିକ୍ ଇଂରେଜ ଶାସନର ଅବ୍ୟବହିତ ପୂର୍ବରୁ) ସେ ଯାହାଥିଲା, ଆଜି ତାହାନାହିଁ । ସେ ଆଜି ଖଣ୍ଡିତା, ତାର ଅଙ୍ଗଚ୍ଛେଦ ଘଟିଛି । ତାକୁ ସୁର୍ପଣଖା ସଜାଇଲା ବ୍ରିଟିଶ ସରକାର । ସେତେବେଳେ ଆମେ ଚିତ୍କାର କରୁଥିଲୁ ।

କଳିଙ୍ଗ ଜନନୀ ହୃଦ ହାରାରେ.........ଚାହାଁଡ଼ାଳେ ଅବସାଦ ଧାରା
ସିଂହଭୂମୀ ଭେରୀବାଜେ, ଧଳଭୂମୀ କିବା ସାଜେ,
ମେଦିନୀ ସଢ଼ଇ ଲାଜେ...... ଇତ୍ୟାଦି

Digitized by PPRACHIN, SOA

ପୁଣି କବିଚନ୍ଦ୍ରଙ୍କ ଭାଷାରେ ''ସଜ ମଉଜ ମଲ୍ଲୀ, ଭାଙ୍ଗିଯିବ ଅଣ୍ଡାଭଙ୍ଗା ଚାଲିଲେ ଗଲା ଫୁଲଝରେ, ଖସୁଛି ଡୁଡୁମା, ମାରିନେଲେ, ଚାରିଆଡୁ...... ଇତ୍ୟାଦି ।

ଉତ୍କଳମାତାର ତାଜାମାଂସ ବିହାର, ବଙ୍ଗପ୍ରଦେଶ, ଆନ୍ଧ୍ର, ମଧ୍ୟପ୍ରଦେଶ ଇତ୍ୟାଦି ସମସ୍ତେ ବାଣ୍ଟିକରି ଟୁକୁରା ଟୁକୁରା କରି ଖାଇ ତାର କବନ୍ଧ ଉପରେ ନାଚୁଛନ୍ତି । କେତେ ଚେଷ୍ଟା କଲେ ଉତ୍କଳ ଗୌରବ, ଉତ୍କଳମଣି, କର୍ମବୀର, ପାରଳା ଗଜପତି ଇତ୍ୟାଦି ଉତ୍କଳ ସମ୍ମିଳନୀ କରିଆରେ । ବହୁ ସାକ୍ଷ୍ୟ ବହୁ ପ୍ରମାଣ ପରେ ଉତ୍କଳମାତାର ଏକ ରୂପ, ଏକ ଶରୀର ଫେରି ପାଇଲେ ବହୁଶତାବ୍ଦୀ ଅନ୍ତେ, ମାତ୍ର ଏ ରୂପ ପୂର୍ଣ୍ଣାଙ୍ଗ ହୋଇପାରିଲା ନାହିଁ । ଆମର ଆଶା ନିରାଶା ନହେଲେ ବି ସ୍ୱଳ୍ପାଶାରେ ପରିଣତ ହେଲା । ଆମେମାନେ ତ ଆଶୁତୋଷ-ତେଣୁ ଅଳ୍ପକେ ସନ୍ତୁଷ୍ଟ ହେଉଁ, ସ୍ୱତନ୍ତ୍ର ଉତ୍କଳ ପାଇଁ ବହୁ ଆଶାୟୀ, ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ କରୁଁ । ପ୍ରକୃତରେ ଏ ଉତ୍କଳ ସ୍ୱତନ୍ତ୍ର, ସାଧାରଣ ନୁହେଁ ।

ଉତ୍କଳମାତାର ବାମ ସ୍କନ୍ଧରୁ ମେଦିନୀପୁର ଚ୍ୟୁତ ହୋଇଛି । ଲେଖକ ନିଜ ପୁତ୍ରର ବ୍ରତୋପନୟନ ଭୁବନେଶ୍ୱର ଧର୍ମଶାଳାରେ କରିବା ସମୟରେ ସାତଅହ୍ୟ ବନ୍ଦାପନା ପାଇଁ ମେଦିନୀପୁର ଆଗତ କତିପୟ ମହିଳାଙ୍କୁ ଅନୁରୋଧ କରିଥିଲା, ''ଆମାର ଛେଲେର୍ ବ୍ରତୋପନୟନ ହଚ୍ଛେ । ଆପନାରା ଅନୁଗ୍ରହ କରିୟା ତାକେ ବନ୍ଦାପନା କର୍‌ବେନ୍' । ସେ ମହିଳାମାନେ ପଚାରି ବସିଲେ, ଆପଣଙ୍କ ଘର କେଉଁଠି ? କେବେଠାରୁ ଆସିଲେଣି ? ଇତ୍ୟାଦି । ଆଶ୍ଚର୍ଯ୍ୟାନ୍ୱିତ କଣ୍ଠରେ ଲେଖକ ପ୍ରଶ୍ନକଲା, ଆପଣମାନଙ୍କୁ ବଙ୍ଗାଳୀ ଭାବି.......' ନା, ନା ଆମେ ସବୁ ଓଡ଼ିଆ । ମୋ ବାପଘର ବାଲେଶ୍ୱର, ମୋ ବାପଘର ବହଳଡା ଇତ୍ୟାଦି । ଥରେ ଟ୍ରେନ୍‌ରେ ଯାତ୍ରା କଲାବେଳେ ପିତା କନ୍ୟାଙ୍କ କଥୋପକଥନ ଶୁଣିଲି '' ଏକାନି ଲୋକମାନେ ମରିଚ ସିମିତି ମିଶୋଉଚନ୍ତି ଚହ୍ଲାରେ, ପେଟ ମାରିବ । ଆଉ ଆପଣମାନେ କିମିତି ମିଶାନ୍ତି ? ମୁଁ ପଚାରିଲି । ସମାନ ବାଟିଦେଉଁ, ମଞ୍ଜି ରହିଲେ ଖରାପ, ଭାବିଲି ଗଞ୍ଜାମ ଲୋକ ହୋଇଥିବ । ପଚାରିଲି ଆପଣଙ୍କ ନିବାସ ? 'ଚିକୁଲୁ'- ବୋଇଲେ ଶ୍ରୀକାକୁଲମ ଜିଲ୍ଲା, ଆନ୍ଧ୍ରରେ ।

ଓଡ଼ିଆ ରହିଲେ ମେଦିନୀପୁରରେ । ସଂଖ୍ୟାଧିକ ହେଲେବି ଭଡ଼ାଟିଆ ଆଣି ବଙ୍ଗୀଳଙ୍କ ସଂଖ୍ୟା ଅଧିକ ବୋଲି ଦେଖେଇ ଦିଆଗଲା । ସେହିପରି ସବୁଠି- ଆମ ପିଠିରେ ଆମ ପଡ଼ୋଶୀମାନେ ଛୁରୀକା ଘାତ କରିଛନ୍ତି । ସେମାନେ ହେଲେ ପ୍ରବାସୀ ଓଡ଼ିଆ । ବହୁ ଚେଷ୍ଟା ସତ୍ତ୍ୱେ ସେମାନଙ୍କ ପାଇଁ ଓଡ଼ିଆ ଭାଷା ଶିକ୍ଷାର ସୁବିଧା ହୋଇପାରିଲା ନାହିଁ । ସ୍କୁଲ୍ ନାହିଁତ ଶିକ୍ଷକ ନାହାନ୍ତି କି ପୁସ୍ତକ ନାହିଁ ।

Digitized by PPRACHIN, SOA

ବ୍ରିଟିଶ୍ ସରକାର ଯେତିକି ଦେଇଗଲେ ତହିଁରୁ ମଧ୍ୟ ସ୍ୱାଧୀନ ଭାରତରେ ଆମକୁ ହରେଇବାକୁ ପଡ଼ିଲା । ସୁନିଲ୍ ବେଙ୍ଗପାଣିଆ' ସହିଦ ହେଲେ । ଆମେ ପାଇବୁ କ'ଣ..... ଷଢେଇକଲା, ଖରସୁଆଁ ହରେଇଲୁ । ଏ ହେଲା ଆଜିର ଓଡ଼ିଆ ଏବଂ ଆଜିର ଓଡ଼ିଶା । ଆଜି ଏ ଜାତି ଦେଶରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି ସଂସ୍କୃତିରେ, କଳାରେ, ବିଦ୍ୟାରେ, ବୁଦ୍ଧିରେ, ଆମ ପିଲାମାନେ I.A.S. ରେ Topper । ଓଡ଼ିଶୀ ସଂଗୀତ ଓ ନୃତ୍ୟ କ୍ଲାସିକ୍ ଶ୍ରେଣୀଭୁକ୍ତ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ପ୍ରଥମ ଓଡ଼ିଶା ଦର୍ଶନ ବେଳେ ଓଡ଼ିଶୀ ନୃତ୍ୟ ଦେଖି ବିହ୍ୱଳ ହୋଇ ଯାଇଥିଲେ ଏବଂ ମନ୍ତବ୍ୟ ଦେଇଥିଲେ, ଏଇଟା ତେବେ ଉତ୍କଳ, ଏ ନୃତ୍ୟ କଥକ, କୁଚିପୁଡ଼ି, ମଣିପୁରୀ ଇତ୍ୟାଦି ସମସ୍ତ ନୃତ୍ୟ ଶୈଳୀଠାରୁ ଉତ୍କୃଷ୍ଟତର । ଏ ପ୍ରଦେଶର ଉନ୍ନତ କଳାଯୋଗୁଁ ତ ଯେ ଉତ୍କଳ । ଆମେ ଉତ୍ତର ଭାରତୀୟ ନୋହୁଁ, ନୋହୁଁ ଦକ୍ଷିଣ ଭାରତୀୟ । ଆମେ ନୋହୁଁ ହିନ୍ଦୁସ୍ତାନୀ, ନୋହୁଁ କର୍ଣ୍ଣାଟକୀ-ଆମେ ଓଡ଼ିଶୀ-ଆମର ନିଜର ସ୍ୱାଭିମାନ ଅଛି । ଓଡ଼ିଶାର ସ୍ୱାତନ୍ତ୍ର୍ୟ, ତାର ଭାସ୍କର୍ଯ୍ୟ, କଳା, ନୃତ୍ୟଗୀତରୁ ପରିସ୍ଫୁଟ । ସର୍ବୋପରି ସମ୍ବଲପୁରୀ ଶାଢ଼ୀ, ପରଦା, କଟକର ତାରକସି ଓ ଶିଙ୍ଗକାମ ଜରିଆରେ ଆମେ କେବଳ ଭାରତ ନୁହେଁ, ପୃଥିବୀରେ ନାଁ କରିଛୁ । ଆମର କୁଶଳୀ କାରିଗରମାନେ ଇରାନ୍, ଇରାକ୍, ସାଉଦୀଆରବ ଇତ୍ୟାଦି ଦେଶମାନଙ୍କରେ ସେମାନଙ୍କ ନାମ ବଜାୟ ରଖିଛନ୍ତି । ବୈଷୟିକ ଜ୍ଞାନ ଆମେ ଇଂଲଣ୍ଡ ଠାରୁ ଆମେରିକା ପର୍ଯ୍ୟନ୍ତ ବାଣ୍ଟୁଛୁ । ଆମର ଅଗଣିତ ଡ଼ାକ୍ତର, ଇଞ୍ଜିନିୟର ଏବେ ବିଦେଶରେ ।

ଗର୍ବ କରିବାର ଅନେକ ଅଛି । ତଥାପି କାମ ସରିନାହିଁ ।
'ବିଜୟୀ-ବିଜୟତୋ ହୋଇନିପୁରା
ବହିଆସେ ଝଡ଼ଝଞ୍ଜା ମୁକ୍ତି ଅଧୀରା' ।
ଘନଘଟା ଯାଏ ଡ଼ାକି, ଆହୁରି ଅଛିରେ ବାକି,
ଭାଇ ବୁକେ ଭାଇ ହାଣେ ଭଗାରି ଛୁରା । (୧)

ଚରୈବେତୀ, ଚରୈବେତୀ- ଆଗେଇ ଚାଲ ଆଗେଇ ଚାଲ ।

(ଉତ୍କଳ ଦିବସ ବିଶେଷାଙ୍କ, ସପ୍ତାରଣ୍ୟ)

❖❖❖

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ସାହିତ୍ୟ ସମୀକ୍ଷା ପ୍ରଭାଗ

Digitized by PPRACHIN, SOA

ତା ତିନ୍ ତିନ୍ ତା

ଶିରୋନାମାରୁ ଅପାତତଃ ଜଣାପଡ଼େ ବିଷୟବସ୍ତୁଟି ସଙ୍ଗୀତ ସମ୍ବନ୍ଧୀୟ । ହିନ୍ଦୁସ୍ଥାନୀ, ଓଡ଼ିଶୀ, କର୍ଣ୍ଣାଟକୀ ଭାରତର ବିଭିନ୍ନ ଶାସ୍ତ୍ରୀୟ ସଙ୍ଗୀତ କୁହନ୍ତୁ କିମ୍ବା ଭାରତ ବର୍ଷର ଯେକୌଣସି ଆଞ୍ଚଳିକ ଲଘୁ ସଙ୍ଗୀତ ବା ଉଚ୍ଚାଙ୍ଗ କଣ୍ଠ ସଙ୍ଗୀତରେ ତାଳ ଏକ ଅପରିହାର୍ଯ୍ୟ ଅଙ୍ଗ । 'ତାଳ ତଳେ ମାଦଳ' ବୋଲି ଓଡ଼ିଆରେ ଗୋଟିଏ ପ୍ରବାଦ ଅଛି । ତାଳ ଅନୁସାରେ ଗାନ ନ ହେଲେ ତାହା ଶ୍ରୁତିମଧୁର ହୁଏନାହିଁ । ତାଳ ନିର୍ଣ୍ଣୟ ଆମ ସଙ୍ଗୀତ ଓ ନୃତ୍ୟ ଶାସ୍ତ୍ରମାନଙ୍କରେ କରାଯାଇଅଛି । ଏହା ପୂର୍ଣ୍ଣଭାବରେ ବିଜ୍ଞାନ ସମ୍ମତ । ସେହିପରି ବ୍ୟାକରଣ ଭାଷା ବିଜ୍ଞାନ ଅଟେ । ''ବିନା ବ୍ୟାକରଣ ବାଣୀ ବ୍ୟଞ୍ଜନଂ ଲବଣ ବିନା'' । ମୋର ପ୍ରବନ୍ଧ ସଙ୍ଗୀତ ସମ୍ବନ୍ଧୀୟ ନୁହେଁ, ଯଦିଓ ନାମକରଣ ସେପରି କରାଯାଇଅଛି । ଏହା ସାହିତ୍ୟ ସମ୍ବନ୍ଧୀୟ ଏକ ଆଲୋଚନା ।

ଶସ୍ତା ସାହିତ୍ୟ : ଅଧୁନା କେତେକବ୍ୟକ୍ତି ସାହିତ୍ୟକୁ ଏକ ଖେଳନା କିମ୍ବା ଏକ ଶସ୍ତା ନାମ ନେବାପରି ପଦାର୍ଥ ବୋଲି ମନେକରନ୍ତି । ସାହିତ୍ୟର ଗୁରୁତ୍ୱ ନ ବୁଝି ଏହାକୁ ବହୁଲଘୁଭାବେ ଗ୍ରହଣ କରନ୍ତି । ମନକୁ ଯାହା ଆସିଲା, କେତେ ଧାଡ଼ି ଲେଖିଦେଇ ସାହିତ୍ୟିକ ବା କବି ବୋଲାଇବା ଗୋଟାଏ 'ହବି'ରେ ପରିଣତ ହୋଇଗଲାଣି । ଏହାଦ୍ୱାରା ସାହିତ୍ୟର ଗୁରୁତ୍ୱ ଓ ଗୌରବ କ୍ଷୁଣ୍ଣ ହୋଇ ବହୁତ ଶସ୍ତା ହୋଇଯାଉଛି । ଏମାନଙ୍କୁ ଅଣସାହିତ୍ୟିକ ବା ଅସାହିତ୍ୟିକ କୁହାଯାଇପାରେ । ଆଜିକାଲିର ଏ କୃତ୍ରିମ ଯୁଗରେ ଯେପରି ବିଭିନ୍ନ ଅଦରକାରୀ ରେଡ଼ିମେଡ୍ ମସଲା ପକାଇ ବ୍ୟଞ୍ଜନକୁ ରୁଚିହୀନ କରାଯାଉଛି ସେପରି ବିଭିନ୍ନ କ୍ଷତିକାରକ ମାତ୍ରା, ଫଳା ଓ ପ୍ରତ୍ୟୟ ଯୋଗକରି ବର୍ଣ୍ଣାଶୁଦ୍ଧିଠାରୁ ବ୍ୟାକରଣ ଅଶୁଦ୍ଧି ପର୍ଯ୍ୟନ୍ତ କରିଚାଲିଛନ୍ତି, ଯଦ୍ୱାରା କୌଣସି ପ୍ରସଙ୍ଗ ପଢୁପଢୁ ବିରକ୍ତିରେ ମଝିରୁ ବନ୍ଦ କରିଦେବାକୁ ପଡୁଛି ।

ବର୍ଣ୍ଣ ଓ ବ୍ୟାକରଣଗତ ଅଶୁଦ୍ଧି : ବ୍ୟାକରଣରେ ଅନେକ ସୂତ୍ର ଅଛି । ବୟାକରଣିକମାନେ ଷତ୍ୱବିଧି, ଣତ୍ୱବିଧି, ଧାତୁ, ପ୍ରତ୍ୟୟ, ସନନ୍ତ, ତଦ୍ଧିତ, ଣିଜନ୍ତ, ସନ୍ଧି, ସମାସ ଇତ୍ୟାଦି ବହୁପ୍ରକାର ବିଧି ପ୍ରଣୟନ କରିଛନ୍ତି । ଏ ସମସ୍ତ ନିର୍ଣ୍ଣୟକୁ ଆଧାରକରି ସୁନ୍ଦର ସାହିତ୍ୟର ସୃଷ୍ଟିହୁଏ । ମାତ୍ର ଅତ୍ୟନ୍ତ କ୍ଷୋଭର ବିଷୟ ଏହିକି ଯେ, ଅଧୁନା ଆମ୍ଭେମାନେ ସେ ଦିଗକୁ ଦୃଷ୍ଟି ଦେଉନାହୁଁ । ବିଭିନ୍ନ ପତ୍ରପତ୍ରିକା ତଥା ସମ୍ବାଦପତ୍ରମାନଙ୍କରେ ଏପରି ତୃଟିପୂର୍ଣ୍ଣ ଶବ୍ଦମାନଙ୍କର ବିନ୍ୟାସ ଶିଶୁ, କିଶୋର, ତଥା ଯୁବମାନସରେ କି ପ୍ରକାର

Digitized by PPRACHIN, SOA

ପ୍ରଭାବ ପକାଇବ ବା ପକାଉଛି ତାହା ଅନୁଧ୍ୟାନଯୋଗ୍ୟ । "ତିନି ତୁଣ୍ଡରେ ଛେଳି କୁକୁର" ପରି ବିଭିନ୍ନ ପତ୍ରପତ୍ରିକାରୁ ଗୋଟିଏ ଭୁଲ୍‌କୁ ଯଦି କୋମଳମତି ଛାତ୍ରଛାତ୍ରୀ ବା ପାଠକ ପଢ଼ିଚାଲନ୍ତି, ତେବେ ସେମାନଙ୍କ ମନରେ ନିଶ୍ଚୟ ଧାରଣା ହେବ ଯେ ଉକ୍ତ ଭୁଲ୍‌ଟି ଠିକ୍ ଓ ଠିକ୍ ଶବ୍ଦଟି ଦେଖିଲେ ତାକୁ ଭୁଲ୍ ବୋଲି ଅଣ୍ଡରଲାଇନ୍ କରିବାଟା ଅପ୍ରାସଙ୍ଗିକ ନୁହେଁ ।

ଆମର ଭାଷା ଭଣ୍ଡାର : ତତ୍ସମ ଓ ତଦ୍ଭବ ଶବ୍ଦ ସହିତ ଅନେକ ଦେଶଜ ଓ ବୈଦେଶିକ ଶବ୍ଦ (ପାର୍ଶୀ, ଆରବୀ ଓ ଇଂରେଜୀ ଇତ୍ୟାଦି) ଆମ ଭାଷାରେ ସ୍ଥାନ ପାଇଛନ୍ତି । ସେମାନେ ଯେ ଆମ ଶବ୍ଦ କୋଷକୁ ସମୃଦ୍ଧ କରିଛନ୍ତି ଏହା ନିଃସନ୍ଦେହ । ବହୁ ବୈଦେଶିକ ଶବ୍ଦ ମଧ୍ୟେ ମଧ୍ୟେ ଆମ ଭାଷା ମଧ୍ୟକୁ ପ୍ରବେଶ କରୁଛନ୍ତି । ଜ୍ଞାନମଣ୍ଡଳ ପ୍ରଣେତା ଶ୍ରୀଯୁକ୍ତ ବିନୋଦ କାନୁନ୍‌ଗୋ ଅନେକ ନୂତନ ଶବ୍ଦ ସୃଷ୍ଟି କରି ବହୁ ଇଂରାଜୀ ଶବ୍ଦର ପ୍ରତିଶବ୍ଦ ସୃଷ୍ଟି କରିଛନ୍ତି । ସେ କହୁଥିଲେ 'ଇଂରେଜୀର ମାତ୍ର ଛବିଶଟି ଅକ୍ଷର' । ଆମର ଅଣଚାଶଟି ଅକ୍ଷର ହୋଇମଧ୍ୟ ଆମର ଯଦି ଇଂରାଜୀର ସମକକ୍ଷ ଶବ୍ଦ ନାହିଁ, ଯଦି ଓଡ଼ିଆ ଭାଷାରେ ସମସ୍ତ ଶବ୍ଦ ମିଳିବ ନାହିଁ, ତେବେ ତାହା ଅନେକ ଉପଭାଷାପରି ଏକ ଉପଭାଷା ହୋଇଯାଉ । ସଂବିଧାନରୁ ଏହାକୁ ଭାଷାଭାବେ ସ୍ୱୀକୃତି ପ୍ରତ୍ୟାହାର କରାଯାଉ । ଏହା ଯଦି ଏକ ଭାଷା ହୋଇ ରହିବ ତେବେ ଏଥିରେ ସମସ୍ତ ଶବ୍ଦର ସୃଷ୍ଟି ରହିବ । ଜ୍ଞାନମଣ୍ଡଳର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଲା ଆମ ଭାଷାରେ ନଥିବା ସମସ୍ତ ଶବ୍ଦର ସୃଷ୍ଟି । ଏବେ ଓଡ଼ିଆରେ ଆପଣ ପ୍ରତ୍ୟେକ ଡ଼ାକ୍ତରୀଗ୍ରନ୍ଥ ଲେଖିପାରିବେ । କାରଣ ପ୍ରତ୍ୟେକ ଇଂରାଜୀ ଭେଷଜ ଶବ୍ଦର ପ୍ରତିଶବ୍ଦ ମୁଁ ପ୍ରକାଶ କରିଅଛି ।"

ସ୍ୱାଭିମାନ : ମାତ୍ର ଆମର ଦୁର୍ଭାଗ୍ୟ, ଭେଷଜ ଗ୍ରନ୍ଥକଥା ଛାଡ଼ନ୍ତୁ । ଆମର ଉଚ୍ଚ ମାଧ୍ୟମିକ ତଥା ପ୍ରାକ୍‌ସ୍ନାତକ ପୁସ୍ତକ ମଧ୍ୟ ଆମ ଭାଷାରେ ପ୍ରକାଶିତ ହୋଇପାରୁନାହିଁ । ତାର କାରଣ, ଆମ ବଡ଼ପଣ୍ଡାମାନଙ୍କର ଆନ୍ତରିକତାର ଅଭାବ । ଛାତ୍ରମାନେ ଉଚ୍ଚମାଧ୍ୟମିକଠାରୁ ଆରମ୍ଭକରି ସ୍ନାତକୋତ୍ତର ଶ୍ରେଣୀପର୍ଯ୍ୟନ୍ତ ଇଂରାଜୀ ଭାଷା ମାଧ୍ୟମରେ ଶିକ୍ଷାଲାଭ କଲେ ଏବଂ ସେମାନେ ଯେତେବେଳେ ଅଧ୍ୟାପନା ଆରମ୍ଭ କରନ୍ତି ତାଙ୍କୁ ଇଂରାଜୀ ମାଧ୍ୟମରେ ଶିକ୍ଷାଦେବା ସହଜ ବୋଧହୁଏ । ତେଣୁ ଆଉଥରେ ଓଡ଼ିଆଭାଷାରେ ଅବଗାହି ହୋଇ ଓଡ଼ିଆ ଭାଷାମାଧ୍ୟମରେ ଅଧ୍ୟାପନାକୁ ସେମାନେ ପସନ୍ଦ କରନ୍ତି ନାହିଁ । ସଂସ୍କୃତ ପ୍ରଶ୍ନର ଉତ୍ତର ମଧ୍ୟ ଛାତ୍ରଛାତ୍ରୀମାନେ ଇଂରାଜୀରେ ଦିଅନ୍ତି । ଯଦି ଓଡ଼ିଆ ଭାଷାରେ ଶିକ୍ଷାଦାନ କରାନଯିବ ତେବେ ପାଠ୍ୟପୁସ୍ତକ ପ୍ରଣେତା ତାର ସମୟ ନଷ୍ଟ କରି ଓଡ଼ିଆରେ ପୁସ୍ତକ ରଚନା କରିବ କାହିଁକି ? ସବୁଦିଗରୁ ସମସ୍ତେ ନୀରବ । ଏହା କ'ଣ ଓଡ଼ିଆର ସ୍ୱାଭିମାନ ? ସ୍ୱାଧୀନତା ପ୍ରାପ୍ତିର ପଚାଶବର୍ଷ ପରେ ମଧ୍ୟ ଆମ୍ଭେମାନେ ଇଂରେଜୀ ଦାସତ୍ୱ ଶୃଙ୍ଖଳରୁ ମୁକ୍ତି ପାଇଲୁନାହିଁ । ଏ ପ୍ରକାର ମାନସିକତା ଆମର ସ୍ୱାଭିମାନ ଉପରେ ଏକ

Digitized by PPRACHIN, SOA

ଶକ୍ତ କୁଠାରଘାତ । ଏ ମାନସିକତାକୁ ହୀନମନ୍ୟତା କହିଲେ ଅତ୍ୟୁକ୍ତି ହେବନାହିଁ । ସହରମାନଙ୍କର ଗଳିକନ୍ଦିଠାରୁ ଆରମ୍ଭକରି ମଫସଲ ଅଞ୍ଚଳକୁ ଏହା ପରିବ୍ୟାପ୍ତ ହେଲାଣି । ଆମ୍ଭେମାନେ ଇଂରେଜୀ ଜାଲରେ ବେଶୀ ବେଶୀ ଛନ୍ଦି ହୋଇଯାଉଛୁ ସିନା, ମୁକୁଳିବାକୁ ବାଟ ଖୋଜୁନାହୁଁ । କର୍ତ୍ତୃପକ୍ଷ ମଧ୍ୟ ଏ ଦିଗକୁ ଆଖିବୁଜି ଦେଇ 'ଯେ ଯାହା ପାରିଲା ସେୟା କରୁ' ନୀତି ଧରିଛନ୍ତି । କେନ୍ଦ୍ର ସରକାର ନିଜେ 'ସେଣ୍ଟ୍ରାଲ୍ ସ୍କୁଲ୍', 'ନବୋଦୟ ସ୍କୁଲ୍' ଇତ୍ୟାଦି କରିଛନ୍ତି । ଷ୍ଟିଓ୍ୟାର୍ଟ, କେମ୍ବ୍ରିଜ୍, ମଣ୍ଟଫୋର୍ଟ ଇତ୍ୟାଦି ଛତୁଫୁଟୁଛନ୍ତି । ଆମ କଳା ସାହେବମାନେ ତାଙ୍କ ପିଲାମାନଙ୍କୁ ଏହି ସ୍କୁଲ୍‌ମାନଙ୍କୁ ପଠାଇ ନିଜକୁ ଗୌରବାନ୍ୱିତ ମନେକରନ୍ତି ।

ଜାତୀୟ ଐକ୍ୟ : ଆରମ୍ଭରୁ ସରଳ କୋମଳ ଶିଶୁମନରେ ଭେଦଭାବର ସୃଷ୍ଟି କରାଯାଏ । ମୋର ପିଲା ପିଛା ମୁଁ ମାସକୁ ଚାରି ପାଞ୍ଚଶହ ଟଙ୍କା ଖର୍ଚ୍ଚ କରେ । କାରଣ ମୋ ପିଲା ଏହିପରି ଏକ ଦାମିକା ସ୍କୁଲ୍‌କୁ ଟାଇଭିଡ଼ି, ମୋଜା, ଯୋତା ପିନ୍ଧିଯାଏ । ପାଠ ଯାହା ପଢୁ, ଯାଏ ଆସେ ନାହିଁ । ସେ ଶତକଡ଼ା ତିରିଶ ନମ୍ବର ରଖୁ ବା ନରଖୁ । ମାତ୍ର ସେ ସାଧାରଣ ପିଲାଙ୍କ ଠାରୁ ଏକ ଉଚ୍ଚକୋଟୀର ବା ଉଚ୍ଚଗୋଷ୍ଠୀର ଏ ଧାରଣା ନିଶ୍ଚୟ ତାର ଶୈଶବରୁ ସୃଷ୍ଟ ହୁଏ । ପଡ଼ିଶା ଘରର ପିଲା ସାଧାରଣ ସ୍କୁଲ୍‌କୁ ଯାଉଥିଲେ ସେମାନଙ୍କ ଅଜ୍ଞାତରେ ସେମାନଙ୍କ ମନ ମଧ୍ୟରେ ଏକପ୍ରକାର ଭେଦଭାବ ଜାତହୁଏ ଆରମ୍ଭରୁ । ଆମେ ଜାତୀୟ ଐକ୍ୟପାଇଁ ଚିତ୍କାର କରୁଁ । କ୍ୱାମି ଏକତା ଦିବସ ପାଳନ କରି ନାନା ପ୍ରକାର ଭାଷଣ ଦେଉଁ । ଏପରି ଭାଷଣ ସର୍ବସ୍ୱ ଜାତିଟା ଐକ୍ୟ ଆଣିବ କିପରି ? ପ୍ରଥମତଃ ଶିକ୍ଷାର ସମାନ ଢାଞ୍ଚା ଆବଶ୍ୟକ (Uniform Pattern) । ସମସ୍ତ ଶିଶୁ, କିଶୋର ଓ ଯୁବକ ସମାନ ବା ଏକ ବୋଲି ମନେକଲେ ଜାତୀୟ ଐକ୍ୟ ଆପେ ଆପେ ଆସିଯିବ । ମାତ୍ର ଆରମ୍ଭରୁ ତାଙ୍କ ଶିକ୍ଷାୟତନ ମାଧ୍ୟମରେ ତାଙ୍କୁ ବିଭେଦର ସୂତ୍ର ବତାଯାଉଛି । ଐକ୍ୟପାଇଁ ଆଗ୍ରହ ଥାଇପାରେ, ମାତ୍ର ନିଷ୍ଠା ନାହିଁ । ପଣ୍ଡିତ ନେହେରୁ ଏକଦା ଭାଷଣ ପ୍ରସଙ୍ଗରେ କହିଥିଲେ, 'ଆପ୍ ଯବ୍ ମହାନଦୀକେ କିନାରେପର୍ ଖାଡ଼ା ହୋ କରକେ ବୋଲେଙ୍ଗେ କି ଏକ୍ ପୋଲ୍ ହୋ ଯାଏ, କ୍ୟା ପୋଲ୍ ଐସା ହୋ ଯାଏଗା ? ଇସିଲିୟେ ବିଶେଷଜ୍ଞ, ଅର୍ଥ ଔର ମେହେନତ୍ କି ଜରୁରତ୍ ହୈ । ସେହିପରି କେବଳ ଇଚ୍ଛାକଲେ କିଛି ହେବନାହିଁ ।' ସେଥିପାଇଁ ନିଷ୍ଠା ନଥିଲେ ଆମେ ଶତାବ୍ଦୀ ଶତାବ୍ଦୀ ଧରି ଦିବସ ପାଳନ କଲେ ମଧ୍ୟ ଐକ୍ୟ ହାସଲ କରିପାରିବୁ ନାହିଁ । ମାତ୍ର ଏ ନିଷ୍ଠାପାଇଁ ଆମର ସମୟ କାହିଁ ? ଦିବସ ପାଳନରେ ବକ୍ତୃତା ଦେବାକୁ ମଧ୍ୟ ଆମକୁ ସମୟର ଅଭାବ । ନ୍ୟସ୍ତସ୍ୱାର୍ଥ ନେଇ ଆମ୍ଭେମାନେ ସବୁବେଳେ ବ୍ୟସ୍ତ । ଗ୍ରାମେ ଗ୍ରାମେ, ଗୃହେ ଗୃହେ ବିଭେଦର ବୀଜ ବୁଣି ଐକ୍ୟ ଫସଲ ଆମଦାନୀ କରିବାକୁ ଆଶା କରିବା ବୃଥା ।

Digitized by PPRACHIN, SOA

ଖାଲି ଧର୍ମକୁ ଆଖିମିଟିକା ମାରି ଆମେ ଐକ୍ୟ ଚିତ୍କାର କରୁଛୁଁ । ଏଠାରେ ଗୋଟିଏ ବାଣୀ ମନେପଡ଼େ । ''କଥାରେ କାର୍ଯ୍ୟରେ କେବେ ମେଳ ନାହିଁ ଯାର, ସେ ଯେବେ ମନୁଷ୍ୟ, କହ ଜନ୍ତୁ କି ପ୍ରକାର ?''କଥାରେ ଏବଂ କାର୍ଯ୍ୟରେ ଆମେ ଯେତେଦିନ ପର୍ଯ୍ୟନ୍ତ ମେଳ ଆଣିପାରିନାହୁଁ ସେତେଦିନ ପର୍ଯ୍ୟନ୍ତ ଦେଶର ଐକ୍ୟ କିମ୍ବା ଉନ୍ନତି କଥା ଚିନ୍ତା କରାଯାଇନପାରେ । 'Harmonising speech and action is the criterion for character building ? କଥାରେ କାର୍ଯ୍ୟରେ ମେଳ ରହୁନଥିବାରୁ ଆମର ଜାତୀୟ ଚରିତ୍ର ସଂଶୋଧିତ ହୋଇ ପାରୁନାହିଁ । ତେଣୁ ଆଜି ଜାତୀୟଚରିତ୍ରର ବହୁ ଅବକ୍ଷୟ ଘଟିଅଛି ।

ଭାଷା ଓ ପ୍ରଶାସନ : ପ୍ରଶାସନିକ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ପୂର୍ବରୁ ବହୁବାର ଚେଷ୍ଟା କରାଯାଇଅଛି । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ୧୯୫୫-୫୬ରେ ଏ ଦିଗରେ ପ୍ରଚେଷ୍ଟା କରିଥିଲେ । ପରେ ସତୁରୀ ଦଶକରେ ମଧ୍ୟ ପୁଣି ଚେଷ୍ଟା କରାଯାଇଥିଲା । ମାତ୍ର କେହି ସଫଳ ହୋଇନଥିଲେ । ଦୀର୍ଘ ବର୍ଷ ପରେ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୫ ମସିହାରେ ଏକ ବଳିଷ୍ଠ ପଦକ୍ଷେପ ନେଇ ଓଡ଼ିଆରେ ସରକାରୀ ଚିଠିପତ୍ର ଆଦାନ ପ୍ରଦାନ ପାଇଁ ଯତ୍ନ କଲେ, ଓଡ଼ିଆରେ ଟାଇପରାଇଟର୍ ପ୍ରସ୍ତୁତ କରାଇ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଇଲେ ଏବଂ ସର୍ବୋପରି ଓଡ଼ିଆରେ ସରକାରୀ ଅଭିଧାନ ମଧ୍ୟ କରାଇଲେ । ମାତ୍ର ବିଗତ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଆ କର୍ମଚାରୀମାନେ ତାକୁ ଅଳିଆଗଦାରେ ଫୋପାଡ଼ିଲେ । ଏବେ ପୁଣି ସରକାରୀ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ଜାନକୀବାବୁ ଅଧିକ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି । ଓଡ଼ିଆର ସ୍ୱାଭିମାନ ବଜାୟ ରଖିବାପାଇଁ ତାଙ୍କର ପ୍ରଚେଷ୍ଟାକୁ ଯେ କୌଣସି ସ୍ୱାଭିମାନୀ ବ୍ୟକ୍ତି ନିଶ୍ଚୟ ସ୍ୱାଗତ କରିବ । ମାତ୍ର ଯଦି ପ୍ରତ୍ୟେକ ଓଡ଼ିଆ ନିଜର ମାତୃଭାଷା ପ୍ରତି, ନିଜର ସ୍ୱାଭିମାନ ପ୍ରତି ସଜାଗ ନହୁଏ, ତା ପ୍ରତି ମମତା ନରଖେ, ତେବେ ତାକୁ ମାରିପିଟି କଣ ମମତା ଜଗାଇ ହେବ ? ଏହା ଧରି ଧର୍ମ କରାଇବା ପରି କଥା ।

'ମାତୃଭୂମି, ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବେ କହିଁ ?

କେତେକ ଗୋଷ୍ଠୀର ବ୍ୟକ୍ତି ନିଜକୁ ଭାରତୀୟ ବୋଲି କହିବାକୁ କୁଣ୍ଠାବୋଧ କରନ୍ତି, ଯଦିଓ ସେମାନେ ଭାରତରେ ଜାତ ଓ ଭାରତର ଅନ୍ନରେ ପ୍ରତିପାଳିତ ଓ ଭାରତର ପାଣି, ପବନ ପାଇ ଜୀବିତ । ଏମାନଙ୍କ ପ୍ରତି 'ନମକ ହାରାମ୍' ଶବ୍ଦ ପ୍ରଯୁଜ୍ୟ । ସେହିପରି ବାପ, ଅଜା, ତେପନ ପୁରୁଷ ଓଡ଼ିଆ., ଓଡ଼ିଆ ଭାତ, ସନ୍ତୁଳା, ଛୁଞ୍ଚିପତ୍ର, ଏଣ୍ଡୁରୀ ଖାଇ ଯିଏ ମଣିଷ ହୋଇଛି, ଅବଧାନ ଚାରିବେତ ଯାହା ପିଠିରେ ବସିଛି ସେ ନିଜକୁ ଓଡ଼ିଆ

Digitized by PPRACHIN, SOA

ବୋଲି ପରିଚୟ ଦେବାକୁ କୁଣ୍ଠିତ । ବେଶୀ ପାଠପଢ଼ି ବାପାଙ୍କୁ ଚାକର ବୋଲି ପରିଚୟ ଦେଉଥିବା ବାବୁଙ୍କ ପରି ଅଙ୍ଗ୍ରେଜୀ ପଢ଼ି ଓଡ଼ିଆ ଭାଷାଟା କୁଲି, ମୁଲିଆ, ଚାକରଙ୍କ ଭାଷା ବୋଲି ମନେ କରୁଥିବା ଆଜିର କଳାସାହେବମାନେ ନିଜକୁ କଣ ବୋଲି ଭାବନ୍ତି, ବୁଝାଯାଏନା । ବାଘ ଚମଡ଼ା ଘୋଡ଼ାଇ ହୋଇଥିବା ଗର୍ଦ୍ଦଭ ପରି ଏଇ ବାବୁ ସାହେବମାନେ । ବହୁ ଅଶୁଦ୍ଧ ଇଂରାଜୀ କହି ମଧ୍ୟ ଗର୍ବିତ ମନେ କରୁଥିବା ଏଇ ନରାଧମମାନଙ୍କୁ କି ବିଶେଷଣରେ ଭୂଷିତ କରାଯାଇପାରେ ? ଶହେବର୍ଷ ହେବ ଫକୀର ମୋହନ, ଗଙ୍ଗାଧରଙ୍କ ଠାରୁ ଧରି ଏ ପର୍ଯ୍ୟନ୍ତ ଏତେ ବ୍ୟଙ୍ଗ, ବିଦ୍ରୁପ ସହିମଧ୍ୟ ନିର୍ଲଜ୍ଜତା ଛାଡ଼ିପାରିଲୁନି ଆମେ । ବ୍ୟାସ କବି କହିଛନ୍ତି,

ପଢ଼ ଅଙ୍ଗରେଜୀ କେହି ମନାକରୁ ନାହିଁ,
କିଛି ବାପା କାମ କର ଜାତିକୁଳ ପାଇଁ
ଘୃଣା କରୁଅଛ ମାତୃଭାଷା ପଢ଼ିବାକୁ
ହାୟ, ହାୟ, ଲାଜକଥା, କହିବି କାହାକୁ ?

ତାଙ୍କର ବହୁପୂର୍ବରୁ ଇଂରେଜମାନଙ୍କ ଆଗମନ ପୂର୍ବରୁ କବିସୂର୍ଯ୍ୟ କହିଥିଲେ, "ସମଝଇ ନାହିଁ, ସ୍ୱଜାତି ଭାଷା, କହିଲେଟି ହୁଅଇ ଲୋକହସା, ଜଗତେ କେବଳ, ଜନେ ହସିବେ ଏହି ତହୁଁ ଫଳ ।

ଦିଲ୍ଲୀରେ ଥରେ ଜଣେ ଭଦ୍ରବ୍ୟକ୍ତିଙ୍କୁ ଇଂରାଜୀରେ ପ୍ରଶ୍ନ କରିବାରେ ସେ ମନ୍ତବ୍ୟ କଲେ, "କ୍ୟା ଆପ୍ ହିନ୍ଦିମେ ନେହିଁ ବୋଲ ସକ୍‌ତେ ? ସବୁଠାରେ ହିନ୍ଦୀ କହି ଏଠାରେ କାହିଁକି ଇଂରାଜୀ ପ୍ରୟୋଗ କଲି, ଭାବି ଲଜ୍ଜିତ ହେଲି । ଯେ ହେଉଛି ଭାରତର ସ୍ୱାଭିମାନ । ମାତ୍ର ଏ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରାନ୍ତର ବ୍ୟକ୍ତି ହିନ୍ଦୀକୁ ରାଷ୍ଟ୍ରଭାଷାର ମାନ୍ୟତା ଦେଉନଥିବାରୁ ଜାତିସଂଘରେ ଆମଭାଷା ସରକାରୀ (official) ଭାଷାରୂପେ ବ୍ୟବହୃତ ହୋଇପାରିଲାନାହିଁ । ଆମେ ହିନ୍ଦୀରେ କହିଲେ ଦ୍ୱିଭାଷୀ ସଙ୍ଗରେ ନେବାକୁ ପଡୁଛି । ଆମର ସ୍ୱାଭିମାନ ପ୍ରତି ଶକ୍ତ ଆଘାତ ।

ଭାଷାକୁ ଭ୍ରଷ୍ଟନକର : ଆମର ଚରିତ୍ର ଠିକ୍ ନରହିଲେ ଉତ୍ତରସୂରୀମାନଙ୍କର ଚରିତ୍ର ଗଠନରେ ଆମ୍ଭେମାନେ କି ପ୍ରଭାବ ପକାଇପାରିବା ? ତେଣୁ ଓଡ଼ିଆ ଭାଷାକୁ ପ୍ରଥମ ପ୍ରାଧାନ୍ୟ ଦିଆଯାଇ ନିଜର ଭାଷାକୁ ବଳିଷ୍ଠ କରିବା ଆମ୍ଭମାନଙ୍କର ସର୍ବାଦୌ ଧ୍ୟେୟ ହେବା ଆବଶ୍ୟକ । ମାତ୍ର ଭାଷାକୁ ବଳିଷ୍ଠ କରିବାକୁ ଯାଇ ଯଦି ଭ୍ରଷ୍ଟ କରାଯାଏ ତେବେ 'ଦିଅଁ ଗଢୁ ଗଢୁ ମାଙ୍କଡ଼' ହେବା ପରି କଥା ହେବ । ଏ ପ୍ରସଙ୍ଗ ଉତ୍ଥାପନ କରିବାର ଉଦ୍ଦେଶ୍ୟ ଏହିକି ଯେ ଏପରି ଗୁଡ଼ିଏ 'ଅଭାଷା' ଆମ ସାହିତ୍ୟ ମଧ୍ୟରେ ଅନୁପ୍ରବେଶ କରିବାକୁ ଚେଷ୍ଟିତ । ସେଥିପାଇଁ ମୋର ସମସ୍ତ ଓଡ଼ିଆ ଭାଇଭଉଣୀମାନଙ୍କୁ ନିବେଦନ

Digitized by PPRACHIN, SOA

ଏ ଦିଗକୁ ଟିକିଏ ତୀକ୍ଷ୍ଣ ନଜର ଦିଅନ୍ତୁ ଏବଂ ଏପରି ଭ୍ରମ ଦେଖିବା ମାତ୍ରେ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତୁ ।

ଆଜିକାଲିର କେତେକ ପତ୍ରିକା ତଥା ଦୈନିକ ସମ୍ବାଦପତ୍ରମାନଙ୍କରୁ ଯେଉଁ କେତେଗୋଟି ଅଶୁଦ୍ଧି ମୁଁ ଲକ୍ଷ୍ୟ କରିଛି, ତନ୍ମଧ୍ୟରୁ କେତେଗୁଡ଼ିଏ ଉପସ୍ଥାପନା କରୁଅଛି । ପ୍ରିୟ ପାଠକ ପାଠିକ ବୃନ୍ଦ ଏ ଅଶୁଦ୍ଧିରୁ ନିଜନିଜକୁ ରକ୍ଷାକରିବାପାଇଁ ନିବେଦନ । ମୁଁ ଯେତିକି ଅଶୁଦ୍ଧିର ତାଲିକା ଦେଇଛି ତାହା ସର୍ବଶେଷ ତାଲିକା ନୁହେଁ, ଏତଦ୍‌ବ୍ୟତୀତ, ଅନ୍ୟାନ୍ୟ ତ୍ରୁଟିମାନ ପରିଲକ୍ଷିତ ହୋଇପାରେ । ସେ ସବୁକୁ ସଙ୍ଗେ, ସଙ୍ଗେ ଆମ୍ଭମାନଙ୍କୁ ସଂଶୋଧନ କରିବାକୁ ହେବ ।

ମୋର ତାଲିକା ଅନୁଯାୟୀ 'ତା' ପ୍ରତ୍ୟୟର ବହୁଳ ଅପବ୍ୟବହାର ବିଶେଷ ସ୍ଥାନ ଅଧିକାର କରିଥିବାରୁ ପ୍ରବନ୍ଧର ନାମକରଣ 'ତାତିନ୍‌ତିନ୍‌ତା' କରିଅଛି । ଏଗୁଡ଼ିକୁ ମୁଦ୍ରଣଗତ ତ୍ରୁଟି କହି ଏଡ଼ାଇ ଦେଇହେବନାହିଁ । କାରଣ ବାରମ୍ବାର ବିଭିନ୍ନ ପତ୍ରିକାରେ ଗୋଟିଏ ପ୍ରକାର ଅଶୁଦ୍ଧିକୁ ମୁଦ୍ରଣଗତ ତ୍ରୁଟି କୁହାଯାଇନପାରେ । ଏଥିରେ ସାଙ୍କେତିକ ଚିହ୍ନ ବିଶେଷ୍ୟକୁ (ବି) ଓ ବିଶେଷଣକୁ (ବିଂ) ଦିଆଯାଇଛି । କ୍ରିୟାପଦ ସନ୍ନିବିଷ୍ଟ କରିନାହିଁ । କାରଣ ସେଗୁଡ଼ିକୁ ବ୍ୟାବାହରିକ (Usage) ବୋଲି ଧରିନେଇଛି । ଯେପରି ଅନୁଜ୍ଞା କ୍ଷେତ୍ରରେ ଦ୍ୱିତୀୟ ପୁରୁଷ କର୍ତ୍ତା ଏବଂ କ୍ରିୟା ସାଧାରଣ ନିୟମାନୁଯାୟୀ ବର୍ତ୍ତମାନକାଳ ହେଲେ ମଧ୍ୟ ବ୍ୟବହାରରେ ଆମ୍ଭେମାନେ ଭିନ୍ନ ଭିନ୍ନ କାଳ ବ୍ୟବହାର କରିଥାଉ । ଯେପରି ନିୟମାନୁଯାୟୀ "କବିତା ପୁସ୍ତକଟି ଆଣିଦିଅ" ଠିକ୍ ହେଲେ ମଧ୍ୟ କେତେକ ବ୍ୟକ୍ତି ଭବିଷ୍ୟତ କାଳ ପ୍ରୟୋଗ କରି "କବିତା ପୁସ୍ତକଟି ଆଣିଦବ" ଏବଂ ଆଉ କେତେକ ଅତୀତକାଳ ପ୍ରୟୋଗରେ "କବିତା ପୁସ୍ତକଟି ଆଣିଦେଲ" ବୋଲି ସେହି ଅନୁରୋଧ ଅର୍ଥରେ ବ୍ୟବହାର କରନ୍ତି । ଆମେ ତିନିଗୋଟିଯାକ ପ୍ରୟୋଗକୁ ଏକ ଅର୍ଥରେ ଗ୍ରହଣ କରିନେଇଛୁଁ । ସେହିପରି "ଆମ୍ଭେମାନେ ଏହା ଗ୍ରହଣ କରିଅଛୁଁ" ସ୍ଥାନରେ କେହି କେହି "ଆମ୍ଭେମାନେ ଏହା ଗ୍ରହଣ କରିଛନ୍ତି" ବୋଲି କହନ୍ତି (ପ୍ରଥମ ପୁରୁଷର କ୍ରିୟା ସ୍ଥାନରେ ତୃତୀୟ ପୁରୁଷର କ୍ରିୟା ପ୍ରୟୋଗ) । ଏହିପରି କେତେକ ବ୍ୟବହାର ମଧ୍ୟରେ ପ୍ରବେଶ କରିଅଛି । ତେଣୁ ମୁଁ କେବଳ ବିଶେଷ୍ୟ ଓ ବିଶେଷଣର କେତେକ ଅଶୁଦ୍ଧି ତାଲିକା ଦେଉଅଛି ।

ମୂଳଶୁଦ୍ଧ	ପ୍ରତ୍ୟୟଯୋଗ	ଅଶୁଦ୍ଧ ପ୍ରୟୋଗ
ସୁନ୍ଦର (ବିଂ)	ସୌନ୍ଦର୍ଯ୍ୟ (ବି)	ସୌନ୍ଦର୍ଯ୍ୟତା
ସଂଯତ (ବିଂ)	ସଂଯମ (ବି)	ସଂଯମତା
ସୁହୃଦ(ବି.ବିଂ)	ସୌହାର୍ଦ୍ଦ୍ୟ (ବି)	ସୌହାର୍ଦ୍ଦ୍ୟତା
ଦରିଦ୍ର (ବିଂ)	ଦାରିଦ୍ର୍ୟ	ଦାରିଦ୍ର୍ୟତା

Digitized by PPRACHIN, SOA

ସମର୍ଥ	ସାମର୍ଥ୍ୟ	ସାମର୍ଥ୍ୟତା
ମୂଳଶବ୍ଦ	**ପ୍ରତ୍ୟୟଯୋଗ**	**ଅଶୁଦ୍ଧ ପ୍ରୟୋଗ**
ନିରାଶ	ନୈରାଶ୍ୟ	ନୈରାଶ୍ୟତା
ସନ୍ନିଧ	ସାନ୍ନିଧ୍ୟ	ସାନ୍ନିଧ୍ୟତା
ଚେତନା(ବି)	ସଚେତନ, ଚେତନାଶୀଳ	ସଚେତନଶୀଳ
ଆବଶ୍ୟକ (ବିଂ)	ଆବଶ୍ୟକତା	ଆବଶ୍ୟକୀୟ
ଉତ୍‌ଫୁଲ୍ଲ (ବିଂ)	ଉତ୍‌ଫୁଲ୍ଲତା	ଉତ୍‌ଫୁଲ୍ଲିତ
ପ୍ରଫୁଲ୍ଲ (ବିଂ)	ପ୍ରଫୁଲ୍ଲତା	ପ୍ରଫୁଲ୍ଲିତ
ସନ୍ନିବେଶ(ବି)	ସନ୍ନିବିଷ୍ଟ	ସନ୍ନିବେଶିତ
ନିଶ୍ଚୟ (ବି)	ନିଶ୍ଚିତ (ବିଂ) (ସିଦ୍ଧାନ୍ତପ୍ରାପ୍ତ)	ନିଶ୍ଚିନ୍ତ (ଜଞ୍ଜାଳହୀନ)
ଗୁରୁ (ବିଂ)	ଗରିମା (ଗୁରୁତ୍ୱ)	ଗାରିମା (ବଡ଼ିମା)

ବର୍ଣ୍ଣାଶୁଦ୍ଧି :

ଶୁଦ୍ଧ	ଅଶୁଦ୍ଧ	ଶୁଦ୍ଧ	ଅଶୁଦ୍ଧ	ଶୁଦ୍ଧ	ଅଶୁଦ୍ଧ
କ୍ଷୁଣ୍ଣ	କ୍ଷୁର୍ଣ୍ଣ	ମାହାତ୍ମ୍ୟ	ମହାତ୍ମ୍ୟ	ଜଗନ୍ନାଥ	ଜଗର୍ନ୍ନାଥ
ଅନ୍ନ	ଅର୍ଣ୍ଣ	ସମସ୍ୟା	ସମାସ୍ୟା	ଅନ୍ନପୂର୍ଣ୍ଣା	ଅର୍ଣ୍ଣପୂର୍ଣ୍ଣା
ଅବସନ୍ନ	ଅବସର୍ଣ୍ଣ	ଲଜ୍ଜା	ଲଜ୍ୟା	ଜାଜ୍ୱଲ୍ୟମାନ	ଜାଜୁଲ୍ୟମାନ
ଦ୍ୱନ୍ଦ୍ୱ	ଦ୍ୱନ୍ଦ	ସାହସ	ସାହାସ	ଗଣେଶ	ଗଣେଷ
					ଇତ୍ୟାଦି...

ଏପରି ଆଉ କେତେକ ଶବ୍ଦ ମଧ୍ୟ ଅଛି । ଏଥିପାଇଁ ଲେଖକ, ପ୍ରକାଶକ, ଓ ପାଠକ ତିନିଜଣ ଦାୟୀ । ପ୍ରତ୍ୟେକଙ୍କୁ ଭାଷା ସହିତ ସମ୍ପୂର୍ଣ୍ଣ ପରିଚିତ ହେବା ଆବଶ୍ୟକ । ସାହିତ୍ୟ ସାଧନା ସାପେକ୍ଷ । ଭାବ ଉଚ୍ଚକୋଟୀର ହେଲେ ମଧ୍ୟ ଭାଷା ଯଦି ତାର ଅନୁଗାମୀ ହୋଇନପାରେ ତେବେ ସମତା ରକ୍ଷା କରାଯାଇପାରିବ ନାହିଁ । ଲେଖାର ଶୈଳୀ ମଧ୍ୟ ଅନୁରୂପ ହେବା ଆବଶ୍ୟକ । ସୁସ୍ଥ ସାହିତ୍ୟ ସୃଷ୍ଟି କରିବାକୁ ହେଲେ ଲେଖକ ବା କବିକୁ ତାର ଆତ୍ମିକ, ଆଙ୍ଗିକ ଓ ଆହ୍ନିକ ତିନି ଦିଗକୁ ଦୃଷ୍ଟି ଦେବାକୁ ପଡ଼ିବ । ସାଧୁ ଶବ୍ଦ ଏବଂ ଗ୍ରାମ୍ୟ ଶବ୍ଦ ମଧ୍ୟରେ ସମନ୍ୱୟ ରକ୍ଷାକରିବାକୁ ହେବ । ନଚେତ୍ ଗୁରୁଚାଣ୍ଡାଳ ଦୋଷ-ଦୁଷ୍ଟ ହେବା ସ୍ୱାଭାବିକ । ତେଣୁ ଆଜିର ସମସ୍ୟା ଏହି ଅଶୁଦ୍ଧ ଶବ୍ଦମାନଙ୍କର ବହୁଳ ବ୍ୟବହାର ଏବଂ ସମାଧାନ ହେଉଛି ସେଗୁଡ଼ିକ ପ୍ରତି ସଜାଗ ରହି ସେମାନଙ୍କର ଦୁରୁପଯୋଗର ପରିସମାପ୍ତି ଘଟାଇବା । ସେଥିପାଇଁ ସଜାଗ ହେବା ଆଜିର ଆହ୍ୱାନ ।

(ସହକାର, ଖୋଲାଦ୍ୱାର)

Digitized by PPRACHIN, SOA

ଓଡ଼ିଆ ସାହିତ୍ୟକୁ ଢେଙ୍କାନାଳର ଦାନ

ଓଡ଼ିଶାର ଇତିହାସ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ହୁଏ ଯେ ଢେଙ୍କାନାଳସ୍ଥ କପିଳାସ ପୀଠ, ପୁରୀ, ଭୁବନେଶ୍ୱର ଓ କୋଣାର୍କ ଅପେକ୍ଷା ବହୁ ପୁରାତନ । ତେଣୁ ଢେଙ୍କାନାଳର ଆଧ୍ୟାତ୍ମିକ ଚେତନା ଓ ସାଧନା ଓଡ଼ିଶାରେ ନିଶ୍ଚିତଭାବେ ପ୍ରାଚୀନତମ । ପ୍ରାଗ୍‌ଐତିହାସିକ କାଳରେ କପିଳମୁନିଙ୍କର "ସାଂଖ୍ୟ ଶାସ୍ତ୍ର" ସୃଷ୍ଟି କପିଳାସଠାରେ ହୋଇଥିବାର କିମ୍ବଦନ୍ତୀ କହେ । ତାଙ୍କ ନାମ ଅନୁସାରେ ତାଙ୍କ ସାଧନାସ୍ଥଳୀର ନାମ କପିଳାସ ହୋଇଥିବାର ପ୍ରବାଦ ଅଛି ।

ବୈଦିକ ସାହିତ୍ୟ ବ୍ୟତିରେକେ ଓଡ଼ିଆ ସାହିତ୍ୟର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଢେଙ୍କାନାଳର ଓଡ଼ିଆ ସାହିତ୍ୟକୁ ଦାନ ବହୁ ପ୍ରାଚୀନ ଓ ଅତୁଳନୀୟ । ଏ ମାଟିରେ ଜନ୍ମ ନେଇଥିବା ପ୍ରତିଷ୍ଠିତ ସାହିତ୍ୟିକଙ୍କ ବ୍ୟତିରେକେ ଢେଙ୍କାନାଳ ବାହାରର କତିପୟ ବ୍ୟକ୍ତି ଏହିଠାରୁ ହିଁ ସାହିତ୍ୟ ସୃଷ୍ଟିପାଇଁ ପ୍ରେରଣା ଓ ଉନ୍ମାଦନା ପାଇଛନ୍ତି । ଢେଙ୍କାନାଳର ପୁଣ୍ୟତୋୟା ବ୍ରାହ୍ମଣୀର କୂଳେ କୂଳେ କେଉଁ ଆମ୍ରକୁଞ୍ଜରେ ବା କେଉଁ ଶାଳବନରେ କିମ୍ବା ପକ୍ଷୀର କାକଳି ଓ କୋଇଲିର କୂଜନ ମଧ୍ୟରେ କବି ଆତ୍ମହରା ହୋଇଛି ଓ ତାର ଲେଖନୀମୁନରୁ ନୈସର୍ଗିକ ସାହିତ୍ୟର ମନ୍ଦାକିନୀ ପ୍ରବାହିତ ହୋଇଛି । ତେଣୁ ଅନ୍ୟସ୍ଥାନରୁ ଆସି କେତେକ କବି ଏଇମାଟିକୁ ଆପଣାର କରିନେଇ ତାଙ୍କର ଅନ୍ତିମ ଜୀବନ ଢେଙ୍କାନାଳରେ ଅତିବାହିତ କରିବାକୁ ପସନ୍ଦ କରିଛନ୍ତି । କେତେ ବିଦେଶାଗତ ପଥିକ ଏ ଭୁଇଁରେ ବିଚରଣ କରୁ କରୁ ଏହାର ପ୍ରାକୃତିକ ଶୋଭା ବିମଣ୍ଡିତ ନଦୀ, ନାଳ, ପର୍ବତ, କାନ୍ଦାର ଦର୍ଶନରେ ବିମୁଗ୍ଧ ହୋଇଯିବାରୁ ସ୍ୱତଃ କବିତା, ଛନ୍ଦ ଓ ରସ ତାଙ୍କ ଲେଖନୀରୁ ନିଃସୃତ ହୋଇଯାଇଛି । ଧନ୍ୟ ମାତା ଢେଙ୍କାନାଳ- ଧନ୍ୟ ତୋର ବିମୋହିନୀ ଶକ୍ତି- 'ଯେ ବେଶେ ମୋହିଲୁ ତୁ କବି ମାନସ' । ଆଜି ଏପରି ଏକ ପୃଷ୍ଠଭୂମିରେ ଢେଙ୍କାନାଳ ନିବାସୀ, ପ୍ରବାସୀ, ଦର୍ଶକ, ପଥିକ ଇତ୍ୟାଦିମାନଙ୍କ ଲେଖନୀ ବା ମୁଖନିଃସୃତ ସମସ୍ତ ସାହିତ୍ୟିକ ପ୍ରତିଭାର ଏକ ଝଲକ ଦେବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ଗୋରଖନାଥ କପିଳାସରେ ଅବସ୍ଥାନ କରି "ଗୋରଖ ସଂହିତା" ରଚନା କରିଥିଲେ । ସେ ନାଥ ଧର୍ମର ପ୍ରବର୍ତ୍ତକ । ଢେଙ୍କାନାଳରେ ଅନେକ ନାଥ ସମ୍ପ୍ରଦାୟର ବ୍ୟକ୍ତି କନ୍ଦରସିଂହା, ବାରିହାପୁର, ଆଳତୁମା, ଜିରାଳ, ସିମିଳିଆ ଓ ଜୁଆଳିବନ୍ଧ ଇତ୍ୟାଦି ଗ୍ରାମମାନଙ୍କରେ ବାସ କରନ୍ତି ।

Digitized by PPRACHIN, SOA

ଶ୍ରୀମଦ୍‌ଭାଗତର ଟୀକାକାର ଶ୍ରୀଧର ସ୍ୱାମୀ (ଚତୁର୍ଦ୍ଦଶ ଶତାବ୍ଦୀ) ଏଠାରେ ବ୍ରହ୍ମଚାରୀ ମଠ ପ୍ରତିଷ୍ଠା କରି ସାହିତ୍ୟ ସାଧନାରେ ବ୍ରତୀ ଥିଲେ । ତାଙ୍କ ପୂର୍ବରୁ "ଗୁରୁକ୍ରମାନ୍ୱୟ" ନାମକ ଉକ୍ତ ଅନୁଷ୍ଠାନର ଇତିବୃତ୍ତି ସମ୍ୱଳିତ ଏକ ପଞ୍ଜିକା ମଧ୍ୟ ଏଠାରେ ସଂରକ୍ଷିତ ଥିଲା । ସେ ବାଲେଶ୍ୱରର ରେମୁଣାରୁ ଆସି ଏ ମାଟିର ପାଣି ପବନ ସହ ନିଜକୁ ମିଳାଇ ଦେଇ ତାଙ୍କର ଜୀବନ ଏହିଠାରେ କଟାଇଥିଲେ ।

ବର୍ତ୍ତମାନ ନିଛକ ଓଡ଼ିଆ ସାହିତ୍ୟକୁ ଢ଼େଙ୍କାନାଳର ଅବଦାନ ସମ୍ୱନ୍ଧରେ ଦୃଷ୍ଟିପାତ କରାଯାଉ । ବତ୍ସା ଦାସ ନାମକ ଜନୈକ କବି ସାରଳା ଦାସଙ୍କ ସମସାମୟିକ । ତାଙ୍କର ରଚନାକାଳ ସମ୍ୱନ୍ଧରେ ବିତର୍କ ଥିଲେ ହେଁ ତାଙ୍କର ରଚନା ସାରଳା ଦାସଙ୍କ ପୂର୍ବବର୍ତ୍ତୀ ରୂପେ ବିବେଚିତ । ତାଙ୍କ ରଚିତ "କଳସା ଚଉତିଶା" ସେ କପିଳାସଠାରେ ରଚନା କରିଥିବା ବିଷୟ ଲିପିବଦ୍ଧ କରିଛନ୍ତି ।

କ୍ଷିତିପତି ଠାକୁର ଯେ କପିଳାସେ ସ୍ଥିତି
କ୍ଷମେ ବତ୍ସାଦାସ ତାଙ୍କ କଳସା ବୋଲନ୍ତି ।

କପିଳାସ ତାଙ୍କର କର୍ମଭୂମି ଓ ସାଧନାର ପୀଠ । ତାଙ୍କର ଜନ୍ମ ଯେଉଁଠାରେ ହେଉନା କାହିଁକି ସେ ତାଙ୍କର ସାଧନାର ପୀଠ ଭାବେ ଢ଼େଙ୍କାନାଳକୁ ଆଦରିନେଲେ ।

ବୈଷ୍ଣବ କବି ଦୀନକୃଷ୍ଣ ଦାସ୍ ଜଳେଶ୍ୱରରୁ ଆସି (ସପ୍ତଦଶ ଶତାବ୍ଦୀ) ଭୀମନଗ୍ରୀ ଦଣ୍ଡପାଟ ମଧ୍ୟସ୍ଥ ଏକଘରିଆ ଗ୍ରାମରେ ବସବାସ କରି ହଦଗଡ଼ (କମଗରା) ଖଣ୍ଡାଧୀଶଙ୍କ ପୃଷ୍ଠପୋଷକତାରେ "ରସ ବିନୋଦ" କାବ୍ୟ ରଚନା କରିଥିଲେ ଏବଂ ତାଙ୍କର ଅନ୍ତିମଜୀବନ ଏହିଠାରେ ହିଁ କଟାଇଥିଲେ ।

ଏ ଗ୍ରନ୍ଥ ଯୋଡ଼ିବାର ବେଳେ, ଘର ବ୍ରାହ୍ମଣୀ ନଦୀ କୂଳେ ।।
କନକେଶ୍ୱର ଲିଙ୍ଗ ପାଶ, ଏକଘରିଆ ନାମ ଦେଶ ।।
ତହିଁ ମୋହର ନିଜସ୍ଥିତି, କରୁଣା କଲେ ଲକ୍ଷ୍ମୀପତି ।।

ଢ଼େଙ୍କାନାଳର ସେପରି ଆକର୍ଷଣୀୟ ଶକ୍ତି ନଥିଲେ ଏତେ ବ୍ୟକ୍ତି ଏ ସ୍ଥାନକୁ ସେମାନଙ୍କର ପଶ୍ଚିମ ଜୀବନଯାପନ କରିବାପାଇଁ ପସନ୍ଦ କରିନଥାନ୍ତେ ।

ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଫକୀରମୋହନ ସେନାପତି ଢ଼େଙ୍କାନାଳରେ ଆସିଷ୍ଟାଣ୍ଟ ଦେୱାନ ଥିବାବେଳେ ତାଙ୍କର ସାହିତ୍ୟ ସୃଷ୍ଟି ଆରମ୍ଭ କରନ୍ତି । ବ୍ୟାସଦେବ କୃତ ମହାଭାରତର ଓଡ଼ିଆ ଅନୁବାଦ ତାଙ୍କର ପ୍ରଥମ ରଚନା ଯାହା ସେ ଢ଼େଙ୍କାନାଳରେ କରିଛନ୍ତି ବୋଲି ସ୍ୱୀୟ ଆତ୍ମଜୀବନୀରେ ଲିପିବଦ୍ଧ କରିଛନ୍ତି । ତେଣୁ ତାଙ୍କୁ ବ୍ୟାସ କବି ଆଖ୍ୟା ଦିଆଯାଇଛି । ସେହିଠାରୁ ସେ ଯେ ଜୀବନାବସାନ ପର୍ଯ୍ୟନ୍ତ କଲମ ଚାଳନା

Digitized by PPRACHIN, SOA

କରିଚାଲିଛନ୍ତି ତାଙ୍କର ସାହିତ୍ୟ ସୃଷ୍ଟି ଖଣ୍ଡିତ ହୋଇନାହିଁ । ଏ ହେଲା ଢେଙ୍କାନାଳର ଜଳବାୟୁ ଓ ପରିବେଶର ପ୍ରଭାବ ।

ଅତି ଅଳ୍ପକାଳ ପୂର୍ବରୁ ଓଡ଼ିଶାର ପ୍ରଖ୍ୟାତ ଔପନ୍ୟାସିକା ଓ ଗାଳ୍ପିକା ଶ୍ରୀମତୀ ପ୍ରତିଭା ରାୟ ତାଙ୍କର ପ୍ରଥମ ସୃଷ୍ଟି "ବର୍ଷା-ବସନ୍ତ ବୈଶାଖ" ଢେଙ୍କାନାଳରେ ଶିକ୍ଷକତା କରିବା ସମୟରେ ରଚନା କରିଥିବା କଥା ସେ ସ୍ୱୟଂ ଅଭିବ୍ୟକ୍ତ କରନ୍ତି । ସେହି ଦିନାବଧି ତାଙ୍କର ଅନେକ ଗଳ୍ପ ଓ ଉପନ୍ୟାସ ଭାରତ ତଥା ବିଦେଶରେ ବହୁ ଆଦୃତ ହୋଇ ବିଭିନ୍ନ ଭାଷାରେ ଅନୁଦିତ ହୋଇଅଛି ।

ଏ ସମ୍ବନ୍ଧରେ ଆଉ ଗୋଟିଏ କୌତୁହଳପୂର୍ଣ୍ଣ ଘଟଣା ବର୍ଣ୍ଣନା କରିବା ସମୀଚୀନ ହେବ । ଦ୍ୱିଜେନ୍ଦ୍ର ଲାଲ ରାୟ ନାମକ ଜନୈକ ବଙ୍ଗୀୟ ଭଦ୍ରବ୍ୟକ୍ତି ଅନୁଗୁଳରେ ସରକାରୀ କର୍ମଚାରୀ ଥିବା ସମୟରେ ଢେଙ୍କାନାଳ ଦେଇ ଯାଉଥିବା ବେଳେ ଢେଙ୍କାନାଳ ସହର ଉପକଣ୍ଠରେ ଶସ୍ୟଶ୍ୟାମଳା କ୍ଷେତ୍ରମାନଙ୍କୁ ଦେଖି ଏକ କବିତା ବଙ୍ଗଳା ଭାଷାରେ ରଚନା କରିଥିଲେ, ଯାହାର ପ୍ରଥମ ପଂକ୍ତିଃ-

ଧନ୍ୟଧାନ୍ୟ ପୁଷ୍ପେ ଭରା, ଆମାଦର୍ ଏଇ ବସୁନ୍ଧରା ।

ଏହା ପ୍ରାୟ ଷଷ୍ଠିତି ବର୍ଷ ତଳର ଘଟଣା । ତେଣୁ ଢେଙ୍କାନାଳର ଶସ୍ୟ କେଦାର, ଏହାର ବନାନୀ, ଉତ୍ତୁଙ୍ଗ ପର୍ବତରାଜି, ନଦୀ, ନିର୍ଝର, କାକଳି କୁଜନ ଇତ୍ୟାଦି ଜଣେ ଅକବିକୁ ମଧ୍ୟ କବିତ୍ୱରେ ଭରିଦିଅନ୍ତି । ବିଖ୍ୟାତ ଇଂରେଜ କବି ଓ୍ୱାଡ଼ସ୍‌ଓ୍ୱାର୍ଥଙ୍କ ଭାଷାରେ :

Nor less there are powers,
which of themselves our minds impress,
That we can feed this mind of ours,
In a wise passiveness.

ଏ ଉକ୍ତିଟି ଯେପରି ଢେଙ୍କାନାଳ ପାଇଁ ପ୍ରଜୁଜ୍ୟ, ତାହା ଏ ଲେଖକ ହୃଦୟଙ୍ଗମ କରେ ।

ବତ୍ସାଦାସଙ୍କ ସମୟରୁ ଅନେକ (ପ୍ରସିଦ୍ଧ, ଅପ୍ରସିଦ୍ଧ) କବି ଓ ଲେଖକ, ଢେଙ୍କାନାଳ ମାଟିରୁ ହିଁ ସୃଷ୍ଟ ହୋଇଛନ୍ତି । ସମସ୍ତଙ୍କର ରଚନାକାଳର କ୍ରମ ଦେବା ଦୁରୂହ ବ୍ୟାପାର । ଯଥା ସମ୍ଭବ ସେହି ବାଣୀପୁତ୍ରମାନେ ତଥା ସେମାନଙ୍କ କୃତି ନିଚୟ ଏ ପ୍ରବନ୍ଧରେ ସନ୍ନିବିଷ୍ଟ । ରଚନାକାଳ ଯେଉଁ ସ୍ଥଳରେ ନିଶ୍ଚିତ, ତାହା ଦିଆଯାଇଛି, ଅନ୍ୟ ସ୍ଥଳରେ ନୁହେଁ ।

ପୁରୀ ଜଗନ୍ନାଥ ମନ୍ଦିର ତଥା ଗଜପତିମାନଙ୍କର ଇତିହାସ ଯେପରି ମାଦଳା ପାଞ୍ଜିରୁ ଜଣାପଡ଼େ, ସେହିପରି ବେଶାଳିଆ ରାଜବଂଶର ତଥା ଉକ୍ତ ସମୟର ରଚିତ

Digitized by PPRACHIN, SOA

'ଭଞ୍ଜବୋଲି'ରୁ ଏବଂ ରାମଦାସଙ୍କ 'ବଳଭଦ୍ର ବୋଲି'ରୁ ଢେଙ୍କାନାଳର ବହୁ ଇତିହାସ ଜଣାପଡ଼େ । 'ଭଞ୍ଜବୋଲି'ର ରଚୟିତା ଆଦିକନ୍ଦ ଅବଧାନ ଷୋଡ଼ଶ ଶତାବ୍ଦୀର ପ୍ରଥମ ପାଦରେ ଜୀବିତ ଥିଲେ । ସପ୍ତଦଶ ଶତାବ୍ଦୀରେ ହଦଗଡ଼ (କମଗରା)ର ସାମନ୍ତ ବଳରାମ ସାମନ୍ତ ସିଂହାର ଅନେକ ଚଉତିଶା ରଚନା କରିଥିଲେ । (୧୭୦୬)

୧୬୮୩-୧୭୦୮ ମଧ୍ୟରେ ଢେଙ୍କାନାଳରେ ରାଜୁତି କରୁଥିବା ନୃସିଂହ ଭ୍ରମରବର ରାୟ ମଧ୍ୟ ଅନେକ ଚଉପଦୀ ଓ ଚଉତିଶା ପ୍ରଣୟନ କରିଥିଲେ । ତନ୍ମଧ୍ୟରୁ 'ଦଶବୋଲି' ପ୍ରଧାନ ଓ ଓଡ଼ିଶାର ପ୍ରଚୀନତମ ବୋଲି ।

ନନ୍ଦନନ୍ଦନ ଚରଣ ସର-ସିଜେ,
ନୃପ ନୃସିଂହ ଭ୍ରମରବର ଭଜେ ।।

ସେ ମଧୁପୁରଗଡ଼ ଜୟ କରିବାବେଳେ ଢେଙ୍କାନାଳ ସହର ନିବାସୀ ଗୋକୁଳାନନ୍ଦ ପଟ୍ଟନାୟକ 'ମଧୁପୁର କୋଇଲି' ରଚନା କରିଥିଲେ ।

ଗର୍ଜନ ଶୁଭେ ଚାରିଯୋଜନ, ଗୁଳା ବାଜିଲେ ପଡ଼େ ଚମକାଣ ଲୋ

ତଦୀୟପୁତ୍ର କୁଞ୍ଜ ବିହାରୀ ଭ୍ରମରବରଙ୍କର ଓଡ଼ିଆ ଭାଷାରେ ରଚିତ 'ପ୍ରେମଶୀଳା' କାବ୍ୟ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ (୧୭୦୮-୧୭୨୮) ।

୧୭୩୦ ମସିହାରେ ଜାତ ବ୍ରଜନାଥ ବଡ଼ଜେନା ଢେଙ୍କାନାଳର ସୁପ୍ରସିଦ୍ଧ ଓଡ଼ିଆ କବି । ରୀତିଯୁଗର ଶେଷପାଦରେ ବ୍ରଜନାଥ 'ଅ' ଅନୁପ୍ରାସରେ 'ଅମ୍ବିକା ବିଳାସ', 'ଶ' ଅନୁପ୍ରାସରେ 'ଶ୍ୟାମରାସୋତ୍ସବ', ବିଚକ୍ଷଣା, କେଳିକଳାନିଧି ଇତ୍ୟାଦି ରଚନା କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଅଛନ୍ତି । ବହୁ ପୋଇ, ଦୋହା ଇତ୍ୟାଦି ବିଭିନ୍ନ ଭାଷାରେ ରଚନା କରିଥିଲେ ବଡ଼ଜେନା । ସମରକାବ୍ୟ 'ସମର ତରଙ୍ଗ' ତାଙ୍କର ଅନବଦ୍ୟ କୃତି । ଓଡ଼ିଆରେ ପ୍ରଥମ ଗଦ୍ୟ ରଚନା 'ଚତୁର ବିନୋଦ' ର ପ୍ରଣେତା । (ସୋରଠା) ହିନ୍ଦିଭାଷାରେ 'ଗୁଣ୍ଡିଚାବିଜେ' ପ୍ରଣୟନ କରି ସେ ଗଜପତିଙ୍କୁ ଭେଟି ଦେଇଥିଲେ । ବିଭିନ୍ନ ଛଅଗୋଟି ଭାଷାରେ ରଚନାବଳୀ ବ୍ୟତୀତ ତାଙ୍କର ଚିତ୍ରପଟ୍ଟ ଅଙ୍କନ ଓ ଆଭ, କଚକଡ଼ା ଇତ୍ୟାଦିରେ ସୁନ୍ଦର ପଟ୍ଟ ନିର୍ମାଣ ତାଙ୍କର ବହୁମିଖୀ ପ୍ରତିଭାର ପରିଚାୟକ । ଓଡ଼ିଆ ସାହିତ୍ୟରେ ସେ ଏକ ମାଇଲଖୁଣ୍ଟ । ତାଙ୍କର ଭାଇ ଜଗନ୍ନାଥ ଓ ଗୋପୀନାଥ ମଧ୍ୟ ବିଭିନ୍ନ କବିତା ରଚନା କରିଛନ୍ତି ।

ବ୍ରଜନାଥଙ୍କର ସମସାମୟିକ ଅନ୍ୟଜଣେ କବି 'କବି ଚଡ଼କ' ନାମରେ ଖ୍ୟାତ । ସେ ରାଜା ତ୍ରିଲୋଚନଙ୍କ ରାଜସଭା ମଣ୍ଡନ କରିଥିଲେ । ତାଙ୍କ ରଚିତ ''କବି ଚଡ଼କତୁହା'' ଏ ଅଞ୍ଚଳରେ ପରିଚିତ ।

Digitized by PPRACHIN, SOA

ଅଠରଦିନ ଲାଗିଲା ଘୋର ରଣ, ବାଣ, ନିଶାଣ, ଟମକ
ଚମକ ପଡ଼ଇ ଧମକ ଘାତରେ ତରସ୍ତ ହୁଅନ୍ତି ଲୋକ । ଇତ୍ୟାଦି ।

ନୃସିଂହ ରାୟଗୁରୁ ନାମକ ଜନୈକ ବୁଢ଼ାପଙ୍କ ଅଧିବାସୀ 'ବୁଢ଼ାପଙ୍କ ପୋଥି' ନାମକ ଏକ ପୁସ୍ତକ ରଚନା କରିଥିଲେ । ଏ ଅଞ୍ଚଳରେ 'ବଳ ଯା'ର ବୁଢ଼ାପଙ୍କ ତାର' ବୋଲି ଗୋଟିଏ ପ୍ରବାଦ ଅଛି । ଏହି ଗ୍ରାମ ଢେ଼ଙ୍କାନାଳ, ତାଳଚେର ଏବଂ ଅନୁଗୋଳର ତିସିମାଳିରେ ଥିବାରୁ ତାହା ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟରେ ସାମିଲ ହେଉଥିଲା । 'ବୁଢ଼ାପଙ୍କ ପୋଥି'ରେ ଢେ଼ଙ୍କାନାଳ ଓ ଅନୁଗୋଳ ସମର ବିଷୟ ବର୍ଣ୍ଣିତ । ଏହା 'ସମର ତରଙ୍ଗ'ର ଏକ ଅନୁକରଣ ମାତ୍ର ।

ଜନାର୍ଦ୍ଦନ ବେଦବାଗୀଶ - ମୁଣ୍ଡେଇଲ ବଳଭଦ୍ରପୁର ନିବାସୀ ଏ ମହାଶୟ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିଲେ । ତାଙ୍କ କୃତ 'ଅଷ୍ଟାଧ୍ୟାୟୀ ସୂତ୍ର' ପାଠ୍ୟପୁସ୍ତକ ଅଟେ । 'ରାଧାମୋହନ ଚମ୍ପୂ' ତାଙ୍କର ଅନ୍ୟ ଏକ ଉପାଦେୟ ପୁସ୍ତକ ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଭଗିରଥ ମହୀନ୍ଦ୍ର ବାହାଦୂର ଢେ଼ଙ୍କାନାଳରେ ରାଜୁତି କରୁଥିଲେ । ସେ ଓଡ଼ିଶା ପ୍ରିଣ୍ଟିଂ ପ୍ରେସ୍ ପ୍ରତିଷ୍ଠା କରିଥିଲେ । ସେ ବଡ଼ ସାହିତ୍ୟାନୁରାଗୀ ଥିଲେ । ଓଡ଼ିଆ ଭାଷାର ବିଲୋପ ପାଇଁ ବଙ୍ଗୀୟମାନେ ଚକ୍ରାନ୍ତ କରୁଥିବା ବେଳେ ବଙ୍ଗ ଗଭର୍ଣ୍ଣର ଓଡ଼ିଆରେ ପାଠ୍ୟ ପୁସ୍ତକ ପ୍ରଣୟନ ନିମିତ୍ତ ଯେଉଁ ସଭା ଡ଼କାଇଥିଲେ, ତହିଁରେ ଭଗୀରଥ ମହୀନ୍ଦ୍ର ବାହାଦୂର ଓ ବନମାଳୀ ସିଂ ସଭ୍ୟ ଥିଲେ । ଢେ଼ଙ୍କାନାଳର ଦେଓ୍ୱାନ ଶ୍ରୀ ବନମାଳୀ ସିଂ ଓଡ଼ିଶାର ପ୍ରଥମ ମାଟ୍ରିକ୍ୟୁଲେଟ୍ ଥିଲେ । ସେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର 'ଶକୁନ୍ତଳା ଉପାଖ୍ୟାନ' କୁ ଓଡ଼ିଆରେ ଅନୁବାଦ କରିଥିଲେ । ଓଡ଼ିଆ ସାହିତ୍ୟକୁ ସେମାନଙ୍କର ଦାନ ବିଚାର୍ଯ୍ୟ । ଢେ଼ଙ୍କାନାଳ ସହର ନିବାସୀ ନାରୀ କବି ସୁଲକ୍ଷଣା ଦେବୀ ଊନବିଂଶ ଓ ବିଂଶ ଶତାବ୍ଦୀର ଲେଖକ ଲେଖିକାମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା ଥିଲେ । ସେ 'ପାରିଜାତମାଳା' ନାମକ ଏକ କବିତା ପୁସ୍ତକ ରଚନା କରିଥିଲେ । ସେ ସମ୍ଭ୍ରାନ୍ତ ଟ୍ୟାଉ ପଟ୍ଟନାୟକ ବଂଶୀୟା । କବିବର ରାଧାନାଥ, ଫକୀର ମୋହନ, ନନ୍ଦ କିଶୋର ଓ ମଧୁସୂଦନ ରାଓ ତାଙ୍କର ଭୂୟସୀ ପ୍ରଶଂସା କରିଛନ୍ତି ।

ରାଜର୍ଷି ସୁରପ୍ରତାପ ମଧ୍ୟ ଜଣେ ସାହିତ୍ୟ ସାଧକ ଥିଲେ । ତାଙ୍କ ରଚିତ 'ସାକ୍ଷୀଗୋପାଳ' କବିତା ପୁସ୍ତକ ତାଙ୍କର ସର୍ବଶ୍ରେଷ୍ଠ ରଚନା । ତାଙ୍କର ସ୍ତ୍ରୀ କୃଷ୍ଣଚନ୍ଦ୍ର ପ୍ରିୟା ମଧ୍ୟ ଜଣେ ନାରୀ କବି । ସେ 'ସାକ୍ଷୀଗୋପାଳ' କବିତା ପୁସ୍ତକକୁ ସଂପୂର୍ଣ୍ଣ କରିଥିଲେ । ସେ ଢେଙ୍କାନାଳରେ ସୁରପ୍ରତାପ ପ୍ରିଣ୍ଟିଂ ପ୍ରେସ୍ ପ୍ରତିଷ୍ଠା କରିଥିଲେ । ପାର୍ବତୀ ଚରଣ ଦାସ ନାମକ ଜନୈକ ବ୍ୟକ୍ତି ସୁରପ୍ରତାପଙ୍କର ଗୁରୁଥିଲେ । ତାଙ୍କର ଅନେକ ରଚନା ମଧ୍ୟରେ

Digitized by PPRACHIN, SOA

'ଚୈତନ୍ୟ ଚରଣାମୃତ'ର ଓଡ଼ିଆ ଅନୁବାଦ ସର୍ବଶ୍ରେଷ୍ଠ । ଏହି ସମୟର ଅନ୍ୟାନ୍ୟ କବିମାନଙ୍କ ମଧ୍ୟରେ ମୁକ୍ତାଦେଇପୁରସ୍ଥ ଚନ୍ଦ୍ରଶେଖର ପାଣି, ଢେଙ୍କାନାଳର ଆସିଷ୍ଟାଣ୍ଟ ଦେଓ୍ୱାନ ଥିଲେ । ତାଙ୍କର ସାହିତ୍ୟିକ କୃତି ମଧ୍ୟରେ 'ବୀର ତ୍ରିଲୋଚନ ନାଟକ ପ୍ରଧାନ । ଏତଦ୍ ବ୍ୟତୀତ ସେ 'ଦମାଲୁ ମହାପାତ୍ର', 'କଳିକୁଳ ଚନ୍ଦ୍ରମା' (ବ୍ୟଙ୍ଗାତ୍ମକ ନାଟକ), 'ବାଲୁକା ପିଣ୍ଡ' ଓ 'ଇନ୍ଦିରା ପରିଣୟ' ଇତ୍ୟାଦିର ରଚୟିତା । ତାଙ୍କ କୃତ 'ଗୁଣ୍ଡୁଚି ମୂଷା' ଓଡ଼ିଶାର ପ୍ରଥମ ଶିଶୁ ସାହିତ୍ୟ ।

୧୯୦୪ ଖ୍ରୀଷ୍ଟାବ୍ଦରେ ଜାତ ଢେଙ୍କାନାଳ ସହର ନିବାସୀ ଶ୍ରୀ ଅନ୍ନଦା ଶଙ୍କର ରାୟ ଓଡ଼ିଶାର ସବୁଜଯୁଗର ସ୍ରଷ୍ଟାମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ । ସେମାନେ ପୁରାତନକୁ ନମାନି ମର୍ତ୍ତ୍ୟରେ ଅମରାବତୀ ଗଢ଼ିବାକୁ ପଣ କରିଥିଲେ । ଶ୍ରୀରାୟଙ୍କର 'ପ୍ରଳୟ ପ୍ରେରଣା' କବିତାରେ :-

ଯେତେ ପାପ ଯେତେ ମିଥ୍ୟା ଯେତେ ମୋହ ଯେତେ ପ୍ରବଞ୍ଚନା
ଧର୍ମ ନାମେ ନୀତି ନାମେ ଜାତି ନାମେ ଯେତେ ଆବର୍ଜନା ।
ବୈଷମ୍ୟର ଭେଦରେଖା ଭଣ୍ଡତାର ଯେତେ ଅଚ୍ଛାଦନ,
ଦୁର୍ବଳର ହାହାକାର ପୀଡ଼ିତର ମରମ ବେଦନା ।
ବିଧିପଦେ ଧରିତ୍ରୀର ଦୁଃଖଶୋକେ ଭରା ଅର୍ଘ୍ୟଥାଳି,
ନିଷ୍ଠୁର ନିର୍ମମ ମୁହିଁ ନିର୍ବିକାର ସବୁ ଦେବି ଜାଳି ।

ପୁଣି 'ସୃଜନ ସ୍ୱପ୍ନ' କବିତାରେ :

ନୟନ ପରେ ନୟନ ରଖି, ମରମ ସାଥେ ମରମ ଯୋଖି
ସ୍ୱପନସୁଖେ ଥିବା ଗୋ,
ପ୍ରେମ ପୁରୁଣା ନ ହୁଏ ଯହିଁ, ଚାଲ ସେ ପୁରେ ଯିବା ଗୋ ସହି,
ଚାଲ ସେ ପୁରେ ଯିବା ଗୋ ।

ଅନ୍ନଦାବାବୁ I.C.S. ହୋଇ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରୀ କଲେ ଓ ବଙ୍ଗଳାର ଏକ ସୁପ୍ରସିଦ୍ଧ ଲେଖକଭାବେ ଖ୍ୟାତି ଅର୍ଜ୍ଜନ କରିଛନ୍ତି । ଦାମୋଦର ପଟ୍ଟନାୟକ- ଢେଙ୍କାନାଳ ସହର ନିବାସୀ ଏହି କବି ଉନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜୀବିତ ଥିଲେ । ସେ ସୁଲକ୍ଷଣା ଦେବୀଙ୍କ ପୁତ୍ର । ତାଙ୍କ ଲେଖାମାନଙ୍କ ମଧ୍ୟରେ 'ସଂଗୀତ ସର୍ବସାର', 'ନବୋଦିତ ସୂର୍ଯ୍ୟ', 'ଭଲପିଲା', 'ଜୀବନ ଚମ୍ପୁ', 'ପଦ୍ମମୁଖ'

Digitized by PPRACHIN, SOA

ତଥା 'ବାଲିଯାତ୍ରା' ଇତ୍ୟାଦି ଓଡ଼ିଆ ସାହିତ୍ୟକୁ ଅମର ଅବଦାନ । 'ସଂଗୀତ ସାଗର' ନାମକ ଏକ ପୁସ୍ତିକାରେ ସେ ବିଭିନ୍ନ କବି ତଥା ନିଜର କେତେକ ସଂଗୀତ ସଂକଳନ କରିଥିଲେ । ଇନ୍ଦ୍ରଧନୁ ଓ ବିଜୁଳି ପତ୍ରିକାମାନଙ୍କରେ ସେ 'ଯୁବରାଜ' ଛଦ୍ମନାମରେ ଲେଖାମାନ ପ୍ରକାଶ କରୁଥିଲେ । ପାଲଲହଡ଼ାରେ ଦେଓ୍ୱାନ ଥିବା ସମୟରେ ସମ୍ବଲପୁର ଅଦାଲତରୁ ହିନ୍ଦି ଭାଷା ଉଠାଇ ଓଡ଼ିଆ ଭାଷା ପ୍ରଚଳନ ଓ ସମ୍ବଲପୁରକୁ ଓଡ଼ିଶାରେ ମିଶ୍ରଣ ଆନ୍ଦୋଳନ ବେଳେ ସେ 'ସମ୍ବଲପୁର ହିତୈଷିଣୀ'ରେ ଲେଖାମାନ ଦେଉଥିଲେ ।

'ସମ୍ବଲପୁର ଜନନୀ ହୁଏ ଆଜି ନିର୍ବାସିନୀ, କାଲିକି ହେବ ଭବନେ ନକର ଭାବନ
ଜନନୀ ରସନା ହିନ୍ଦି କାଟଇ ଜାତିକି ନିନ୍ଦି, ଉଠରେ ଉତ୍କଳ ଭାଇ ଘେନ ନିବେଦନ ।

୧୮୮୧ରେ ତାଙ୍କର ପ୍ରଥମ ରଚନା 'କପିଳାସ ଯାତ୍ରା' ।

ଭକ୍ତି ବିନୋଦ ରାମଚନ୍ଦ୍ର ନନ୍ଦ (ଧଳପୁର ଶାସନ) ତାଙ୍କ ଜୀବନର ଅଧିକାଂଶ ସମୟ ଢେଙ୍କାନାଳ ସହରରେ ଅତିବାହିତ କରିଥିଲେ । (୧୮୪୮-୧୯୫୩) ଢେଙ୍କାନାଳର ଇତିହାସ ସଂକଳନରେ ତାଙ୍କର ପ୍ରଚେଷ୍ଟା ବହୁଧା ଅଭିନନ୍ଦନୀୟ । ତତ୍କାଳୀନ ଢେଙ୍କାନାଳ ରାଜାଙ୍କ ବିରୋଧ ସତ୍ତ୍ୱେ ସେ ଢେଙ୍କାନାଳ ରାଜବଂଶକୁ ସୂର୍ଯ୍ୟବଂଶୀ ବୋଲି ସ୍ୱୀକାର ନକରି ତାଙ୍କର ବିରାଗଭାଜନ ହୋଇଥିଲେ ମଧ ସତ୍ୟରୁ ତିଳେ ହେଲେ ଘୁଞ୍ଚି ନଥିଲେ । 'ଢେଙ୍କାନାଳ ଭୂଗୋଳ', 'ପ୍ରେମ ସଂଫୁଟ' ଓ ଅନ୍ୟାନ୍ୟ ବହୁ ଲେଖା ତାଙ୍କର ପ୍ରକାଶିତ ।

ବୈଷ୍ଣବ ଚରଣ ମହାପାତ୍ର : ବଳଭଦ୍ରପୁର ଶାସନ (କେଶରିଆ) ନିବାସୀ ଏହି କବି ନାନା କାବ୍ୟ, ଛାନ୍ଦ, ତଥା ସଂସ୍କୃତ କାବ୍ୟମାନ ରଚନା କରିଛନ୍ତି । ତାଙ୍କର ପ୍ରକାଶିତ 'ବୈଷ୍ଣବ ଗ୍ରନ୍ଥାବଳୀ' ଓଡ଼ିଆ ସାହିତ୍ୟର ଏକ ସମୁଜ୍ଜଳ ମଣି । ତଦୀୟଭ୍ରାତା ନଗେନ୍ଦ୍ରନାଥ ମହାପାତ୍ର 'ନାଗନାଥ ଶତକ', 'ସେବ କାଳର କଥା' ଓ 'ଢେଙ୍କାନାଳ ଇତିହାସ' ଇତ୍ୟାଦିର ରଚୟିତା । ତାଙ୍କର ଅନେକ ଲେଖା ନଗେନ୍ଦ୍ର ଗ୍ରନ୍ଥାବଳୀରେ ପ୍ରକାଶିତ । ସେ ବହୁ ଜ୍ଞାନୀ ଓ ପଣ୍ଡିତ ଥିଲେ । ସେ ତାଳଚେରର 'ଗଡ଼ଜାତ ବାସିନୀ' ପତ୍ରିକାର ସଂପାଦକ ଥିଲେ ଓ ହିଷ୍ଟିକାଲ ରିସର୍ଚ୍ଚ କମିସନ୍‌ର ଆଜୀବନ ସଭ୍ୟ ଥିଲେ । (୧୮୯୯-୧୯୫୩)

ବାସୁଦେବ ପଟ୍ଟନାୟକ (୧୮୭୦-୧୯୫୮) : ଢେଙ୍କାନାଳ ସହର ନିବାସୀ ଶ୍ରୀଯୁକ୍ତ ପଟ୍ଟନାୟକ ୧୮୯୬ରୁ ଢେଙ୍କାନାଳ ହାଇସ୍କୁଲ୍‌ର ଶିକ୍ଷକ ରହି ସେହିଠାରୁ ୧୯୫୦ ମସିହାରେ ଅବ୍ୟାହତି ନେଇଥିଲେ । ବଡ଼ଯେନାଙ୍କ କେଳିକଳାନିଧିର ବ୍ୟାଖ୍ୟାକାରୀ ଏବଂ 'ପୂଜାବଳୀ' ଇତ୍ୟାଦି ନାନାପୁସ୍ତକର ସେ ପ୍ରଣେତା ।

Digitized by PPRACHIN, SOA

ମୁକ୍ତାଦେଇପୁର ଶାସନ ନିବାସୀ ଲୋକନାଥରଥଙ୍କର ରଚିତ 'ନବ ନିକୁଞ୍ଜ' କବିତାବଳୀ ଗୋପାଳ ଚନ୍ଦ୍ର ପ୍ରହରାଜ ଓ ଚିନ୍ତାମଣି ଆଚାର୍ଯ୍ୟ ଇତ୍ୟାଦି ବହୁଲୋକଙ୍କ ଦ୍ୱାରା ପ୍ରଶଂସିତ ।

କେଶବଚନ୍ଦ୍ର ମିଶ୍ର : ଭୁବନ ଗ୍ରାମ ନିବାସୀ ଏହି କବିଙ୍କର ରଚିତ 'ବୈତରଣୀ' କାବ୍ୟ, 'ଶୋଭନା' ନାଟକ 'ନାୟେବ ବାବୁ' ଉପନ୍ୟାସ, ଭୂୟାଁଜାତି ଓ 'ବିନା ଗୁରୁରେ ଜ୍ୟୋତିଷ' ତାଙ୍କର କବି ପ୍ରତିଭାର ପରିଚୟ ଦିଏ ।

କବିରାଜ ରାସ ବିହାରୀ ବେହେରା : କୁଆଲୋ ଗ୍ରାମରେ ଜାତ ଏହି କବି ଏ ଶତାବ୍ଦୀର ପ୍ରଥମ ପାଦରେ ଜୀବିତ ଥିଲେ । ଏହାଙ୍କର ନଅଗୋଟି କାବ୍ୟ ପ୍ରକାଶିତ ଓ ଅନେକ ଅପ୍ରକାଶିତ । 'ତୁଳସୀ ରାମାୟଣ' ତାଙ୍କ କାବ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

ଅଧ୍ୟାପକ ଗୋଲକ ବିହାରୀ ଧଳ (୧୯୨୧-୧୯୭୪) : ଓଡ଼ିଶା ସାହିତ୍ୟାକାଶର କ୍ରୁଆଁତାରା ଅଧ୍ୟାପକ ଗୋଲକ ବିହାରୀ ଧଳ ମାତ୍ର ୫୩ ବର୍ଷ ବୟସରେ ସ୍ୱର୍ଗାରୋହଣ କଲେ । ତାଙ୍କର ରଚନାବଳୀ (ପ୍ରାୟ ଚାଳିଶରୁ ଅଧିକ) ଓଡ଼ିଆ ଜାତିକୁ ଚିରଦିନ ଦିଗ୍‌ଦର୍ଶନ ଦେଉଥିବ । ତାର ସଂପୂର୍ଣ୍ଣ ତାଲିକା ତଦୀୟ ଭ୍ରାତୃଷ୍ପୁତ୍ର ରମେଶ ଧଳଙ୍କ ସଙ୍କଳିତ ସ୍ମରଣିକାରୁ ମିଳିପାରିବ ।

ଢେଙ୍କାନାଳ ସହର ନିବାସୀ ଜୟକୃଷ୍ଣ ମିଶ୍ର 'ଜୟଦ୍ରଥ ବଧ' କାବ୍ୟ 'କପିଳାସ ମାହାତ୍ମ୍ୟ', 'ବ୍ରାହ୍ମଣୀ', 'ରୁକ୍ମିଣୀ ପରିଣୟ' ଓ 'ନୀତି ଶିକ୍ଷାମାଳା' ଇତ୍ୟାଦିର ରଚୟିତା ।

କବିଭୂଷଣ ରାଜକିଶୋର ପଟ୍ଟନାୟକ : କବିଭୂଷଣ ରାଜକିଶୋର ପଟ୍ଟନାୟକ ୧୯୩୫ ମସିହାରେ ବ୍ରଜନାଥଙ୍କ ଶ୍ୟାମୋରାସୋତ୍ସବର ଟୀକା କରିଥିଲେ । ଛୋଟପିଲାଙ୍କ ନିମିତ୍ତ ପାଠ୍ୟପୁସ୍ତକ 'ସଜପାଠ' ଓ 'ଆଦର୍ଶ ମାନସାଙ୍କ' ରଚନା କରିଥିଲେ । ଏତଦ୍‌ବ୍ୟତୀତ 'ଉଦ୍ଧବ ସନ୍ଦେଶ, 'ଗାୟତ୍ରୀ ରାମାୟଣ' ଓ ଭଗବତ୍ ଚିନ୍ତନ', ଇତ୍ୟାଦି ନାନା ପୁସ୍ତକର ସେ ପ୍ରଣେତା ।

ବିଦ୍ୟାଧର ମହାନ୍ତି : ନାଧରା ଗ୍ରାମ ନିବାସୀ ଏହି କବି ଢେଙ୍କାନାଳ ଜେଲ୍‌ପ୍ରେସ୍‌ର ମ୍ୟାନେଜର ଥିଲେ । ତାଙ୍କର ରଚିତ ବହୁ ଉପାଦେୟ ଗ୍ରନ୍ଥ ଅଛି । ମୁକ୍ତାଦେଇପୁର ଶାସନ ନିବାସୀ ଗଙ୍ଗାଧର ମିଶ୍ର, ରାଜ କର୍ମଚାରୀ (I.P.S.) ଥାଇ ମଧ୍ୟ ଇଂରାଜୀ ଓ ଓଡ଼ିଆ ଭାଷାରେ କତିପୟ ପୁସ୍ତକ ରଚନା କରିଛନ୍ତି । 'ରାଜର୍ଷି ସୁରପ୍ରତାପ' ତାଙ୍କର ଶ୍ରେଷ୍ଠ ରଚନା । ଶ୍ରୀଶେଷ ପ୍ରତାପ ସିଂହଦେଓ ଅନେକ ପୁସ୍ତକ ରଚନା କରିଥିଲେ । ତନ୍ମଧ୍ୟରୁ ଶଙ୍କରାଚାର୍ଯ୍ୟଙ୍କ ରଚିତ 'ମୋହମୁଦ୍‌ଗର'ର ଓଡ଼ିଆ ଅନୁବାଦ ଏବଂ ଚିନ୍ମୟ ମିଶନ ଦ୍ୱାରା ପ୍ରକାଶିତ 'OUR HERITAGE'ର ଓଡ଼ିଆ ଅନୁବାଦ ପ୍ରଧାନ ।

Digitized by PPRACHIN, SOA

ଚକ୍ରଧର ଦାଶ : ମାର୍ଥାପୁର ନିବାସୀ ଏହି କବି ବହୁ ଗ୍ରନ୍ଥର ରଚୟିତା । ଓଡ଼ିଆ ସଂସ୍କୃତି ବିଭାଗ ତାଙ୍କ ହରି ଲୀଳାମୃତ କାବ୍ୟ ପ୍ରକାଶନର ଦାୟିତ୍ୱ ନେଇଛନ୍ତି ।

ସିକନ୍ଦର ଖାଁ : କାମାକ୍ଷାନଗର ନିବାସୀ ଏହି ନାଟ୍ୟକାର ଢେଙ୍କାନାଳର କବିଚନ୍ଦ୍ର ନାମରେ ଖ୍ୟାତ । ସେ ଅନେକ ନାଟକ ଓ ନୃତ୍ୟ ନାଟିକା ରଚନା କରିଛନ୍ତି । ତାଙ୍କର ଦୁଇଟି ନୃତ୍ୟନାଟିକା 'ଲକ୍ଷ୍ମୀ ପୂଜା' ଓ 'ଶ୍ରବଣ କୁମାର' ସମ୍ବଲପୁର ଦୂରଦର୍ଶନରେ ପ୍ରସାରିତ । ସେ ଏକାଧାରରେ ରଚୟିତା, ନିର୍ଦ୍ଦେଶକ, ସ୍ୱର ସଂଯୋଜକ ଓ ମଞ୍ଚ ପରିଚାଳକ ।

ଉପରିଲିଖିତ ସମସ୍ତ ବିଗତ କବିମାନଙ୍କର ତାଲିକା ଯେ ପୂର୍ଣ୍ଣାଙ୍ଗ ତାହା କୁହାଯାଇ ନପାରେ । ଅନ୍ୟ କେତେକ କୃତୀ ସାହିତ୍ୟିକଙ୍କ କୃତି ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରି ନାହିଁ, ଯଦିଓ ସେ ଦିଗରେ ଚେଷ୍ଟା ଅବ୍ୟାହତ ରହିଅଛି । ଅନେକ ସ୍ରଷ୍ଟାଙ୍କର କୃତିମାନ ମଧ ମିଳିବା ଦୁଷ୍କର ହୋଇପଡ଼ିଅଛି ।

ବର୍ତ୍ତମାନ ଜୀବିତ କବି ଓ ଲେଖକମାନଙ୍କ ମଧରେ ଭୁବନର ପଣ୍ଡିତ ପଦ୍ମନାଭ ମିଶ୍ର, ଧଳପୁରର ଶ୍ରୀ ହରମୋହନ ଦାଶ ଓ ଶ୍ରୀ ବିନୋଦ ବିହାରୀ ନନ୍ଦ, କାମାକ୍ଷାନଗରର ଶ୍ରୀମତୀ ଅନସୂୟା ନନ୍ଦ ଓ ଶ୍ରୀ ଗିରିଶ ଚନ୍ଦ୍ର ନନ୍ଦ, ଭଗିରଥପୁର ଶାସନର ହରିହର ମିଶ୍ର, ହୃଷିକେଷ ମହାପାତ୍ର ଓ ବିଶ୍ୱନାଥ ମହାପାତ୍ର, ସାଆନ୍ଦାର ପଣ୍ଡିତ ବିକ୍ରମ ପଣ୍ଡା ଓ ଈଶ୍ୱର ଚନ୍ଦ୍ର ମହାପାତ୍ର, ଢେଙ୍କାନାଳ ସହରସ୍ଥ ଶ୍ରୀମତୀ ଶଶୀକଳା ମିଶ୍ର, କବି ଶ୍ରୀବସ୍ତ ନାୟକ, ଶ୍ରୀ ସତ୍ୟବ୍ରତ ମହାନ୍ତି, ଶ୍ରୀ ରୁଦ୍ରନାରାୟଣ ମହାନ୍ତି, ଯଦୁନାଥ ସାହୁ, ଇନ୍ଦ୍ରମଣି ନାୟକ, ବସନ୍ତ କୁମାର ମହାପାତ୍ର (ମୁଦ୍ଗଲ), ଶ୍ରୀମତୀ ସଂଧ୍ୟା ମହାନ୍ତି, ଦିଲ୍ଲୀଶ୍ୱର ମହାରଣା, ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ଅନ୍ତର୍ଯ୍ୟାମୀ ଶତପଥୀ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ପଙ୍କଜିନୀ ଦାଶ, ମନୋରଂଜନ ନନ୍ଦ, ଧନେଶ୍ୱର ପାଣି, ଗୌରହରି ପଣ୍ଡା, ନୃସିଂହ ପ୍ରସାଦ ତ୍ରିପାଠୀ, ବସନ୍ତ କୁମାର ମହାପାତ୍ର (ଶାଣ୍ଡିଲ୍ୟ) ଇତ୍ୟାଦି ଅନେକ କବି ଓ ଲେଖକ ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚାଳନା କରି ଚାଲିଛନ୍ତି । ଲାଉଲଇର ଅଲେଖ ପ୍ରସାଦ ଦାସ, ମାଧପୁରର ଚକ୍ରଧର ସାହୁ, ଓ ସୁଗ୍ରୀବର ସାହୁ, ବରପଦାର ଶ୍ରୀ ରାଜକିଶୋର ମିଶ୍ର, ବୁହାଳିପାଳର ଦୈତାରି ବିଶ୍ୱାଳ ଆଦି କବି ଓ ଲେଖକମାନେ ସେମାନଙ୍କର ସ୍ୱ ସ୍ୱ ରଚନାରେ ନିଜ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କର 'ପୂଣ୍ୟପୀଠ କପିଳାସ' ପୁସ୍ତକ ସର୍ବଭାରତୀୟ ସ୍ତରରେ ମାନ୍ୟତାପ୍ରାପ୍ତ ହୋଇଅଛି । ଶ୍ରୀମତୀ ଶଶୀକଳା ମିଶ୍ରଙ୍କର 'ରାଧା ଦାମୋଦର' ଓ 'ମହାଲକ୍ଷ୍ମୀ' ମହାକାବ୍ୟ ଓ 'ତୁଳସୀ' କାବ୍ୟ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଦାବି କରେ । ବିନୋଦ ବିହାରୀ ନନ୍ଦଙ୍କର ରୀତିଯୁଗୀୟ ରୀତିରେ ଲିଖିତ ବିବିଧ କାବ୍ୟ ଅଧୁନା

Digitized by PPRACHIN, SOA

ବହୁ ଅଙ୍କ କବି ରଚନା କରିଛନ୍ତି । ପଣ୍ଡିତ ବିକ୍ରମ ପଣ୍ଡାଙ୍କର ରାମାୟଣ ଓ ଭାଗବତ ପୁସ୍ତକମାନ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରୁଅଛି । ପଣ୍ଡିତ ଗୌରହରି ପଣ୍ଡା ମଧ୍ୟ ବହୁ ଉଚ୍ଚାଙ୍ଗ ସାହିତ୍ୟର ସ୍ରଷ୍ଟା । ଏହିପରି ସମସ୍ତ କବି ଲେଖକଙ୍କ ସମ୍ବନ୍ଧରେ ଚର୍ଚ୍ଚା କଲେ ପ୍ରବନ୍ଧର କଳେବର ବୃଦ୍ଧି ଆଶଙ୍କାରେ ପ୍ରତ୍ୟେକ ସାହିତ୍ୟିକଙ୍କ ସମ୍ବନ୍ଧରେ ସ୍ୱତନ୍ତ୍ର ଆଲୋଚନାରୁ ବିରତ ହେଲୁଁ ।

ଓଡ଼ିଶା ସାହିତ୍ୟ ଏକାଡ଼େମୀର ମାନ୍ୟତାପ୍ରାପ୍ତ ବ୍ୟକ୍ତିମାନେ ହେଲେ ସର୍ବଶ୍ରୀ ସ୍ୱର୍ଗତ କବିରତ୍ନ ଭିକାରୀ ଚରଣ ଦାସ, ଶ୍ରୀବସ୍ତ ନାୟକ, ହରମୋହନ ଦାଶ, ବ୍ରଜକିଶୋର ଧଳ, ସ୍ୱର୍ଗତ ସୂର୍ଯ୍ୟନାରାୟଣ ପଟ୍ଟନାୟକ ଓ 'ପଙ୍କଜିନୀ ଦାଶ । ସଂପ୍ରତି କେତେକ ସଂସ୍ଥା ପ୍ରକୃତ ସାହିତ୍ୟ ସେବା କରୁଅଛନ୍ତି । ୧୯୭୯ରେ ପ୍ରଥମ କରି 'ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ'ର ସୃଷ୍ଟି ହେବା ପରେ, ସଂଧ୍ୟାତାରା ସାହିତ୍ୟ ସଂସଦ ଉତ୍କଳର ଏକ ଅଗ୍ରଣୀ ସଂସଦ ଭାବେ ପରିଗଣିତ । ଅନ୍ୟାନ୍ୟ ପ୍ରମୁଖ ସାହିତ୍ୟ ସଂସ୍ଥାଗୁଡ଼ିକ ହେଲେ 'ମହତାବ ସାହିତ୍ୟ ସଂସଦ, ଗଁଦିଆ, ସୁରଭି ସାହିତ୍ୟ ସଂସଦ, ବେଲଟିକିରି, ବ୍ରଜନାଥ ସାହିତ୍ୟ ସଂସଦ, ରାଧାଦେଇପୁର, କୃଷ୍ଣଚୂଡ଼ା ସାହିତ୍ୟ ସଂସଦ, ସିମିନଇ, କଲ୍ଲୋଳ ସାହିତ୍ୟ ସଂସଦ, ହିନ୍ଦୋଳ ରୋଡ଼, ଗଡ଼ନାୟକ ସାହିତ୍ୟ ସଂସଦ, ଭୁବନ, ଅଗ୍ରଗାମୀ ସାହିତ୍ୟ ସଂସଦ, କାମାକ୍ଷାନଗର, ବାଣିଶ୍ରୀ ସାହିତ୍ୟ ସଂସ୍କୃତି ସଂସଦ, ଢ଼େଙ୍କାନାଳ ଇତ୍ୟାଦି । ଜିଲ୍ଲା ଲେଖକ ସଂସଦରେ ଆଦ୍ୟରେ ସାତଗୋଟି ସବ୍‌ଡ଼ିଭିଜନ୍ ଥିବାବେଳେ, ଅନୁଗୁଳ ଜିଲ୍ଲାର ସୃଷ୍ଟି ପରେ ଏହା ବର୍ତ୍ତମାନ ତିନିଗୋଟି ସବ୍‌ଡ଼ିଭିଜନ- ସଦର, କାମାକ୍ଷାନଗର ଓ ହିନ୍ଦୋଳ ମଧ୍ୟରେ ସୀମାବଦ୍ଧ । ଜିଲ୍ଲା ଲେଖକ ସଂସଦ ବ୍ୟତୀତ ସମସ୍ତ ଅନୁଷ୍ଠାନ ଆଞ୍ଚଳିକ । ସେ ଯାହାହେଉ ସମସ୍ତେ ସାହିତ୍ୟ ସେବାରେ ବ୍ରତୀ ।

ନାଟକ ଓ ସଂଗୀତ ଯେହେତୁ ସାହିତ୍ୟର ଅଙ୍ଗ ତେଣୁ ଏ ଜିଲ୍ଲାର କେତେକ ନାଟକ ଓ ସଂଗୀତାନୁଷ୍ଠାନ ସମ୍ପର୍କରେ କିୟତ୍ ଦୃଷ୍ଟିପାତ କରି ଏ ପ୍ରବନ୍ଧର ଉପସଂହାର କରିବୁ । 'କଳାପରିଷଦ' ନାମକ ନାଟ୍ୟସଂସ୍ଥାର ପ୍ରତିଷ୍ଠାତା ସଭାପତି ଦିଲ୍ଲୀଶ୍ୱର ମହାରଣା ଅନେକ ଅତ୍ୟାଧୁନିକ ନାଟିକା ଲେଖି ଓଡ଼ିଶା ତଥା ସର୍ବଭାରତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ଓ ବହୁ ପୁରସ୍କାର ପ୍ରାପ୍ତ । ତାଙ୍କର ନାଟିକାମାନ ମଧ୍ୟେ ମଧ୍ୟେ ଦୂରଦର୍ଶନରେ ପ୍ରସାରିତ ଓ ଆକାଶବାଣୀରେ ପ୍ରଚାରିତ । ଅନ୍ୟ ଏକ ନାଟ୍ୟ ସଂସ୍ଥା 'ଶିଳ୍ପୀ' ମଧ୍ୟ ଏ ଦିଗରେ ନିଜର ସ୍ଥାନ ଓଡ଼ିଶା ରଙ୍ଗମଞ୍ଚର ଇତିହାସରେ ପ୍ରତିଷ୍ଠା କରିପାରିଛି । ହିନ୍ଦୁସ୍ଥାନୀ ଓ ଓଡ଼ିଶୀ କଣ୍ଠ ସଂଗୀତ ତଥା ନୃତ୍ୟ ପରିବେଷଣ ଦିଗରେ ନଟରାଜ ସଂଗୀତ ମହାବିଦ୍ୟାଳୟ, ଭାରତ

Digitized by PPRACHIN, SOA

ସଂଗୀତ ନିଳୟ, ଶାଶ୍ୱତ କଳାସଂସଦ, ନୃତ୍ୟାଙ୍ଗନା ଓ କଳାଶ୍ରୀ ନିକେତନ ଇତ୍ୟାଦି ସଂଗୀତାନୁଷ୍ଠାନମାନ ଓଡ଼ିଆ ସାହିତ୍ୟର ବହୁଭାବେ ପୃଷ୍ଠପୋଷକତା କରୁଅଛନ୍ତି ।

ଢ଼େଙ୍କନାଳର ଅନ୍ୟାନ୍ୟ ସ୍ଥାନର କବିମାନଙ୍କର ସମ୍ବନ୍ଧରେ ଏ ପ୍ରବନ୍ଧରେ ଆଲୋଚନା କରାଯାଇନାହିଁ । ସେ ଦିଗକୁ ସଂପ୍ରସାରିତ କଲେ ଏକ ପୁସ୍ତିକା ହେବ । ତେଣୁ କେବଳ ପୂର୍ବତନ ଢ଼େଙ୍କାନାଳ ଗଡ଼ଜାତରେ ଜାତ ପୂର୍ବତନ ଓ ଅଧୁନାତନ କବି ଓ ଲେଖକମାନଙ୍କ ମଧ୍ୟରେ ଆଲୋଚନାକୁ ସୀମିତ କରାଯାଇଛି । ତେଣୁ ପ୍ରବନ୍ଧର ନାମକରଣ ଅନୁସାରେ 'ଢ଼େଙ୍କାନାଳ' କେବଳ ଢ଼େଙ୍କାନାଳ ଗଡ଼ଜାତକୁ ବୁଝାଇବ । ଅବିଭକ୍ତ ଢ଼େଙ୍କାନାଳର କବିମାନଙ୍କ ସମ୍ବନ୍ଧରେ ଟିପ୍ପଣୀ କଲେ ପ୍ରବନ୍ଧର କଳେବର ଦ୍ୱିଗୁଣିତ ହେବା ଆଶଙ୍କାରେ ଏହାକୁ ସୀମିତ କରାଯାଇଅଛି । ତେବେ ଅବିଭକ୍ତ ଢ଼େଙ୍କାନାଳ ଜିଲ୍ଲାର ଅନୁଗୁଳ ସବ୍‌ଡ଼ିଭିଜନସ୍ଥ କଲଣ୍ଡାପାଳ ଗ୍ରାମର କବି ରାଧାମୋହନ ଗଡ଼ନାୟକ ଓଡ଼ିଶାର ପୁରପଲ୍ଲୀରେ ସୁବିଖ୍ୟାତ ।

ଉପର୍ଯ୍ୟୁକ୍ତ ବର୍ଣ୍ଣନାର ବିଶ୍ଳେଷଣ କଲେ ହୃଦୟଙ୍ଗମ ହୁଏ ଯେ ଓଡ଼ିଆ ସାହିତ୍ୟକୁ ଢ଼େଙ୍କାନାଳର ଦାନ ଅତୁଳନୀୟ । ଅନ୍ୟାନ୍ୟ ସ୍ଥାନମାନଙ୍କରେ ମଧ୍ୟ ଅନେକ କବି, ଲେଖକ ନାଟ୍ୟକାର, ପ୍ରାବନ୍ଧିକ ଓ ସମାଲୋଚକ ଜନ୍ମଗ୍ରହଣ କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ତୁଳନାତ୍ମକ ଦୃଷ୍ଟିରୁ ଢ଼େଙ୍କାନାଳ ସାହିତ୍ୟ ଦିଗରେ ବହୁ ଅଗ୍ରଣୀ ଏବଂ ବିଭିନ୍ନ ଭାବରେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି ଏହା ନିଃସନ୍ଦେହରେ କୁହାଯାଇପାରେ ।

ସହାୟକ ଗ୍ରନ୍ଥସୂଚୀ :

୧. ଢ଼େଙ୍କାନାଳ ଇତିହାସ - ଭକ୍ତିବିନୋଦ ରାମ ଚନ୍ଦ୍ର ନନ୍ଦ

୨. ଓଡ଼ିଆ ସାହିତ୍ୟର ଇତିହାସ - ଚିତ୍ତରଂଜନ ଦାସ

୩. ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ - ଡ଼ଃ ବଂଶୀଧର ମହାନ୍ତି

୪. ଢେଙ୍କାନାଳ ଜିଲ୍ଲା ଗେଜେଟିୟର

୫. ଢେଙ୍କାନାଳ ଜିଲ୍ଲା ଲେଖକ ସମ୍ମିଳନୀ ସ୍ମରଣିକା - ୧୯୭୯

୬. ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଶତବାର୍ଷିକୀ ସ୍ମରଣିକା (୧୯୯୬)

(ସପ୍ତାରଣ୍ୟ-୧୯୯୬)

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ଜୀବନୀ ଓ କୃତି ପ୍ରଭାଗ

Digitized by PPRACHIN, SOA

ବହୁମୁଖୀ ପ୍ରତିଭା- କବି ବ୍ରଜନାଥ

ପୁରାଣ ବର୍ଣ୍ଣନାରୁ ଜଣାଯାଏ ଯେ, ଦତ୍ତାତ୍ରେୟ ତ୍ରିମୁଖ, ପିତାମହ ବ୍ରହ୍ମା ଚତୁର୍ମୁଖ, ମହାଦେବ ସଦାଶିବ ପଞ୍ଚମୁଖ ଓ ଶେଷଦେବ ଅନନ୍ତ ସପ୍ତମୁଖ ଇତ୍ୟାଦି । ମାତ୍ର ମାନବମାନଙ୍କ ମଧ୍ୟରେ ସର୍ବଦା ଓ ସର୍ବତ୍ର ଆମ୍ଭେମାନେ ମାତ୍ର ଗୋଟିଏ ମୁଖ ପାଉ । ଏଠାରେ ମୁଖକୁ ବାହ୍ୟାର୍ଥରେ କିମ୍ବା ଆକ୍ଷରିକ ଅର୍ଥରେ ଗ୍ରହଣ କରାଯିବା ଉଚିତ୍ ନୁହେଁ, ଯେପରି 'ଧ୍ୟେୟଂ ସଦା ସବିତୃର୍ମଣ୍ଡଳଂ ମଧ୍ୟବର୍ତ୍ତୀ ନାରାୟଣ'' କିମ୍ବା ''ନମୋ ସବିତେ ଜଗଦେକ ଚକ୍ଷୁଷେ'' ଇତ୍ୟାଦି ବର୍ଣ୍ଣନାରୁ ସ୍ପଷ୍ଟ ହୁଏ ଯେ, ସବିତୃ କୌଣସି ବସ୍ତୁ (Matter) ନୁହେଁ, ମାତ୍ର ଏହା ଏକ ବିଭବ ବା ଧର୍ମ (Property) । ସେହିପରି ବ୍ରଜନାଥ ଏକମୁଖୀ, ମାତ୍ର ତାଙ୍କର ପ୍ରତିଭା ବହୁମୁଖୀ । ଏହିପରି ଭାବେ ତୁଳନା କରିବାକୁ ଗଲେ ପୃଥିବୀର ବିଭିନ୍ନ ବ୍ୟକ୍ତିଙ୍କର ପ୍ରତିଭା ସମ୍ବନ୍ଧରେ ଆମ୍ଭେମାନେ ଅଳ୍ପ ବହୁତେ ଅବଗତ । ତନ୍ମଧ୍ୟରେ ଅତ୍ୟଳ୍ପ ସଂଖ୍ୟକ ବ୍ୟକ୍ତି ଏକାଧିକ ପ୍ରତିଭା ସମ୍ପନ୍ନ, ମାତ୍ର ବହୁମୁଖୀ ପ୍ରତିଭା କ୍ୱଚିତ ଦୃଷ୍ଟିଗୋଚର ହୁଅନ୍ତି । ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ରନାଥଙ୍କର ଉଦାହରଣ ନିଆଯାଉ । ସେ ଏକାଧାରରେ କବି, ସଂଗୀତଜ୍ଞ ଓ ଦାର୍ଶନିକ ଥିଲେ । ବିପୁଳ ସମ୍ପତ୍ତିର ଅଧିକାରୀ ବିଶ୍ୱକବିଙ୍କର ଉଦର ଚିନ୍ତା ନଥିଲା । ମାତ୍ର ବ୍ରଜନାଥଙ୍କର ଜୀବନ 'ଗଢ଼ା ଅନ୍ୟ ଉପାଦାନେ' । କାହିଁ କଲିକତା ନଗରୀ ନିବାସୀ ରବୀନ୍ଦ୍ର, କାହିଁ ନିବିଡ଼ ଅରଣ୍ୟ ଘେରା ଢେଙ୍କାନାଳ ଗଡ଼ଜାତର ଶ୍ୱାପଦଶଙ୍କୁଳ ଗ୍ରାମ କାବେରା ନିବାସୀ ବ୍ରଜନାଥ । ରବୀନ୍ଦ୍ରଙ୍କର ପରିପାର୍ଶ୍ୱ, ତାଙ୍କର ଆବହାଓ୍ୱା, ସାମାଜିକ ସ୍ଥିତି ସହ ତୁଳନା କଲେ ବ୍ରଜନାଥଙ୍କର ଶତକଡ଼ା ଶୂନ୍ ମଧ୍ୟ ନଥିଲା । ନା ଥିଲା ତତ୍କାଳୀନ ସମାଜର କେହି ବ୍ୟକ୍ତି, ଯେ'କି ତାଙ୍କ ପ୍ରତିଭାର ମୂଲ୍ୟାୟନ କରି ପାରିବ, ନା ଥିଲା ଯେ'କି ତଦୀୟ ସ୍ୱଚ୍ଛନ୍ଦ ଚିନ୍ତାଧାରା ନିମିତ୍ତ ପୃଷ୍ଠପୋଷକତା କରିବ । ପରମ୍ପରା କ୍ରମେ ଏକମାତ୍ର ରାଜ୍ୟର ରାଜା ହିଁ ଆଶ୍ରୟର ସ୍ଥଳ-ପୃଷ୍ଠପୋଷକତାର ପ୍ରକାର ଓ ଆକାର ଯେତେ ଅଧିକ ବା ଊଣା ହେଉପଛେ । ରାଜା ଗୋଜା-ତାଙ୍କର ଉଚ୍ଚାଙ୍ଗ ସାହିତ୍ୟର ଭାବକୁ ଗ୍ରହଣ କରିବାରେ ତତ୍କାଳୀନ ନରେଶ ଯେ ସକ୍ଷମ ଥିଲେ, ତାହା କୁହାଯାଇନପାରେ । କଥିତ ଅଛି- ଏକଦା ଢେଙ୍କାନାଳ ରାଜ ଦରବାରକୁ ଜନୈକ ପଣ୍ଡିତ ଆସି ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ଚର୍ଚ୍ଚା କଲେ । କାବ୍ୟିକ ଛଟା ଓ ରଚନାଶୈଳୀରେ ରାଜା ମୁଗ୍ଧ ହୋଇ (?) ରାଜ ପରିବାରର ଜନୈକ ବ୍ୟକ୍ତି ଏପରି ରଚନା କରିପାରେ ବୋଲି ଆସ୍ଫାଳନ କରିବାରେ, ବ୍ରଜନାଥ ତାହାକୁ ଏକ ଆହ୍ୱାନ ରୂପେ ଗ୍ରହଣକରି ସମକକ୍ଷ ରଚନା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେଲେ । ମୋର କ୍ଷୁଦ୍ର ବୁଦ୍ଧିରେ ଏତିକି ଅନୁମାନ କରେ ଯେ, ଭଞ୍ଜଙ୍କ କାବ୍ୟର ଏକଶବ୍ଦ ବା ଏକଧାଡ଼ି ମଧ୍ୟ ରାଜା

Digitized by PPRACHIN, SOA

ମହାଶୟ ତ ବୁଝିନଥିବେ, ପଣ୍ଡିତ ମହାଶୟଙ୍କ ବ୍ୟାଖ୍ୟା ଦ୍ୱାରା କିୟତ ପରିମାଣରେ ଉଦ୍‌ବୁଦ୍ଧ ହୋଇଥିବେ । ରୀତିଯୁଗର ସିଂହାବଲୋକନ ଶୃଙ୍ଖଳା, ନିରୋଷ୍ଠ, ସୋଷ୍ଠ ଇତ୍ୟାନି ବହୁନିୟମ ତାଙ୍କ ଅନୁଭୂତିର ବାହାରେଥିବ । ବ୍ରଜନାଥ ଯେତେବେଳେ ଆହ୍ୱାନକୁ ଗ୍ରହଣ କରି ପ୍ରେମସୁଧାନିଧି ଶୃଙ୍ଖଳାରେ 'କେଳିକଳାନିଧି', 'ବିଚକ୍ଷଣା' ଓ 'ଶ୍ୟାମରାସୋତ୍ସବ' ଇତ୍ୟାଦି ଲେଖିଥିବେ ଓ ରାଜ ଦରବାରରେ ଉପସ୍ଥାପନା କରି ସେଗୁଡ଼ିକର ବ୍ୟାଖ୍ୟା କରିଥିବେ, ସେତିକିବେଳେ ରାଜାନୁଗ୍ରହ ପ୍ରାପ୍ତ ହୋଇ କିଛି ଭୂସଂପତ୍ତି ଓ ରାଜକୋଷରୁ କିଛି କଉଡ଼ି ପାଇଥିବେ, ଯାହା ତାଙ୍କର ତେଲଲୁଣର ସଂସାରକୁ ଅକୁଳାନ ହୋଇଥିବ । ଦାରିଦ୍ର୍ୟବଶତଃ ପୁନଃ ପୁନଃ ରାଜଦରବାରରେ ଅନୁଗ୍ରହ ପ୍ରାର୍ଥୀ ହେବାରୁ ରାଜାଙ୍କର ରୋଷ ଓ ବିରକ୍ତିର ଶିକାର ହୋଇ ଦୀନହୀନ ଜୀବନ ଯାପନ କରିବାକୁ ବାଧ୍ୟ ହୋଇଥିବେ । ଏହି ଦୈନ୍ୟକୁ ସାମନା କରିବା ପାଇଁ ସେ ଦର୍ପଣୀ, କେନ୍ଦୁଝର, ପୁରୀ ଓ ଗଞ୍ଜାମଠାରୁ ଧରି ଆନ୍ଧ୍ରର ବିଶାଖାପାଟଣାସ୍ଥ ଭିଲିଙ୍ଗି ଗ୍ରାମ ପର୍ଯ୍ୟନ୍ତ ପଦବ୍ରଜରେ ଯାଇଛନ୍ତି । ଆଶା, କେଉଁଠି କାଳେ କେଉଁ ବଦାନ୍ୟ ବ୍ୟକ୍ତି ପୃଷ୍ଠପୋଷକତା ପ୍ରଦର୍ଶନ କରିପାରନ୍ତି । ଢେଙ୍କାନାଳ ରାଜାଙ୍କର ଗୁଣଗ୍ରାହୀତାର ଅଭାବ ହେତୁ ଭଞ୍ଜଙ୍କ ବୈଦେହୀଶ ବିଳାସକୁ ଆହ୍ୱାନ ଦେଇ ବ୍ରଜନାଥ ଯେଉଁ 'ଅମ୍ବିକା ବିଳାସ' କାବ୍ୟ ରଚନା କଲେ, ତାହା କେନ୍ଦୁଝର ରାଜାଙ୍କ ଅନୁଗ୍ରହ ପ୍ରାପ୍ତ ହେଲା, ମାତ୍ର ସର୍ତ୍ତ ଅତି ନିଷ୍ଠୁର ଥିଲା, ସଂପୂର୍ଣ୍ଣ କାବ୍ୟ ବଳଭଦ୍ର ଭଞ୍ଜଙ୍କ ନାମେ ନାମିତ ହେବ । ଦାରିଦ୍ର୍ୟ କବିଙ୍କୁ ବାଧ୍ୟ କରିଛି ଏବଂ ସ୍ୱୀୟ ସ୍ୱାଭିମାନର ବିନିମୟରେ ସେ ସଂପୂର୍ଣ୍ଣ କାବ୍ୟର ନିଜସ୍ୱ ଅଧିକାର(copy right) ବଳଭଦ୍ର ଭଞ୍ଜଙ୍କୁ ବିକ୍ରୟ କରିଛନ୍ତି । ଅବଶ୍ୟ ଢେଙ୍କାନାଳକୁ ଆସିବା ପରେ, ଢେଙ୍କାନାଳ ସଂସ୍କରଣରେ କିଛି ପରିବର୍ତ୍ତନ କରି ଆଉ ଗୋଟିଏ ଦୁଇଟି ସର୍ଗ ସଂଯୋଜିତ କରିଛନ୍ତି । ଆଜିକାଲିର ଗୋଟିଏ ଜ୍ଞାନପୀଠ କିମ୍ବା ସାରଳା ପୁରସ୍କାର ପାଇଥିଲେ, କବି ଯେତେଦିନ ପରିବାର ପୋଷଣ କରିପାରିଥାନ୍ତେ, ତାହା ସେ ନା କେନ୍ଦୁଝରରୁ ପାଇଛନ୍ତି ନା ଢେଙ୍କାନାଳରୁ । ''ଅନ୍ଧଦେଶକୁ ଗଲି ଦର୍ପଣ ବିକି'' ନ୍ୟାୟରେ, କବି ବାରଦୁଆର ଶୁଣ୍ଢିପିଣ୍ଡା ହୋଇଛନ୍ତି । ହାୟ, ବ୍ରଜନାଥ ! ତୁମେ ଆଜି ବଂଚିଥିଲେ, ତୁମକୁ ଆମେ ନୋବେଲ ପୁରସ୍କାର ପାଇବାର ହକ୍‌ଦାର କରିଥାନ୍ତୁ, ମାତ୍ର....... ।

ରବୀନ୍ଦ୍ରନାଥ ବ୍ରଜନାଥଙ୍କର ଦୁଇଶତ ବର୍ଷ ପରର କବି । ଇଂରାଜୀ ଭାଷା ମାଧ୍ୟମରେ ସେ ବହୁ ଉଚ୍ଚକୁ ଉଠି ପାରିଲେ ମାତ୍ର ବ୍ରଜନାଥ ତ କେବଳ ତାଳପତ୍ର ପୋଥିବାଲା- ନା କାଗଜ ଅଛି, ନା ଅଛି ଛାପାକଳ । ତେଣୁ '' କ୍ଷୁଦ୍ର ସିପ୍ରା ସ୍ରୋତ ବିଖ୍ୟାତ ଜଗତେ, ମହାନଦୀ ନାମ ରହିଲା ଗୁପତେ ।'' ପ୍ରଶ୍ନ ଉଠିପାରେ, ଭଞ୍ଜ ତାଙ୍କ ପୂର୍ବବର୍ତ୍ତୀ ଅର୍ଦ୍ଧଶତାବ୍ଦୀର ବ୍ୟକ୍ତି ହୋଇ, ସେ କିପରି ଏତେ ପରିଚିତ ହୋଇପାରିଲେ ? ଉତ୍ତରରେ ଏତିକି

Digitized by PPRACHIN, SOA

କୁହାଯାଇପାରେ ଯେ, ଭଞ୍ଜଙ୍କ ପାଇଁ ଯେତିକି ଭାଟ ବା ଚାରଣ ଗୋଷ୍ଠୀ ମିଳିଥିଲେ ଏବଂ ଦକ୍ଷିଣ ଓଡ଼ିଶାରେ, ତାଙ୍କର କାବ୍ୟ ଓ ଛାନ୍ଦ ଇତ୍ୟାଦି ଯେପରି ପଣ୍ଡିତ ସଭାମାନଙ୍କରେ ତର୍କଣା କରାଯାଉଥିଲା, ତାହା ବ୍ରଜନାଥଙ୍କ ପକ୍ଷେ ସମ୍ଭବ ନଥିଲା । ହେଲେ ''ଶକ୍ତିନାହିଁ ବସ୍ତ କାହାରି ଜଗତେ, ନିୟତି କି ନେବ ନିଜ ଇଛାମତେ'' । ନିୟତିର ଲିଖନ- ବ୍ରଜନାଥଙ୍କ ପ୍ରତିଭା ବହୁମୁଖୀ ହେବ ଏବଂ ତାହାହିଁ ତାଙ୍କ ଜୀବନରେ ସଫଳୀକୃତ ହୋଇଅଛି ।

ଧର୍ମ ବିଶ୍ୱାସ :

ବ୍ରଜନାଥ ରଘୁ ଅରକ୍ଷିତଙ୍କ ବଂଶଜ ବୋଲି କେଳି କଳାନିଧିର ଷୋଡଶ ଛାନ୍ଦରେ ବର୍ଣ୍ଣନା କରି ଅଛନ୍ତି -

ବର୍ଣ୍ଣରେ ଅଟୁ ଆମ୍ଭେ ଶିଷ୍ଟ କରଣ   ରଘୁ ଅରକ୍ଷିତଙ୍କ ବଂଶେ ନିପୁଣ ଯେ

ଅନ୍ୟାନ୍ୟ କତିପୟ ଗ୍ରନ୍ଥରେ ମଧ୍ୟ ସେ ଏପରି ବର୍ଣ୍ଣନା ଦେଇଅଛନ୍ତି । ରଘୁ ଅରକ୍ଷିତ ନିଜେ ଜଗନ୍ନାଥଙ୍କର ପରମ ଭକ୍ତ ଥାଇ, ଅନେକ ଭଜନ ପ୍ରଣୟନ କରିଥିଲେ । ତାଙ୍କର ସୁଯୋଗ୍ୟ ଦାୟାଦ ରୂପେ ବ୍ରଜନାଥ ସାହିତ୍ୟ କ୍ଷେତ୍ରରେ ସ୍ୱୀୟ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଅଜ ବଂଶୀ ଶ୍ରେଷ୍ଠ ରାଜାରୂପେ ଯେପରି ରାମଚନ୍ଦ୍ରଙ୍କୁ 'ଅଜପତି' ଆଖ୍ୟା ଦିଆଯାଇଛି, ସେହିପରି ବ୍ରଜନାଥଙ୍କୁ ରଘୁ ଅରକ୍ଷିତଙ୍କ ବଂଶର ଶ୍ରେଷ୍ଠ ପୁରୁଷ ଭାବେ 'ରଘୁପତି' ଆଖ୍ୟା ଦିଆଯିବା ସମୀଚୀନ ମନେହୁଏ । ରଘୁଅରକ୍ଷିତଙ୍କ ଭକ୍ତିମୂଳକ ଜଣାଣଗୁଡ଼ିକର ପ୍ରଭାବ, ବ୍ରଜନାଥଙ୍କ ରଚନାବଳୀରୁ ସ୍ପଷ୍ଟ ହୁଏ । ତାଙ୍କର ଧର୍ମ ବିଶ୍ୱାସ କୌଣସି ନିର୍ଦ୍ଦିଷ୍ଟ ଦେବୀ କିମ୍ବା ଦେବତାଙ୍କ ମଧ୍ୟରେ ସିମିତ ନୁହେଁ । ବିଭିନ୍ନ କାବ୍ୟରେ ସେ ଭିନ୍ନ ଭିନ୍ନ ଦେବାଦେବୀଙ୍କର ଆରାଧନା କରିଛନ୍ତି । 'ବିଚକ୍ଷଣା'ରେ ବିମଳା ଦେବୀଙ୍କୁ, ଚତୁର ବିନୋଦରେ ଗଣପତିଙ୍କୁ ଓ ପରେ ଶିବ ଏବଂ ଶେଷରେ ରାମେଶ୍ୱର ବିଷ୍ଣୁଙ୍କର ବନ୍ଦନା କରିଛନ୍ତି । 'ରାଜନଙ୍କୁ ଛଳୋକ୍ତି'ରେ ଢ଼େଙ୍କାନାଳର ସିଦ୍ଧ ବଳରାମଙ୍କୁ ଓ 'ଚଣ୍ଡୀମାଳାଶ୍ରୀ'ରେ ଦେବୀ ଦୁର୍ଗାଙ୍କର ସ୍ତୁତିଗାନ କରିଛନ୍ତି । 'ଶ୍ୟାମରାସୋତ୍ସବ'ରେ କବି କହି ଅଛନ୍ତି-

ଶରଧି ତରଙ୍ଗ ଯଥା ଏକ ଅଙ୍ଗ ନାମମାତ୍ର ଭିନ୍ନ
ସତ୍ତ୍ୱ ରଜ ଗୁଣ ଯେଉଁ ରୂପେ ପୁଣ ଜନରୁ ଅଭିନ୍ନ
ଶିବକେ ଭଜନ୍ତି ବିଷ୍ଣୁଙ୍କୁ ନଚିନ୍ତି ବିଚାରନ୍ତି ଭେଦ
ଶାକ୍ତ ହୋଇ କେହି, ସେହୁ ପୁଣି ନୋହି ତାମସେ ଆନନ୍ଦ
ଶ୍ରୁତିକି ନଜାଣେ କେପଣ୍ଡିତ ପଣେ ବିଷ୍ଣୁଙ୍କୁ ନମାନେ
ଶିବଙ୍କୁ ତ୍ୟକତ କେହୁ କରି ମତ ଘେନେ ଭିନ୍ନେ ଭିନ୍ନେ

Digitized by PPRACHIN, SOA

ଏହି ପଂକ୍ତିମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, କବି ବ୍ରଜନାଥ ଧର୍ମ ସମ୍ବନ୍ଧରେ ଉଦାରଚେତା ଥିଲେ ।

କବି ପ୍ରତିଭା :

ଅଷ୍ଟାଦଶ ଶତାବ୍ଦୀକୁ ଓଡ଼ିଆ ସାହିତ୍ୟର ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । ଚତୁର୍ଦ୍ଦଶ ଶତାବ୍ଦୀ ସାରଳା ଯୁଗ ଓଡ଼ିଆ ସାହିତ୍ୟର ପ୍ରାକ୍‌କାଳ ବୋଲି ଧରାଯାଇପାରେ । ପଞ୍ଚସଖା ଯୁଗରେ ତାହା ମୁକୁଳିତ ହୋଇ ନାନା ଭଜନ, ନିର୍ଗୁଣ, ଜନ୍ମ ମୃତ୍ୟୁର ଗୁଢ଼ ରହସ୍ୟ ଓ ଭଗବତ ଆରାଧନା ତଥା ଭବିଷ୍ୟତବାଣୀ ଇତ୍ୟାଦି ରଚିତ ହୁଏ । ଅଷ୍ଟାଦଶ ଶତାବ୍ଦୀ ବା ରୀତିଯୁଗ ଯଦିଓ ସେହିପରି ମହାଭାରତ, ରାମାୟଣ ଆଦିର ରୂପାୟନ କରିଛି ଏ ଯୁଗରେ ମାନବୀୟ ଗୁଣ ଓ ସାମାଜିକ ଚିତ୍ର ଇତ୍ୟାଦି କାବ୍ୟ, କବିତା ଓ ଛାନ୍ଦ ମାଧ୍ୟମରେ ଫୁଟି ଉଠିଛି । ସାହିତ୍ୟରେ ସାମାଜିକ ଓ ବୈୟକ୍ତିକ ଚିତ୍ରଣ ପାଠକ ଏହି ସମୟରୁ ହିଁ ପାଇଥାନ୍ତି । ଏ ଯୁଗରେ ସାଧାରଣତଃ ନାୟକ ନାୟିକା ରାଜବଂଶଜ ଭାବେ ଚିତ୍ରିତ ହୋଇଥିଲେ ମଧ୍ୟ, ତାହା ତତ୍କାଳୀନ ସାମାଜିକ ଚିତ୍ର ବ୍ୟାଖାନ କରେ ବୋଲି ନିଃସନ୍ଦେହ ଭାବେ କୁହାଯାଇପାରେ । ପୁରାଣ ବା ଇତିହାସର ନାୟକ ନାୟିକାମାନଙ୍କର ବର୍ଣ୍ଣନା ସହିତ କେତେକ କାଳ୍ପନିକ ଚରିତ୍ର ମଧ୍ୟ ବର୍ଣ୍ଣିତ ହୋଇଛି ଏହି ଯୁଗର କବିମାନଙ୍କ ଲେଖନୀରେ ।

ରୀତି ଯୁଗୋପଯୋଗୀ 'ବିଚକ୍ଷଣା' 'କେଳିକଳାନିଧି' (କାଳ୍ପନିକ) ଶ୍ୟାମରାସୋତ୍ସବ ଓ ଅମ୍ବିକା ବିଳାସ କାବ୍ୟମାନଙ୍କରେ କବିଙ୍କର ରୀତିଯୁଗୀୟ ନିୟମାବଳୀ ଯଥାରୀତି ଉପଯୋଗ କରାଯାଇଅଛି, ଯଥା- ଯମକ, ଅନୁପ୍ରାସ, ସିଂହାବଲୋକନ ଶୃଙ୍ଖଳା, ଅବନା, ନିରୋଷ୍ଠ, ସଓଷ୍ଠ, ତ୍ରିଭଙ୍ଗ, ଦୃଷ୍ଟାନ୍ତର, ଅଦ୍ୟପ୍ରାନ୍ତ ଲୋମବିଲୋମ, ଦତ୍ତଚ୍ୟୁତାକ୍ଷର, ବିରୋଧାଭାସ, ଅନ୍ତର୍ଲିପି, ବହିର୍ଲିପି ଏବଂ ଏତଦ୍‌ବ୍ୟତୀତ ବୃକ୍ଷାରୋହଣବନ୍ଧ, ମଣ୍ଡପବନ୍ଧ, ଗୋମୂତ୍ରିକାବନ୍ଧ ଆଦି ବନ୍ଧଗୁଡ଼ିକର ସାବଲୀଳ ପ୍ରୟୋଗ । ସାହିତ୍ୟ ସାଧନା ଯେ କେତେ କ୍ଲିଷ୍ଟ ତାହା ତାଙ୍କ ରଚିତ କାବ୍ୟ କବିତାବଳୀରୁ ପ୍ରମାଣିତ । ଏଥିରୁ ପାଠକ କବିଙ୍କ ପ୍ରତିଭାର ଆକଳନ କରିପାରନ୍ତି । ଏହା ପାଠକଙ୍କ ମନରେ କବିଙ୍କର ପାଣ୍ଡିତ୍ୟ ଓ ସାଧନା ପ୍ରତି ଯୁଗପତ ଭକ୍ତି ଓ ବିସ୍ମୟ ସୃଷ୍ଟିକରେ ।

କବି ବଡ଼ଜେନାଙ୍କର କାବ୍ୟକୃତି ସମୂହ ହେଲା - କେଳିକଳାନିଧି. ବିଦେଶ ଅନୁଚିନ୍ତା, ଦଶପୋଇ, ଗୋପୀବିଳାପ, ଅମ୍ବିକା ବିଳାସ, ଶ୍ୟାମରାସୋତ୍ସବ, ସମର ତରଙ୍ଗ, ଚଣ୍ଡୀମାଳଶ୍ରୀ, ରାଜନଙ୍କୁ ଛଳଉକ୍ତି, ରାଜସଭା, ଜଣାଣ ଓ ସଙ୍ଗୀତ ଏବଂ ବିଚକ୍ଷଣା (ଅସଂପୂର୍ଣ୍ଣ ରୂପେ ପ୍ରାପ୍ତ) ହିନ୍ଦୀ ଭାଷାରେ ରଚିତ ଗୁଣ୍ଡିଚା ବିଜେ ଓ ଗଦ୍ୟ ରଚନା 'ଚତୁର ବିନୋଦ' ।

Digitized by PPRACHIN, SOA

କବି ରାଜସଭାରେ ନିଜର ରଚନା ସମ୍ବନ୍ଧରେ କହନ୍ତି-

ବର୍ତ୍ତମାନ ଯେତେ ଗୁଣ କରିଛି ଗୋସାଇଁ ଶୁଣ
ସଂସ୍କୃତ, ପ୍ରାକୃତ, ହିନ୍ଦୁସ୍ତାନୀ, ବଙ୍ଗଳା
ତେଲେଙ୍ଗା ଭାଷାରୁ କିଛି ଏରୂପେ ଗୀତ କରିଛି
ଚଉତିଶା, ଚଉପଦୀ ବିବିଧ ଲୀଳା,
ଛାନ୍ଦ, ବୋଲି, ପୋଇ, ପ୍ରବନ୍ଧ
ଦଣ୍ଡକ ଚୂର୍ଣ୍ଣକ ଆଦି ସକାର ବନ୍ଧ (ରାଜସଭା-୭୨)

ଏହାପରେ କବି ତାଙ୍କ ରଚିତ କେତେକ ଗ୍ରନ୍ଥର ନାମ ଉଲ୍ଲେଖ କରିବା ସହିତ ତାଙ୍କର ବିଭିନ୍ନ ଅଳଙ୍କାରାଦି ପ୍ରୟୋଗର ବର୍ଣ୍ଣନା ରାଜସଭାରେ କରିଅଛନ୍ତି ।

'ଅ' ଅକ୍ଷର ନିୟମ ଅମ୍ବିକା ବିଳାସ ନାମ
କୁମାର ଚରିତ ଶିବ ଉମା ବିବାହ
ଛନ୍ଦଶ୍ଲେଷ ଅନୁପ୍ରାସ ଅକ୍ଷର ଅବନା ନ୍ୟାସ
ଶୃଙ୍ଗାର କୁତୁକ ରସ ସନ୍ଦର୍ଭ ଊହ,
ଅଳଙ୍କାର କାବ୍ୟ ଲକ୍ଷଣ,
ପ୍ରଶ୍ନୋତ୍ତର ଭଙ୍ଗି ଅର୍ଥ ବହୁ ଭାଷଣ । (୭୩)
ଅଦଭୂତ ଆଭାଷଣ ବିରୋଧ ନିନ୍ଦାରୁ ପୁଣ
ମହିମା ପ୍ରତାପ ଯଶ ପୂଣ୍ୟ ବୈରାଗ୍ୟ,
ଋତୁକାଳ ଚିତ୍ରୋପମା ଉଦାହରଣ ସୁଷମା
ଦୃଷ୍ଟାନ୍ତର ସ୍ୱର ମିତ୍ରାକ୍ଷର ସଂଯୋଗ
ବାଲ୍ୟ, ଯୁବା ବୟସ ସନ୍ଧି,
ରତି ରତାନ୍ତ ସୁଷମା ବେଶ ଯେ ବିଧି (୭୪)
ଗରବ କରିମୁଁ ଏହା କହୁନାହିଁ ମାତ୍ରମହା
ରାଜ ମୋ କର୍ତ୍ତବ୍ୟ ଅନୁସାରେ କରିଛି
ନାମ 'ଶ୍ୟାମ ରାସୋତ୍ସବ' ବାରଛାନ୍ଦ ଏ ତାଲବ୍ୟ
-'ଶ' କାରେ ବୋଲିଛି ରାସଲୀଳାକୁ ଇଛି
ବିଚକ୍ଷଣା ପନ୍ଦର ଛାନ୍ଦ
ବ, ବା, ବି, ବୁ, ବେ, ବୈ, ବୋ, ବୌ କ୍ରମେ ପ୍ରବନ୍ଧ (୭୫)

Digitized by PPRACHIN, SOA

କବିଙ୍କର ମୌଳିକ କବିତ୍ୱ-ଶକ୍ତି ସମ୍ବନ୍ଧରେ ଅବଧାରଣା କରିବାକୁ ଅଳ୍ପ କେତେଗୋଟି ଦୃଷ୍ଟାନ୍ତ ଦିଆଗଲା-

ଅଦ୍ଭୁତୋପମା : ଏ ଅତି ବିଚିତ୍ର ଦେଖିଲା ଏ ନେତ୍ର ରାତ୍ରେ ଶତପତ୍ର ଫୁଟିଲା,
ସୁଧା ଜରଜର ଅରୁଣ ଉପର ତହିଁ ତାରକା କରେ ଲୀଳା ।
କୃଶ ପୃଥଳ, ପୃଥୁଳ ହେଲା କୃଶତର,
ଚଞ୍ଚଳ ଧୀର, ଧୀର ହୋଇ ଚଞ୍ଚଳ, ମୋହୁଛି ଏବେ ତିନିପୁର ।
(କେଳିକଳାନିଧି ୪:୬)

ଆଦ୍ୟପ୍ରାନ୍ତ ଲୋମ ବିଲୋମ :

ରବ ବିକଳେ ଭାଷନା ମୋତିରଦନୀତୁ ମୁହିଁ ତ କିଙ୍କର
ରଜନୀକର ହାସ ଭା ବିକଶୁରେ ହବ ଶିବଧୀରା ସାର ।୧।
ରସାରାଧି ବସି ବହରେ ସୁ କବି ଭାଷ ହାରକ ନିଜର
ରଙ୍କ କି ତହିଁ ମୁଁ ତୁ ନିଦ ରତି ମୋ ନାଶ ଭାଳେ କବିବର ।୧୪)
(କେଳିକଳାନିଧି ଚତୁର୍ଦ୍ଦଶ ଛାନ୍ଦ)

ଶୃଙ୍ଖଳ :

ଆରେ ରମଣୀ ସୁରସା ରସା ଚାହିଁତ ବରଷା
ରସାକ୍ଷୁ କରୁଛୁଁ ନିଶାଧବ ଆନନା
ନନାଶ ମୋର ଭରସା, ରସାଳସା ମୃଦୁହାସା
ହାଶାନ୍ତ ମତି ତୁ ଯୋଷା କୁଳେ ବିମନା
ମନାକହିଁ ନାହିଁ ମୋ ଆଗ,
ଆଗ ନବୁଝି କାହିଁକି ହୋଉ ବିରାଗ । (୧:୧୫)(କେ.କ.ନି)

ଏପରି ବହୁ ପ୍ରକାର ଶବ୍ଦ ଯୋଜନା ଓ ପଦ ରଚନା କେତେ ଆୟାସ ସାଧ୍ୟ ତାହା ସହଜରେ ଅନୁମେୟ । ଅନ୍ୟାନ୍ୟ ଅନେକ ରୀତିରେ ରୀତିଯୁଗର କବିଗଣ କାବ୍ୟ ରଚନା କରୁଥିଲେ । ତାଙ୍କର ନାୟିକା ଜୁଡ଼ା, ବେଣି, ଖୋଷା ଇତ୍ୟାଦିରେ ନାନା ଅଳଙ୍କାର ମଣ୍ଡି ଅଲକ୍ତ ଚରଣରେ ହଂସ ଗମନ ବା ଗଜ ଗମନ କରୁଥିଲା । ମାତ୍ର ଆଜିର ନାୟିକା ବାବୁରି ବାଳରଖି କେଶର ଯତ୍ନ ଭୁଲିଗଲାଣି । ତୈଳ ବଦଳରେ ସାମ୍ପୋ ଲଗାଇ ଅକାଳ ବାର୍ଦ୍ଧକ୍ୟକୁ ଆହ୍ୱାନ କରୁଅଛି ଏବଂ ଅଲକ୍ତ ଚରଣା ନହୋଇ ଚପଲ ଚରଣା ହୋଇଛି । ହଂସ ବା ଗଜ ଗମନ ନକରି ଏବେ କୁକୁରୀ ଗମନା ହୋଇଛି । ଛନ୍ଦହୀନା ନାୟିକାର ଅବଲମ୍ବନରେ ଆଜିର କବି ଛନ୍ଦହୀନ ବା ମୁକ୍ତଛନ୍ଦରେ କବିତା ଲେଖୁଅଛନ୍ତି । ତେଣୁ କବିତା ତା'ର ରସ ଓ ଭାବ ମଧ୍ୟ ହରାଇଛି ।

Digitized by PPRACHIN, SOA

ସମର କବିତା : ବ୍ରଜନାଥଙ୍କର ଅନ୍ୟ ଏକ ବିଶେଷ ପ୍ରତିଭା ତାଙ୍କର ସମର କାବ୍ୟ 'ସମର ତରଙ୍ଗ'ରେ ପ୍ରତିଫଳିତ । ଏହାକୁ ଉତ୍କଳ ସାହିତ୍ୟର ଏକ ପୃଥକ ଶ୍ରେଣୀ ବୋଲି ଧରିବାକୁ ହେବ । ତଦବଧି ଭାରତର ଅନ୍ୟ କୌଣସି ପ୍ରାଦେଶିକ ଭାଷା ସାହିତ୍ୟରେ, ସମର ତରଙ୍ଗ ପରି ଏକ ନିଛକ ସମର ବର୍ଣ୍ଣନା ହୋଇଥିବାର ଜଣାଯାଇନାହିଁ । ସେ ଯୁଗର ସମର ସଜ୍ଜା, ବିଭିନ୍ନ ଅସ୍ତ୍ରଶସ୍ତ୍ରାଦିର ବର୍ଣ୍ଣନା ସହ ବଡ଼ଜେନାଙ୍କର ଭାଷା ପାଟବ, ତାଙ୍କ ବହୁମୁଖୀ ପ୍ରତିଭାର ଏକ ସ୍ପଷ୍ଟ ପ୍ରମାଣ । ବୀର ତ୍ରିଲୋଚନଙ୍କର ସମର ଘନଘଟା ନିନାଦିନୀ ମନ୍ଦ୍ରବାଣୀ ସୁପ୍ତପାଇକ ବାହିନୀ ମନରେ ବୀରତ୍ୱର ଉନ୍ମାଦନା ଆଣି ଦେଇଥିଲା, ତାହାର ଏକ ନିଛକ ଐତିହାସିକ ତଥା ସାହିତ୍ୟିକ ଚିତ୍ର ବ୍ରଜନାଥ 'ସମର ତରଙ୍ଗ'ରେ ଆଙ୍କିଛନ୍ତି । ସାମରିକ ଅସ୍ତ୍ରଶସ୍ତ୍ରାଦି ସମ୍ବନ୍ଧରେ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ସମ୍ବନ୍ଧରେ ଅବଗତ ହେଲେ, ସେ ପ୍ରତିଭା କେଡ଼େ ମହାନ, ତାହା ଉପଲ୍‌ବଧ ହୁଏ । କାବ୍ୟ ବର୍ଣ୍ଣିତ ଅସ୍ତ୍ରଶସ୍ତ୍ର ହେଲା- କୁନ୍ତ, ଖଣ୍ଡା, ଫାର୍ଶା, ଟାଙ୍ଗି, କଟାରୀ, ଚକ୍ର, ବାଙ୍କଛୁରା, ଛୋରା, ବାଡ଼ ବା ବାଡ଼ିବନ୍ଧୁକ, ଭାଲ, ବଲମ, ବର୍ଚ୍ଛା, ଚଡ଼କନଳୀ, ତରବାରୀ, ପଟା, ଧୂପ, ଖଡ଼ଗ, ଜଜାଲ, ବଦଉ, ଢ଼ାଲ ଇତ୍ୟାଦି ।

ତୋପ କମାଣ ତିଶକଟ ଗୁଣ୍ଡ
ଜଜାଲ, ଜମ୍ବୁରା ନଳୀ ପ୍ରଚଣ୍ଡ
ପେଟକଟା ସାତ ହାତ ବନ୍ଧୁକ
ଗରନାଳ ବାଣ, ସବୁକୁ ଟେକ ଯେ
ଚକମକି ନଗା ନଳୀ ଯେ
ଢ଼ାଲ ଖଣ୍ଡା ଛୁରୀ କେ ବାଙ୍କୁ କଟାରୀ
କା'ହାଥେ ସଂଜ ଶାବେଲୀ ଯେ ।   (ସମର ତରଙ୍ଗ ୧:୨୯,୩୦)

ତଦ୍ ସହିତ ଆନୁସଙ୍ଗିକ ଯୁଦ୍ଧବାଦ୍ୟ ଯଥା- ଢ଼ୋଲ, ମହୁରୀ, ଘଣ୍ଟା, ସ୍ୱର, ନାଗରା, ଢ଼ମ୍ପନାଗରା ଓ ନିଶାଣ ଆଦି । ଯୁଦ୍ଧ ପାଇଁ ଆନୁସଙ୍ଗିକ ପଦାର୍ଥ ଯଥା-

ହାଉଦା, ଅମାରୀ ଅମ୍ବୁ ଶିକୁଳି
ଟୋପରା ପଲାଣ୍ଠିଆ ଘଣ୍ଟାମାଳି
ଗଡ଼ି ଶଗଡ଼ ଶଗଡ଼ପଲାଣ
ଭାର ସମ୍ଭାର ସିନ୍ଧୂକହିଁ ପୁଣ ସେ
ଚଉକି ପାଲିଙ୍କି ଖଟ ଯେ
ତମ୍ବୁ ବନାଟ ନାନା ଜାତି ବିଛଣା ସାମିଆନା ନୋହେ ଲେଖି ଯେ

(ସ.ମ.ତ. ୧:୨୮)

Digitized by PPRACHIN, SOA

ଢେଙ୍କାନାଳ-ମରହଟ୍ଟା ସମର କବି ସ୍ୱଚକ୍ଷୁରେ ଦେଖି ଏପରି ନିଖୁଣ ବର୍ଣ୍ଣନା କରି ପାରିଛନ୍ତି ଯାହା ଅଦ୍ୟାବଧି ଅନ୍ୟ କୌଣସି କବି କରିପାରିନାହାଁନ୍ତି । କହ୍ନାଇ ଚମ୍ପତିରାୟଙ୍କ 'ପାଇକ ଖେଦା' ସମର ତରଙ୍ଗର ଏକ ଅନୁକରଣ ମାତ୍ର ।

ଗଦ୍ୟ ରଚନା : ବ୍ରଜନାଥଙ୍କ ସମୟରେ ଓଡ଼ିଶାର ପ୍ରତିବେଶୀ କୌଣସି ପ୍ରାଦେଶିକ ଭାଷାରେ, ଗଦ୍ୟରଚନାର ଆଭାସ ସୁଦ୍ଧା ମିଳେନାହିଁ । ଚତୁର ବିନୋଦ ଓଡ଼ିଆ ସାହିତ୍ୟର ସର୍ବପ୍ରଥମ ଗଦ୍ୟ ରଚନା । ଏହା ନିଜେ ତାର ସ୍ୱକୀୟମାନ ନିର୍ଦ୍ଧାରଣ କରି ଦେଇଅଛି । ଗଦ୍ୟ ସାହିତ୍ୟ ଶ୍ରେଣୀର ଏହି ଏକ ମାତ୍ର ପୁସ୍ତକ ଦୁଇ ଶହ ବର୍ଷ ତଳର ଓଡ଼ିଆ ଗଦ୍ୟ ସାହିତ୍ୟର ଆଦର୍ଶ ଓ ମୂଲ୍ୟ ନିର୍ଦ୍ଧାରଣ କରିବ । ଏପରି ଏକ ଗ୍ରନ୍ଥକୁ ଉତ୍କଳୀୟ ପାଠକମାନଙ୍କ ହସ୍ତରେ ଅର୍ପଣ କରି ଉତ୍କଳ ଭାଷା ଓ ସାହିତ୍ୟକୁ କବି ଗୌରବୋଜ୍ଜ୍ୱଳ କରି ଯାଇଛନ୍ତି । ଏହା ଓଡ଼ିଶା ପକ୍ଷେ କମ୍ ଗୌରବର କଥା ନୁହେଁ । ସେ ସମୟ ସୁଲଭ ବାକ୍ୟ ବୈଶିଷ୍ଟ୍ୟ ଓ ଶବ୍ଦ ଚାତୁରୀ ସନ୍ନିବିଷ୍ଟ ହେଲା ।

ବାକ୍ୟ ବୈଶିଷ୍ଟ୍ୟ : ଚତୁର ବିନୋଦ ନାମେ ଏକ କଥାଏ କହିବା । ନେତ୍ରାମୋଦ ନାମେ ଏକ ବୈଶ୍ୟ ଜଣେ ଥିଲା । ସେ ଯେ ରସାଳ କାଞ୍ଚନ ନାମେ ଏକ ନଗର ଥିଲା । ଆଉ ପ୍ରସଙ୍ଗୁଟିଏ କହିବି, ଶୁଣିମା ହୋଉ । ଏମନ୍ତ ବିଚାରି ସେ ବ୍ରାହ୍ମଣ ପଛେ ପଛେ ଯାଉଥାଇ ।

ଶବ୍ଦ ବୈଶିଷ୍ଟ୍ୟ : କଉଁ, ଯଉଁ, ଅନୁଗ୍ରହ, କଲାନି, ଗଲାନି, ଆଏ (ଆୟ)

ପ୍ରାୟେ, ଭୟେ, ପରାଇ (ପରାୟ) ଲୁକେ (ଲୋକମାନେ)

ଅନ୍ୟାନ୍ୟ ଭାଷା ବ୍ୟୁତ୍ପତ୍ତି : ଦୁଇଶତ ବର୍ଷ ତଳର ଘନ ଅରଣ୍ୟ ପରିବେଷ୍ଟିତ ଢେଙ୍କାନାଳ ଗଡ଼ଜାତରେ ଜାତ ଜଣେ ବ୍ୟକ୍ତି କିପରି ଓଡ଼ିଆ ଭାଷା ଭିନ୍ନ ଅନ୍ୟାନ୍ୟ ପାଞ୍ଚଗୋଟି ଭାଷା କେବଳ ଶିଖି ନାହିଁ, ସେ ଭାଷାରେ ଗୀତ ରଚନା କରି ପାରିଛି ମଧ୍ୟ, ଏ ବିଷୟ ଆଜିର ପାଠକ ଓ ଲେଖକର ଅବଧାରଣାର ବାହାରେ । ବ୍ରଜନାଥଙ୍କ ପ୍ରତିଭାର ବହୁମୁଖୀତାର ଏହା ଏକ ସ୍ପଷ୍ଟ ପ୍ରମାଣ । ତହିଁରୁ କିୟଦଂଶ ପାଠକମାନଙ୍କ ଅବଗତି ନିମନ୍ତେ ଏଠାରେ ଅବତାରଣା କରାଯାଇଅଛି ।

ହିନ୍ଦୀ ଭାଷାରେ ରଚିତ 'ଗୁଣ୍ଡିଚା ବିଜେ' ପରି ଉପଭୋଗ୍ୟ ରଚନା ଅନ୍ୟ କୌଣସି କବିଙ୍କ କୃତିରେ ମିଳିବ ନାହିଁ । ତହିଁରେ ଏକ ଦୃଶ୍ୟର ବର୍ଣ୍ଣନା-

ଲୋଲ ଅପାଙ୍ଗୀ କାଞ୍ଚନ ଅଙ୍ଗୀ ଭଙ୍ଗୀ ତରଙ୍ଗୀ ସଂଗୀତ ରଙ୍ଗୀ
କଟୀତଟ କ୍ଷୀଣା, ଜଘନ ବିପିନା, ପିରତ ପ୍ରବୀଣା, ମୂରତ ନବୀନା

Digitized by PPRACHIN, SOA

ଯୌବନ ଭାରି ମୋହନ ପ୍ୟାରୀ ହୋଁକେ ତୟାରୀ ହେଁ ପଟୁଆରୀ
ଐସେ ଭଉ ପଟୁଆର, କରକେ ବିଜେହୋୱ୍ତ୍ ଜଗଦୀଶ ।
କରୁନା ଲୋଚନ ଡ଼ାରକେ ଦେୱ୍ତ୍ ହରସ ବଖସିସ୍ ॥

ଏ ରଚନା କବିଙ୍କର ପୁରୀ ଅବସ୍ଥାନ କାଳରେ ରଚିତ ଏବଂ ଏହା ପୁରୀ ଗଜପତିଙ୍କୁ ଭେଟି ଦିଆଯାଇଥିଲା । ଏହା ବୋଧହୁଏ ବ୍ରଜନାଥଙ୍କ ଶେଷ ରଚନା, କାରଣ ସେ ପୁରୀରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ।

ସଂସ୍କୃତ ରଚନା : ଅମ୍ବିକା ବିଳାସର ଷଟତ୍ରିଂଶ ଛନ୍ଦରେ ବିଭିନ୍ନ ଦେବତାଙ୍କ ମୁଖରେ ଶିବଙ୍କର ସ୍ତୁତି ସଂସ୍କୃତ ଶ୍ଳୋକରେ କବି କରିଛନ୍ତି ।

ଅକଂହୀନ ତୁହିନାଂଶୁ ମଣ୍ଡନ   ଅବ୍ଜ ନିନ୍ଦିତ ପଦାଘ ଖଣ୍ଡନ
ଅଚ୍ୟୁତାଦ୍ୟମର ବୃନ୍ଦ ବନ୍ଦନ   ଅଦ୍ୟ ନୋ ହ୍ୟବ ଶିବଦ୍ଧଙ୍ଗ ଚନ୍ଦନ ।

ପିଙ୍ଗଳ ଭାଷାରେ :

ଅଧସସି ସୁହିମୁଣ୍ଡା ବାହଣ ଷଣ୍ଡା କୁଣ୍ଡଳିମଣ୍ଡା ପରଚଣ୍ଡା
ଅରୁଣାଣ ଲଣେଉା କାଲକୁନ୍ତା ତ୍ରିପୁରହନ୍ତା ଭୁଅ ଖଣ୍ଡା
ଅଣନ୍ତା କୁଳ ହାରା ଅବଦି ବିହାରା ତିଗୁଣ ଧାରା ସୁରସାରା
ଅମରା ପଦ ବନ୍ଧା ଆଣନ୍ଦକନ୍ଦା ସିହପର ମନ୍ଦାକିଣି ଧାରା ।

ବଙ୍ଗଳା ଭାଷାରେ :

ଅପର୍ଣ୍ଣା ଦେବେର ସ୍ୱାମୀ   ତୋମାର ଚରନେ ଆମି
ଭୂତ ଭୂତ ସବେ କବେ ହୈବ
ଅପାର୍ ଏ ଭବନଦୀ   ଚରିତେ ନାଦିଶେ ବୁଦ୍ଧି
ଯଦ୍ୟପି ନାଦିଏ ଦୟାନାବ ।

କବିଙ୍କର ସାହସିକତା : କବି ବଡ଼ଜେନାଙ୍କ ବିଭିନ୍ନ ରଚନାମାନଙ୍କରେ ତାଙ୍କର ସାହସିକତାର ସ୍ପଷ୍ଟ ସୂଚନା ମିଳିଥାଏ । ତତ୍‌କାଳୀନ ରାଜାମାନଙ୍କର ଅଖଣ୍ଡ କ୍ଷମତା ଥିବା ସତ୍ତ୍ୱେ ଏବଂ ଦାରିଦ୍ର୍ୟ ପ୍ରପୀଡ଼ିତ କବି ବିଭିନ୍ନ ରାଜାଙ୍କର ଅନୁଗ୍ରହ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଆବଶ୍ୟକ ସ୍ଥଳେ ରାଜା ଶାସନକୁ ସମାଲୋଚନା କରିବା ପାଇଁ ପାଶ୍ଚାତ୍‌ପଦ୍ ହୋଇନାହାନ୍ତି । 'ରାଜନଙ୍କୁ ଛଳଉକ୍ତି' 'ସମର ତରଙ୍ଗ' ଓ 'ଅମ୍ବିକା ବିଳାସ' ଆଦି କାବ୍ୟରେ ଏହାର ଭୁରି ଭୁରି ପ୍ରମାଣ ମିଳେ । ରାଜାମାନଙ୍କ ଚରିତ୍ରକୁ ଆକ୍ଷେପ କରି ସେ ଗାଇଛନ୍ତି-

Digitized by PPRACHIN, SOA

ଅମଳ ବଶ କେହୁ ନାରୀରେ ବଶ
ଆହାରେ ବଶ କେହୁ ନିଦ୍ରା ଆବେଶ ଯେ
କେ'ପାତ୍ର ବଶ କେହୁ ବଶ ଲୋକରେ
କେ' ଖେଳ ବଶ କେହୁ ଗୀତ ନାଟରେ ଯେ (ସ.ମ.ତ. ୭/୩୦)

ତ୍ରିଲୋଚନ ମହୀନ୍ଦ୍ର ବାହାଦୂରଙ୍କ ରୋଷକୁ ଆକ୍ଷେପ କରି-

ଗାଁଟି ବଡ଼ ଜେନାଙ୍କୁ ହୁକୁମ କଲା ହିଁ ପ୍ରଭୁଙ୍କ ଚିତ୍ତ
ଜଣାଯିବା ପାଇଁ ଏ ରୂପେ ବିସ୍ତାରି ଗୀତେ ଲେଖିଲି ଚରିତ
ତେଡ଼େ ପ୍ରସନ୍ନବ ଦନ ଯେ ଶରଦ ପୂର୍ଣ୍ଣଚନ୍ଦ୍ର ନିନ୍ଦୁଥାଏ
ମୋ ଭେଟ କଟାକ୍ଷ ପଡ଼ିଲା ମାତ୍ରକେ ଅରୁଣ ଛବି କି ପାଏ ।
(ରାଜନଙ୍କୁ ଛଳଉକ୍ତି)

କବିଙ୍କର ସୂକ୍ଷ୍ମ ଦର୍ଶନ : ପାରିପାର୍ଶ୍ୱିକ ପଦାର୍ଥମାନଙ୍କ ପ୍ରତି କବିଙ୍କର ଗଭୀର ପର୍ଯ୍ୟବେକ୍ଷଣ କ୍ଷମତା ଅନୁଭବ କଲେ ବିସ୍ମିତ ହେବାକୁ ହୁଏ । ବିବାହ ଉତ୍ସବରେ ଅନୁସୃତ ହେଉଥିବା ଆଚାର ବ୍ୟବହାର ଆଦି, ଯଥା- ବାଟବରଣ, ପାଦଧୂଆ, ବରୁଣ ପୂଜା, ସତ୍ୟବାକ୍ୟଦାନ, ଲବଣ ଚଉଁରୀ, ହସ୍ତଗଣ୍ଠି, ଲଜାହୋମ, ଶିଳାରୋହଣ ଓ ଯୁତ ଖେଳା ଆଦିର ସବିଶେଷ ବର୍ଣ୍ଣନା । (ଅ ବି ୨୬ଶ ଛାନ୍ଦ) ଓ ଦେବାଳୟମାନଙ୍କର ବିଶେଷ ଅନୁଷ୍ଠାନମାନଙ୍କରେ ନିର୍ମିତ ଓ ବ୍ୟବହୃତ ବିଭିନ୍ନ ମିଷ୍ଟାନ୍ନ ଆଦିର ବର୍ଣ୍ଣନାରୁ (ଗୁଣ୍ଡିଚା ବିଜେ) କବିଙ୍କର ନିବିଷ୍ଟ ପର୍ଯ୍ୟବେକ୍ଷଣ କ୍ଷମତାର ପ୍ରମାଣ ମିଳେ ।

କନ୍ଦକେ କୋରା, ଚାନ୍ଦ ସେ ତୋରା ଭରସର ପୁଲି, ବରରସ କେଲି
ମଧୁରୁଚିରାଇ, ବିଧୂରତି ଦାଇ ନରିଏଲ ମଣ୍ଡା, ହରିଦିଲ ଭଣ୍ଡା
ଅମୃତ ପାଣି, ସମସର ଚିନି କର୍ପୁର ଲେଲି, ତ୍ରିପୁରମେ ଝିଲି
ଆରିସା ବହୁପୁରା ଅଟା କାକରା ଟାକୁଆ ସିତଗଜା ମନୋହରା
ବୁନ୍ଦିଆ, ସଲପମାଲୁ ଇଣ୍ଡୁରି ହଂସକେଳି ଖୁରୁମା ଗଜାପୁରି ଇତ୍ୟାଦି

ବ୍ରଜନାଥଙ୍କର ଅନ୍ୟ ଏକ ବୈଶିଷ୍ଟ୍ୟ ଲକ୍ଷଣୀୟ, ତାହା ହେଲା ସମସାମୟିକ ଘଟଣାବଳୀର ନିଚ୍ଛକ ବର୍ଣ୍ଣନା, ଯାହା ଆପଣ ଭଞ୍ଜ, ଦୀନକୃଷ୍ଣ ବା କବିସୂର୍ଯ୍ୟଙ୍କ ନିକଟରୁ ପାଇପାରିବେ ନାହିଁ ।

ଅନ୍ୟାନ୍ୟ ନିପୂଣତା : ସାହିତ୍ୟର ବିଭିନ୍ନ ବିଭାଗରେ ବ୍ରଜନାଥଙ୍କର ପାରଦର୍ଶିତା ସମ୍ବନ୍ଧରେ ସମ୍ୟକ୍ ଆଲୋକପାତ କରିବା ପରେ ଏବେ ତାଙ୍କର ଅନ୍ୟାନ୍ୟ ଦିଗରେ ଦକ୍ଷତା ତଥା ପଟୁତା ସମ୍ବନ୍ଧରେ କିଞ୍ଚିତ୍ ଆଭାସ ଦେଇ ଏ ପ୍ରବନ୍ଧର ଉପସଂହାର କରିବି । କବି ଯେ ଜଣେ ଉଚ୍ଚକୋଟୀର ଶିଳ୍ପୀ ଥିଲେ ତାହା ଅତି ଅଳ୍ପ ଲୋକଙ୍କୁ ଜଣା । କବିଙ୍କର 'ରାଜସଭା' 'ସମର ତରଙ୍ଗ' ଓ 'କେଳିକଳାନିଧି' ଇତ୍ୟାଦି ବିଭିନ୍ନ ଗ୍ରନ୍ଥରେ ତାଙ୍କ ନିଜ

Digitized by PPRACHIN, SOA

ବର୍ଣ୍ଣନା ଅନୁସାରେ ସେ କାଗଜ ଓ ତାଳପତ୍ର ଇତ୍ୟାଦିରେ ଅତି ସୁନ୍ଦର ହସ୍ତାକ୍ଷରରେ ନିଜର ରଚନାବଳୀ ପ୍ରଣୟନ କରିବା ବ୍ୟତୀତ ତୂଳୀ ଦ୍ୱାରା ଚିତ୍ରପଟ୍ଟ ଆଙ୍କିବା ଏବଂ ଆଭ କଟକଡ଼ା ଓ ବାଉଁଶ ପତ୍ର ଉପରେ ଚିତ୍ରାଙ୍କନ କରିବାରେ ସିଦ୍ଧହସ୍ତ ଥିଲେ । ତତ୍ ସହିତ ଉତ୍ତମ ନିଖୁଣ ମୂର୍ତ୍ତିମାନ ମଧ୍ୟ ନିର୍ମାଣ କରୁଥିଲେ । ବଉଳ ମଞ୍ଜି, କାଇଁଚ ଓ ତେନ୍ତୁଳି ମଞ୍ଜିରେ ଅତି ସୂକ୍ଷ୍ମ ଅକ୍ଷରରେ ଶହ ଶହ ଶବ୍ଦ ଲେଖିବାରେ ମଧ୍ୟ ସେ ଧୂରନ୍ଧର ଥିଲେ । 'ଅମ୍ବିକା ବିଳାସ' ଢେଙ୍କାନାଳ ସଂସ୍କରଣର ଏକ ଚତ୍ୱାରିଂଶ ଛାନ୍ଦ ନବମ ପୋଇରେ କବି ତତ୍ ସମ୍ବନ୍ଧରେ ଆଭାସ ଦେଇଛନ୍ତି ।

ଅଟୁ ଆମ୍ଭେ ଚାରିଭ୍ରାତ କବିତ୍ୱେ ପ୍ରଶସ୍ତ ତିନି କଲମରେ ଶ୍ରମପୂର୍ଣ୍ଣ
ଅତି ରମ୍ୟ ରୂପ ଚିତ୍ରପଟ କାଗଜ ଅଙ୍କନେ ସୁଘଟଣ ।୨।
ଅଭ୍ରବାଂଶ ପଲ୍ଲବରେ ବକୁଳ ବିଜରେ ପୁଷ୍ପେ ଅବ୍‌ଦ ନବଦଳପରେ
ଅକ୍ଷର ସମୁହ ସୂକ୍ଷ୍ମ ଲେଖିଛି ସୁଷମ ଲୋକନେ ମନୋରଂଜନ କରେ ।୩।

ପୁନଶ୍ଚ ରାଜସଭାରେ କବିଙ୍କର ବର୍ଣ୍ଣନାକୁ ଲକ୍ଷ୍ୟ କରନ୍ତୁ ।

ଏ ଉତ୍ତାରୁ ପଟଲେଖା ଗୁଣତ ଛାମୁରେ ଦେଖା କରିଦେଇଅଛି ଦେବ ଦିବ୍ୟାବଧାନେ କାଗଜ ତାଳପଲ୍ଲବ ବାଂଶ କଟକଡ଼ା ଆଭ ବଉଳ ବିଜରେ ଲେଖିଅଛି ଯତନେ, ଲୁହା ବାଂଶ ଚିତ୍ର କଲମ, ତିନିଠାରେ ଶକ୍ତି ଜାଣି କରନ୍ତି ଶ୍ରମ ।

ତାଙ୍କର ସମସ୍ତ ଚାରୁକଳା ବର୍ତ୍ତମାନ ଦୁର୍ଲଭ । ବହୁ ବର୍ଷ ପରେ ଆନ୍ଧ୍ରପ୍ରଦେଶର ଭିଲିଙ୍ଗି ଗ୍ରାମରୁ ପ୍ରାପ୍ତ ଏକ ତାଳପତ୍ର ପୋଥିର ଚିତ୍ରାଙ୍କନରୁ ବଡ଼ଜେନାଙ୍କ ତୁଳୀର ଚମତ୍କାରିତା ଉପଲବ୍ଧ ହୁଏ । ଏହି ପୋଥିକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସ୍ୱର୍ଗତ ଶରତ ଚନ୍ଦ୍ର ବେହେରା ଆବିଷ୍କାର କରିଥିଲେ ।

ଉପସଂହାର : ପୂର୍ବରୁ ମୁଁ କହିଅଛି ଯେ ବ୍ରଜନାଥଙ୍କ ବହୁମୁଖୀ ପ୍ରତିଭାର ସବିଶେଷ ବିବରଣୀ ଅତି ଦୀର୍ଘହୋଇ ଏକ ସ୍ୱତନ୍ତ୍ର ପୋଥି ହେବ । ଏହି କ୍ଷୁଦ୍ର ପ୍ରବନ୍ଧରେ ଯେତିକି ସମ୍ଭବ ସଂକ୍ଷେପରେ ତାଙ୍କର ପ୍ରତିଭା ନିଚୟର ଏକ ଝଲକ ମାତ୍ର ଦିଆଯାଇଅଛି । ପାଠକମାନଙ୍କୁ ଏଥିରୁ ବହୁମୁଖୀ ପ୍ରତିଭାର ସମ୍ୟକ ନ ହେଲେ ହେଁ କିଞ୍ଚିତ୍ ଆଭାସ ମିଳିବ । ପାଠକବୃନ୍ଦ ଏ ପ୍ରବନ୍ଧ ପଠନରୁ ଉପକୃତ ହେବେ ବୋଲି ଆଶା କରୁଅଛି ।

(ସପ୍ତାରଣ୍ୟ-ବ୍ରଜନାଥ ବିଶେଷାଙ୍କ)

Digitized by PPRACHIN, SOA

ସ୍ୱଭାବ କବି ଗଙ୍ଗାଧର

ଅନ୍ୱେତଂ ବାୟବୋ ଜାନ୍ତି ପୃଷ୍ଠେ ଭାନୁ-ର୍ବୟାଂସିଚ
ଅନୁପ୍ଲବନ୍ତେ ମେଘାଶ୍ଚ, ଯସ୍ୟ ତସ୍ୟ ରଣେଜୟଃ ।

'ଯେଉଁ ବ୍ୟକ୍ତି ପ୍ରତି ଅନୁକୂଳ ବାୟୁବହେ ସେ ସଂଗ୍ରାମରେ ଜୟଯୁକ୍ତ ହୁଏ ଏବଂ ତାର ପଛରେ ସୂର୍ଯ୍ୟ ଏବଂ ଯୁଗ(age) ଓ ମେଘମାଳା ପ୍ରଧାବିତ ହୁଅନ୍ତି ।'

ଏପରି ଏକ ଭାଗ୍ୟବାନ୍ ପୁରୁଷ ହେଉଛନ୍ତି ସ୍ୱଭାବ କବି ଗଙ୍ଗାଧର । ସେ ପାଟିରେ ରୂପା ଚାମଚ ଧରି ଜାତ ହୋଇଥିଲେ । (with a silver spoon in his mouth) ଶିକ୍ଷା ସ୍ୱଳ୍ପ ମାତ୍ର ପ୍ରତିଭା ପ୍ରଚଣ୍ଡ, ଦାରିଦ୍ର୍ୟ ଅତୀବ, ମାତ୍ର ମନୋବଳ ଦୀପ୍ତ । ଆମେ ଜାଣୁ ପ୍ରାଚୀନ ଲେଖକମାନଙ୍କ ମଧ୍ୟରୁ ଅନେକ ରାଜାନୁଗ୍ରହ ପ୍ରାର୍ଥୀ ଥିଲେ । କାରଣ ସେମାନେ ଥିଲେ ଦରିଦ୍ର ।

ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ଶାରଦା ଦାରିଦ୍ର୍ୟ ମୋହର ସଙ୍ଗୀ ହେଲା ସଦା ଏବଂ "ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନ ସର, ଜଞ୍ଜାଳ ଜଳଜ ଜାଳେ ଆବିଳ ଉଦର" ଇତ୍ୟାଦି କବିମାନଙ୍କର ଲେଖନୀ ନିସୃତ ବାଣୀ ଏ ଉକ୍ତିର ଯଥାର୍ଥ୍ୟ ପ୍ରତିପାଦନ କରେ । ଏପରି କବିମାନଙ୍କ ମଧ୍ୟରେ କବିସୂର୍ଯ୍ୟ ବଳଦେବରଥ, ଦୀନକୃଷ୍ଣ ଓ ବ୍ରଜନାଥ ବଡ଼ଜେନା ଇତ୍ୟାଦି କବିକୁଳ ରାଜାନୁଗ୍ରହ ପାଇ ସାହିତ୍ୟ ସାଧନା କରୁଥିଲେ । ଏପରିକି କେତେକ ଉକ୍ତ ରାଜପୃଷ୍ଠପୋଷକମାନଙ୍କ ନାମରେ ସେମାନଙ୍କ କାବ୍ୟ କବିତା ଭଣତି କରି ଦେଉଥିଲେ । ସେଥିପାଇଁ ଆଜିକୁ ତିନିଶହ, ଚାରିଶହ ବର୍ଷ ତଳର କାବ୍ୟ କବିତାର ପ୍ରକୃତ ଲେଖକଙ୍କ ସମ୍ବନ୍ଧରେ ବାଦାନୁବାଦ ଓ ବିତର୍କର ଅବକାଶ ସୃଷ୍ଟି ହୋଇଅଛି । ଏହାକୁ କପିରାଇଟ୍ ବିକ୍ରୟର ପ୍ରାଚୀନ ସଂସ୍କରଣ କୁହାଯାଇପାରେ । ଏ ସମସ୍ତ ଅବତାରଣାର ଉଦ୍ଦେଶ୍ୟ ହେଉଛି ଯେ ଉପେନ୍ଦ୍ରଭଞ୍ଜଙ୍କ ପରି ରାଜବଂଶୀୟ କିମ୍ବା ରାଧାନାଥ, ମଧୁସୂଦନଙ୍କ ପରି ଆର୍ଥିକ ସ୍ୱଚ୍ଛଳତା ସମ୍ପନ୍ନ ନହୋଇ ଏବଂ କୌଣସି ରାଜାନୁଗ୍ରହ ନପାଇ ମଧ୍ୟ ଦାରିଦ୍ର୍ୟର କଷାଘାତ ମଧ୍ୟରେ ଗଙ୍ଗାଧର ଯେପରି ଅନବଦ୍ୟ ସାହିତ୍ୟ ସୃଷ୍ଟିକଲେ ତାର ପଟାନ୍ତର ନାହିଁ । ସେ ଏକ ଆଜନ୍ମ କବି ଏବଂ ସ୍ୱଭାବ କବି । ପାଶ୍ଚାତ୍ୟ ପ୍ରକୃତି କବି ଓ୍ୟାଡ଼ର୍ସଓ୍ୱାର୍ଥଙ୍କ ଠାରୁ ଗଙ୍ଗାଧର କୌଣସି ଗୁଣରେ କମ୍ ନୁହଁନ୍ତି । ତାଙ୍କର ଏ ଜନ୍ମଗତ ପ୍ରତିଭା ତାଙ୍କ ଶୈଶବରୁ ହିଁ ପ୍ରକଟିତ ହୋଇଥିଲା । 'ଦାରିଦ୍ର୍ୟ ଦୋଷାତ୍, ଗୁଣରାଶି ନାଶ' ତାଙ୍କ କ୍ଷେତ୍ରରେ ଅସତ୍ୟ ପ୍ରମାଣିତ ହୋଇଅଛି ।

କାବ୍ୟକୃତି : ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ ହେଁ ସଂସ୍କୃତ, ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ଭାଷା ଗୃହରେ ଶିକ୍ଷା କରିଥିଲେ । କୌଳିକ ବ୍ୟବସାୟ ବସ୍ତ୍ରବୟନ କରି କୁଟୁମ୍ବ

Digitized by PPRACHIN, SOA

ପୋଷଣର ଦାୟିତ୍ୱ ନେଇ ମଧ୍ୟ ସାହିତ୍ୟ ପ୍ରତି ପ୍ରଗାଢ଼ ଆଗ୍ରହ ହେତୁ ଅବସର ସମୟରେ କାବ୍ୟ କବିତା ଚର୍ଚ୍ଚାରେ ରତଥିଲେ । ପରେ ଅବଶ୍ୟ ବିଭିନ୍ନ ରାଜକର୍ମରେ ନିୟୋଜିତ ହୋଇଥିଲେ । ଭଞ୍ଜୀୟ ସାହିତ୍ୟ ଦ୍ୱାରା ପ୍ରୋତ୍ସାହିତ ହୋଇ ରୀତିଯୁଗୀୟ ପଦ୍ଧତିରେ 'ରସରତ୍ନାକର' ନାମକ କାବ୍ୟ ରଚନା କଲେ । କେତେଗୋଟି କ୍ଷୁଦ୍ରକବିତା ରଚନା ପରେ ସେ ରାଧାନାଥ ରାୟଙ୍କ ପ୍ରେରଣାରେ 'ଅହଲ୍ୟାସ୍ତବ' ଇନ୍ଦୁମତୀ, ଉତ୍କଳ ଲକ୍ଷ୍ମୀ, କୀଚକ ବଧ, ପଦ୍ମିନୀ, କବିତା କଲ୍ଲୋଳ, ପ୍ରଣୟ ବଲ୍ଲରୀ, ତପସ୍ୱିନୀ, ଅର୍ଘଥାଳି ଇତ୍ୟାଦି କାବ୍ୟକବିତା ଏବଂ ଗଦ୍ୟରେ ଆତ୍ମଜୀବନୀ, ନୃପରାଜସିଂହ, ପୁରାଣକବି ଫକିରମୋହନ, ଶିକ୍ଷାଭିମାନୀ, 'ବ' ଭେଦ ଓ ର,ଋ ଭେଦ ଆଦି ରଚନା କରିଛନ୍ତି ।

ଆଧ୍ୟାତ୍ମିକତା : ଈଶ୍ୱର ଭକ୍ତିରେ କବି ହୃଦୟ ଆପ୍ଲୁତ । ତାଙ୍କ ଅଭିବ୍ୟକ୍ତିରେ ଏକ ସ୍ୱାତନ୍ତ୍ର୍ୟ ଯାହା ଅନ୍ୟତ୍ର ଦୁର୍ଲ୍ଲଭ । ବିଶ୍ୱ ଜୀବନ ହେ, ତୁମ୍ଭଙ୍କୁ କରୁଣା ସିନ୍ଧୁ, ବୋଲିବାକୁ ମନ ବଳୁନାହିଁ ଯେଣୁ ସିନ୍ଧୁତବ କୃପାବିନ୍ଦୁ ।' ସବୁତ ତାଙ୍କର, ତାଙ୍କୁ କ'ଣ ଦେବେ ? କେବଳ 'ମୁଁ କାର'ଟି ତାଙ୍କ ନିଜର । ସେୟାକୁ ସମର୍ପଣ କରିବେ । ଆହା, କି ଅମୃତମୟ ଭାବନା ।

ଭାଷା ଓ ଦେଶପ୍ରୀତି, ସ୍ୱାଭିମାନ : ତାଙ୍କର ଦେଶପ୍ରୀତିର ପରିପ୍ରକାଶ ଘଟିଛି ଉତ୍କଳ ଲକ୍ଷ୍ମୀ କାବ୍ୟରେ । ଓଡ଼ିଶାର ସ୍ୱାଭିମାନକୁ ରକ୍ଷା କରିବା ପାଇଁ ସେ ଜାତିକୁ ଉଦ୍‌ବୋଧନ ଦେଇଛନ୍ତି ।

ଉଚ୍ଚ ହେବାପାଇଁ କର ଯେବେ ଆଶା, ଉଚ୍ଚ କର ଆଗ ନିଜ ମାତୃଭାଷା ।

ଇଂରାଜୀ ଭାଷାର ପ୍ରଚଳନ ଫଳରେ ଜନଜୀବନ ଉପରେ ତାର ପ୍ରଭାବ ପଡ଼ିଛି । ଗଙ୍ଗାଧର ଭଲଗୁଣକୁ ଗ୍ରହଣ କରି ମନ୍ଦକୁ ତ୍ୟାଗ କରିବାକୁ ଉତ୍କଳ ଭାରତୀଙ୍କ କଣ୍ଠରେ ଉପଦେଶ ଦେଇଛନ୍ତି 'ପାଇଥିଲେ ଦିଅ ବିଲାତି ପ୍ରସୂନ, ଥାଏ ଯଦି ତହିଁ କିଛି ସୌରଭ ସୌରଭ ନଥିଲେ, କାନ୍ତିରେ ନିଉନ, ନଥିଲେ ବଢ଼ିବ ସିନା ଗୌରବ' । ଏବଂ

ଆବର୍ଜନା ହୀନ, କର ମୋ ସଦନ, କର ଆବଶ୍ୟକ ଜୀର୍ଣ୍ଣ ସଂସ୍କାର
ମାନ୍ୟଧର୍ମ ରଖି, କର ବିଚରଣ, ନକର ମୋପୁରେ ଯଥେଚ୍ଛାଚାର ।

ଏ ଆବର୍ଜନା ଇଂରେଜୀ ଭାଷାର ଆବର୍ଜନା ଏବଂ ଯଥେଚ୍ଛାଚାର ଓଡ଼ିଆ ଭାଷାରେ ଇଂରାଜୀର ମିଶ୍ରଣ । ସେ ଆମର ଲୁପ୍ତ ରତ୍ନର ଉଦ୍ଧାର, ଜାତୀୟ ମୌଳିକତାର ସଂରକ୍ଷଣ ଇତ୍ୟାଦି ଉପରେ ଯୋର ଦେଇଛନ୍ତି ଏବଂ ଓଡ଼ିଆମାନଙ୍କୁ କର୍ମବୀର ହେବାପାଇଁ ଆହ୍ୱାନ କରିଛନ୍ତି । ବୁକର୍ ଓ୍ୱାସିଂଟନ୍‌ଙ୍କ ଭାଷାରେ- "No nation can prosper till it learns that there is as much dignity in tilling the field as in writing a poem."

କବି ଗଙ୍ଗାଧରଙ୍କ ଭାଷାରେ -

ଜାତିଯାଏ ଯେ ଦେଶେ ଧଇଲେ ଲଙ୍ଗଳ

Digitized by PPRACHIN, SOA

ଭିକମାଗି ଖାଇବା ଜୀବନ ସମ୍ବଳ
ସେ ଦେଶରେ ଯଦ୍ୟପି ବର୍ଷିଇ ଅମୃତ
ଆଉ କେଉଁ ଦେଶରେ ମାନବେ ରହିବେ ଜୀବନ୍ମୃତହେ... ।'

ସେ ଥିଲେ ଏକାଧାରରେ ସ୍ରଷ୍ଟା, ସୈନିକ, ସଂସ୍କାରକ ଏବଂ ଶିକ୍ଷକ । ସେ ଥିଲେ ନିରହଂକାର, ସରଳ, ନିରାଡ଼ମ୍ବର ଓ ନିର୍ଭୀକ । କବି ସମ୍ରାଟ ସେକ୍ସପିୟରଙ୍କ ଭାଷାରେ-

The poet's eye in a fine frenzy rolling
Doth glance from heaven to earth
And from earth to heaven.

ଗଙ୍ଗାଧର ଥିଲେ ଏହିପରି କ୍ରାନ୍ତିଦର୍ଶୀ କବି । ମନୁଷ୍ୟ ଜୀବନରେ ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ଶିକ୍ଷା ନିରବଚ୍ଛିନ୍ନ ଭାବେ ଲାଗି ରହିବା ଉଚିତ୍ । ତେଣୁ ଶିକ୍ଷାଭିମାନ ପରିତ୍ୟାଗ କରି ଜୀବନସାରା ଶିକ୍ଷା ଲାଭ କରିବା କର୍ତ୍ତବ୍ୟ । ସର୍ବଦା ସତ୍ୟ ଓ ନ୍ୟାୟ ପଥରେ ଚାଲି ସେହିପଥରେ ସମାଜକୁ ଚଳାଇବା ପାଇଁ ସେ ବିକଳତା ପ୍ରକାଶ କରିଥିଲେ ।

ଏତଦ୍‌ଭିନ୍ନ କବିଙ୍କର ବୈପ୍ଳବିକ ବାଣୀ ତାଙ୍କ କାବ୍ୟକବିତାର ପ୍ରତି ଛତ୍ରେ ଛତ୍ରେ ଅନୁରଣିତ । ଇଂରେଜି ରାଜତ୍ୱ କାଳରେ କଳୁଷିତ ଶାସକ ଗୋଷ୍ଠୀ ବିରୁଦ୍ଧରେ ସେ ବିଦ୍ରୂପବାଣୀ ଶୁଣାଇଛନ୍ତି । ଏକଛତ୍ର ଶାସନର ବିରୋଧ ଏବଂ ଗଣତନ୍ତ୍ର ଶାସନର ପ୍ରଶସ୍ତି ଗାନ କରିଛନ୍ତି । History of Oriya Literature ଲେଖକ ମାୟାଧର ମାନସିଂ ଗଙ୍ଗାଧରଙ୍କ ନିର୍ଭୟଚିତ୍ତତା ଓ ସଂସ୍କାରପ୍ରେମୀ ମନୋଭାବ ସମ୍ବନ୍ଧରେ କହନ୍ତି, 'Inspite of his poor circumstances he protested against and satirised contemporary wrongs and tyranies of officers of foreign government with a fearlessness found in men of real genius. ସଳିତା ପରି ଜଳି ଜଳି ଅନ୍ୟକୁ ଆଲୋକ ଦେବାରେ ଯେଉଁ ପ୍ରଚେଷ୍ଟା ସେ କରିଛନ୍ତି ତାହା ସର୍ବଦା ଅନୁସରଣୀୟ ।

ସାହିତ୍ୟ ସୃଷ୍ଟିରେ ଅନନ୍ୟ : ଉପର୍ଯ୍ୟୁକ୍ତ ସମସ୍ତ ଗୁଣ ସହିତ ପାଠକକୁ ସବୁଠାରୁ ବେଶୀ ଆକୃଷ୍ଟକରେ ଗଙ୍ଗାଧରଙ୍କର ଅନବଦ୍ୟ ସୃଷ୍ଟି । ପ୍ରଥମତଃ ତାଙ୍କର ଉପମା ମାଳା- ଏଥିରେ ପାରମ୍ପରିକ ରୀତିରୁ ଭିନ୍ନ ଭାବେ ଯେଉଁ ଉପମାବଳୀ ସେ ସନ୍ନିବିଷ୍ଟ କଲେ ତାହା ତାଙ୍କର ନିର୍ଭୀକତା ବା ସାହସର (courage) ପରିଚାୟକ । ଯେପରି ଇନ୍ଦୁମତୀ କାବ୍ୟରେ ଇନ୍ଦୁମତୀଙ୍କ ମୃତ୍ୟୁକୁ ବିଶ୍ୱାସ ନକରି ଅଜ ତାଙ୍କ ଶରୀର ସ୍ପର୍ଶ କରିବା ସମୟରେ-

ସମସ୍ତମେ ଉରେ କର ପକାଇଲେ ଲାଗିଲା ଅତି ଶୀତଳ
ଅନାବୃତ୍ତ ସ୍ଥାନେ ଥିଲେ ଯଥା ଶୀତ ନିଶାନ୍ତେ ହିମ ଶାବଳ ।

ଅତି ଶୀତଳ ପଦାର୍ଥକୁ ଶୀତପାହାନ୍ତାରେ ଶାବଳର ସ୍ପର୍ଶାନୁଭୂତି ସହ ତୁଳନା କରିବା ଏକ ଅନନ୍ୟ ଉପମା ଓ ପାରମ୍ପରିକତାର ବାହାରେ ।

Digitized by PPRACHIN, SOA

ପ୍ରଣୟବଲ୍ଲରୀରେ ଶକୁନ୍ତଳାଙ୍କ ଉପରେ ନ୍ୟସ୍ତ କଠିନ କର୍ମକୁ ଲତାଉହାଡ଼ରୁ ଦେଖି ଦୁଷ୍ମନ୍ତଙ୍କ ମନରେ ଯେ ଭାବର ଉଦ୍ରେକ ହୋଇଛି ତାହା ଗଙ୍ଗାଧରଙ୍କ ଲେଖନୀ ମୁନରେ ଏକ ଅନନ୍ୟରୂପ ନେଇଛି । -

ଏ କଠିନ କର୍ମ ଦେଲେ କୁମାରୀକୁ ମୁନି କି ବିଚାରିମନେ
ପାଟ ଦଉଡ଼ିକୁ ଲଗାଇଅଛନ୍ତି କାନନ ଗଜ ବନ୍ଧନେ
ଏବଂ
ତପୋବନେ ଏକା ଅସମ୍ଭବକଥା ଜଗତେ ସମ୍ଭବିପାରେ
ଶମୀ ତରୁ ଏହା କାଟୁଛନ୍ତି ମୁନି ନୀଳୋତ୍ପଳ ଜଳଧାରେ ।'

କଠିନ କର୍ମମାନ କାନନ ଗଜ ଓ ଶକୁନ୍ତଳା ପାଟଦଉଡ଼ି- ପୁଣି ଉକ୍ତ କର୍ମମାନ କଠିନ ଶମୀତରୁ ଓ ଶକୁନ୍ତଳା ନିଳୋତ୍ପଳ ଜଳଧାର । ଏ ପ୍ରକାର ଉପମା କବିଙ୍କର ସାହସିକତାର ପରିଚୟ ଦିଏ ।

ପ୍ରକୃତିରେ ମାନବୀୟ ଗୁଣ (Personification) :

ଇଂରେଜ କବି ୱାର୍ଡସୱାର୍ଥଙ୍କ ପରି ପ୍ରକୃତିରେ ମାନବୀୟ ଗୁଣ ଓଡିଆ ସାହିତ୍ୟରେ ସର୍ବ ପ୍ରଥମେ ଗଙ୍ଗାଧର ହିଁ ସ୍ଥାପନ କରିଛନ୍ତି । ପ୍ରକୃତିରେ ଚେତନ ବ୍ୟକ୍ତିତ୍ୱର ଆରୋପ କରନ୍ତି ନୂତନ ଭାବରେ । ତପସ୍ୱିନୀ ଓ ପ୍ରଣୟ ବଲ୍ଲରୀର ଛତ୍ରେଛତ୍ରେ ସୀତା ଓ ଶକୁନ୍ତଳାଙ୍କୁ ପ୍ରକୃତି ସମବେଦନା ଜ୍ଞାପନ କରିଛି । ବର୍ଣ୍ଣନାରେ ତାଙ୍କର ଲାଳିତ୍ୟ ଅଛି ମାତ୍ର ପାଣ୍ଡିତ୍ୟ ପ୍ରଦର୍ଶୀ ମନୋଭାବ ନାହିଁ । ତେଣୁ ତାଙ୍କ ରଚନା ପାଠକମାନଙ୍କ ନିକଟରେ ଉପଭୋଗ୍ୟ ।

ସୀତା ସରଯୂକୂଳରେ ସଜ୍ଞାହୀନ ହୋଇ ପଡିଥିବା ବେଳେ ନିୟତି ସହ ପ୍ରକୃତି ସମର କରୁଅଛି ।

କରିବାକୁ ନିୟତିର ସହିତ ସମର
ତୃଣରାଜ ଖଡ୍ଗକରେ ଗର୍ଜିଲା ପ୍ରଖର
ବାୟାବସା ତୁଣୀରକୁ ଝାଡି ବାରମ୍ବାର
ପତ୍ର କଙ୍କପତ୍ର କଲା କି ଅବା ବାହାର
ଭରିକି ସୀସକ ଗୁଳି ତରଙ୍ଗର ତୋପେ
ନିୟତିକି ଭାଗିରଥୀ ପ୍ରହାରିଲା କୋପେ. ଇତ୍ୟାଦି (ତପସ୍ୱିନୀ)

ଏବଂ ବାଲ୍ମିକୀ ଆଶ୍ରମରେ ଉଷାଦେବୀ ସୀତାଙ୍କର ନିଦ୍ରାଭଙ୍ଗ କରୁଛନ୍ତି ।

ସମୀର ସଙ୍ଗୀତ ଗାଏ ଭ୍ରମର ବୀଣା ବଜାଏ
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ
- କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବପାଠ

Digitized by PPRACHIN, SOA

କଳିଙ୍ଗ ଅଇଲା ପାଟ ମାଗଧ ବେଶେ
ଲଳିତ ମଧୁରେ କହିଲା
ଉଠ ସତୀ ରାଜରାଣୀ ରାତି ପାହିଲା

ଶକୁନ୍ତଳାଙ୍କ ସହ ପ୍ରୀତି ମିଳନ ହେବାପରେ ଦୁଷ୍ମନ୍ତଙ୍କ ଭାବନାରେ

ଯେଉଁ ଡାଳେ ବସି ଶୁକ କରୁଥିଲା ତାପସ ସମ ଭାଷଣ
ଦମ୍ପତିର ଭାଗ୍ୟ ବର୍ଣ୍ଣୁଛି କପୋତ ସେ ଡାଳେ କରି ଆସନ (ପ୍ରଣୟ ବଲ୍ଲରୀ)

ଏପରିଭାବରେ ଗଙ୍ଗାଧରଙ୍କ କାବ୍ୟର ପ୍ରତି ଛତ୍ରେ ଛତ୍ରେ ମାନବୀୟ ଗୁଣର ପ୍ରକୃତିଠାରେ ଆରୋପ ପାଠକେ ପାଇ ପାରିବେ ।

ନାରୀମାନଙ୍କ ପାଇଁ ଗଙ୍ଗାଧର ଏତେ ସମ୍ବେଦନ ଶୀଳ ଯେ ସେ ନାରୀ ଚରିତ୍ର ଗୁଡିକୁ ମାନବୀ କରି ନ ରଖି ସେମାନଙ୍କୁ ଦେବକନ୍ୟା ଭାବେ ଦେଖିଛନ୍ତି । ବାଲ୍ମିକୀଙ୍କ ସୀତା ହେଉଛନ୍ତି 'ସ୍ୱର୍ଗପୁରୁଁ କେଉଁ ଦେବୀ କି ସଦ୍ୟ ଶାପର ଫଳେ; ସ୍ୱଦେହରେ ଖସି ପଡିଛି ଆସି ଅବନୀ ତଳେ ।'

କିମ୍ୱା କରକା ପରାୟେ କରୁଣା କିବା ସ୍ୱର୍ଗରୁ ଗଳି
ପର ଦୁଃଖେ ତାପେ କ୍ରମଶଃ ଭବେ ଯାଉଛି ଚଳି
ଯେ ଆଦର୍ଶ ମାନବୀ ନୁହନ୍ତି - ଅତିମାନବୀ

ରସ ଓ ଅଳଙ୍କାର : କବି ପ୍ରାଚୀନ ଓ ନବୀନର ସନ୍ଧିସ୍ଥଳରେ ଦଣ୍ଡାୟମାନ ହୋଇଥିବାରୁ କାବ୍ୟରେ ଅଳଙ୍କାରକୁ ଉପେକ୍ଷା କରି ପାରିନାହାନ୍ତି ବରଂ ତାଙ୍କ କାବ୍ୟ କବିତାର ଶ୍ରୀବୃଦ୍ଧି ଘଟିଛି ନାନା ଅଳଙ୍କାଳ ଦ୍ୱାରା

ଉପମା :- ସାଗର ସମୂହେ ଯଥା କ୍ଷୀରାର୍ଣ୍ଣବ
ବୃନ୍ଦାରକ ବୃନ୍ଦେ ଯେମନ୍ତ ବାସବ
ଅବା ହିମାଚଳ ସମୁଚ୍ଚ ଶିଖର
ମଣ୍ଡଳେ ଯେସନେ ଗଉରୀଶଙ୍କର

ଯମକ :- ସୁଧାକଣ କାହୁଁ ପାଇବି ତାପରା ଥାଏ ପୂର୍ଣ୍ଣ ଶଶଧରେ
ସେତ ସକଳଙ୍କ ପୂର୍ଣ୍ଣ ଅଛି ସୁଧା ଅକଳଙ୍କ ତୋ ଅଧରେ

ଶ୍ଳେଷ:- ପାଣିଗ୍ରହଣରୁ ବୁଝିଅଛୁ ବୋଲି ସ୍ୱଭାବେ ତୁମ୍ଭେ ଉଦାର
ବାହୁଲ୍ୟମାତର କହୁଅଛୁ ଆମ୍ଭେ ମୁନିକନ୍ୟା ହେଉଦାର

ଏହିପରି ସ୍ୱଭାବୋକ୍ତି, ବକ୍ରୋକ୍ତି, ଉତ୍‌ପ୍ରେକ୍ଷାଦି ଅଳଙ୍କାରରେ ଗଙ୍ଗାଧର ସାହିତ୍ୟ ଭରପୁର ।

Digitized by PPRACHIN, SOA

ରସ : ଯତ୍ର ମନସ୍ତତ୍ରୋ ଭାବଃ, ଯତ୍ର ଭାବୋତତ୍ର ରସଃ - (ଅଭିନୟ ଦର୍ପଣ)

ସାହିତ୍ୟରେ ରସ ନଅ ପ୍ରକାର ଯଥା - ଶୃଙ୍ଗାର, ବୀର, କରୁଣ, ହାସ୍ୟ, ବିଭତ୍ସ, ଅଦ୍ଭୁତ, ରୌଦ୍ର, ଭୟାନକ ଓ ଶାନ୍ତ, ଆନନ୍ଦ ବର୍ଦ୍ଧନ ସ୍ତୋତ୍ରାନୁସାରେ ରସୋଦ୍ରେକହିଁ କବିର ଏକମାତ୍ର ଉଦ୍ଦେଶ୍ୟ, ରସେ ସାରଶ୍ଚମତ୍କାର ସର୍ବତ୍ରାପ୍ୟନୁଭୂୟତେ ।

ସାହିତ୍ୟ ଯଦି ଏକ ସୁନ୍ଦର ମନୁଷ୍ୟ ହୁଏ ତେବେ ରସ ହେଉଛି ତାର ପ୍ରାଣ ।

ପ୍ରାଚୀନ କବିମାନେ ଶୃଙ୍ଗାର ରସକୁ ପ୍ରଧାନ୍ୟ ଦେଉଥିଲେ । ଗଙ୍ଗାଧରଙ୍କ କାବ୍ୟ କବିତାରେ ଶୃଙ୍ଗାର ରସ ଥିଲେ ମଧ୍ୟ ତହିଁରେ କରୁଣ ରସ ପ୍ରାଧାନ୍ୟ ଲାଭ କରିଛି । ରସରତ୍ନାକରରେ ବାରମ୍ବାର ରସ ପରିବେଷଣର ସ୍ୱର ଉଠାଇ ଗଙ୍ଗାଧର କହନ୍ତି-

ରସଯୁକ୍ତ ପଦ ହେଉ ବୁଧ ଚିତ୍ତହର । ରସିକ ବୁଧ ନିକର ରସେ ଚିତ୍ତ ଦତ୍ତ କର ।

ରାଜା ଅଜଙ୍କର ପତ୍ନୀବିରହଜ୍ୱାଳା, ଦୁଷ୍ମନ୍ତଙ୍କର ଅନୁତାପ, ରାମଙ୍କ ବନଗମନରେ ନଗରବାସୀଙ୍କ ଦୁଃଖ ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଅଛି । ଏତଦ୍ ବ୍ୟତୀତ ବାତ୍ସଲ୍ୟ, ବୀର ଓ ଶାନ୍ତରସର ସୂକ୍ଷ୍ମ ଅବତାରଣା ମଧ୍ୟ କାବ୍ୟ କବିତା ମାନଙ୍କରେ ପରିଦୃଷ୍ଟ ।

ଓଡିଶା ଓ ଓଡିଆ ଭାଷାର ଐତିହାସିକ ପୃଷ୍ଠଭୂମି - ବ୍ରିଟୀଶ ସରକାରଙ୍କର ସାନ୍ଧ୍ୟ ଆଇନ ଦ୍ୱାରା ଯେଉଁ ଜମିଦାରମାନେ ନିର୍ଦ୍ଦିଷ୍ଟ ଦିବସରେ ଜମା ପୈଠ କରିପାରୁନଥିଲେ ସେହିଦିନ ସନ୍ଧ୍ୟାରେ କଲିକତା ଠାରେ ସେ ଜମିଦାରୀ ନିଲାମ କରି ଦିଆଯାଉଥିଲା । ତାର ସୁଯୋଗ ନେଇ ବହୁ ବଙ୍ଗାଳି ବ୍ୟକ୍ତି ଓଡିଶାରେ ଜମିଦାରୀ ଖର୍ଦ୍ଦି କରି ବାଲେଶ୍ୱର କଟକ ଓ ପୁରୀ ଜିଲ୍ଲାମାନଙ୍କରେ ବସବାସ କରିବାକୁ ଲାଗିଲେ । ଊନବିଂଶ ଶତାବ୍ଦୀର ତୃତୀୟ ଦଶକରେ ଇଂରେଜ ଢାଞ୍ଚାରେ ସ୍କୁଲ କଲେଜ ଖୋଲିବାରୁ ବହୁ ବଂଗୀୟ ଶିକ୍ଷିତ ବ୍ୟକ୍ତି ଓଡିଶାରେ ଉଚ୍ଚ ଅଫିସର ତଥା କିରାଣି ଚାକିରୀ କରି ଓଡିଶାକୁ ଆସିଲେ । ଓଡିଶାର ମୁଷ୍ଟିମେୟ ସ୍କୁଲ କଲେଜରେ ଅନେକ ଛାତ୍ର ଓ ଅଧ୍ୟାପକ ବଙ୍ଗାଳୀ ଥିଲେ । ଓଡିଆ ଭାଷରେ ପାଠ୍ୟ ପୁସ୍ତକର ଅଭାବ ଥିଲା । ଏହି ସୁଯୋଗରେ 'ଓଡିୟା ଏକ ସ୍ୱତନ୍ତ୍ର ଭାଷାନଏ' ବୋଲି କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ସମେତ ବହୁ କୁଚକ୍ରୀ ଆସ୍ଫାଳନ କଲେ । ମାତ୍ର ବାଲେଶ୍ୱରର କଲେକ୍ଟର ଜନ୍ ବୀମ୍ସ ଓଡିଆ ଭାଷା ବହୁ ପ୍ରାଚୀନ ବୋଲି ମତ ଦେଇ ଓଡିଆମାନଙ୍କୁ ଉତ୍ସାହିତ କଲେ । ପାଠ୍ୟ ପୁସ୍ତକ ରଚନାରେ ପ୍ୟାରୀମୋହନ ଆଚାର୍ଯ୍ୟ, ମଧୁସୂଦନ ରାଓ ଇତ୍ୟାଦି ଲାଗିପଡିଲେ । ସେହି ସମୟରେ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାପାଇଁ ଯେଉଁମାନେ ବଦ୍ଧପରିକର ହୋଇ ଆଗଭର ହେଲେ, ସେମାନେ ହେଲେ ରାଧାନାଥ ରାୟ, ମଧୁସୂଦନ ରାଓ, ନନ୍ଦକିଶୋର ବଳ(କଟକ) ଫକୀର ମୋହନ ସେନାପତି (ବାଲେଶ୍ୱର) ଏବଂ ଗଙ୍ଗାଧର ମେହେର (ସମ୍ବଲପୁର) ଇତ୍ୟାଦି । ଏମାନେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରି ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଆସନକୁ ସୁଦୃଢ଼ କଲେ ।

Digitized by PPRACHIN, SOA

ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଭୂମିକା : ଏହିଠାରେ ଗୋଟିଏ ପ୍ରଧାନ ବିଷୟ ଅବତାରଣା କରିବା ସମୀଚିନ ହେବା ଗଙ୍ଗାଧରଙ୍କର ଏ ଭୂମିକା ସମ୍ବନ୍ଧରେ ବହୁବ୍ୟକ୍ତି ଅବଗତ ନୁହନ୍ତି । ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ୧୯୦୩ ମସିହାରୁ ଗଠିତ ଉତ୍କଳ ସମ୍ମିଳନୀରେ ଗଙ୍ଗାଧରଙ୍କର ଏକ ପ୍ରଧାନ ଭୂମିକା ଥିଲା । ସମ୍ମିଳନୀର ବିଭିନ୍ନ ବୈଠକରେ ଯୋଗଦାନକରି ତାଙ୍କର ସୁଚିନ୍ତିତ ମତାମତ ଦେବା ସହିତ ତତ୍ ସମ୍ବନ୍ଧୀୟ ରଚନାମାନ ପ୍ରକାଶ କରିଥିଲେ । ବିଶେଷ ଲକ୍ଷ୍ୟ କରିବା ବିଷୟ ହେଲା କେଉଁ କେଉଁ ଅଞ୍ଚଳ ବଙ୍ଗଳା, ବିହାର, ମଧ୍ୟପ୍ରଦେଶ ଓ ଆନ୍ଧ୍ରରୁ ଓଡ଼ିଶା ସହିତ ମିଶିବ ସେଥିପାଇଁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନିଯୁକ୍ତ ଓଡ଼ନେଲ କମିଟି ନାନା ଗେଜେଟିୟର୍, ରିପୋର୍ଟ, ସାକ୍ଷ୍ୟ ପ୍ରମାଣ ଇତ୍ୟାଦି ସଂଗ୍ରହ କରିଥିଲେ । ପଦ୍ମପୁର ଓ ଖଡ଼ିଆଳ ଅଞ୍ଚଳରୁ ତଥ୍ୟ ସଂଗ୍ରହ ସମୟରେ ସେଠାକାର ଓଡ଼ିଆ ଲେଖକ ଗଙ୍ଗାଧରଙ୍କର ଓଡ଼ିଆ ସାହିତ୍ୟ କୃତିମାନ ଦେଖି ସେ ସମସ୍ତ ଅଞ୍ଚଳ ମଧ୍ୟପ୍ରଦେଶରୁ ଆଣି ଓଡ଼ିଶାରେ ମିଶାଇଲେ । ତେଣୁ ଗଙ୍ଗାଧରଙ୍କ ଏ କ୍ଷେତ୍ରରେ ଭୂମିକା ବିଶେଷ ପ୍ରଣିଧାନ ଯୋଗ୍ୟ । ଗଙ୍ଗାଧରଙ୍କର ଏ ଭୂମିକା ପାଇଁ ତାଙ୍କ ସାହିତ୍ୟ କୃତି ହିଁ ଦାୟୀ ।

ଉପସଂହାର : ମହତ ଜନ୍ମଇ ହୀନଗର୍ଭେ ଏହା ଭବେନୁହେଁ ଅସମ୍ଭବ, ପଙ୍କରୁ କମଳ, ଶୁକ୍ତିରୁ ମୌକ୍ତିକ ହୁଅଇ ସଦା ସମ୍ଭବ ।'

ଗଙ୍ଗାଧରଙ୍କର ଏହି ଉକ୍ତି ତାଙ୍କ ନିଜପାଇଁ ପ୍ରଯୁଜ୍ୟ । ଓଡ଼ିଶାର ସୁଦୂର ପଶ୍ଚିମାଞ୍ଚଳ ସମ୍ବଲପୁରର କେଉଁ ଏକ ଅଖ୍ୟାତପଲ୍ଲୀ ବରପାଲିରେ ଏକ ନିସ୍ୱ ଭୁଲିଆ ପରିବାରରେ ଯେ ଏପରି ଏକ ରତ୍ନର ସମ୍ଭବ ହେବ, ଏହା କିଏ ଜାଣିଥିଲା ? ଏହି ସ୍ୱଳ୍ପ ଶିକ୍ଷିତ, ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ ସ୍ୱକୀୟ ମୌଳିକ ବୃତ୍ତି ସହିତ ନିଜସ୍ୱ ସାଧନାଦ୍ୱାରା ଉତ୍କଳମାତାର ମୁଖ ଯେପରି ଉଜ୍ଜଳ କରିଯାଇଛନ୍ତି ଓଡ଼ିଆ ଜାତି ବଞ୍ଚିଥିବା ପର୍ଯ୍ୟନ୍ତ ତାହା ଭୁଲି ପାରିବ ନାହିଁ । ତେଣୁ ପଶ୍ଚିମ ଓଡ଼ିଶାରେ ଗୋଟିଏ ପ୍ରବାଦ ପ୍ରଚଳିତ, 'ମେହେର୍ ବାଗେର୍‌କବି, ନରସିଂହ ନାଥ ଛବି, ଏ କବି ଚିରନ୍ତନ ସାହିତ୍ୟର ସ୍ରଷ୍ଟା । 'ଚିରନ୍ତନ ସ୍ରଷ୍ଟା ରଙ୍ଗାଜୀବ ରଙ୍ଗାଧର, ଘେନ ଢେଙ୍କାନାଳୁଁ ବସନ୍ତର ନମସ୍କାର ।''

(ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମ୍ମିଳନୀରେ ପଠିତ)

Digitized by PPRACHIN, SOA

ଅନନ୍ୟ ପ୍ରତିଭାଧାରୀ - ଶଶୀକଳା ଦେବୀ

ବିଭିନ୍ନ ପରିବେଶରେ, ବିଭିନ୍ନ ପରିସ୍ଥିତିରେ ଓ ଭିନ୍ନ ଭିନ୍ନ ଭାବଧାରା ତଥା ଚିନ୍ତାଧାରା ନେଇ କବି, ଲେଖକ ଓ ସ୍ରଷ୍ଟା ତାର ସାହିତ୍ୟ ସୃଷ୍ଟି କରେ । ଶୁଦ୍ର ମୁନି ସାରଳା ଦାସ ନିଭୃତରେ ନିମଗ୍ନ ହୋଇ ବସି ତାଙ୍କର ସ୍ୱକୀୟ ଚିନ୍ତାଧାରା ଦ୍ୱାରା ମହାଭାରତ ଲେଖିଲେ ଓଡିଆରେ । ନାନା ଘାତ, ପ୍ରତିଘାତ, ଆଲୋଚନା, ସମାଲୋଚନାକୁ ଭ୍ରୂକ୍ଷେପ ନ କରି ଜଗନ୍ନାଥ ଦାସ ଲେଖିଗଲେ ଓଡିଆ ଭାଗବତ । ଉପେନ୍ଦ୍ର ଭଞ୍ଜ ରାଜପୁତ୍ର, ମଧୁମୟ ସୃଷ୍ଟିକୁ ତାଙ୍କ ରଚନାବଳୀ ମଧ୍ୟରେ ସେ ମାଧୁରିମାର ଚରମ ସୀମାରେ ପହଞ୍ଚାଇବାପାଇଁ ଚେଷ୍ଟିତ ହେଲେ । କବିସୂର୍ଯ୍ୟ ବଳଦେବ ଓ ବ୍ରଜନାଥ ବଡଜେନା ଇତ୍ୟାଦି ଦାରିଦ୍ର୍ୟ ଭଞ୍ଜନ ପାଇଁ ରାଜାମାନଙ୍କ ନାମରେ ସେମାନଙ୍କର ଲେଖାକୁ ଭଣତି କଲେ । ତତ୍‌କାଳୀନ ସାମାଜିକ ସ୍ଥିତି ସହ ତାଳଦେଇ ଲେଖକ, ନାଟ୍ୟକାର, କଳାକାର ଇତ୍ୟାଦି ରାଜାନୁଗ୍ରହ ପାଇବା ନିମିତ୍ତ ଲାଳାୟିତ ଥିଲେ । ସ୍ୱଭାବ କବି ଗଙ୍ଗାଧର ସ୍ୱଳ୍ପ ଶିକ୍ଷିତ ହୋଇ ମଧ୍ୟ ଓଡିଆ ବାଣୀଭଣ୍ଡାରକୁ ଯେଉଁ ମହତ ଦାନ ଦେଇ ଯାଇଛନ୍ତି, ସେଥିପାଇଁ ତାଙ୍କ ନାମ କାଳ କାଳ ଧରି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ । ଏପରି ଭାବେ ଦେଖିଲେ କବି ରାଧାନାଥଙ୍କ ଭାଷାରେ -

ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ଶାରଦା
ଦାରିଦ୍ର୍ୟ ମୋହର ସଙ୍ଗୀ ହେଲା ସଦା

ଉକ୍ତିର ଯଥାର୍ଥ୍ୟ ଉପଲବ୍ଧ ହୁଏ । ଲକ୍ଷ୍ମୀଙ୍କର ପୁତ୍ରମାନେ ହେଲେ ପ୍ରକାଶକ ଗୋଷ୍ଠୀ ଯେଉଁମାନେ ଲେଖକ ଠାରୁ ଫାଇଦା ଉଠାଇ ଅର୍ଥ ଉପାର୍ଜନରେ ବ୍ୟସ୍ତ । ଲେଖକ ବିଚରା ସରସ୍ୱତୀ ପୁତ୍ର- ସର୍ବଦା ଦରିଦ୍ର ।

ଶଶୀକଳା ଦେବୀଙ୍କ ପ୍ରଥମ କାବ୍ୟ 'ତୁଳସୀ କାବ୍ୟ' । ହିନ୍ଦୁ ଧର୍ମରେ ବହୁ ବୈଜ୍ଞାନିକ ତଥ୍ୟ ଓ ତତ୍ତ୍ୱ ନିହିତ । ପୃଥିବୀ ପୃଷ୍ଠସ୍ଥ ପ୍ରତ୍ୟେକ ଉଦ୍ଭିଦର କୌଣସି ନା କୌଣସି ଔଷଧୀୟ ଗୁଣ ଅଛି । ମାତ୍ର ଅଗଣିତ ଉଦ୍ଭିଦଙ୍କ ମଧ୍ୟରେ ତୁଳସୀ ସର୍ବଶ୍ରେଷ୍ଠ । ତେଣୁ ପ୍ରତ୍ୟେକଙ୍କ ଗୃହରେ ତୁଳସୀ ଚଉରା ନିଶ୍ଚୟ ରହିବ ଏବଂ ସକାଳ ଓ ସନ୍ଧ୍ୟାରେ ତୁଳସୀରେ ଜଳ ଓ ଧୂପଦୀପ ଦେଇ ତାଙ୍କୁ ପ୍ରଣାମ କରାଯିବ । ତାର ପବିତ୍ରତା ଗୁଣ ମଧ୍ୟ ବହୁତ । ଏବେ ଔଷଧ ଜଗତରେ ତାର ନାମ କରଣ 'ଓସିସମ୍ ସାଙ୍କଟମ୍' ଦିଆଯାଇଛି । ତୁଳସୀର ସ୍ନାନ, ପତ୍ର ଚୟନ ଏବଂ ପ୍ରାର୍ଥନା ମନ୍ତ୍ରମାନ ମଧ୍ୟ ରହିଛି । ଶଶୀକଳା ଦେବୀ ଗ୍ରନ୍ଥ ଆରମ୍ଭରେ ସେ ସମସ୍ତ ଲିପିବଦ୍ଧ କରିଛନ୍ତି ।

Digitized by PPRACHIN, SOA

ସତ୍ୟେ ସତ୍ୟବତୀ ଚୈବ ତ୍ରେତୟାଂ ମାଳତୀ ତଥା,
ଦ୍ୱାପରେ ଅବତୀର୍ଣ୍ଣାସି ବୃନ୍ଦାତ୍ୱଂତୁଳସୀ କଳୌ ।

ଯୁଗ ଯୁଗ ଧରି ଯେ ତୁଳସୀରେ ପବିତ୍ରତା ଏବଂ ଔଷଧୀୟ ଗୁଣ ବିଦ୍ୟମାନ ଏହା ଆବିଷ୍କୃତ ହୋଇଅଛି ।

କାବ୍ୟ ଆରମ୍ଭରେ କବି ଶ୍ରୀକୃଷ୍ଣ ସରସ୍ୱତୀଙ୍କ ବନ୍ଦନା ପରେ କାବ୍ୟ ମଧ୍ୟକୁ ପ୍ରବେଶ କରିଛନ୍ତି । କାବ୍ୟର ବିଷୟ ବସ୍ତୁ ବିଭିନ୍ନ ପୁରାଣରୁ ସଂଗୃହୀତ । ଶ୍ରୀକୃଷ୍ଣ ନରକଳେବର ଧରି ତ୍ରିପୁରାଙ୍କ ବରରେ ନାରୀ ରୂପଧରି ଗୋଲକ ମଣ୍ଡଳରେ ନିତ୍ୟରାସ ଦର୍ଶନ ପାଇଁ ଗମନ କରିଥିଲେ । ମାତ୍ର ନରଲୋକ ଆସିଥିବାରୁ ଶାପଗ୍ରସ୍ତ ହୋଇ ତ୍ରିପୁରା ବୃନ୍ଦାବତୀ ଏବଂ କୃଷ୍ଣ ମଧୁଦୈତ୍ୟ ଔରସରେ ମଥୁରାରେ ଜନ୍ମିଥିଲେ । ବୃନ୍ଦାବତୀ ସ୍ୱଂୟମ୍ବରବେଳେ ମୟଦୈତ୍ୟର ମୂର୍ତ୍ତିରେ ବରଣମାଳା ଦେବାରୁ ମୟ ଏବଂ ଅନ୍ୟରାଜାମାନଙ୍କ ମଧ୍ୟରେ ଭୀଷଣ ସମର ହୋଇ ମୟ ସମସ୍ତଙ୍କୁ ପରାଜିତ କଲା । ଶେଷରେ ଶିବ ମୟକୁ ବିନାଶ କରନ୍ତେ ବୃନ୍ଦାବତୀ ଆଦି ରାଣୀମାନେ ଅଗ୍ନିରେ ଝାସ ଦେଲେ । ବୃନ୍ଦାବତୀ ସ୍ୱର୍ଗରେ ଏକ ବୃକ୍ଷରୂପରେ ପ୍ରକାଶିତ ହେଲେ । ତାଙ୍କରି ନାମ ତୁଳସୀ ହେଲା । ଏ ହେଲା ସ୍ଥୂଳତଃ ତୁଳସୀ କାବ୍ୟର ବିଷୟବସ୍ତୁ ।

କବୟିତ୍ରୀଙ୍କର ଆତ୍ମିକ ସାଙ୍ଗକୁ ଆଙ୍ଗିକ ବର୍ଣ୍ଣନା ମଧ୍ୟ ଲକ୍ଷଣୀୟ । ପ୍ରତ୍ୟେକ ଛାନ୍ଦ ଭିନ୍ନ ଭିନ୍ନ ରାଗ ଆଧାରିତ, ଯଥା - କାମୋଦୀ, ଚୋଖୀ, ଆନନ୍ଦ ଭୈରବ, ରସକଲ୍ଲୋଳ, ବିଭାସ କେଦାର, ଚକ୍ରକେଳି, ଆଶାବରୀ, ପଟ୍ଟ ମଞ୍ଜରୀ ଇତ୍ୟାଦି । ତାଙ୍କର ପ୍ରତ୍ୟେକ କାବ୍ୟରେ ଏପରି ଭିନ୍ନ ଭିନ୍ନ ରାଗରେ ଛାନ୍ଦମାନ ରଚିତ । ଭାଷାର ଲାଳିତ୍ୟ ମଧ୍ୟ ରକ୍ଷା କରାଯାଇଅଛି ଯଦିଓ ରୀତି ଯୁଗୀୟ ପଦ୍ଧତିକୁ ସେ ଅନୁସରଣ କରିଛନ୍ତି । ଏ ପରି କତିପୟ ଉଦାହରଣ

ବିଶ୍ୱସୁକ ହୋଇ ବିନ୍ଧାଣୀ କରି ଏକତ୍ୱ ମନ
ବ୍ରହ୍ମାଣ୍ଡ ମଞ୍ଜୁଳ ମଞ୍ଜୁଷା ମଧ୍ୟେ କରି ଯତନ ।(ଟମ ଛାନ୍ଦ/୧୨)

ପ୍ରକୃତି ବର୍ଣ୍ଣନାରେ

ଏଥୁଅନ୍ତେ ଶୁଣରସ ଶରତ କାଳ ପ୍ରବେଶ
ବିଶେଷେ ପୂର୍ଣ୍ଣିମା ଦୃଶ୍ୟ ମଞ୍ଜୁଳ ଅତି
ଗୋଧୂଳି ସମୟ ଶେଷ, ଚନ୍ଦ୍ର ଉଦେ ପୂର୍ବାକାଶ
ମିହିର ବାରୁଣୀ ଦେଶ ରଙ୍ଗିମା ଜ୍ୟୋତି;
ପୂର୍ବାକାଶ ରଜତ ମୟ ।
ପ୍ରତୀତ ସନ୍ଧ୍ୟାରାଣୀର ବିଭାସମୟ (୨୧/୧)

Digitized by PPRACHIN, SOA

ତୁଳସୀକାବ୍ୟଟି ହାଫକ୍ରାଉନରେ (Half crown) ୧୭୬ ପୃଷ୍ଠା ଏବଂ କବୟତ୍ରୀଙ୍କର ସମସ୍ତ କାବ୍ୟ ମଧ୍ୟରେ କ୍ଷୁଦ୍ରତମ । ତାଙ୍କର ମହାଲକ୍ଷ୍ମୀ କାବ୍ୟ ଡିମାଇ ଆଠପେଜ୍‌ରେ ଚାରିଶହ ଚଉରାଳିଶି ପୃଷ୍ଠା ବ୍ୟାପି ଏବଂ ରାଧା ଦାମୋଦର କାବ୍ୟ (ତା ଠାରୁ ବଡ ବଡ଼େଇ) ତିନିଶହ କୋଡ଼ିଏ ପୃଷ୍ଠା ସମ୍ବଳିତ । ଏତଦ୍ ବ୍ୟତୀତ କ୍ଷୁଦ୍ରତର ରଚନାବଳୀ 'ଭଜନ ସାର' ଏବଂ କାର୍ତ୍ତିକ ବ୍ରତ ବା ବାଲୁଙ୍କା ପୂଜା ମଧ୍ୟ ପ୍ରକାଶିତ । ବିମଳା କାବ୍ୟର ପ୍ରକାଶନ ପାଇଁ ଏ ଲେଖକ ୧୯୯୬ ମସିହାରୁ ଓଡ଼ିଶା ସାହିତ୍ୟ ଏକାଡେମୀକୁ ତାର ଜେରକ୍ସ ନକଲ ଦାନ କରିଅଛି । ତତ୍ ପରବର୍ତ୍ତୀ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇ ଯାଇଅଛି ।

ଅନ୍ୟାନ୍ୟ ଗ୍ରନ୍ଥ ସମୀକ୍ଷା ପୂର୍ବରୁ ତାଙ୍କର ଜୀବନୀ ସମ୍ବନ୍ଧରେ କିୟଦ୍ ଆଲୋକ ପାତ କରିବା ସମୀଚୀନ ହେବ । ୧୯୨୨ ଡିସେମ୍ବର ୩୧ରେ ଜାତ ଏହି କବୟତ୍ରୀଙ୍କର ଦୁଇଟି କନ୍ୟା ଏବଂ ଗୋଟିଏ ପୁତ୍ର ସନ୍ତାନର ଜନ୍ମପରେ ତାଙ୍କ ପତି ଉମେଶ ଚନ୍ଦ୍ର ମିଶ୍ର, ସା: ଲୋକନାଥ ପୁର, ଅନୁଗୁଳ ସ୍ୱର୍ଗାରୋହଣ କଲେ । ସେମାନଙ୍କର ପ୍ରତିପାଳନ ପାଇଁ ସେ ଗ୍ରାମ ସେବିକା ଟ୍ରେନିଂ ନେଇ ଚାକିରୀ ଆରମ୍ଭ କଲେ । ତାଙ୍କର ସ୍ୱଚ୍ଛ ରୋଜଗାରରେ ସେ ଦୁଇ କନ୍ୟା ଏବଂ ପୁତ୍ରଙ୍କର ବିବାହ ସମ୍ପନ୍ନ କଲେ । କେବଳ ସେତିକି ନୁହେଁ ଢେଙ୍କାନାଳର ଚାଇଁପୁର ଗ୍ରାମରେ ଏକ ଗୃହ ଏବଂ ଢେଙ୍କାନାଳ ସହରସ୍ଥ କୁଞ୍ଜକାନ୍ତଠାରେ ଜାଗା କିଣି ଅନ୍ୟ ଏକ ଗୃହ ନିର୍ମାଣ କରି ଉତ୍ତର ଜୀବନ ସେହିଠାରେ କଟାଇବା ପାଇଁ ନିଷ୍ପତ୍ତି କଲେ । ମାତ୍ର ତାଙ୍କର ଉତ୍ତର ଜୀବନ ବହୁ କାରୁଣ୍ୟ ଭରା, ତାଙ୍କର ପୁତ୍ର, ପୁତ୍ରବଧୂ ତଥା ପୌତ୍ର ପୌତ୍ରୀ ମାନଙ୍କର ବହୁ ନିର୍ଯ୍ୟାତନାର ଶିକାର ହୋଇ ବହୁ କାରୁଣ୍ୟ ମଧ୍ୟରେ ଶେଷ ଜୀବନ ଯାପନ କରି ୧୯୯୭ ରେ ଇହଲୀଳା ସମ୍ବରଣ କଲେ । ଜଞ୍ଜାଳଗ୍ରସ୍ତ ଜୀବନରେ ମଧ୍ୟ ଦିବସର ସମସ୍ତ କ୍ଳାନ୍ତି ସତ୍ତ୍ୱେ ରାତ୍ରିର ଅର୍ଦ୍ଧଭାଗ ପର୍ଯ୍ୟନ୍ତ ଉଜାଗର ରହି ଦୀପାଲୋକରେ ତାଙ୍କର ସମସ୍ତ ସାହିତ୍ୟ ସାଧନାରେ ରତ ଥିଲେ ଯାହାର ଫଳ ସ୍ୱରୂପ ଆଜି ଅଗଣିତ ଓଡ଼ିଆ ପାଠକଙ୍କର ଦୃଷ୍ଟିକୁ ଏ କାବ୍ୟମାନ ଆସିଅଛି । କୌଣସି ପ୍ରକାଶକଙ୍କର ଅପେକ୍ଷା ନ ରଖି ନିଜସ୍ୱ ଅର୍ଥରେ ସେ ସମସ୍ତ କାବ୍ୟର ପ୍ରକାଶନ କରିଅଛନ୍ତି ।

ଶ୍ରୀମତୀ ଶଶୀକଳାଙ୍କର ଦ୍ୱିତୀୟ ସର୍ବ ବୃହତ୍ କାବ୍ୟ ହେଉଛି 'ମହାଲକ୍ଷ୍ମୀ କାବ୍ୟ' । ଏହି କାବ୍ୟର ମୁଖ୍ୟ ଚରିତ୍ର ଲକ୍ଷ୍ମୀ ଓ ନୃସିଂହ । ଜୟଦେବଙ୍କ ବର୍ଣ୍ଣନାର ନୃସିଂହ ଅବତାର ଏ ନୃସିଂହ ନୁହନ୍ତି । ବିପ୍ର ପୀତାମ୍ବର ଦାସଙ୍କ ନୃସିଂହ ପୁରାଣରୁ ଶ୍ରୀମତୀ ମିଶ୍ର କାବ୍ୟର ଉପାଦାନ ସଂଗ୍ରହ କରିଛନ୍ତି । ତେଣୁ ଏ ନୃସିଂହ ମୁର ଏବଂ ଦାରୁଣ ନାମକ ଦୈତ୍ୟ ଦୁଇ ଭାଇଙ୍କୁ ସଂହାର କରିଛନ୍ତି ଏବଂ ନୃସିଂହ ଲକ୍ଷ୍ମୀଙ୍କୁ ବିବାହ କରିଛନ୍ତି, ମୁରକୁ ମାରି ସେ ମୁରାରୀ ବୋଲାଇଛନ୍ତି । ଚଉତ୍ରିଶଟି ଛାନ୍ଦରେ ରଚିତ ଏହି ବିରାଟ କାବ୍ୟରେ ଲକ୍ଷ୍ମୀଙ୍କର

Digitized by PPRACHIN, SOA

ଜନ୍ମ, ବାଳଲୀଳା ଓ ଯୌବନ ପ୍ରାପ୍ତି, ନୃସିଂହ ଓ ଶେଷ ଦେବଙ୍କ ଜନ୍ମ ଓ ଲୀଳା, ମୁର ଦାରୁଣ ଜନ୍ମ, ଲକ୍ଷ୍ମୀ ସ୍ୱୟଂମ୍ବର, ମୁର ଦାରୁଣଙ୍କ ସହ ଯୁଦ୍ଧ ଏବଂ ସେମାନଙ୍କର ବିନାଶ ଓ ଶେଷରେ ନୃସିଂହଙ୍କର ସ୍ୱର୍ଗ ଗମନ ବର୍ଣ୍ଣିତ । ଏ କାବ୍ୟରେ ମଧ ଶଶୀକଳା ଦେବୀ ଲିଖନ ଶୈଳୀରେ ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ବିଦଗ୍ଧ ଚିନ୍ତାମଣିର ଅନୁସରଣ କରିଅଛନ୍ତି । ଶଙ୍କରାଭରଣ, ରସକୁଲ୍ୟା, ବଙ୍ଗଳାଶ୍ରୀ, ଚୋଖି, ଚକ୍ରକେଳି, ଆଷାଢ ଶୁକ୍ଳ ଆଦି ରାଗର ଆଶ୍ରୟରେ ଗ୍ରନ୍ଥ ରଚିତ ହୋଇଅଛି । କାବ୍ୟରେ କେତେକ ସ୍ଥଳରେ ଅତି ରଞ୍ଜନ ଏବଂ ପୁନରାବୃତ୍ତି ଥିଲେ ମଧ ସମଗ୍ର କାବ୍ୟଟି ସୁଖପାଠ୍ୟ । ଏ ଗ୍ରନ୍ଥରେ ମହାଲକ୍ଷ୍ମୀଙ୍କର ଷୋଡଶ ଉପଚାର ପୂଜାବିଧି ମଧ ସନ୍ନିହିତ (ପ୍ରାରମ୍ଭରେ) ଯେଉଁଥିରେ ଶଶୀକଳା ଦେବୀଙ୍କ ସ୍ୱକୀୟ ରଚନା ସମ୍ବଳିତ । ଏ କାବ୍ୟରେ ମଧ ଅନେକ ପ୍ରକୃତି ବର୍ଣ୍ଣନା ସହିତ ଲକ୍ଷ୍ମୀଙ୍କର ଆଭୂଷଣ ପାଇଁ କବୟତ୍ରୀ ରସକୁଲ୍ୟା ରାଗରେ ସାତଟି ପଦ ରଚନା କରିଛନ୍ତି । ତହିଁରୁ ଗୋଟିଏ ପ୍ରଦତ୍ତ ହେଲା:-

କଲେ ନୟନେ ଅଞ୍ଜନ ରଞ୍ଜନ
ସରାଳାଞ୍ଜି ମୁନିଙ୍କ ଧୈର୍ଯ୍ୟ ଗଞ୍ଜନ
ନାସାରେ ଖଞ୍ଜିଲେ ସ୍ୱର୍ଣ୍ଣ ମୌକ୍ତିକ
ତାରକା ତୁଲ୍ୟ ଦିଶେ ଜକଜକ
ବେନି କର୍ଣ୍ଣେ କର୍ଣ୍ଣ ଫୁଲ ।
ସୁବର୍ଣ୍ଣ ଖଚିତ, ପେଣ୍ଡୀ ଦୋଳାୟିତ, ଶୋଭାଚାରୁ ଗଣ୍ଡସ୍ଥଳ ।(୨୦)

ଏ ପଂକ୍ତିରେ ଞ୍ଜ, ନା ଓ କ ଇତ୍ୟାଦିର ଅନୁପ୍ରାସ ଲକ୍ଷଣୀୟ । ଏପରି ବହୁ ଅଳଙ୍କାର ତାଙ୍କ କାବ୍ୟରେ ସୁସ୍ପଷ୍ଟ । ପ୍ରକୃତି ବର୍ଣ୍ଣନାରେ ବର୍ଷାକାଳର ବର୍ଣ୍ଣନା କାମୋଦରାଗରେ-

ମୁଷଳ ଧାରେ ଜଳ, ବର୍ଷା ହୋଇ ପ୍ରବଳ, ତପତ ଧରା କରେ ଶାନ୍ତି
ନବ ନବ ଉପମା, ଅଙ୍ଗେ ରାଜେ ସୁଷମା, ମହୀମହୀଜା ରମ୍ୟକାନ୍ତି ।
ହେ ସୁଜ୍ଞଜନ, ବନ ମୁଦିର ଦିବ୍ୟ ଜ୍ୟୋତି, ଦର୍ଶନେ ବିହ୍ୱଳିତ ମତି
ସୁନ୍ଦର ଘନରସ, ସେଚନରେ ଅବଶ, ଶସ୍ୟ ରୋମାଳି ଉପୂଜନ୍ତି ।·
(୨୬୨)

ଶେଷରେ ରାଧା ଦାମୋଦର କାବ୍ୟ ସମ୍ବନ୍ଧରେ କିଛି କହି ଏ ପ୍ରବନ୍ଧର ଉପସଂହାର କରିବି । ରାଧା ଦାମୋଦର କାବ୍ୟରେ ରାଧା ଓ ଦାମୋରଦରଙ୍କର ଜନ୍ମ, ଶରତ ଓ ବସନ୍ତ ରାସ ଏବଂ ବିବାହ ଏବଂ ବୈକୁଣ୍ଠ ଗମନ ପରେ ରାଜା ଇନ୍ଦ୍ରଦ୍ୟୁମ୍ନ ଗୁହାରି କରି ବାଙ୍କି ମୁହାଣରୁ ଦାରୁ ପାଇ ଜଗନ୍ନାଥ ବଳଭଦ୍ର, ସୁଭଦ୍ରା ମୂର୍ତ୍ତି ସ୍ଥାପନ ଶ୍ରୀଗୁଣ୍ଡିଚାଙ୍କ

Digitized by PPRACHIN, SOA

ବରରୁ ଶ୍ରୀଗୁଣ୍ଡିଚା ଯାତ୍ରା ଆରମ୍ଭ । ଏହିଠାରେ ଗ୍ରନ୍ଥ ଶେଷ ହୋଇଅଛି । ଏହି ଗ୍ରନ୍ଥରେ ଦୀନକୃଷ୍ଣ ଦାସଙ୍କର ରସ ବିନୋଦ ଏବଂ ଦେଉଳ ତୋଳା ଓ ଅନ୍ୟ କେତେକ ଜନଶ୍ରୁତିରୁ ଉପାଦାନ ସଂଗ୍ରହ କରିଛନ୍ତି । ତାଙ୍କ ରଚିତ ପ୍ରତ୍ୟେକ କାବ୍ୟ ଏକ ସ୍ୱତନ୍ତ୍ର ସମୀକ୍ଷାର ଅପେକ୍ଷା ରଖେ । ଶଶୀକଳାଙ୍କ ସମ୍ବନ୍ଧରେ ଏ ପ୍ରବନ୍ଧ ଅସମ୍ପୂର୍ଣ୍ଣ ପରି ଲାଗେ । ବାରାନ୍ତରେ ଏହାର ବିସ୍ତୃତ ଆଲୋଚନା ପାଇଁ ଅଭିପ୍ସା ରହିଲା ।

ଓଡିଶାର ନାରୀକବି ମାନଙ୍କ ମଧ୍ୟରେ ଯେପରି କୁନ୍ତଳା କୁମାରୀ ଏକ ସ୍ୱତନ୍ତ୍ର ଆସନ ଦାବି କରନ୍ତି, ଢେଙ୍କାନାଳର ନାରୀ କବିମାନଙ୍କ ମଧ୍ୟରେ ସେପରି ଶ୍ରୀମତୀ ଶଶୀକଳା ମିଶ୍ର ଏକ ସ୍ୱତନ୍ତ୍ର ଆସନର ଅଧିକାରୀଣୀ । ସୁଲକ୍ଷଣା ଦେବୀଙ୍କ ରଚନା ଅପେକ୍ଷା ବହୁ ଗୁଣାତ୍ମକ ଏବଂ ଆଧ୍ୟାତ୍ମିକ ଚିନ୍ତାଧାରା ବିଶିଷ୍ଟ ବିରାଟ କାବ୍ୟ ଢେଙ୍କାନାଳରେ ଅନ୍ୟକେହି ରଚନା କରିଥିବା ମନେ ହୁଏ ନାହିଁ । ବୈଷ୍ଣବ ଗ୍ରନ୍ଥାବଳୀ ବିଷୟ ଏ ପ୍ରସଙ୍ଗରେ ଉତ୍‌ଥାପନ କରାଯାଇ ପାରେ । ଇତି ମଧ୍ୟରେ ଢେଙ୍କାନାଳର ଯେତେ ବ୍ୟକ୍ତି ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନା ପାଇଛନ୍ତି ସେମାନଙ୍କ ମଧ୍ୟରୁ କେହି ଶଶିକଳାଙ୍କ ସମକକ୍ଷ ନୁହଁନ୍ତି ଏହା ଅକୁଣ୍ଠ ଭାବେ ସ୍ୱୀକାର କରିବାକୁ ପଡିବ । ତାଙ୍କ ପାଇଁ କହିବାକୁ କେହି ନଥିଲେ । ଆଜି କାଲି ଲବି ଯୁଗରେ ଶଶିକଳା ସେ ସମ୍ମାନରୁ ବାଦ ପଡିଗଲେ, ଏହା ହେଉଛି ଏକ ବିଡମ୍ବନା । ଏହି ମହିୟସୀ ମହିଳାଙ୍କର ଚରଣତଳେ ଶତକୋଟି ପ୍ରଣାମ ଜଣାଇ ଏ ପ୍ରବନ୍ଧକୁ ଶେଷ କରୁଅଛି ।

(ଢେଙ୍କାନାଳ ମହୋତ୍ସବ-୨୦୦୧)

❖❖❖

Digitized by PPRACHIN, SOA

ଔଷଧର ଗବେଷକ, ବିପ୍ଳବୀ ଓ ସଂସ୍କାରକ
ମହାତ୍ମା ହାନିମ୍ୟାନ୍

ଜୀବ ସୃଷ୍ଟିକାଳରୁ ରୋଗର ସୃଷ୍ଟି, ରୋଗର ନିରାକରଣ ପାଇଁ ଔଷଧର ମଧ୍ୟ ସୃଷ୍ଟି । ଈଶ୍ୱର ବିଶ୍ୱରେ ପ୍ରଭୂତ ବନସ୍ପତି ତଥା ଗୁଳ୍ମ, ଦୂବ, ଲତା ଇତ୍ୟାଦି ଔଷଧ ତିଆରି ପାଇଁ ଆମକୁ ଦେଇଛନ୍ତି, ତତ୍ ସହିତ ନାନା ଖଣିଜ ପଦାର୍ଥ ଯଥା ସୁନା, ରୂପା, ତମ୍ବା, ଅଭ୍ର, ଲୁହା, ଜିଙ୍କ, ପ୍ଲାଟିନମ୍ ଇତ୍ୟାଦିର ରୋଗ ନିରାକରଣ ପାଇଁ ଯଥେଷ୍ଟ ଅବଦାନ ରହିଅଛି । ସର୍ବୋପରି ବିଭିନ୍ନ ଜନ୍ତୁଙ୍କର ରକ୍ତ, ପୂଜ, ଲାଳ ଇତ୍ୟାଦିରୁ ମଧ୍ୟ ଆରୋଗ୍ୟ ନିମିତ୍ତ ଉପାଦାନ ମିଳେ । ସେଥିପାଇଁ ଶାନ୍ତି ମନ୍ତ୍ର ପାଠ କଲାବେଳେ ଆମର ପୂର୍ବଜ ମୁନିଋଷିଗଣ ଓଁ ଦ୍ୟୋଃ ଶାନ୍ତି, ଆପଃ ଶାନ୍ତି, ପୃଥିବୀ ଶାନ୍ତିଃ, ଅନ୍ତରୀକ୍ଷ ଶାନ୍ତିଃ, ବିଶ୍ୱେଦେବା ଶାନ୍ତି, ବନସ୍ପତୟ ଶାନ୍ତିଃ, ଔଷଧୟଃ ଶାନ୍ତିଃ, ବ୍ରହ୍ମମ୍ ଶାନ୍ତିଃ, ସର୍ବଂଶାନ୍ତି, ଶାନ୍ତିରେବଶାନ୍ତିଃ, ସା ମାଂ ଶାନ୍ତିରେଧି । ଧନ୍ୱନ୍ତରୀ ସୃଷ୍ଟିର ସର୍ବପ୍ରଥମ ବୈଦ୍ୟ ଯେ କି ଆୟୁର୍ବେଦ ସୂଚନା କରି ମାନବ ଶରୀରସ୍ଥ ବିଭିନ୍ନ ନାଡ଼ୀ, ଶିରା, ପ୍ରଶିରା, ରକ୍ତ, ହାଡ଼ ଇତ୍ୟାଦିର ନିର୍ଣ୍ଣୟ କରି ବିଭିନ୍ନ ରୋଗର ନିଦାନ ନିର୍ଣ୍ଣୟ କରିଥିଲେ । ପରବର୍ତ୍ତୀ କାଳରେ ଅସ୍ତ୍ର ଚିକିତ୍ସା, ଶଲ୍ୟ ଚିକିତ୍ସା ଇତ୍ୟାଦିକୁ ଚରକ ଓ ଶୁଶ୍ରୁତ ଇତ୍ୟାଦି ମୁନିଗଣ ବହୁଭାବେ ଗବେଷଣା କରି ସଂହିତାମାନ ପ୍ରଣୟନ କଲେ । ମାନବ ଶରୀରସ୍ଥ ବିଭିନ୍ନ କୋଷ, ନାଡ଼ି, ଧାତୁ, ସମସ୍ତ ସାମ୍ଭାବ୍ୟ ରୋଗ ଓ ସେମାନଙ୍କର ପ୍ରତିଷେଧ ତଥା ଚିକିତ୍ସାର ସୂତ୍ର ବତାଇ ଯାଇଛନ୍ତି । ଏପରିକି ବର୍ତ୍ତମାନର ସବୁଠାରୁ ମାରାତ୍ମକ ରୋଗ କ୍ୟାନ୍ସର ଓ ଏଡ୍‌ସ ପରି ବେମାରିର ନିରାକରଣ ପାଇଁ ମଧ୍ୟ ସେଥିରେ ବ୍ୟବସ୍ଥା ଅଛି । ଏତଦ୍‌ବ୍ୟତୀତ ସୂଚୀ ଚିକିତ୍ସା ବା ଆକ୍ୟୁପଙ୍କଚର୍ ପ୍ରକ୍ରିୟା ସମ୍ବନ୍ଧରେ ମଧ୍ୟ ତହିଁରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସନ୍ନିବିଷ୍ଟ । ପ୍ଲାଷ୍ଟିକ୍ ସର୍ଜରୀର ଜନ୍ମଦାତା ବୋଲି ମହର୍ଷି ଶୁଶ୍ରୁତଙ୍କୁ କୁହାଯାଏ । ଅଶ୍ୱିନୀକୁମାର ଭ୍ରାତୃଦ୍ୱୟ ଓ ତାଙ୍କର ଗୁରୁ ଦଧିଚୀଙ୍କର ନାମ ସର୍ବବିଦିତ । ଭାରତରେ ପ୍ରଥମ ଅଙ୍ଗରୋପଣ ଗଣେଶଙ୍କ ଠାରେ ଓ ପରେ ଦଧିଚୀ, ଦକ୍ଷ ପ୍ରଜାପତିଙ୍କ ଠାରେ ପ୍ରମାଣିତ ।

ଧନ୍ୱନ୍ତରୀଙ୍କ ଆବିଷ୍କୃତ ଆୟୁର୍ବେଦ ଅନୁସରଣରେ ଭାରତବର୍ଷରେ ଅନେକ କବିରାଜଙ୍କ ସୃଷ୍ଟି ହୋଇଅଛି ଏବଂ ସେମାନେ ମଧ୍ୟେ ମଧ୍ୟେ ଆୟୁର୍ବିଜ୍ଞାନକୁ ଅନ୍ୟାନ୍ୟ ଦେଶମାନଙ୍କରେ ପ୍ରଚାର ଓ ପ୍ରସାର କରିଛନ୍ତି । ପୃଥିବୀ ସଂସ୍କୃତିକୁ ଭାରତର ଅବଦାନ ଅତୁଳନୀୟ । ବିଜ୍ଞାନ, ଔଷଧ, ଗଣିତ, ଜ୍ୟୋତିଷ, ଦର୍ଶନ ଇତ୍ୟାଦି ବହୁକ୍ଷେତ୍ରରେ ଭାରତ ହିଁ ମାନବ ସଂସ୍କୃତିକୁ ବହୁଧା, ଉନ୍ନତତର କରିଅଛି । ଆୟୁର୍ବିଜ୍ଞାନ ସମ୍ବନ୍ଧରେ

Digitized by PPRACHIN, SOA

ଭାରତର ପୃଥିବୀ ସଂସ୍କୃତିକୁ ଅବଦାନ ସମ୍ପର୍କରେ ଏଠାରେ ଗୋଟିଏ ଉଦାହରଣ ଦେଲେ ଅପ୍ରାସଙ୍ଗିକ ହେବନାହିଁ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକର କଥା । ଅଲକ୍ଷେନ୍ଦ୍ର (ଆଲେକ୍‌ଜାଣ୍ଡାର୍) ପୃଥିବୀଜୟ କରି କରି ପହଞ୍ଚିଛନ୍ତି ଭାରତବର୍ଷରେ । ଉତ୍ତର ପଶ୍ଚିମ ସୀମାନ୍ତବର୍ତ୍ତୀ ପୁରୁରାଜ୍ୟ ପ୍ରଥମେ ଆକ୍ରମଣ କରିଛନ୍ତି । ଯୁଦ୍ଧକ୍ଷେତ୍ରରେ ତାଙ୍କର ଆହତ ସୈନିକମାନଙ୍କୁ 'ଥିରିପୁତ୍ତ' ନାମକ ବୃଦ୍ଧ କବିରାଜ ଆରୋଗ୍ୟ ପ୍ରଦାନ କରନ୍ତି । ଅଲକ୍ଷେନ୍ଦ୍ର ଅନୁସନ୍ଧାନ କରି ଥିରିପୁତ୍ତଙ୍କ ଇଦୃଶ ଆଚରଣରେ ସ୍ତମ୍ଭୀଭୂତ ଏବଂ ଅଭିଭୂତ ହୋଇପଡ଼ି ତାଙ୍କର ଦର୍ଶନ ପାଇଁ ବ୍ୟାକୁଳ ହୁଅନ୍ତି । ଥିରିପୁତ୍ତଙ୍କୁ ତାଙ୍କର ପ୍ରଥମ ପ୍ରଶ୍ନ, 'ଆପଣ ଶତ୍ରୁସୈନ୍ୟଙ୍କୁ କିପରି ଆରୋଗ୍ୟ ପ୍ରଦାନ କରୁଛନ୍ତି', ଥିରିପୁତ୍ତଙ୍କର ଉତ୍ତର, 'ଶତ୍ରୁ, ମିତ୍ର ଭେଦଭାବ ମୋର ନାହିଁ । ମୋ ନିକଟକୁ ଚିକିତ୍ସା ପାଇଁ ଯେ ଆସେ ସେ ମୋର ରୋଗୀ । ମୋର ରୋଗୀ ସମସ୍ତେ ମୋର ମିତ୍ର । ସେ ଶତ୍ରୁ ହୋଇପାରେନା । ତୁମ୍ଭର ଏ ଅବାନ୍ତର ପ୍ରଶ୍ନ କାହିଁକି ?' ଅଲକ୍ଷେନ୍ଦ୍ର ଆହୁରି ଚକିତ, ସ୍ତମ୍ଭୀଭୂତ, କିଂକର୍ତ୍ତବ୍ୟ ବିମୂଢ଼ । ଭାରତର ଭାବନା, ଭାରତୀୟର ମାନସିକତା ତଥା 'ବସୁଧୈବ କୁଟୁମ୍ବକମ୍' ବାଣୀ ତାଙ୍କ କର୍ଣ୍ଣକୁହରରେ ନିନାଦିତ ହୋଇଛି । ସେ କ୍ଷଣକ ପାଇଁ ବିଶ୍ୱକୁ ମଧୁମୟ ରୂପରେ ଦେଖିଛନ୍ତି । ଭୁଲି ଯାଇଛନ୍ତି ଭାରତ ଆଗମନର ଉଦ୍ଦେଶ୍ୟ- ପୃଥିବୀ ଜୟ କରିବାର ଅଭିପ୍ସା । ବିହ୍ୱଳିତ କଣ୍ଠରେ କବିରାଜଙ୍କ ଚରଣତଳେ ପଡ଼ି ଅନୁନୟ କରିଛନ୍ତି, 'ମହାତ୍ମା', ମୋ ଦେଶର ଜନତାକୁ ଆପଣଙ୍କର ଏ ବିଦ୍ୟା ଶିଖାଇପାରିଲେ ମୁଁ ଧନ୍ୟ ହେବି । ଥିରିପୁତ୍ତ (ଭାରତୀୟ)ଙ୍କର କଲ୍ୟାଣ କେବଳ କେତେଜଣ ଶତ୍ରୁସୈନ୍ୟଙ୍କୁ ଆରୋଗ୍ୟ କରିବାରେ ନଥିଲା- ସେ ଉଦାରତା କେତେ ବିଶାଳ ତାହା ତାଙ୍କ ସମ୍ମତିରୁ ଜଣାଗଲା । ମାତ୍ର ଗୋଟିଏ ସର୍ତ୍ତ ବ୍ୟକ୍ତକଲେ ଋଷିପ୍ରତିମ ଥିରିପୁତ୍ତ । ତାଙ୍କର ଶୁକ୍ଳଶ୍ମଶ୍ରୁ ଏବଂ ଉଜ୍ଜ୍ୱଳ ଦୀପ୍ତ ନୟନ ଯୁଗଳରୁ ଶାନ୍ତିର ଆଲୋକ ବିଚ୍ଛୁରିତ ହେଉଥିଲା । ସମସ୍ତ ସର୍ତ୍ତମାନି ନେବାକୁ ଅଲକ୍ଷେନ୍ଦ୍ର ପ୍ରସ୍ତୁତ । ଏକ ସର୍ତ୍ତ କାହିଁକି, ଆପଣଙ୍କର ଏକଶତ ସର୍ତ୍ତ ମାନିନେବାକୁ ମୁଁ ପ୍ରସ୍ତୁତ । ଋଷିବର ସର୍ତ୍ତାରୋପ କଲେ । 'ତୁମ୍ଭେ ଯୁଦ୍ଧ ନିମିତ୍ତ ଆଉ ଅଗ୍ରସର ହେବନାହିଁ । ଏହି ସ୍ଥାନରୁ ପ୍ରତ୍ୟାବର୍ତ୍ତନ କଲେ ମୁଁ ତୁମ୍ଭ ସହ ଯାତ୍ରା ପାଇଁ ସମ୍ମତି ଦାନ କରିବି । 'ଯଥା ଆଜ୍ଞା, ଆପଣଙ୍କ ସର୍ତ୍ତ, ସର୍ତ୍ତନୁହେଁ, ଏହାକୁ ଆଜ୍ଞାରୂପେ ଗ୍ରହଣ କରି ଏ ଦାସ ତାହା ପାଳନ କରିବାକୁ ପ୍ରସ୍ତୁତ । ଆପଣଙ୍କର ଆଧ୍ୟାତ୍ମିକତାର ପ୍ରଭାବ ମୋ ହୃଦୟକୁ ସମ୍ପୂର୍ଣ୍ଣରୂପେ ବଦଳାଇ ଦେଇଛି । ମୁଁ ଏବେ ନରହନ୍ତା ନହୋଇ ଜନକଲ୍ୟାଣରେ ବ୍ରତୀ ହେବାପାଇଁ ସ୍ଥିର ନିଶ୍ଚିତ । ପ୍ରତ୍ୟାବର୍ତ୍ତନର ସମସ୍ତ ଆୟୋଜନ କରି ଆପଣଙ୍କ ସହିତ ମୁଁ ଗ୍ରୀସ୍‌କୁ ଫେରିଯିବାକୁ ଚାହେଁ । ଚାଲିଲେ ଅଲକ୍ଷେନ୍ଦ୍ର, ସେନାପତି ସେଲ୍ୟୁକସ୍, ସୈନିକଗଣ ଓ ସର୍ବୋପରି ଥିରିପୁତ୍ତଙ୍କୁ ସଙ୍ଗରେ ଧରି । ବାଟରେ ବେବିଲୋନିଆଠାରେ ଅଲକ୍ଷେନ୍ଦ୍ର ପ୍ରାଣତ୍ୟାଗ ଗଲେ । ଥିରିପୁତ୍ତ କିନ୍ତୁ ସେଲ୍ୟୁକସ୍‌ଙ୍କ ସହିତ

Digitized by PPRACHIN, SOA

ଗ୍ରୀସ୍‌ଦେଶକୁ ଯାଇ ସେଠାରେ ଆୟୁର୍ବିଜ୍ଞାନ ଶିକ୍ଷାଦେଲେ । ସେତେବେଳ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଦେଶରେ ରୋଗ ଓ ତାର ପ୍ରତିକାର ସମ୍ବନ୍ଧରେ ବିଶେଷ ଧାରଣା ନଥିଲା । ବିଶ୍ୱ ସଂସ୍କୃତିକୁ ଭାରତର (ଥିରିପୁତ୍ତଙ୍କର) ଏ ଅତୁଳନୀୟ ଦାନ ବିଶ୍ୱ ସ୍ୱୀକାର କଲା ଥିରିପୁତ୍ତଙ୍କ ନାମାନୁସାରେ ଏହାର ନାମ 'ଥେରାପ୍ଟିକ୍ସ (Therapeutics) ରଖି ।

ପାଶ୍ଚାତ୍ୟ ଜଗତରେ ଆୟୁର୍ବିଜ୍ଞାନ ବହୁ ଶତାବ୍ଦୀ ଧରି କୁସଂସ୍କାରାଚ୍ଛନ୍ନ ତିମିର ମଧ୍ୟରୁ ରେନାସାଁ ଯୁଗପର୍ଯ୍ୟନ୍ତ ଚାଲିଆସିଥିଲା । ରେନାସାଁ ସମୟରେ (୧୮ଶ ଶତାବ୍ଦୀ) ତାର୍କିକ ଭାବନା ଓ ପୁଙ୍ଖାନୁପୁଙ୍ଖ ପର୍ଯ୍ୟବେକ୍ଷଣ ଆରମ୍ଭ ହୁଏ । ପରେ ଊନବିଂଶ ଶତାବ୍ଦୀରେ ଅଧୁନାତନ ବୈଜ୍ଞାନିକ ପ୍ରଣାଳୀରେ ଚିକିତ୍ସା କ୍ଷେତ୍ରରେ ପ୍ରୟୋଗାତ୍ମକ ଧାରା ଆବିଷ୍କୃତ ହୁଏ ଯାହା ଅଦ୍ୟାବଧି ହୋଇ ଆସୁଅଛି । ଚିକିତ୍ସା ଇତିହାସରେ ଆମ୍ଭେମାନେ ଚାରିଜଣ ଖ୍ୟାତନାମା ଭେଷଜଜ୍ଞଙ୍କ ନାମ ସ୍ମରଣ କରୁ । (୧) ହିପୋକ୍ରେଟସ୍ - ସେ ଔଷଧ ବ୍ୟବହାରରେ (Clinical Observation) ରୋଗ ପର୍ଯ୍ୟବେକ୍ଷଣ ଆରମ୍ଭ କରନ୍ତି । (୨) ଗ୍ୟାଲେନ୍ - ହିପୋକ୍ରେଟସ୍‌ଙ୍କ ଶିକ୍ଷାକୁ ଶୃଙ୍ଖଳିତ ଭାବରେ ବିସ୍ତାର କରନ୍ତି । (୩) ପାରାସେଲ୍ସସ୍ - ଔଷଧର ବ୍ୟବହାରରେ ରାସାୟନିକ ଓ ଶାରୀରିକ ବିଶ୍ଳେଷଣ ଆରମ୍ଭ କରନ୍ତି ଏବଂ (୪) ହାନିମ୍ୟାନ୍ - ଯେକି ପର୍ଯ୍ୟବେକ୍ଷକ, ଆନ୍ଦୋଳନକାରୀ, ସଂସ୍କାରକ ଏବଂ ଜଣେ ଯୋଦ୍ଧା ଥିଲେ । ସାଧାରଣ ତଥାକଥିତ ଆଧୁନିକ ବିଜ୍ଞାନ ସମ୍ମତ ଔଷଧର ବିବର୍ତ୍ତନ ବଦଳରେ ତହିଁରେ ଥିବା କେତେକ ମୌଳିକ ଭାବଧାରାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ (ବିଷୟବସ୍ତୁ ଓ ବ୍ୟାପକତା ଦିଗରେ) ମନୁଷ୍ୟ ଏବଂ ଔଷଧୀୟ କାର୍ଯ୍ୟକାରିତାର ସାମୁହିକ ଓ ବ୍ୟକ୍ତିଗତ ବିଚାରର ପ୍ରୟୋଗ କଲେ । ଶାରୀରିକ ସମସ୍ୟାବଳୀର ଅଧ୍ୟୟନ ନିମିତ୍ତ ଯଥେଷ୍ଟ ପ୍ରୟୋଗ ନଥିବା ସାମୟିକ ଭାବନାଗୁଡ଼ିକ ପରିତ୍ୟାଗ କଲେ । ପରିମାଣାତ୍ମକ, ବିଶ୍ଳେଷଣାତ୍ମକ ଗବେଷଣା ପଦ୍ଧତି ପରିବର୍ତ୍ତେ ଗୁଣାତ୍ମକ, ସର୍ବସାଧାରଣ ନିରୀକ୍ଷାପ୍ରଣାଳୀ ବ୍ୟବହାର କଲେ । ଆଧୁନିକ ପ୍ରଭାବଶାଳୀ ଭେଷଜ ଭାବଧାରା, ତା'ରି ଉପରେ ପର୍ଯ୍ୟବସିତ ।

ମହାତ୍ମା ହାନିମ୍ୟାନ୍ ନିଜେ ଜଣେ ଏଲୋପାଥ୍ ଥିଲେ । ସେ ଦେଖୁଥିଲେ ଯେ ୧୭/୧୮ ଶତାବ୍ଦୀରେ ଡ଼ାକ୍ତରମାନେ ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ପରି ଆର୍‌ଗାନିଜିମ୍‌କୁ (ଜୀବତତ୍ତ୍ୱ) ମେକାନିକ୍ସରେ ପରିଣତ କଲେ ଏବଂ ନାନା ପ୍ରକାର ଯନ୍ତ୍ରଣାଦାୟକ ପ୍ରଣାଳୀ ଅନୁସରଣ କଲେ । ଫଳତଃ ରୋଗୀ, ରୋଗକୁ ଯେତେ ନଡ଼ରେ, ଡ଼ାକ୍ତରମାନଙ୍କୁ ତା'ଠାରୁ ବହୁଗୁଣ ଅଧିକ ଡରୁଥିଲା । ସମସାମୟିକ ସାହିତ୍ୟରେ ବ୍ୟଙ୍ଗକାର ଓ ବିଦ୍ରୂପକାରମାନେ ବହୁଭାବେ ସେମାନଙ୍କ ନାମରେ ଲେଖୁଥିଲେ । ହାନିମ୍ୟାନ୍ ଜଣେ ଧ୍ୱଂସାତ୍ମକ (destructive) ସମାଲୋଚକ ନହୋଇ ଜଣେ କନ୍‌ଷ୍ଟ୍ରକ୍ଟିଭ୍ ପ୍ରତିଭା ଥିଲେ ।

Digitized by PPRACHIN, SOA

ସେ ଦେଖିଲେ ଯେ ଏଲୋପାଥିମାନେ ବିପରୀତ ଲକ୍ଷଣ ସମ୍ପନ୍ନ ଔଷଧ ବ୍ୟବହାର କରୁଥିବାରୁ ଶରୀର ଉପରେ ପ୍ରତିକ୍ରିୟା ସୃଷ୍ଟି ହେଉଅଛି । ତହିଁରୁ ଜନ୍ମନିଏ ତାଙ୍କର ଅମର କୃତି 'ଅର୍ଗାନନ୍'-ହୋମିଓପାଥିର ବାଇବଲ୍ । ଆୟୁର୍ବେଦର ପ୍ରଥମ ମହାବାକ୍ୟ ହେଲା 'ସମମ୍ ସମେନ ସମୟତି' କିମ୍ବା 'ବିଷସ୍ୟ ବିଷମୌଷଧମ୍' ଅର୍ଥାତ୍ ସମଲକ୍ଷଣ ସମ୍ପନ୍ନ ରୋଗପାଇଁ ସମଲକ୍ଷଣ ସମ୍ପନ୍ନ ଔଷଧର ବ୍ୟବହାର ଆବଶ୍ୟକ । ହାନିମ୍ୟାନ୍ ସେହି ପ୍ରଣାଳୀ ଅବଲମ୍ବନ କରି କହିଲେ, Similia Similibus Curanter ଯାହାର ଇଂରେଜୀ ପ୍ରତିଶବ୍ଦ ହେଲା, Similar medicine for similar disease । ଏହି ନୀତି ଉପରେ ପର୍ଯ୍ୟବସିତ ହୋମିଓପାଥିର ଆବିଷ୍କାର ଦ୍ୱାରା ସେ ଚିକିତ୍ସା ଜଗତରେ ଏକ ବୈପ୍ଳବିକ ସଂସ୍କାର (Renaisance) ଆଣିଲେ । ଅନୁମାନର (Speculation) ଔଷଧରୁ ଅଭିଜ୍ଞତାର (Experience) ଔଷଧର ସୃଷ୍ଟିହେଲା । ଏହାକୁ ଔଷଧର ବିଜ୍ଞାନ ଓ କଳାର ନୂତନ ଦିଗନ୍ତ ଭାବେ ଏକ ଭାବନାର ଦର୍ଶନ ଭାବରେ ଅଭିନନ୍ଦନ କରାଯାଏ । ଔଷଧମୟ ଚିକିତ୍ସାର ଏକ ବିଶେଷ ଶାଖାରୂପେ ଆରମ୍ଭହୋଇ ଏହା ଏକ ସ୍ୱତନ୍ତ୍ର ଚିକିତ୍ସା ପ୍ରଣାଳୀ ରୂପେ ପ୍ରତିଷ୍ଠିତ ।

ତାଙ୍କ ଜୀବନରେ ଶେଷ ନିଃଶ୍ୱାସ ତ୍ୟାଗକରିବା ପର୍ଯ୍ୟନ୍ତ ହାନିମ୍ୟାନ୍ ହୋମିଓପାଥି ପାଇଁ ବଞ୍ଚିଥିଲେ, କାର୍ଯ୍ୟ କରିଥିଲେ ଏବଂ ତାଙ୍କର ସମସ୍ତ ହୃଦୟ ଏଥିପାଇଁ ସମର୍ପଣ କରିଥିଲେ । ହାନିମ୍ୟାନ୍‌ଙ୍କର ଜୀବନ ଇତିହାସ, ହୋମିଓପାଥିର ସୃଷ୍ଟି, ପ୍ରଗତି ଓ ପ୍ରସାରର ଇତିହାସ । ତାଙ୍କର ଜୀବନର ପର୍ଯ୍ୟାଲୋଚନା ବିନା ହୋମିଓପାଥିର ପର୍ଯ୍ୟାଲୋଚନା ଅସମ୍ପୂର୍ଣ୍ଣ । ହୋମିଓପାଥିର (Holistic) ବା ସାମଗ୍ରୀକ ଦର୍ଶନ ବିଜ୍ଞାନରେ ଏକ ବିକଳ୍ପ (Alternative) ଏବଂ ଏହା ସୃଜନକାରୀ ବିବର୍ତ୍ତନର ସମସ୍ୟାର ଏକ ସମାଧାନ । ତେଣୁ ମନସ୍ତାତ୍ତ୍ୱିକ ତଥା ଐତିହାସିକ ଦିଗରେ ଏଥିପ୍ରତି ବିରୁଦ୍ଧ ମନୋଭାବ ପ୍ରଦର୍ଶିତ ।

ତାଙ୍କର ଆଉ ଗୋଟିଏ ପ୍ରଧାନ ଏବଂ ସର୍ବୋତ୍କୃଷ୍ଟମାର୍ଗ ହେଲା 'Pharmaco dyanmics' ବା Provings. ସାଧାରଣ ନୀରୋଗ ବ୍ୟକ୍ତି ଉପରେ ହୋମିଓପାଥିକ୍ ଔଷଧର ପ୍ରତିକ୍ରିୟା ଜାଣିବା ପାଇଁ ସେ ବିଭିନ୍ନ ଔଷଧର Provings କରୁଥିଲେ ।

ତଥାକଥିତ ଆଧୁନିକ ଔଷଧ ତାର ମହତ୍ୱ ବୁଝିବାପାଇଁ ଅକ୍ଷମ । ଏହା ବ୍ୟବସାୟାତ୍ମିକ ନୁହେଁ, ଏହା କୌଣସି ରୁଟିନ୍‌ମୂଳକ ନୁହେଁ । ଜନସାଧାରଣଙ୍କ ପାଇଁ ଏହା ବ୍ୟକ୍ତିଗତ ବୋଲି କୁହାଯାଇପାରେ । ବର୍ତ୍ତମାନ କମ୍ପ୍ୟୁଟର୍, ଜନସଂସ୍ଥାନ, ସାଂସ୍କୃତିକ, ସାମାଜିକ, ତଥା ରାଜନୈତିକ ଭାବଧାରାର ସଂଘୀକରଣର ଯୁଗ, ପ୍ରଭୁତ୍ୱର (authority) କେନ୍ଦ୍ରୀକରଣର ଯୁଗ । ଆମେ ନିଜ ଛଡ଼ା ଅନ୍ୟ ସମସ୍ତଙ୍କ ଉପରେ ନିର୍ଭରଶୀଳ ଏବଂ ହାନିମ୍ୟାନ୍‌ଙ୍କ ଦ୍ୱାରା ପରିକଳ୍ପିତ Pharmaco dynamics ପ୍ରତି ଅଭ୍ୟସ୍ତ ହୋଇନାହୁଁ ।

Digitized by PPRACHIN, SOA

ମାତ୍ର ତଦ୍ୱାରା ଏ ଦୃଷ୍ଟିକୋଣର ମୂଲ୍ୟ ବଦଳିଯାଇନାହିଁ ବା ଯିବନାହିଁ । ମନୁଷ୍ୟ ଯିବ ଏବଂ ଆସିବ । ବିରାଟ ସାମ୍ରାଜ୍ୟମାନ ଗଢ଼ିଉଠିବ ଓ ଧ୍ୱଂସପାଇବ, ମାତ୍ର ଏପରି ପ୍ରତିଭା ମଝେ ମଝେ କାଳର ସ୍ରୋତରେ ଜନ୍ମନେବେ ଯେଉଁମାନେ ମରି ମଧ୍ୟ ଅମର । They leave their foot prints on the sands of time. ହୋମିଓପାଥିର ହେବନାହିଁ ଲୟ ନରଦେହେଥିବ ଯାବତ ହୃଦୟ' । ତାଙ୍କ ଜୀବନର (ମଟୋ) ଶପଥ ଥିଲା 'ପରୋପକାରାୟ ସ୍ୱର୍ଗୀୟ', ତାଙ୍କ ସମାଧିରେ ନିମ୍ନଲିଖିତ କେତେଗୋଟି ଶବ୍ଦ ଲେଖିବା ପାଇଁ ସେ ଦେଇ ଯାଇଥିଲେ, - I have not lived in vain.

ଆରୋଗ୍ୟକାରୀ କଳା ଏବଂ ଦୁସ୍ଥମାନବ ସମାଜ ପାଇଁ ଏପ୍ରିଲ୍ ଦଶତାରିଖ ନୂତନ ସନ୍ଦେଶ ଆଣିଦେଇଥିଲା, ତେଣୁ ଆଜିର ଦିନକୁ ସ୍ମରଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଆୟୁର୍ବେଦର ଭଗବାନ ପୁନର୍ବସୁଙ୍କ ପରି ହୋମିଓପାଥିର ଭଗବାନ ହାନିମ୍ୟାନ୍‌ଙ୍କୁ ଆଜି ସ୍ମରଣ ଓ ପୂଜାକରି ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ନିବେଦନ କରିବା ପାଇଁ ମୁଁ ଆଜି ସମସ୍ତଙ୍କୁ ଆହ୍ୱାନ କରୁଛି । ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରୁଁ ।

(ହୋମିଓ ସମ୍ମିଳନୀରେ ଗଠିତ)

❖❖❖

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ଶିକ୍ଷା ଓ ଶିକ୍ଷାୟତନ ପ୍ରଭାଗ

Digitized by PPRACHIN, SOA

ସାଂପ୍ରତିକ ଶିକ୍ଷା ସମସ୍ୟା ଓ ଶିକ୍ଷକର କର୍ତ୍ତବ୍ୟ

ଶିକ୍ଷା ଏକ ବ୍ୟାପକ ଶବ୍ଦ । ଏହା କେବଳ ମାନବମାନଙ୍କ ମଧ୍ୟରେ ସୀମିତ ନୁହେଁ । ମନୁଷ୍ୟେତର ପ୍ରାଣୀମାନେ ମଧ୍ୟ ଶିକ୍ଷାଲାଭ କରନ୍ତି । ସର୍କସମାନଙ୍କରେ ହାତୀ, ଘୋଡ଼ା, କୁକୁର, ଭାଲୁ, ମାଙ୍କଡ଼ମାନଙ୍କୁ ଶିକ୍ଷା ଦିଆଯାଇ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରଦର୍ଶନ ପାଇଁ ତାଲିମ୍ ଦିଆଯାଏ । ଆମ ଦେଶରେ ମଦାରିମାନେ ମାଙ୍କଡ଼ମାନଙ୍କୁ ନଚାଇ ଜୀବିକା ନିର୍ବାହ କରୁଥିବାର ଆମେ ଦେଖୁଁ । ପାରାମାନଙ୍କ ଗୋଡ଼ରେ ଚିଠି ବାନ୍ଧି ସେମାନଙ୍କୁ ଦୂରସ୍ଥାନମାନଙ୍କୁ ପ୍ରେରଣ କରିବାର ପରମ୍ପରା ଆମର ବହୁ ପ୍ରାଚୀନ । ଏବେ ସରକାରଙ୍କର ପୋଲିସ୍ ବିଭାଗର ଏ' ଏକ ସ୍ୱତନ୍ତ୍ର ଶାଖା । ଏତଦ୍ ବ୍ୟତୀତ ସନ୍ଧାନୀ କୁକୁରମାନଙ୍କୁ ଅପରାଧୀକୁ ଧରିବାର କୌଶଳ ଶିକ୍ଷା ଦିଆଯାଏ । ମାନବର ଶିକ୍ଷା ମଧ୍ୟ ସୀମିତ ନୁହେଁ । ବ୍ୟାସଦେବ ପରିଣତ ବୟସରେ ଏକ ଶିଅଳ ବାଳକଠାରୁ ଗଛକୁ ନୁଆଁଇବାର କୌଶଳ ଶିକ୍ଷା କରି ତାକୁ ଗୁରୁର ମାନ୍ୟତା ଦେଇଥିଲେ । ଶଙ୍କରାଚାର୍ଯ୍ୟ ଜଣେ ଆଦିବାସୀ ଠାରୁ 'ସକଳ ଘଟେ ନାରାୟଣ' ଚେତନା ପାଇଥିଲେ । ତେଣୁ ଶିକ୍ଷା ଶବ୍ଦର ଏ' ବ୍ୟାପକତା ହେତୁ ସେ ସମ୍ବନ୍ଧୀୟ ଆଲୋଚନା ମଧ୍ୟ ତଦ୍ରୂପ ବ୍ୟାପକ ହେବା ଆବଶ୍ୟକ । ମାତ୍ର ବର୍ତ୍ତମାନର ଆଲୋଚନା ସାଂପ୍ରତିକ ସ୍କୁଲ୍, କଲେଜ ଶିକ୍ଷା ସମ୍ବନ୍ଧୀୟ ବୋଲି ଧରିନେବାକୁ ହେବ । ଏହ ପରିପ୍ରେକ୍ଷୀରେ ଏହା ଏକ ସୀମିତ ଆଲୋଚନା । କାରଣ ମନୁଷ୍ୟ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଶିକ୍ଷା କରିବାର ଆବଶ୍ୟକତା ରହିଅଛି । ତେଣୁ ଯଥାର୍ଥରେ କୁହାଯାଇଛି-

ନୁହେଁ ବୃଦ୍ଧ ସେହି ଜନ ଶୁକ୍ଳକେଶ ଅଟେ ଯାର ଶିର
ଯୌବନେ ଯେ ଜ୍ଞାନେରତ ଦେବେ ତାଙ୍କୁ- ବୋଲନ୍ତି ସ୍ଥବିର ।

ବିଖ୍ୟାତ ଇଂରେଜ କବି ଓ୍ୱାଡ଼ସ୍‌ଓ୍ୱାର୍ଥ ତାଙ୍କର କବିବନ୍ଧୁ ମାଥ୍ୟୁ ଆର୍ନଲ୍ଡ଼ଙ୍କର ଏକ ପ୍ରଶ୍ନର ଉତ୍ତର ଛଳରେ ଏକଦା କହିଥିଲେ :

Our eyes cannot choose but see
We cannot bid our ears be still
Our bodies feel where ever we be
With or against our will.
Nor less there are powers
That of themselves our minds impress
That we can feed this mind of ours
In a wise passiveness

ତେଣୁ ଆମର ନିଜ ଇନ୍ଦ୍ରିୟମା'ନେ ଏବଂ ବାହାରର ଶକ୍ତିମାନେ ଆମ ମଧ୍ୟରେ

Digitized by PPRACHIN, SOA

ନିରନ୍ତର ଅନୁଭୂତି ଭର୍ତ୍ତି କରୁଛନ୍ତି । ସେ ସବୁକୁ ଗ୍ରହଣ କରି ଶିକ୍ଷାକରିବାର ଜ୍ଞାନ ଆମ ମଧ୍ୟରେ ଥିବା ଆବଶ୍ୟକ ।

ବର୍ତ୍ତମାନର ଶିକ୍ଷା ସମସ୍ୟା ଚିନ୍ତା କରିବା ପୂର୍ବରୁ ବିଗତ କାଳର ଶିକ୍ଷା ସମ୍ବନ୍ଧରେ କିଞ୍ଚିତ ଆଲୋକପାତ କରିବା ବିଧେୟ । ପୂର୍ବ କାଳରେ ବିଦ୍ୟା ରାଜ୍ୟର ଦାୟିତ୍ୱ ନଥିଲା । ଗୁରୁଶିଷ୍ୟ ନିର୍ବାଚନ ଏବଂ ଅଧ୍ୟାପନା ଦିଗରେ ସ୍ୱତନ୍ତ୍ରଥିଲେ । ଅତି ଅଳ୍ପ ସଂଖ୍ୟକ ବ୍ୟକ୍ତି ଶିକ୍ଷାର ସୁଯୋଗ ପାଉଥିଲେ । କେଉଁ ଶିଷ୍ୟର ଶିକ୍ଷା ପାଇବାର ଅଧିକାର ଅଛି ତାହା ଗୁରୁ ନିର୍ଣ୍ଣୟ କରୁଥିଲେ । କେଉଁ ଗୁରୁଙ୍କର ଗୁରୁ ପଦରେ ଅଧିକାର ଅଛି, ତାହା ମଧ୍ୟ ଶିଷ୍ୟ ପରୀକ୍ଷା କରି ପାରୁଥିଲେ, ଯେପରି ଶୁକମୁନିଙ୍କର ଜନକ ମହାରାଜାଙ୍କୁ ଗୁରୁ କରିବା ପ୍ରସଙ୍ଗ । ତତ୍ ପରବର୍ତ୍ତୀ କାଳରେ ଭାରତବର୍ଷରେ ଅନେକ ବିଶ୍ୱବିଦ୍ୟାଳୟ ରାଜ୍ୟର ପୃଷ୍ଠପୋଷକତାରେ ସ୍ଥାପିତ ହୋଇଥିଲା ଯେପରି ନାଳନ୍ଦା, ଉଜ୍ଜୟିନୀ, ତକ୍ଷଶିଳା ଇତ୍ୟାଦି । ଏହି ବିଶ୍ୱବିଦ୍ୟାଳୟମାନଙ୍କୁ ଭାରତ ବାହାରୁ ଚାଇନା, ଜାପାନ, ପାରସ୍ୟ ଇତ୍ୟାଦି ଦେଶମାନଙ୍କରୁ ମଧ୍ୟ ଛାତ୍ରଛାତ୍ରୀମାନେ ବିଦ୍ୟାଧ୍ୟୟନ ପାଇଁ ଆସୁଥିଲେ । ଏହି ଜ୍ଞାନପୀଠମାନଙ୍କରେ ବେଦ, ଉପନିଷଦ, ଦର୍ଶନ, ଅର୍ଥନୀତି, ଜ୍ୟୋତିର୍ବିଦ୍ୟା, ବାଣିଜ୍ୟ, ଗଣିତ, ବିଜ୍ଞାନ ଇତ୍ୟାଦି ବିଭାଗମାନଙ୍କରେ ଅଧ୍ୟାପନା ଦିଆଯାଉଥିଲା । ଗାଁ ଗହଳିର ପିଲାମାନେ ଅକ୍ଷର ଓ ସଂଖ୍ୟା ଶିଖିବା ପରେ ବିଭିନ୍ନ ପୋଥି ଏବଂ ଛାପାଖାନା ସୃଷ୍ଟିପରେ ପୁସ୍ତକ ପଠନ କରୁଥିଲେ । ତନ୍ମଧ୍ୟରୁ ଅତି ଅଳ୍ପ ସଂଖ୍ୟକ ଛାତ୍ର ଉଚ୍ଚତର ଶିକ୍ଷା ପାଇଁ ସଂସ୍କୃତ ଟୋଲମାନଙ୍କରେ ଶାସ୍ତ୍ରୀ ଓ ଆଚାର୍ଯ୍ୟ ହେଉଥିଲେ । ତହିଁରେ ବ୍ୟାକରଣାଚାର୍ଯ୍ୟ, ସାହିତ୍ୟାଚାର୍ଯ୍ୟ, ଆୟୁର୍ବେଦାଚାର୍ଯ୍ୟ, ନ୍ୟାୟାଚାର୍ଯ୍ୟ, ଜ୍ୟୋତିଷାଚାର୍ଯ୍ୟ ଇତ୍ୟାଦି ନାନା ବିଭାଗ ଥିଲା । ମାତ୍ର ଏପରି ଛାତ୍ରମାନଙ୍କର ସଂଖ୍ୟାଥିଲା ଅତି ନଗଣ୍ୟ ।

ଇଂରେଜମାନଙ୍କ ଆଗମନ ପରେ ଆଧୁନିକ ଶିକ୍ଷାଧାରାର ପ୍ରଚଳନ ହୁଏ । ଏ ଶିକ୍ଷାର କ୍ରମ ହେଲା- ନିମ୍ନ ପ୍ରାଥମିକ (L.P.-୪ବର୍ଷ) ଉଚ୍ଚ ପ୍ରାଥମିକ (U.P.-୨ବର୍ଷ), ମଧ୍ୟ ଇଂରାଜୀ (M.E.-୨ବର୍ଷ), ମାଟ୍ରିକ୍ୟୁଲେସନ୍ -୪ ବର୍ଷ), ଏଫ.ଏ ବା (I.A.- ୨ବର୍ଷ), ବି.ଏ. (B.A.- ୨ବର୍ଷ) ଓ ଏମ.ଏ. (M.A.- ୨ବର୍ଷ) । ବିଜ୍ଞାନ ଛାତ୍ରମାନେ I.Sc. ପରେ ଡ଼ାକ୍ତରୀ ବା ଇଂଜିନିୟରିଂ କଲେଜ୍‌ମାନଙ୍କୁ ଯାଉଥିଲେ ନଚେତ୍ ବି.ଏସ୍.ସି., ଏମ୍.ଏସ୍.ସି. ପଢୁଥିଲେ । ବାଣିଜ୍ୟ ବିଭାଗରେ I.Com, B.Com, M.Com, ଅଛି । ଏ ପାଠ୍ୟକ୍ରମ ପରେ M.Phil, Ph.D., D.Lit. ଇତ୍ୟାଦି କରାଯାଏ । ଆଇନ୍ ବିଭାଗରେ LL.B, LL.M. ପର୍ଯ୍ୟନ୍ତ ପାଠ୍ୟ ଅଛି । ବିଭିନ୍ନ ବିଭାଗରେ M.Sc. (Ag) କୃଷି, B.V.Sc., M.V.Sc. (ପଶୁଚିକିତ୍ସା) ଇତ୍ୟାଦି ବହୁ ବିଭାଗ ଶିକ୍ଷାକ୍ଷେତ୍ରରେ ମିଳେ । ଏତଦ୍ ବ୍ୟତୀତ ଚାର୍ଟାର୍ଡ଼ ଆକାଉଣ୍ଟାନ୍‌ସି, କମ୍ପାନୀ ସେକ୍ରେଟାରୀ,

Digitized by PPRACHIN, SOA

ଇନ୍‌ଫରମେସନ ଟେକ୍ନୋଲୋଜି, ଇତ୍ୟାଦି ବହୁ ବିଶେଷ ବିଭାଗର ସୃଷ୍ଟି ହୋଇଛି । ମାତ୍ର ଏ ସବୁ ଯୋଗ୍ୟତା ହାସଲ କରିବାର ଉଦ୍ଦେଶ୍ୟ ହେଉଛି ଅର୍ଥ ଉପାର୍ଜନ ଏବଂ ପରିବାରପୋଷଣ । ଏ ସଂବନ୍ଧରେ ଏକ ଆଖାୟିକା ମନେପଡ଼େ । ଏକଦା ନାରଦ ସନତକୁମାରଙ୍କ ଦ୍ୱାରସ୍ଥ ହେଲେ । ଆଗମନର ଉଦ୍ଦେଶ୍ୟ ପଚାରନ୍ତେ ନାରଦ କହିଲେ, ମୁଁ ଆପଣଙ୍କୁ ଗୁରୁ କରିବା ପାଇଁ ଆସିଛି । ସନତ କୁମାର କହିଲେ- ଆପଣ କ'ଣ କ'ଣ ଶିକ୍ଷା କରିଛନ୍ତି କୁହନ୍ତୁ । ମୁଁ ତା'ପର ଠାରୁ ଆରମ୍ଭ କରିବି । ନାରଦ କହିଲେ- ମୁଁ ଗଣିତ, ଭୂଗୋଳ, ଇତିହାସ, ଦର୍ଶନ, ବ୍ୟାକରଣ ଇତ୍ୟାଦି ସବୁ ପଢ଼ିଛି । ତେବେ ଆଉ କ'ଣ ପଢ଼ିବେ ? ଆପଣ ଯେତେ ଯେତେ ପଢ଼ିଛନ୍ତି ସେ ସବୁ କେବଳ ନାମକୁ ମାତ୍ର (For name shake) ଆପଣ ସତ୍ୟର ସନ୍ଧାନ ପାଇଛନ୍ତି କି ? ନାରଦ କହିଲେ ମୁଁ ସେଇଥିପାଇଁ ଆପଣଙ୍କ ଦ୍ୱାରସ୍ଥ ହୋଇଅଛି । ସାଂପ୍ରତିକ ଶିକ୍ଷା ସେହିପରି ''ନାମ୍ କେ ବାସ୍ତେ'' । ଜୀବନର ମୂଲ୍ୟବୋଧଭିତ୍ତିକ ଶିକ୍ଷା ତଳଠାରୁ ଉପର ପର୍ଯ୍ୟନ୍ତ କେଉଁଠାରେ ଦିଆଯାଉନାହିଁ । ସଂସ୍କୃତରେ ଏକ ମହାବାକ୍ୟ ଅଛି-

ବିଦ୍ୟା ଦଦାତି ବିନୟଂ, ବିନୟାତ୍ ଜାତି ପାତ୍ରତାମ୍ ।
ପାତ୍ରତାଦ୍ଧନ ମାପ୍ନୋତି, ଧନାଦ୍ଧର୍ମଂ ତତଃ ସୁଖମ୍ ।।

ଅର୍ଥାତ୍ ବିଦ୍ୟା ବିନୟ ଦାନ କରେ । ମାତ୍ର ଆଜି ବିଦ୍ୟା ଔଦ୍ଧତ୍ୟ ଦାନ କରୁଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ଼ଃ ମୁରଲୀ ମନୋହର ଯୋଷୀ ଧର୍ମଭିତ୍ତିକ ଶିକ୍ଷା ଦେବାପାଇଁ NCERT କୁ ପ୍ରବର୍ତ୍ତାଇବାରେ ତାଙ୍କନାମରେ କେଶ୍ କରାଗଲା । ଯାହା ହେଉ ସୁଖର କଥା- ଉଚ୍ଚତମ ନ୍ୟାୟାଳୟ ଯୋଷୀଙ୍କ ସପକ୍ଷରେ ମତ ଦେଇଛନ୍ତି । ଛାତ୍ରପାଇଁ ଯେଉଁ ଅନୁଶାସନ ଲୋଡ଼ା, ତାହା ଶିକ୍ଷା କ୍ଷେତ୍ରରେ ଆଦୌ ଦୃଷ୍ଟିଗୋଚର ହୁଏନାହିଁ । ଛାତ୍ରଛାତ୍ରୀମାନଙ୍କୁ ଗୁଡ଼ିଏ ବହି ଘୋଷି, ନୋଟ୍‌କୁ କଣ୍ଠସ୍ଥ କରି ପରୀକ୍ଷାରେ ଗାଳିବାକୁ ପଡ଼େ । ଶିଶୁର ଆତ୍ମିକ ବିଶ୍ୱାସ ଜନ୍ମାଇବା ଓ ସୃଜନଶୀଳତା ସୃଷ୍ଟି କରିବାର ଚେଷ୍ଟାନଥାଏ ।

ବର୍ତ୍ତମାନ ଶିକ୍ଷାକୁ ସାର୍ବଜନୀନ ଏବଂ ମୌଳିକ ଅଧିକାର ଭୁକ୍ତ କରାଯାଇଛି । ଶିକ୍ଷକମାନଙ୍କର ସଂଖ୍ୟା ତଦନୁପାତରେ ବହୁଗୁଣିତ ହୋଇଅଛି । ତେଣୁ ଶିକ୍ଷାକ୍ଷେତ୍ରରେ ଅତିଅଳ୍ପ ପରିମାଣର ସଚ୍ଚା ଶିକ୍ଷକ ମିଳିବେ । ଶତକଡ଼ା ୯୦ ଭାଗ ଶିକ୍ଷକ ଘରୋଇ ଟିଉସନ୍‌ରେ ବ୍ୟସ୍ତ, ସ୍କୁଲ୍ କଲେଜ୍‌ରେ ଅଧ୍ୟାପନା ପାଇଁ ଆଗ୍ରହ ନାହିଁ । ଦ୍ୱିତୀୟତଃ ଗୋଟିଏ ଗୋଟିଏ ଶ୍ରେଣୀକକ୍ଷରେ ୫୦,୬୦ ପିଲାଙ୍କୁ ପଢ଼ାଇବା ବେଳକୁ ସେମାନଙ୍କ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଇପାରୁନାହିଁ । ଆମେରିକା ପରି ଉନ୍ନତଦେଶମାନଙ୍କରେ ଗୋଟିଏ ଶ୍ରେଣୀ କକ୍ଷରେ ସର୍ବୋଚ୍ଚ ୨୫ ଜଣ ଛାତ୍ରଛାତ୍ରୀ ଅଧୟନ କରନ୍ତି । ସେମାନଙ୍କର ଶିକ୍ଷା, ଆମର ଶିକ୍ଷା ମଧ୍ୟରେ ପ୍ରଭେଦ ନିଶ୍ଚିତ ରହିବ ହିଁ ରହିବ । ତୃତୀୟତଃ ରାଜକୋଷରେ ଅର୍ଥାଭାବ

Digitized by PPRACHIN, SOA

ଏବଂ ଏହି ଅଭାବଟା ଆଗ ଶିକ୍ଷାକ୍ଷେତ୍ରରେ ଦେଖାଦିଏ । ସ୍କୁଲ୍, କଲେଜର, ଶିକ୍ଷକ ବର୍ଷ ବର୍ଷ ଧରି ଦରମା ପାଆନ୍ତି ନାହିଁ । ଅନ୍ନ ଚିନ୍ତା ଚମତ୍କାରା କାତରେ କବିତା କୁତଃ । ଜଣେ ନିର୍ଯ୍ୟାତିତ ଶିକ୍ଷକ କି ଶିକ୍ଷା ପ୍ରଦାନ କରିବ ? ତା'ର ଆଗ୍ରହ ଆସିବ କିପରି ? ନ୍ୟସ୍ତ ସ୍ୱାର୍ଥ ପଲିସିମେକର୍ (ନୀତି ପ୍ରଣୟନକାରୀ)ମାନେ ମୋଟା ଦରମା ନେଇ ଶିକ୍ଷକଙ୍କୁ ଖାଲି ନିଃସ୍ୱାର୍ଥ ସେବାର ନୀତିବାଣୀ ଶୁଣାନ୍ତି । ଚତୁର୍ଥତଃ ଶିକ୍ଷକପାଇଁ ଉପରସ୍ତରରୁ ପାଠ୍ୟ ଖସଡ଼ା ଲଦି ଦିଆଯାଏ । ଯାହାକୁ ଅନୁସରଣ କରୁ କରୁ ବର୍ଷ ସରିଯାଏ ମାତ୍ର ପାଠ୍ୟ ସରେନାହିଁ । ଶିକ୍ଷାଦାନରେ ତା'ର ସ୍ୱାଧୀନତା ନଥାଏ ।

ଶିକ୍ଷକର କର୍ତ୍ତବ୍ୟ ଛାତ୍ରର ସର୍ବାଙ୍ଗୀନ ଉନ୍ନତି କରିବା । ଶରୀର, ମନ ଓ ବୁଦ୍ଧି ସବୁ ସ୍ତରରେ ଉନ୍ନତି ସର୍ବୋପରି ତା'ର ଚାରିତ୍ରିକ ଉନ୍ନତି, 'ଥିଲେ ଥାଉ ପଛେ ଗୁଣ ହଜାର- ଚରିତ୍ର ନଥିଲେ ସବୁ ଅସାର ।' ଶିଶୁର ଚାରିତ୍ରିକ ଉନ୍ନତି ପାଇଁ ବିଦ୍ୟାଳୟ ଅଧିବେଶନର ପ୍ରାରମ୍ଭରେ ଯେଉଁ ଦୁଇପଦ ନୀତିବାଣୀ ଶୁଣାଇ ଦିଆଯାଏ ସେତିକି, ଯାହା ସମ୍ମିଳିତ ଛାତ୍ରସମାଜ ଉପରେ ଅତି କମ୍ ପ୍ରଭାବ ପକାଇଥାଏ । ଦ୍ୱିତୀୟତଃ ଶିକ୍ଷକର ଆଚରଣ । ଶିକ୍ଷକର ଆଚରଣକୁ ଅନୁକରଣ କରିବାର ସହଜାତ ପ୍ରବୃତ୍ତି ଶିଶୁ ମଧ୍ୟରେ ଥାଏ । ତହିଁରେ ସମୟାନୁବର୍ତ୍ତିତା ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ । ନିର୍ଭୀକ ଭାବେ ସତ୍ୟର ଉପସ୍ଥାପନା କରାଇବା ଶିକ୍ଷକର କର୍ତ୍ତବ୍ୟ । ଅଭିଭାବକମାନଙ୍କ ସହ ସୁ-ସଂପର୍କ ରକ୍ଷା ଏବଂ ସ୍କୁଲ୍ ସମୟ ବ୍ୟତିରେକେ ଅନ୍ୟ ସମୟରେ ଛାତ୍ରର ଆଚରଣ ଲକ୍ଷ୍ୟ କରିବା ମଧ୍ୟ ଶିକ୍ଷକର କର୍ତ୍ତବ୍ୟ । ଶିଶୁର ଚରିତ୍ର ଗଠନ ଦିଗରେ ଆଜି ଶିକ୍ଷାର ଭୂମିକା ଅତି ନଗଣ୍ୟ । ପଞ୍ଚାବନ ବର୍ଷ ହେବ ସ୍ୱାଧୀନ୍‌ଭାରତର ଶିକ୍ଷା ପ୍ରଣାଳୀ ସେହି ବ୍ରିଟିଶ୍ ଢ଼ାଞ୍ଚାରେ ଚାଲିଛି । ଖାଲି କିରାଣୀ ସୃଷ୍ଟିକରିବା ଛଡ଼ା ଆଉ କିଛି ନୁହେଁ । ସ୍ୱାବଲମ୍ବନଶୀଳ ହେବାପାଇଁ କୌଣସି ଶିକ୍ଷା ଦିଆଯାଉନାହିଁ ।

ଇତିମଧ୍ୟରେ ଅନେକ ଶିକ୍ଷା କମିଶନ ବସି ନାନା ସୁପାରିଶ କରିଛନ୍ତି । ତଥାପି ଶିକ୍ଷାବ୍ୟବସ୍ଥା ଦୋଷଯୁକ୍ତ ହୋଇ ରହିଅଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ- ଏହାର ପ୍ରଧାନ କାରଣ । ତେଣୁ ଦେଶରେ ବେକାରୀ ସଂଖ୍ୟା ବଢ଼ିଚାଲିଛି । The first priority of a nation is investment in human resources. ମାତ୍ର ଏହା ଆଜି last priority ହୋଇଛି । ତେଣୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛି- ଯାହାର ଭବିତବ୍ୟ ଆଦୌ ମଙ୍ଗଳଜନକ ନୁହେଁ ।

(ସହକାର- ଜାନୁୟାରୀ-୨୦୦୩)

Digitized by PPRACHIN, SOA

ଜଗତର ଶିଶୁ

ଜଗତର ଶିଶୁ ଆସ ଆସ ମୋର କୋଳେ
ଆସ ଏ ବକ୍ଷେ ପୀରତି ସେନେହ ଭୋଳେ,
ଆସ ଆନନ୍ଦ ଆସରେ, ଜୀବନ ଉଇଁ !
ସୃଷ୍ଟିର ଯେତେ ଜୀର୍ଣ୍ଣ ପୁରାତନ ହସିହସି ଯାଅ ଛୁଇଁ ।

ସବୁଜ ଯୁଗର ସ୍ୱନାମଧନ୍ୟ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କର ଏ ରଚନା କେଡ଼େ ମଧୁର ଓ ପ୍ରାଣସ୍ପର୍ଶୀ ! ଜଗତର ଶିଶୁ ଆନନ୍ଦ ଏବଂ ଜୀବନର ମୂର୍ତ୍ତିମନ୍ତ ବିଗ୍ରହ । ସେହି ଅମାୟିକ ଆନନ୍ଦରେ ସେ ସଂସାରକୁ ଭସାଉଥିବା ବେଳେ ବୟସ୍ୟମାନେ ଜଗତକୁ ନିରାନନ୍ଦରେ ବୁଡାଉଛନ୍ତି । ଶିଶୁଠାରୁ ଏମାନଙ୍କର ଅନେକ ଶିଖିବାର ଅଛି- ମାତ୍ର ଏମାନେ ଶିଖିବାକୁ ନାରାଜ । ଶିଶୁମାନଙ୍କଠାରୁ ଆମେ ଗୁଡ଼ାଏ ଶିଖିବୁ କ'ଣ ? ଆମେ ବୟସ୍କ-, ସେମାନେ ଆମଠୁ ଶିଖିବା ଆବଶ୍ୟକ, ମାତ୍ର ସେମାନେ ଆମଠୁ ଶିଖିବେ କ'ଣ ? ନାନା ନିର୍ଯ୍ୟାତନା, ବିଡ଼ମ୍ବନା, ଜାଲ୍, ଜୁଆଚୋରୀ ଇତ୍ୟାଦି । ସଂସାରର ଜଞ୍ଜାଳରୁ ରିହାତି ପାଇବାପାଇଁ ଆମକୁ ସେହିପରି ଜାଲ୍, ଜୁଆଚୋରୀ କରିବାକୁ ପଡ଼େ । ଆମେ ଶିଶୁକୁ ସେଇ ଶିକ୍ଷା ଦେବୁ, - ଯାହା ଆମେ ନିଜେ ଶିଖିଛୁ । ବୈକୁଣ୍ଠବାବୁ ଏ କବିତା ଲେଖିବାବେଳେ ଆମେ ବି ତ ଶିଶୁ ଥିଲୁ । ତେବେ ଆମକୁ ଏ ଜଞ୍ଜାଳ ବିଷୟ ଶିଖାଇଲା କିଏ ? ଏଇ ବୟସ୍କ ସମାଜ । ସମାଜ ଘୁଣ ଖାଇ ଖାଇ ଏବେ ତାହା ଏତେ ଅସଜଡ଼ା ହୋଇଗଲାଣି ଯେ, ତାକୁ ସଜାଡ଼ିବାର କୌଣସି ଉପାୟ ଦେଖାଯାଉନାହିଁ । କେଜାଣି ରାମ ବା କୃଷ୍ଣଙ୍କ ପରି କୌଣସି ଯୁଗପୁରୁଷ ଏହାକୁ ଠିକଣା କରିପାରନ୍ତି- ମାତ୍ର ଏ ଭାବନା ସୁଦୂର ପରାହତ ପରି ମନେହୁଏ ।

ଜଗତର ଶିଶୁର ଜୀବନ ଗଠନ ହୁଏ ଏହି କଳଙ୍କିତ ସମାଜ ଦ୍ୱାରା । କ୍ରମେ ଶିଶୁର ଆନନ୍ଦ ନିରାନନ୍ଦରେ ପରିଣତ ହୁଏ ଏବଂ ଜୀବନ ଦୁର୍ବିସହ ହୋଇଉଠେ । ତେବେ ଶିଶୁର ଶିଶୁତ୍ୱ ତାର ଆନନ୍ଦ ଓ ଜୀବନକୁ ବଞ୍ଚାଇ ରଖିବାପାଇଁ ଏ ସମାଜ ସମ୍ପୂର୍ଣ୍ଣ ଅନୁପଯୁକ୍ତ ଓ ବିପରୀତଧର୍ମୀ । ଏପରି ଅବସ୍ଥାରେ ଶିଶୁକୁ ଚିରନ୍ତନ ମୂଲ୍ୟବୋଧ, ଚରିତ୍ର, ଆଚରଣ ଇତ୍ୟାଦି ଶିକ୍ଷାଦେବାପାଇଁ ଅନ୍ୟ ଏକ ସମାଜର ଆବଶ୍ୟକତା ଅଛି । କଳଙ୍କିତ ସମାଜ, କଳଙ୍କିତ ବ୍ୟକ୍ତିତ୍ୱ ଏହାକୁ କିପରି ସଦାଚାର ଶିକ୍ଷାଦେଇ ପାରିବ ? ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦେବାପାଇଁ ନାନା ସଂସ୍ଥାପକ୍ଷରୁ ଭିନ୍ନ ଭିନ୍ନ ଶିକ୍ଷାୟତନମାନ

Digitized by PPRACHIN, SOA

ଗଢ଼ିଉଠିଛି- ଯଥା- ସରସ୍ୱତୀ ଶିଶୁମନ୍ଦିର, ମହର୍ଷି, ବିବେକାନନ୍ଦ, ଅରବିନ୍ଦ ପୂର୍ଣ୍ଣ ଶିକ୍ଷାକେନ୍ଦ୍ର ଇତ୍ୟାଦି । ଲକ୍ଷ୍ୟ ମହତ୍, ମାତ୍ର ଉଦ୍ଦେଶ୍ୟ ସାଧିତ ହେଉଛି କେତେ ଦେଖିବାର କଥା । ସ୍କୁଲ୍ କଲେଜର ଛାତ୍ରଛାତ୍ରୀମାନେ ଶିକ୍ଷକ ତଥା ଅଧ୍ୟାପକମାନଙ୍କୁ ଆକ୍ରମଣ କରିବା ଏପରିକି ଜୀବନରେ ମାରିଦେବାକୁ ପଛାଉନାହାନ୍ତି । ପାଟଣା କଲେଜ ଅଧ୍ୟକ୍ଷଙ୍କୁ ପୋଡ଼ିଦେବା ଏହାର ଏକ ଜ୍ୱଳନ୍ତ ଉଦାହରଣ । ଆମେ କ'ଣ ଏଇୟା ଶିକ୍ଷା କଲୁଁ ? ଶିକ୍ଷାୟତନର ନୈତିକତା ନାହିଁ । ଶିକ୍ଷକ ତଥା ଅଧ୍ୟାପକମାନେ ନିହିତ ସ୍ୱାର୍ଥପାଇଁ ନୈତିକତାକୁ ବଳି ଦେଉଛନ୍ତି । ଏପରି ଅବସ୍ଥାରେ କେତେକ ସେଣ୍ଟର ସ୍କ୍ରାବ୍ ହୋଇଯାଉଛି । ମାତ୍ର ଏ କ୍ଷେତ୍ରରେ ମଧ୍ୟ ନିରୀକ୍ଷକମାନଙ୍କ ଦୂରଦୃଷ୍ଟିର ଅଭାବ ପରିଲକ୍ଷିତ ହୁଏ । ଗୋଟିଏ ପରୀକ୍ଷାକେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀ କପି କରୁନଥାନ୍ତି । ଅନେକ ମେଧାବୀ ନିରୀହ ଛାତ୍ରଛାତ୍ରୀ ବଳିପଡ଼ନ୍ତି ଏ ଯୂଇରେ- ତାଙ୍କ ଜୀବନର ଗୋଟିଏ ବର୍ଷ ଏବଂ ମନୋବଳ ନଷ୍ଟ ହୁଏ । (A criminal may escape, but let not an innocent be punished) ଜଣେ ଅପରାଧୀ ପଛକେ ଖସିଯାଉ, ମାତ୍ର ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ - ଏ ସୁକ୍ତିର ପୁରାପୁରି ଖିଲାପ କରାଯାଉଛି । ଏହା କ'ଣ ଏକପ୍ରକାର ମାନବିକ ଅଧିକାର ଉଲ୍ଲଘଂନ ନୁହେଁ ?

ମୋଟ ଉପରେ ଦେଖିଲେ ଆଧୁନିକ ଶିକ୍ଷା ମେରୁଦଣ୍ଡ ବିହୀନ ପରି ପ୍ରତୀୟମାନ ହୁଏ । ପିଲାମାନେ କି ଶିକ୍ଷା, କି ଆଦର୍ଶ, କି ମୂଲ୍ୟବୋଧନେଇ ସ୍କୁଲ୍ କଲେଜରୁ ଫେରନ୍ତି ? କିଛି ନାହିଁ, କେବଳ ଗୁଡ଼ିଏ ମୂଲ୍ୟହୀନ ପ୍ରମାଣପତ୍ର- ଯାହା ନା ସମାଜକୁ, ନା ଦେଶକୁ କିଛି ସାହାଯ୍ୟ କରେ । ଏ ପ୍ରମାଣପତ୍ର ଏବେ ବହୁ ପରିମାଣରେ ଖରିଦ କରାଯାଉଛି । ଜଣେ ଏସ୍.ପି.ଙ୍କ ସ୍ତ୍ରୀ କୁଆଡ଼େ ପରୀକ୍ଷା ହଲ୍‌ରେ ନବସି ମଧ୍ୟ ଫାଷ୍ଟ ଡ଼ିଭିଜନ ପାଇଛନ୍ତି । ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଧକ୍କା ମାରି ରାତି ଅଧରେ ନିଦ୍ରାବସ୍ଥାରେ ଘୋଷାଡ଼ି ଆଣି ଜେଲ୍‌ରେ ଭର୍ତ୍ତି କରାଯାଇଛି । ଶିଶୁ ଏ ବୟସ୍କମାନଙ୍କଠାରୁ କ'ଣ ଶିଖିବେ ? ଏଇ ସୃଷ୍ଟିର ଜୀର୍ଣ୍ଣ-ପୁରାତନକୁ ଛୁଉଁ ଛୁଉଁ ଶିଶୁର ସମସ୍ତ ଜୀବନ ମଧ୍ୟ ଜୀର୍ଣ୍ଣ ଓ ନିରାନନ୍ଦମୟ ହୋଇଯାଉଛି । ଯେଉଁ ବକ୍ଷକୁ ସେ 'ପୀରତି ସେନେହ ଭୋଳେ' ଚାଲିଯିବାକୁ·ବସୁଛି ସେ ବକ୍ଷରେ ବହୁତ ହଳାହଳ ପୂର୍ଣ୍ଣ ହୋଇରହିଛି । ସେ ଶିଶୁ ଯିବ କୁଆଡ଼େ ? ଚତୁର୍ଦ୍ଦିଗର ନାନାକଳଙ୍କ, ତାକୁ କଳଙ୍କିତ କରିଦେବାକୁ ବେଶୀ ସମୟ ଲାଗୁନାହିଁ । ଗୋଟିଏ ୬ଷ୍ଠ ଶ୍ରେଣୀର ବାଳକ ତାର ସହାଧ୍ୟାୟୀକୁ ଗୁଳିକରି ମାରି ଦେଇଛି । ଏଇୟାତ ଆମ ସମାଜ ଶିଶୁକୁ ଶିକ୍ଷା ଦେଉଛି । ଏକଦା ଜନୈକ କବି ଶିଶୁକୁ ଲକ୍ଷ୍ୟ କରି କହିଥିଲେ, 'ଅଜ୍ଞାନ ବାଳୁତ ଅଟୁଟୁରେ ସୁତ କାହୁଁ ଜାଣିବୁ ସେ କଥା, ବଡ଼ ହୋଇଗଲେ ବଳି ପଡ଼ିବରେ ସଂସାର ଦାରୁଣ ବ୍ୟଥା ।'

Digitized by PPRACHIN, SOA

ଏ କଳଙ୍କିତ, ଦୁର୍ନୀତିଗ୍ରସ୍ତ ସଂସାରରୁ ଏକ ଭିନ୍ନ ପରିବେଶକୁ ଶିଶୁକୁ ନେଇଯାଅ । ତାର ହୃଦୟରୁ ସେ ଜୀବନକୁ ଏବଂ ସେ ଆନନ୍ଦକୁ ଲିଭିବାକୁ ନଦେଇ ତାକୁ ଉଜ୍ଜୀବିତ କରିବାକୁ ଦିଅ । ସେ ଅମୃତର ସନ୍ତାନ, ଗରଳ ବୋଲା ନହେଉ । ତେବେ ଯାଇ ଏକ ସୁସ୍ଥ ସମାଜ, ଏକ ସୁସ୍ଥ ସଂସାରର କଳ୍ପନା କରାଯାଇପାରେ । ଏ ଦୁର୍ନୀତିଗ୍ରସ୍ତ ସମାଜର ବ୍ୟକ୍ତିମାନଙ୍କ ହେପାଜତ୍‌ରେ ତାକୁ ଛାଡ଼ିଦେଲେ ସେ ପୁଣି କଳଙ୍କିତ ହୋଇଯିବ ।

At birth I was nearer to God

But lo ! I am now farther from heaven.

'ମୁଁ ଜନ୍ମବେଳେ ଈଶ୍ୱରଙ୍କ ନିକଟତର ଥିଲି, ମାତ୍ର ଏବେ ସ୍ୱର୍ଗଠାରୁ ବହୁଦୂରକୁ ଚାଲିଯାଇଛି । ଏହା ହେଲା ଜନୈକ ମନିଷୀଙ୍କର ଉକ୍ତି । ତେବେ ଆମେ କାହିଁକି ସ୍ୱର୍ଗଠାରୁ ଦୂରେଇ ଯାଉଛୁ ? ଆମର ଲକ୍ଷ୍ୟସ୍ଥଳର ବିପରୀତ ଦିଗରେ ଚାଲିବା ଆରମ୍ଭ କରି ହା-ହୁତାଶମୟ ଜୀବନ ବିତାଉଛୁ ।

ପ୍ରଖ୍ୟାତ୍ ଇଂରେଜ କବି ଓ୍ୱାର୍ଡ୍ସୱାର୍ଥ କହିଥିଲେ, ''ମୁଁ ଜୀବନସାରା ଏକ ଶିଶୁ ହୋଇ ରହିବାକୁ ଚାହେଁ ।'' (I want to remain a child forever) ପ୍ରକୃତରେ ଶିଶୁ ହେବାରେ ହିଁ ଆନନ୍ଦ ଅଛି । ଆଜିର ସମସ୍ତ ବ୍ୟକ୍ତି ଶିଶୁ ହୋଇଯାଆନ୍ତୁ । ଶିଶୁପରି ଆନନ୍ଦ ଓ ଜୀବନ ବିଶ୍ୱର ପ୍ରତି କୋଣେ ଅନୁକୋଣେ ଭରିଯାଉ । ଅଯଥା ଅର୍ଥ ପଛରେ ଧାବମାନ ହୋଇ ଜୀବନକୁ ଦୁର୍ବିସହ ନକରନ୍ତୁ ।

'ଅର୍ଥ ମନର୍ଥଂ ଭାବୟ ନିତ୍ୟମ୍, ନାସ୍ତି ତତଃ ସୁଖ ଲେଶ ସତ୍ୟମ୍' (ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ) ତେଣୁ ସନାତନ ସଂସ୍କୃତି ଉଦାତ୍ତ କଣ୍ଠରେ ଘୋଷଣା କରିଥିଲା, 'କେତେ ଅଳ୍ପରେ ବଞ୍ଚିପାରିବ- ତାହାହିଁ ଆବଶ୍ୟକତା । 'ବନେ ଭକ୍ଷିବ କନ୍ଦମୂଳ, ପିନ୍ଧିବ ବୃକ୍ଷର ବଳ୍କଳ ।' 'ଯଲ୍ଲଭସେ ନିଜ କର୍ମୋ ପାତ୍ତଂ, ବିତଂ ତେନ ବିନୋଦୟ ଚିତ୍ତଂ' (ଶଙ୍କରାଚାର୍ଯ୍ୟ) ନଚେତ୍ ଅର୍ଥ ପ୍ରାପ୍ତି ଲାଳସାର ଅନ୍ତ ନାହିଁ । (There is no end to the lust for money) ଏପରି ଏକ ବିଭ୍ରାନ୍ତିକର ଲକ୍ଷ୍ୟକୁ ଆଖି ଆଗରେ ରଖି ପାଶ୍ଚାତ୍ୟସଭ୍ୟତା ଧାବମାନ । ଗୁଡ଼ାଏ ଧନ ଅର୍ଜି ଶେଷକୁ ଅଶାନ୍ତ ମୃତ୍ୟୁ ହିଁ ସୁନିଶ୍ଚିତ । ରାତ୍ରିରେ ନିଦ୍ରା ହେଉ ନାହିଁ, ସମ୍ପତ୍ତିର ଉପଯୁକ୍ତ ଉପଯୋଗ ହୋଇପାରୁନାହିଁ ।

Money can buy Temple- not Lord

Money can buy book - not Brain

Digitized by PPRACHIN, SOA

Money can buy bed - not Sleep

Money can buy medicine - not health

Money can buy house - not home

ତେବେ ଧନ ବା ଅର୍ଥ ଯାହାକୁ କିଣି ନପାରିବ, ତା ପାଇଁ କି ଉପାୟ ? ଭୋଗବାଦୀ ପାଶ୍ଚାତ୍ୟ ଜଗତର ପ୍ରଭାବରେ ଆମେ ଆମର ଚିରନ୍ତନ ସତ୍ୟ ଓ ତ୍ୟାଗର ମାର୍ଗରୁ ବିଚ୍ୟୁତ ହୋଇଛୁ । 'ପାର୍ଲିଆମେଣ୍ଟ ଅଫ୍ ୱାର୍ଲ୍ଡ ପିସ୍' ରେ ମହର୍ଷି ମହେଶଯୋଗୀଙ୍କର 'Vedic Science' ସମ୍ବନ୍ଧରେ ବିସ୍ତୃତ ଆଲୋଚନା ଚାଲିଛି । ମାତ୍ର ଆମର ଯୁବ ପୀଢ଼ି ସେ ଦିଗରେ ଧ୍ୟାନ ଦେବାକୁ ବୀତସ୍ପୃହ, କାରଣ ସେ ବୟସ୍କମାନଙ୍କଠାରୁ ସେ ଶିକ୍ଷା କରିନାହାନ୍ତି । ଶିଶୁର ଶିକ୍ଷା ସେହିପରି ହେବା ଉଚିତ୍, ଯେପରି ସେ ନିତ୍ୟାନନ୍ଦ ଏବଂ ପ୍ରାଣବନ୍ତ ହୋଇ ରହିବ, - ମୃତ୍ୟୁ ପର୍ଯ୍ୟନ୍ତ । କାରଣ "What is learnt in the cradle is carried to the grave." ଶିଶୁର ସେହି ଚିରନ୍ତନ ମୂଲ୍ୟବୋଧର ଶିକ୍ଷା ବର୍ତ୍ତମାନ ସମାଜର ସର୍ବୋପରି ଆବଶ୍ୟକତା- ବୟସ୍କ ବ୍ୟକ୍ତି ଓ ସମାଜ ଏହା ଭୁଲିଯିବା ଅନୁଚିତ୍ ।

(ସହକାର)

Digitized by PPRACHIN, SOA

ପୂର୍ବତନ ଗଡ଼ଜାତମାନଙ୍କରେ ଶିକ୍ଷା ଓ ଶିକ୍ଷକ- ଏକ ବିସ୍ତୃତ ଅଧ୍ୟାୟ

(ଗଡ଼ଜାତ ମିଶ୍ରଣର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ)

ପ୍ରାଚୀନ ଓଡ଼ିଶା ବହୁତ କ୍ଷୁଦ୍ର ବୃହତ୍ ଗଡ଼ଜାତମାନଙ୍କରେ ବିଭକ୍ତ ଥାଇ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ଏପରି କେତେକ ଗଡ଼ ହେଲା, ଗଡ଼ମାଣିତ୍ରୀ, ନରଣ ଗଡ଼, ହଦଗଡ଼, ସାରଙ୍ଗ ଗଡ଼, ମଧୁପୁରଗଡ଼ ଇତ୍ୟାଦି । ଅଧିକ ଆୟତନ ବିଶିଷ୍ଟ ରାଜ୍ୟକୁ ଦଣ୍ଡପାଟ ଏବଂ ଏପରି କେତେକ ଗଡ଼ ଓ ଦଣ୍ଡପାଟ କେତେକ ମଣ୍ଡଳ ଅଧୀନରେ ରହୁଥିଲେ । ସର୍ବୋପରି ପୁରୀର ଗଜପତି ଓଡ଼ିଶାର ରାଜା ବୋଲାଉଥିଲେ । ବ୍ରିଟିଶ ଶାସନ ସମୟରେ ଅନେକ ଗଡ଼କୁ ପ୍ରତ୍ୟକ୍ଷ ଶାସନାଧୀନ କରି ମଧସତ୍ତ୍ୱାଧୀକାରୀଭାବେ ଜମିଦାର ନିଯୁକ୍ତ କରିଥିଲେ । ଏଗୁଡ଼ିକ ମୋଗଲବନ୍ଦୀ କୁହାଯାଉଥିଲା । ଅନେକ ଦୁର୍ଗମ ଅଞ୍ଚଳକୁ କରଦରାଜ୍ୟ କରି ରଖାଯାଇଥିଲା । ଏଗୁଡ଼ିକ ଗଡ଼ଜାତ । ଗଡ଼ଜାତର ରାଜାମାନଙ୍କର ନିଜ ରାଜ୍ୟରେ ସାର୍ବଭୌମ କ୍ଷମତା ଥିଲେ ହେଁ ସେମାନେ ସୈନ୍ୟରଖି ପାରିଲେ ନାହିଁ କି ରାଜ୍ୟ ବିସ୍ତାର କରିପାରିଲେ ନାହିଁ । ସ୍ୱାଧୀନତା ପ୍ରାପ୍ତି ପରେ ସେମାନେ ଭାରତ ବା ପାକିସ୍ଥାନ ସହ ସାମିଲ ହୋଇପାରିବେ, ନଚେତ୍ ନିଜେ ସ୍ୱାଧୀନ ଭାବେ ରାଜ୍ୟ ଶାସନ କରିବାର ସ୍ୱାଧୀନତା ସେମାନଙ୍କର ଥିଲା । ଗଡ଼ଜାତ ମିଶ୍ରଣର ପଚାଶବର୍ଷ ପୂର୍ତ୍ତି ଉପଲକ୍ଷେ ଆଜିର ଆଲୋଚନା କେବଳ ତତ୍ରସ୍ଥ ଶିକ୍ଷା ଓ ଶିକ୍ଷକ ସମ୍ବନ୍ଧରେ ସୀମିତ ।

ଓଡ଼ିଶାର ଗଡ଼ଜାତମାନଙ୍କରେ ଶିକ୍ଷା ବିସ୍ତାର : ଓଡ଼ିଶାରେ ଏପରି ସତେଇଶି ଗୋଟି ଗଡ଼ଜାତ ଥିଲା । ସେଗୁଡ଼ିକ ହେଲା ମୟୂରଭଞ୍ଜ, ନୀଳଗିରି, କେନ୍ଦୁଝର, ଢେଙ୍କାନାଳ, ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର, ନୟାଗଡ଼, ଦଶପଲ୍ଲା, ଖଣ୍ଡପଡ଼ା, ରଣପୁର, ହିନ୍ଦୋଳ, ତାଳଚେର, ପାଲଲହଡ଼ା, ଆଠମଲ୍ଲିକ, ବାମଣ୍ଡା, ସୋନପୁର, ବଉଦ, ସୁନ୍ଦରଗଡ଼, ରେଢ଼ାଖୋଲ, ପାଟଣା, ଗାଙ୍ଗପୁର, ବଣାଇ, କଳାହାଣ୍ଡି, ଷଢେଇକଳା ଓ ଖରସୁଆଁ ।

ଇଂରେଜୀ ଶିକ୍ଷା ପ୍ରଚଳନପରେ ଓଡ଼ିଶାରେ ପ୍ରଥମ ଉଚ୍ଚଇଂରାଜୀ ବିଦ୍ୟାଳୟ ସ୍ଥାପିତ ହେଲା ୧୮୫୧ରେ ବାଲେଶ୍ୱରଠାରେ । କଟକସ୍ଥ ରେଭେନ୍ସା ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହୁଏ ୧୮୫୫ ମସିହାରେ । ତତ୍‌ପରେ ବିଭିନ୍ନ ସ୍ଥାନରେ ମଧ-ଇଂରାଜୀ ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟମାନ ସ୍ଥାପିତ ହେବାକୁ ଲାଗିଲା । କେବଳ ଜିଲ୍ଲାର ସଦର ମହକୁମାରେ ଥିବା ବିଦ୍ୟାଳୟଗୁଡ଼ିକ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିଲା ଓ ସେଗୁଡ଼ିକରେ ନିଯୁକ୍ତ

Digitized by PPRACHIN, SOA

ଶିକ୍ଷକ ତଥା ଅଣଶିକ୍ଷକ କର୍ମଚାରୀମାନେ ସରକାରଙ୍କ ନିର୍ଦ୍ଧାରିତ ଦରମା ଭତ୍ତା ଇତ୍ୟାଦି ପାଉଥିଲେ । ଓଡ଼ିଶାରେ ସେତେବେଳେ ଛଅଟି ଜିଲ୍ଲାରେ ଏପରି ମାତ୍ର ଛଅଗୋଟି ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଥିଲା । ଏତଦ୍‌ବ୍ୟତୀତ କଟକଠାରେ ଗୋଟିଏ ପ୍ରଶିକ୍ଷଣ ବିଦ୍ୟାଳୟ (ସି.ଟି. ସ୍କୁଲ୍) ଥିଲା । ମାଇନର୍ ପାଶ୍ କରିଥିବା ପିଲାମାନେ ଗୁରୁଟ୍ରେନିଂ (ଇ.ଟି) ବିଦ୍ୟାଳୟରେ ପ୍ରଶିକ୍ଷିତ ହେଉଥିଲେ । ଏହି ବିଦ୍ୟାଳୟଗୁଡ଼ିକ ମଧ୍ୟ ସରକାରଙ୍କ ନିୟନ୍ତ୍ରଣାଧିନ ଥିଲା । ଟ୍ରେନିଂ ଛାତ୍ରମାନେ ସରକାରଙ୍କଠାରୁ ଅନୁଦାନ (ଷ୍ଟାଇପେଣ୍ଡ) ପାଉଥିଲେ ।

ଜିଲ୍ଲାର ସଦର ମହକୁମା ବ୍ୟତୀତ ଅନ୍ୟ ଯେତେ ବିଦ୍ୟାଳୟ ମୋଗଲବନ୍ଦୀ ଅଞ୍ଚଳରେ ଖୋଲୁଥିଲା ସେସବୁ ଘରୋଇ ପରିଚାଳନାଧୀନ ଥିଲେ । ପ୍ରତ୍ୟେକ ବିଦ୍ୟାଳୟ ସରକାରୀ ଅନୁଦାନ (aid) ପାଉଥିଲେ । ସମୁଦାୟ ଖର୍ଚ୍ଚର ଦୁଇ ତୃତୀୟାଂଶ ସରକାର ଦେଉଥିଲେ । ବାକି ଏକ ତୃତୀୟାଂଶ ପରିଚାଳନା କର୍ତ୍ତୃପକ୍ଷ ତୁଲାଉଥିଲେ ।

ଏ ଗଲା ମୋଗଲବନ୍ଦୀ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା । ସେ ସ୍ଥାନମାନଙ୍କରେ ଶିକ୍ଷାର ଆଲୋକ ପ୍ରବେଶ କରିବାରୁ ଏବଂ ଜନସାଧାରଣଙ୍କ ସଚେତନତା ହେତୁ ବହୁ ଘରୋଇ ମଧ୍ୟ-ଇଂରାଜୀ ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ଥାପିତ ହେଲା- ବିଶେଷ କରି ବିଂଶ ଶତାବ୍ଦୀର ପ୍ରାରମ୍ଭରେ । ମାତ୍ର ଗଡ଼ଜାତଗୁଡ଼ିକ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଏକକ ଥିବାରୁ ସେମାନେ ବ୍ରିଟିଶ ସରକାରଙ୍କ ଅନୁଦାନ ପାଇବାର ପ୍ରଶ୍ନ ନଥିଲା । ଏହି ଗଡ଼ଜାତଗୁଡ଼ିକ ଶିକ୍ଷା ଦିଗରେ ଅନଗ୍ରସର ଥିଲେ । ଅତି ଅଳ୍ପ ସଂଖ୍ୟକ ଛାତ୍ର ମୋଗଲବନ୍ଦୀ ଅଞ୍ଚଳକୁ ଯାଇ ବିଦ୍ୟାଧ୍ୟୟନ କରୁଥିଲେ । ଜନସାଧାରଣଙ୍କର ଶିକ୍ଷା ସମ୍ବନ୍ଧରେ ସଚେତନତା ନଥିଲା । ତେଣୁ ବ୍ରିଟିଶ ସରକାରଙ୍କ ନିର୍ଦ୍ଦେଶମତେ ଗଡ଼ଜାତମାନଙ୍କରେ ପ୍ରତ୍ୟେକ ପ୍ରଜାଠାରୁ ପ୍ରତି ଏକଟଙ୍କା ରାଜସ୍ୱରେ ଦୁଇଅଣା (ଅଷ୍ଟମାଂଶ) ଶିକ୍ଷାକର ଏବଂ ଏକ ଅଣା (ଷୋଡ଼ଶାଂଶ) ଜଙ୍ଗଲ କର ଭାବରେ ଆଦାୟ କରାଯାଉଥିଲା । ସେହି ଅର୍ଥରେ ରାଜାମାନେ ନିଜ ନିଜ ରାଜ୍ୟରେ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରୁଥିଲେ । ଅତି କ୍ଷୁଦ୍ର ରାଜ୍ୟ ଯଥା ରେଢ଼ାଖୋଲ, ତିଗିରିଆ, ହିନ୍ଦୋଳ ଓ ପାଲଲହଡ଼ା ଇତ୍ୟାଦିରେ ଶିକ୍ଷାକର ଦ୍ୱାରା କେବଳ ପ୍ରାଥମିକ ବିଦ୍ୟାଳୟ ପରିଚାଳନା ସମ୍ଭବ ହେଉଥିଲା । ଗଡ଼ଜାତ ଅଞ୍ଚଳରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାରେ ବାମଣ୍ଡା ଥିଲା ଅଗ୍ରଣୀ । ତଦୀୟ ରାଜା ସାର୍ ସୁଢ଼ଳଦେବଙ୍କର ଶିକ୍ଷା ଓ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରକ୍ତି ହେତୁ ସେଠାରେ ସର୍ବାଗ୍ରେ ଉଚ୍ଚବିଦ୍ୟାଳୟ ସ୍ଥାପିତ ହୋଇଥିଲା । (ଖ୍ରୀ ୧୮୯୧) । ମୟୂରଭଞ୍ଜରେ ଦୁଇଟି- ବାରିପଦା (M.K.C.) ଓ ରାଇରଙ୍ଗପୁର, କେନ୍ଦୁଝରରେ ଧନୁର୍ଜୟ ନାରାୟଣ ହାଇସ୍କୁଲ୍, ଢ଼େଙ୍କାନାଳରେ ଢ଼େଙ୍କାନାଳ ହାଇସ୍କୁଲ୍, ସୁନ୍ଦରଗଡ଼ରେ ବ୍ରଜେନ୍ଦ୍ର ନାରାୟଣ ହାଇସ୍କୁଲ୍, ବଲାଙ୍ଗୀରରେ ପୃଥ୍ୱୀରାଜ

Digitized by PPRACHIN, SOA

ହାଇସ୍କୁଲ୍, ବଲାଙ୍ଗୀରର ଓ ପାଟଣାଗଡ଼, କଳାହାଣ୍ଡିରେ ଭବାନୀପାଟଣା ହାଇସ୍କୁଲ୍ ଓ ପରେ ଆଠଗଡ଼ , ନରସିଂହପୁର, ଯୁବରାଜ ହାଇସ୍କୁଲ୍, ତାଳଚେର, ବ୍ରଜେନ୍ଦ୍ର ହାଇସ୍କୁଲ୍, ନୟାଗଡ଼ ପ୍ରତିଷ୍ଠା କରାଗଲା । ଅନ୍ୟ ଗଡ଼ଜାତରେ ରାଜାମାନେ ପିଲାମାନଙ୍କୁ ଷ୍ଟାଇପେଣ୍ଡ ଦେଇ ନିକଟସ୍ଥ ଗଡ଼ଜାତମାନଙ୍କୁ ବିଦ୍ୟାଧ୍ୟୟନ ପାଇଁ ପ୍ରେରଣ କରୁଥିଲେ । ଢେଙ୍କାନାଳ ଉଚ୍ଚ ଇଂରାଜୀ ବିଦ୍ୟାଳୟକୁ (୧୮୯୬), ତାଳଚେର, ପାଲଲହଡ଼ା, ହିନ୍ଦୋଳ, ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର ଓ ଦଶପଲ୍ଲା ଏପରି ଆଠଗୋଟି ଗଡ଼ଜାତର ପିଲା ବିଦ୍ୟାଧ୍ୟୟନ ପାଇଁ ଆସୁଥିଲେ । ଏହି ଛାତ୍ରମାନେ ଶିକ୍ଷା ଶେଷ ପର୍ଯ୍ୟନ୍ତ ରାଜକୋଷରୁ ଅନୁଦାନପାଇଁ ବିଦ୍ୟାଶିକ୍ଷା କରୁଥିଲେ ଓ ପାଠ୍ୟ ସମାପ୍ତିପରେ ନିଜ ନିଜ ରାଜ୍ୟର ବିଭିନ୍ନ ପଦ ପଦବୀରେ ନିଯୁକ୍ତି ପାଉଥିଲେ । ଯଥେଷ୍ଟ ସଂଖ୍ୟକ ଉପଯୁକ୍ତ ବ୍ୟକ୍ତି ମିଳୁ ନଥିବାରୁ କେତେକ ପଦବୀରେ ବିଦେଶାଗତ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦିଆଯାଉଥିଲା । ଏହି ବିଦ୍ୟାଳୟମାନଙ୍କରୁ କେତେକ ଉନବିଂଶ ଶତାବ୍ଦୀରେ ଓ ଅନ୍ୟ କେତେକ ବିଂଶ ଶତାବ୍ଦୀରେ ପ୍ରଥମ ପାଦରେ ପ୍ରତିଷ୍ଠିତ ହୋଇଥିଲା ।

ସ୍ୱାଧୀନତା ପ୍ରାପ୍ତିର ପ୍ରାକ୍କାଳ : ସ୍ୱାଧୀନତା ପ୍ରାପ୍ତିର ପ୍ରାକ୍କାଳରେ ଜନସଚେତନତା ବୃଦ୍ଧି ପାଇବା ହେତୁ ଅପେକ୍ଷାକୃତ ସ୍ୱଚ୍ଛ ସମ୍ବଳଯୁକ୍ତ ଗଡ଼ଜାତମାନଙ୍କରେ କେତେଗୁଡ଼ିଏ ଉଚ୍ଚ ବିଦ୍ୟାଳୟ (ଇଂରାଜୀ ମାଧ୍ୟମରେ ଅଧ୍ୟାପନା ବନ୍ଦ ହୋଇଯାଇଥିଲା) ମୁଣ୍ଡ ଟେକି ଉଠିଲେ । ସେମାନଙ୍କର ମଧ୍ୟରେ ରଣପୁର, ଖଣ୍ଡପଡ଼ା, ଦଶପଲ୍ଲା, ରେଢ଼ାଖୋଲ, ଆଠମଲ୍ଲିକ, ନୀଳଗିରି, ବଡ଼ମ୍ବା, ବଣାଇ ଓ ପାଲଲହଡ଼ାଠାରେ ପ୍ରଥମ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳର କାମାକ୍ଷାନଗର, ନୟାଗଡ଼ର ଶରଣକୂଳ, ବାମଣ୍ଡାର କୁଚିଣ୍ଡାଠାରେ ଦ୍ୱିତୀୟ, କେନ୍ଦୁଝରର ଆନନ୍ଦପୁର ଓ ଚମ୍ପୁଆଠାରେ ଦ୍ୱିତୀୟ ଓ ତୃତୀୟ, ମୟୂରଭଞ୍ଜର କରଞ୍ଜିଆ, ଶୀର୍ଷା, ସୁକ୍ରୁଲି, ବହଳଦା, ଉଦଳା ଓ ବେତନଟୀ, ସୁନ୍ଦରଗଡ଼ର ଉଦିତ୍‌ନଗର କୁଆଁରମୁଣ୍ଡା ଓ ଉଜ୍ଜ୍ୱଳପୁର, ପାଟଣାର ଟିଟିଲାଗଡ଼, କଳାହାଣ୍ଡିର ଯୁନାଗଡ଼, ଥୁଆମୁଳ ରାମପୁର ଓ ଜୟପାଟଣା । ଏତଦ୍‌ବ୍ୟତୀତ ପ୍ରାୟ ଏକଶତ ପଚାଶ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ।

ସ୍ୱାଧୀନତା ପ୍ରାପ୍ତି ପରବର୍ତ୍ତୀ ଅଧ୍ୟାୟ : ୧୯୪୮ ଜାନୁୟାରୀ ପହିଲାରେ ମୟୁରଭଞ୍ଜ ବ୍ୟତୀତ ସମସ୍ତ ଗଡ଼ଜାତ ଭାରତ ସରକାରଙ୍କ ଶାସନାଧିନ ହେଲା । ଏହାର ମୁଖ୍ୟ ପୁରୋଧା ଥିଲେ ତତ୍‌କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ । ମୟୁରଭଞ୍ଜରେ ପ୍ରଜା ପରିଷଦ ଗଠନ କରି ରାଜା ତାଙ୍କର କ୍ଷମତା ହସ୍ତାନ୍ତର କରି ଦେଇଥିବାରୁ ପ୍ରଜାପରିଷଦ ସହ ଆଲୋଚନା କରି ତାହା ଭାରତ ସରକାର ଅଧୀନକୁ ଯିବା ଏକବର୍ଷ ବିଳମ୍ବରେ ଅର୍ଥାତ୍ ୧୯୪୯ ଜାନୁୟାରୀରେ ସମ୍ପନ୍ନ ହେଲା । ବ୍ରିଟିଶ ସରକାର ସମସ୍ତ

Digitized by PPRACHIN, SOA

ଗଡ଼ଜାତର ରାଜାମାନଙ୍କୁ କ୍ଷମତା ଦେଇଥିଲେ ଯେ ସେମାନେ ଇଚ୍ଛାକଲେ ଭାରତ ବା ପାକିସ୍ଥାନ ସହ ମିଳିତ ହୋଇପାରନ୍ତି କିମ୍ବା ନିଜେ ନିଜେ ସ୍ୱାଧୀନ ଭାବେ ରାଜ୍ୟ ଶାସନ କରିପାରନ୍ତି । ମହୀଶୂର, ହାଇଦ୍ରାବାଦ ଓ କାଶ୍ମୀର ଇତ୍ୟାଦି ବୃହତ୍ ଗଡ଼ଜାତମାନେ ଉକ୍ତ ସମୟରେ ଭାରତବର୍ଷ ସହ ସାମିଲ୍ ହେଲେ ।

୧୯୪୮ ମସିହାରେ ଓଡ଼ିଶା ସରକାର ଗଡ଼ଜାତମାନଙ୍କରେ ଥିବା ସମସ୍ତ ବିଭାଗର କର୍ମଚାରୀମାନଙ୍କର କ୍ୟାଡ଼ର୍ ସ୍ଥିର କଲେ । ତହିଁରେ ବିଦ୍ୟାଳୟମାନଙ୍କ ସମ୍ବନ୍ଧରେ ସରକାରଙ୍କର ନିର୍ଦ୍ଦେଶନାମା ଥିଲା, "All educational institutions of all types (Primary, Middle, High Schools, Training Schools, Sanskrit Tols and colleges) in the ex-state areas are treated as government institutions since 1.1.1948" । ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ସରକାରୀ କର୍ମଚାରୀ ଭାବେ ପରିଗଣିତ ନ ହେଉଥିଲେ ମଧ୍ୟ ଯେଉଁ ଗଡ଼ଜାତମାନଙ୍କରେ ପେନ୍‌ସନ୍ ବ୍ୟବସ୍ଥା ଥିଲା ସେଠାକାର ଶିକ୍ଷକମାନଙ୍କୁ ପେନ୍‌ସନ୍ ଦିଆଗଲା ।

ମାତ୍ର ୧୯୪୯ ଜାନୁୟାରୀ ମାସରେ ଓଡ଼ିଶା ସରକାରଙ୍କ ଶିକ୍ଷା ସଚୀବ ପୂର୍ବତନ ଗଡ଼ଜାତ ସ୍କୁଲ୍‌ମାନଙ୍କ ବିଷୟରେ ଏକ ପତ୍ରରେ ଜଣାଇଲେ ଯେ " XXX The mariginally noted High Schools will be district schools, the employees will be govt. servants xxx" ।

As for the other schools in the ex-state areas they will be of two types...

1) complete schools will be A type schools. Employees of these schools will get pay in the scales prescribed for govt. servants. There posts will be pensionable. xxx.

2) Incomplete schools will be 'B' type schools. The employees will get pay on the scales prescribed for govt. servants. xx Their posts will not be pensionable. They will get the benefit of contributory provident fund to which govt. will contribute one anna in a rupee of the salary. xxx

3) As for the middle schools, they will be 'B' type schools.

ଏହା ଗୋଟିଏ ଚିଠି ଥିଲା ମାତ୍ର । ମନ୍ତ୍ରୀମଣ୍ଡଳ ଦ୍ୱାରା ଅନୁମୋଦିତ ନୁହେଁ ବା ଗେଜେଟ୍‌ରେ ପ୍ରକାଶିତ ହୋଇନଥିଲା । ଓଡ଼ିଶାରେ ପୂର୍ବରୁ ଦୁଇଟି ଶିକ୍ଷା ସର୍କଲ ଥିବାବେଳେ ଗଡ଼ଜାତ ମିଶ୍ରଣ ପରେ ଗୋଟିଏ ସ୍ୱତନ୍ତ୍ର ମଣ୍ଡଳ (Special Circle) ବଲାଙ୍ଗୀରଠାରେ ଖୋଲାଗଲା । ଏହି ମଣ୍ଡଳ ଅଧୀନରେ କଳାହାଣ୍ଡି, ବଲାଙ୍ଗିର, ସୁନ୍ଦରଗଡ଼, ବଣାଇ,

Digitized by PPRACHIN, SOA

ଦେବଗଡ଼, ରେଢ଼ାଖୋଲ ଏବଂ ଢେଙ୍କାନାଳର ପାଞ୍ଚଗୋଟି ଗଡ଼ଜାତ ଢେଙ୍କାନାଳ, ତାଳଚେର, ପାଲଲହଡ଼ା, ହିନ୍ଦୋଳ ଓ ଆଠମଲ୍ଲିକ ଅର୍ଥାତ୍ ପ୍ରାୟତଃ ଅଧିକାଂଶ ଗଡ଼ଜାତ ଅଞ୍ଚଳ ଥିଲା । ତତ୍କାଳୀନ ମଣ୍ଡଳାଧୀଶ ଉପରୋକ୍ତ ଚିଠିର ଗୁରୁତ୍ୱ ନଥିବା ଉପଲବ୍ଧି କରି 'A' ଟାଇପ୍‌ରୁ 'B' ଟାଇପ୍ ଓ 'B' ଟାଇପ୍‌ରୁ 'A' ଟାଇପ୍‌କୁ ଶିକ୍ଷକମାନଙ୍କୁ ସ୍ୱ ସ୍ୱ ବେତନରେ ବଦଳି କରୁଥିଲେ । କାରଣ ସେ ଜାଣିଥିଲେ ଯେ ଯେତେ ଟାଇପ୍ କଲେ ମଧ ସମସ୍ତେ ସମାନସ୍ତରର ସରକାରୀ କର୍ମଚାରୀ । ଶିକ୍ଷକ ନିଯୁକ୍ତି ମଣ୍ଡଳାଧୀଶମାନେ କରୁଥିଲେ ଏବଂ କୌଣସି ବିଦ୍ୟାଳୟରେ ନିଯୁକ୍ତି ଦେବାବେଳେ ଟାଇପ୍ ଲେଖାଯାଉନଥିଲା । ମାତ୍ର ସେ ମହାଶୟ ପଦୋନ୍ନତି ପାଇବା ପରେ ଅନ୍ୟମଣ୍ଡଳାଧୀଶମାନେ ଏ ଟାଇପ୍ ଦୁଇଟିକୁ ସବର୍ଣ୍ଣ ଓ ଅସବର୍ଣ୍ଣ ଭାବେ ଦେଖିବା ଆରମ୍ଭ କଲେ ଏବଂ 'ବି' ଟାଇପ୍ ଶିକ୍ଷକମାନଙ୍କୁ ହୀନ ନଜରରେ ଦେଖିବାକୁ ଲାଗିଲେ ଯଦିଓ ଅନେକ 'ବି' ଟାଇପ୍ ସ୍କୁଲ୍‌ର ଫଳାଫଳ 'ଏ' ଟାଇପ୍ ବିଦ୍ୟାଳୟମାନଙ୍କଠାରୁ ବହୁତ ଭଲ ଥିଲା । ସେମାନଙ୍କର ପ୍ରୋଭିଡେ଼ଣ୍ଟ ଫଣ୍ଡ ଆକାଉଣ୍ଟ ମଧ A.G. ଖୋଲିଲେ ନାହିଁ । ଦରଖାସ୍ତ ଦେଲେ A.G କହିଲେ Your case is still under consideration of govt. whether they will be pensionable or not. Please wait until a final decision is made. ଏହି ଫାଇନାଲ୍ ଡ଼ିସିସନ୍ ୧୯୬୪ ମସିହା ପର୍ଯ୍ୟନ୍ତ ହେଲାନାହିଁ । ତନ୍ମଧରେ ଯେତେକ ଶିକ୍ଷକ ଅବସରପ୍ରାପ୍ତ ହେଲେ ସେମାନେ ରିକ୍ତ ହସ୍ତରେ ହା ହୁତାଶରେ କାଳ କଟାଇଲେ । ଘରୋଇ ସ୍କୁଲ୍‌ର ଶିକ୍ଷକମାନେ ଅବସର ବେଳେ ଟି.ପି.ଏଫ୍.ରୁ (ଟିଚରର୍ସ ପ୍ରୋଭିଡେ଼ଣ୍ଟ ଫଣ୍ଡ) କିଛି ଅବସରକାଳୀନ ସହାୟତା ପାଇଥିବାବେଳେ ଏମାନଙ୍କର ତାହା ମଧ ନଥିଲା । ସରକାରଙ୍କର ନିଜ କର୍ମଚାରୀଙ୍କ ପ୍ରତି ଏ ନିର୍ଦ୍ଦୟ ଅବହେଳା ପୃଥିବୀର ଇତିହାସରେ ବିରଳ ।

୧୯୬୪ ଜୁନ୍ ପହିଲାରୁ ସରକାରଙ୍କ ଦ୍ୱାରା ପରିଚାଳିତ ପାଞ୍ଚପ୍ରକାର ସ୍କୁଲ୍‌କୁ ଏକୀଭୂତ କରି ସରକାର କହିଲେ ଯେ ଯେହେତୁ 'ବି' ଟାଇପ୍ ଶିକ୍ଷକମାନେ ପେନ୍‌ସନ୍‌ର ହକଦାର ନଥିଲେ ତେଣୁ ସରକାରୀ ଚାକିରୀରେ ସେମାନଙ୍କର ବରିଷ୍ଠତା ୧-୬-୧୯୬୪ଠାରୁ ଗଣ୍ୟ ହେବ । ଏ ପ୍ରକାର ପତ୍ରରୁ ସରକାରଙ୍କର ଦୁରଭିସନ୍ଧି ହୃଦୟଙ୍ଗମ କରି 'ବି' ଟାଇପ୍ ଶିକ୍ଷକମାନେ ଶିକ୍ଷା ସଚିବ, ନିର୍ଦ୍ଦେଶକ ଇତ୍ୟାଦିଙ୍କୁ ସାକ୍ଷାତ କରିବାରେ ସେମାନେ କହିଲେ ଯେ ଅଦାଲତର ଆଶ୍ରୟ ନେବା ସମୀଚୀନ ହେବ । ଓଡ଼ିଶାରେ ଏପରି ଶ୍ରେଣୀର ପ୍ରାୟ ପନ୍ଦର ଶହ ଶିକ୍ଷକ ଅଦାଲତରେ ଆଶ୍ରୟ ନେବା ପାଇଁ ନିଷ୍ପତ୍ତି କଲେ । ମାତ୍ର ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ? ପରିଶେଷରେ ଏ ଗୁରୁ ଦାୟିତ୍ୱ

Digitized by PPRACHIN, SOA

ବହନ କରିବାକୁ ଅଧମ ଲେଖକ ଆଗେଇ ଆସିଲେ । ଏଠାରେ ଉଲ୍ଲେଖନୀୟ ଯେ ସରକାର ୧୯୬୪ରେ ଗଞ୍ଜାମ ଜିଲ୍ଲା ବୋର୍ଡ଼ ଓ ୧୯୬୫ରେ ଅଞ୍ଚଳ ସ୍କୁଲ୍‌ମାନଙ୍କୁ ପୂର୍ବ ଚାକିରୀ ଗଣି ପେନ୍‌ସନ୍ ଦେଇସାରିଥିଲେ ଯଦିଓ ସେମାନେ ପୂର୍ବରୁ ଭିନ୍ନ ପରିଚାଳନା ଅଧୀନରେ ଥିଲେ ଏବଂ ନିମ୍ନତର ସ୍କେଲ୍ ପାଉଥିଲେ । 'ବି' ଟାଇପ୍ ଶିକ୍ଷକମାନେ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇ ମଧ ସେମାନଙ୍କ ସହିତ ସମାନ ସୁବିଧା ସୁଯୋଗ ପାଇଲେ ନାହିଁ । ୧୯୬୬ରେ ହାଇକୋର୍ଟରେ ମୋକଦ୍ଦମା ଦାୟର ହେଲା । ମାତ୍ର ଚାରିବର୍ଷପରେ ୧୯୬୯ରେ ତାହା ଖାରଜ ହୋଇଯିବାରୁ ସର୍ବୋଚ୍ଚ ନ୍ୟାୟାଳୟରେ ୧୯୭୦ରେ ଅପିଲ୍ କରାଗଲା । ସେଠାରେ ସତର ବର୍ଷ ପରେ ୧୯୮୭ ଅକ୍ଟୋବରରେ ରାୟ ଦିଆଗଲା ଯେ ସମସ୍ତ 'ବି' ଟାଇପ୍ ଶିକ୍ଷକଙ୍କୁ ସିନିୟରିଟି ଓ ପେନ୍‌ସନ୍ ୨୬-୧-୧୯୫୦ ପରଠାରୁ ସରକାର ଦେବାକୁ ବାଧ । ୧୯୪୮ରୁ ୮୭ ଦୀର୍ଘ ୩୯ ବର୍ଷ ମଧ୍ୟରେ ଅନେକ ଶିକ୍ଷକ ଅବସର ନେଇସାରିଥିଲେ । ଅତ୍ୟନ୍ତ ସଂଖ୍ୟକ ବ୍ୟକ୍ତି ପଦୋନ୍ନତି ପାଇଲେ ଏବଂ ସମସ୍ତେ ଅବସରକାଳୀନ ଭତ୍ତା ପାଇଲେ । ୧୯୬୬ରୁ ୧୯୮୭ ଦୀର୍ଘ ଏକବିଂଶ ବର୍ଷର ସାଧନା ଫଳରେ ଯେ ପନ୍ଦରଶହ ଅନ୍ୟାୟର ଶିକାର ହୋଇଥିବା ବ୍ୟକ୍ତି ଉପକୃତ ହୋଇପାରିଲେ, ସେଥିରେ ଏ ଲେଖକର ଛାତି କୁଣ୍ଢେମୋଟ ହୋଇଗଲା । ମାତ୍ର ଦୁଃଖ ଲାଗେ ଯେ ସରକାରଙ୍କର ଗଡ଼ଜାତମାନଙ୍କ ପ୍ରତି ବୈମାତୃକ ମନୋଭାବ ଏବେ ମଧ ବଳବତ୍ତର ଅଛି । ଏହା ଦେଶ ପାଇଁ ଏକ ଦୁର୍ଭାଗ୍ୟ ।

ଆଜି ଗଡ଼ଜାତର ଶିକ୍ଷକଙ୍କର ଦୁର୍ଦ୍ଦଶାର କାହାଣୀ ଇତିହାସରେ ପରିଣତ ହୋଇଅଛି । ୧୯୬୪ରେ ଚାକିରୀ ଆରମ୍ଭ କରିଥିବା ବ୍ୟକ୍ତିଙ୍କର ଅବସର ଆସନ୍ନ କାରଣ ସେମାନେ ମଧ ଦୀର୍ଘ ୩୯ ବର୍ଷ କାର୍ଯ୍ୟ କରିସାରିଲେଣି । ତେଣୁ ତତ୍‌ପୂର୍ବବର୍ତ୍ତୀ 'ବି' ଟାଇପ୍ ଭୋଗକରିଥିବା ବ୍ୟକ୍ତି ଆଉ ନଥିବେ- 'ବି' ଟାଇପ୍ ଏକ ବିଗତ ସ୍ମୃତି, ଏକ ଦୁଃସ୍ୱପ୍ନ ହୋଇଯାଇଛି । ଆଜି ସେହି ନିଷ୍ପେସିତ-କତିପୟ ବ୍ୟକ୍ତିଙ୍କ ମନରେ ଇତିହାସର ସେହି ପୃଷ୍ଠା ଉନ୍ମୋଚନ କରି ଜନମାନସରେ ସ୍ମୃତିର ଗୋଟିଏ ଖିଅ ରହିଯିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ । ଗଡ଼ଜାତ ମିଶ୍ରଣର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏ ଅବହେଳିତ ଦିଗଟି ଏକ ସ୍ମାରକୀ ହେଉ, ଏହା ହିଁ କାମନା ।

(କଟକ ଆକାଶବାଣୀ ସୌଜନ୍ୟରୁ ପ୍ରଚାରିତ)

❖ ❖ ❖

Digitized by PPRACHIN, SOA

ଢେଙ୍କାନାଳ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ
(ଶତବାର୍ଷିକୀ-୧୯୯୬)

ଆଜିକୁ ଏକଶତ ବର୍ଷର ଇତିହାସ ବହନ କରିଥିବା ଢେଙ୍କାନାଳ ସହରସ୍ଥ "ଢେଙ୍କାନାଳ ଉଚ୍ଚ ଇଂରାଜୀ ବିଦ୍ୟାଳୟ" ଜନ୍ମ ନେଇଥିଲା, ୧୮୯୬ ମସିହା ଜୁଲାଇ ଏକ ତାରିଖରେ । ଢେଙ୍କାନାଳର ରାଜା ଦୀନବନ୍ଧୁ ମହୀନ୍ଦ୍ର ବାହାଦୂରଙ୍କର ଅତ୍ୟଳ୍ପ ବୟସରେ ୧୮୮୫ ମସିହାରେ ଦେହାନ୍ତ ଘଟିବାରୁ ତଦୀୟ ପୁତ୍ର ସୁରପ୍ରତାପ ସାବାଳକ ହେବା ପର୍ଯ୍ୟନ୍ତ (୧୯୦୪) ଏହି ଗଡଜାତ କୋର୍ଟ ଅଫ୍ ୱାର୍ଡସ୍ ଭାବେ ବ୍ରିଟିସ ସରକାରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିଲା । ତତ୍କାଳୀନ କମିଶନର ଶ୍ରୀ ରମେଶ ଚନ୍ଦ୍ର ଦତ୍ତଙ୍କ ପ୍ରଚେଷ୍ଟାରେ ଢେଙ୍କାନାଳ ରାଜକୋଷର ଅର୍ଥରେ ଢେଙ୍କାନାଳ ଇଂରାଜୀ ଉଚ୍ଚ ବିଦ୍ୟାଳୟ" ପ୍ରତିଷ୍ଠିତ ହେଲା । ଓଡିଶା ଶିକ୍ଷା ବିଭାଗର ତତକାଳୀନ ସ୍କୁଲ ବିଭାଗ ଇନିସ୍ପେକ୍ଟର କବିବର ରାଧାନାଥ ରାୟ ଉକ୍ତ ବର୍ଷ ସେପ୍ଟେମ୍ବର ମାସରେ ଏହି ବିଦ୍ୟାଳୟ ପରିଦର୍ଶନ କରି ପରିଦର୍ଶନ ପୁସ୍ତିକାରେ ନିମ୍ନ ମତେ ଲିପିବଦ୍ଧ କରି ଅଛନ୍ତି- "This High English School is not even three months old".

ଉକ୍ତବର୍ଷ ଡିସେମ୍ବର ମାସରେ ତିନିଜଣ ଛାତ୍ର ମାଟ୍ରିକ ପରୀକ୍ଷା ଦେବାପାଇଁ ମନୋନୀତ ହୋଇ ୧୮୯୭ ଫେବୃଆରୀ ମାସର ଶେଷ ପରୀକ୍ଷାରେ ମାତ୍ର ଜଣେ ଛାତ୍ର କୃତକାର୍ଯ୍ୟ ହୋଇଥିଲେ । ଏପରି ଭାବେ ୧୯୪୪ରେ ଉତ୍କଳ ବିଦ୍ୟାଳୟ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ମାତ୍ର ୩୪୨ ଜଣ ଛାତ୍ର ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୧୯ ମସିହା ପର୍ଯ୍ୟନ୍ତ କଲିକତା ବିଶ୍ୱବିଦ୍ୟଳୟ ଓ ୧୯୧୯ ରୁ ୧୯୪୪ ପର୍ଯ୍ୟନ୍ତ ପାଟନା ବିଶ୍ୱବିଦ୍ୟାଳୟ ଅଧୀନରେ ଓଡିଶାର ସମସ୍ତ ଉଚ୍ଚଇଂରାଜୀ ବିଦ୍ୟାଳୟ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିଲେ । ତତ୍ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ୧୯୫୬ ମସିହାରୁ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା ତଥା ପାଠ୍ୟକ୍ରମ ନିୟନ୍ତ୍ରଣ କରୁଛନ୍ତି ।

ଆଜକୁ ଏକଶତ ବର୍ଷ ଧରି ଏ ବିଦ୍ୟାଳୟ ଓଡିଶାର ପ୍ରାଚୀନତମ ବିଦ୍ୟାଳୟମାନଙ୍କ ମଧ୍ୟରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନଭାବେ ପରିଗଣିତ ହୋଇ ଆସୁଅଛି । ରାଜୁଡା ଶାସନ ସମୟରେ ଏବଂ ତା ପରେ ମଧ୍ୟ ଏହି ବିଦ୍ୟାଳୟ ତଥା ଢେଙ୍କାନାଳ ରାଜ୍ୟ ଶିକ୍ଷାଦିଗରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଅଛି । ୧୯୫୦ ମସିହାଠାରୁ ଓଡିଶା ସରକାରଙ୍କ ଯୋଜନା ଅନୁଯାୟୀ ଏ ବିଦ୍ୟାଳୟ "ବଜ୍ରନାଥ ବଡଜେନା ଉଚ୍ଚ ବିଦ୍ୟାଳୟ" ନାମରେ ନାମିତ ହୋଇଅଛି । ଏହି ବିଦ୍ୟାଳୟ ପ୍ରତିଷ୍ଠା ପରଠାରୁ ରାଜନବର ସମ୍ମୁଖସ୍ଥ ଏକ ଗୃହରେ ଅଧ୍ୟାପନା କାର୍ଯ୍ୟ ପରିଚାଳିତ ହେଉଥିଲା । ୧୯୦୪ ମସିହାରେ ସୁରପ୍ରତାପ

Digitized by PPRACHIN, SOA

ମହୀନ୍ଦ୍ର ବାହାଦୁର ଗାଦିନସୀନ ହେବାରେ ତାଙ୍କର ପ୍ରଥମ କାର୍ଯ୍ୟ ଥିଲା ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ । କଟକ-ସମ୍ବଲପୁର ରାସ୍ତାର ଦକ୍ଷିଣ ଦିଗରେ ଗୁଡିଆନାଳୀ ଉପରକୁ ପାଣି ଓହଳା ପର୍ବତର ପାଦ ଦେଶରେ ସେ ବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠ, କାର୍ଯ୍ୟାଳୟ, ଛାତ୍ରାବାସ, ପ୍ରଧାନ ଶିକ୍ଷକଙ୍କର ବାସଗୃହ ଏବଂ ଶିକ୍ଷକମାନଙ୍କ ପାଇଁ ଚାରିଗୋଟି ବାସଗୃହ ନିର୍ମାଣ କରାଇ ଅଧ୍ୟୟନ ଓ ଅଧ୍ୟାପନା କାର୍ଯ୍ୟ ସେହିଠାରେ କରାଇଲେ । ପରେ ଆବଶ୍ୟକ ପରିବର୍ଦ୍ଧନ କରାଯାଇଅଛି । ୧୯୩୮ରେ ପ୍ରଜା ଆନ୍ଦୋଳନ ଦମନ କରିବା ପାଇଁ ଶଙ୍କର ପ୍ରତାପ ବ୍ରିଟିଶ ସରକାରଙ୍କଠାରୁ ପାଞ୍ଚ ପ୍ଲାଟୁନ ସୈନ୍ୟ ମଗାଇଥିଲେ । ସେମାନଙ୍କର ରହିବା ପାଇଁ ଥାନା ସମ୍ମୁଖରେ ଏକ ବାରାକ ନିର୍ମିତ ହୋଇଥିଲା । ପରବର୍ତ୍ତୀକାଳରେ ତାହା ପଶ୍ଚିମ ଛାତ୍ରବାସ ଓ ବର୍ତ୍ତମାନ ଶିକ୍ଷକମାନଙ୍କର ବାସସ୍ଥଳୀ ହୋଇଅଛି । ଏହି ବିଦ୍ୟାଳୟ ବର୍ତ୍ତମାନ ଜିଲ୍ଲାସ୍କୁଲ ଅଟେ । ଗଡଜାତମାନଙ୍କର ଆର୍ଥିକ ଅସ୍ୱଚ୍ଛଳତା ତଥା ଶିକ୍ଷାର ପ୍ରସାର ଘଟିନଥିବା କାରଣରୁ ବହୁତ ଅଳ୍ପ ଛାତ୍ର ଅଧ୍ୟୟନ କରୁଥିଲେ । ଏହି ବିଦ୍ୟାଳୟକୁ ଦଶପଲ୍ଲା, ହିନ୍ଦୋଳ, ନରସିଂହପୁର, ବଡମ୍ବା, ଆଠଗଡ, ତିଗିରିଆ ଓ ତାଳଚେର ଇତ୍ୟାଦି ଗଡଜାତର ପିଲାମାନେ ପଢିବାକୁ ଆସୁଥିଲେ । ପରବର୍ତ୍ତୀ କାଳରେ ତାଳଚେର ଓ ନରସିଂହପୁର ଏବଂ ଆଠଗଡରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହେବାରୁ ସ୍ୱାଧୀନତା ପୂର୍ବବର୍ତ୍ତୀ କାଳ ପର୍ଯ୍ୟନ୍ତ ଦଶପଲ୍ଲା, ବଡମ୍ବା ଓ ହିନ୍ଦୋଳର ପିଲାମାନେ ଏ ବିଦ୍ୟାଳୟରେ ଅଧ୍ୟୟନ ରତ ଥିଲେ । ପ୍ରଥମାବସ୍ଥାରେ ଚତୁର୍ଥ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଥିଲା । ମାତ୍ର ପ୍ରାଥମିକ ଓ ମାଧ୍ୟମିକ ବିଭାଗୀକରଣ ପରେ ଷଷ୍ଠଶ୍ରେଣୀରୁ ଏକାଦଶ ଏବଂ ବର୍ତ୍ତମାନ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ଶ୍ରେଣୀକକ୍ଷ ମାନଙ୍କରେ ଅଧ୍ୟାପନା କରାଯାଉଛି । ପ୍ରାୟ ପ୍ରତ୍ୟେକ ଶ୍ରେଣୀରେ ଛଅଗୋଟି ଲେଖାଏଁ ବିଭାଗ ଅଛି ।

ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଓଡିଶାରେ ତଥା ଓଡିଶା ବାହାରେ ଯଶ ଅର୍ଜନ କରିଛନ୍ତି । ସେମାନଙ୍କ ମଧ୍ୟରେ ରାଜନୀତି କ୍ଷେତ୍ରରେ ସର୍ବଶ୍ରୀ ସାରଙ୍ଗଧର ଦାସ, ବୃନ୍ଦାବନ ତ୍ରିପାଠୀ, ବୈଷ୍ଣବ ଚରଣ ପଟ୍ଟନାୟକ, ମହେଶ୍ୱର ସୁବାହୁ ସିଂହ, ନ୍ୟାୟପାଳିକାର ସର୍ବଶ୍ରୀ ଜୟକୃଷ୍ଣ ମିଶ୍ର, ଗତିକୃଷ୍ଣ ମିଶ୍ର, ଶରତ ଚନ୍ଦ୍ର ମହାପାତ୍ର ଓ ଦେବେନ୍ଦ୍ର ମୋହନ ପଟ୍ଟନାୟକାଦି ନ୍ୟାୟମୂର୍ତ୍ତି, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଅଧ୍ୟାପକ ଗୋଲକ ବିହାରୀ ଧଳ, ନୃସିଂହ ଚରଣ ପଣ୍ଡା, ନାଟ୍ୟ କ୍ଷେତ୍ରରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଚନ୍ଦ୍ରଶେଖର ପାଣୀ, କୁଞ୍ଜବିହାରୀ ନନ୍ଦ ଓ ଦିଲ୍ଲୀଶ୍ୱର ମହାରଣା, ସାହିତ୍ୟିକ ସତ୍ୟବାଦୀ ମିଶ୍ର, ରାମଚନ୍ଦ୍ର ନନ୍ଦ, ବୈଷ୍ଣବ ଚରଣ ମହାପାତ୍ର, ନଗେନ୍ଦ୍ର ନାଥ ମହାପାତ୍ର, ଅଲେଖ ପ୍ରସାଦ ଦାସ ଓ ନୃସିଂହ ପ୍ରସାଦ ତ୍ରିପାଠୀ ଓ ହରମୋହନ ଦାଶ ଏବଂ ପ୍ରଶାସନ କ୍ଷେତ୍ରରେ ଅନ୍ନଦା ଶଙ୍କର ରାୟ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବିମଳ ପ୍ରସାଦ ମିଶ୍ର, ଶରତ ଚନ୍ଦ୍ର ଧଳ ଓ ପ୍ରଭାତ କୁମାର ଷଡଙ୍ଗୀ ଇତ୍ୟାଦିଙ୍କ ନାମ ଉଲ୍ଲେଖଯୋଗ୍ୟ ।

Digitized by PPRACHIN, SOA

ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଅନେକେ ଭିନ୍ନ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତା ଦେଖାଇଅଛନ୍ତି । କେତେକ ପୁରାତନ ଛାତ୍ର ବର୍ତ୍ତମାନ ଭାରତ ବାହାରେ ଇଂଲଣ୍ଡ ଜର୍ମାନୀ, ଜାପାନ ତଥା ମଧ୍ୟପ୍ରାଚ୍ୟରେ ଅବସ୍ଥାପିତ । ଏମାନେ ବିଦ୍ୟାୟତନର ଗର୍ବ ଓ ଗୌରବ ।

ବିଗତ ଏକଶତ ବର୍ଷ ମଧ୍ୟରେ ବିଦ୍ୟାଳୟର ମୁଖପତ୍ର ଭାବେ ପ୍ରଥମତଃ ''ଶଙ୍କର ବିଜୟ'' ଓ ପରେ ''ଅଞ୍ଜଳି'' ପ୍ରକାଶିତ ହେଉଅଛି । ମାତ୍ର ପରିତାପର ବିଷୟ ଏହି ଯେ ସେ ସବୁ ବିଦ୍ୟାଳୟ ଇତିହାସକୁ ସଂରକ୍ଷିତ କରିବା ଦିଗରେ ଆନ୍ତରିକତାର ଅଭାବ ହେତୁ ଅନୁଷ୍ଠାନର ଅନେକ ଗୌରବାବହ ଘଟଣା ଏବେ ଲୁପ୍ତ ପ୍ରାୟ । ଅନୁଷ୍ଠାନର ଉତ୍‌ଥାନ, ପତନ ସୁଖ ଦୁଃଖ ଦୈନ୍ୟ ଓ ଜଞ୍ଜାଳ ଇତ୍ୟାଦି ଲିପିବଦ୍ଧ କରିଥିବା ମୁଖପତ୍ର ଏବେ ଦୁଷ୍ପ୍ରାପ୍ୟ ।

ବହୁ ଚରିତ୍ରବାନ ପୁରୁଷ ଏହି ବିଦ୍ୟାଳୟରୁ ସୃଷ୍ଟ । କେବଳ ଶିକ୍ଷା ନୁହେଁ, ଚରିତ୍ର ଗଠନରେ ମଧ୍ୟ ଏହି ଅନୁଷ୍ଠାନର ଭୂମିକା ସ୍ୱଳ୍ପ ନୁହେଁ । ଢେଙ୍କାନାଳ ଉଚ୍ଚ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା ସହାନୁଭୂତି ଇତ୍ୟାଦି ଗୁଣରେ ଭୂଷିତ ଥିଲେ । ଏ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସହକାରୀ ଶିକ୍ଷକମାନଙ୍କ ଚରିତ୍ରବତ୍ତା ତଥା କଠୋର ପ୍ରାଶାସନ ହେତୁ ସମ୍ଭବପର ହେଉଥିଲା । ଅବଶ୍ୟ ସ୍ୱାଧୀନୋତ୍ତର କାଳରେ ଏ ମୂଲ୍ୟବୋଧର ଯଥେଷ୍ଟ ଅବକ୍ଷୟ ଘଟିଅଛି । ଏଥିପାଇଁ ବର୍ତ୍ତମାନର ସମାଜିକ ପରିବେଷ୍ଟନୀ ଓ ପରିବେଶ ବହୁ ପରିମାଣରେ ଦାୟୀ ।

ଅନେକ ସ୍ମରଣୀୟ ପ୍ରତିଭା ଇତିମଧ୍ୟରେ ଆମଗହଣରୁ (ଇହଧାମରୁ) ବିଦାୟ ନେଇଯାଇଛନ୍ତି । ସେମାନଙ୍କର ସ୍ମୃତିରକ୍ଷା କରିବା ପୁରାତନ ଛାତ୍ର ସଂସଦ ତଥା। ବିଦ୍ୟାଳୟର କର୍ତ୍ତବ୍ୟ, ବହୁଥର ଏହି ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଗଠନ କରିବାର ପ୍ରୟାସ କରଯାଇଥିଲେ ମଧ୍ୟ ଉପଯୁକ୍ତ ଆଗ୍ରହ ଓ ନିଷ୍ଠା ଅଭାବରୁ ତାହା ସଫଳ ହୋଇପାରିନାହିଁ । ବହୁପରେ ୧୯୯୨ ମସିହାରେ ପୁରାତନ ଛାତ୍ର ସଂସଦ ପଞ୍ଜୀକୃତହୋଇଥିଲେ ହେଁ ତାହା ସୁପ୍ତ ପ୍ରାୟ । ପୁରାତନ ଛାତ୍ରମାନେ ଅନୁଷ୍ଠାନ ପ୍ରତି ସେମାନଙ୍କର ମମତା, କର୍ତ୍ତବ୍ୟ ଓ କୃତଜ୍ଞତା ଭୁଲିଯାଉଛନ୍ତି । ଏହା ଏକ ସୁସ୍ଥ ପରମ୍ପରା ନୁହେଁ । ଆଶା, ଭବିଷ୍ୟତରେ ସେମାନେ ସେମାନଙ୍କରର ଆନୁଗତ୍ୟ ପ୍ରକାଶ କରିବେ ।

ବକ୍ରନାଥ ବଡଜେନା ଉଚ୍ଚ ବିଦ୍ୟାଳୟରେ ଅଦ୍ୟାବଧି ପ୍ରାପ୍ତ ପୁରାତନ ନଥିପତ୍ରରୁ ସ୍ପଷ୍ଟ ହୁଏ ଯେ ସେ ସମୟରେ ବିବରଣୀମାନ ଲିପିବଦ୍ଧ ହୋଇଥିବା ରେଜିଷ୍ଟର ଗୁଡିକ ବହୁ ବର୍ଷ ଧରି ସଂରକ୍ଷିତ ହୋଇଥିଲା । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କର ଏକ

Digitized by PPRACHIN, SOA

ତାଲିକା ନିମ୍ନରେ ପ୍ରଦତ୍ତ ହେଲା । ଅକ୍ଷୟ ଚନ୍ଦ୍ର ରାୟ ୧୮୯୬-୯୭ (ମାଇନର ସ୍କୁଲ ପ୍ରଧାନ ଶିକ୍ଷକ), ଅନୁକୂଳ ଚନ୍ଦ୍ର ଘୋଷ ୧୮୯୭-୧୯୧୧, ରାଜେନ୍ଦ୍ର ଲାଲ ଦତ୍ତ ୧୯୧୧-୩୧, ମନମୋହନ ଘୋଷ ୧୯୩୧-୩୪, ମଧୁସୂଦନ ବିଶ୍ୱାଳ (ଅଳ୍ପ ସମୟ ପାଇଁ) ଇନ୍ଦୁ ଭୂଷଣ ବରୁଆଁ ୧୯୩୪-୩୬ ଏବଂ ଶ୍ରୀ ନୃସିଂହ ଚରଣ କାନୁନଗୋ ୧୯୩୬-୧୯୪୭ । ବ୍ୟକ୍ତିଗତ କାରଣରୁ ପଦତ୍ୟାଗ କରିଥିବା କତିପୟ ବ୍ୟକ୍ତିଙ୍କ ବ୍ୟତିରେକେ ପ୍ରଧାନ ଶିକ୍ଷକମାନେ ଏଗାରରୁ କୋଡିଏ ବର୍ଷ ପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ମୁତୟନ ହୋଇଛନ୍ତି । ସ୍ୱାଧୀନୋତ୍ତର କାଳରେ ଦୁଇ ତିନିବର୍ଷରେ ସ୍ଥାନାନ୍ତର ହେବାଦ୍ୱାରା ବିଦ୍ୟାଳୟର ପରିଚାଳନା ଉତ୍ତମ ରୂପେ ହୋଇପାରୁନାହିଁ ।

ଗୋଟିଏ ରେଜିଷ୍ଟରରେ ପ୍ରାୟ ପଚାଶବର୍ଷ ଧରି ଉପରିସ୍ଥ କର୍ମକର୍ତ୍ତାମାନଙ୍କର ପରିଦର୍ଶନ ବିବରଣୀ ଲିପିବଦ୍ଧ । ନାମଲେଖା ପୁସ୍ତକ ୧୮୯୬ ରୁ ୧୯୪୪ ପର୍ଯ୍ୟନ୍ତ ଗୋଟିଏ । ତହିଁରେ ମଦୀୟ ପିତାଙ୍କର ନାମ ୧୯୦୬ ମସିହାରେ ଦର୍ଜ ହୋଇଅଛି । ବର୍ତ୍ତମାନ ପ୍ରତ୍ୟେକ ବର୍ଷ ନୂତନ ଖାତା ଖୋଲି ନାମ ଲେଖା, ମାଟ୍ରିକ୍ୟୁଲେସନ ପରୀକ୍ଷା ଫଳ ଇତ୍ୟାଦି ଲିପିବଦ୍ଧ ହେଉଥିବାରୁ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ପ୍ରଧାନ ପ୍ରଧାନ ଲିପି ନଷ୍ଟ ହୋଇଯାଉଅଛି । ଶିକ୍ଷକମାନଙ୍କର ଅଧ୍ୟାପନା ଆଉ ଜୀବନ ହୋଇ ରହିନାହିଁ- ତାହା ଜୀବିକାରେ ପରିଣତ ହୋଇଅଛି ।

ବିଶେଷ କରି ପ୍ରଚଳିତ ଶିକ୍ଷା ଓ ଶିକ୍ଷାନୀତି ଦଗ୍‌ଦର୍ଶନ ବିହୀନ ହୋଇ ପଡିଅଛି । ଆମେ ସମସ୍ତେ ଅନୁଭବ କରୁଅଛୁଁ କି ପ୍ରଚଳିତ ଶିକ୍ଷା ତ୍ରୁଟିପୂର୍ଣ୍ଣ, ମାତ୍ର କିପରି ଶିକ୍ଷାନୀତି ଆମ ସମାଜ ପାଇଁ ଅନୁକୂଳ ତାହା ଠିକ୍ ରୂପେ ନିର୍ଣ୍ଣିତ ହୋଇ ପାରୁନାହିଁ - ଯଦିଓ ସ୍ୱାଧୀନତା ଲାଭର ପଚାଶବର୍ଷ ଅତିକ୍ରାନ୍ତ ହେବାକୁ ବସିଲାଣି । ପ୍ରଚଳିତ ଗଣ୍ଡି ମଧ୍ୟରେ ଢେଙ୍କାନାଳର ବଜ୍ରନାଥ ବଡଜେନା ଉଚ୍ଚବିଦ୍ୟାଳୟ ତାର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି, ଯେଉଁଥିପାଇଁ ଆଜି ସେ ଅଭିନନ୍ଦନୀୟ ।

ଶତବର୍ଷ ପୂର୍ତ୍ତି ଅବସରରେ ଏହି ବିଦ୍ୟାୟତନର ଉତ୍ତରୋତ୍ତର ସମୃଦ୍ଧି ଆଜିର କାମ୍ୟ ।

(ପ୍ରଜାତନ୍ତ୍ରରେ ପ୍ରକାଶିତ)

❖ ❖ ❖

Digitized by PPRACHIN, SOA

ଭୁବନ ଉଚ୍ଚ ବିଦ୍ୟାଳୟ
ସୁବର୍ଣ୍ଣ ଜୟନ୍ତୀ ଅବସରରେ

ଭୁବନକୁ - ଭାରତର ସର୍ବବୃହତ ଗ୍ରାମ କୁହାଯାଏ, ସ୍ୱର୍ଗ ଭୁବନ ସ୍ୱର୍ଗରେ ଆଉ ମର୍ତ୍ତ୍ୟ ଭୁବନ ଏହିଠାରେ । ଏହି ଗ୍ରାମର କତିପୟ ଅଧିବାସୀ ଆସାମ୍ କାମରୂପର ପ୍ରଖ୍ୟାତ ଦେବୀ କାମାକ୍ଷାଙ୍କ ପୂଜାର୍ଚ୍ଚନା ପାଇଁ ସମ୍ଭବତଃ ଚାଲି ଯାଇ ସେଠାରେ ପୁରୁଷାନୁକ୍ରମେ ବସତି ସ୍ଥାପନ କରିଛନ୍ତି ଓ ଯେଉଁ ଗ୍ରାମଟି ସେଠାରେ ପ୍ରତିଷ୍ଠିତ ତାର ନାମକରଣ କରାଯାଇଅଛି 'ଭୁବନ ଗ୍ରାମ' । ଏହି ଗ୍ରାମର ଜନୈକ ଅଧିବାସୀ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର ଆସାମ ବ୍ୟବସ୍ଥାପକ ସଭାର ସଦସ୍ୟ ଥିବାବେଳେ ଓଡିଶା ଆସି ସେ କଥା ଆମ୍ଭମାନଙ୍କୁ କହୁଥିଲେ ।

ଭୁବନ ଗ୍ରାମଟି ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡରେ କାମାକ୍ଷାନଗର ସଦର ମହକୁମାରଠାରୁ ମାତ୍ର ଚଉତିରିଶ କିଲୋମିଟର ଦୂରରେ ଅବସ୍ଥିତ । ଲୋକସଂଖ୍ୟା ପ୍ରାୟ ଚାଳିଶିହଜାର । ଗ୍ରାମଟି ବଢି ବଢି ଚତୁର୍ଦ୍ଦିଗରେ ବହୁଧା ବିଭକ୍ତ ହୋଇଗଲାଣି । ଯଥା - ନୂଆ ଭୁବନ, ଲତାବିଲ, ଭାଲୁଖାଇ ଇତ୍ୟାଦି । ତଥାପି ଗ୍ରାମ ମଧ୍ୟସ୍ଥ ଗହଳି ଭାଙ୍ଗିନାହିଁ । ଗରିବ ଓ ନିମ୍ନ ମଧବିତ୍ତ ଶ୍ରେଣୀର ବ୍ୟକ୍ତି ପ୍ରାୟ ଶତକଡା ୮୫ ଓ ଉଚ୍ଚ ମଧ୍ୟବିତ୍ତ ଓ ଧନୀବ୍ୟକ୍ତି ଶତକଡା ୧୫ ଭାଗ ଠାରୁ କମ୍ । ଏତେ ଗୁଡିଏ ଗରିବ ପରିବାର୍ ଛୋଟ ଛୋଟ ନୂଆଣିଆ ଚାଳଘରେ ରହୁଥିବାରୁ ପ୍ରାୟ ପ୍ରତିବର୍ଷ ଘରପୋଡି ହୋଇଥାଏ । ବହୁପରେ ସରକାର ଏହି ଗ୍ରାମକୁ ଏକ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ସ୍ୱୀକୃତି ପ୍ରଦାନ କରିଅଛନ୍ତି । ଏଠାରେ ଗୋଟିଏ ବ୍ଲକ ଅଫିସ୍, ଏନ୍.ଏ.ସି., ଡାକ୍ତରଖାନା, ଷ୍ଟେଟ୍‌ବ୍ୟାଙ୍କ, କାନାରାବ୍ୟାଙ୍କ ଓ ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟାଲ ସବ୍ ଅଫିସ୍, କଲେଜ, ହାଇସ୍କୁଲ ଓ ବାଳିକା ହାଇସ୍କୁଲ, ପ୍ରାଇମେରୀ ସ୍କୁଲମାନ ଓ ଗୋଟିଏ ଥାନା ଅବସ୍ଥିତ । ଅନୁଗୁଳ, ତାଳଚେର ଓ ସମ୍ବଲପୁର ଇତ୍ୟାଦିରୁ ପ୍ରାୟ ପନ୍ଦରଟି ବସ୍ ପ୍ରତିଦିନ ଯାଜପୁରରୋଡ୍, ଯାଜପୁରଟାଉନ୍, ଭଦ୍ରଖ, ଭୁବନେଶ୍ୱର, କଲିକତା ଓ କଟକ ଆଦି ସ୍ଥାନକୁ ଯିବା ଆସିବା କରେ । ଏତଦ୍ ବ୍ୟତୀତ ଅନେକ ଟ୍ରେକର ମିନିବସ୍ ଚଳାଚଳ କରୁଅଛି ।

ଭୁବନର ପୂର୍ବଦିଗରେ ସହୀଦ ବାଜିରାଉତର ଜନ୍ମଭୂମି ନୀଳକଣ୍ଠପୁର ଓ ବ୍ରାହ୍ମଣୀ ନଦୀ, ଉତ୍ତରରେ ସୁକିନ୍ଦା ସୀମାନ୍ତବର୍ତ୍ତୀ ଅନନ୍ତପୁରଗ୍ରାମ ପଶ୍ଚିମରେ ଭରତି ପର୍ବତ ନିକଟସ୍ଥ ଭୁଷଳ ଓ କୀର୍ତ୍ତନପୁର ଗ୍ରାମ ଏବଂ ଦକ୍ଷିଣରେ ଦଲାର ଗ୍ରାମ । ଏପରି ଭାବେ ଅବସ୍ଥିତ ଜନବହୁଳ ଗ୍ରାମରେ ଦୁଇ ବିପରୀତ ଶ୍ରେଣୀର ବ୍ୟକ୍ତି ବାସ କରନ୍ତି । ଅଧିକାଂଶ ବ୍ୟକ୍ତି

Digitized by PPRACHIN, SOA

ନିଃସ୍ୱ ଓ ଅଜ୍ଞ । ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠା ହେବାପରେ ଗ୍ରାମବାସୀମାନେ ଶିକ୍ଷିତ ହେବାକୁ ଆରମ୍ଭ କଲେଣି । ଏତେ ବଡ ଗ୍ରାମ ପାଇଁ ଚାଷଜମି ବହୁତ କମ୍ ହୋଇଥିବାରୁ ଅଧିକାଂଶ ବ୍ୟକ୍ତି ବ୍ୟବସାୟୀ । ବିଭିନ୍ନ ବ୍ୟବସାୟ ମଧ୍ୟରେ ପ୍ରଧାନ ହେଉଛି କଂସା, ପିତ୍ତଳ ବାସନ ନିର୍ମାଣ । ଏ ବ୍ୟବସାୟରେ ଅନେକ ବ୍ୟକ୍ତି ଜଡିତ, ଏମାନଙ୍କୁ କୁହାଯାଏ କଂସାରୀ । ଲୁଗା ବ୍ୟବସାୟ ଅନ୍ୟଏକ ପ୍ରଧାନ ଜୀବିକା । ହସ୍ତତନ୍ତ ଦ୍ୱାରା ଲୁଗାବୁଣି ବଜାରରେ ବିକ୍ରୟ କରାଯାଏ । ଏ ଜାତିର ଲୋକମାନେ ବିଶେଷ କରି କେରା ବଙ୍ଗାଳି । ଏମାନଙ୍କର ଅର୍ଥନୈତିକ ସ୍ଥିତି ବହୁ ଦୁର୍ବଳ । ଏମାନଙ୍କ ବ୍ୟତୀତ ଅନେକ ଲୋକ ହାଟବାଟରେ କାରବାର କରି ଚଳନ୍ତି । ପରିବା, ଧାନ ଓ ରବିଫସଲ, ଲୁଗା ଓ ପୋଷାକ ବିକ୍ରୀ ପ୍ରଧାନ ଜୀବିକା । ନିକଟସ୍ଥ ନଦୀ ତଡାଗ ଇତ୍ୟାଦିରୁ ମାଛ ମରାଯାଇ ବର୍ଷସାରା ଏଠାରେ ମାଛହାଟ ବସେ । ତେଣୁ ଏକ ଧୀବର ସାହି ଭୁବନରେ ଅଛି । ଏକ ବ୍ରାହ୍ମଣ ଶାସନ ମଧ୍ୟ ଏ ଗ୍ରାମରେ ଅନ୍ତର୍ଭୁକ୍ତ । ଏ ଗ୍ରାମଟି ନଅଗୋଟି ପାଟଣାରେ ବିଭକ୍ତ, ଯଥା - ଭିତରଦିଗ, ହାଟ, ତଳିକୁଳ, ଶାସନ, ପୃଷ୍ଟି, ସାନ, ଗୋପାଳପୁର ଓ ସାହୁଘର ପାଟଣା । ଏ ଗ୍ରାମର ପ୍ରଖ୍ୟାତ ଦେବତା ମହାଦେବଙ୍କର ମନ୍ଦିର ବ୍ରାହ୍ମଣୀ ତୀରସ୍ଥ ଏକ ସୁରମ୍ୟ ସ୍ଥଳରେ ବିରାଜିତ । କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମା, ମକର ସଂକ୍ରାନ୍ତି ଓ ଶିବରାତ୍ରିରେ ଏଠାରେ ବହୁ ଜନସମାଗମ ହୁଏ । ଭିତର ଦିଗସ୍ଥ ଛତାମଠ ଗୋଟିଏ ପବିତ୍ର ପୀଠସ୍ଥଳୀ । ଏଠାରେ ଜନୈକ ସିଦ୍ଧପୁରୁଷ ଏକ ଶିବମନ୍ଦିରର ନିର୍ମାଣ ପଞ୍ଚମ ଦଶକରେ କରାଇ ଅଛନ୍ତି । ଦଶହରା ଏ ଗ୍ରାମର ଏକ ପ୍ରଧାନ ପର୍ବ । ନିକଟସ୍ଥ ଗଡଗଁପୁରର ଡମମାନଙ୍କର ତେଲିଙ୍ଗୀ ଓ ଘଷାବାଇଦ ଓଡିଶା ପ୍ରସିଦ୍ଧ । ନୂତନ ପୀଢି ପୁରାତନ ସଂସ୍କୃତିକୁ ତ୍ୟାଗ କରି ଏବେ ଡ୍ରମ୍ ବଜାଇଲେଣି ।

ଏ ଗ୍ରାମରେ ମୋର ଏକ ସ୍ୱତନ୍ତ୍ର ଭୂମିକା ରହିଅଛି । ଶୈଶବରୁ ଏ ଗ୍ରାମଦେଇ ଆମ୍ଭଗ୍ରାମ ଭଗୀରଥୀପୁର (କାଦୁଆ) ଶାସନରୁ ପାଦରେ ବା ଶକଟଯାନରେ ବ୍ରାହ୍ମଣୀ ପାର ହୋଇ କାଶିପୁର, ଲେଥକା ଓ ଲାଉଲଇ ଗ୍ରାମମାନଙ୍କୁ ଯାଉ । କାଶିପୁର ଗ୍ରାମ ସହ ଆମ୍ଭର ପୁରୁଷାନୁକ୍ରମିକ ସମ୍ପର୍କ । ତେଣୁ ଭୁବନ ଏକ ଚଟିଘର ପରି ବ୍ୟବହୃତ ହୁଏ । ଚଟିଘର ନଥିବାରୁ ସୂର୍ଯ୍ୟବନ୍ଧୁ ବାନ୍ଧି ସେମାନଙ୍କ ଗୃହମାନଙ୍କରେ ବିଶ୍ରାମ କରୁ । ଏ ସମସ୍ତ ଶୈଶବ ସମ୍ପର୍କ ପରେ ମୋ ଜୀବନର ପ୍ରଥମ କର୍ମକ୍ଷେତ୍ର ହେଉଛି ଭୁବନ । ସ୍ନାତକ ହେବାପରେ ମୁଁ ଭୁବନ ହାଇସ୍କୁଲକୁ ପ୍ରଧାନଶିକ୍ଷକ ଭାବେ ତା ୨୨.୮.୪୯ରେ ଯୋଗଦେଲି । ନୂତନ ବିଦ୍ୟାଳୟଟି ସ୍ଫୁଟନୋନ୍ମୁଖୀ - ଅଷ୍ଟମ ଓ ନବମ ଦୁଇଟି ମାତ୍ର ଶ୍ରେଣୀ ଖୋଲିଥାଏ । ମଧ୍ୟଇଂଗ୍ରାଜୀ ବିଦ୍ୟାଳୟର ଛାତ୍ରାବାସ ସମ୍ମୁଖରେ ଧାଡିଏ ନୂଆଣିଆ ଚାଳଘର । ସେହି

Digitized by PPRACHIN, SOA

ଗୃହର ଦୁଇଟି ବଖରାରେ ଅଧ୍ୟାପନା କାର୍ଯ୍ୟ ହୁଏ । ଅନ୍ୟ ୪ ଗୋଟି ବଖରା ଛାତ୍ରାବାସ । ବିପରୀତ ଦିଗକୁ ମୁହଁ କରି ଶିକ୍ଷକମାନଙ୍କ ବାସସ୍ଥଳୀ ଓ ତା ସାମନାରେ ରୋଷାଇଘର ।

ନବମ ଶ୍ରେଣୀରେ ମାତ୍ର ଚଉଦ ଜଣ ଏବଂ ଅଷ୍ଟମ ଶ୍ରେଣୀରେ ବାଇଶଜଣ ଛାତ୍ର ଥାଆନ୍ତି । ଭୁବନ ଗ୍ରାମର ପିଲାମାନେ ଦିବାଧ୍ୟାୟୀ, ଅନ୍ୟ ଗ୍ରାମର ଛାତ୍ରମାନେ ଅନ୍ତେବାସୀ । ସେମାନଙ୍କ ମଧ୍ୟରୁ କେତେକ ବ୍ରାହ୍ମଣୀର ଅପର ପାର୍ଶ୍ୱସ୍ଥ ରାୟପୁର, ଷଡଙ୍ଗୀ, ପିଙ୍ଗୁଆ ନିହଲ ପ୍ରସାଦ କରମୁଳ ଇତ୍ୟାଦିରୁ ଏବଂ ଅନ୍ୟମାନେ ମୃଦଙ୍ଗା, ମହୁଲପାଳ, ଏକତାଳୀ, ନିମେଇଁପୁର, ଚନ୍ଦାର, କୀର୍ତ୍ତନ ପୁର, କିଙ୍ଗୋଳ, ଭୁଷଳ, ସୁକିନ୍ଦାର, ଜେମାଦେଇପୁର, ମଙ୍ଗଳପୁର ଓ ସୁଦୂର ଅରଖପାଳ, ଖୁରୁସିଆ ଓ କାମାକ୍ଷାନଗର ଆଦିରୁ ଆଗତ । ନୂତନ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ପ୍ରତିଷ୍ଠାତା ଶ୍ରୀ ଭାଗବତ ମିଶ୍ରଙ୍କର । ପରିଚାଳନା ତାଙ୍କର ଓ ଅଧ୍ୟାପନା ମୋର । ନୂତନ ଯୁବକ, ରେଭେନ୍ସାସ୍ଥ ଦ୍ୱିତଳ ପ୍ରାସାଦରୁ ଆସି ମୋ ଦେଶ ମୋ ମାଟିର କିଶୋରମାନଙ୍କ ଜୀବନ ଗଠନର ଗୁରୁ ଦାୟିତ୍ୱ ବହନ କରିଛି । ଜିଲ୍ଲାପାଳ ଦିନେ ଦେଖି କହିଲେ "Too young to be a Headmasgter" ମୁଁ କହିଲି "I am the only graduate teacher, Sir" ଦୁଇଟି ଶ୍ରେଣୀକୁ ତିନିଜଣ ଶିକ୍ଷକ, ଶ୍ରୀ ପ୍ରସନ୍ନ କୁମାର ମହାପାତ୍ର (ଆମ୍ବପଳାସ) ଆ.ଏସ୍.ସି ବିଜ୍ଞାନ ଶିକ୍ଷକ ଓ ଶ୍ରୀ ଗୋପୀନାଥ ଷଡଙ୍ଗୀ (କେଶରିଆ) ସଂସ୍କୃତ ଶିକ୍ଷକ । ମୋର ଗଣିତ ଓ ଇଂରାଜୀ, ପ୍ରସନ୍ନର ବିଜ୍ଞାନ, ଇତିହାସ ଆଉ ପଣ୍ଡିତଙ୍କର ସାହିତ୍ୟ ଓ ସଂସ୍କୃତ । ଚୈତନ୍ୟ ପୃଷ୍ଟି ଗୋଟିଏ ପିଅନ, ସ୍କୁଲ ଖୋଲିବା ଘଣ୍ଟା ପିଟିବା ଠାରୁ ଧରି ଭାଗବତ ବାବୁଙ୍କ ସହ ଯାଇ ଅର୍ଥ ସଂଗ୍ରହ ପର୍ଯ୍ୟନ୍ତ ସେ କରେ ।

ଛାତ୍ରମାନଙ୍କୁ କିପରି ଗଢିବି, ମୁଁ ତ ନିଜେ ଗଢ଼ି ହୋଇନାହିଁ । (ବୟସମାତ୍ର ଏକୋଇଶି ବର୍ଷ) ଏ ଚିନ୍ତା ମୋତେ ଘାରୁଥାଏ । ଏ ପଟେ କାମାକ୍ଷାନଗରରେ ମୋର ପିତା, ମାତା, ଭାଇ, ଭଉଣୀ, ମୋର ସ୍ତ୍ରୀ ଓ ଗୋଟିଏ କନ୍ୟା ସନ୍ତାନ (ଷୋଡଶ ବର୍ଷରେ ଦଶମ ଶ୍ରେଣୀରେ ବିବାହ, ଊନବିଂଶ ବର୍ଷରେ ଆଇ.ଏ. ପରୀକ୍ଷା ନବବଧୂ ଆଗମନ ତାଙ୍କ ଚଉଦ ବର୍ଷରେ ଓ ବି. ଏ. ପରୀକ୍ଷା ଦେବା ମଧ୍ୟରେ ୧୯୪୯ ମାର୍ଚ୍ଚରେ ପ୍ରଥମ ସନ୍ତାନ କଳ୍ପନା) ହୃଦୟ ଓ ମନରେ ଆଶାବାନ୍ଧି କାର୍ଯ୍ୟରେ ଆଗେଇଲି । ମନେ ପଡିଲା କଲେଜରେ ପଢିବାବେଳେ ମେଡିକାଲ ଯାଇ କେତେକ ରୋଗୀ ସେବା କରିଛି । କେତେ ମଡା ଉଠେଇ ଖାନନଗରରେ ପୋଡିଛି, ବନ୍ୟାବେଳେ କାଠଯୋଡି ବନ୍ଧ ଉପରେ ବାଲିବସ୍ତା ଲଦିଛି ଇତ୍ୟାଦି । ସେହି ସ୍ୱାର୍ଥତ୍ୟାଗ ମୋ ଜୀବନର ବ୍ରତ । ତ୍ୟାଗ କଲେ ନିଶ୍ଚୟ ସୁଫଳ ଫଳିବ । ପିଲାମାନଙ୍କର ଅଧ୍ୟାପନା ସହିତ ସେମାନଙ୍କର ମାନବିକତା ଓ

Digitized by PPRACHIN, SOA

ଚରିତ୍ରବତ୍ତାର ସ୍ଫୁରଣ ଆବଶ୍ୟକ । They are in the making । ଦୁଇଟି ଦୈନିକ ପତ୍ରିକା ମଗାଇଲି ଓ ପିଲାମାନଙ୍କୁ ପଢି ଶୁଣାଇଲି । ଦୁଇଟି କରି ଟଙ୍କା ପ୍ରତ୍ୟେକଙ୍କ ଠାରୁ ଆଣି ଗୋଟିଏ ଭଲିବଲ ଓ ଝୋଟରେ ଗୋଟିଏ ନେଟ୍ କରି ବୁଦାଲଟା କଟାଇ ଗୋଟିଏ ଭଲ ପଡିଆ ତିଆରି କରାଇଦେଲି । ପିଲାମାନଙ୍କ ମୌଳିକ ଲେଖାନେଇ ପତ୍ରିକା ପ୍ରକାଶ କଲି । ଆଉ ଗୋଟିଏ ସ୍ଥାନରୁ ବୁଦାଲଟା କଟାଇ ଦୌଡକୁଦ ପାଇଁ ସ୍ଥାନ ନିର୍ମାଣ କରାଇଲି । ପିଲାଙ୍କ ସ୍ପୋର୍ଟସ ସେଠାରେ ହେଲା - ୧୦୦, ୨୦୦ ଓ ୪୦୦ ମିଟର ଦୌଡ, ଲମ୍ଫଡିଆଁ ଇତ୍ୟାଦି । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କର 'ଜୟଦେବ' ନାଟକ ପିଲାମାନଙ୍କ ଦ୍ୱାରା ମଞ୍ଚସ୍ଥ କରାଇ ପୁରସ୍କାର ବିତରଣ ଉତ୍ସବ କରାଇଲି । ଜନ ସାଧାରଣଙ୍କର ପ୍ରଶଂସା ଯାହା ମିଳିଲା - ମୋତେ ବହୁତ ଶାନ୍ତି ଓ ଆନନ୍ଦ ଲାଗିଲା ।

ଛାତ୍ରବାସର ପିଲାମାନଙ୍କୁ ନେଇ ଖଣ୍ଡିଏ ଛୋଟିଆ ଜାଗାରେ ରୋଷାଇ ଘରକୁ ଲାଗି ଗୋଟିଏ ପରିବା ବଗିଚା କରାଇଲି । ପିଲାମାନେ କୃଷିକର୍ମ କଲେ ମାତ୍ର ବହୁ କୁଣ୍ଠାର ସହିତ । 'ବିଲାତି' ବାଇଗଣ ପିଙ୍ଗୁଆ କୃଷିମେଳାରେ ପ୍ରଥମ ପୁରସ୍କାର ପାଇଲା । ପ୍ରତିଦିନ କୋଶଳା ଶାଗ ଓ ପିଆଜ ପିଲାମାନେ ଉପରବେଳା ପଖାଳ ସାଙ୍ଗରେ ଗ୍ରୀଷ୍ମଛୁଟି ପର୍ଯ୍ୟନ୍ତ ଖାଇଲେ । ସେମାନଙ୍କର ଧାରଣାଥିଲା ଯେ ଶିକ୍ଷକମାନେ ଆମଦାନୀ ଗୁଡିକ ନେଇଯିବେ । ମାତ୍ର ସେମାନଙ୍କର ଆବଶ୍ୟକତା ମେଣ୍ଟିବାରୁ ସେମାନେ ବହୁତ ଆନନ୍ଦିତ ହେଲେ ।

'ପଥିକ' ବିଦ୍ୟାଳୟ ପତ୍ରିକାରେ ଲେଖା ହେବାଦ୍ୱାରା କେତେକ ସୁସାହିତ୍ୟିକ ପରବର୍ତ୍ତୀ ଜୀବନରେ ବାହାରିଲେ । ଶ୍ରୀମାନ୍ ଭାଗୀରଥି ମଣ୍ଡଳ ପତ୍ର ଦେଲେ ସାର୍ ଆପଣଙ୍କ ପ୍ରେରଣାରେ ମୁଁ ଲେଖା ଆରମ୍ଭ କଲି ଓ ମୋ ଲେଖା ଏବେ ସହକାର, ଝଙ୍କାର ଇତ୍ୟାଦିରେ ବାହାରୁଛି । ଅନ୍ୟ ଜଣେ କୃତୀ ସାହିତ୍ୟିକ ହେଲେ ଶ୍ରୀମାନ ନୃସିଂହ କୁମାର ରଥ, ଇଂରାଜୀ ଅଧ୍ୟାପକ । ମୋର ମନରେ କେତେ ଆନନ୍ଦ କେତେ ତୃପ୍ତି ତାହା ଅନ୍ୟ କେହି ଅନୁଭବ କରି ପାରିବେ ନାହିଁ । ମୋର ତତ୍କାଳୀନ ଛାତ୍ରମାନଙ୍କ ମଧ୍ୟରୁ ଆଉଜଣେ ପ୍ରଖ୍ୟାତନାମା ବ୍ୟକ୍ତି ହେଲେ ନିହଲ ପ୍ରସାଦର ଶ୍ରୀମାନ୍ ପର୍ଶୁରାମ ଧଳ । କୃଷି ବିଭାଗର ନିର୍ଦ୍ଦେଶକ ପରେ ଅବସରପ୍ରାପ୍ତ । ଏ ହେଲା ଭୁବନ ହାଇସ୍କୁଲର ପ୍ରଥମ ଓ ଦ୍ୱିତୀୟ ବ୍ୟାଚ୍‌ର ପିଲାଙ୍କ କଥା । ମୁଁ ତତ୍‌ପର ବର୍ଷ କାମାକ୍ଷାନଗର ଉଚ୍ଚବିଦ୍ୟାଳୟରେ ସରକାରୀ ଚାକିରୀ ପାଇ ଚାଲିଗଲି ।

ସେତେବେଳ ବସ୍ ମଟର କିଛି ନଥିଲା । ରାସ୍ତା ବଡ କଦର୍ଯ୍ୟ । ସହରକୁ ବ୍ରାହ୍ମଣୀ ନଦୀ ପ୍ରତିବନ୍ଧକ ଥିବାରୁ କେବଳ ଜମିଜମା ଓ ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟ ବ୍ୟତୀତ

Digitized by PPRACHIN, SOA

ଅନ୍ୟାନ୍ୟ ସମ୍ପର୍କ ବେଶୀ ଯାଜପୁର ଓ କଟକ ସହିତ ରହୁଥିଲା । ଏବେ ମଧ୍ୟ ସମସ୍ତ ବ୍ୟବସାୟିକ କାରବାର ଯାଜପୁର ରୋଡ ସହ ହେଉଅଛି । ବ୍ୟବସାୟର ଏକ କେନ୍ଦ୍ରସ୍ଥଳୀ ହୋଇଥିବାରୁ ଏ ଗ୍ରାମରେ କେତେକ ମାରୁଆଡି ପରିବାର ପୁରୁଷାନୁକ୍ରମେ ବସବାସ କରୁଛନ୍ତି ।

ଭୁବନ ଗ୍ରାମର କେତେକ ଖ୍ୟାତନାମା ବ୍ୟକ୍ତି ହେଲେ କେଶବ ଚନ୍ଦ୍ର ମିଶ୍ର । ଶିକ୍ଷା ବିଭାଗର ଏକ ବରିଷ୍ଠ ଅଧିକାରୀ ଥିଲେ । ଢେଙ୍କାନାଳର ସାହିତ୍ୟାକାଶରେ ସେ ଏକ ସମୁଜ୍ଜଳ ମଣି । ତାଙ୍କର ରଚନାମାନଙ୍କ ମଧ୍ୟରେ 'ନାଏବବାବୁ' ଉପନ୍ୟାସ ଶ୍ରେଷ୍ଠ । ଜ୍ୟୋତିଷ ବିଦ୍ୟା ପାରଙ୍ଗମ ଶ୍ରୀ ମିଶ୍ର ଜ୍ୟୋତିଷ ସମ୍ବନ୍ଧରେ ପୁସ୍ତକମାନ ରଚନା ମଧ୍ୟ କରିଛନ୍ତି । ତଦୀୟ ପୁତ୍ର ପଦ୍ମନାଭ ଓ ନଟବର ବିଶିଷ୍ଟ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀ । ଜୀବିତ ପ୍ରତିଭାମାନଙ୍କ ମଧ୍ୟରେ ପଣ୍ଡିତ ପଦ୍ମନାଭ ମିଶ୍ର ଶର୍ମା, ଆର୍ଯ୍ୟକବି ପ୍ରମୋଦକୁମାର ମିଶ୍ର, ଶ୍ରୀ ରଘୁନାଥ ମିଶ୍ର, ଶଙ୍କର୍ଷଣ ମିଶ୍ର, ତୁଳସୀରାଣୀ ବେହେରା, ସନାତନ ଗୁରୁ, ଶ୍ରୀକାନ୍ତ ସାହୁ, ରବୀନ୍ଦ୍ର କୁମାର ଦାଶ ଇତ୍ୟାଦି ସାହିତ୍ୟିକ କ୍ଷେତ୍ରରେ ସ୍ୱସ୍ୱ ମର୍ଯ୍ୟାଦାର ଅଧିକାରୀ । କଳାକ୍ଷେତ୍ରରେ ନାଟ୍ୟାଚାର୍ଯ୍ୟ କୃଷ୍ଣ ପ୍ରସାଦ ମିଶ୍ର, ପିତବାସ ମିଶ୍ର ଓ ସୁରେନ୍ଦ୍ର କୁମାର ମିଶ୍ର ଇତ୍ୟାଦି ଅଗ୍ରଗଣ୍ୟ । ଚିତ୍ରାଙ୍କନ ଶୈଳୀରେ ଆୟୁଷ୍ମାନ ନାରାୟଣ ସାହୁ ପଟ୍ଟଚିତ୍ର ଅଙ୍କନରେ ସିଦ୍ଧହସ୍ତ । ସାହିତ୍ୟ କ୍ଷେତ୍ରରେ ଶ୍ରୀ ନଟବର ଦାସ, ନାରାୟଣ ବେହେରା ଓ ଲୋକନାଥ ସେନ୍‌ମାନଙ୍କର ଅବଦାନ ବିଷୟ ଉଲ୍ଲେଖ ନ କଲେ ଭୁବନ ପ୍ରତି ଅନ୍ୟାୟ କରାଯିବ । ଭୁବନର ଗୁଣ ବଖାଣି ବସିଲେ ତାହା ବିରାଟ କଳେବର ବିଶିଷ୍ଟ ହେବ । ତେଣୁ ସଂକ୍ଷେପରେ ତାକୁ ବର୍ଣ୍ଣନା କଲି । ପ୍ରତ୍ୟହ ଏଠାରେ ବହୁ ଜନସମାଗମ ଓ କିଛିନା କିଛି ଗୋଟାଏ ଦର୍ଶନୀୟ କାର୍ଯ୍ୟକ୍ରମ ଆପଣ ଦେଖିବାକୁ ପାଇବେ । 'ରାଧାମୋହନ ଗଡନାୟକ ସାହିତ୍ୟ ସଂସଦ' ବହୁ ପ୍ରବୀଣ ତଥା ନବୀନ ସ୍ୟାହିତିକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଅଛି ।

ମୋର ଦ୍ୱିତୀୟବାର କର୍ମସ୍ଥଳୀ ରୂପେ ପାଞ୍ଚବର୍ଷ ପାଇଁ ଭୁବନ ଉଚ୍ଚବିଦ୍ୟାଳୟରେ ସେବା କରବାର ସୁଯୋଗ ପାଇଥିଲି (୧୯୭୧ରୁ ୧୯୭୫) ମାତ୍ର ଏଥର ସହକାରୀ ଶିକ୍ଷକ ରୂପେ । ଆମେ କେତେକ 'ବି' ଟାଇପ୍ ଶିକ୍ଷକଙ୍କୁ ପଦୋନ୍ନତି ନ ଦେଇ ସରକାର ଜୀବନସାରା ସହକାରୀ କରି ରଖିଲେ । ତେଣୁ ମୋର ପରବର୍ତ୍ତୀ (୧୯୫୪) ଟ୍ରେନିଂ ପ୍ରାପ୍ତ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ମିଶ୍ର ଥିଲେ ପ୍ରଧାନ ଶିକ୍ଷକ ଓ ମୁଁ ଥିଲି ସହକାରୀ । ମୋର ଚାକିରୀ ଜୀବନ ତମାମ ମୁଁ ମୋର ତଳ ଶ୍ରେଣୀର ଛାତ୍ରମାନଙ୍କର ପ୍ରଧାନ ଶିକ୍ଷକତାରେ ସହକାରୀ ଭାବେ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥିବାରୁ ମନର ସରସତା ମରିଯାଇଥିଲା । ତଥାପି ୧୯୭୪ ମସିହାରେ ଭୁବନ ହାଇସ୍କୁଲର ରଜତ ଜୟନ୍ତୀରେ ମୁଁ ଏକ ମୁଖ୍ୟ

Digitized by PPRACHIN, SOA

ଭୂମିକା ଗ୍ରହଣ କରିଥିଲି । ମନ୍ତ୍ରୀମାନଙ୍କ ଠାରୁ ନେଇ ଅନ୍ୟାନ୍ୟ ଅତିଥି ନିମନ୍ତ୍ରଣ ଦାୟିତ୍ୱ ମୋର ଥିଲା ଏବଂ ତାହା ମହାଆଡମ୍ବରରେ ପାଳିତ ହୋଇଥିଲା । ରାଜ୍ୟ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଆହୁତ ଏକ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଁ ଶିକ୍ଷା ବିଭାଗର ଢାଞ୍ଚା ଓ ଶିକ୍ଷାର ବିଭିନ୍ନ ସ୍ତରରେ ଥିବା ତ୍ରୁଟି ବିଚ୍ୟୁତି ସମ୍ବନ୍ଧରେ ରାଜ୍ୟର ସମସ୍ତ ପ୍ରଧାନ ଶିକ୍ଷକ, S.C.E.R.T.ର ଅଧ୍ୟକ୍ଷ ତଥା ଅଧ୍ୟାପକମାନଙ୍କ ସମକ୍ଷରେ ଯେଉଁ ପର୍ଯ୍ୟାଲୋଚନା କରିଥିଲି ତାହା ସମସ୍ତଙ୍କୁ ଚକିତ କରିଥିଲା । ଏହିଠାରେ ଅବସ୍ଥାନ କାଳରେ ୧୯୭୪ ଗ୍ରୀଷ୍ମାବକାଶରେ ଚାରିଜଣ ବନ୍ଧୁ ଦିଲ୍ଲୀଯାଇ ସୁପ୍ରିମକୋର୍ଟରେ ଆମ୍ଭମାନଙ୍କର ଅରଜି ବିଷୟରେ ଆଲୋଚନା କରି ଆସିଥିଲୁ । କେତେ ଉନ୍ମାଦନା ଓ ଉଦ୍ଦୀପନା ପାଠକମାନେ ଅନୁଭବ କରୁଥିବେ ।

ଭୁବନ ଗ୍ରାମର ପାଣି ପବନ, ଆବହାଓ୍ୱା ଓ ଜନତା ମୋତେ ବହୁଭାବେ ଉଦବୁଦ୍ଧ କରିଛି ଓ ଏବେ ମଧ୍ୟ କରୁଛି । ମୋ ଦ୍ୱାରା ପ୍ରତିଷ୍ଠିତ 'ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ'ରେ ଭୁବନ ଓ ଆଖପାଖ ଅଞ୍ଚଳର କେତେକ ସଭ୍ୟ ସଭ୍ୟା ଅଛନ୍ତି ଓ କୀର୍ତ୍ତନପୁରର ଶ୍ରୀମାନ୍ ଯାମିନୀ ରଞ୍ଜନ ଦାସଙ୍କ ପ୍ରତିଷ୍ଠିତ ଭାରତୀୟ ସଙ୍ଗୀତ ନିଳୟରେ ମୁଁ ମୁଖ୍ୟ ଉପଦେଷ୍ଟା ଓ ମତ୍ ପ୍ରତିଷ୍ଠିତ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ଦଶବର୍ଷ ସଭାପତିତ୍ୱ ପରେ ବର୍ତ୍ତମାନ ଉପଦେଷ୍ଟା ରୂପେ ଅବସ୍ଥାପିତ । ଅବସର ଗ୍ରହଣ ପରେ ସାହିତ୍ୟ ଓ ସଙ୍ଗୀତ ଚର୍ଚ୍ଚାରେ ମୋର ଜୀବନ ଅତିବାହିତ କରୁଛି ଓ ଏହାର ପ୍ରଥମ ପ୍ରେରଣା ଯେ ମୋତେ 'ଭୁବନ' ଦେଇଥିଲା ତାହା ଅନସ୍ୱୀକାର୍ଯ୍ୟ ।

ଭୁବନ ଉଚ୍ଚବିଦ୍ୟାଳୟ ଏବେ ସରକାରୀ ବିଦ୍ୟାଳୟ ହୋଇ ସେ ଅଞ୍ଚଳର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ଦଣ୍ଡାୟମାନ । ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ମୋର ଉତ୍ତର ସୂରୀମାନେ ଚେଷ୍ଟିତ ହେବେ ଏ ଆଶା ମୋର ଅଛି । ଏ ସୁବର୍ଣ୍ଣ ଜୟନ୍ତୀ ଅବସରରେ ବିଦ୍ୟାଳୟ ଓ ଏଥିରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କର ଜୀବନ ସୁଖମୟ ହେଉ ଏହାହିଁ କାମନା ।

(ଭୁବନ ହାଇସ୍କୁଲ୍, ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା)

❖ ❖ ❖

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ନାରୀ ପ୍ରଭାଗ

Digitized by PPRACHIN, SOA

ସମସ୍ୟା ବହୁଳ ନାରୀ ଜୀବନ

ଈଶ୍ୱର ସୃଷ୍ଟି କଲେ ପ୍ରକୃତି ଓ ପୁରୁଷ । ପ୍ରକୃତି କ୍ରିୟାଶୀଳ ଓ ପୁରୁଷ କ୍ରିୟାହୀନ । ପ୍ରକୃତିହିଁ ପୁରୁଷକୁ କାର୍ଯ୍ୟକ୍ଷମ ବା କାର୍ଯ୍ୟରତ କରାଏ । ତେଣୁ କୁହାଯାଏ 'ଶକ୍ତି ବିହୁନେ ଶିବ ହେଉଛନ୍ତି ଶବ' । ଯୁଗେ ଯୁଗେ ନାରୀ ପୁରୁଷର ଶକ୍ତିଦାନ କାରିଣୀ, ତାର ପରାମର୍ଶ ଦାତ୍ରୀ ଓ ମାର୍ଗ ଦର୍ଶିକା (a friend, philosopher and guide) ହୋଇ ରହି ଆସିଛି । ମାତ୍ର ଏତେ ଗୁଡ଼ିଏ ଦାୟିତ୍ୱ ନେବାରେ ଯେ ସମସ୍ୟା ତାହା ପ୍ରତିକ୍ଷେତ୍ରରେ ତାକୁ ବିବ୍ରତ, ବିଭ୍ରାନ୍ତ ଓ ବିଚଳିତ କରି ଆସିଛି । କେଉଁଠି ସେ ସମାଧାନର ସୂତ୍ର ବାହାର କରିଛି ତ, କେଉଁଠି ଦିଗହରା ହୋଇ ଜୀବନକୁ ହା, ହୁତାଶ ମଧ୍ୟରେ ଜାଳି ଦେଇଛି । ବାଲ୍ୟ ଓ କୈଶୋରରେ ପିତାଙ୍କର ସେବା କରିଛିତ, ଯୌବନରେ ସ୍ୱାମୀଙ୍କର ଏବଂ ବାର୍ଦ୍ଧକ୍ୟରେ ପୁତ୍ରର ସୁରକ୍ଷା ତଥା ମଙ୍ଗଳ ପାଇଁ ଜୀବନକୁ ଉତ୍ସର୍ଗୀକୃତ କରିଛି ।

ନାରୀର ଅବୟବ ପୁରୁଷଠାରୁ ଅତୀବ କୋମଳ ଏବଂ ସନ୍ତାନ ଧାରଣ ତଥା ପାଳନ ନିମିତ୍ତ ତାର ଅଙ୍ଗସୃଷ୍ଟି ବହୁଧା ଭିନ୍ନ । ଧାରୟତି ଇତି ଧର୍ମଃ । ତେଣୁ ମାଆ ହେଉଛି ଧରଣୀ ସହ ସମାନ । କୌଣସି ମାଆ କେବେ ଅମଙ୍ଗଳାକାଂକ୍ଷୀ ହୋଇ ନ ପାରେ । ମାତ୍ର ପିତାର ମନ ମୁତାବକ ସ୍ୱାମୀ ପ୍ରାପ୍ତି ଓ ସ୍ୱାମୀର ମନ ମୁତାବକ କାର୍ଯ୍ୟ କରିବା - ସର୍ବୋପରି ପୁତ୍ରର ମରଜି ଜଗି ଉତ୍ତର ଜୀବନ ବିତାଇବା ଏତେ ସମସ୍ୟା ବହୁଳ ନାରୀ ସର୍ବଦା ସର୍ବଂ ସହା ହୋଇ, ନାନା ନିର୍ଯ୍ୟାତନା ଭୋଗି ମଧ୍ୟ ସେ ସବୁକୁ ସରଳ ଭାବେ ଈଶ୍ୱରଙ୍କର ନିର୍ଦ୍ଦେଶ ମନେକରି ସମ୍ଭାଳି ନେଇଛି । ଅନ୍ୟକୁ ଭୋଜନ ଦେଇ ନିଜେ ଓପାସ ରହିବା, ଅନ୍ୟକୁ ସୁଖଦେଇ ନିଜେ ଦୁଃଖକୁ ଆପଣେଇନବା ନାରୀର ସ୍ୱଭାବ ସୁଲଭ ଗୁଣ । ସେଥିପାଇଁ ଆମର ମହାବାକ୍ୟ 'ଯତ୍ର ନାର୍ଯ୍ୟସ୍ତୁ ପୁଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ' ଏ ଆମର ଏଥିକ୍ସ୍ । ଅନେକ ପୁରୁଷଙ୍କର ସଫଳତାର ପୃଷ୍ଠଭାଗରେ ନାରୀମାନଙ୍କର ଭୂମିକା ରହିଅଛି । ମାତ୍ର ସେ କେବେହେଁ ବାହାବା ସାବାସ୍ ଚାହିଁନି । ଲୀଳାବତୀ ନାଁ ନେଇଯିବେ ବୋଲି ତାଙ୍କ ଜିଭ କାଟି ଦିଆଯାଇଛି । ପୁରୁଷ ପ୍ରତିକ୍ଷେତ୍ରରେ ନାରୀର ସ୍ୱାଧୀନତାକୁ ଖର୍ବ କରିବା ପାଇଁ ଚେଷ୍ଟାକରି ଆସିଛି । ପୁରୁଷର ପୌରୁଷ ନିକଟରେ, ସେ ଆତ୍ମ ସମର୍ପଣ କରିଛି ।

ନାରୀ ମଧ୍ୟରେ ଜନ୍ମ ନେଇଛନ୍ତି ମୈତ୍ରେୟୀ, ଗାର୍ଗୀ ମଦାଳସା ପ୍ରଭୃତି ବିଜ୍ଞା, ମୀରା, ମାଧବୀ, ଟେରେସା ଓ ଫ୍ଲରେନସ୍ ନାଇଟିଙ୍ଗେଲକ ପରି ସାଧ୍ୱୀ ତଥା ସେବିକା

Digitized by PPRACHIN, SOA

ପୁଣି ଲକ୍ଷ୍ମୀବାଇ, ଦୁର୍ଗାବତୀ, ଚାନ୍ଦବିବି, ଅହଲ୍ୟା ବାଇଙ୍କ ପରି ବୀରା ରମଣୀଗଣ ଏବଂ ସୀତା, ସାବିତ୍ରୀ ଓ ଦ୍ରୌପଦୀ ଇତ୍ୟାଦିଙ୍କ ପରି ପତିପରାୟଣା ମହିଳା ମାନେ । ଏମାନଙ୍କର ପ୍ରତ୍ୟେକଙ୍କର ଜୀବନ ସଂଗ୍ରାମ, ସେବା ଓ ତ୍ୟାଗପୂତ, ସର୍ବଦା ସମସ୍ୟା ବହୁଳ । ଆଜି ମଧ୍ୟ ନାରୀର ସମସ୍ୟା ବହୁ ଗୁଣିତ ହୋଇଛି ସିନା କମିବାର ନାହିଁ ।

ଆଜିର ଦୁନିଆଁ ସେଦିନଠାରୁ ବହୁତ ଜଟିଳ ହୋଇ ପଡିଛି । ଅବକ୍ଷୟମାଣ ସମାଜରେ ଆଜି ବହୁ ପିଶାଚଙ୍କର ଆବିର୍ଭାବ ଘଟିଛି ଓ ସେହି ଅନୁପାତରେ ଧାର୍ମିକ ଭାବନା ଦୁରୀଭୂତ ହୋଇଛି । ମାଂସର ଲୋଭ ମନୁଷ୍ୟକୁ ପଶୁଠାରୁ ବଳି ହିଂସ୍ର କରିଛି । ତେଣୁ ଧର୍ଷଣ, ହତ୍ୟା, ନିର୍ଯ୍ୟାତନା ଇତ୍ୟାଦି ନାରୀ ପାଇଁ ବିଭିନ୍ନ ନୂତନ ସମସ୍ୟା ମୁଣ୍ଡଟେକିଛି । ପୁରୁଷ ସହିତ ସମାନ ଅଧିକାର ଦାବି କରି ନାରୀ ଅନେକ ଦିଗରେ ନିଜର ଦାବି ହାସଲ କରିଛି ଏବଂ ନିଜର ଦକ୍ଷତା ପ୍ରମାଣିତ କରିଛି । ସେ ଆଜି ବ୍ୟୋମଯାନ ଉଡାଇଛି, ମହାକାଶ ଯାତ୍ରା କରିଛି ଏବଂ ଯୁଦ୍ଧ କରିବା ପାଇଁ ସୈନିକା ସାଜିଛି । ମାତ୍ର ତାର ସମାସ୍ୟାର ସମାଧାନ ହୋଇ ପାରିନି । ସେ ଯେପରି ଏକ କୁହେଳି ମଧ୍ୟରେ ଦିଗହରା ହୋଇ ପଡିଛି, ରକ୍ଷାକର ରକ୍ଷାକର ଚିତ୍କାର କରୁଛି, ମାତ୍ର ତାର ଚିତ୍କାର ବାୟୁମଣ୍ଡଳରେ ମିଳାଇ ଯାଉଛି - କେହି ଯେପରି ଶୁଣିବା ପାଇଁ ନାହିଁ । ବଧୂ ନିର୍ଯ୍ୟାତନା, ଯୌତୁକ ନିରୋଧ, ପୈତୃକ ସମ୍ପତ୍ତିରେ ସମାନ ଅଧିକାର, ବିଭିନ୍ନ କ୍ଷେତ୍ରରେ ସ୍ଥାନ ସରଂକ୍ଷଣ ଇତ୍ୟାଦି ନାନା ପ୍ରକାରର ଆଇନ୍ କାନୁନ୍ ପ୍ରଣୟନ କରିମଧ୍ୟ ଏ ପ୍ରକାର ନିର୍ଯ୍ୟାତନାର ପରିମାଣ ବଢି ଚାଲିଛି ସିନା କମିବାର ଲକ୍ଷଣ ଦେଖାଯାଉନି । କାର୍ଯ୍ୟରତ ଏକାକୀ ମହିଳା (working single woman) ପକ୍ଷରେ ପଦେ ପଦେ ଆପଦ । ପଦାକୁ ବାହାରିଲେ ସେ ପୁଣି ସହଜରେ ଗୃହକୁ ବା ବାସକୁ ଫେରି ପାରିବାର ବିଶ୍ୱାସ ନାହିଁ । ରକ୍ଷକ ଭକ୍ଷକ ସାଜିଛି, ନାନା ପ୍ରଲୋଭନ ଦେଖାଇ ତାକୁ ଭୁଲାଇ ନେଉଛି - କେଉଁଠି ପ୍ରେମ ପ୍ରତାରଣା ତ କେଉଁଠି ଅନ୍ନସଂସ୍ଥାନରେ ପ୍ରତାରଣା ଏପରିକି ଧର୍ମନାମରେ ଗୁରୁ ସାଜି ଶିଷ୍ୟାର ସର୍ବସ୍ୱ ଲୁଣ୍ଠନ କରାଯାଉଛି । ବିବାହିତା ଧର୍ମପତ୍ନୀକୁ ଦାସୀ ପରି କଦର୍ଯ୍ୟ ବ୍ୟବହାର, ପର ପୁରୁଷ ସହ ମିଶିବା ପାଇଁ ବାଧ କରିବା ଏବଂ ଶେଷରେ ଅଳିଆଗଦାକୁ ଫୋପାଡି ଦେବାପରି ତ୍ୟାଗ ବା ଛାଡପତ୍ର ଦେଇ ତାର ଜୀବନକୁ ହା, ହୁତାଶ ମଧ୍ୟକୁ ଠେଲି ଦିଆଯାଉଛି । କେବଳ ଅର୍ଥ ଉପାର୍ଜନ କରି ନିଜର ଉଦର ଜ୍ୱାଳା ମେଣ୍ଟାଇବାକୁ ସେ ଚାହେଁନା - ସେ ଚାହେଁ ଟିକିଏ ସ୍ନେହ ଟିକିଏ ପ୍ରୀତି, ଟିକିଏ ଆଦର ଓ ସହାନୁଭୂତି, ମାତ୍ର ତାକୁ ଧର୍ଷଣ କରି ନ୍ୟାୟାଳୟରେ ବେଶ୍ୟା ବୋଲି ପ୍ରତିପାଦନ କରିବାର ହୀନ ପ୍ରୟାସ କରାଯାଉଛି । ଆଜି ପୁରୁଷ ସହ ସମକକ୍ଷ ହେବା ପାଇଁ ସେ ଦ୍ୱିଗୁଣ ଯନ୍ତ୍ରଣା

Digitized by PPRACHIN, SOA

ସହ୍ୟକରୁଛି । ସ୍ୱାମୀ, ଶ୍ୱଶୁର, ଶାଶୁ, ନଣନ୍ଦ ଏବଂ ନିଜର ସନ୍ତାନ ତଥା ଅତିଥି ସେବା ଓ ଗୃହର ଯାବତୀୟ ଜଞ୍ଜାଳ ମୁଣ୍ଡାଇବାସହ ଅତିରିକ୍ତ ବିଶ୍ରାମ ସମୟରେ ଚାକିରୀ ଖଟୁଛି କିମ୍ବା କଳକାରଖାନା ଖଣି ବା କ୍ଷେତରେ ମଜୁରୀ କରୁଛି, ତାର ସମସ୍ୟା ବହୁଗୁଣିତ ହେଉଛି, ଏକ ଦିଗରେ ଗୃହ ସମସ୍ୟା ତ ଅପର ଦିଗରେ ଚାକିରୀ ସମସ୍ୟା । ଆଜି ଶାଶୁ ତା ପାଇଁ ସମସ୍ୟା, ନଣନ୍ଦ-ସମସ୍ୟା, ସ୍ୱାମୀସମସ୍ୟା, ଦିଅର ସମସ୍ୟା, ସନ୍ତାନ ସମସ୍ୟା, ଉପର ହାକିମ ସମସ୍ୟା, ନିମ୍ନ ପଦାଧିକାରୀ ସମସ୍ୟା- ସମସ୍ୟାହିଁ ସମସ୍ୟା । ତନ୍ମଧ୍ୟରେ ଯେ ହସଟିକ ଲିଭିଯାଇଛି, ଫୁଲଟି ଫୁଟି ପାରୁନି, କୋମଳ ଲତାଟି ଶାଖା ମେଲି ପାରୁନି କି ନିଜେ ବୃକ୍ଷପରି ଟାଣ ହୋଇପାରୁନି । ଏ ସମସ୍ୟା ସାଗରରେ ଆଜି ନାରୀ ଉବେଇ ଟୁବେଇ ହେଉଛି- ସମାଧାନ କାହିଁ କେତେ ଦୂରେ ।

(ବାଣୀଶ୍ରୀ)

❖❖❖

Digitized by PPRACHIN, SOA

ଆଜିର ଗାର୍ଗୀ, ଆଜିର ମୈତ୍ରେୟୀ

ଯୁଗେ ଯୁଗେ ନାରୀ ବିଶେଷତଃ ଭାରତୀୟ ନାରୀ ନିଜର ଗୌରବମୟ ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଯାଇଛି । ବୈଦିକ ସମୟରୁ ଏ ପର୍ଯ୍ୟନ୍ତ ଗାର୍ଗୀ, ମୈତ୍ରେୟୀ, ମଦାଳସା, ସୀତା, ଦ୍ରୌପଦୀ, ଲୀଳାବତୀ, ମା' ଆନନ୍ଦମୟୀଙ୍କ ଠାରୁ ମଦରଟେରେସାଙ୍କ ଯାଏ ଯେଉଁମାନେ ନିଜର ମହାନତା ପ୍ରତିପାଦିତ କରିଛନ୍ତି ତାର ହିସାବ ନିକାଶ କରିବା କଷ୍ଟକର । ଏ ଯେଉଁ ଦେବୀ, ମନିଷୀ, ଯୋଗୀନୀ ତଥା ବୀରା ରମଣୀମାନଙ୍କର ଚିତ୍ର ଆମ୍ଭମାନଙ୍କୁ ଶାସ୍ତ୍ର ବା ଇତିହାସ ଦିଏ- ସେମାନେ କ'ଣ ମାତ୍ର ଏତିକି ? ନାଁ, ଅଗଣିତ ଗୃହିଣୀ - ପ୍ରତ୍ୟେକ ପ୍ରାନ୍ତରେ, ପ୍ରତ୍ୟେକ ପରିବାରରେ ଆପଣ ଦେଖିବାକୁ ପାଇବେ, ଯେଉଁମାନେ କି ପୁରାଣ ବା ଇତିହାସ ବର୍ଣ୍ଣିତ ମହିଳାମାନଙ୍କର ସମତୁଲ, କେତେକ ସ୍ଥଳରେ ସେମାନଙ୍କ ଠାରୁ ଅଧିକ ଗୁଣ ସମ୍ପନ୍ନା । ଆଜିର ସମାଜରେ ଆମମାନଙ୍କର ଦୃଷ୍ଟିଗୋଚରରେ ଆମେ ଅଙ୍ଗେ ନିଭାଉ ଥାଉ, ମାତ୍ର ଆମ୍ଭମାନଙ୍କୁ ସେମାନେ ସାମାନ୍ୟ ବା ସାଧାରଣ ପ୍ରତୀୟମାନ ହୁଅନ୍ତି- ଘରକା ମୁର୍ଗୀ ଡାଲ କରାବର ପରି । ଇତିହାସ ହିସାବ ରଖି ନଥିବା ଏପରି ଏକ ମହିଳାଙ୍କ ବିଷୟ ଅବତାରଣା କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ । ଆପଣମାନେ ତାଙ୍କ ସଂସ୍ପର୍ଶରେ ଏବେ ମଧ୍ୟ ଆସି ପାରିବେ, ଥରେ ଅନୁଭବ କଲେ ଜାଣି ପାରିବେ ।

ଗୀତାରେ ଭଗବାନ କହିଛନ୍ତି - ''ଯୋଗସ୍ଥ କୁରୁ କର୍ମାଣି ସଂଙ୍ଗତ୍ୟକ୍ତ୍ୱା ଧନଞ୍ଜୟ, ସିଦ୍ଧ୍ୟସିଦ୍ଧ୍ୟୋଃସମୋଭୁତ୍ୱା ସମତ୍ୱଂ ଯୋଗ ଉଚ୍ୟତେ'' (୨-୪୮) ଏବଂ ବୁଦ୍ଧିଯୁକ୍ତୋ ଜହାତୀହ ଉଭୌ ସୁକୃତ-ଦୁଷ୍କୃତେ, ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳମ୍ । ଗୀତା- ଯାହାକି ପୃଥିବୀର ଅତୁଳନୀୟ ଗ୍ରନ୍ଥ ତାଙ୍କ ଭାଷାରେ ଯୋଗର ସଂଜ୍ଞା ହେଲା ଦୁଇଟି (୧) ସମତ୍ୱଂ ଯୋଗ ଉଚ୍ୟତେ ଏବଂ (୨) ଯୋଗଃ କର୍ମସୁ କୌଶଳମ୍ - ଏହା ବାରମ୍ବାର ଅଧ୍ୟୟନ କରି ଉତ୍ତମ ରୂପେ ଜାଣି ମଧ୍ୟ ଆମ୍ଭେମାନେ ତାହା ପାଳନ କରି ପାରୁନାହୁଁ ମାତ୍ର ଏ ଯେଉଁ ନାରୀଙ୍କ ବିଷୟ ଆଲୋଚ୍ୟ ସେ ସ୍ୱଳ୍ପ ଶିକ୍ଷିତା, ଗୀତା ବୁଝି ନାହାନ୍ତି । ହେଲେ ତାଙ୍କ ଜୀବନର ପ୍ରତି ଛତ୍ରେ ଛତ୍ରେ ସେ ଗୀତାର ଏ ବାଣୀର ସାଧନ କରି ଚାଲିଛନ୍ତି । ପ୍ରଥମତଃ ସମତ୍ୱଂ, ତାଙ୍କର ପ୍ରତ୍ୟେକ ଦୈନନ୍ଦିନ କର୍ମରେ ଆପଣ ଏହି ସମତ୍ୱଂର ନିଦର୍ଶନ ପାଇବେ । କେତେଗୋଟି ସାଧାରଣ ଉଦାହରଣ ଦେଲେ କଥାଟା ସ୍ପଷ୍ଟ ହେବ ।

ପ୍ରତ୍ୟେକ କ୍ଷେତ୍ରରେ ସମନ୍ୱୟ ଓ ସମତା ରକ୍ଷାକରି ସେ କାର୍ଯ୍ୟ କରନ୍ତି । ଗୁରୁଜନ ମାନଙ୍କ ପ୍ରତି ଯଥାଯୋଗ୍ୟ ଭକ୍ତି ଓ ସେବା, ସମତୁଲ୍ୟ ବ୍ୟକ୍ତିମାନଙ୍କ ପ୍ରତି ସମାନ ମର୍ଯ୍ୟାଦା,

Digitized by PPRACHIN, SOA

ହସ କଉତୁକ, ଆଦର ଅଭ୍ୟର୍ଥନା କେଉଁଠି ତ୍ରୁଟି ପରିଲକ୍ଷିତ ହୁଏନା । ଲଘୁଜନମାନଙ୍କୁ ସ୍ନେହ, ଆଦର, ତାଙ୍କର ପରିଚର୍ଯ୍ୟା ଇତ୍ୟାଦି ଉପଯୁକ୍ତ ଭାବରେ ହୁଏ । ପାଖପଡିଶାର ବିଭିନ୍ନ ବୟସର କନିଷ୍ଠତ ଅନ୍ତର୍ଭୁକ୍ତ, ତା ସହିତ ଚାକର ବାକର ମଧ୍ୟ । ଥରେ ଯେ ତାଙ୍କ ସଂସ୍ପର୍ଶରେ ଆସେ, ସେ ମାଆ ଛଡା ଅନ୍ୟ କିଛି ସମ୍ବୋଧନ କରି ପାରେନି ।

ଦ୍ୱିତୀୟତଃ କର୍ମସୁ କୌଶଳମ' । ସେ ଏକ କର୍ମଯୋଗୀ, ସର୍ବଦା କର୍ମରତ, ପିଲାଛୁଆଙ୍କ ଖବର ବୁଝି ସ୍କୁଲ ପଠାଇବା, ପିତା, ମାତା, ବା ଶାଶୁ ଶ୍ୱଶୁରଙ୍କର ସମସ୍ତ ଆବଶ୍ୟକତା ପୁରଣ କରିବା, ଲୁଣ୍ଡା ଦେଇ, ଗୋବର ପାଣି ପକାଇ, ବାସନ ମାଜି, ରୋଷାଇ କରି ତାଙ୍କର ଶିକ୍ଷକ ସ୍ୱାମୀ ଓ ଦିଅର ଇତ୍ୟାଦିଙ୍କୁ ସକାଳ ୯ ଟାରେ ଖାଦ୍ୟ ପରିବେଷଣ କରି କର୍ମକ୍ଷେତ୍ରକୁ ପଠାଇ ସାରିବା ପରେ ଅନ୍ୟ କାର୍ଯ୍ୟ କରନ୍ତି । ନିଜ ପାଇଁ ସମୟ ଦେବାକୁ ବେଳ ନଥାଏ । ଆଧୁନିକ ଝିଅଙ୍କ ପରି ବେଶଭୁଷା, ପ୍ରସାଧାନ ପରିପାଟୀ ସେପରି କିଛି ନାହିଁ । ଅନ୍ୟର ସନ୍ତୋଷରେ ନିଜେ ଖୁସି, ଅତିଥି ଆସିଲେ ଆପଣାର ଖାଦ୍ୟ ତାଙ୍କୁ ଦେଇ ଦେଇ ନିଜେ ପଖାଳ ବା ମୁଢିରେ ସନ୍ତୁଷ୍ଟ - ମନରେ କ୍ଷୋଭ ନାହିଁ, ଦୁଃଖ ନାହିଁ- ତିଳେ ମାତ୍ର ଗ୍ଲାନି ନାହିଁ । ନିଜର ହାନିଲାଭ, ଭଲମନ୍ଦ ଅନ୍ୟକୁ ଜାଣିବାକୁ ଦିଅନ୍ତି ନାହିଁ । ଯେତେ ଦୁଃଖ କଷ୍ଟ ଥିଲେ ମଧ୍ୟ ଅନ୍ୟମାନଙ୍କ ଆଗରେ ହସ ହସ, ଉପଯୁକ୍ତ ମର୍ଯ୍ୟାଦା, ସାଦର ସମ୍ଭାଷଣ । ଅନ୍ୟର ଜାଣିବାର ଉପାୟ ନାହିଁ ତାଙ୍କର ଦୁଃଖ ବିଷୟରେ- ଏପରିକି ନିଜର ମାତା, ପିତା, ଭ୍ରାତା, ଭଗିନୀ, ପୁତ୍ର, କନ୍ୟା, ସ୍ୱାମୀ ମଧ୍ୟ ଅନେକ କ୍ଷେତ୍ରରେ ଜାଣିବାର ଉପାୟ ନଥାଏ ।

ଦୁଃଖେଷ୍ୱନୁଦ୍ୱିଗ୍ନମନା ସୁଖେଷୁ ବିଗତସ୍ପୃହଃ
ବୀତରାଗ ଭୟକ୍ରୋଧଃ ସ୍ଥିତଧୀର୍ମୁନିରତ୍ୟତେ (ଗୀତା୨-୫)

ସ୍ଥିତପ୍ରଜ୍ଞ ବ୍ୟକ୍ତିର ଏ ଯେଉଁ ଲକ୍ଷଣ ଗୀତାରେ ବ୍ୟାସଦେବ ବର୍ଣ୍ଣନା କରିଛନ୍ତି, ତାହା ତାଙ୍କ ପ୍ରତି ଅକ୍ଷରେ ଅକ୍ଷରେ ପ୍ରଯୁଜ୍ୟ । ପ୍ରତ୍ୟେକ ନାରୀଙ୍କ ପରି ତାଙ୍କର ମଧ୍ୟ ଅଳଙ୍କାର ପିନ୍ଧିବାର ବାସନା ଦେଖା ଦେଇଛି । ସେ ସ୍ୱାମୀଙ୍କୁ କହିଛନ୍ତି, ଶିକ୍ଷକ ସ୍ୱାମୀ ତାହା ଦେଇ ପାରି ନାହାନ୍ତି- ଦୁଃଖ ନାହିଁ, ବରଂ ଯାହା ଅଛି ତାକୁ ବାରମ୍ବାର ବିକିଭାଙ୍ଗି ବନ୍ଧା ପକାଇ ପରିବାରର ଗୁଜରାଣ ମେଣ୍ଟାଇଛନ୍ତି ।

ଏ ସମ୍ବନ୍ଧରେ ତାଙ୍କ ଜୀବନର ଗୋଟିଏ ନିଛକ ଉଦାହରଣ ଦେବା ସମୀଚୀନ ହେବ । ଆମ୍ଭର ଏହି ଚିରବନ୍ଧ୍ୟା ଜନନୀ ମାତ୍ର ଏଗାରବର୍ଷ ବୟଃକ୍ରମ ବେଳେ ବିବାହିତ ହୋଇ ଚଉଦ ବର୍ଷରେ ଶ୍ୱଶୁରାଳୟକୁ ଆନୀତା ହେଲେ । କିୟଦ୍ଦିନ ପରେ କୌଣସି ଶୁଭଦିନ ଉପଲକ୍ଷେ ତାଙ୍କର ପିତା ନାନା ସୁମିଷ୍ଟ ଖାଦ୍ୟଦ୍ରବ୍ୟ ତଥା ଫଳମୂଳ ଘେନି ଏକ

Digitized by PPRACHIN, SOA

ବଳଦ ଗାଡିରେ କନ୍ୟାଗୃହକୁ ଆଗମନ କରନ୍ତି । ମାତ୍ର କୌଣସି କାରଣରୁ ଦୁଇ ସମୁଦିଙ୍କ ମଧ୍ୟରେ ଭୁଲ ବୁଝାମଣା ହେବାରୁ ତାଙ୍କୁ ଜନୈକ ଭଦ୍ର ବ୍ୟକ୍ତିଙ୍କ ଗୃହରେ ଆଶ୍ରୟ ନେବାକୁ ପଡେ । ମିଳାମିଶା ନିମିତ୍ତ ବହୁ ଉପାୟ କରି ଅକୃତ-କାର୍ଯ୍ୟ ହେବାରୁ ସମସ୍ତ ପଦାର୍ଥ ସାଇ ପିଲାଙ୍କ ମଧ୍ୟରେ ବଣ୍ଟନ କରି ମନ ଦୁଃଖରେ ଫେରିବା ସମୟରେ କତିପୟ ପିଲାଙ୍କୁ ଝିଅ ପାଖକୁ ପଠାଇ ଜଣାଇଲେ ଯେ ଝିଅ ଟିକିଏ ଝରକା ନିକଟକୁ ଆସିଲେ ତାକୁ ଦେଖି ଦେଇ ଚାଲିଯିବେ । ଚଉଦ ବର୍ଷର ଝିଅ କ'ଣ ଉତ୍ତର ଦେଲେ ଜାଣନ୍ତି ? ବାପାଙ୍କୁ କହିବ ଏପରି ଚୋର ପରି ମୋତେ କ'ଣ ଦେଖିବେ ? ମୁଁ କଣ କୁଆଡେ ଚାଲି ଯାଉଛି ? ଯେଉଁଦିନ ବନ୍ଧୁର ମର୍ଯ୍ୟାଦା ନେଇ ଆସିବେ ସେ ଦିନ ମତେ ତାଙ୍କର କନ୍ୟାରୂପେ ଉତ୍ତମ ରୂପେ ଦେଖି ପାରିବେ ।'' ତାପରେ ଅନେକ ଅନେକ କଥା । ଆଜିକାଲିର ପାଠୁଆ ଝିଅମାନଙ୍କ ଠାରୁ ଆପଣମାନେ ଏ ପ୍ରକାର ଉତ୍ତର ଆଶା କରିବେକି ? ସମୟ ଆସିଛି ଯେତେବେଳେ ସେ କେବଳ ମୁହଁ ଖର୍ଚ୍ଚ କରି ହଜାର ହଜାର ଟଙ୍କା ଯୋଗାଡ କରି ପରିବାରକୁ ନିଶ୍ଚିତ ବିପତ୍ତିରୁ ଉଦ୍ଧାର କରିଛନ୍ତି । ଥରେ ନୁହେଁ - ଅନେକ ବାର । ଏପରି ଅନେକ ଛୋଟ ବଡ ଘଟଣା, ଯାହାକି ଏ କ୍ଷୁଦ୍ର ପ୍ରବନ୍ଧରେ ଅବତାରଣା କରି ହେବ ନାହିଁ ।

ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋ ପଜାୟତେ
ପ୍ରସନ୍ନ ଚେତସୋ ହ୍ୟାଶୁ ବୁଦ୍ଧି ପର୍ଯ୍ୟବତିଷ୍ଠତେ ।(୨-୬୫)

ଶାନ୍ତି ଓ ନୀରବତା ମଧ୍ୟରେ ପ୍ରସନ୍ନତା ଆସେ ଏହା ହେଲା ଶ୍ରୀକୃଷ୍ଣଙ୍କ ବାଣୀ । ମାତ୍ରଆମ୍ଭର ଜନନୀ ଏହା ଠାରୁ ମଧ ଉଚ୍ଚରେ । ସେ ଅଶାନ୍ତି ଓ କୋଳାହଳ ମଧ୍ୟରୁ ମଧ ପ୍ରସନ୍ନତା ଆହରଣ କରନ୍ତି । କେହି ଉତ୍ତେଜନା ବଶତଃ କିଛି ଭୁଲ କରୁଥିଲେ ତାକୁ ପରବର୍ତ୍ତୀ କାଳରେ ସେ ବୁଝାନ୍ତି କାରଣ ହଠାତ୍ ଉତ୍ତେଜିତ ମନରେ କେହି ହୁଏତ ତାଙ୍କ କଥାକୁ ଅଗ୍ରାହ୍ୟ କରିବ ବା ଅବହେଳା କରିବ । କୌଣସି ବ୍ୟକ୍ତିର ତ୍ରୁଟି ବିଚ୍ୟୁତି ଦେଖିଲେ ଆମେ ସାଧାରଣତଃ ରାଗିଯାଉ । ମାତ୍ର ନାଁ - ଆମ୍ଭର ଜନନୀଙ୍କୁ ଏପରି କ୍ଷେତ୍ରରେ ରାଗିବାର କେହି ଦେଖି ନାହିଁ । ବୁଝାଇ ସୁଝାଇ ସେ ଉକ୍ତ ବ୍ୟକ୍ତିଙ୍କୁ ଠିକ୍ ବାଟକୁ ଆଣନ୍ତି । ସାଇ ପଡିଶା ସମସ୍ତଙ୍କର ସେ ପ୍ରିୟ । ଦୁଃଖ, ଦୁର୍ଦ୍ଦଶାରେ, ହାନି ଲାଭରେ, ରୋଗ ଶୋକରେ ସମସ୍ତେ ତାଙ୍କ ପାଖକୁ ଧାଇଁ ଆସନ୍ତି କିଛି ଆଶ୍ୱାସନା, କିଛି ସେବା, କିଛି ଦାନ ବା ସାନ୍ତ୍ୱନା ବା ଉପଦେଶ ଆଶାରେ । ପାଆନ୍ତି ମଧ ।

ଆପଣମାନେ ଏତେ କଥା ଶୁଣି ସାରିବା ପରେ ଭାବୁଥିବେ ଯେ ଏତ ଏକ ସ୍ୱୟଂ ସଂପୂର୍ଣ୍ଣା, ଭଗବାନଙ୍କର ଅବତାର ହୋଇଥିବେ । ମାତ୍ର ସେ ଯେ ସାଧାରଣ ବ୍ୟକ୍ତିଙ୍କ ଠାରୁ ଭଗବାନଙ୍କର ନିଟକତର- ଏହା ଅନସ୍ୱୀକାର୍ଯ୍ୟ । ସମସ୍ତ ପିଲା ବଡ ହୋଇ ନିଜ

Digitized by PPRACHIN, SOA

ନିଜର ଘର ସଂସାର କରିବା ପରେ ତାଙ୍କୁ ଦେଖିବେ ପ୍ରତ୍ୟହ ବ୍ରହ୍ମମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରି ଈଶ୍ୱରାଧନାରେ ରତଥିବେ । ଯେ କୌଣସି କାର୍ଯ୍ୟ ହାତକୁ ନେଲେ ତାକୁ ନିଷ୍ଠାର ସହ ପାଳନ କରିବା ତାଙ୍କ ଜୀବନର ଏକ ମହାନ ନୀତି । ଯେ କାର୍ଯ୍ୟ ତୁଲାଇ ପାରିବେ ନାହିଁ ତାକୁ ଆଦୌ ହାତକୁ ନେବେ ନାହିଁ । ମାତ୍ର ସ୍ୱେଚ୍ଛାରେ ହେଉବା ବାଧ୍ୟତାବଶତଃ ହେଉ, ଯେଉଁ କାର୍ଯ୍ୟ ହାତକୁ ନେବେ ତାହାକୁ ସମ୍ପନ୍ନ ନ କରି ଛାଡିବେ ନାହିଁ ।

ସେ ରମାଦେବୀଙ୍କ ପରି ସମାଜ ସେବା କରି ନାହାନ୍ତି । ମାଳତୀ ଦେବୀଙ୍କ ପରି ଅନୁଷ୍ଠାନ ଗଢି ନାହାନ୍ତି କମ୍ବା ଇନ୍ଦିରା ଗାନ୍ଧୀଙ୍କ ପରି ପ୍ରଧାନ ମନ୍ତ୍ରୀ ହୋଇ ନାହାନ୍ତି, ମାତ୍ର ଅନୁକୂଳ ବାତାବରଣ ପାଇଥିଲେ ତାହାମଧ୍ୟ ସେ ନିଭାଇ ଥାନ୍ତେ ବୋଲି ବିଶ୍ୱାସ । 'ମୁନି ନାଂଚ ମତିଭ୍ରମଂ' ମନୁଷ୍ୟ ହୋଇ ଭୁଲ୍ ନିଶ୍ଚୟ କରିବ । ତାଙ୍କର ମଧ୍ୟ ସ୍ଥଳବିଶେଷରେ ବିଚାର ବିଭ୍ରାଟ ଘଟିଛି ଏବଂ ତାକୁ ସେ ସ୍ୱୀକାର କରିଛନ୍ତି - ଅନ୍ୟମାନଙ୍କ ପରି ନାନା ଯୁକ୍ତି ଦେଖାଇ ଖଣ୍ଡନ କରି ନାହାନ୍ତି । ଏ ଜନନୀଙ୍କୁ ସମ୍ବାଦ ପତ୍ରରେ ବାହାର କରାଯାଇ ନାହିଁ- ନିଜର ଡିଣ୍ଡିମ ନିଜେ ପିଟିବାକୁ ସେ ପସନ୍ଦ କରନ୍ତି ନାହିଁ । ଆମ୍ଭେମାନେ ତାଙ୍କର ଉତ୍ତର ଦାୟୀ, ଯାହା ଶିକ୍ଷାକରିବାର ଅଛି ତାଙ୍କ ଠାରୁ ଶିଖିନିଅ, ବୁଦ୍ଧି, ଚତୁରତା, କୌଶଳ, ନିଷ୍ଠା, ପ୍ରତ୍ୟୁତ୍ପନ୍ନମତିତା, ପ୍ରଜ୍ଞା, ଗୌରବ । ସେ ଓ ଏପରି ଆଉ ଯେ ଯେଉଁଠି ଅଛନ୍ତି ସେ ଆମର ଗୌରବ, ଆମ ଦେଶର, ଆମ ଜାତିର ଗୌରବ, ଏମାନଙ୍କର ଚରଣ ବନ୍ଦନା କର- ଏ ଦେଶ, ଏ ଜାତିର ଭାଗ୍ୟାକାଶରେ ନବୀନ ସୂର୍ଯ୍ୟର ଉଦୟ ହେବ ।

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।

ଏମାନେ ଆଜିର ଗାର୍ଗୀ, ଆଜିର ମୈତ୍ରେୟୀ । ଏମାନେ କେବଳ ଆମର ନୁହଁନ୍ତି - ଏମାନେ ବିଶ୍ୱବନ୍ଦ୍ୟା । ଏମାନଙ୍କ ଯୋଗୁଁ ପୃଥିବୀରେ ଧର୍ମଅଛି - ସଦାଚାର ଅଛି । ନଚେତ୍ ଏ ଦେଶ, ଏ ଜାତି ଅଧର୍ମର ସ୍ରୋତରେ ରସାତଳ ଗାମୀ ହୁଅନ୍ତାଣି । ଏମାନେ ଧରିତ୍ରୀ, ପୃଥିବୀକୁ ଅର୍ଥାତ ପୃଥିବୀ ବାସୀଙ୍କୁ ଧାରଣ କରି ରଖିଛନ୍ତି-

ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ,

ଆକାଶଠୁଁ ପିତା ବଡ, ମାତା ବଡ ପୃଥିବୀ ଅପେକ୍ଷା । ସେ ସର୍ବଂସଂହା ତାର ଚରଣରେ କୋଟୀ ପ୍ରଣତି ଜଣାଇ ତା ଠାରୁ ଯାହା କିଛି ଶିଖିବାର ଅଛି, ଶପଥ ନିଅ ସବୁ ଶିଖିଯାଅ ।

(ଉତ୍ସ-୧୯୮୭)

❖❖❖

Digitized by PPRACHIN, SOA

ନାରୀ ଉବାଚ

ଆତ୍ମଭୂ ବା ସ୍ୱୟଂଭୂ ସୃଷ୍ଟିର ପ୍ରାରମ୍ଭରେ ନିଜ ଆତ୍ମାରୁ ଅନ୍ୟ କେତେଗୁଡ଼ିଏ ଆତ୍ମା ସୃଷ୍ଟି କଲେ । କିଛି କାଳ ପରେ ସେ ସ୍ୱୟଂଙ୍କୁ ଦୁଇପ୍ରକାରରେ ବିଭକ୍ତ କରି ସୃଷ୍ଟିର ବିସ୍ତାରର ଦାୟିତ୍ୱ ତାଙ୍କ ହସ୍ତରେ ନ୍ୟସ୍ତ କଲେ । ଗୋଟିଏ ହେଲା ପୁରୁଷ ଓ ଅପରଟି ହେଲା ପ୍ରକୃତି । ସେହିଠାରୁ ମୋର (ନାରୀର) ସୃଷ୍ଟି । ମୁଁ ନାରୀ ହେଲି ପ୍ରକୃତି ଓ ପୁରୁଷ ତାର ମୂଳନାମକୁ ବଜାୟ ରଖିଲା । ପ୍ରକୃତି କହିଲେ ପୃଥିବୀର ସମସ୍ତ ସମ୍ଭାରକୁ ବୁଝାଯାଏ । ନଦୀ, ପର୍ବତ, ଅରଣ୍ୟ, ବୃକ୍ଷଲତା, ସୂର୍ଯ୍ୟଚନ୍ଦ୍ର, ଗ୍ରହନକ୍ଷତ୍ର ସମସ୍ତେ ପ୍ରକୃତିର ଅନ୍ତର୍ଭୁକ୍ତ । ତେଣୁ ପ୍ରକୃତି ବହୁ ବ୍ୟାପକ । ପୁରୁଷ କେବଳ ଏକ ଅଙ୍ଗ- ତାର ବ୍ୟାପକତା ନାହିଁ । ପ୍ରକୃତି ସ୍ଥିର ମାତ୍ର ପୁରୁଷ ଚଞ୍ଚଳ । ପ୍ରକୃତିକୁ କ୍ରିୟାଶୀଳ କରିବା ନିମିତ୍ତ, ପୁରୁଷର ଆବଶ୍ୟକତା ଥାଏ । ପୁରୁଷ ପ୍ରକୃତି ମଧ୍ୟରେ କିଞ୍ଚିତ କ୍ଷୋଭ ସଞ୍ଚାର କଲେ, ପ୍ରକୃତି ଜାଗ୍ରତ ହୁଏ । ତତ୍ପରେ ପୁରୁଷର କୌଣସି କାର୍ଯ୍ୟନଥାଏ, ପ୍ରକୃତି ସମସ୍ତ ଦାୟିତ୍ୱ ସମ୍ଭାଳେ । ଯେକୌଣସି ପ୍ରଜାତିର ଉଦାହରଣ ନିଆଯାଉ । ନାରୀ ପୁରୁଷର ସଙ୍ଗମ ପରେ ମୁଁ ନାରୀହିଁ ଗର୍ଭରେ ସନ୍ତାନ ଧାରଣ କରେ, ସନ୍ତାନକୁ ଭୂମିଷ୍ଠ କରେ । ଜଗତରେ ମୋର ଯେତେ ଅଧିକାର ଅଛି, ତନ୍ମଧ୍ୟରେ ମାତୃତ୍ୱହିଁ ଶ୍ରେଷ୍ଠ ଅଧିକାର । ମୋର ସ୍ତନରୁ କ୍ଷୀର ଦେଇ ମୁଁ ଶିଶୁର ଲାଳନପାଳନ କରେ । ସ୍ତନ୍ୟପାୟୀ ପ୍ରାଣୀ ନହେଲେ, ମୁଁ ମାତା ହିଁ ଖାଦ୍ୟ ସଂଗ୍ରହ କରି ଶିଶୁର ତୁଣ୍ଡରେ ଦିଏ । ଶିଶୁ ବୟସ୍କ ହୋଇ ସମାଜରେ ଜଣେ ହୋଇ ଗଣା ହେବା ପର୍ଯ୍ୟନ୍ତ ମାତାହିଁ ତାର ଖାଦ୍ୟ, ପାନୀୟ, ରୁଚି, ଅରୁଚି, ସମସ୍ତ କଥାର ଦାୟିତ୍ୱ ତୁଲାଏ । ସନ୍ତାନ ଯେତେ ବଡ଼ ହେଲେ ମଧ୍ୟ ମା' ଆଖିରେ ସେ ଚିରଦିନ ସେହି ପିଲାହୋଇ ରହିଯାଏ । ସନ୍ତାନ ଦୁଷ୍ଟ ହୋଇପାରେ, ମାତ୍ର ମାତା କଦାପି ତାର ଅମଙ୍ଗଳ ଚିନ୍ତା କରିପାରେନାହିଁ । ତେଣୁ କଥିତ ଅଛି 'ଜନନୀ ଜନ୍ମଭୂମିଚ ସ୍ୱର୍ଗାଦପି ଗରୀୟସୀ' । ଜନନୀ ସ୍ୱର୍ଗଠାରୁ ମଧ୍ୟ ଗରୀୟସୀ । ଇଏ ହେଉଛନ୍ତି ପ୍ରକୃତି (ନାରୀ) ଇଏ (ସ୍ତ୍ରୀ) ବହୁ ବ୍ୟାପକ- ତାଙ୍କର କଳନା କରାଯାଇ ନପାରେ । ଗୋଟିଏ ପୁରୁଷ ଦୁଷ୍ଟ ହେଲେ ସେହି ଜଣେ ବ୍ୟକ୍ତିର କ୍ଷତି ହୁଏ, ମାତ୍ର ଏକ ନାରୀର ସାମାନ୍ୟତମ ବ୍ୟତ୍ରିକମ ପରିବାର ତଥା ସମାଜର ଶୁଦ୍ଧତା ଓ ଶୃଙ୍ଖଳାକୁ ନଷ୍ଟ କରିଦିଏ ।

ମାଆଙ୍କର ଦାୟିତ୍ୱ ଉତ୍ତର ଜୀବନରେ ଯେ ଗ୍ରହଣ କରନ୍ତି ସେ ମାତୃ ଇବ (ମା'ପରି)-ମା-ଇବ-ଯାହାର ଅପଭ୍ରଂଶ 'ମାଇପ' । ମାଆଙ୍କ ପରି ମୁଁ ସ୍ୱାମୀଙ୍କର ଦୁଃଖସୁଖରେ ଭାଗୀ ହୁଏ । ତାଙ୍କର ସମସ୍ତ ରୁଚି, ଅରୁଚି ସମ୍ବନ୍ଧରେ ଅବଗତ ହୁଏ, ମାଆଙ୍କ ପରି ତାଙ୍କର ମଙ୍ଗଳ କାମନା କରି ଓଷା ବ୍ରତ ଆଦି ପାଳନ କରେ । ତେଣୁ ମୁଁ

Digitized by PPRACHIN, SOA

ସ୍ତ୍ରୀ ବା ସହଧର୍ମିଣୀ ହେଉଛି ଦ୍ୱିତୀୟ ମାତା । ବାଲ୍ୟକାଳକୁ ଛାଡ଼ିଦେଲେ ଜୀବନର ସମସ୍ତ ସମୟ ମୁଁ ମାତା- ଏକ ବା ଅନ୍ୟ ରୂପରେ । ତେଣୁ ମୁଁ ସର୍ବଂସହା- ଭଗିନୀ, ଜନନୀ, ଜାୟା । ଜଗତର ସମସ୍ତ ଦାୟିତ୍ୱ ମୋର । ମୁଁ ଅଖଣ୍ଡ କର୍ତ୍ତୃତ୍ୱର ଅଧିକାରିଣୀ । ଭୂମିଠାରୁ ଭୂମା ପର୍ଯ୍ୟନ୍ତ ବିସ୍ତୃତ ମୋର ସାମ୍ରାଜ୍ୟ । ମନଠାରୁ ଆକାଶପର୍ଯ୍ୟନ୍ତ ପରିବ୍ୟାପ୍ତ ମୋର ଅନୁଶାସନ । ହୋମଠାରୁ ହବନ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ମୋର ପ୍ରଭୁତ୍ୱ । ତେଣୁ ବୈଦିକ ଯୁଗରେ-ମୁଁ ହିଁ ଥିଲି ଗୃହ ତଥା ସମାଜର କର୍ତ୍ତ୍ରୀ । ମୁଁ ମୋର ଇଚ୍ଛାନୁଯାୟୀ ପତି ପସନ୍ଦ କରିପାରୁଥିଲି । ସ୍ୱୟମ୍ବର ସଭାର ଆୟୋଜନ ଏହାର ଏକ ଜ୍ୱଳନ୍ତ ଉଦାହରଣ । ମୁଁ ଅନସୂୟା- ଦେବତାମାନଙ୍କୁ ପୁତ୍ରକରି ସ୍ତନ୍ୟପାନ କରାଇଛି, ମୁଁ କୁନ୍ତୀ- ବିଭିନ୍ନ ଦେବତାଙ୍କ ଔରସରୁ ପୁତ୍ରସନ୍ତାନ ପ୍ରସବ କରିଛି । ମୁଁ ଦ୍ରୌପଦୀ- ପଞ୍ଚପତିଙ୍କର ପଞ୍ଚ ପତ୍ନୀରୂପେ କାର୍ଯ୍ୟ କରିଛି । ମୁଁ ମଦାଳସା, ମୁଁ ଗାର୍ଗୀ, ମୁଁ ମୈତ୍ରେୟୀ, ମୁଁ ଲୋପାମୁଦ୍ରା । ଭାରତର ଜ୍ଞାନ ଓ ଦର୍ଶନକୁ ମୋର ଦାନ ଅତୁଳନୀୟ । ମୁଁ ଲୀଳାବତୀ- ଗଣିତ ଓ ଜ୍ୟୋତିଷ ବିଦ୍ୟାପାଇଁ ମୋତେ ଭାରତବର୍ଷ ଚିରକାଳ ମନେ ରଖିଥିବ । ମୁଁ ଲକ୍ଷ୍ମୀବାଇ, ମୁଁ ଶୁକଦେଇ, ମୁଁ ଚାନ୍ଦବିବି, ମୁଁ ଅହଲ୍ୟାବାଈ- ପୁରୁଷଠାରୁ ଅଧିକ ବିକ୍ରମରେ ମୁଁ ସମରକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛି, ପୁରୁଷଠାରୁ ଅଧିକ ଦୃଢ଼ତା ଓ ଶୃଙ୍ଖଳାର ସହିତ ଦେଶ ଶାସନ କରିଛି । ମୁଁ ଇନ୍ଦିରା, ମୁଁ ଗୋଲ୍‌ଡ଼ାମେୟାର, ମୁଁ ଶୀରୀମାଭୋ, ମୁଁ ମାର୍ଗାରେଟ୍ ଥାଚର, ମୁଁ ଚନ୍ଦ୍ରିକା । ବିଭିନ୍ନ କ୍ଷେତ୍ରରେ ମୋର ପାରଦର୍ଶିତା ପୃଥିବୀ ଅଙ୍ଗେ ନିଭାଇଛି ଓ ନିଭାଉଛି ।

ବୈଦିକ ଯୁଗର ବହୁ ଶତାବ୍ଦୀ ପରେ ପୁରୁଷ ପ୍ରକୃତିକୁ ଗୌଣ କରି ନିଜର ଆଧିପତ୍ୟକୁ ଜାହିର କରିବାକୁ ଚେଷ୍ଟା କରିଛି । ସମାଜ ପୁରୁଷ ପ୍ରଧାନ ହୋଇଛି । ପୁରୁଷ ପ୍ରଧାନ ବ୍ୟବସ୍ଥାରେ ନାରୀର ସ୍ୱାଧୀନତା ବିପନ୍ନ ହୋଇଅଛି । ମୁନାଫାଖୋରଙ୍କ ମଜଲିସ୍‌ରେ ମଉଳିଯାଇଛି ମୋର ଭାଗ୍ୟ । ତଥାପି ମୁଁ- ପ୍ରମାଣିତ କରିଛି ଭୌତିକ ବିଜ୍ଞାନ, କଳା, ଚାକିରୀ, ନିର୍ବାଚନ, ରାଜନୀତି ପ୍ରତିଯୋଗୀତାରେ ପୁରୁଷକୁ ପରାଜିତ କରିବାରେ ମୋର ବୈଶିଷ୍ଟ୍ୟ । ଏବେ ମଧ୍ୟ କେତେକ ଗୋଷ୍ଠୀରେ ମୋର ପ୍ରାଧାନ୍ୟ ଅଛି । ମୁଁ ହାଟ ବଜାରରେ ବିଭିନ୍ନ ପଦାର୍ଥ ବିକ୍ରୟ କରେ, ଦରଦାମ ମୁଁ ନିର୍ଣ୍ଣୟ କରେ- ପୁରୁଷ ମୋ ନିର୍ଦ୍ଦେଶରେ କାର୍ଯ୍ୟକରେ । ମୁଁ ଗୃହରେ ଗୃହିଣୀ ଏବଂ ବାହାରେ ମଧ୍ୟ କର୍ତ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଏ ।

ପୁରୁଷ ବାହାରକୁ ଗୃହର କର୍ତ୍ତା ବୋଲି ଦେଖାଯାଉଥିଲେ ମଧ୍ୟ ପ୍ରକୃତତଃ ମୁଁ ପରିବାରକୁ ନିୟନ୍ତ୍ରଣ କରେ । ପୁରୁଷ ପ୍ରତ୍ୟେକ କାର୍ଯ୍ୟରେ ମୋର ପରାମର୍ଶକୁ ଅପେକ୍ଷା ରଖେ । ପୁରୁଷ ତାର ପୂର୍ବଜଙ୍କ ଗୃହରେ ରହେ, ମାତ୍ର ମୁଁ ନାରୀ ପିତ୍ରାଳୟ ତ୍ୟାଗ କରି ବିବାହପରେ ଶ୍ୱଶୁରାଳୟକୁ ଗମନ କରେ । ନାରୀ କେତେ ନମନୀୟ ଏଥିରୁ ପ୍ରତୀୟମାନ

Digitized by PPRACHIN, SOA

ହୁଏ । ପ୍ରତ୍ୟେକ ସମାଜରେ ଏ ପ୍ରଥା ପ୍ରଚଳିତ ହେବାର ମୂଳ କାରଣ ହେଉଛି, ନାରୀ ନୂତନ ପରିବେଶ ସହିତ ଖାପ ଖୁଆଇ ଯେପରି ଚଳିପାରେ, ପୁରୁଷ ତାହା କରିପାରିବ ନାହିଁ । ଗୋଟିଏ ପରିବାରର ଦୁଇ ଭଗିନୀ ଯଦି ସ୍ୱଗୃହରେ ରହି ଅନ୍ୟ ବିଭିନ୍ନ ପରିବାରର ଦୁଇ ପୁରୁଷଙ୍କୁ କନ୍ୟା ଗୃହରେ ସ୍ଥାନ ଦିଅନ୍ତି, ତେବେ ମହାଭାରତ ସୃଷ୍ଟି ହୁଏ । ତତୋଧିକ ଭଗିନୀ ଥିଲେ ଖଣ୍ଡ ପ୍ରଳୟ । ତେଣୁ ମୋତେ ହିଁ ପିତ୍ରାଳୟ ତ୍ୟାଗ କରି ଶ୍ୱଶୁରାଳୟ ଗମନର ବ୍ୟବସ୍ଥା କରାଯାଇଅଛି । ନାରୀ ପୁରୁଷର ଅଧୀନ ବୋଲି ଡ଼ିଣ୍ଡିମ ପିଟୁଥିବା ପୁରୁଷ କିପରି ନାରୀର ଅଧୀନ ସେ ସମ୍ବନ୍ଧରେ ଏକ ସୁନ୍ଦର କାହାଣୀ ଅଛି-

''ଏକଦା ଜଣେ ରାଜା ତାଙ୍କ ରାଜ୍ୟରେ କେତେଜଣ ପୁରୁଷ ନାରୀବଶ ନୁହନ୍ତି ତାହା ଜାଣିବା ପାଇଁ ତାଙ୍କ ମନ୍ତ୍ରୀଙ୍କୁ ଆଦେଶ ଦେଲେ । ମନ୍ତ୍ରୀ କେତେକ ଅନୁଚରଙ୍କ ସହ ଗୋଟିଏ ଧଳାଘୋଡ଼ା ଓ କଳାଘୋଡ଼ା ଧରି ଏକ ହାଟ ପାଖରେ ଦଣ୍ଡାୟମାନ ହେଲେ । ଉଦ୍ଦେଶ୍ୟ - ଯେ ନାରୀବଶ ନୁହେଁ ବୋଲି କହିବ, ତାକୁ ଗୋଟିଏ ଘୋଡ଼ା ଉପହାର ଦିଆଯିବ । ଯେତେବ୍ୟକ୍ତି ହାଟକୁ ଆଗମନ କଲେ, ସମସ୍ତଙ୍କୁ ପ୍ରଶ୍ନ ହେଲା ସେମାନେ ନାରୀର ପରାମର୍ଶରେ ଚଳନ୍ତି କି ନାହିଁ ? ସମସ୍ତେ ଉତ୍ତର ଦେଲେ ଯେ, ସେମାନେ କୌଣସି ନା କୌଣସି ବିଷୟରେ ନାରୀର ପରାମର୍ଶ ବିନା କିଛି କରନ୍ତି ନାହିଁ କିମ୍ବା କରିପାରନ୍ତି ନାହିଁ । ଯଦି କୌଣସି ବିଷୟରେ ନାରୀର ପରାମର୍ଶକୁ ଆଗ୍ରାହ୍ୟ କରିଛନ୍ତି, ତେବେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏପରି ପ୍ରାୟ ସହସ୍ରାଧିକ ବ୍ୟକ୍ତିଙ୍କୁ ପ୍ରଶ୍ନ ହେବା ପରେ ଜଣେ ବ୍ୟକ୍ତି ଉତ୍ତର ଦେଲା, ''ମୈ ଜୋରୁ କା ଗୁଲାମ ନେହିଁ ହୁଁ । ମେରେ ଆପନା କା ଖ୍ୟାଲ୍ ହିଁ ମେରା ସିଦ୍ଧାନ୍ତ ହେଁ । ଉସ୍‌କି ଉସ୍‌ମେ କ୍ୟା ଲେନା ଦେନା ? ଔରତୋଁକୋ କୌନ୍ ପୁଛତା ? ମନ୍ତ୍ରୀ ବର୍ତ୍ତମାନ ବହୁତ ଆନନ୍ଦିତ - ଯାହାହେଉ ଏତେବେଳେକେ ଜଣେବ୍ୟକ୍ତି ମିଳିଲା ଯେ କି ନାରୀ ବଶ ନୁହେଁ । ତେଣୁ ମନ୍ତ୍ରୀ ତାକୁ କଳାଘୋଡ଼ାଟି ଉପହାର ଦେଇ ବିଦାୟ ଦେଲେ । ଗୃହରେ ପହଞ୍ଚିବା ପରେ ଘୋଡ଼ା କେଉଁଠୁ ପାଇଲ ବୋଲି ତାର ସ୍ତ୍ରୀ ପ୍ରଶ୍ନ କରନ୍ତେ: ସେ ସମସ୍ତ ବିଷୟ ବର୍ଣ୍ଣନା କଲା । ସମସ୍ତ ବିଷୟ ଶୁଣି ସାରିବା ପରେ ତାର ସ୍ତ୍ରୀ କହିଲା, ''ତୁମେ ଧଳା ଘୋଡ଼ାଟିକୁ ଆଣିଥାନ୍ତ ସିନା । ଯାଅ ମନ୍ତ୍ରୀଙ୍କୁ କହି ତାକୁ ବଦଳାଇ ଆଣିବ ।'' ଲୋକଟି ପୁନଶ୍ଚ ମନ୍ତ୍ରୀଙ୍କ ନିକଟକୁ ଯିବାର କାରଣ ପଚାରିବାରୁ, ସେ ବ୍ୟକ୍ତି ଉତ୍ତର ଦେଲେ।, ''ମୋ ସ୍ତ୍ରୀ କହିଲା କି ଏ କଳାଘୋଡ଼ାଟି ବଦଳରେ ଧଳା ଘୋଡ଼ାଟି ଦିଅନ୍ତୁ ।'' ଏ କଥାରେ ପାତ୍ର ମନ୍ତ୍ରୀମାନେ ହସି ଉଠିଲେ, '' ଏ ବଦ୍‌ମାସ ଏହିକ୍ଷଣି କହୁଥିଲା ଯେ ଜୋରୁକା ଗୁଲାମ୍ ନେହିଁ ହେ ।'' ତେଣୁ ସେ ଲୋକକୁ ଧକ୍କା ଦେଇ ବିଦାୟ କରିଦେଲେ ଏବଂ ଘୋଡ଼ାଟି ତାଠାରୁ ଫେରାଇ ଆଣିଲେ ।

Digitized by PPRACHIN, SOA

କହିବାର ତାତ୍ପର୍ଯ୍ୟ ହେଉଛି, ଯେତେ ଜ୍ଞାନୀ, ଗୁଣୀ, ମାନୀ ପୁରୁଷ ହୁଅନ୍ତୁ ପଛକେ, ତାଙ୍କ ସିଦ୍ଧିର ପଶ୍ଚାତରେ ଏକ ନାରୀର ପ୍ରେରଣା ଥାଏ । ପୁରୁଷମାନେ ଯେତେ ଟାଣ ବା କଠିନ ଜଣା ପଡୁଥିଲେ ମଧ୍ୟ ମୋର ବିନା ସାହାଯ୍ୟରେ ଚଳିପାରନ୍ତି ନାହିଁ । ମୁଁ ଆଦିଶକ୍ତିର ଆଧାର ହେତୁ ଆଦ୍ୟା । ଯେତେ ବୟସ୍କ ହେଲେ ହେଁ ନାରୀ ସମ୍ମୁଖରେ ପୁରୁଷ ଏକ ଅନୂଢ଼ ବା ଶିଶୁ ପରି ହୋଇଥାନ୍ତି । ତେଣୁ ପରିଣତ ବୟସରେ ସ୍ତ୍ରୀ ଚାଲିଗଲେ, ସେମାନେ ହା ହୁତାଶରେ ଭାଙ୍ଗିପଡ଼ନ୍ତି । ଏକ ଗଣନାରୁ ଜଣାଯାଏ ଯେ, ବିଧବା ବୃଦ୍ଧାଙ୍କ ସଂଖ୍ୟା ବିପତ୍ନୀକ ବୃଦ୍ଧଙ୍କ ସଂଖ୍ୟାର ଦୁଇଗୁଣ । ତାର କାରଣ ହେଉଛି, ସ୍ତ୍ରୀ ପୁରୁଷ ବିନା ନିଜକୁ ମାନସିକ ସ୍ତରରେ ସମ୍ଭାଳି ନିଏ, ଯାହାକି ପୁରୁଷ ପାରେ ନାହିଁ । ମୁଁ ହେଉଛି ସେହି ନାରୀ, ଯିଏ ଶକ୍ତି ଓ ପ୍ରେରଣାର ଉତ୍ସ, ଯାହା ସାଧାରଣ ଚକ୍ଷୁରେ ବାହାରକୁ ଜଣା ପଡୁନଥିଲେ ମଧ୍ୟ ଏକ ନିଛକ ବାସ୍ତବତା । ବିଚରା ପୁରୁଷ ମୋ ହାତରେ ନିଜର ଜୀବନ ଓ ପରିବାରକୁ ସମର୍ପି ଦେଇ ହୋଇଯାଇଛି ନିଦକ ଓ ନିର୍ଲିପ୍ତ । କାଳହାତରୁ ଭାଗ୍ୟକୁ ଛଡ଼ାଇ ଆଣି ସେ ବାନ୍ଧି ଦେଇଛି ଅର୍ଦ୍ଧାଙ୍ଗିନୀର ଅଞ୍ଚଳରେ । ମୋତେ ଗୃହିଣୀ, ସହଧର୍ମିଣୀ ଓ ପ୍ରାଣପ୍ରିୟାର ଆସନରେ ଅଧିଷ୍ଠିତ କରାଇ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରି ନିଜକୁ ନିଃସ୍ୱ କରିଦେବାରେ ସାର୍ଥକ ମଣିଛି । ସେହିପରି ଏକ ସମର୍ପଣ ଭାବରୁ ଜନ୍ମ ନେଇଛି, ''ଦେହି ପଦ ପଲ୍ଲବ ମୁଦାରଂ'' । ସାଧାରଣ ଦୈନନ୍ଦିନ ଜୀବନ କ୍ଷେତ୍ରରେ ଦେଖାଯାଉ - ସ୍ୱାମୀ ଚାକିରୀ, ବ୍ୟବସାୟ ବା କୃଷିକ୍ଷେତ୍ରରୁ ଫେରିବା ବେଳେ ତାଙ୍କପାଇଁ ପଖାଳ ଅଛି କି ମୁଢ଼ି ଅଛି, ବରା ଅଛି କି ରସଗୋଲା ଅଛି, ସେ ଜାଣନ୍ତି ନାହିଁ । ମୁଁ ଯାହା ବାଢ଼ିଦେବି ସେ ତାହା ଖାଇବେ । ଘରପାଇଁ ସମସ୍ତ ପ୍ରକାର ଡ଼ାଲି, ପରିବା ଇତ୍ୟାଦି ଯୋଗାଇ ଦେଲେ ମଧ୍ୟ ମୁଁ ଘାଣ୍ଟ କରିବି କି ଦମ୍ କରିବି, ମୁଗ ଡ଼ାଲି କି ହରଡ଼ ଡ଼ାଲି କରିବି, ତାହା ତାଙ୍କୁ ଆଗୋଚର । ଖାଇ ବସିବାବେଳେ ସେ ଜାଣିବେ ତାଙ୍କପାଇଁ କି ବ୍ୟଞ୍ଜନ ବ୍ୟବସ୍ଥା ହୋଇଛି । ଏପରି ପ୍ରତି ଛତ୍ରେ ଛତ୍ରେ ନାରୀ ପ୍ରାଧାନ୍ୟର ବହୁ ଉଦାହରଣ ଦିଆଯାଇପାରେ । ପୁରୁଷ ଅତିଥି ଆସିଲେ ଡ୍ରଇଁରୁମ୍ ମାତ୍ର ନାରୀ ଅତିଥି ଆସିଲେ ବେଡ଼ରୁମ୍ । କାହାର ପ୍ରାଧାନ୍ୟ ଅଧିକ ପାଠକେ ବତାନ୍ତୁ ।

ସମାଜ ଯେତେବେଳେ ମୋ ଉପରେ ଦାଉ ସାଧିଛି କିମ୍ବା ମୋ ପ୍ରତି ଅବହେଳା କରିଛି, ମୁଁ ସେତେବେଳେ ସମାଜ ଉପରେ ଦାଉ ସାଧିବା ଆରମ୍ଭ କରିଛି । ମୋତେ ବିଧବା, ପରିତ୍ୟକ୍ତା, କୁଳଟା କରିଥିବା ବେଳେ ମୁଁ ଫକୀର ମୋହନଙ୍କ 'ଚମ୍ପା', ମରୁଆ, ଗେହ୍ଲେଇ ଇତ୍ୟାଦି ସାଜିଛି । କ୍ରୋଧିତ ହେଲେ ମୁଁ ଚଣ୍ଡୀ, ଚାମୁଣ୍ଡା, ମହାକାଳୀ ହେବାକୁ ବାଧ୍ୟ ହୋଇଛି । ତେଣୁ ମୁଁ ସର୍ବଂସହା ହେଲେ ବି ସର୍ବ ସଂହାରିଣୀ ମଧ୍ୟ ହୋଇପାରେ । ଶକ୍ତିକୁ ଯେଉଁ ରୂପେ ବ୍ୟବହାର କରାଯିବ, ସେ ସେହିପରି ଭାବରେ କ୍ରିୟା ବା ପ୍ରତିକ୍ରିୟା ଦେଖାଇବ ।

Digitized by PPRACHIN, SOA

ଦିଗ୍-ଭ୍ରଷ୍ଟ ପୁରୁଷ ଏବେ ସ୍ତ୍ରୀ ଭ୍ରୁଣମାନଙ୍କୁ ହତ୍ୟାକରିବାକୁ ତତ୍ପର ହୋଇଉଠିଛି, ଯଦ୍ୱାରା ଆନୁପାତିକ ଭାବେ ଶକ୍ତି (ନାରୀ) ପୃଥିବୀରୁ କମିଯାଉଛି । ଶକ୍ତିର ଆନୁପାତିକ କ୍ଷୟ ପୃଥିବୀର ଧ୍ୱଂସର କାରଣ ହେବ । କାରଣ ଶକ୍ତି କମିଗଲେ ମନୁଷ୍ୟ ବିଭିନ୍ନ ଅଜଣା ରୋଗର ଶିକାର ହେବ- ଯେପରି ଏଡ଼ସ୍ । ଇମ୍ୟୁନିଟିର ଅଭାବ ହେଉଛି ଶକ୍ତିର ଅଭାବ । ତେଣୁ ଶକ୍ତିର ପୂଜା କରିବାକୁ ଏ ସମାଜ ଶିଖୁ, ତେବେ ସେ ନିସ୍ତାର ପାଇବ ନଚେତ୍ ତାର ବିଲୟ ସୁନିଶ୍ଚିତ ।

ପରିଶେଷରେ ମୋର ଧର୍ମଧାରଣା କଥା କହି ଏ ପ୍ରବନ୍ଧର ଉପସଂହାର କରିବି । ଗୀତା କହେ, ''ଯଦା ଯଦାହି ଧର୍ମସ୍ୟ ଗ୍ଲାନି ର୍ଭବତି ଭାରତ'', ଏବେ ଭୌତିକ ବିଜ୍ଞାନର ଅଧିକାରୀ ମାନବ, ଧର୍ମର ବହୁତ ଗ୍ଲାନି କରି ଅଧର୍ମର ଅଭ୍ୟୁତ୍ଥାନ କଲାଣି । ଅଧର୍ମର ଭାରରେ ପୃଥିବୀ ରସାତଳକୁ ଯାଇ ସାରନ୍ତାଣି, ମାତ୍ର ମୁଁ ନାରୀ ଦେଶର ଧର୍ମ, ଜାତି କୁଳର ମହତ୍ୱକୁ ବହୁଭାବେ ବଞ୍ଚାଇ ରଖିଛି । ନାନା ପ୍ରକାର ବ୍ରତ, ଓଷା, ପୂଜା ଇତ୍ୟାଦି କରି ମୁଁ ନାରୀ ଭାରତୀୟ ପରମ୍ପରା ଓ ଧର୍ମଧାରଣାକୁ ଉଜ୍ଜୀବିତ କରି ରଖିଛି । ତେଣୁ ମୁଁ ନାରୀ ହିଁ ସମସ୍ତ ଶକ୍ତିର ଉତ୍ସ ଏବଂ ପୁରୁଷ (ଶିବ) ନାରୀ (ଶକ୍ତି) ବିହୁନେ ଶବ ବା ଜଡ଼, ଏଥିରେ ଦ୍ୱିମତ ଥାଇ ନପାରେ । ପୁରୁଷ ନାରୀକୁ ସମ୍ମାନ ଦେବା ଯେତିକି ଆବଶ୍ୟକ, ନାରୀ ପୁରୁଷକୁ ପୂଜାର୍ହ କରିବା ସେତିକି ଅପରିହାର୍ଯ୍ୟ ।

(ସାବିତ୍ରୀ)

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ବିଜ୍ଞାନ ଓ ଦର୍ଶନ ପ୍ରଭାଗ

Digitized by PPRACHIN, SOA

ବିଜ୍ଞାନ ବନାମ ଆଧ୍ୟାତ୍ମିକତା

"ଆତ୍ମା ଜଡ ମଧ୍ୟରେ ଶାୟିତ, ଉଦ୍ଭିଦ ଜଗତରେ ସ୍ୱପ୍ନାବିଷ୍ଟ, ପ୍ରାଣୀ ଜଗତରେ ଚିନ୍ତାରତ ଓ ମାନବ ମଧ୍ୟରେ ବୁଦ୍ଧିଯୁକ୍ତ ବା ବିଚାରଶୀଳ ।" - ସ୍ୱାମୀ କୃଷ୍ଣାନନ୍ଦ ।

ମାତ୍ର ଏହି ଆତ୍ମା ମାନବ ପ୍ରକୃତିରେ ମଧ୍ୟ ଏକ ଜ୍ଞାନଶୀଳ ଆତ୍ମଚୈତନ୍ୟ ସ୍ତର ପ୍ରତି ପୂର୍ଣ୍ଣଭାବରେ ଜାଗରିତ ହୋଇନାହିଁ । ଉପନିଷଦ ଆଦି ଶାସ୍ତ୍ରମାନଙ୍କରେ ମାନବ ସ୍ତରରୁ ଉର୍ଦ୍ଧ୍ୱକୁ ଉନ୍ନୀତ ହେବାର ସୋପାନର ନିର୍ଦ୍ଦେଶ ଅଛି । ମାନବର ଯେତେ ଧନ ବା ପରାକ୍ରମ ଥିଲେ ମଧ୍ୟ ସେ ଆହୁରି ଉପରକୁ ଉଠିବାକୁ ପ୍ରୟାସଶୀଳ, ତା ନ ହେଲେ ସେ ଶାନ୍ତିରେ ଅବସ୍ଥାନ କରି ପାରିବ ନାହିଁ । ଯେ ପର୍ଯ୍ୟନ୍ତ ବ୍ୟକ୍ତିର ବ୍ୟାବହାରିକ ଜୀବନ ସାର୍ବଜନୀନ ଦୃଷ୍ଟିକୋଣର ଅଙ୍ଗୀଭୂତ ନ ହୋଇଛି ସେ ପର୍ଯ୍ୟନ୍ତ ତାର ଆକାଂକ୍ଷାର ଶେଷ ନାହିଁ । ଏହି ଦୃଷ୍ଟିକୋଣକୁ ଜୀବନର ଆଧ୍ୟାତ୍ମିକ ଦୃଷ୍ଟିକୋଣ କୁହାଯାଏ ।

ଆମ୍ଭେମାନେ ଆମ୍ଭର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବାର ଏକ କ୍ଷୀଣ ଆଶା ପୋଷଣ କରୁ କାରଣ ଆମ୍ଭମାନଙ୍କର ସ୍ଥୁଳ ବସ୍ତୁ ସହ ଜଡିତ ହେବା ହେତୁ ଯେ ଦୁର୍ବଳତା ଅଛି ତା ସତ୍ତ୍ୱେ ଆମ୍ଭମାନଙ୍କର ପ୍ରକୃତ ସତ୍ୟ ସହ ସମ୍ପର୍କ ଅଛି ଏବଂ ସମ୍ଭବତଃ ଆମ୍ଭେ ଭଗବାନଙ୍କ ବା ବ୍ରହ୍ମଙ୍କ ନିକଟରେ ପହଞ୍ଚି ପାରିବୁ କାରଣ ଆମ୍ଭମାନଙ୍କର ମୂଳ ସେହି ସତ୍ୟ ବା ବ୍ରହ୍ମମଧ୍ୟରେ ଥିବାର ଅନୁମିତ ହୁଏ । କାରଣ ତା ନ ହେଲେ ଆମ୍ଭେମାନେ ମନରେ ସତ୍ୟର ଭାବନା ପୁରାଇ ପାରନ୍ତୁ ନାହିଁ ।

ଏହା ବୈଜ୍ଞାନିକ ଦୁଃସାହସ (adventure) ଦାର୍ଶନିକ ଅନୁଶୀଳନ (enterprise) ଓ ଆଧ୍ୟାତ୍ମିକ ଚେତନାର ପ୍ରାରମ୍ଭ । ଆମ୍ଭେମାନେ ବିଜ୍ଞାନରୁ ଦର୍ଶନ ଓ ଦର୍ଶନରୁ ଆଧ୍ୟାତ୍ମିକତା ଆଡକୁ ଅଗ୍ରସର ହେଉ, ଯାହାକୁ ବିବର୍ତ୍ତନ କ୍ରମରେ ଉଦ୍ଗମନର ସୋପାନ ବୋଲି କୁହାଯାଇପାରେ । ଏହି ବିବର୍ତ୍ତନ ପ୍ରଗତିଶୀଳ, ଯଦିଓ କେବେ କେବେ ଧାରଣାର ଭ୍ରମ ହେତୁ ପଶ୍ଚାତଗତି ପ୍ରାପ୍ତ ହୁଏ - ଯାହାକି ମାନବର ସତ୍ୟାନୁସନ୍ଧାନ ପ୍ରଚେଷ୍ଟାକୁ ବିରୋଧ କରିପାରେ ।

ପ୍ରଥମତଃ ବିଜ୍ଞାନ ମାନବର ବହିଃ ସମ୍ବନ୍ଧ ବିଷୟରେ ବିଚାର କରେ । ମାନବ ପ୍ରଗତି ଓ ସଫଂଳତାର ଭିତ୍ତିଭୂମି ରୂପେ ଏହା ଜୀବର ଭୌତିକ, ରାସାୟନିକ, ଜୈବିକ, ମାନସିକ, ସାମାଜିକ ତଥା ରାଜନୈତିକ ଓ ସାଂସ୍କୃତିକ ଅଭିବ୍ୟକ୍ତିର ଅଧ୍ୟୟନ କରେ ଏବଂ ସମଗ୍ର ସୌର ଜଗତର ମୂଳଧାର ରୂପେ ଯଥା ସୂର୍ଯ୍ୟ, ଚନ୍ଦ୍ର, ତାରକା ଏବଂ

Digitized by PPRACHIN, SOA

ଛାୟାପଥ କ୍ଷିତି, ଅପ, ତେଜ, ମରୁତ, ଇତ୍ୟାଦି ମହାଭୂତର ଉତ୍ସ କହି ପ୍ରମାଣିତ କରେ ଯେ ବିଶ୍ୱ ଏକ ଜଡ ପଦାର୍ଥମାନଙ୍କର ବିନ୍ୟାସ । ନ୍ୟୁଟନୀୟ ପଦାର୍ଥ ବିଜ୍ଞାନ ସାବ୍ୟସ୍ତ କଲା ଯେ, ବ୍ୟୋମ, ସୂର୍ଯ୍ୟ, ଗ୍ରହ ଇତ୍ୟାଦି ଜଡ ପଦାର୍ଥ ମାନଙ୍କର ଏକ ଆଧାର ରୂପେ କାର୍ଯ୍ୟକରେ ଓ ଏହି ଭୌତିକ ପଦାର୍ଥମାନଙ୍କ ମଧ୍ୟରେ ମାଧ୍ୟାକର୍ଷଣ ନାମକ ଏକ ଶକ୍ତି ପାରସ୍ପରିକ ରୀତିରେ କାର୍ଯ୍ୟ କରେ ଏ଼ବଂ ଏହି ମାଧ୍ୟାକର୍ଷଣ ଏହି ବସ୍ତୁଗୁଡିକୁ ସ୍ୱୀୟ ସ୍ଥାନ ତଥା ଗତି ପଥ ଉପରେ ଧରି ରଖେ । କେବଳ ସେତିକି ନୁହେଁ ଏହା ମଧ୍ୟ ଏହି ଭୌତିକ ପଦାର୍ଥମାନଙ୍କର ଧର୍ମ ଓ ବ୍ୟବହାର ସମ୍ବନ୍ଧରେ କିୟତ ପରିମାଣରେ ନିର୍ଣ୍ଣୟ କରିଥିଲା । ତଦ୍ ପରବର୍ତ୍ତୀ କାଳରେ ତହିଁରୁ ଭିନ୍ନ ଓ ତହିଁରୁ ଉର୍ଦ୍ଧ୍ୱରେ ବିଜ୍ଞାନର ଆବିଷ୍କାର ହେଲା । ତାହା ନିର୍ଣ୍ଣୟ କଲା ଯେ ବ୍ୟୋମ ଏମାନଙ୍କର ଆଧାର ନୁହେଁ । ଅପରନ୍ତୁ ବ୍ୟୋମ ଏକ ଅନନ୍ତ ବୈଦ୍ୟୁତିକ ଚୁମ୍ବକୀୟ କ୍ଷେତ୍ର ଯାହାକି ଏହି ଗ୍ରହ ଉପଗ୍ରହମାନଙ୍କ ଆକାର ଓ କାର୍ଯ୍ୟ ମଧ୍ୟରେ ପ୍ରବିଷ୍ଟ । ଏହି ଆବିଷ୍କାରରୁ କ୍ୱାଣ୍ଟମ theory or wave mechanies ଆଦି ପୁନଃ ଉଦ୍ଭାବିତହୁଏ ଏବଂ ପରିଶେଷରେ ଆପେକ୍ଷିକତ୍ୱର ଉଦ୍ଭାବନ । ଏହି ଆପେକ୍ଷିକ ତତ୍ତ୍ୱ (theory of relativity) ଦର୍ଶାଏ ଯେ କେବଳ ଏକ ବୈଦ୍ୟୁତିକ ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ଏକ ଏକ ଶକ୍ତି ଭାବରେ ଗ୍ରହ ଉପଗ୍ରହମାନେ ନଥାନ୍ତି । ମାତ୍ର ବିଶ୍ୱର ପ୍ରକୃତ ରୂପ ବା ପ୍ରକୃତି ଅନୁଧ୍ୟାନ କରିବାରେ (energy) ଶକ୍ତିର କଳ୍ପନା ପର୍ଯ୍ୟାପ୍ତ ନୁହେଁ । ଏକଥା କୁହାଯାଇଛି ଯେ କୌଣସି ବସ୍ତୁ ନୁହେଁ, କେବଳ ଘଟଣା ପ୍ରବାହ ଅଛି, କୌଣସି ପଦାର୍ଥ ନାହିଁ ଅଛି କେବଳ କ୍ରମିକ (Process) ପ୍ରଣାଳୀ । ଯା ଦ୍ୱାରା ପ୍ରମାଣିତ ହୋଇଅଛି ଯେ, ଆମ୍ଭେମାନେ ଚତୁର୍ବିଧ ପରିସର ବିଶିଷ୍ଟ ଏକ ସ୍ଥାନ, କାଳ, ପ୍ରବାହ ପୂର୍ଣ୍ଣ ତରଳ ବିଶ୍ୱମଧ୍ୟରେ ଅଛୁ, ଯେଉଁଠାରେ କି ଆପେକ୍ଷିକତାର ପୂର୍ଣ୍ଣ ରାଜୁତି । ଏହା (relativity Principle) ସମସ୍ତ ଭୌତିକ ପଦାର୍ଥ ତଥା ସ୍ଥାନ କାଳର ଘଟଣା ପ୍ରବାହର ପରସ୍ପର ପ୍ରତି ନିର୍ଭରଶୀଳତା ପ୍ରତିପାଦିତ କରେ । ବିଶ୍ୱ ବିଶେଷ ଭାବରେ ଏବଂ ଚେତନ ପ୍ରବାହର ସମଷ୍ଟି ଏବଂ ଏଥିରେ କାରଣ ଓ କାର୍ଯ୍ୟକୁ ଆମେ ଯେପରି ବୁଝୁ ତାହାକୁ ନାସ୍ତି କରି ଦିଆଯାଇଅଛି । ମୌଳିକ ବା ଶାରୀରିକ ଗଠନରେ (Organic structure) ପ୍ରତ୍ୟେକ ଅଙ୍ଗର ଅନ୍ତର୍ନିହିତ ସମ୍ପର୍କ ପରସ୍ପର ପ୍ରତି ଏପରି ସମ୍ବନ୍ଧିତ ଯେ ପ୍ରତ୍ୟେକ ବିଷୟ ଅନ୍ୟ ପ୍ରତ୍ୟେକ ବିଷୟକୁ ନିର୍ଦ୍ଧାରଣ କରେ । ଆମେ ଏହା ମଧ୍ୟ କହିପାରୁ ଯେ, ପ୍ରତ୍ୟେକ ପଦାର୍ଥ ପ୍ରତ୍ୟେକଠାରେ ଅଛି । ବିଜ୍ଞାନର ଏହି ବିଷୟ ନିମିତ୍ତ ଆମ୍ଭେ ଦର୍ଶନ ଓ ଅଧ୍ୟାତ୍ମିକ ଛାତ୍ରମାନଙ୍କୁ ଯୋଗବଶିଷ୍ଠ ପରି ଶାସ୍ତ୍ର ପଢିବାକୁ ଦେବୁ କାରଣ ତହିଁରେ ଏ ଆପେକ୍ଷିକ ତତ୍ତ୍ୱର ବ୍ୟାବହାରିକ ଦିଗ ପୁଙ୍ଖାନୁପୁଙ୍ଖ ବର୍ଣ୍ଣିତ ହୋଇଅଛି ।

Digitized by PPRACHIN, SOA

ବିଜ୍ଞାନ ଏତେ ବିଶାଳତତ୍ତ୍ୱର ଉଦ୍ଭାବନ କରିଥିଲେ ହେଁ ବିଶ୍ୱ ଏକ ଭୌତିକ ପଦାର୍ଥ, ଏ ଧାରଣାରୁ ଆଗେଇ ପାରିନି - ଯଦିଓ ଆତ୍ୟାଧୁନିକ ବୈଜ୍ଞାନିକମାନେ ଏକ ବିଶ୍ୱମନ ବା ସଚେତନତାକୁ ଗ୍ରହଣ କରିବାରେ ଝୁଣ୍ଟି ପଡିଛନ୍ତି । ଏହାକୁ ଆମେ observer ବା ସମସ୍ତ ଆପେକ୍ଷିକ ତତ୍ତ୍ୱର ଦ୍ରଷ୍ଟା (substratum -ମୂଳଦ୍ରବ୍ୟ) ବୋଲି କହିପାରୁ । ଜଡଜଗତ ସମସ୍ତ ବିବର୍ତ୍ତନର ଉତ୍ସବୋଲି ପରିଗଣିତ ହୁଏ । ସମସ୍ତ ଜାଗତିକ କର୍ମର ଉର୍ଦ୍ଧ୍ୱରେ ଜଣେ ତତ୍ତ୍ୱଦର୍ଶୀ ଦ୍ରଷ୍ଟା ଅଛନ୍ତି ବୋଲି ଭାରତୀୟ ଦର୍ଶନ ସ୍ୱୀକାର କରୁଥିଲେ ମଧ୍ୟ ଏବଂ ଶେଷରେ (creative principles) ସୃଜନ ପ୍ରଣାଳୀ ଓ ସୃଷ୍ଟ ଜଗତ ଯେ ଅଭିନ୍ନ ଏହା ବେଦାନ୍ତ ସିଦ୍ଧାନ୍ତ କରିଥିଲେ ହେଁ, ଜଡରୁ ବିବର୍ତ୍ତନର ଅୟମାରମ୍ଭ ଏକଥା ଅସ୍ୱୀକାର କରି ନାହାନ୍ତି । ଜ୍ଞାନ ବା ଅଭିଜ୍ଞତା ରାଜ୍ୟରେ ବିବର୍ତ୍ତନ ସିଦ୍ଧ ବୋଲି ମନେ କରାଯାଇଥିଲେ ମଧ୍ୟ ବିବର୍ତ୍ତନର ଲକ୍ଷ୍ୟ ଜୀବନର ସର୍ବଶେଷ ଉଦ୍ଦେଶ୍ୟକୁ ଉପଲବ୍ଧି କରିବା ଅର୍ଥାତ୍ ନିର୍ବିକଳ୍ପ ସହ ଏକୀଭୂତ ହେବା ।

ଏହା ଜଗତ୍ ସହ ଅବିଚ୍ଛେଦ୍ୟ ସମ୍ବନ୍ଧ - ସୃଜନଶୀଳତାର ବୋଧଶକ୍ତି (intelligence of the creative principle), ଚେତନ ଜଡଠାରୁ ଉର୍ଦ୍ଧ୍ୱରେ, ମନ ଚେତନ (ଜୀବନ୍ତ) ଠାରୁ ଉର୍ଦ୍ଧ୍ୱରେ ଏବଂ ବିବେକ ମନଠାରୁ ଉର୍ଦ୍ଧ୍ୱରେ ।

ସାମୁଏଲ ଆଲେକଜାଣ୍ଡାରଙ୍କର space- time - deity ନାମକ ପୁସ୍ତକରେ ସେ ବିବର୍ତ୍ତନର ଅତ୍ୟାଧୁନିକ ବୈଜ୍ଞାନିକ ଧାରଣାର ଏକ ମନୋଜ୍ଞ ଚିତ୍ର ପରିବେଷଣ କରିଛନ୍ତି । ତହିଁରେ ବିବର୍ତ୍ତନ ପଦାର୍ଥ ବିଜ୍ଞାନର relativity theory ଉପରେ ପର୍ଯ୍ୟବସିତ ବୋଲି ସେ ପ୍ରତିପାଦିତ କରିଛନ୍ତି । ତଦନୁଯାୟୀ ଚିର ପ୍ରବହମାନ, ଗତି ଓ ପଦାର୍ଥର ସ୍ରଷ୍ଟା ଯାହାକି ସ୍ଥୂଳତଃ ଆମ୍ଭମାନଙ୍କୁ ବିଭିନ୍ନ ଭୌତିକ ବସ୍ତୁ ରୂପେ ଦୃଷ୍ଟ ହୁଏ । ଏହି ଯେ ଭୌତିକ ପଦାର୍ଥର ସୃଷ୍ଟି ହୁଏ (ସ୍ଥାନ କାଳ-ଗତିରୁ) ତହିଁରେ ମୌଳିକ ଧର୍ମ, ଆକାର ଓ ଓଜନ ଇତ୍ୟାଦି ଥାଏ । ଏହି ଆକୃତି ସମୂହର ଦ୍ୱିତୀୟ ଧର୍ମ ହେଲା ରଙ୍ଗ, ଶବ୍ଦ ଇତ୍ୟାଦି - ଯାହାକି ବ୍ୟକ୍ତିଗତ ଦ୍ରଷ୍ଟାର ଆଧ୍ୟାତ୍ମିକ ଜ୍ଞାନ ସମୂହ ।

ଜଡର ଉର୍ଦ୍ଧ୍ୱରେ ଚୈତନ୍ୟ । ଚୈତନ୍ୟର ଧର୍ମ ହେଲା ସ୍ୱୟଂ ସମ୍ପୂର୍ଣ୍ଣ ହେବାର ପ୍ରଚେଷ୍ଟା, ଯାହାକୁ ଆମେ ଜ୍ଞାନ (awareness) କହିବୁ । ଏ ଜ୍ଞାନ ଜଡ ମଧ୍ୟରେ (ମୂଳ)ଅନୁପସ୍ଥିତ । ଉଦ୍ଭିଦ ମଧ୍ୟରେ ଆମେ ଜଡଠାରୁ ଉଚ୍ଚତର ଚେତନାର ସତ୍ତା ଅନୁଭବ କରୁ । ମାତ୍ର ଚିନ୍ତା କରିବାର ଶକ୍ତି ତହିଁରେ ନାହିଁ - କାରଣ ଏହା ମନର କାର୍ଯ୍ୟ । ତେଣୁ ମନ ଚେତନାଠାରୁ ଉର୍ଦ୍ଧ୍ୱରେ । ପ୍ରାଣୀ ଜଗତରେ ଭାବନା ଶକ୍ତି ଅଛି କାରଣ ସେଠାରେ ମନ (mind) ଅଛି- ତାହା ନିମ୍ନ ସ୍ତରରୁ ଅର୍ଜିତ । ତେଣୁ ଏଠାରେ ଆମେ ଯୁକ୍ତି ଦ୍ୱାରା

Digitized by PPRACHIN, SOA

ବିଚାର କରିପାରିବାର ଶକ୍ତିର ଅଭାବ ଦେଖୁଁ । ଯୁକ୍ତି କେବଳ ବୁଦ୍ଧିର କାର୍ଯ୍ୟ । ଯାହା କେବଳ ମନୁଷ୍ୟଠାରେ ସମ୍ଭବ । ଆଲେକଜାଣ୍ଡାରଙ୍କର ବିଶ୍ଳେଷଣ ବୁଦ୍ଧିର ଊର୍ଦ୍ଧ୍ୱରେ "Deity" ବା ଦେବୀର କଲ୍ୟାଣ ରହିଛି ଯାହାକି ଏ ପର୍ଯ୍ୟନ୍ତ ସମ୍ଭୂତ ହୋଇନାହିଁ । ପ୍ରକୃତରେ ଦେଖିବାକୁ ଗଲେ ପ୍ରତ୍ୟେକ ସ୍ତର ତାର ପୂର୍ବ ସ୍ତରର deity ବୋଲି କୁହାଯାଇପାରେ । ମାନବର ଗଭୀର ଆକାଙ୍କ୍ଷା ଦୃଷ୍ଟିରେ ଆଲେକଜାଣ୍ଡାରଙ୍କର ଏ କଳ୍ପନା ପର୍ଯ୍ୟାପ୍ତ ନୁହେଁ । ଏହାର ସମ୍ୟକ ସନ୍ତୋଷଜନକ ଅନୁଶୀଳନ ଆମ୍ଭମାନଙ୍କର ଉପନିଷଦରେ କରାଯାଇଅଛି । ବୁଦ୍ଧି ଓ ସର୍ବମୟ ସତ୍ୟ ମଧ୍ୟରେ କେତେଗୁଡିଏ ସ୍ତର ରହିଛି । ଉପନିଷଦ ଅନୁଯାୟୀ ମାନବ ସ୍ତରର ଊର୍ଦ୍ଧ୍ୱରେ ଗାନ୍ଧର୍ବ, ତଦୁର୍ଦ୍ଧ୍ୱରେ ପିତୃ, ତଦୁର୍ଦ୍ଧ୍ୱ ଦେବ, ତଦୁର୍ଦ୍ଧ୍ୱ ଇନ୍ଦ୍ର, ବୃହସ୍ପତି, ପ୍ରଜାପତି ଓ ସର୍ବଶେଷରେ ବ୍ରହ୍ମ । ଲକ୍ଷ୍ୟ କରାଯାଇ ପାରେ ଯେ, ଯିଏ ମାନବ ସ୍ତରରୁ ଯେତିକି ଊର୍ଦ୍ଧ୍ୱକୁ ଉଠିପାରିଛି, ସେ ସେତେ ନିର୍ଗୁଣ ଆନନ୍ଦ ଉପଲବ୍ଧି କରିଛି । ତାର ଜ୍ଞାନ ମଧ୍ୟ ସେତିକି ଗଭୀର । ବ୍ରହ୍ମନ୍ ସ୍ତରରେ ପହଞ୍ଚିବା ବେଳକୁ ବ୍ୟକ୍ତି ଓ ସମଷ୍ଟି ଏକାକାର ଏକୀଭୂତ ହୋଇ ଯାଇଥାଏ ।

ଜର୍ମାନ ଦାର୍ଶନିକ ହେଜେଲ କହନ୍ତି- ସର୍ବନିମ୍ନ ସ୍ତର ହେଉଛି ଜ୍ଞାନହୀନ ପାଶବ ଚେତନା, କେବଳ ଭୌତିକ ସ୍ଥିତି ବ୍ୟତୀତ ଅନ୍ୟ କିଛି ନୁହେଁ । ଦ୍ୱିତୀୟ ସ୍ତର ପ୍ରକୃତି ପ୍ରତିକ୍ରିୟାଶୀଳ, ଆତ୍ମ ସଂରକ୍ଷଣକାରୀ ଚେତନା - ଯାହା ଉଦ୍ଭିଦଠାରେ ବିଦ୍ୟମାନ । ୩ୟ ସ୍ତର ନିଜର ଅନ୍ୟ ନିକଟରେ ରୁକ୍ଷ ଅନ୍ୱେଷଣ, ମନସ୍ତାତ୍ତ୍ୱିକ ଅଭାବ ସମ୍ପନ୍ନ ଏକ ଆବଶ୍ୟକତା ଏବଂ ଏକ ପ୍ରେମ ଯାହା କେବଳ ଜନନ ଚେତନାରେ ପୁଞ୍ଜିଭୂତ । ୪ର୍ଥ ସ୍ତର ଆତ୍ମଚେତନା ଯାହା ମନୁଷ୍ୟ ନିକଟରେ ହିଁ ମିଳେ । ମାତ୍ର ଏଠାରେ ମଧ୍ୟ ମାନବ ଜୀବନ ପ୍ରାଥମିକ ସ୍ତରରେ ଅଛି, ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇନାହିଁ । ମାନବ ମଧ୍ୟରେ ଆମ୍ଭେ ପାଶବିକ ମାନବ, ସ୍ୱାର୍ଥାନ୍ଧ ମାନବ, ଉତ୍ତମ ବ୍ୟକ୍ତି, ସନ୍ୟାସୀ ଓ ଦିବ୍ୟ ପୁରୁଷ ଏପରି ଭାବେ ଆମେ ଦେଖିବୁ ଯେ, ସପ୍ତମ ସ୍ତରରେ ମାନବ ପ୍ରେମର ଆବଶ୍ୟକତା ଓ ଶକ୍ତିର ଆବଶ୍ୟକତା ଅନୁଭବ କରେ । ଅନ୍ୟପ୍ରତି ନିର୍ଭର କରିବାର ଯେ ଦାସ୍ୟ ଭାବକୁ ଗଭୀର ଶ୍ରଦ୍ଧା ବା ଗଭୀର ଘୃଣା ଦ୍ୱାରା ଏଡାଇବାକୁ ଚେଷ୍ଟାକରେ । ଉଭୟତଃ ତାହାର ଏକାକୀ ବାସ କରିବାର ଅଭିପ୍ସା ଚରିତାର୍ଥ ହୁଏ - କାରଣ ଅନ୍ତିମ ସତ୍ୟର ପ୍ରକୃତି ଏକାକୀତ୍ୱ । ଅଷ୍ଟମ ସୋପାନ ହେଲା ସମବାୟ ପ୍ରଚେଷ୍ଟା - ସମାଜ - ମାନବିକ ମୂଲ୍ୟବୋଧ ଇତ୍ୟାଦି - ମାତ୍ର ତହିଁରେ ମଧ୍ୟ ସ୍ୱାର୍ଥ, ଅଭିମାନ, ଘୃଣା ଇତ୍ୟାଦି ହେତୁ ଦ୍ୱନ୍ଦ୍ୱ ଉପସ୍ଥିତ ହୁଏ । ମନୁଷ୍ୟ ଯୁଗ ଯୁଗ ଧରି ତାର ପଶୁ ପ୍ରବୃତ୍ତି ଯଥା- କ୍ଷୁଧା, ତୃଷ୍ଣା, କାମ, ନିଦ୍ରା ଇତ୍ୟାଦିର ବଶ ହୋଇ ଆସିଅଛି । ସହସ୍ର ଯୁଗ ବିତି ଯାଇଥିଲେ ମଧ୍ୟ ସେ ଏହାର ଊର୍ଦ୍ଧ୍ୱକୁ ଗତି କରିପାରିନାହିଁ । ପୁରାତନ ମହର୍ଷିମାନେ ଏପରି ପରିସ୍ଥିତିକୁ ଉପଲବ୍ଧ କରି ଅଖଣ୍ଡ (ମୂଳ)

Digitized by PPRACHIN, SOA

ବା ପୂର୍ଣ୍ଣଦୃଷ୍ଟି ପ୍ରାପ୍ତ ହୋଇଥିଲେ । ଏହି ପୂର୍ଣ୍ଣଦୃଷ୍ଟିଭଙ୍ଗୀ ଜୀବନକୁ ଏକ ଅଖଣ୍ଡ ରୂପେ ଏବଂ ପ୍ରତ୍ୟେକ ଅଙ୍ଗର ଅଭିନ୍ନତା ପ୍ରତିପାଦିତ କରେ । ଜୀବନର ମୂଲ୍ୟବୋଧ ଧର୍ମ - ନୈତିକ ମୂଲ୍ୟବୋଧର ଅନ୍ୱେଷଣ, ଅର୍ଥ- ଅର୍ଥନୈତିକ ମୂଲ୍ୟବୋଧ, କାମ - ଜୈବନିକ (vital)ମୂଲ୍ୟର ଅନୁସନ୍ଧାନ ଓ ମୋକ୍ଷ, ଅନନ୍ତ ମୂଲ୍ୟବୋଧର ଅନୁସନ୍ଧାନ - ବ୍ୟକ୍ତିର ଜୀବନର ଅନ୍ତର୍ଦୃଷ୍ଟିର ଭିତ୍ତିଭୂମି ଉପରେ ପରିଗଣିତ । ମାନବର ପ୍ରତ୍ୟେକ କଥା, ପ୍ରତ୍ୟେକ ଚିନ୍ତା ଓ ପ୍ରତ୍ୟେକ କାର୍ଯ୍ୟ ଏହି ଚତୁର୍ବର୍ଗର ଏକ ଏକୀଭୂତୀ କରଣ । ଏହା ଅବଶ୍ୟ ଏକ ଅନଭିଜ୍ଞ ବ୍ୟକ୍ତି ପକ୍ଷରେ କଠିନ ବ୍ୟାପାର ମାତ୍ର ଆଧ୍ୟାତ୍ମିକତା ନିମିତ୍ତ ଭୀଷଣ ଶୃଙ୍ଖଳା ଓ ନିୟମ ଆବଶ୍ୟକ ଯାହା ସାଧାରଣ ଶିକ୍ଷାୟତନରେ ମିଳେନା । ଏହି ଚତୁର୍ବର୍ଗର ଏକତ୍ର co-operative social group ର ସୃଷ୍ଟି କରିଛି- ଯାହାର ନାମ ବର୍ଣ୍ଣ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର) - ବ୍ରାହ୍ମଣ - ଆଧ୍ୟାତ୍ମିକ ଶକ୍ତି ପ୍ରୟୋଗକାରୀ ଗୋଷ୍ଠୀ, କ୍ଷତ୍ରିୟ- ରାଜନୈତିକ ଶକ୍ତି ପ୍ରୟୋଗକାରୀ ଗୋଷ୍ଠି, ବୈଶ୍ୟ- ଅର୍ଥନୈତିକ ଶକ୍ତି ସୃଷ୍ଟିକାରୀ ଗୋଷ୍ଠି, ଏବଂ ଶୂଦ୍ର- କର୍ମଜୀବୀ ଗୋଷ୍ଠି । ମାନବର ଆଶା, ଆକାଂକ୍ଷା ଏବଂ କର୍ମର ଏକ ସଂପୂର୍ଣ୍ଣ ବ୍ୟବସ୍ଥା । ଜୀବନର ଏହି ଦୃଷ୍ଟିକୋଣ ଚାରିଗୋଟି ବର୍ଣ୍ଣାଶ୍ରମର ବ୍ୟବସ୍ଥା କରିଛି । ବ୍ରହ୍ମଚର୍ଯ୍ୟ ଏବଂ ଅଧ୍ୟୟନ, ସଂଯମଯୁକ୍ତ ସନ୍ତୋଷ ଓ କର୍ତ୍ତବ୍ୟ ପାଳନ (ଗାର୍ହ୍ୟସ୍ଥ୍ୟ), ସମସ୍ତ ନାଶଶୀଳ ପଦାର୍ଥରୁ ନିଜକୁ ଅପସାରଣ (ବାନପ୍ରସ୍ଥ) ଏବଂ ପରମ ସତ୍ୟ ପ୍ରତି ଏକନିଷ୍ଠ ଏକାଗ୍ରତା (ସନ୍ୟାସ), ଗୋଟିଏ ଯୋଗୀ ଜୀବନ ଯାପନ- ଏହାର ଉତ୍ତର । ଯୋଗ ହେଉଛି ଅନ୍ତିମ ସତ୍ୟ ସହ ଏକୀଭୂତ ହେବା - ଏହାହିଁ ଅଧ୍ୟାତ୍ମିକତା - ଯାହା ବିଜ୍ଞାନର ପରିସରର ବାହାରେ ।

(ସପ୍ତାରଣ୍ୟ-୨୦୦୧)

❖❖❖

Digitized by PPRACHIN, SOA

ଆଦର୍ଶ ବନାମ ବାସ୍ତବତା (୧)

ଜନୈକ ପ୍ରଥିତ ଯଶା କବି କହିଛନ୍ତି, ''ଲକ୍ଷ୍ୟ ପଥେ ଧ୍ୟାନ ରଖି ଚାଲିବି ନିକର ।'' ଲକ୍ଷ୍ୟ ଗୋଟିଏ ଆଦର୍ଶର ଶୀର୍ଷ ବିନ୍ଦୁକୁ ବୁଝାଏ । ଫୁଟବଲ୍ ଖେଳରେ ଉଭୟ ପକ୍ଷର ଲକ୍ଷ୍ୟ ଥାଏ କିପରି ଅପର ପକ୍ଷର ଲକ୍ଷ୍ୟ ସ୍ଥଳରେ ବଲ୍ ଭେଦ କରାଇବା । ମାତ୍ର ତାହା କ'ଣ ସର୍ବଦା ସମ୍ଭବ ହୁଏ ? ଏ ଲକ୍ଷ୍ୟ ହାସଲ କରିବାପାଇଁ କେତେକ ଅବସ୍ଥା ଦାୟୀ । ଯେପରି ଖେଳାଳୀମାନଙ୍କର କୌଶଳ ତଥା ଦକ୍ଷତା, ପାଗ, ବଲ୍‌ର ଏବଂ ପଡ଼ିଆର ଅବସ୍ଥା, ରେଫରୀଙ୍କ ଦୃଷ୍ଟିକୋଣ ଇତ୍ୟାଦି । ତେଣୁ କେତେଗୁଡ଼ିଏ ସର୍ତ୍ତ ବା କଣ୍ଡିସନ୍ ଉପରେ ଜଣଙ୍କର ଜୟପରାଜୟ କିମ୍ୱା ଲକ୍ଷ୍ୟ ହାସଲ ନିର୍ଭର କରେ । ଆମର ଗୋଟିଏ ଆପ୍ତ ବାକ୍ୟ କହେ,

ସର୍ବେ ଭବନ୍ତୁ ସୁଖୀନଃ ସର୍ବେସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାଗ ଭବେଦ୍ ।

ଏହା ଏକ ସଦିଚ୍ଛା ବା ଏକ ଉଇସ୍ (wish) । ମାତ୍ର ସମସ୍ତେ କ'ଣ ସୁଖରେ ଥା'ନ୍ତି, ନିରୋଗ ଥାନ୍ତି ବା ଭଦ୍ର ଥା'ନ୍ତି ? ତେଣୁ ଆଦର୍ଶ ଓ ବାସ୍ତବତା ମଧ୍ୟରେ ସର୍ବଦା ସର୍ବତ୍ର ଏକ ବିରାଟ ବ୍ୟବଧାନ ରହି ଆସିଛି ଏବଂ ଏହା ଚିରକାଳ ପାଇଁ ରହିବାକୁ ବାଧ୍ୟ । ତାର ଏକ ବଡ଼ କାରଣ ହେଲା- ମନୁଷ୍ୟ ଏକ ଅସମ୍ପୂର୍ଣ୍ଣ ଜୀବ (Man is imperfect he has too many limitations) ମନୁଷ୍ୟ ନାନା ଭାବେ ସୀମିତ । ବିଖ୍ୟାତ ମହାପୁରୁଷମାନେ ସ୍ୱୟଂସମ୍ପୂର୍ଣ୍ଣ ନଥିଲେ । ସ୍ୱୟଂ ସମ୍ପୂର୍ଣ୍ଣ ହେବା ନିମିତ୍ତ ଆବଶ୍ୟକ ସାଧନ ଆମପାଖରେ ନାହିଁ । ତାହା ବିଧି ନିହିତ ବା ଈଶ୍ୱରଦତ୍ତ ନୁହେଁ । ତେଣୁ ମନୁଷ୍ୟ ସର୍ବଦା ସୀମିତ ରହିବାକୁ ବାଧ୍ୟ । ଯେତେ ଯେତେ ମୁନିଋଷି ଭଗବାନ୍‌ଙ୍କ ବାଣୀକୁ ଯେତେଭାବେ ତର୍ଜମା କରିବାକୁ ବସିଛନ୍ତି- ସେମାନେ ସେତିକି ବଣା ହୋଇଛନ୍ତି । ଅନେକ ପ୍ରକାରର ବ୍ୟାଖ୍ୟା, କାରିକା, ଟୀପଣୀ, ତର୍ଜମା, ଇତ୍ୟାଦି କରି କରି ବ୍ୟସ୍ତ ହୋଇପଡ଼ିଛନ୍ତି, ମାତ୍ର କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚି ପାରିନାହାନ୍ତି । ତେଣୁ କୁହାଯାଇଛି, ନାନା ମୁନିନାଂ ମତୟୋ ବିଭିନ୍ନା'', ତେବେ ଆଦର୍ଶ ବା ଜୀବନାଦର୍ଶ କ'ଣ ତାହା ଆମେ ସାଧାରଣ ମନୁଷ୍ୟ କିପରି ନିର୍ଣ୍ଣୟ କରିବା ?

ବେଦ ସମାଜର ସୁସ୍ଥ ଚଳନୀପାଇଁ ମାନବ ସମାଜକୁ ଚାରିଗୋଟି ବିଭାଗ କରି ସେମାନଙ୍କ କର୍ମର ସମନ୍ୱୟ ଉପରେ ଯୋର ଦେଇଥିଲା । ସମାଜକୁ ଉପଯୁକ୍ତ ମାର୍ଗରେ ଧର୍ମାନୁଯାୟୀ ଚଳିବାପାଇଁ ଉପଦେଶ ବା ପରାମର୍ଶ ଦେଇପାରୁଥିବା ବ୍ୟକ୍ତିମାନଙ୍କୁ

Digitized by PPRACHIN, SOA

କୁହାଯାଉଥିଲା ବ୍ରାହ୍ମଣ । ଏଠାରେ ଧର୍ମର ଅର୍ଥ କୌଣସି ମଜହବ ବା ରିଲିଜନ ନୁହେଁ । ତା'ର ଅର୍ଥ ହେଉଛି ଏକ ଆଚରଣ ବିଧି (Code of Conduct) । ଏ ବିଧି ପ୍ରଣୟନକାରୀମାନେ ଯେହେତୁ ମସ୍ତିଷ୍କ (Brain) ଯୋଗାଉଥିଲେ, ତେଣୁ ସେମାନଙ୍କୁ ସର୍ବୋଚ୍ଚ ମାନ୍ୟତା ଦିଆଯାଉଥିଲା । ବ୍ରାହ୍ମଣର ପୁତ୍ର ବ୍ରାହ୍ମଣ ହେଉନଥିଲା । ବ୍ରାହ୍ମଣତ୍ୱର ଅଧିକାରୀ ହିଁ ବ୍ରାହ୍ମଣ ହେଉଥିଲା, ସେ କ୍ଷତ୍ରିୟ, ବୈଶ୍ୟ ବା ଶୂଦ୍ରର ପୁତ୍ର ହେଉ ପଛକେ । ସେହିପରି ସମାଜର ସୁରକ୍ଷା, ତାର ଉନ୍ନତି ଓ ପ୍ରଗତି ଇତ୍ୟାଦି ଯେ ସୁଚାରୁରୂପେ ଚଳାଇ ପାରୁଥିଲେ, ସେ ହେଉଥିଲେ କ୍ଷତ୍ରିୟ । ରାଜ୍ୟ ଶାସନ ଓ ପ୍ରତିରକ୍ଷା ଭାର ତାଙ୍କ ଉପରେ ନ୍ୟସ୍ତ ଥିଲା । ସେ ଉପଦେଶ ବ୍ରାହ୍ମଣଠାରୁ ହିଁ ନେଉଥିଲେ । ସମାଜର ପ୍ରତିପୋଷଣ ଦାୟିତ୍ୱ ଯେଉଁମାନେ ତୁଲାଉଥିଲେ, ସେମାନେ ବୈଶ୍ୟ ବୋଲାଉଥିଲେ । ନିଜ ଦେଶରେ ଯେଉଁ ପଦାର୍ଥର ଅଭାବ, ତାହା ସେମାନେ ବିଦେଶରୁ ଆଣି ଯୋଗାଉଥିଲେ । ତେଣୁ କୃଷି ଓ ବାଣିଜ୍ୟ ଥିଲା ବୈଶ୍ୟର ଧର୍ମ । ଚତୁର୍ଥ ଗୋଷ୍ଠୀଟି ଦେଶର ସହାୟକ ଗୋଷ୍ଠୀ । ସେମାନେ ବ୍ରାହ୍ମଣମାନଙ୍କୁ ସେମାନଙ୍କ କର୍ମରେ, କ୍ଷତ୍ରିୟମାନଙ୍କୁ ରାଜକାର୍ଯ୍ୟରେ, ବୈଶ୍ୟମାନଙ୍କୁ କୃଷି ଓ ବାଣିଜ୍ୟକ୍ଷେତ୍ରରେ ସହାୟକ ହେଉଥିଲେ । କେହି ଉଚ୍ଚ ବା ନୀଚ ନଥିଲେ, ଶୂଦ୍ରପୁତ୍ର ମଧ୍ୟ ବ୍ରାହ୍ମଣ ହୋଇ ପାରୁଥିଲା, ଯଦି ପରାମର୍ଶ ଦେବାର ସାମର୍ଥ୍ୟ ତା'ଠାରେ ପରିଲକ୍ଷିତ ହେଉଥିଲା । ଶ୍ରମ ବଣ୍ଟନରେ ଏହି ଯେଉଁ ଚାରିଗୋଟି ବିସ୍ତୃତ ବିଭାଗ (Broad Division) ତାହା ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରୁଥିଲା ଏବଂ ସାମ୍ୟବାଦର ପ୍ରଚାର କରୁଥିଲା ।

ରାଜାପ୍ରଜା ପୀଡ଼ନ ନକରି ପ୍ରଜାପାଳନ କରୁଥିଲା । ସମାଜର ସେହି ବିଧିବ୍ୟବସ୍ଥା ହିଁ ପ୍ରକୃତ ସାମ୍ୟବାଦର ବ୍ୟବସ୍ଥା । କ୍ଷତ୍ରିୟ ଯୁଦ୍ଧ କରି ଦେଶ ରକ୍ଷା କରୁଥିଲା । ଅନ୍ୟ କୌଣସି ଜାତି ଯୁଦ୍ଧ ହେତୁ ଅସୁବିଧାଗ୍ରସ୍ତ ହେଉନଥିଲେ । କୃଷି, ବାଣିଜ୍ୟ, ଉପଯୁକ୍ତ ଭାବରେ ଚଳୁଥିଲା । ଯୁଦ୍ଧର ଧର୍ମ (ଆଚରଣବିଧି) ରକ୍ଷାକରି ଯୁଦ୍ଧ ସମ୍ପନ୍ନ ହେଉଥିଲା । ଗୃହସ୍ଥମାନଙ୍କର ବ୍ୟକ୍ତିଗତ ବା ପରିବାରଗତ ସୁବିଧା ଅସୁବିଧା, ସୁଖଦୁଃଖ ଥିଲେ ମଧ୍ୟ ସମାଜ ବସ୍ତୁତଃ ନିରାମୟ ଥିଲା । ସମସ୍ତେ ସବୁବେଳେ ସୁଖରେ ନଥିଲେ । ମାତ୍ର ଆଚାର ମାନି ଚଳୁଥିଲେ । ସ୍ଥୂଳଦୃଷ୍ଟିରେ ସମାଜ ଆପେକ୍ଷିକ ଭାବେ (Relatively) ଶାନ୍ତି ଓ ସହାବସ୍ଥାନର ସହ ଚଳୁଥିଲା । ଏଠାରେ ମଧ୍ୟ ଆଦର୍ଶ ଓ ବାସ୍ତବତା ମଧ୍ୟରେ ବହୁ ବ୍ୟବଧାନ ଥିଲା । ଆଦର୍ଶ ବା ଶୀର୍ଷଲକ୍ଷ୍ୟରେ ପହଞ୍ଚିବା ସମ୍ଭବ ନଥିଲା- ଯଦିଓ ସେଥିପାଇଁ ପ୍ରବଳ ଚେଷ୍ଟା ଥିଲା । ଗ୍ରାମେ ଗ୍ରାମେ ଗ୍ରାମ-ସଭାମାନ ନିର୍ବାଚିତ ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ ହୋଇ ଗଣତନ୍ତ୍ରର ପ୍ରତିଷ୍ଠା କରାଯାଇଥିଲା । ସେ ସଭାର ନିଷ୍ପତ୍ତି ଜନସାଧାରଣ

Digitized by PPRACHIN, SOA

ମାନୁଥିଲେ । ସର୍ବୋପରି ଲୋକମାନଙ୍କର ଧର୍ମଭୟ ଥିଲା । ବ୍ରାହ୍ମଣର କିଛି ପ୍ରତିପତ୍ତି ନଥିଲେ ହେଁ ତାର ଉପଦେଶ ଓ ପରାମର୍ଶ ରାଜା ଗ୍ରହଣ କରୁଥିଲେ । ଏହା ଏକ ପ୍ରତିବଦ୍ଧତା, ଅଙ୍ଗୀକାର ବଦ୍ଧତାର ପ୍ରଶ୍ନ । କେବଳ ଭାରତରେ ନୁହେଁ, ୟୁରୋପରେ ଚର୍ଚ୍ଚମାନଙ୍କର ପ୍ରାଧାନ୍ୟ ରାଜାମାନଙ୍କ ଉପରେ ଥିଲା । ପାଦ୍ରୀ ଓ ବିଶପମାନଙ୍କ ନିର୍ଦ୍ଦେଶରେ ରାଜାମାନେ ଦେଶ ଶାସନ କରୁଥିଲେ ।

କାଳକ୍ରମେ ଏ ସାମାଜିକ ବ୍ୟବସ୍ଥା କଳୁଷିତ ହୋଇଛି । ନ୍ୟସ୍ତସ୍ୱାର୍ଥଗୋଷ୍ଠୀ ଜନତାର ମଙ୍ଗଳକୁ ଗୌଣକରି ନିଜର ମଙ୍ଗଳ ବା ଶ୍ରେଷ୍ଠତ୍ୱ କଥା ଆଗେ ଚିନ୍ତା କରିଛି, ସମାଜରେ ଏକ କଳଙ୍କିତ ଅଧ୍ୟାୟର ସୃଷ୍ଟି କରିଛି । ପୁରାଣ ଯୁଗରେ ବେଦରେ ନଥିବା ମୂର୍ତ୍ତିପୂଜାର ପ୍ରବର୍ତ୍ତନ କରି ସମୁଦାୟ ହିନ୍ଦୁ ସମାଜକୁ ଅଫିମ ଖୋଇ ନିଜର ପ୍ରାଧାନ୍ୟକୁ ବଜାୟ ରଖିବାକୁ ଚେଷ୍ଟା କରିଛି । ଚାରିବର୍ଣ୍ଣକୁ ଚାରିହଜାର ବର୍ଣ୍ଣରେ ବିଭକ୍ତ କରି ଉଚ୍ଚ ନୀଚ ଭେଦଭାବର ବୀଜ ବପନ କରିଛି । ଏପରିକି ସମାଜର କତିପୟ ଗୋଷ୍ଠୀ ବା ଜାତି ବୋଲି ଯାହାକୁ କୁହାଯାଉଛି, ସେମାନଙ୍କୁ ପତିତ ଓ ଅସ୍ପୃଶ୍ୟ ଆଖ୍ୟା ଦେଇ ସାଧାରଣ ସମାଜରୁ ଦୂରେଇ ରଖିଛି । ସମାଜର ନୀତି (Policy) ପ୍ରଣୟନରେ ସେମାନଙ୍କୁ ଉପେକ୍ଷା କରାଯାଇଛି ଏବଂ ଉପରୁ ଯାହା ଲଦି ଦିଆଯାଇଛି, ସେମାନେ ତାକୁ ମାନିବାକୁ ବାଧ୍ୟ ହୋଇଛନ୍ତି । ସାମ୍ୟବାଦ ତଥା ଗଣତନ୍ତ୍ର କଳୁଷିତ ହୋଇଛି । ଏ ଭେଦଭାବର ସୁଯୋଗନେଇ ବିଦେଶୀ ଅନ୍ୟ ଧର୍ମାବଲମ୍ବୀମାନେ ଆମ ଲୋକଙ୍କୁ ଧର୍ମାନ୍ତରିତ କରିଛନ୍ତି ଯାହାକି ଭାରତବର୍ଷରୁ ସୃଷ୍ଟ ଧର୍ମମାନେ କରି ନାହାନ୍ତି ଯଥା- ବୌଦ୍ଧ, ଜୈନ ଇତ୍ୟାଦି । ଆମ ନିଜ ଲୋକମାନଙ୍କୁ ଆମର ଶତ୍ରୁ ବା ଆମ ଧର୍ମର ପ୍ରତିଦ୍ୱନ୍ଦୀଭାବେ ଛିଡ଼ା କରାଯାଇଛି । ପାଞ୍ଚ ଦଶ ପୁରୁଷ ପରେ ସେମାନଙ୍କର ପୂର୍ବପୁରୁଷମାନେ ଯେ ହିନ୍ଦୁଥିଲେ ଏହା ସେମାନେ ସ୍ୱୀକାର କରିବାକୁ ନାରାଜ । ଆମର ସମାଜର ନିୟନ୍ତ୍ରକମାନେ ଏ ସମାଜ, ଏ ଦେଶ, ଏ ଜାତିକୁ ଚରମ ବିଭାଜନ ଭିତରକୁ ଠେଲିଦେଇ ଆପଣାର ସ୍ୱାର୍ଥପାଇଁ ଯେଉଁ ଅପବିତ୍ର ପ୍ରୟାସ କରିଛନ୍ତି, ତାର ବିଷମୟ ଫଳ ଆମେ ସେମାନଙ୍କର ଉତ୍ତରସୂରୀମାନେ ଭୋଗିବାକୁ ବାଧ୍ୟ ହୋଇଛୁ । ସାମ୍ୟବାଦର ଦର୍ଶନ ଦୂରେଇ ଯାଇଛି । ଗଣତନ୍ତ୍ରର ଶାସନ ମଧ୍ୟ ତିଷ୍ଠି ରହିପାରି ନାହିଁ । ସାମନ୍ତବାଦୀ ଚିନ୍ତାଧାରା ପୃଥିବୀକୁ ଗ୍ରାସ କରିଛି । ରାଜା, ମହାରାଜା, ସମ୍ରାଟ, ଖଲିଫା, କିଙ୍ଗ, ଏମ୍ପେରର୍ ଇତ୍ୟାଦି ସୃଷ୍ଟି ହୋଇ ସାମନ୍ତବାଦ, ପୁଞ୍ଜିବାଦ ଓ ଶେଷକୁ ଉପନିବେଶବାଦର ପ୍ରାଧାନ୍ୟ ପୃଥିବୀସାରା ଅଙ୍ଗେ ନିଭେଇଛି । ଏହା ସାମ୍ୟବାଦର ପୂର୍ଣ୍ଣ ପରିପନ୍ଥୀଭାବେ ସାମ୍ୟବାଦକୁ ନିଶ୍ଚିହ୍ନ କରିଦେଇଛି । ମୁନିବ ଓ ଦାସପ୍ରଥାର ଅଭ୍ୟୁଦୟ ହୋଇଛି । ମନୁଷ୍ୟର ସହାବସ୍ଥାନ, ପରସ୍ପର ପ୍ରତି ଶ୍ରଦ୍ଧା, ସମ୍ମାନ, ବିଶ୍ୱାସର ସ୍ଥାନ ନେଇଛି

Digitized by PPRACHIN, SOA

ଈର୍ଷା, ଘୃଣା, ଲାଞ୍ଛନା, ଅପମାନ, ଅବିଶ୍ୱାସ ଇତ୍ୟାଦି । ଧର୍ମ ନାମରେ ଅଗଣିତ ଯୁଦ୍ଧ ହୋଇଛି । ତାର ଆଗରେ ରହିଛି ସାମ୍ରାଜ୍ୟବିସ୍ତାରର ଏକ ବିଷମୟ ଲକ୍ଷ୍ୟ ଓ ପଶ୍ଚାତରେ ରହିଛି ଅପହରଣ, ଲୁଣ୍ଠନ, ହତ୍ୟା-ମନୁଷ୍ୟ ତାର ଆଦର୍ଶକୁ ଦୂରକୁ ଫିଙ୍ଗିଦେଇ ଅନାଦର୍ଶକୁ ଆପଣେଇ ନେଇଛି । ସାମ୍ୟବାଦ ଏକ ସ୍ୱପ୍ନ- ଏକ ଦୁଃସ୍ୱପ୍ନରେ ପରିଣତ ହୋଇଛି । ମଧ୍ୟେ ମଧ୍ୟେ ସାମ୍ୟବାଦର ପ୍ରତିଷ୍ଠାପାଇଁ ଚେଷ୍ଟା ଯେ ନ ହୋଇଛି ଏମନ୍ତ ନୁହେଁ, ମାତ୍ର ତାହା ବୈକ୍ତିକ ଏବଂ ଏତେ ସୀମିତ ହୋଇଛି ଯେ, ତାର ପ୍ରଭାବ ପୃଥିବୀ ଉପରେ କ୍ୱଚିତ୍ ପଡ଼ିଛି (Benevolent dictatorship) ।

ବିବର୍ତ୍ତନର ଏହି ଧାରାକୁ ବିଶ୍ଳେଷଣ କରି କାର୍ଲମାକ୍ସ ଊନବିଂଶ ଶତାବ୍ଦୀରେ ଏକ ସାମ୍ୟବାଦୀ ସମାଜର ଦର୍ଶନ ଜଗତ ସମ୍ମୁଖରେ ଉପସ୍ଥାପନ କଲେ । ଅବଶ୍ୟ ତାଙ୍କ ପୂର୍ବରୁ ଏହି ଚିନ୍ତାଧାରାର ପରିପ୍ରକାଶ ଫରାସୀ ରାଷ୍ଟ୍ରବିପ୍ଳବ ସମୟରୁ ହୋଇଥିଲା । ମାନବିକ ଅଧିକାର ସାବ୍ୟସ୍ତ କରିବା, ଧନୀ, ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କର ସମାନ ଅଧିକାର ସମାଜ ଉପରେ ତଥା ଦେଶ ଉପରେ ରହିଛି, ଏହା ପ୍ରତିପାଦିତ କରିବା ଥିଲା ରାଷ୍ଟ୍ର ବିପ୍ଳବ ଓ ଶିଳ୍ପ ବିପ୍ଳବର ଲକ୍ଷ୍ୟ । ରାଜତନ୍ତ୍ରର ବିଲୋପ କରି ସାଧାରଣତନ୍ତ୍ର ବା ଗଣତନ୍ତ୍ର ପ୍ରତିଷ୍ଠା କରିବା ଦିଗରେ ଏ ସମସ୍ତ ବିପ୍ଳବ ଭିତ୍ତିଭୂମି ସ୍ଥାପନ କରିଥିଲା । କାର୍ଲମାକ୍ସଙ୍କ ଦର୍ଶନର ପରୀକ୍ଷା କଲା ପ୍ରଥମେ ରୁଷ ଦେଶ । ଜାର୍ ବଂଶର ବିଲୋପ ଘଟାଇ ଲେନିନ୍ ସାମ୍ୟବାଦୀ ରାଷ୍ଟ୍ର ପ୍ରତିଷ୍ଠା କଲେ ଋଷିଆରେ । ମାତ୍ର ହେଲା କ'ଣ ? ସେଠାରେ ମଧ୍ୟ ଜନତା ଓ ଶାସନଯନ୍ତ୍ର ମଧ୍ୟରେ ବିରାଟ ବ୍ୟବଧାନ ରହିଲା । ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ଗୌଣ କରି ଦିଆଗଲା । ଚିନ୍ତା କରିବାର ସ୍ୱାଧୀନତା (Right to Thought) ରହିଲା ନାହିଁ । କାହାରି ନିଜର ଜିନିଷବୋଲି କିଛି ରହିଲା ନାହିଁ । ସବୁ ହେଲା ଦେଶର । ତେଣୁ ଲୋକମାନେ କୌଣସି କାର୍ଯ୍ୟପ୍ରତି ଆଗ୍ରହ ନ ଦେଖାଇ ଖାଲି ବାଧ୍ୟ ବାଧକତା ସହକାରେ ଯାହା କଲେ । ବ୍ୟକ୍ତିର ସ୍ୱାତନ୍ତ୍ର୍ୟକୁ ପ୍ରକୃତ ମୂଲ୍ୟାୟନ କରାନଯିବାରୁ ବ୍ୟକ୍ତି ଗୋଟାଏ ଉଦାସୀନ ବା ପ୍ରତିକ୍ରିୟାମୂଳକ ମନୋଭାବ ପୋଷଣ କଲା । ଅନ୍ୟ ଚିନ୍ତାଧାରାର ବ୍ୟକ୍ତିମାନଙ୍କୁ କଠୋର ଦଣ୍ଡ ଏପରିକି ମୃତ୍ୟୁ ଦଣ୍ଡରେ ମଧ୍ୟ ଦଣ୍ଡିତ କରାଗଲା । ଋଷ ଦେଶ ବିଜ୍ଞାନ, କାରିଗରୀ କୌଶଳ, ପ୍ରତିରକ୍ଷା କ୍ଷେତ୍ର ଇତ୍ୟାଦିରେ ବିଶ୍ୱର ଏକ ବୃହତ୍ ଶକ୍ତିରୂପେ ଜଣାଯାଉଥିଲେ ମଧ୍ୟ ଭିତରେ ଭିତରେ ଫମ୍ପା ହେବାକୁ ଲାଗୁଥିଲା । ସାମ୍ୟବାଦର ପ୍ରବକ୍ତାମାନେ ଶାସନ ଡ଼ୋରିକୁ ଧରି ଜନସାଧାରଣଙ୍କ ପ୍ରତି ବହୁ ଅନ୍ୟାୟ ଆଚରଣ କଲେ । ଜନମାନସରେ ସାମ୍ୟବାଦୀ ଚେତନା ଥିଲେ ମଧ୍ୟ ପ୍ରୟୋଗକ୍ଷେତ୍ରରେ ବହୁତ ତ୍ରୁଟି ବିଚ୍ୟୁତି ଯୋଗୁଁ ଋଷିଆରୁ ସାମ୍ୟବାଦୀ ଶାସନର ବିଲୋପ ଘଟିଲା । ମାତ୍ର ସତୁରୀ

Digitized by PPRACHIN, SOA

ବର୍ଷ ମଧ୍ୟରେ ଛୋଟ ଛୋଟ ନଅଟି ରାଷ୍ଟ୍ର ସେମାନଙ୍କର ସ୍ୱାଧୀନତା ଘୋଷଣା କଲେ । ସାମ୍ୟବାଦର ଫାଙ୍କା ଖୋଳ ମଧ୍ୟରେ ସେମାନେ ଅଣନିଶ୍ୱାସୀ ହୋଇଯାଉଥିଲେ । ସାମ୍ୟବାଦ ଯେତେବେଳେ ଆଦର୍ଶ ହେଲେ ମଧ୍ୟ ଏହା ବାସ୍ତବତାଠାରୁ ବହୁଦୂରେ ବୋଲି ପ୍ରମାଣିତ ହେଲା । ଏବେ ଚାଇନାରେ ଯେଉଁ କମ୍ୟୁନିଷ୍ଟ ଶାସନ ଚାଲିଛି ତିଆନ୍‌ମେନ୍ ସ୍କୋୟାରର ହତ୍ୟାକାଣ୍ଡ ତାର ବର୍ବରତାର ଏକ ସାକ୍ଷ୍ୟରୂପେ ବିଶ୍ୱ ସମକ୍ଷରେ ପ୍ରତିଭାତ । ବଲକାନ୍ ଷ୍ଟେଟ ଯୁଗୋସ୍ଲୋଭିଆ ଏବେ ବହୁ କ୍ଷୁଦ୍ର ରାଜ୍ୟରେ ବିଭକ୍ତ । ସାମ୍ୟବାଦର ଆଦର୍ଶ ଉଚ୍ଚ ହେଲେ ମଧ୍ୟ ତାର ପ୍ରୟୋଗରେ କି ତ୍ରୁଟିରହୁଛି ଯାହା ହେତୁ ତାହା ବିଫଳ ହେଉଛି । ଆମ ଭାରତବର୍ଷ କଥା ଦେଖାଯାଉ । ଏହା ଏକ ସାର୍ବଭୌମ ଗଣତନ୍ତ୍ର ସାମ୍ୟବାଦୀ ସାଧାରଣତନ୍ତ୍ର (Sovereign democratic socialist republic) । ସମ୍ବିଧାନ ଏକ ବିରାଟ ଆଦର୍ଶକୁ ଆଖି ଆଗରେ ରଖି ଆମ ଦେଶକୁ ଗଣତନ୍ତ୍ର, ସାମ୍ୟବାଦୀ ଓ ସାଧାରଣତନ୍ତ୍ର- ସବୁ ଆଖ୍ୟାଗୁଡ଼ିକ ପ୍ରଦାନ କରିଅଛି । ମାତ୍ର ଏ ଆଦର୍ଶ ଓ ବାସ୍ତବତା ମଧ୍ୟରେ କେଡ଼େ ବିରାଟ ପ୍ରାଚୀର । ଗଣତନ୍ତ୍ର ମନ୍ୟ ରାଷ୍ଟ୍ରରେ ଗଣତନ୍ତ୍ରର ହତ୍ୟା କରାଯାଉଛି । ସାଧାରଣ ଜନତାର ଅଜ୍ଞତା ଏହାର ପ୍ରଧାନ କାରଣ ହୋଇଅଛି । ନାଗରିକର ଅଧିକାର ସେ ନିଜର ଅଜ୍ଞତା ହେତୁ ଜାହିର କରିପାରୁନାହିଁ । ଫଳତଃ କେତେକ ଅତି ଚତୁର ବ୍ୟକ୍ତି ସେମାନଙ୍କର ନ୍ୟସ୍ତ ସ୍ୱାର୍ଥପାଇଁ ଯାହା ଇଛା ତାହା କରି ଯାଉଛନ୍ତି । ଯେ ଯେତିକି ଫାଇଦା ପାଉଛି ତାକୁ ଗୋରୁ ଚରିବା ପରି ଚରି ଯାଉଛି ।

ମୂଲ୍ୟବୋଧ ପ୍ରତି ସମ୍ମାନ ତ ଦୂରର କଥା- ବରଂ ତାର ତଣ୍ଟି ଚିପି ହତ୍ୟା କରାଯାଉଛି । ଅଜ୍ଞ ଜନତାଙ୍କୁ ଜ୍ଞାନାଲୋକ ଦାନ କରିବାତ ଦୂରର କଥା- ସେମାନେ କିପରି ସାରାଜୀବନ ଅଜ୍ଞ ରହିବେ, ସେ ଚେଷ୍ଟା ଚାଲିଛି । ସେହିପରି ମାନବିକ ମୂଲ୍ୟବୋଧର ତଣ୍ଟିଚିପି ଲୋକପ୍ରତିନିଧି, ବ୍ୟୁରୋକ୍ରାଟ୍, ମାଫିଆ ଇତ୍ୟାଦି ଦେଶ ତଥା ଜନସାଧାରଣଙ୍କୁ ଶୋଷଣ କରି କରି ମଧ୍ୟ ସନ୍ତୁଷ୍ଟ ନୁହଁନ୍ତି । ଗୁରୁ ସେ ଚେଲା ଜ୍ୟାଦା ପରି ଏମାନଙ୍କୁ ଗୁରୁ କରି କାର୍ଯ୍ୟାଳୟ କିରାଣୀ ଠାରୁ ଆରମ୍ଭ କରି ବିଦ୍ୟାଳୟରେ ଶିକ୍ଷକ ପର୍ଯ୍ୟନ୍ତ ଯେ ଯାହାବାଟରେ ମାରଣା କରିବାଟାକୁ ଜୀବନର ଶ୍ରେୟ ମନେ କରୁଛନ୍ତି । ସୋସାଲିଷ୍ଟ ରାଷ୍ଟ୍ରରେ ପିଅନ ଜଣେ ହଜାରେ ଟଙ୍କା ବେତନ ପାଇବା ବେଳେ, ବଡ଼ ବଡ଼ ହାକିମମାନେ କୋଡ଼ିଏ, ପଚିଶହଜାର ପାଉଛନ୍ତି । ଆମ ଜନତା ବା ଦଳିତଙ୍କ ପାଇଁ 'ଇନ୍ଦିରା ଆବାସ' ଏପରି ତିଆରି ହେଉଛି ଯେ, କେହି ସେଠାରେ ରହୁନାହାନ୍ତି । ଘର ଭାଙ୍ଗି ଆଜ୍‌ବେଷ୍ଟସ, ଝରକା, କବାଟ ଚୋରି ହୋଇଯାଉଛି । ତେଣେ ବଡ଼ବଡ଼ିଆଙ୍କ ପାଇଁ ଏଚ୍.ଆଇ.ଜି., ଏମ୍.ଆଇ.ଜି, ଡୁପ୍ଲେକ୍ସ ଇତ୍ୟାଦି ତିଆରି ହେଉଛି । ସବୁ ଖାଲି ନାମକେ ବାସ୍ତେ ମାତ୍ର

Digitized by PPRACHIN, SOA

କାମ ଅଲଗା ରାସ୍ତାରେ । ଜାତୀୟଚରିତ୍ର ନଷ୍ଟ ହୋଇଗଲା ବୋଲି ଯେ ଚିତ୍କାର ହେଉଛି, ସେ ଚରିତ୍ର କେବଳ ମୁଷ୍ଟିମେୟଙ୍କର । ସେମାନେ ଜାତୀୟ ଚରିତ୍ରର ବାହକ । ବହୁତ ଲୋକଙ୍କ ଚରିତ୍ର ଠିକ୍ ଅଛି ।

ସମ୍ବିଧାନ କହେ ସମସ୍ତଙ୍କର ସମାନ ଅଧିକାର (Equality before law) । ତାହା ହେଲା ଏକ ଆଦର୍ଶ । ଏହି ଆଦର୍ଶକୁ ସମ୍ମୁଖରେ ରଖି ସମସ୍ତେ ସମାନ ନ୍ୟାୟ ପାଆନ୍ତି କି ? ସାହାବାନୁ ଘଟଣା ପରି ଅନେକ ଘଟଣା ଘଟିଯାଉଛି ଯାହାକି ଆଦର୍ଶର ପରିପନ୍ଥୀ । ତେଣୁ ଆଦର୍ଶ ଓ ବାସ୍ତବତା ମଧ୍ୟରେ ବିରାଟ ବ୍ୟବଧାନ । ଦଳିତମାନଙ୍କ ପାଇଁ ପନ୍ଦର ବର୍ଷ ସ୍ଥାନରେ ଏକାବନ ବର୍ଷ ହେଲା ସ୍ଥାନ ସଂରକ୍ଷଣ କରି କରି କେତେ ଦଳିତ ଉପକୃତ ହୋଇଛନ୍ତି ? ମହିଳାମାନଙ୍କପାଇଁ ସ୍ଥାନ ସଂରକ୍ଷଣ କରିଦେଲେ କ'ଣ ନାରୀନିର୍ଯ୍ୟାତନା କମିଯିବ ?

ମାନବିକ ଅଧିକାର ପ୍ରଥମେ ଯେଉଁମାନେ ଉଲ୍ଲଂଘନ କରିଛନ୍ତି, ସେହିମାନେ ଆଜି ମାନବିକ ଅଧିକାର ବୋଲି ଚିତ୍କାର କରୁଛନ୍ତି । ମାତ୍ର ଉଲ୍ଲଂଘନ ମାତ୍ରା ବଢ଼ିଚାଲିଛି । ଏବେ କୋସୋଭୋଠାରେ ମାନବିକ ଉଲ୍ଲଘଂନର ସର୍ବବୃହତ୍ ଦୃଷ୍ଟାନ୍ତ । ସେଠାକାର ଅଧିବାସୀମାନଙ୍କୁ ଶରଣାର୍ଥୀ କରିଛି କିଏ ? ମନୁଷ୍ୟର ଏ ଦୋମୁହାଁ କାରବାର ବନ୍ଦନହେବା ଯାଏ ଏ ସାମ୍ୟବାଦ ଏକ ଦୁଃସ୍ୱପ୍ନ ହୋଇ ରହିଯିବ । No two men are equal କୌଣସି ଦୁଇଟି ଲୋକ କଦାପି ସମାନ ନୁହଁନ୍ତି । ଅଙ୍ଗୁଳି ଚିହ୍ନ (finger print) ତାର ପ୍ରତ୍ୟକ୍ଷ ଉଦାହରଣ । ଏତେ ପାର୍ଥକ୍ୟ ମଧ୍ୟରେ ସମତା ଓ ସାମ୍ୟବାଦ ସୁଦୂର ପରାହତ ହେବହିଁ ହେବ । ଜନନାୟକ ତଥା ଦାର୍ଶନିକମାନେ ଯୁଗଯୁଗଧରି ନାନା ଆଦର୍ଶର ଅବତାରଣା କରିଅଛନ୍ତି । ମାତ୍ର ବାସ୍ତବ କ୍ଷେତ୍ରରେ ତାର ପ୍ରୟୋଗ କେତେକ କ୍ଷେତ୍ରରେ ସଫଳ ହୋଇଥିଲେ ହେଁ ଅଧିକାଂଶ କ୍ଷେତ୍ରରେ ବିଫଳ ହେବାକୁ ବାଧ୍ୟ ହୋଇଛି ।

ମହାଜାଗତିକ ସ୍ତରରୁ ଯେଉଁ ଶକ୍ତିଟିକକ ନେଇ ପ୍ରତ୍ୟେକ ଆତ୍ମା ବା ଭୂତର ସୃଷ୍ଟି, ତାହା ବ୍ୟଷ୍ଟି ସ୍ତରରେ ଭିନ୍ନ ଭିନ୍ନ ପରିମାଣରେ ପ୍ରତିଭାତ । ଏ ଯୁଗର ଜଣେ ବିଶିଷ୍ଟ ଦାର୍ଶନିକ ସ୍ୱାମୀ କୃଷ୍ଣାନନ୍ଦ କହନ୍ତି, 'Spirit sleeps in matter, dreams in plants, thinks in animals and understands in human beings' ଅର୍ଥାତ୍ ଆତ୍ମା ଜଡ଼ ପଦାର୍ଥରେ ସୁପ୍ତାବସ୍ଥାରେ, ଉଦ୍ଭିଦମାନଙ୍କ ମଧ୍ୟରେ ସ୍ୱପ୍ନିଳ ଅବସ୍ଥାରେ, ପ୍ରାଣୀମାନଙ୍କ ମଧ୍ୟରେ ଚିନ୍ତନ ସ୍ତରରେ ଓ ମାନବ ମଧ୍ୟରେ ଅବଧାରଣ କରିବା ସ୍ତରରେ ରହିଛି । ମାତ୍ର ପ୍ରତ୍ୟେକ ମାନବର ଅବଧାରଣର ଶକ୍ତି ସ୍ତର ସମାନନୁହେଁ । ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ଓ ଜଣେ ବଣପାହାଡ଼ର ଅଧିବାସୀର ଅବଧାରଣ ଶକ୍ତି (Understanding) ମଧ୍ୟରେ

Digitized by PPRACHIN, SOA

ଆକାଶ ପାତାଳ ପ୍ରଭେଦ । ଯେଉଁ ବନବାସୀ ସଭ୍ୟସମାଜର (ତଥାକଥିତ) ଭାଷା ବୁଝେନା, ଯିଏ ରାଜାର ପ୍ରଜା ନୁହେଁ କି ସାଉର ଖାତକ ନୁହେଁ, ତାକୁ ସାମ୍ୟବାଦର ବାଣୀ ଶୁଣାଇବା ମୂଲ୍ୟହୀନ ମନେ ହୁଏ । ସେ କାର୍ଯ୍ୟତଃ ସାମ୍ୟବାଦୀ । ତା ଦୃଷ୍ଟିରେ ସବୁ ମନୁଷ୍ୟ ସମାନ । ମାତ୍ର ସେ ଯେଉଁ ସାମ୍ୟବାଦର ଦୀକ୍ଷା ନେଇଛି, ସେ ସାମ୍ୟବାଦକୁ ତଥାକଥିତ ସଭ୍ୟ ଓ ଶିକ୍ଷିତ ସମାଜ ଗ୍ରହଣ କରିପାରିବ ନାହିଁ । କାରଣ ଏଠାରେ ବହୁ ଆତ୍ମଶ୍ଳାଘା, ବହୁ ମଳିନତା, ବହୁ ଅହଂକାର, ନ୍ୟସ୍ତସ୍ୱାର୍ଥ- ଏ ସବୁକୁ ତ୍ୟାଗକରି ବନପକ୍ଷୀ ଭଳି ଉଡ଼ି ବୁଲୁଥିବା ସେ ସାମ୍ୟବାଦୀ ସହିତ ହାତ ମିଳାଇବା ଆକାଶ କଇଁଆ ଚିଲିକା ମାଛ ପରି । ଆମେ ଯାହାକୁ ଆଦିମ, ବର୍ବର, ଜଙ୍ଗଲି, ଅନ୍ଧବିଶ୍ୱାସୀ ଆଦି ଆଖ୍ୟା ଦେଇ ସଭ୍ୟତା ଶିଖାଇବାକୁ ଚେଷ୍ଟାକରୁ, ଏ ସଭ୍ୟତା ଶିଖାଉ ଶିଖାଇ ତା ମଧ୍ୟରେ ମଧ୍ୟ ଆବିଳତା ପୂରାଇ ଦେଉ । ତାର ନିଷ୍କପଟତା ତଥା ସରଳତାର ସୁଯୋଗ ନେଇ ଆମେ ତାକୁ ନାନା ଭାବରେ ଶୋଷଣ କରୁ । ଆର୍ଥିକ ଦିଗରୁ ଶୋଷଣକାରୀ ବ୍ୟବସାୟୀଗୋଷ୍ଠୀ ତାର ସମସ୍ତ ଶ୍ରମଲବ୍ଧ ଧନ ଲୁଣ୍ଠନ କରନ୍ତି । ତାର ଆଦିଧର୍ମରୁ ତାକୁ ଭୁଲାଇ ଧର୍ମାନ୍ତରିତ କରାଯାଏ । ତାର ଉନ୍ନୟନ ପାଇଁ ଆମେ ଆଦର୍ଶବାଡ଼ି କୋଟି କୋଟି ଟଙ୍କା ମଞ୍ଜୁର କରୁ, ମାତ୍ର ସେ ଟଙ୍କାକୁ ହଡ଼ପ କରିବାକୁ ଅଗରୁ ମୂଳପର୍ଯ୍ୟନ୍ତ ପଙ୍ଗପାଳ ଦଳ ବସିଥା'ନ୍ତି । ସବୁ ଶୋଷଣ କରି କରି ତା ପାଖରେ ଶହେରୁ ଦୁଇ ତିନି ଟଙ୍କା ପହଞ୍ଚେ କି ନା ସନ୍ଦେହ । ସେ ଜାଣି ପାରେନି ତାର ମଙ୍ଗଳ କାମରେ ଆସେ କେତେ, ଓ ସେଥିରୁ ଯାଏ କେତେ । ଇଏ ହେଉଛି ଆମ ସାମ୍ୟବାଦୀ ସମାଜର ଅସଲରୂପ । ଆମର ନିରକ୍ଷରତା କାର୍ଯ୍ୟକ୍ରମ, ଡ଼ି.ପି.ଇ.ପି., ଆଦିବାସୀ ଉନ୍ନୟନ ଇତ୍ୟାଦି ଯେତେ ଯୋଜନା ହେଉଛି ସବୁକ୍ଷେତ୍ରରେ ସାମ୍ୟବାଦୀ ଚିନ୍ତାଧାରାର ପ୍ରତିଫଳନ ଥିଲେ ହେଁ କାର୍ଯ୍ୟତଃ ତାହା ଅସଫଳ ହେବାର ମୂଳରେ ତଥାକଥିତ ସଭ୍ୟ, ଶିକ୍ଷିତ, ରାଜନୀତିଜ୍ଞ, ବ୍ୟୁରୋକ୍ରାଟ ଓ ମାଫିଆଗୋଷ୍ଠୀ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ) ଅଛନ୍ତି । ତେଣୁ ସାମ୍ୟବାଦ ଏଠାରେ ଏକ ଦିବା ସ୍ୱପ୍ନ । ଯେତେ ଦାର୍ଶନିକ ବା ସମାଜବିଜ୍ଞାନୀ ଯେତେ ପ୍ରକାରର ଥିଓରୀର ଉଦ୍ଭାବନ କଲେ ମଧ୍ୟ ବାସ୍ତବତା ସର୍ବଦା ଆଦର୍ଶଠାରୁ ଏକ ବିରାଟ ବ୍ୟବଧାନ ରଖି ଆସିଛି ଓ ଏ ବ୍ୟବଧାନ ରହିବ ହିଁ ରହିବ ।

(ସହକାର, ପ୍ରଜାତନ୍ତ୍ର)

❖❖❖

Digitized by PPRACHIN, SOA

ଆଦର୍ଶ ବନାମ ବାସ୍ତବତା (୨)

ଅଧୁନାତନ ସାମାଜିକ, ଧାର୍ମିକ, ନୈତିକ ତଥା ରାଜନୈତିକ ପରିପ୍ରେକ୍ଷୀରେ ଆଦର୍ଶ ଓ ଆଚରଣ ମଧ୍ୟରେ ସାମଞ୍ଜସ୍ୟ କେତେ ଓ ପାର୍ଥକ୍ୟ କେତେ, ବର୍ତ୍ତମାନ ଆଲୋଚନା କରାଯାଉ । ଆଦର୍ଶ ଦେଶ, କାଳ ଓ ପାତ୍ରକୁ ନେଇ ଭିନ୍ନ ଭିନ୍ନ ହୋଇପାରେ । ''ଗିରି ଶିଖେ ଲୟ ରଖି ଚାଲିବି ନିକର''- କହିଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ । ସେ କାଳର ଏବଂ ଆମ ଦେଶର ସର୍ବୋଚ୍ଚ ଲକ୍ଷ୍ୟ ଥିଲା ସ୍ୱାଧୀନତା । ଏ ଲକ୍ଷ୍ୟରେ ପହଞ୍ଚିବାପାଇଁ ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭକରି ଗୋପବନ୍ଧୁଙ୍କ ପର୍ଯ୍ୟନ୍ତ ଅନେକ ଦେଶପ୍ରାଣ ବ୍ୟକ୍ତି ପ୍ରାଣବଳି ଦେଲେ । ଦୁର୍ଦ୍ଧର୍ଷ ବ୍ରିଟିଶ ସରକାରକୁ ହଟାଇବାପାଇଁ ଅସ୍ତ୍ର ହେଲା ସତ୍ୟ ଓ ଅହିଂସା । ଅନ୍ୟ ଦିଗରୁ ଦେଖିଲେ ବିଲାତବାସୀ ତଥା ବିଲାତ ସରକାରଙ୍କର ଲକ୍ଷ୍ୟ ଥିଲା ଉପନିବେଶ ବୃଦ୍ଧି ଓ ସେମାନଙ୍କର ଅର୍ଜିତ ସମ୍ପତ୍ତିର ଉପଭୋଗ । ତେଣୁ ଦେଶ ଓ ଜାତିକୁ ନେଇ ଆଦର୍ଶ ଭିନ୍ନ ହୁଏ । ପୁଣି ଲକ୍ଷ୍ୟରେ ପହଞ୍ଚିବା ପାଇଁ ବ୍ୟକ୍ତିଗତ ଆଦର୍ଶକୁ ନେଇ ମାର୍ଗ ମଧ୍ୟ ଭିନ୍ନ ହୁଏ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଦେଖନ୍ତୁ, ସେହି ଲକ୍ଷ୍ୟରେ ଅଗ୍ରସର ହେଲେ ନେତାଜୀ ସୁଭାଷ । ସେ କିନ୍ତୁ ଅହିଂସାର ପୂଜାରି ନଥିଲେ । ସେ ଚାହୁଁଥିଲେ ଶତ୍ରୁକୁ ତରବାରୀରେ ଜୟ କରିବାକୁ । ତାଙ୍କର ଆଦର୍ଶର ଅନୁଗାମୀ ମଧ୍ୟ କମ୍ ନଥିଲେ । ଆଇ.ଏନ୍.ଏ.(ଇଣ୍ଡିଆନ୍ ନ୍ୟାସ୍‌ନାଲ ଆର୍ମି)ରେ ଲକ୍ଷ ଲକ୍ଷ ବ୍ୟକ୍ତି ଯୋଗଦେଇ, ସୁଭାଷଙ୍କ ଆଦର୍ଶକୁ ସାକାର କରିବାକୁ ଆଗେଇ ଆସିଥିଲେ । ସୁଭାଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ କବି ଓ ଲେଖକ ମଧ୍ୟ ଜନତାକୁ ଜାଗ୍ରତ କରିବାପାଇଁ କଲମ ଚଳାଇଲେ । ଯଥା-

''କହ କହ କେଉଁ ଜାତି, ପାଇଛି ମୁକତି, କରି ହାରି ଢୁରି ଗୁହାରି,
କହ, ପାଇଛି କେ ସୁଖ, ଲିଭାଇଛି ଦୁଃଖ, ମାଗି ମାଗି ପଥ ଭିକାରୀ ।''

ଭାରତବର୍ଷର କୋଣ ଅନୁକୋଣରେ ବିପ୍ଳବର ଧ୍ୱନି । ଶହୀଦ ବାଳକ ବୀର ବାଜିରାଉତର ଚିତାଗ୍ନି ଦେଖି କବି ସଚ୍ଚି ରାଉତରାୟ ଗାଇଲେ,

''ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ ଏ ଅଲିଭା ମୁକତି ସଳିତା,
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଥି ଜାଳି ପୋଡ଼ି ଦେବାକୁ ଝସାଇ ।''

Digitized by PPRACHIN, SOA

ସ୍ୱାଧୀନତା ପ୍ରାପ୍ତି ହେଲା ଲକ୍ଷ୍ୟ, ଉପାୟ ବା 'ମୋଡ଼ସ ଅପରେଣ୍ଡି' ହେଲା ବିଭିନ୍ନ ପ୍ରକାର । ତେଣୁ ଆଦର୍ଶ ତାର ପ୍ରାପ୍ତିନିମିତ୍ତ ପ୍ରୟୋଗ ଏବଂ ସଫଳ ରୂପାୟନ- ଏ ହେଉଛି ତ୍ରିଧାରା । କିଏ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଛିତ କିଏ ପ୍ରାଣପାତ କରିଛି । ଇଟାଲୀର 'ଗ୍ୟାରିବାଲ୍‌ଡ଼ି' ଏବଂ ତୁର୍କୀର 'କେମାଲପାଶା ଆଟାଟାର୍କ' ଇତ୍ୟାଦିଙ୍କର ଆଦର୍ଶ ପୂର୍ଣ୍ଣହୋଇଛି । ନେଲ୍‌ସନ ମଣ୍ଡେଲା ଦୀର୍ଘ ଛବିଶ ବର୍ଷ କାରାଗାର ଭୋଗୀ ମଧ ପରିଶେଷରେ ଦକ୍ଷିଣ-ଆଫ୍ରିକାରୁ ବର୍ଣ୍ଣବୈଷମ୍ୟ ଦୂର କରିପାରିଛନ୍ତି ।

ବ୍ୟକ୍ତିଗତ ଆଦର୍ଶ ସମ୍ବନ୍ଧରେ ଅନ୍ୟ ଏକ ଉଦାହରଣ ଦେଲେ ଅପ୍ରାସଙ୍ଗିକ ହେବନାହିଁ । ଉତ୍କଳ ଗୌରବ ମଧୁସୂଦନ ଓଡ଼ିଶାର ସ୍ୱନାମଧନ୍ୟ ଓକିଲ ଥିଲେ । ଅନେକ ଜଟିଳ ମୋକଦ୍ଦମା ଲଢ଼ି ସେ ବିଜୟ ହାସଲ କରିଛନ୍ତି । ପୁରୀର ଜନୈକ ମଠାଧୀଶ ଦୁଇଜଣ ହଳିଆଙ୍କୁ ହତ୍ୟାକରିବା ଦ୍ୱାରା ତାଙ୍କ ନାମରେ ନରହତ୍ୟା ମାମଲା ରୁଜୁ ହେଲା । ଉକ୍ତ ମଠାଧୀଶ ସମସ୍ତ ଓକିଲଙ୍କୁ ନିଜ ତରଫରୁ ମୋକଦ୍ଦମା ଲଢ଼ିବାକୁ ନିଯୁକ୍ତ କରି ପରିଶେଷରେ ମଧୁବାବୁଙ୍କ ନିକଟରେ ପହଞ୍ଚିଲେ । ସେ ସମୟରେ ଅତି ଅଳ୍ପସଂଖ୍ୟକ ଓକିଲ ଥିଲେ । ସାଧାରଣତଃ ଓକିଲଙ୍କର ପ୍ରାପ୍ୟ ଦୈନିକ ଏକଟଙ୍କା ମଧରେ ଥିଲା । ମଠାଧୀଶ ମଧୁବାବୁଙ୍କୁ ଚାରିଟଙ୍କା ଯାଚିବାରେ ମଧୁବାବୁ ତାଙ୍କୁ ଅଧିକ ଅର୍ଥଯାଚିବାର କାରଣ ପଚାରନ୍ତେ, ମହନ୍ତ ମହାରାଜ ସମସ୍ତ ଓକିଲଙ୍କ ନିକଟରେ ଓକିଲାତିନାମା ପୂରଣ କରିଥିବା କଥା କହିଥିଲେ । ମଧୁବାବୁ କହିଲେ, ମୃତବ୍ୟକ୍ତିଙ୍କ ପାଇଁ ସେ ନିଜେ ମୋକଦ୍ଦମା ଲଢ଼ିବେ । କାରଣ ସମସ୍ତ ଓକିଲଙ୍କୁ ହସ୍ତଗତ କଲେ, ଅପରପକ୍ଷ ପାଇଁ କୌଣସି ଓକିଲ ରହିବେ ନାହିଁ । ଦରିଦ୍ର ବ୍ୟକ୍ତିମାନଙ୍କଠାରୁ କୌଣସି ପାରିଶ୍ରମିକ ନନେଇ ସେ ମୋକଦ୍ଦମାରେ ଜୟଯୁକ୍ତ ହେଲେ ଏବଂ ମହନ୍ତଙ୍କୁ କାରାଦଣ୍ଡ ଭୋଗିବାକୁ ପଡ଼ିଲା । ତାଙ୍କୁ ଆଦର୍ଶ ପୁରୁଷ ନିଶ୍ଚୟ କୁହାଯିବ । ନିଜର ସଚ୍ଚୋଟତା ପ୍ରମାଣ କରିବାକୁ ଯାଇ ସେ ଉତ୍କଳ ଟ୍ୟାନେରିର ସମସ୍ତ ଯୋଜା ପୋଡ଼ି ପକାଇଥିଲେ । ସତ୍ୟ ଓ ନ୍ୟାୟର ପୂଜାରୀ ହୋଇ ଉତ୍ତର ଜୀବନରେ ଦାରିଦ୍ର୍ୟର କଷାଘାତରେ ସଢ଼ିଲେ ମଧ ସେ ତାଙ୍କ ଆଦର୍ଶରୁ ବିରତ ହୋଇନଥିଲେ ।

ଲେଖକ ଏକଦା ଦିଲ୍ଲୀରେ ଅବସ୍ଥାନ କରୁଥିବା ଅବସରରେ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର କତିପୟ ଛାତ୍ରଙ୍କ ଦ୍ୱାରା ଆହୂତ ହୋଇ ସେମାନଙ୍କର ନିମନ୍ତ୍ରଣ ରକ୍ଷା କରିଥିଲେ । ସେଠାରେ ଆଲୋଚନା ମାଧ୍ୟମରେ ସେମାନେ ବହୁ ଆଗ୍ରହର ସହିତ ପ୍ରୌଢ଼ଶିକ୍ଷାର ନୂତନ ନୀତି ସମ୍ପର୍କରେ ଜିଜ୍ଞାସା କଲେ । ସେତେବେଳକୁ ଏ ନୂତନ ନୀତି ଆରମ୍ଭ ହେଉଥାଏ । ବିରାଟ ଆଦର୍ଶକୁ ଅନୁଧାନ କରି ସେମାନେ କୌତୁହଳୀ ହୋଇ ଉଠିଥିଲେ । ଆଦର୍ଶ ହେଲା

Digitized by PPRACHIN, SOA

ପ୍ରତ୍ୟେକ ବ୍ୟକ୍ତି କେବଳ ସାକ୍ଷର ହେବେ ନାହିଁ, ସେମାନେ ଶାସ୍ତ୍ରପୁରାଣ, ଖବର କାଗଜ ପଢ଼ିପାରିବେ ଏବଂ ଚିଠିପତ୍ର ଲେଖିପାରିବେ ମଧ୍ୟ । ଏ ଆଦର୍ଶ ଏକ ଉଚ୍ଚାଦର୍ଶ, ମାତ୍ର ଏହାର କାର୍ଯ୍ୟକାରିତା କିପରି ବିଫଳ, ସେ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଇଥିଲି । ଏ ଯୋଜନା ପ୍ରଣୟନ ହେବାର ଏତେ ବର୍ଷ ପରେ ମଧ୍ୟ ଆଜି ଶତକଡ଼ା କେତେଜଣ ପ୍ରୌଢ଼ ଚିଠି ଲେଖିପାରୁଛନ୍ତି ନା ଖବର କାଗଜ ପଢ଼ିପାରୁଛନ୍ତି ? ଅଜସ୍ର ଅର୍ଥ ଶ୍ରାଦ୍ଧ ହେଉଅଛି । ଗୋଟିଏ ଗୋଟିଏ କେନ୍ଦ୍ର ଉଦ୍‌ଘାଟନ କରିବାପାଇଁ ମନ୍ତ୍ରୀଙ୍କଠାରୁ ଧରି ବ୍ୟୁରୋକ୍ରାଟମାନଙ୍କ ପିଛା ହଜାର ହଜାର ଟଙ୍କା ଖର୍ଚ୍ଚ ହେବାବେଳେ, ପ୍ରକୃତ ହିତାଧିକାରୀ ତାର କାଣିଚାଏ ମଧ୍ୟ ପାଉନାହିଁ । ବିଭିନ୍ନ ସ୍ଥାନରେ ସାକ୍ଷରତା କାର୍ଯ୍ୟକ୍ରମରେ ମୋଟରଗାଡ଼ି କିଣା ହେଉଛି, ବହି ଛପାଇବା, ଅମଲାମାନଙ୍କ ଗସ୍ତକ୍ରମ, ଯାଥା ପ୍ରଦର୍ଶନ ଇତ୍ୟାଦିରେ ସମସ୍ତ ଅର୍ଥ ଶ୍ରାଦ୍ଧ ହେବା ପରେ, ଯେଉଁ ବ୍ୟକ୍ତି ତୃଣମୂଳ ସ୍ତରରେ ନିରକ୍ଷରମାନଙ୍କୁ ସାକ୍ଷର କରିବାପାଇଁ ନିଯୁକ୍ତ, ସେ ବେକାର ବ୍ୟକ୍ତିପାଇଁ ପଇସାଟିଏର ବ୍ୟବସ୍ଥା ନାହିଁ । ଗାଁଗହଳିର ଗରିବ ବ୍ୟକ୍ତିଟିଏ ସ୍ୱେଚ୍ଛାସେବୀ ହେବ, ମାତ୍ର ହଜାର ହଜାର ଟଙ୍କା ଦରମା ପାଉଥିବା ବ୍ୟକ୍ତି ଗସ୍ତଖର୍ଚ୍ଚ, ଦୈନିକ ଭତ୍ତା, ଗାଡ଼ି, ତେଲ ଇତ୍ୟାଦି ନହେଲେ ପାଦେ ଘୁଞ୍ଚିବେ ନାହିଁ । କଥାରେ ଅଛି, 'ଦେଉଳକୁ ମୁଖଶାଳା ବଳେଇ ପଡୁଛି ।'' ମାତ୍ର ଏ କ୍ଷେତ୍ରରେ ଦେଉଳ ନଥାଇ ଖାଲି ମୁଖଶାଳା ବଢୁଛି । ଯଦି ବା ଦେଉଳ ଅଛି ତାହା ଏକ ପର୍ଣ୍ଣକୁଟୀର ହେଲେ, ମୁଖଶାଳା ବହୁଗୁଣିତ ଏକ ଢ଼ଳେଇ କୋଠା । କେତେକ ଗ୍ରାମରେ ବୁଲି ମୁଁ ଦେଖିଲି, ଲଣ୍ଠନ, କିରୋସିନୀ, ବହି, ଖଡ଼ି, ନେଇ ଶିକ୍ଷକ ତାଙ୍କ ଘରେ । ପିଲା ନାହିଁ ବା ପାଠପଢ଼ା ନାହିଁ । ପ୍ରଥମେ ଦେଖାଇବାକୁ କିଛି ପିଲାଙ୍କୁ ନେଇ ମାସେ ପନ୍ଦର ଦିନ ବସାଇ, ତାପରେ ସ୍ୱେଚ୍ଛାସେବୀ ଅନ୍ୟକାମରେ ବ୍ୟସ୍ତ ରହିଲେ । ଆଦର୍ଶ ଓ ବାସ୍ତବତା ମଧ୍ୟରେ ଆକାଶ ଓ ପାତାଳର ପାର୍ଥକ୍ୟ ।

ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରରେ ଅନିୟମିତତା ରିପୋର୍ଟପାଇ ଗୋଟିଏ କେନ୍ଦ୍ରକୁ ପରିଦର୍ଶନ ପାଇଁ ଯିବାବେଳେ ଅନ୍ୟ ଗୋଟିଏ କେନ୍ଦ୍ର ଅତିକ୍ରମକରି ଯିବାକୁ ହେଲା । ଶେଷୋକ୍ତ କେନ୍ଦ୍ରକୁ ଫେରି ଆସିବା ବେଳକୁ ଶିକ୍ଷକ କେତେକ ପିଲାଙ୍କୁ ବସାଇ ଲଣ୍ଠନ ଜଳାଇ ପଢାଉଥିଲେ । ପିଲାମାନଙ୍କୁ ପଚାରିବାରେ କିଏ ଚତୁର୍ଥ ତ କିଏ ପଞ୍ଚମ ଶ୍ରେଣୀରେ ପଢୁଥିବାର କହିଲେ । ଅଣଆନୁଷ୍ଠାନିକ ଶିକ୍ଷାନୁଷ୍ଠାନରେ କ'ଣ ଶ୍ରେଣୀ ଅଛି କି ବୋଲି ପଚାରିବାରେ, ସେମାନେ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟକୁ ଅଙ୍ଗୁଳି ନିର୍ଦ୍ଦେଶ କଲେ । ଆଦର୍ଶ କେଉଁଠି ଓ ବାସ୍ତବତା କେଉଁଠି ? ପ୍ରକୃତ ଆଗ୍ରହୀ ବ୍ୟକ୍ତି ନିଜ ପକେଟରୁ ଅର୍ଥ ବ୍ୟୟ କରି ଓ ମାଗିଯାଚି ପିଲାମାନଙ୍କୁ ମଣିଷ କରୁଥିବାର ଆମ୍ଭେମାନେ ବିଭିନ୍ନ ଗଣମାଧ୍ୟମରୁ

Digitized by PPRACHIN, SOA

ଜାଣିବାକୁ ପାଉଛୁ । ଅଣଆନୁଷ୍ଠାନିକ ଶିକ୍ଷକମାନଙ୍କର ମୂଳ ଲକ୍ଷ୍ୟ କିପରି ଟ୍ରେନିଂ ଯିବା ଓ ଶିକ୍ଷକ ଚାକିରୀ ଦାବି କରିବା । ଆମର ଜାତୀୟ ଚରିତ୍ର ନଷ୍ଟ ହୋଇଯାଇଛି, ଆଦର୍ଶ ନାହିଁ- ଖାଲି ସ୍ୱାର୍ଥ ।

ଆମେରିକାରେ ଥରେ ପଚାରିଲି, ''ଆପଣମାନେ ଟାକ୍ସ'' ଫାଙ୍କୁ ନାହାଁନ୍ତି ? ଦୁଇ ନମ୍ବର ଖାତା କରିନାହାନ୍ତି ? ସେମାନେ ଉତ୍ତର ଦେଲେ, '' ଆମେ ଟ୍ୟାକ୍ସ ଫାଙ୍କିଲେ ଆମ ସଡ଼କ ତିଆରି ହେବ କିପରି ? ଆମ ଗାଡ଼ି ଚାଲିବ କିପରି ଏବଂ ଆମ ପିଲା ସ୍କୁଲ୍‌ରେ ପଢ଼ିବେ କିପରି ? ଆମେ ଟ୍ୟାକ୍ସ ନଦେଲେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିବ ।'' ଦେଖନ୍ତୁ ଜାତୀୟ ଚେତନା । ଆମର ଜୀତୟତା ବୋଧ ନଥିବାରୁ ଜଙ୍ଗଲ ସଫା ହୋଇଯାଉଛି, ଇଲେକ୍ଟ୍ରିକ୍ ତାର ବାଡ଼ିଆ ଡ଼େ଼କଚି ହେଉଛି । ଏପରିକି ବ୍ୟାଙ୍କ୍ ସ୍କାମ୍, ସୁଗାର ସ୍କାମ୍, ୟୁରିଆ ସ୍କାମ୍ ଇତ୍ୟାଦି ଚାଲିଛି । ଏବେ ଆସିଲାଣି ମ୍ୟାଚ୍ ଫିକ୍ସିଂ । ପ୍ରତି ସ୍ତରେ ସ୍ତରେ ଦୁର୍ନୀତି । ପ୍ରତିଦିନ ଖବର କାଗଜ ପୃଷ୍ଠା ଓଲଟାଇଲେ, ହତ୍ୟା, ଧର୍ଷଣ, ଲୁଣ୍ଠନ, ଧପ୍‌ପାବାଜ ଇତ୍ୟାଦିର ସମ୍ବାଦ । ଆମର ଜନନାୟକମାନେ ଯଦି ବିଦେଶରୁ ଋଣ ଆଣି, ''ଏଇଟ୍ ଦେଖଭାଇ, ସେଇଟ୍ ଦେଖ୍'', କରି ଟଙ୍କାଯାକ 'ସୁଇସ୍ ବ୍ୟାଙ୍କ' ବା 'ସେଣ୍ଟକିଟ୍‌ସ'କୁ ବୋହି ନିଅନ୍ତି, ଦେବେ ଦେଶ ରସାତଳକୁ ଯିବନାହିଁତ ହବ କ'ଣ ? ଏ ଜାତିର ଆଦର୍ଶବୋଲି କିଛି ନାହିଁ । ଯାହା ବା ଥିଲା ତାହା ସବୁ 'ମାଙ୍କଡ଼ ହାତରେ ଶାଳଗ୍ରାମ' ପରି କେତେଗୁଡ଼ିଏ ଅପୋଗଣ୍ଡଙ୍କ ହାତରେ ନଷ୍ଟ ହୋଇଗଲାଣି । ଏଥକୁ 'ସମସ୍ତେ ହୋଇ ଏକ ମୁଖ, ଡ଼ାକ ହୋ ନାରାୟଣ ରଖ ।'' ଆମକୁ ଏ ଜାତିକୁ ଗଭୀର ନିଦ୍ରାରୁ ଜାଗ୍ରତ କରାଇବାକୁ ପଡ଼ିବ । ଏକ ବିରାଟ ବିପ୍ଳବ- ଭୟଙ୍କର ଜନ ଆନ୍ଦୋଳନ ଅତ୍ୟାବଶ୍ୟକ । ଏହା ଭାରତର ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ।

(ସଂସ୍କୃତି-ତାଳଚେର)

Digitized by PPRACHIN, SOA

ସର୍ବେ ହୋଇବେ ଏକାକାର

"ସର୍ବେ ହୋଇବେ ଏକାକାର ନଥିବ ବେଦର ବିଚାର"

ମହାପୁରୁଷ ଅଚ୍ୟୁତାନନ୍ଦଙ୍କର - ଏ ମାଳିକା । ମାଳିକା ଶବ୍ଦର ସୃଷ୍ଟି "ମାଳ" ଶବ୍ଦରୁ -ଯେପରି 'ସୂକ୍ତିମାଳା', 'ସୁବାସିତାନୀ', ନୀତିଶ୍ଳୋକାଃ ଇତ୍ୟାଦି । ତାଙ୍କର ଏ ମାଳିକା ଏକ ଭବିଷ୍ୟତ ବାଣୀ ମାଳା । ଏହି ଭବିଷ୍ୟତବାଣୀ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ସାର୍ବଜନୀନ, ସମଗ୍ର ବିଶ୍ୱ ଏହାର ପରିସରଭୁକ୍ତ । ଏଠାରେ ପ୍ରଶ୍ନ ଉଠିପାରେ ବେଦଗ୍ରନ୍ଥ ତ କେବଳ ଭାରତରେ ଭାରତୀୟ ଆର୍ଯ୍ୟମୁନିମାନଙ୍କ ଦ୍ୱାରା ପ୍ରଣୀତ ବା ପ୍ରାଚାରିତ, ଏହା ପୃଥିବୀର ଅନ୍ୟ କୌଣସି ଅଞ୍ଚଳ ନିମିତ୍ତ ପ୍ରଜୁଯ୍ୟ ନୁହେଁ - ତେବେ ଅଚ୍ୟୁତାନନ୍ଦଙ୍କ ଭବିଷ୍ୟତବାଣୀ କିପରି ସାର୍ବଜନୀନ ହେବ ବା ହୋଇ ପାରିବ ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ଯେ ବେଦ କୌଣସି ଗୋଷ୍ଠୀ ବା ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ନଥିଲା । ବେଦ ବର୍ଣ୍ଣିତ ବିଧି, ନିଷେଧ, ନିୟମାଦି ପୃଥବୀ ପୃଷ୍ଠେ ଯେ କେହି ବ୍ୟକ୍ତି ପାଳନ କଲେ ସେହିଁ ଆର୍ଯ୍ୟ ପଦବାଚ୍ୟ ହୋଇପାରେ । ଅବଶ୍ୟ ଭାରତୀୟ ଜଳବାୟୁ, ଚାଲିଚଳନ, ସଂସ୍କୃତି ଇତ୍ୟାଦି ଉପରେ ବିଶେଷ ଦୃଷ୍ଟି ରଖି ବେଦ ପ୍ରଣୀତ-ମାତ୍ର ଏହାର ପ୍ରୟୋଗ ବହୁ ବ୍ୟାପକ । ସମଗ୍ର ମାନବ ସମାଜ ନିମତ୍ତ ଉଦ୍ଦିଷ୍ଟ । ଯେଉଁ ନୀତି ନିୟମମାନ ମାନବ ସମାଜର କଲ୍ୟାଣକର, ମାନବ ସମାଜକୁ ନୀରୋଗ, ଚିରାୟୁ, ସତ୍ୟନିଷ୍ଠ, ଚରିତ୍ରବାନ ଏବଂ ଈଶ୍ୱରାଭୀମୁଖୀ କରି ଗଠନ କରିବା ପାଇଁ ଉଦ୍ଦିଷ୍ଟ ତାହା ଏକଦେଶଦର୍ଶୀ ହୋଇ ନ ପାରେ । ଉକ୍ତ ମନିଷୀମାନଙ୍କର ଚିନ୍ତାଧାରା ତଥା ଦର୍ଶନ ଯେ ସମଗ୍ର ଜନ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏ ସମ୍ବନ୍ଧରେ ଦ୍ୱିରୁକ୍ତି ବା ଅତିରଞ୍ଜନ ଥାଇ ନ ପାରେ ।

ଏବେ ଅଚ୍ୟୁତାନନ୍ଦଙ୍କର ମାଳିକାବାଣୀର ବ୍ୟାପକତା ବିଷୟ ଅନୁଧ୍ୟାନ କରାଯାଉ । ମାଳିକାର ଅସଂଖ୍ୟ ସୂକ୍ତି ମଧ୍ୟରୁ ଏହିମାତ୍ର ଗୋଟିଏ ସୂକ୍ତିର ବିଚାର ଏ ପ୍ରବନ୍ଧର ଉଦ୍ଦେଶ୍ୟ । ପ୍ରଥମ ପଂକ୍ତି କହେ "ସର୍ବେ ହୋଇବେ ଏକାକାର" - ଏହାକୁ ନାନା ପ୍ରକାରର ବିଭ୍ରାନ୍ତିକର ଅର୍ଥ କରାଯାଏ । ସଂକୀର୍ଣ୍ଣମନା ସମାଜବାଦୀମାନେ କହନ୍ତି ଯେ ବ୍ରାହ୍ମଣ, କରଣ, ଚଷା, ମୋଚି, ପାଣ, ହାଡି ଇତ୍ୟାଦି ଜାତିର ଲୋକମାନେ ଏକାକାର ହୋଇଯିବେ । ଏବଂ ଏପରି କୌଣସି କୌଣସି କ୍ଷେତ୍ରରେ ନଜିର ଦେବାପାଇଁ ମଧ ସେମାନଙ୍କ ନିକ[illegible]ରେ କେତେକ ଉଦାହରଣ ଗଚ୍ଛିତ ଥାଏ । ମାତ୍ର 'ସର୍ବେ' ଶବ୍ଦ ମହାପୁରୁଷ ଅଚ୍ୟୁ[illegible] ସମଗ୍ର ମାନବ ସମାଜ, କି ଭାରତୀୟ, କି ଆମେରିକୀୟ, କି ୟୁରୋପୀୟ - ସ[illegible]ଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରିଛନ୍ତି । ଆମ୍ଭେମାନେ କେବଳ ପାଣ-ବ୍ରାହ୍ମଣ ଏକାକାର [illegible]ର

Digitized by PPRACHIN, SOA

ପାଉ ନାହିଁ । ଆମ୍ଭେମାନେ ଆଜି ଭାରତୀୟ-ଇତାଲୀୟ, ସ୍ପେନୀୟ-ଚୈନିକ, ଜାପାନୀ-ଆମେରିକୀୟମାନଙ୍କର ଏକାକାର ହେବାର ଦୃଷ୍ଟାନ୍ତ ଅନେକ କ୍ଷେତ୍ରରେ ପାଉଁ । ଅତୀବ ଆନନ୍ଦର ବିଷୟ, ଆମ୍ଭେମାନେ ଯଦି କେବଳ ଭାରତ ମଧ୍ୟରେ ଜାତୀୟ ସଂହତି ବୋଲି ଚିତ୍କାର କରି ନାନା ପ୍ରକାର ଯତ୍ନକରି, ନାନା ଉପାୟରେ ପ୍ରଚାର କରି ମଧ୍ୟ ସୁଫଳ ପାଇପାରୁ ନାହିଁ ନାନା ଭାବରେ ଯଥା - ଆଞ୍ଚଳିକ, ଜାତିଆଣ, ଧାର୍ମିକ, ସାଂସ୍କୃତିକ ତଥା ରାଜନୈତିକ ଦୃଷ୍ଟିକୋଣରୁ ପ୍ରତ୍ୟେକ ପ୍ରତ୍ୟେକଙ୍କଠାରୁ ଭିନ୍ନ ଏବଂ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଣ୍ଡିମଧ୍ୟରେ ଥିବାପରି ମନେ କରୁଁ - ଏ ସଂକୀର୍ଣ୍ଣତାର ଶେଷ ବୋଧହୁଏ ପ୍ରତ୍ୟେକ ବ୍ୟକ୍ତି ବିଶେଷଠାରେ ହିଁ ହେବ । କଥାଟାକୁ ଟିକିଏ ପ୍ରାଞ୍ଜଳ ନିମ୍ନମତେ କରାଯାଇ ପାରେ ।

ଦିନେ ଖବର କାଗଜରେ ପଢିଲି, ଜନୈକ ବଲାଙ୍ଗୀର ନିବାସୀ ବନ୍ଧୁଙ୍କର ସଂପାଦକଙ୍କ ନିକଟକୁ ଏକ ପତ୍ର । ସେ ଅଭିଯୋଗ କରିଛନ୍ତି ଯେ ଅନୁଗୋଳ ବା କଟକର ବ୍ୟକ୍ତି ବଲାଙ୍ଗୀରରେ କାହିଁକି ସରକାରୀ ପଦାଧିକାରୀ ଭାବେ କାର୍ଯ୍ୟ କରିବେ ଏବଂ ତାଙ୍କର ଯୁକ୍ତି, ଏହି କାରଣରୁ ଶାସନରେ ବିଶୃଙ୍ଖଳା ଦେଖାଦେଉଅଛି । ତେଣୁ ବିଦେଶୀ ଆମ୍ଭମାନଙ୍କୁ 'ଇଣ୍ଡିୟାନ' ବୋଲି ଘୃଣା କରିବା, ବଙ୍ଗ ବା ପଞ୍ଜାବବାସୀ ଆମ୍ଭଙ୍କୁ 'ଓଡିଆ' କହି ତାଚ୍ଛଲ୍ୟ କରିବା, କଟକର ବ୍ୟକ୍ତି ସମ୍ବଲପୁରିଆ ବା ଢେଙ୍କାନାଳିଆ କହିବା, ଢେଙ୍କାନାଳର ବ୍ୟକ୍ତି ହିନ୍ଦୋଳବାସୀଙ୍କୁ ହିନ୍ଦୋଳିଆ କହିବା.. ଏହିପରି ଭାବେ ଦେଖିଲେ ପ୍ରତ୍ୟେକ ଗ୍ରାମର ଅମୁକ ସାହି, ସମୁକ ସାହିକୁ ସମାଲୋଚନା କରିବା ପରେ ପ୍ରତ୍ୟେକ ଘର ଓ ବ୍ୟକ୍ତି ମଧ୍ୟରେ ମଧ୍ୟ ଏପରି ପରସ୍ପର ପ୍ରତି ଘୃଣା ଈର୍ଷା ବା ତାଚ୍ଛଲ୍ୟ ଭାବ ପ୍ରକଟିତ ହୁଏ । 'ହେ, ମୋ ପିଲାଟା ସେ ଅମୁକର ପିଲା ସଙ୍ଗେ ପଡି ନଷ୍ଟ ହୋଇଗଲା । ସତେ ଯେପରି ମୋ ପିଲାଟା ଗୋଟାପଣେ ତୁଳସୀ । ଠିକ୍ ଅପର ପକ୍ଷରୁ ସମାନ ଅଭିଯୋଗ । ଅସଲ କଥା ହେଲା "A man is known by the company he keeps" କିମ୍ବା ''ଯେସା ସଙ୍ଗେ ପଡେ ଗୋଇ ତେସା ବିଦ୍ୟା ଶରୀରେ ବହି'' ବା ''ସଂସର୍ଗଜା ଦୋଷାଃ ଗୁଣାଃ ଭବନ୍ତି'' ଏ ସମସ୍ତ ଉକ୍ତିର ସତ୍ୟତା ଏଠାରେ ପ୍ରତିପାଦିତ ହୁଏ ।

ଏହି ପରିପ୍ରେକ୍ଷୀରେ ବିଚାର କଲେ ''ସର୍ବେ ହୋଇବେ ଏକାକାର'' ଏ ଉକ୍ତି ବହୁ ଅଭିନନ୍ଦନୀୟ ମନେ ହୁଏ । ମାନବ ମାନବ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ, ଦେଶ ଦେଶ ମଧ୍ୟରେ ଯଦି ଏକାକାର ହେବାର ଲକ୍ଷଣ ପ୍ରକାଶିତ ହୁଅନ୍ତା, ତେବେ ଆମର ଏ ମର୍ତ୍ତ୍ୟ, ସ୍ୱର୍ଗରେ ପରିଣତ ହୁଅନ୍ତା । ଭୌଗୋଳିକ, ସାଂସ୍କୃତିକ, ଧାର୍ମିକ ଓ ରାଜନୈତିକ ସୀମାକୁ ଅତିକ୍ରମ କରି ଆମ୍ଭେମାନେ ମହାଭାରତୀୟ କାହିଁକି ମହାଜାଗତିକ ମାନବରେ

Digitized by PPRACHIN, SOA

ପରିଣତ ହୋଇପାରନ୍ତୁ । ବ୍ୟକ୍ତି, ବ୍ୟକ୍ତି ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ, ଧର୍ମ ଧର୍ମ ମଧ୍ୟରେ ଦେଶ ଦେଶ ମଧ୍ୟରେ ଆଉ ଯୁଦ୍ଧ ସଂଘର୍ଷ, ଦଳାଦଳି, ଛୁରି ଭୁଷାଭୁଷି ଡକାୟତି ଓ ଧର୍ଷଣ ଇତ୍ୟାଦି ନାନା ପ୍ରକାର କଳଙ୍କରୁ ମାନବ ସମାଜ ବହୁ ଉର୍ଦ୍ଧ୍ୱକୁ ଉଠିଯାଆନ୍ତା ।

ମାତ୍ର... କାହିଁ ସେ ଏକାକାର ଭାବ, କାହିଁ ସେ ମହାଜାଗତିକତା... ଆମେ ଆଜି ଧୀରେ ଧୀରେ ବେଶୀ ସଂକୀର୍ଣ୍ଣ, ଧର୍ମାନ୍ଧ ଯୁଦ୍ଧଖୋର ଓ ଯାବତୀୟ ନାରକୀୟ ଲୀଳା ସହିତ ଏତେ ଅଭ୍ୟସ୍ତ ହୋଇଗଲୁଣି ଯେ ପ୍ରତିଦିନ କାଗଜରେ ଏପରି ୩/୪ ଘଟଣା ନ ପଢ଼ିଲେ ଖବର କାଗଜଟି ବଡ ନୀରସ ବୋଧ ହେଉଅଛି । ଧର୍ମ ନାମରେ ବ୍ୟଭିଚାର, ନ୍ୟାୟ ନାମରେ ଶୋଷଣ, ସର୍ବଶ୍ରେଷ୍ଠ ଡକାୟତର ଗରିଫରେ ଲୋକମାନଙ୍କର କ୍ରନ୍ଦନ ଓ ସହାନୁଭୂତି, ସବୁଠାରୁ କଳାବଜାରୀ ଓ ମୁନାଫାଖୋରୀ ସାମଜର ଶ୍ରେଷ୍ଠ ନେତା ବୋଲାଇବା ଓ ସମାଜର ଆଖିରେ ଧୂଳିଦେଇ ସମସ୍ତ ପ୍ରକାର ଅନ୍ୟାୟର ଆଶ୍ରୟ ନେଇ ସବୁଠାରୁ ବେଶୀ ସାଧୁ ବୋଲି ଦେଖାଇହେବା... ଇତ୍ୟାଦି ଯେପରି ଆମର ଜନ୍ମଗତ ଅଧିକାର, ଏପରି ଆମେ ଅନୁଭବ କଲୁଣି ଏବଂ ତାହା ଯେ ନ କରି ପାରିଲା ସେ ନପୁଂସକ ବା ବଳଦ ବୋଲି ଅଭିହିତ ହେଲାଣି । ଧର୍ମର ଏ ଗ୍ଲାନି କାହିଁକି ? ଧର୍ମାଧର୍ମର ବିଚାର ଲୋପ ପାଇବାର ପାଶ୍ଚାତ ଭାଗରେ କି ଶକ୍ତି ଲୁକ୍‌କାୟିତ ଅଛି ? ଏ ସମସ୍ତ ବିଷୟ ବିଚାର କରି ସେ ସମ୍ବନ୍ଧରେ ଏକ ସିଦ୍ଧାନ୍ତ ନେବାର ସମୟ ଏବେ ଆସିଅଛି । ମହାପୁରୁଷ ଅଚ୍ୟୁତାନନ୍ଦ ଆଜକୁ ୪୫୦ ବର୍ଷ ତଳେ ତାଙ୍କର ମାଳିକା କଲାବେଳେ ଅବଶ୍ୟ ଅନ୍ୟ ଏକ ପରିପ୍ରେକ୍ଷୀରେ ଏ ଉକ୍ତି ବ୍ୟାଖାନ କରିଥିଲେ । ତେଣୁ କେବଳ ପ୍ରଥମ ପଂକ୍ତିର ଆଲୋଚନା ବ୍ୟାଖ୍ୟା କଲେ ସଂଗତ ହେବ ନାହିଁ, ଉଭୟ ପଂକ୍ତିର ଆଲୋଚନା ଏକ ସଙ୍ଗରେ ହେବା ଉଚିତ ।

ଦ୍ୱିତୀୟ ପଂକ୍ତିଟି ହେଲା 'ନଥିବ ବେଦର ବିଚାର' । ଏ ଏକ ନିଗୂଢ ବିଷୟ । ବେଦର ବିଚାର କଣ ? ତାହା ନ ଜାଣିଲେ ମହାପୁରୁଷଙ୍କର ଏ ସତର୍କବାଣୀର ଆଲୋଚନା ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ଭଗବାନ ନିଜେ କହିଛନ୍ତି (ମୁନିମାନଙ୍କର ଉକ୍ତି ଅନୁଯାୟୀ) ଯେ, ଚାତୁର୍ବର୍ଣ୍ଣ ମୟାସୃଷ୍ଟ ଗୁଣକର୍ମ ବିଭାଗସଃ । ଏହି ଚାରିଗୋଟି ବର୍ଣ୍ଣ କଣ ? ଏ ହେଲା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର । ଗୁଣ ହେଲା ରକ୍ତର । ସୃଷ୍ଟିର ପ୍ରାକ୍‌କାଳରୁ ଭଗବାନ ମନୁଷ୍ୟ ଶରୀରରେ ଚାରି ପ୍ରକାରର ରକ୍ତ ପ୍ରବାହିତ କଲେ ଏବଂ ତଦନୁଯାୟୀ ଚାରିବର୍ଣ୍ଣର ସୃଷ୍ଟି ହେଲା ଉପର୍ଯ୍ୟୁକ୍ତ ଆକାରରେ । ଏ ଚାରିବର୍ଣ୍ଣର କର୍ମ ମଧ ତଦନୁଯାୟୀ ନିୟନ୍ତ୍ରିତ । ବ୍ରାହ୍ମଣର ରକ୍ତ ଯାହାର ଧମନୀରେ ପ୍ରବାହିତ ତାହାର ମନୋବୃତ୍ତି ଈଶ୍ୱର ଉପାସନା, ଯଜ୍ଞ, ସଂଯମ ଇତ୍ୟାଦି କର୍ମ ଦିଗକୁ ଧାବମାନ ଓ ସେ ସେହି କର୍ମପ୍ରତି

Digitized by PPRACHIN, SOA

ବାଲ୍ୟକାଳରୁ ଆକୃଷ୍ଟ ହେବାର ପ୍ରତୀୟମାନ ହୁଏ । ସେହିପରି କ୍ଷତ୍ରିୟର ଶୋଣିତ ଯେଉଁ ଶରୀରରେ ଅଛି ସେ ଯୁଦ୍ଧ ଅସ୍ତ୍ରଚାଳନା ପ୍ରତି ଓ ବୈଶ୍ୟ ବ୍ୟବସାୟ ପ୍ରତି ଆକୃଷ୍ଟ । ଶୁଦ୍ରର କର୍ମ ହେଲା ସେବା କରିବା । ତେଣୁ ଶିଶୁର ଜନ୍ମ ମାତ୍ରେ ତାର ରକ୍ତ ପରୀକ୍ଷା କରାଯାଇ ସେ କେଉଁ ବର୍ଣ୍ଣର ବ୍ୟକ୍ତି ତାହା ନିର୍ଦ୍ଧାରଣ କରାଯାଉଥିଲା । ଜନସଂଖ୍ୟା ବୃଦ୍ଧି ସଙ୍ଗେ ତାହା ସମ୍ଭବପର ହେଲାନାହିଁ । ତେଣୁ, ବ୍ରାହ୍ମଣଙ୍କର ପୁତ୍ର ବ୍ରାହଣ - ଏହି କ୍ରମରେ ଧରି ନିଆଗଲା, ଯାହା ପ୍ରକୃତ ବେଦ ସମ୍ମତ ନୁହେଁ । ଏହି ଯେ ବେଦବର୍ଣ୍ଣିତ ଚାରିବର୍ଣ୍ଣ ଏମାନଙ୍କର ରକ୍ତଗତ, ମାନସିକ ଓ ବ୍ୟବହାରିକ ଗୁଣାବଳି ବିଭିନ୍ନ ହୋଇଥିବାରୁ ବେଦ ଓ ଅନ୍ୟାନ୍ୟ ଶାସ୍ତ୍ରମାନେ ଏମାନଙ୍କ ନିମିତ୍ତ ବିଭିନ୍ନ କର୍ମର ସଂସ୍ଥାନ କରିଛନ୍ତି ଏବଂ ସମାଜ ମଧ୍ୟରେ ଏମାନଙ୍କର ସମ୍ପର୍କ କେତେଦୂର ସ୍ପୃହଣୀୟ ଓ କେଉଁ ସ୍ଥଳରେ ଏମାନେ ବିଭିନ୍ନ ଏ ସମ୍ବନ୍ଧରେ ଦିଗ୍‌ଦର୍ଶନ ଦେଇ ଅଛନ୍ତି । ସେଥିପାଇଁ ବିଧି ଓ ନିଷେଧର ସୁତ୍ରମାନ ପ୍ରଣୀତ ହୋଇଅଛି । ଏ ସମ୍ବନ୍ଧରେ ମାତ୍ର ଗୋଟିଏ ଦୃଷ୍ଟାନ୍ତ ଦେବି । ଉଚ୍ଚ ଜାତିର ରକ୍ତ ନିମ୍ନଜାତୀୟ ରକ୍ତକୁ ଶରୀର ମଧ୍ୟରେ ଗ୍ରହଣ କରି ହଜମ କରିପାରିବ ମାତ୍ର ନୀଚରକ୍ତ, ଉଚ୍ଚରକ୍ତକୁ ଜୀର୍ଣ୍ଣ କରି ହଜମ କରିପାରିବ ନାହିଁ - ଏହା ବହୁଧା ପ୍ରମାଣିତ । ଆଜିର ବିଜ୍ଞାନୀମାନେ ମଧ୍ୟ ସେତିକି ମାତ୍ର ଆବିଷ୍କାର କରିପାରିଛନ୍ତି- ସେମାନେତ ସୃଷ୍ଟିର ନିୟମରେ ବ୍ୟତିକ୍ରମ କରିପାରିବେ ନାହିଁ । ସେମାନେ ଯାହା ଅଛି ବା ଥିଲା ତାହାକୁ ହିଁ ପରୀକ୍ଷା ନିରୀକ୍ଷା କରିଛନ୍ତି- ଯାହାକୁ ଆମ୍ଭେମାନେ ୪୦,୦୦୦ ବର୍ଷ ପୂର୍ବେ କରିସାରିଥିଲୁ । କେବଳ ଚାରିପ୍ରକାରର ରକ୍ତ ଆବିଷ୍କାର କରି ସେମାନେ ନିଶ୍ଚିନ୍ତ, କାରଣ ରୋଗୀପାଇଁ ରକ୍ତଭଣ୍ଡାରରେ ସେତିକିରହିଁ ଆବଶ୍ୟକତା ଅଛି । ମାତ୍ର ଆର୍ଯ୍ୟ ବୈଜ୍ଞାନିକ ମୁନିଗଣ ଏହାର କେତେ ଯେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରିଥିଲେ ଓ ସେହି ଅନୁଶୀଳନ ସମ୍ଭୁତ ସିଦ୍ଧାନ୍ତ ଦ୍ୱାରା କେତେ ଯେ ବିଧି ଓ ନିଷେଧର ନିର୍ଦ୍ଦେଶ ଦେଇଥିଲେ ତାହା ଆଜିର ବୈଜ୍ଞାନିକ ଜାଣନ୍ତି ନାହିଁ ଏବଂ ତା ଉପରେ ଅନୁଧ୍ୟାନ କରିବାର ଆବଶ୍ୟକତା ସମ୍ବନ୍ଧରେ ସେମାନେ ସଂପୂର୍ଣ୍ଣ ଅଜ୍ଞ ଥିବାପରି ମନେ ହୁଏ ।

ରକ୍ତ ସଂପର୍କ ହେଉଛି ପୂର୍ବସୂରୀ ଓ ଉତ୍ତରସୂରୀର ସମ୍ପର୍କ । ତେଣୁ ଆମର ଗୋଟିଏ ଯଥୋଚିତ ପ୍ରବଚନ ପ୍ରଚଳିତ ''ଯହିଁ ନାହିଁ ରକତ ମିଶା, ତହିଁ ନାହିଁ ସାଇ ପଡିଶା'' । ପିତାମାତାଙ୍କର ଶୋଣିତ ସନ୍ତାନ ସନ୍ତତିଙ୍କ ଧମନୀରେ ପ୍ରବାହିତ । ତେଣୁ ପିତା ଓ ମାତାଙ୍କର ରକ୍ତର ସାମଞ୍ଜସ୍ୟ ନଥାଇ ଯଦି ତାହା ବିସଦୃଶ ହୁଏ ତେବେ ତାର ସୁଦୂରପ୍ରସାରୀ ପ୍ରଭାବ ପୁତ୍ର କନ୍ୟାମାନଙ୍କ ଉପରେ ପଡେ ଏବଂ କ୍ରମେ ସେମାନେ ଅମାନବ ବା ଅସୁର ପ୍ରକୃତି ବିଶିଷ୍ଟ ହୁଅନ୍ତି ଯେପରି ଦାମ୍ଭିକ, ନାସ୍ତିକ, କପଟୀ, କୁଟିଳ, ବିଷୟ ଲମ୍ପଟି... ଇତ୍ୟାଦି । ତେଣୁ ବିବାହକାଳରେ ପୁରୁଷ ଓ ସ୍ତ୍ରୀର ରକ୍ତଗତ ସାମଞ୍ଜସ୍ୟର ସମସ୍ତ ପ୍ରକାର ଅନୁଶୀଳନ କରାଯାଇ ବିବାହ ସମ୍ପନ୍ନ କରାଯାଏ । ଏ ପ୍ରକାର ଅନୁଶୀଳନ ପାଇଁ

Digitized by PPRACHIN, SOA

ଦଶମେଳକର ସୃଷ୍ଟି । ମାତ୍ର ଗଣକମାନଙ୍କର ଯଥେଷ୍ଟ ଶିକ୍ଷା ଓ ପ୍ରଶିକ୍ଷଣର ଅଭାବ ହେତୁ ନାନା ସ୍ଥାନରେ ବିଭ୍ରାଟ ଘଟେ । ତାହା ସତ୍ତ୍ୱେ ମଧ୍ୟ ଅନ୍ତତଃ ଶତକଡା ୮୦ କ୍ଷେତ୍ରରେ ସୁଫଳ ମିଳିଥାଏ ।

ମନୁ ତାଙ୍କର ସଂହିତାରେ ନିର୍ଦ୍ଦିଷ୍ଟ କରିଦେଲେ ଯେ (ଅବଶ୍ୟ ପ୍ରଗାଢ ଗବେଷଣା ପରେ) ଯେହେତୁ ବ୍ରାହ୍ମଣର ଧମନୀରେ ସର୍ବୋତ୍କୃଷ୍ଟ ରକ୍ତ ପ୍ରବାହିତ, ଅତଏବ ସେ ଚାରିବର୍ଣ୍ଣରୁ କନ୍ୟା ଗ୍ରହଣ କରିପାରିବ । କାରଣ ସ୍ତ୍ରୀର ନୀଚ ରକ୍ତକୁ ସେ ଜୀର୍ଣ୍ଣ କରିପାରିବ । ଏହି କ୍ରମରେ କ୍ଷତ୍ରିୟ ତିନି ବର୍ଣ୍ଣ, ବୈଶ୍ୟ ଦୁଇ ବର୍ଣ୍ଣ ଓ ଶୂଦ୍ର ମାତ୍ର ଏକ ବର୍ଣ୍ଣ ଅର୍ଥାତ୍ ଶୂଦ୍ରାକନ୍ୟା ଗ୍ରହଣ କରିପାରେ । ଏହାକୁ ସେ "ଅନୁଲୋମ ବିବାହ" ଆଖ୍ୟା ଦେଲେ । ତାଙ୍କର ସଂହିତାରେ ମଧ୍ୟ ପ୍ରତିଲୋମ ବିବାହ ବିଷୟ ସେ ବର୍ଣ୍ଣନା କରିଛନ୍ତି ଅର୍ଥାତ୍ ଉତ୍କୃଷ୍ଟ ରକ୍ତ ବିଶିଷ୍ଟ ସ୍ତ୍ରୀ ଗ୍ରହଣ କରିବା, ମାତ୍ର ଏପରି ବୈବାହିକ ସମ୍ବନ୍ଧକୁ ସେ ନିଷେଧ ତାଲିକାଭୁକ୍ତ କରିଅଛନ୍ତି, କାରଣ ତାଦ୍ୱାରା ପୁରୁଷର ଆୟୁକ୍ଷୟ ହୁଏ - ଏପରିକି କେତେକ କ୍ଷେତ୍ରରେ ପୁରୁଷର ତତ୍କାଳ ମୃତ୍ୟୁ ମଧ୍ୟ ଘଟିପାରେ । ଅନ୍ୟ ପକ୍ଷରେ ପୁରୁଷ ଓ ସ୍ତ୍ରୀ ସୁଖରେ ସହାବସ୍ଥାନ କରିପାରନ୍ତି ନାହିଁ ଏବଂ ନାନା ରୋଗଗ୍ରସ୍ତ ହୋଇ ଜୀବନ ଅତି ଦୁର୍ବିସହ କରିପକାନ୍ତି ।

ବର୍ତ୍ତମାନ ବିଚାର୍ଯ୍ୟ ବିଷୟ ହେଲା ଏ ସମସ୍ତ ଏକାକାର, ଏକ ଆକାର ହୁଅନ୍ତୁ, କିନ୍ତୁ ବେଦର ବିଚାରକୁ ରକ୍ଷା କରନ୍ତୁ । ବେଦରେ ନିର୍ଦ୍ଦିଷ୍ଟ କର୍ମ, ବିଧି ଓ ନିଷେଧ ଇତ୍ୟାଦିକୁ କତିପୟ ବାଚାଳ ବା ଅପଣ୍ଡିତଙ୍କ କାର୍ଯ୍ୟଭାବି ତାକୁ ଅବଜ୍ଞା ନକରି ଉକ୍ତ ତଥ୍ୟମାନ କେତେ ଗବେଷଣା, କେତେ ଆୟାସ ଓ କେତେ ଅଧ୍ୟବସାୟର ଫଳ ଏବଂ କେତେ ମନିଷୀଙ୍କର ପ୍ରଚେଷ୍ଟା ତଥା କେତେ ଯୁଗର ଅନୁଧ୍ୟାନ ତଥା ଅନୁସନ୍ଧାନର ଫଳ ତାହା ଚିନ୍ତା କରନ୍ତୁ ଓ ଏ ସମସ୍ତ ମହାନ୍ ତଥ୍ୟାବଳୀକୁ ପୁନରନୁଶୀଳନ କରନ୍ତୁ । ଏ ଦିଗରେ ପାଶ୍ଚାତ୍ୟ ପଣ୍ଡିତମାନେ ନାନା ପ୍ରକାର ଅନୁଧ୍ୟାନ କରି ଆଜିର ସମାଜକୁ ଯେଉଁ ଅଭ୍ରାନ୍ତ ଦିଗ୍‌ଦର୍ଶନ ଦେଇଛନ୍ତି ସେଥିପ୍ରତି ଆମ୍ଭ ନିଜ ଦେଶରେ ଚେଷ୍ଟା ନାହିଁ କିମ୍ବା ପୂର୍ବୋକ୍ତ ପଣ୍ଡିତମାନଙ୍କ ଅନୁଶୀଳନକୁ ଅଧ୍ୟୟନ କରିବା ବା ସେଥିପ୍ରତି ଦୃଷ୍ଟିଦେବା ମଧ୍ୟ ଆମ୍ଭମାନଙ୍କର ଆବଶ୍ୟକ ବୋଲି ଆମ୍ଭେମାନେ ମନେ କରୁନାହିଁ । ଆମେ ସେମାନଙ୍କ ଅପେକ୍ଷା ବେଶୀ ଆତ୍ମକୈନ୍ଦ୍ରିକ ଓ ଭୂତବାଦୀ ହୋଇଯାଉଛୁ । ଆମର ସ୍ୱକୀୟ ସଂସ୍କୃତିକୁ ବଜାୟ ରଖିବା ତଥାକଥିତ ଶିକ୍ଷିତ ସମାଜର ଧ୍ୟେୟ ହେଉ ।

(ବିଭାବନା)

Digitized by PPRACHIN, SOA

ଦାରିଦ୍ର୍ୟ- ଏକ ମାନସିକତା

''ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ ।''

- ଭକ୍ତକବି ମଧୁସୁଦନ

''ବିଦ୍ୱତ୍ୱଞ୍ଚ ନୃତତ୍ୱଞ୍ଚ ନୈବତୁଲ୍ୟ କଦାଚନ

ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ ।''- ଚାଣକ୍ୟ

ତେଣୁ ବିଦ୍ୟାରେ ଧନୀ, ଜ୍ଞାନରେ ଧନୀ, ଆଧ୍ୟାତ୍ମିକତାରେ ଧନୀ, ଅର୍ଥରେ ଧନୀ ଇତ୍ୟାଦି ନାନା ପ୍ରକାରର ଧନଶାଳୀ ବ୍ୟକ୍ତି ବିଦ୍ୟମାନ । ସେହିପରି ବିପରୀତ ଭାବରେ ବିଦ୍ୟାରେ ଦରିଦ୍ର, ଜ୍ଞାନରେ ଦରିଦ୍ର, ଅର୍ଥରେ ଦରିଦ୍ର ଇତ୍ୟାଦି ବିଭିନ୍ନ ପ୍ରକାର ଦରିଦ୍ର ବ୍ୟକ୍ତି ମଧ୍ୟ ମିଳିବେ । ବ୍ୟକ୍ତି କିମ୍ବା ବ୍ୟଷ୍ଟିଙ୍କୁ ଛାଡ଼ିଦେଲେ ସମଷ୍ଟି ବା ସମାଜ ତଥା ଦେଶମାନେ ମଧ୍ୟ ଧନୀ ଓ ଦରିଦ୍ର ଶ୍ରେଣୀରେ ବିଭକ୍ତ । ଏ ବିଭାଗ କିନ୍ତୁ କେବଳ ଅର୍ଥଭିତ୍ତିକ ଧନୀ ବା ଗରିବ ଦେଶ । ପୃଥିବୀର କୋଟିପତି ଧନଶାଳୀ ଦେଶ ଆମେରିକାରେ ମଧ୍ୟ ଦରିଦ୍ର ଅଛନ୍ତି- ଦୈନିକ ମଜୁରିଆଠାରୁ ଧରି କୋଟିପତି ପର୍ଯ୍ୟନ୍ତ । ସେହିପରି ଗରିବ ଦେଶମାନଙ୍କରେ ମଧ୍ୟ ଧନୀ ବ୍ୟକ୍ତି ଅଛନ୍ତି- କୋଟିପତି ମଧ୍ୟ- ଯଦିଓ ସେମାନଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଅଳ୍ପ । ତେବେ ପ୍ରକୃତ ଧନୀ ବୋଲି ଆମେ କାହାକୁ କହିବା ଏବଂ ଦାରିଦ୍ର୍ୟର ମାପକାଠି କ'ଣ ? କେତେ ଅଧିକ ସମ୍ପତ୍ତିର ଅଧିକାରୀ ହେଲେ ଜଣେ ଧନୀ ବୋଲାଇବ, ଆଉ କେତେ ଅଧିକ ସମ୍ପତ୍ତି ଠୁଳ କଲେ ସେ ଶାନ୍ତି ପାଇବ ?

ଏଇଠି ଗୋଟିଏ ନମୁନା ସ୍ୱରୂପ ରାଜା ମିଦାସଙ୍କ କଥା ମନେପଡ଼େ । ସେ ଚାହୁଁଥିଲେ ସବୁଜିନିଷ କିପରି ସୁନା ପାଲଟି ଯାଆନ୍ତା, ତାହାହେଲେ ସେ ସବୁଠାରୁ ଧନୀହୁଅନ୍ତେ ଓ ସର୍ବସୁଖରେ ରହନ୍ତେ । ଶୟନେ ସ୍ୱପନେ କିବା ଜାଗରଣେ ସର୍ବଦା ସ୍ୱର୍ଣ୍ଣ ଚିନ୍ତା- ଉଦ୍ୟାନରେ ନବରରେ, ନଗରରେ, ଗ୍ରାମରେ- ସର୍ବସ୍ଥାନରେ ସେହି ଏକ ଚିନ୍ତା । ସେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଭଗବାନ ତାଙ୍କ ସମ୍ମୁଖରେ ଆବିର୍ଭୂତ

Digitized by PPRACHIN, SOA

ହୋଇ ବର ଜାଚିଲେ । ମିଦାସ୍ କହିଲେ, "ମୁଁ ଯାହା ଛୁଇଁବି ସବୁ ସୁନା ହୋଇଯାଉ ।" ଈଶ୍ୱର ତାଙ୍କୁ ଉତ୍ତମରୂପେ ଭାବି ଚିନ୍ତି ବର ମାଗିବାକୁ କହି ଅନ୍ତର୍ଦ୍ଧାନ ହୋଇଗଲେ । ତହିଁ ପରଦିନ ଦେଖାହେବାରେ ମିଦାସ୍ ସବୁ ଭାବିଚିନ୍ତି ବର ମାଗିଛନ୍ତି କହିବାରୁ ଈଶ୍ୱର 'ତଥାସ୍ତୁ' କହି ଚାଲିଗଲେ । ପ୍ରଥମେ ତାଙ୍କ ବଗିଚାର ସମସ୍ତ ବୃକ୍ଷକୁ ଛୁଇଁବାରୁ ସବୁ ସୁନା ହୋଇଗଲା । ମିଦାସ୍‌ଙ୍କ ଆନନ୍ଦ କହିଲେ ନସରେ । ମଧ୍ୟାହ୍ନ ଭୋଜନ କରିବା ବେଳକୁ ତାଙ୍କର ଅନ୍ନ, ବ୍ୟଞ୍ଜନ ଓ ପାନୀୟ ଜଳ ସୁନା ହୋଇଯିବାରୁ ମିଦାସ୍ ବଡ଼ ବ୍ୟସ୍ତ ହୋଇ କାନ୍ଦିବାକୁ ଲାଗିଲେ । ତାଙ୍କର କନ୍ୟା ଯେତେବେଳେ ତାଙ୍କୁ ଆଶ୍ୱାସନା ଦେବାକୁ ଆସି ସ୍ପର୍ଶକଲା, ସେ ମଧ୍ୟ ସୁନା ପାଲଟିଗଲା । ରାଜା ମର୍ମାହତ ହୋଇ ଭଗବାନଙ୍କୁ ତାଙ୍କର ବର ଫେରାଇନେବାକୁ ଅନୁନୟ ହେବାରୁ ବୃକ୍ଷଲତା, କନ୍ୟା ଇତ୍ୟାଦି ଜୀବନ ପାଇଲେ । ଏହି ଉପାଖ୍ୟାନଟି ଏଠାରେ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା ଯେ ଧନ କେବେ ମନୁଷ୍ୟର ସୁଖର ଉତ୍ସ ହୋଇନପାରେ ।

ଭକ୍ତକବି ମଧୁସୂଦନଙ୍କ ଲେଖନୀ ନିସୃତ କେତୋଟି ପଂକ୍ତି-

"ମୁକୁଟ ମଣ୍ଡିତ ରାଜ ଶିର
ନୁହଇ ଶାନ୍ତି ଆସ୍ପଦ ଆଶଙ୍କା ଭୟ ବିପଦ
ନିରନ୍ତର ରାଜମନ କରଇ ଅସ୍ଥିର
ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର ।"

ତେଣୁ ଅର୍ଥର ମୋହ ସର୍ବଥା ପରିତ୍ୟଜ୍ୟ । ସ୍ୱାମୀ ବିବେକାନନ୍ଦ ଭାରତର ଦର୍ଶନକୁ ବିଦେଶୀମାନଙ୍କ ସମ୍ମୁଖରେ ଚିକାଗୋ ଭାଷଣରେ ଉପସ୍ଥାପିତ କରି କହିଥିଲେ, "ଆମର ନୀତି ହେଉଛି କେତେ ଅଳ୍ପରେ ଜଣେ ଚଳିପାରିବ, ମାତ୍ର ପାଶ୍ଚାତ୍ୟ ଦେଶବାସୀଙ୍କର ଠିକ୍ ତାର ବିପରୀତ- ଜଣେ କେତେ ଅଧିକ ଧନର ଅଧିକାରୀ ହୋଇପାରିବ । ତେଣୁ ସେମାନଙ୍କୁ ଦିନ ରାତି ଅଣ୍ଟେ ନାହିଁ, ଯେତେ ଧନ ସଂଗ୍ରହ କଲେ ମଧ୍ୟ ଲୋଭର ଅନ୍ତନାହିଁ । ତେଣୁ ସେମାନଙ୍କ ମାନସିକତା ଦରିଦ୍ର । ତା ନହୋଇଥିଲେ ସେମାନେ 'ଔର ବଡ଼ା, ଔର ବଡ଼ା ହେଉନଥାନ୍ତେ ?" ପାଶ୍ଚାତ୍ୟ କବିମାନେ ମଧ୍ୟ ଦାରିଦ୍ର୍ୟ ମଧ୍ୟରେ ଶାନ୍ତି ଓ ଆନନ୍ଦର

Digitized by PPRACHIN, SOA

ସନ୍ଧାନ କରିଛନ୍ତି । ମିଲର୍ ଅଫ୍ ଦି ଡ଼ି କହିଛି, ''I owe no body and no body owes me '' ଯୁଧିଷ୍ଠିର ଯକ୍ଷକୁ କହିଥିଲେ, ''ଦିବସସ୍ୟାଷ୍ଟମେ ଭାଗେ ଶାକଂପଚତି ଯୋନରଃ, ଚାନୃଣୀ-ଚାପ୍ରବାସୀତ ସବାରିଚର ମୋଦତେ ।'' ଶଙ୍କରାଚାର୍ଯ୍ୟ ମଧ ସମାଜକୁ ଚେତାବନୀ ଦେଇ କହିଛନ୍ତି,

''ମୂଢ଼ ଯହିହି ଧନାଗମ ତୃଷ୍ଣା; କୁରୁତନୁ ବୁଦ୍ଧିମନସି ବିତୃଷ୍ଣା

ଯଲ୍ଲଭସେ ନିଜ କର୍ମୋପାତଂ, ବିତ୍ତଂତେନଂବିନୋଦୟ ଚିତ୍ତଂ ।''

ଅର୍ଥାତ୍ ରେ ମୂଢ଼, ତୁ ଧନ ଆଗମନର ତୃଷ୍ଣାକୁ ପରିହାର କର । ତନୁ, ମନ ଓ ବୁଦ୍ଧିରେ ବିତୃଷ୍ଣା (ଧନପ୍ରତି) ଭାବକୁ ଜାଗ୍ରତ କର । ନିଜ କର୍ମରେ ଯେତକି ଧନ ପାଉଛୁ, ସେତିକିରେ ଚିତ୍ତ ବିନୋଦନ କର । ଇଂରାଜୀରେ ଗୋଟିଏ ଉଚ୍ଚକୋଟୀର ମହତ୍‌ବାଣୀ ଅଛି ।

"Money can buy book- not brain; Money can buy medicine - not health; Money can buy cosmetics- not beauty; Money can buy bed- not sleep; Money can buy house- not home; Money can buy temple- not Lord".

ତେଣୁ ଅର୍ଥ ଯେ ମନୁଷ୍ୟର ସବୁ କିଛି- ଏହା ଆଦୌ ନୁହେଁ । ଜଣେ ଧନୀ ବାଳକ ବହୁତ ବହି କିଣିଲା, ପଢ଼ିଲା ମାତ୍ର ପରୀକ୍ଷାରେ ଅକୃତକାର୍ଯ୍ୟ ହେଲା, ବହୁତ ଔଷଧ ସେବନ କଲା, ମାତ୍ର ସ୍ୱାସ୍ଥ୍ୟ ଫେରିପାଇଲା ନାହିଁ, ସପ୍ତତଳ ପ୍ରସାଦ ନିର୍ମାଣ କଲା, ଗୃହରେ ସର୍ବଦା ଅଶାନ୍ତି ଲାଗି ରହିଲା ତୁଳି ତୁଳ୍ପ ଶଯ୍ୟାରେ ଶୟନ କଲା ମାତ୍ର ନିଦ ଆସିଲା ନାହିଁ । ଅଜସ୍ର ଧନ ଖର୍ଚ୍ଚ କଲେ ମଧ ନିଦ୍ରା, ବୁଦ୍ଧି, ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଆଦି କିଣି ହେବନାହିଁ । ତେବେ ଉପାୟ କ'ଣ ? ଯେଉଁ ବ୍ୟକ୍ତି ଶାଗ, ପଖାଳ ଟିକିଏ ଦିନକୁ ଥରେ ମାତ୍ର ଖାଇବାକୁ ପାଉଛି ମାତ୍ର ସୁଖଶାନ୍ତିରେ ଅଛି- ଅନ୍ୟ ଭାଷାରେ ସେ ହିଁ ଧନୀ । 'ପ୍ରତୁ ଭବତି ଦରିଦ୍ରଃ, ଯସ୍ୟ ତୃଷ୍ଣା ବିଶାଳା, ମନସିଚ ପରିତୁଷ୍ଟେ କୋଦ୍ଧର୍ଥବାନ୍, କୋ ଦରିଦ୍ରଃ'' ତୃଷ୍ଣାହିଁ ଦାରିଦ୍ର୍ୟର ମାପକାଠି ଏବଂ ସନ୍ତୋଷହିଁ ଧନବାନ୍‌ର ମାପକାଠି ।

ଅବଶ୍ୟ ଧନର ଯେ ଆବଶ୍ୟକତା ନାହିଁ- ଏମନ୍ତ ନୁହେଁ । ଧର୍ମ, ଅର୍ଥ, କାମ, ମୋକ୍ଷ, ଚତୁର୍ବର୍ଗ ମଧ୍ୟରେ ଅର୍ଥ ଯେ ଗୋଟିଏ ବର୍ଗ ଏବଂ ତାହାର ଯେ ସମାଜରେ

Digitized by PPRACHIN, SOA

ଆବଶ୍ୟକତା ରହିଛି, ତାହା ଆମ୍ଭର ପୂର୍ବ ସୁରୀମାନେ ଦର୍ଶାଇ ଯାଇଛନ୍ତି । ମୁଁ ପନ୍ଦର ମାଇଲ୍ ଯିବି- ସାଇକଲ୍‌ଟିଏ ଆବଶ୍ୟକ, ଶହେ ମାଇଲ୍ ଯିବି- ମଟର ଗାଡ଼ିଟିଏ ଆବଶ୍ୟକ । ଯେତିକି ନିତାନ୍ତ ଆବଶ୍ୟକ ସେତିକି ପାଇଁ ଅର୍ଥ ଅନ୍ୱେଷଣ କରିବା- ତା ପରକୁ ନୁହେଁ । ଅର୍ଥର ମାପକାଠିରେ ଯେ ଧନୀ ନିର୍ଦ୍ଧନର ବିଚାର କରାଯାଉଅଛି, ତାହା ଆଜିର ସମାଜର ଏକ ଭ୍ରମ, ଏକ ଦିଗ୍‌ଭ୍ରାନ୍ତି । ପାଶ୍ଚାତ୍ୟ ସଭ୍ୟତାକୁ ଯେଉଁଦିନୁ ଅନୁଧାବନ କରିଛୁ, ଆମେ ଧନ ପଛରେ ଗୋଡ଼ାଉଛୁ, ସେହି ଦିନଠାରୁ ଆମେ ନିର୍ଦ୍ଧନ ହେବାକୁ ଆରମ୍ଭ କରିଛୁ । ଯେତେ ଦଉଡ଼ି ଦଉଡ଼ି ଆଣ୍ଠୁ, ଗଣ୍ଠି ଛିଣ୍ଡାଇ ଦେଲେ ବି, ଆମେ ପଛୁଆବର୍ଗ (Developing-Countries) । ତଥାକଥିତ ଧନିକବର୍ଗଙ୍କ କଥା ଦେଖାଯାଉ । ଆମେରିକା ଇଂଲଣ୍ଡବାସୀଙ୍କର ରାତିରେ ନିଦ ହେଉନାହିଁ ଯେତେ ନିଦ ବଟିକା ଖାଇଲେ ମଧ । ଏତେ ସମ୍ପତ୍ତିର ମୂଲ୍ୟ କ'ଣ ? ଦିନ ରାତି ପ୍ରଗାଢ଼ ପରିଶ୍ରମ କରି ଧନ ବଢ଼ାଇବାରେ ବ୍ୟସ୍ତ, କିନ୍ତୁ ପରିଣାମରେ କ'ଣ ମିଳୁଛି ? ଯେତେ ବ୍ରେନ୍ (Brain) ସବୁ ପୂର୍ବ ଦେଶମାନଙ୍କରୁ ନିଆଯାଉଛି । ଆମର Brain drain ହେଉଛି, ତାଙ୍କୁ ଆମେ ବ୍ରେନ୍ ଯୋଗାଉଛୁ ।

ତେଣୁ ଦାରିଦ୍ର୍ୟ- ଏକ ମାନସିକତା (It is a state of the mind) ଶାନ୍ତିପାଇଁ ପାଶ୍ଚାତ୍ୟ ସଭ୍ୟତା ଭାରତ ଅଭିମୁଖେ ଧାବମାନ । ଆମେ ସେମାନଙ୍କର ଶିକ୍ଷା ତଥା ଦୀକ୍ଷାଗୁରୁ । ଆମର ସଂସ୍କୃତିର ପ୍ରଶଂସାରେ ସେମାନେ ଆସି ଆମର ନୃତ୍ୟ, ଗୀତ, ସାହିତ୍ୟ ଇତ୍ୟାଦିରେ ଶିଷ୍ୟ ସାଜିଛନ୍ତି । ଧାର୍ମିକ ଗୁରୁମାନଙ୍କୁ ଆଧାତ୍ମିକତାର ଅନୁସନ୍ଧାନରେ ଗୁରୁ କରୁଛନ୍ତି । ଏମାନେ ତ ଗୋଟିଏ ଗୋଟିଏ ଫକୀର, କିନ୍ତୁ କୋଟିପତିମାନଙ୍କର ମସ୍ତକ ଏମାନଙ୍କ ପାଦତଳରେ ଲୋଟେ । ଅହଂକାର ବଶତଃ ଦେଶ ଦେଶ ମଧ୍ୟରେ ଲଢ଼େଇ ଲାଗିଛି, ମାତ୍ର ଭାରତ କେବେ କାହାକୁ ଆକ୍ରମଣ କରିଛି କି ? ଭାରତକୁ ନାନା ଭାବରେ ଅତ୍ୟାଚାରିତ ଓ ଶୋଷିତ କରିମଧ ଏମାନେ ସନ୍ତୁଷ୍ଟ ନୁହଁନ୍ତି । ଯେତେ ଯାହା କଲେ ମଧ ଆମର ଐତିହ୍ୟ, ଆମର ସଂସ୍କୃତି ଓ ଆମର ପରମ୍ପରାକୁ ଏମାନେ ଛଡ଼ାଇ ନେଇପାରିବେ କି ? ଆମର ବେଦ, ବେଦାଙ୍ଗ, ଉପନିଷଦ, ଦର୍ଶନ ଇତ୍ୟାଦି ତଥା ଗଣିତ, ବିଜ୍ଞାନ, ଜ୍ୟୋତିଷ ପ୍ରଭୃତିର ଆବିଷ୍କାରକୁ ଗବେଷଣା କରି ସେମାନେ ଚକିତ ହୋଇଯାଉଛନ୍ତି । ଏବେ ସେମାନେ ହୃଦୟଙ୍ଗମ କଲେଣି ଯେ, ସନାତନ ଧର୍ମ ହେଉଛି

Digitized by PPRACHIN, SOA

ପୃଥିବୀର ଏକମାତ୍ର ପ୍ରାଚୀନତମ ସଂସ୍କୃତି । ଏ ଧର୍ମର ପ୍ରବକ୍ତା ତଥା ପ୍ରଚାରକମାନଙ୍କର ପ୍ରଚୁର ଧନ ନଥିଲା କିନ୍ତୁ ଯେଉଁ ଧନ ଥିଲା, ତାହା ଦୁର୍ଲ୍ଲଭ । ଏମାନେ ପୃଥିବୀର ସବୁଠାରୁ ଧନୀ । ଆମେ ଆଜି ତାଙ୍କ ଆଗରେ ହାତପାତି ଅର୍ଥ ଭିକ୍ଷା କରୁଛୁ । ଆମେ ଦରିଦ୍ର ନୋହୁଁ, ମାତ୍ର ଆମର ମାନସିକତା ଏବେ ଦରିଦ୍ର ହୋଇଯାଇଛି । ତେଣୁ ପୂର୍ବ ସୁରୀମାନଙ୍କର ଅନୁସରଣ ଓ ଅନୁକରଣ କରି ଉକ୍ତ ଉନ୍ନତ ମାନସିକତାର ପୁନରୁଦ୍ଧାର କରିବା ଆଜିର ଯୁବପିଢ଼ିପାଇଁ ଏକ ବିରାଟ ଆହ୍ୱାନ ।

(ଖୋଲାଦ୍ୱାର)

❖❖❖

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ବିବିଧ ପ୍ରଭାଗ

Digitized by PPRACHIN, SOA

ବର୍ଗୀ ଆସୁଛି

ଆମ ପିଲାଦିନର କଥା । ବୁଢା ବାପା, ବୁଢୀମା' ମାନେ ଆମକୁ ଭୟ ଦେଖାନ୍ତି ବର୍ଗୀ ଆସୁଛି, ଶୋଇପଡରେ ପୁଅ । ବର୍ଗୀ କହିଲେ ଗୋଟିଏ କିଛି ଭୟଙ୍କର ମନୁଷ୍ୟ, ଘୋଡା ଚଢିଆସୁଥିବ, ହାତରେ ଖଣ୍ଡା, କିମ୍ଭୁତ କିମାକାର ଚେହେରା, ତା ସାଙ୍ଗକୁ ପୋଷାକ, ଘରେ ଘରେ ପଶି ସମସ୍ତଙ୍କ ସମ୍ପତ୍ତି ଲୁଟିନେବ, ମାରିବ, ପିଟିବ ଇତ୍ୟାଦି ଗୋଟିଏ ଅସ୍ପଷ୍ଟ ଧାରଣା । ତା ନାଁ ଶୁଣିଲେ ଆମ ପିଲାମାନଙ୍କ ମନରେ ଏକ ଅଜ୍ଞାତ ଭୟର ସଞ୍ଚାର ହୁଏ । ମୋ ଗାଁରେ ସେଭଳି ଆଖି ଦୃଷ୍ଟିଆ କେହି ନଥାନ୍ତି । ଗାଁଟା ଯାକ ଗରିବ । ମୁଁ ଭାବେ କଣ ଯାଙ୍କ ଘରମାନଙ୍କରେ ପଶି ଧାନ, ଚାଉଳ, ରବି, ରସଣ, ଖଟ, ଢିଙ୍କି, ଗୁଡ ନେଇଯିବ । ସେମାନେ ଯେ ଦଳବାନ୍ଧି ସମୁହ ଲୁଣ୍ଠନ କରୁଥିଲେ ସେ କଥା ଆମକୁ ଜଣା ନଥିଲା । ଛୁଆଧରା ଆସିଛି କହିଲେ ଆହୁରି ଭୟ - ଆମକୁ ଗୋଟିଏ ଛୋଟ ଅଖାରେ ପୁରାଇ ତାଳ କିମ୍ବା ବୋଇତି କଖାରୁ ପରି ପିଠିରେ ପକାଇ ନେଇଯିବ, ଆଉ ଦେବୀଙ୍କ ପାଖେ ବଳି ଦେଇଦବ ।

ଟିକିଏ ବଡ ହେଲାରୁ ପଢିଲୁ ଠଗ ମାନଙ୍କ କଥା । କିମିତି ସେମାନେ ମନୁଷ୍ୟମାନଙ୍କୁ ମାରି ସମସ୍ତ ଧନ ସମ୍ପତ୍ତି ଲୁଟ୍ କରନ୍ତି । ଦସ୍ୟୁରତ୍ନାକର କିମିତି ଲୋକ ମାରୁଥିଲା, ପୁଣି ପରେ ବାଲ୍ମିକୀ ମୁନି ପାଲଟିଗଲେ । ଆଉ ଟିକିଏ ପରେ ମହାଭାରତ କଥା, କାଳଯବନ, ସେମାନେ କୃଷ୍ଣଙ୍କୁ ଗୋଡେଇଥିଲେ, ତାଙ୍କ ହାତରେ ମଲେ, ଅର୍ଜୁନଙ୍କଠାରୁ ଯାଦବ ରମଣୀମାନଙ୍କୁ ଛଡାଇ ନେଇଥିଲେ ଇତ୍ୟାଦି । ଚମ୍ବଲ ଦସ୍ୟୁ, ନକ୍ସଲାଇଟ ଓ ଆନନ୍ଦ ମାର୍ଗୀ ଇତ୍ୟାଦି ତ ଆମ ଅଙ୍ଗେ ନିଭେଇବା କଥା । ଯିଶୁଖ୍ରୀଷ୍ଟ ଧର୍ମ ପ୍ରଚାର କଲାବେଳେ ଇହୁଦିମାନେ ତାଙ୍କୁ ମାରିଲେ ଓ ପରେ ପରେ ଖ୍ରୀଷ୍ଟିୟାନମାନଙ୍କ ନିର୍ଯ୍ୟାତନାର ଶିକାର ହେଲେ । ସେମାନଙ୍କର ଦ୍ୱେଷ ଭାବକୁ କୁହାଗଲା ଆଣ୍ଟି ସେମିଟିକ ଫିଲିଙ୍ଗ ଯାହା ଏବେ ଦୁଇ ହଜାର ବର୍ଷପରେ ବି ରହିଛି, ଆଉ କେତେ ହଜାର ବର୍ଷଯାଏ ରହିବ କହି ହେଉନି । ଏଇ କାଲି ସକାଳେ ତ ହିଟଲର ନିରୀହ ଇହୁଦି ଶିଶୁ, ନାରୀ ଓ ପୁରୁଷ ସମସ୍ତଙ୍କୁ କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପ ମାନଙ୍କରେ ମାରିଚି । ମହମ୍ମଦ ଇସ୍‌ଲାମ ଧର୍ମ ପ୍ରଚାର କଲାବେଳେ ପାର୍ଶୀମାନଙ୍କୁ ଯେଉଁ ନିର୍ଯ୍ୟାତନା ଦିଆଗଲା ସେଥିରେ ଅତିଷ୍ଠ ହୋଇ ଅନେକ ଭାରତକୁ ପଳାଇ ଆସିଲେ । ସେମାନେ ଭାରତୀୟ ଭାବଧାରାରେ ନିଜକୁ ସାମିଲ କରିନେଲେ - ଆଜି ସେମାନେ ଭାରତୀୟ ।

ସହସ୍ର ସହସ୍ର ବର୍ଷ ଧରି ମନୁଷ୍ୟର ମନୁଷ୍ୟ ପ୍ରତି ଏପ୍ରକାର ଅତ୍ୟାଚାର ଚାଲିଛି । Survival of the fittest ପ୍ରଣାଳୀରେ ବଳଯାର ବୁଢାପଙ୍କ ତାର ହୋଇଛି । ଏ ସଂଗ୍ରାମରେ

Digitized by PPRACHIN, SOA

ଯେ ବିଜୟୀ ହୋଇଛି ସେ ଇତିହାସ ସୃଷ୍ଟି କରିଛି । ଆଉ ଯେ ପରାଜୟ ବରଣ କରିଛି ସେ ଆତ୍ମାହୁତି ଦେଇଛି କିମ୍ବା ନିଜର ଭିଟାମାଟି ଛାଡି ପଳାୟନ କରିଛି । ଏବେ ଯେପରି କାଶ୍ମୀର ପଣ୍ଡିତମାନଙ୍କ ଦଶା ହୋଇଛି । ମାତ୍ର ଏବେ ସନ୍ତ୍ରାସବାଦ ବୋଲି ଯେଉଁ ନୂତନ ଶବ୍ଦର ସୃଷ୍ଟି ହୋଇଛି ତାର ବ୍ୟାପକତା ସମ୍ବନ୍ଧେ ଚିନ୍ତା କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ । କାଳ ଯବନମାନେ ସନ୍ତ୍ରାସବାଦୀ ଥିଲେ ଓ ଠଗମାନେ ମଧ୍ୟ ସେଇଆ । ସେ ସନ୍ତ୍ରାସବାଦର ଲୋପ ସରକାର କଲେ କାରଣ ତାହା ହେଲା ସରକାରଙ୍କର ଦାୟିତ୍ୱ, ନଚେତ୍ ଶାସନର ଦୁର୍ବଳତା ପ୍ରତିପାଦିତ ହେବ ଏବଂ ଦୁର୍ବଳ ସରକାର ଭାଙ୍ଗି ପଡିବ । ମାତ୍ର ଯେଉଁଠି ସରକାରୀ ପ୍ରୋତ୍ସାହନରେ ସନ୍ତ୍ରାସବାଦ ଚାଲେ ସେଠି ଉପାୟ କଣ ? ଯେପରି ହିଟ୍‌ଲର୍ ସମୟର ଇହୁଦି ମାରଣ । ସେପରି ସ୍ଥଳେ ସରକାରର ପତନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡେ । ନାଜି ଓ ଫାସିଷ୍ଟମାନଙ୍କ ପରାଜୟ ପରେ ଏ ଜଘନ୍ୟ ଓ ହୀନକାର୍ଯ୍ୟର ଯବନିକା ପତନ ହେଲା ।

ଆମର ଗୋଟିଏ ପ୍ରବାଦ ଅଛି, ସ୍ୱଜାତି ପର ହିଂସ୍ରକ । ଗୋଟିଏ କୁକୁର ଆଉ ଗୋଟିଏ କୁକୁର ଦେଖିଲେ ଭୁକାଭୁକି କରି କାମୁଡି ଗୋଡାଇବାକୁ ଦୌଡେ, ମନୁଷ୍ୟର ଜ୍ଞାନ ଥାଇ ମଧ୍ୟ ସେ ସବୁଠାରୁ ବେଶୀ ହିଂସ୍ର ହୋଇପଡିଛି । ସହନଶୀଳତା ଆମର ନୀତି ବୋଲି ସମସ୍ତ ଦେଶ ଘୋଷଣା କରୁଛନ୍ତି, ପରସ୍ପର ମଧ୍ୟରେ ଚୁକ୍ତି ସ୍ୱାକ୍ଷର କରୁଛନ୍ତି, ଜାତୀୟ ନେତାମାନେ ପ୍ରତିଦିନ ବିଭିନ୍ନ ଦେଶ ଗସ୍ତକରି ଏପରି ଚୁକ୍ତି କରି ଚାଲିଛନ୍ତି, ମାତ୍ର କାର୍ଯ୍ୟତଃ ଶତକଡା ଅଶୀଭାଗ ପାଳିତ ହୋଇପାରୁନି କାରଣ ଜନସାଧାରଣ ମଧ୍ୟରୁ ଯେ ପର୍ଯ୍ୟନ୍ତ ସହନଶୀଳ ନ ହୋଇ କେତେକ ମୌଳବାଦୀ ରହିଥିବେ, ସେ ପର୍ଯ୍ୟନ୍ତ ସନ୍ତ୍ରାସବାଦ ରହିଥିବ । ବୋସନିଆରେ ଏହି କାରଣରୁ କ୍ରୋୟେସିଆ ଓ ବୋସନିଆର ଈସାଇ ଓ ମୁସଲମାନମାନଙ୍କ ମଧ୍ୟରେ ଜାତିସଂଘ ମାଧ୍ୟମରେ ବହୁବାର ଯୁଦ୍ଧ ବିରତି ଓ ଶାନ୍ତି ଚୁକ୍ତି ହେଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେବା ସମ୍ଭବପର ହେଉନାହିଁ । ଆଫଗାନିସ୍ଥାନରେ ପରସ୍ପର ମଧ୍ୟରେ ପଣପାଇଁ (Authority) ହାଣକାଟ ହୋଇ ଲକ୍ଷ ଲକ୍ଷ ଲୋକ ମଲେଣି । ବିମାନ ଅପହରଣ, ରେଳଗାଡି, ବସ୍ ତଥା କାରମାନଙ୍କରେ ବିସ୍ଫୋରଣ, ବମ୍ବେ ଓ କଲିକତା ବିସ୍ଫୋରଣ ଇତ୍ୟାଦି ସନ୍ତ୍ରାସବାଦର ଗୋଟିଏ ଗୋଟିଏ ନମୁନା । କାଶ୍ମୀରରେ ତ ଏହା ଏକ ନିତ୍ୟନୈମିତିକ ଘଟଣା ।

ଇତିହାସ ପୃଷ୍ଠାରେ ସନ୍ତ୍ରାସବାଦର ଯେତିକି ଉଦାହରଣ ଆମ୍ଭେମାନେ ପାଉଁ ବର୍ତ୍ତମାନର ସନ୍ତ୍ରାସବାଦର ବର୍ଣ୍ଣନା କଲେ ତାହା ଯୁଗ ଯୁଗ ଧରି ଯେତେ ଘଟଣା ଘଟିଛି, ତା ଠାରୁ ଅଧିକ ହେବ । ଏଠାରେ ଗୋଟିଏ ବିଷୟର ଅବତାରଣା କଲେ ଅପ୍ରାସଙ୍ଗିକ

Digitized by PPRACHIN, SOA

ହେବନାହିଁ । ଭାରତର ସନାତନ ଧର୍ମ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଧର୍ମ । ଏ ଧର୍ମ କେବଳ ମାନବ ନୁହେଁ ବରଂ ସମସ୍ତ ଜୀବ ଜଗତର କଲ୍ୟାଣପାଇଁ ଉଦ୍ଦିଷ୍ଟ । ଭାରତରେ ଏହାର ସୃଷ୍ଟି ହେଲେ ମଧ୍ୟ ଏହା କେବଳ ଭାରତୀୟଙ୍କ ମଧ୍ୟରେ ସୀମାବଦ୍ଧ ନୁହେଁ- ଏହା ସମଗ୍ର ପୃଥିବୀବାସୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ । ଏ ଧର୍ମ ସମସ୍ତଙ୍କ ମଙ୍ଗଳ କାମନା କରେ । ତେଣୁ ହିନ୍ଦୁ 'ସର୍ବେ ଭବନ୍ତୁ ସୁଖୀନଃ' ବୋଲି କହେ ଏବଂ ଚିନ୍ତା ମଧ୍ୟକରେ । ତେଣୁ ଏ ମାଟିରେ ସନ୍ତ୍ରାସବାଦ ସମ୍ଭବ ନୁହେଁ । ଭାରତ ବର୍ଷ କେବେହେଲେ ଅନ୍ୟ ଦେଶକୁ ଆକ୍ରମଣ କରିନାହିଁ, ବରଂ ଅନ୍ୟ ଦେଶକୁ ବନ୍ଧୁତ୍ୱ ଶୃଙ୍ଖଳାରେ ବନ୍ଧନ କରିଅଛି । ଭାରତର ସନ୍ତାନ 'ଥିରିପୁତ୍ତ' ଶତ୍ରୁ ଅଲକ୍ଷେନ୍ଦ୍ରର ସୈନିକକୁ ରୋଗମୁକ୍ତ କେବଳ କରିନାହିଁ, ଶତ୍ରୁଦେଶ ଗ୍ରୀସକୁ ଯାଇ ସେଠାକାର ଲୋକଙ୍କୁ ଆୟୁର୍ବେଦ ଶିକ୍ଷା ଦେଇଛି । ଏପରି ଭୁରି ଭୁରି ଦୃଷ୍ଟାନ୍ତ ଦିଆଯାଇପାରେ । ଏହି ପରିପ୍ରେକ୍ଷୀରେ ଅନ୍ୟାନ୍ୟ ଧର୍ମ ଯଥା ଈଶାଇ ବା ମୁସଲମାନଙ୍କ କଥା ଚିନ୍ତା କରାଯାଉ । ଆମର ବେଦ ଅପୌରୁଷେୟ, ମାତ୍ର ବାଇବେଲ ଯିଶୁଙ୍କ ବାଣୀ ଏବଂ କୋରାନ୍ ମହମ୍ମଦଙ୍କ ଉପେଦେଶାବଳୀ । ସେମାନେ ନିଜକୁ ଭଗବାନ ବୋଲି ନ କହି ତାଙ୍କର ପୁତ୍ର ବା ଦୂତ ବୋଇ ନିଜକୁ ପରିଚୟ ଦିଅନ୍ତି । ମାତ୍ର ଫଳତଃ ସେହିମାନେ ହିଁ ଭଗବାନଙ୍କ ସ୍ଥାନ ଅଧିକାର କରିନେଇଛନ୍ତି । ଗୀର୍ଜାମାନଙ୍କରେ ଭଗବାନଙ୍କ ଅପେକ୍ଷା ଯିଶୁଙ୍କର ପୂଜା ଅଧିକ ହୁଏ ଏବଂ ମୁସଲମାନଙ୍କ କ୍ଷେତ୍ରରେ ମଧ୍ୟ ସେଇକଥା । ସେମାନଙ୍କର ନିଜ ଧର୍ମ ବ୍ୟତୀତ ଅନ୍ୟ ଧର୍ମମାନଙ୍କ ପ୍ରତି ବିଦ୍ୱେଷଭାବ ରହିଅଛି, ଯାହାକୁ କୁହାଯାଏ ଆଣ୍ଟିସେମିଟିକ୍ (Anti Semitic feeling) ଭାବନା । ଏହି ଭାବନା ହେତୁ ସେମାନେ ଜେହାଦ୍ ବା ଧର୍ମଯୁଦ୍ଧର ଡାକରା ଦିଅନ୍ତି । ଇତିହାସର ଅଧିକାଂଶ ଘଟଣା ଓ ଯୁଦ୍ଧ ଧର୍ମଯୁଦ୍ଧରେ ଭରପୂର ଏବଂ ସେଇଥିପାଇଁ ଅନେକ ପ୍ରାଣନାଶ ଘଟିଛି ଓ ଏବେ ମଧ୍ୟ ଘଟିଚାଲିଛି । ସେମାନେ ଅନ୍ୟ ଧର୍ମର ବ୍ୟକ୍ତିଙ୍କୁ ସ୍ୱ ସ୍ୱ ଧର୍ମରେ ଦୀକ୍ଷିତ କରିବାକୁ ସର୍ବଦା ଚେଷ୍ଟିତ । ଅନ୍ୟ ଧର୍ମାବଲମ୍ବୀମାନେ ବିଧର୍ମୀ ଏବଂ ସେମାନଙ୍କୁ ସମୁଳେ ନିଃଶେଷ କରିବା ସେମାନଙ୍କର ଲକ୍ଷ୍ୟ । ସନ୍ତ୍ରାସବାଦର ସୃଷ୍ଟି ଏପରି ଏକ ମାନସିକତାରୁ ।

ଯେତେବେଳେ ଖଲିଫା, ଶାହାଜାଦା, ପୋପ୍ ଇତ୍ୟାଦିମାନଙ୍କ ଶାସନରେ ବା ନିର୍ଦ୍ଦେଶରେ ବିଭିନ୍ନ ଦେଶ ପରିଚାଳିତ ହେଉଥିଲେ ସେତେବେଳେ ସନ୍ତ୍ରାସବାସର ମାତ୍ରା ସ୍ୱଳ୍ପ ଥିଲା । ଗମନାଗମନର ସୁବିଧା ମଧ୍ୟ ନ ଥିଲା । ଏବେ ପ୍ରାୟ ସମସ୍ତ ଦେଶ ଗଣତନ୍ତ୍ରକୁ ଆଗ୍ରହ କରିବା ହେତୁ ପ୍ରତ୍ୟେକ ନିଜକୁ ସ୍ୱାଧୀନ ମନେକଲେ ଏବଂ ଫଳତଃ ସ୍ୱାଧୀନତା ସ୍ୱେଚ୍ଛାଚାରିତାର ରୂପ ନେଲା ଏବଂ ସନ୍ତ୍ରାସବାଦର ବୀଜ ବିଶାଳ ବୃକ୍ଷରୂପେ ଦଣ୍ଡାୟମାନ ହେଲା । ଅନେକ ରାଷ୍ଟ୍ର ନିଜକୁ ଧର୍ମଭିତ୍ତିକ ରାଷ୍ଟ୍ରଭାବେ ଘୋଷଣା କଲେ । ଏହି

Digitized by PPRACHIN, SOA

ରାଷ୍ଟ୍ରମାନଙ୍କରୁ ସନ୍ତ୍ରାସବାଦୀମାନେ ପୃଥିବୀର କୋଣ ଅନୁକୋଣରେ ଜୀବାଣୁମାନଙ୍କ ପରି ପରିବ୍ୟାପ୍ତ । ଏହା ବର୍ତ୍ତମାନ ଏପରି ଅବସ୍ଥାରେ ପହଞ୍ଚିଛି ଯେ, ଏ ରୋଗରୁ ମୁକ୍ତ ହେବା ଏକ ବଡ କଷ୍ଟକର ବ୍ୟାପାର ହୋଇପଡିଛି । ଏଥିରେ ମଧ୍ୟ ସ୍ୱାର୍ଥ ସିଦ୍ଧିପାଇଁ ଆମେରିକା ପରି ବିକଶିତ ରାଷ୍ଟ୍ରମାନେ ଜାଣିଶୁଣି ଆଖିବୁଜି ହେଉଛନ୍ତି । ବାହାରେ ସନ୍ତ୍ରାସବାଦକୁ ଉତ୍ପାଟନ କରିବାକୁ କହୁଥିଲେ ମଧ୍ୟ ଭିତରେ ଭିତରେ ଆଖି ମିଟିକାମାରି ଭାରତକୁ ଅଶାନ୍ତ ତଥା ବିଖଣ୍ଡିତ କରିବାକୁ ଚେଷ୍ଟିତ ଥିବା ପରି ପ୍ରତୀୟମାନ ହୁଏ ।

ବର୍ଗୀମାନେ ଆସୁଥିଲେ, କେତେ ଗୁଡିଏ ଗ୍ରାମ ଉପରେ ହାମଲା କରୁଥିଲେ । ମାତ୍ର ଆଜିର ବର୍ଗୀ ସମଗ୍ର ପୃଥିବୀକୁ କବଳିତ କରିବାକୁ ଚେଷ୍ଟିତ । ତେଣୁ "ବର୍ଗୀ ଆସୁଅଛି କେବଳ ନୁହେଁ ବର୍ଗୀ ଆସିଲାଣି, ଆସିଛି ଓ ଆସିବ ମଧ୍ୟ । ଏମାନଙ୍କୁ ଉତ୍ପାଟନ କରିବାକୁ ଜନସାଧାରଣଙ୍କର ଦୃଢତା, ନିଷ୍ଠା ତଥା ଚେଷ୍ଟାମଧ୍ୟ ବହୁଭାବେ ଆବଶ୍ୟକ । ଏହା ଏକ ଜାତୀୟ ବିପତ୍ତି, ତେଣୁ ଆଜି ସମସ୍ତଙ୍କୁ ଏକ ପ୍ରାଣ ହୋଇ ଏହାର ଦୃଢ ମୁକାବିଲା କରିବା ଆବଶ୍ୟକ ।

(ସପ୍ତାରଣ୍ୟ-୧୯୯୬)

❖❖❖

Digitized by PPRACHIN, SOA

ଗୋଟିଏ ଦିନର ବନ୍ଦୀଜୀବନ
(ବାବରୀ ଢାଞ୍ଚା ଭଙ୍ଗାଯିବାପରେ)

ତା ୬.୧୨.୯୨, ଭାଙ୍ଗିଥିବା ଲୋକମାନେ କୁହନ୍ତି ପାଞ୍ଚଶହ ବର୍ଷର କଳଙ୍କ ପୋଛି ହୋଇଗଲା । ସରକାର କହନ୍ତି ଏହା ବଡ଼ ଅପକର୍ମ ବା ପାପକର୍ମ । ତୁମକୁ ଦଣ୍ଡ ଭୋଗିବାକୁ ହେବ । ଦେଶ ସାରା ହୁଲସ୍ଥୁଲ ହୋଇଗଲା । ଯେ ଯେଉଁଠି ଇଲିଙ୍ଗା, ସିଲିଙ୍ଗା ଅଛନ୍ତି ସମସ୍ତିଙ୍କି ବାନ୍ଧିପକାଅ ବୋଲି ନିର୍ଦ୍ଦେଶ ଦିଆଗଲା ୧୨.୧୨.୯୨ । ଯେ ଯେଉଁ କୋକୁଆ ଭୟ ଏଥିରେ ବହୁତ ଲୋକ ଛାନିଆଁ ହୋଇ ବଣବୁଦା ଭିତରେ ପଶିଲେ । ଏ ସମ୍ବନ୍ଧରେ ଗୋଟିଏ ସୁନ୍ଦର ଉପାଖ୍ୟାନ ମନେପଡ଼େ । ରୋସନ୍ ଖାଁ ବୋଲି ଗୋଟିଏ ପିଲା ଜଣେ ସାହେବଙ୍କ ପାଖରେ ଚାକିରୀ କରୁଥିଲା । ଦିନେ ରାତିରେ ସାହେବ କହିଲେ କାଲି ସକାଳୁ ମୁଁ ସିଂହ ଶିକାର କରିଯିବି ତୁ ଆମ ସଙ୍ଗେ ଯିବୁକି ? କୌତୁହଳ ବଶତଃ ରୋସନ୍ ସେମାନଙ୍କ ସଙ୍ଗରେ ହାତୀରେ ଚଢ଼ିଗଲା । ସାହେବ ଗୋଟାଏ ସିଂହକୁ ଖଣ୍ଡିଆ କରିଦେବାରୁ ସେ ସାହେବଙ୍କୁ ଆକ୍ରମଣ କରିବାକୁ ଧାଇଁ ଆସିଲା । ରୋସନ୍ ଇଲୋ ବୋପାଲୋ ବୋଲି ଚିତ୍କାର କରି ଧାଇଁବାରୁ ସିଂହର ଦୃଷ୍ଟି ତା ଠାରେ ପଡ଼ିଲା ଓ ସିଂହ ସାହେବଙ୍କୁ ଛାଡ଼ି ତାକୁ ତଡ଼ିଲା । ଏ ସୁଯୋଗରେ ସାହେବଙ୍କ ଗୁଳିରେ ସିଂହ ଡ଼େଉଁଥିବା ଅବସ୍ଥାରେ ପ୍ରାଣଶୂନ୍ୟ ହୋଇ ପଡ଼ିଗଲା । ମାତ୍ର ରୋସନ୍ ଦୌଡ଼ି ଦୌଡ଼ି ଗୋଟାଏ ଗୋହିରା ପଛରେ ଚଢ଼ି ଖଣ୍ଡିଆ ଖାବରା ହୋଇ ଡ଼ାଳରେ ବସିଚି । ସିଂହ ମଲାଣି ଓହ୍ଲେଇଆ କହିଲେ ସେ ଶୁଣିବାକୁ ନାରାଜ । କହିବାର ଉଦ୍ଦେଶ୍ୟ ହେଲା ଏଇଯେଉଁମାନେ ଛାନିଆଁ ହୋଇ ପଶିଲେ ସେମାନେ ସରକାରଙ୍କ ନିର୍ଭୟ ବାଣୀପରେ ମଧ ଆଉ ଫେରିବାକୁ ନାରାଜ । ସେଇ କୋକୁଆ ଭୟ ତାଙ୍କଠାରେ ଏବେ ବି ଲାଗିଛି । କଥାଟା ହେଲା କିଏ ଅଯୋଧ୍ୟାରେ କ'ଣ ଭାଙ୍ଗିଲା, ଦେଶଟା ଯାକ ଯିଏ ଯୁଆଡ଼େ ଅଛନ୍ତି ବାନ୍ଧ । କିଓ, ଆମେ କି ଦୋଷ କରିଚୁ ଯେ ଆମକୁ ବାନ୍ଧିବ ? ମେଣ୍ଢା ଛୁଆକୁ ସିଂହ କହିଲା ପରି, ତୁ ପାଣି ଗୋଳି ନ କଲେ ବି ତୋ ବାପା କରିଚି, ତେଣୁ ତତେ ହିଁ ଖାଇବି । ସେହିପରି ତୁମେ ନଭାଙ୍ଗିଲେ ବି ତୁମ ବଡ଼ପଣ୍ଡାମାନେ ଭାଙ୍ଗିଛନ୍ତି, ତେଣୁ ତୁମକୁ ବାନ୍ଧିବାକୁ ପଡ଼ିବ । ବିଭିନ୍ନ ମିଥ୍ୟା ମକଦ୍ଦମା ରୁଜୁ କର । ଉତ୍ତେଜନାମୂଳକ ଭାଷଣ ଦେଇଥିଲେ ବୋଲି ଫଲ୍ସ କେଶ୍ କର ।

ସଦିଚ୍ଛୁମାନେ କହିଲେ ''ଅଣ୍ଡର ଗ୍ରାଉଣ୍ଡ'' ହୋଇଯା', ଲୁଚିଯା । ବନ୍ଧୁମାନେ ଲୁଚିଲେ ମଧ, ମାତ୍ର ଆମପରି ମୁଷ୍ଟିମେୟ ବ୍ୟକ୍ତି କେତେଜଣଙ୍କୁ ପୋଲିସ୍ ବାନ୍ଧିଲେ ତା

Digitized by PPRACHIN, SOA

୧୭.୧୨.୯୨ ରାତି ୬ଟା । ଡ଼ି.ଏସ୍.ପି., ସି.ଆଇ.ଏସ୍.ଆଇ.ଙ୍କୁ ଧରି ଛଅଜଣ, କାଳେ ଦି ଚାରିଜଣଙ୍କୁ ଫାଙ୍କି ବାବୁ ପଳାଇବେ । ପୋଲିସ୍ ତ ସବୁବେଳେ ସନ୍ଦିଗ୍ଧଚିତ୍ତ । ଆମେ ଲୁଚିନଥିଲୁ । କାରଣ ଆମେ କହିଲୁଁ ଆମେ ତ ଚୋର କି ତସ୍କର କ୍ରିମିନାଲ୍ ନୁହଁ- ଆମେ ଚୋରଙ୍କ ପରି ଲୁଚିବାରେ କି ଯଥାର୍ଥତା ଅଛି ? ଦ୍ୱିତୀୟତଃ ଗାନ୍ଧୀ, ଜବାହାର ଇତ୍ୟାଦି ବର୍ଷ ବର୍ଷ ଧରି ଜେଲ ଯାଇ ଦେଶର ସବୁଠୁ ବଡ଼ ନେତା ହୋଇଛନ୍ତି । ଆମେ କିଛିଦିନ ରହିଲେ ତ କୁଜି ନେତା ହୋଇପାରିବା । ତୃତୀୟତଃ ଜେଲ୍ ଦେଖିବାର ସୌଭାଗ୍ୟ ତ ଆମର ନାହିଁ, ଯଦି ଏଇ ମଉକାରେ ଜେଲ୍ ଭିତରଟା ଦେଖି ହୋଇଯିବ ତେବେ ଜୀବନର ଗୋଟାଏ ଓରିମାନା ତ ମେଣ୍ଟିଯିବ ଆଉ ଏକ ଅଭିଜ୍ଞତା ମଧ୍ୟ ହାସଲ ହେବ । ପୋଲିସ୍ ବନ୍ଧୁମାନଙ୍କୁ ଚା' ଯଚାଗଲା, ମାତ୍ର ସେ଼ମାନେ ଚା ଫା ନାହିଁ- ଖାଲି ଯିବା । କିଓ କୁଆଡ଼େ ଯିବା ? 'ଆପଣ ଜାଣନ୍ତିନି ଯେ' । ପୁଅ କହିଲା, ଏ ଶୀତରାତିଟାରେ ବାପା କ'ଣ ଯିବେ ? ସକାଳେ ଗଲେ ହବନି ? ପୁଲିସ୍ଙ୍କ ସଂଦିଗ୍ଧ ଚାହାଣୀ । ବାପା କାଳେ ରାତି ଭିତ୍‌ରେ କୁଆଡ଼େ ଖସିଯିବେ ? ଭାବଭଙ୍ଗୀ ଠଉରାଇ ମୁଁ କହିଲି 'କିଛି ନାହିଁ, ଏଠି ଶୋଇଥା'ନ୍ତେ, ସେଠି ଶୋଇବା, ନୋ ପ୍ରୋବ୍ଲେମ୍' । ତେବେ ମୁଁ ଟିକିଏ ଖାଇନିଏ । '' ଆଜ୍ଞା ଆମେ ଖାଇବା ବନ୍ଦୋବସ୍ତ କରିଛୁଁ । ହଉ ତେବେ ଟିକିଏ ଡ୍ରେସ୍ ଚେଞ୍ଜ୍ କରି ଆସୁଛି କହି ବୋହୂକୁ ଯାଇ କହିଲି, ତୁ ଦିଖଣ୍ଡି ରୁଟି ଦେଇ ଦେବୁଟି ମା, ଏମାନେ କେତେବେଳେ କ'ଣ ଦେବେ, ଭୋକହବ । ଖାଇଦେଇ ଡ୍ରେସ୍ ଚେଞ୍ଜ୍ କରି ବାହାରିପଡ଼ିଲି । ପଚାରିଲି କୋଉଠି ଶୋଇବା ବନ୍ଦୋବସ୍ତ ? ଆଜ୍ଞା ଆମ କ୍ଲବ ହାଉସ୍‌ରେ । ସେଠି କିଛି ଶେଯ ଅଛି ? ଆଜ୍ଞା ନା, ତେବେ ବେଡ଼ିଂ ସଜକରରେ ପିଲେ । ସ୍ଲିପିଙ୍ଗ୍ ବ୍ୟାଗ୍ ସହ ବିଛଣା ବନ୍ଧାଗଲା । ଜଣେ କନେଷ୍ଟବଳ ତାକୁ ଜିପ୍‌ରେ ରଖିଲେ । ଆଜ୍ଞା ଚାଲନ୍ତୁ ଥାନାକୁ ।

ଆଗରୁ ଡ଼କ୍ଟର ମୂଳିଆଙ୍କୁ ଆଣି ବସାଯାଇଛି । ଟିକିଏ ଆଜ୍ଞା ଆସୁଚୁ କହି ଜିପ୍ ଧରି ଚାଲିଲେ । ଆମେ ଦୁଇ ଜଣ ଦୀର୍ଘ ଅଢ଼େଇଘଣ୍ଟା ଧରି ବସିଚୁ । ବନ୍ଧୁ ବସନ୍ତ ଦ୍ୱିବେଦୀଙ୍କୁ ଧରି ବାରଟା ପାଖାପାଖି ଆସି ପହଞ୍ଚିଲେ । କିଛି ଲୋକଙ୍କୁ ଅନ୍ତତଃ ନ ଧରିଲେ ତାଙ୍କର ଅପାରଗତା ଜଣାଯିବ । ଯାହାହେଉ, ଚଉଦ ତାଲିକାରୁ ତିନି ତ ହେଲେ ମିଳିଲେ, ନହେଲେ ଏତେ ବିନିଦ୍ର ରଜନୀ ବିତାଇ ଲାଭ କିଛି ହୋଇନଥାନ୍ତା । ଆମେ ତ ସହଜରେ ଧରା ଦେବାକୁ ପ୍ରସ୍ତୁତ ହୋଇଥିଲୁ । ତାଙ୍କର ଦୃଷ୍ଟିକୋଣ ଓ ଆମର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଅଲଗା । ମୂଳିଆ ବାବୁ ଖାଇନଥିଲେ । ତାଙ୍କଘରୁ ଖାଦ୍ୟ ଓ ବିଛଣା ଅଣାଗଲା । ରାତି ବାରଟା ପରେ ଆମକୁ ତିନି କିଲୋମିଟର୍ ଦୂର କ୍ଲବ୍ ହାଉସ୍କୁ ନିଆଗଲା । ତାଙ୍କ ଦରି ଉପରେ ଆମ ବେଡ଼ିଂ ବିଛାଇ ଶୋଇଗଲୁ । ସେମାନେ ଗଲେ ଆମକୁ ବାହାରେ ତାଲା ପକାଇ । ଜଣେ ଜଗୁଆଳି ରହିଲା ।

Digitized by PPRACHIN, SOA

ପ୍ରାତରୁ ଉଠି ସଂଲଗ୍ନ କୋଠରୀରେ ନିତ୍ୟକର୍ମ ଶେଷକଲୁଁ । ବାବୁ ଆସିବାପରେ ପ୍ରାୟ ସାତଟା ବେଳକୁ ଦ୍ୱାର ଖୋଲାଗଲା । ବାହାରେ ଚଉକି ପକାଇ ଆଳାପ ଆଲୋଚନା ଚାଲିଚି- ସରକାରୀ ଗାଡ଼ିରେ ସକାଳ ଜଳଖିଆ ପହଞ୍ଚିଲା, ଯା ସଙ୍ଗେ ସଙ୍ଗେ ପାଖ ଦୋକାନରୁ ଚା ବରାଦ ହେଲା । ବାବୁ ପ୍ରଶ୍ନ କଲେ ଲଞ୍ଚ ପାଇଁ କ'ଣ ବରାଦ କରାଯିବ ? ଆମେ ଡ଼ାଇବେଟିକ୍, ଘରୁ ଫୋନ୍ କରି ଖାଦ୍ୟ ମଗାଇ ଦେବେ କହିବାରୁ ସେ ଫେରିଲେ । ପୁଣି ଦିନ ୨ଟା ବେଳେ ହାଜର, ଆମର ଭୋଜନ ବ୍ୟବସ୍ଥା ଦେଖି ଫେରିଲେ । ଆମେ ତିନିଟା ବେଳକୁ ବିଶ୍ରାମ କଲୁଁ ।

ଚାରିଟା ପରେ ଆମକୁ ଥାନା ବାବୁ ଆସି ଉଠାଇଲେ ଆଜ୍ଞା କୋର୍ଟକୁ ଯିବା । ଉଠି ମୁହଁକାନ ଧୋଇ ପଚାରିଲି ଆମ ବେଡ଼ିଂ । ତାକୁ ନେଇଯିବା । ବେଡ଼ିଂ ବିସ୍ତର ଜିପ୍‌ରେ ଲଦାଗଲା । କୋର୍ଟରେ ପହଞ୍ଚିଲୁ ସାଢ଼େ ଚାରି । ଭାବିଲି ସଙ୍ଗେ ସଙ୍ଗେ କିଛି ନିଷ୍ପତ୍ତି ମାଜିଷ୍ଟ୍ରେଟ୍ ଶୁଣାଇବେ । ମାତ୍ର ସି.ଏସ୍.ଆଇ. ତାଙ୍କ ଅଫିସ୍‌ରେ ସମସ୍ତ କାର୍ଯ୍ୟ ଶେଷକରୁ କରୁ ସାଢ଼େ ପାଞ୍ଚ । ସନ୍ଧ୍ୟା ହୋଇଗଲାଣି । ପାଓ୍ୱାର୍ କଟ୍ ହୋଇ ସବୁ ଅନ୍ଧାର । ଥାନାବାବୁ କହିଲେ, "ଆଜ୍ଞା କୋର୍ଟ ତ ରାଇଜ୍ କରିଗଲା- ଏବେ କ'ଣ କରିବା ? ମୁଁ ଟିକିଏ ବିରକ୍ତ ହେଲି । 'ତୁମର ଏତେ କାମ ଯଦି ବାକିଥିଲା, ଏକାର୍ଯ୍ୟ ଯଥେଷ୍ଟ ଆଗରୁ କରିବାର ଥିଲା ' 'ମାଜିଷ୍ଟ୍ରେଟ୍‌ଙ୍କ ଘରେ କାମ ଛିଣ୍ଡାଇ ଦେବା । ଲାଇନ୍‌ଟା ଟିକିଏ ଆସିଯାଉ ।' ପୁଣି ଚା'ପାଣି ଖାଇ ବସ । ଆମର ଓକିଲ ଆମଠୁ ସବୁ କ'ଣ କ'ଣ ଦସ୍ତଖତ କରି ନେଇଗଲେ । ସେମାନେ ଆମ କେଶ୍ ଲଢ଼ିବେ । କି କେଶ୍ ଆମ ନାଁରେ ହେଇଛି ବୋଲି କୌତୁହଳୀ ହୋଇ ମୁଁ ଚାର୍ଜସିଟ୍‌ରେ ଟିକିଏ ଆଖିବୁଲାଇ ନେଲି । ଆମେ କାଳେ ବାଜି ଚୌକରେ ଉତ୍ତେଜନାମୂଳକ ଭାଷଣ ଦେଉଥିଲୁଁ ତା ୧୨.୧୨.୯୨ରେ । ସଭା ନାହିଁ, ଭାଷଣ ନାହିଁ । କିନ୍ତୁ ଦଫାସବୁ ଲାଗିଛି । Preventive Detection Act ଅନୁସାରେ । ବିନା ମେଘେ କୁଳୀଶ-ବିନା ବକ୍ତୃତାରେ ଚାର୍ଜସିଟ୍ । ନିଜ ନିଜ ଚାକିରି ଖଣ୍ଡମାନ ବଜାୟ ରଖିବାକୁ ବିଚରାଗୁଡ଼ିକ ବ୍ୟସ୍ତ । ବୋଧହୁଏ ହାକିମ ଯଦି କହିବେ ତୁମେ ମଳମୂତ୍ର ପିଇଯାଅ, ତୁମକୁ ପ୍ରମୋଶନ ଦିଆଯିବ- ତେବେ ବି ଏମାନେ ଛାଡ଼ନ୍ତେନି । ରାଜା ଜମିଦାରଙ୍କ ଅଧସ୍ତନ ସ୍ତାବକମାନଙ୍କଠାରୁ ବଳିଗଲେ ଏମାନେ - ଇଏ ଆମ ସ୍ୱାଧୀନତା ଆଉ ସ୍ୱାଧୀନ ସରକାର । ଆମେ ସେଇ ପରାଧୀନ କାଳର ହାବଭାବ ଓ ପ୍ରକୃତି ଏବେ ମଧ୍ୟ ଛାଡ଼ିପାରିଲୁନି । ଏଇ କଳାସାହେବ ଯାକ ବିଦେଶୀ ଗୋରା ଶାସକମାନଙ୍କଠୁଁ ବେଶୀ ହୀନମନ୍ୟ । ସମସ୍ତ ଦେଶଟାକୁ ଏମାନଙ୍କ ନିଜ ଅଧୀନ କରି ରଖିଲେଣି । ଶାସନଗାଦିଟା ତାଙ୍କ ଇସ୍ତମୁରାରୀ ପଟା । ନିଜେ ନହେଲେ ପୁଅ, ପୁତୁରା, ବୋହୂ, କାହାକୁ ହେଲେ

Digitized by PPRACHIN, SOA

ହସ୍ତାନ୍ତର ହେବ । ପଲ୍‌ପଟ୍ ତା ଲୋକଗୁଡ଼ାକୁ ହାତରେ ମାରି ପକେଇଲା । ଏମାନେ ଆମକୁ ଭାତରେ ମାରିଲେ । ବିଦେଶୀ ଋଣ ଟଙ୍କାଗୁଡ଼ା ଆମେରିକା ଇଂଲଣ୍ଡରୁ ଆସି ସିଆଡ଼େ ସିଆଡ଼େ ସ୍ୱିଜର୍‌ଲ୍ୟାଣ୍ଡ ସେଣ୍ଟକିଟସ୍ ଆଡ଼େ ବାଟ ଦେଖିଲେ । ଆମକୁ ଟିକିଏ ଟିକିଏ ଅଇଁଠା ଫୋପାଡ଼ି (୧୫%) ଦେଖେଇଦେଲେ 'ହେଇ ଦେଖ ଏତେ କୋଟୀ ଡ଼ଲାର ଅମୁକ ପ୍ରକଳ୍ପ ପାଇଁ ଆଣିଛୁ । ସେ ପ୍ରୋଜେକ୍ଟ ସରୁନି କି ସରିବନି । ଯଦି କୋଉଟା ସରୁଚି ସେତେବେଳକୁ ଦେଉଳକୁ ମୁଖଶାଳା ବଳେଇ ପଡ଼ିଲାଣି । ଏ ଜାତିଟାକୁ ବଞ୍ଚେଇବାକୁ ଯଦି କିଏ ପାଟିକଲା ବା ମୁହଁ ଖୋଲିଲା ତେବେ ସେ ୟାଙ୍କର ଶତ୍ରୁ ତ ନିଶ୍ଚୟ ହେଲା । ଏଇ ରକମ ବାର ଭଣ୍ଡାମୀ କରି ତାଙ୍କର ଚରିତ୍ର ସଂହାର କରାଗଲା । ଆରେ କୋଉ ବାଜି ଚୌକ, କୋଉ ସଭା ଆଉ କୋଉ ଭାଷଣ ତିଆରି ହେଇଛି ଏଫ୍.ଆଇ.ଆର୍. ବିଦେଶୀ ଶାସନ ସମୟର ଆଇନ୍ ଶୃଙ୍ଖଳା ତ ନାହିଁ- ନ୍ୟାୟ ବା ଆସିବ କେଉଁଠୁ ? ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସେମାନେ ଯେପରି ନିର୍ଯ୍ୟାତନା ଦେଉଥିଲେ, ଏମାନେ ବିଲ୍‌କୁଲ୍ ତାଙ୍କ ପଦାଙ୍କ ଅନୁସରଣ କରି ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପାୱାର୍ ବଳରେ ଚାପିବା ପାଇଁ ଏପରିକି ହତ୍ୟା କରିବା ପାଇଁ ମଧ ପଛାଉ ନାହାନ୍ତି ।

ସଂଧ୍ୟା ସାତଟାରେ ବିଦ୍ୟୁତ୍ ଆଲୋକ ଆସିଯିବାପରେ ଆମକୁ ମାଜିଷ୍ଟ୍ରେଟ୍‌ଙ୍କ ଘରକୁ ନିଆଗଲା । ମୁନ୍‌ସଫ୍ ଭଦ୍ରମହିଳା ୧୫ ମିନିଟ୍ ପରେ ଘରୁ ବାହାରି Case Diary ପଢ଼ିଲେ । 'ଏ ସେକ୍ସନ୍' ସମ୍ବନ୍ଧରେ ମୁଁ ତ ଅବଗାହୀ ନୁହେଁ । ତେବେ କାଲି ଫାଷ୍ଟ କୋର୍ଟରେ ତାଙ୍କମାନଙ୍କୁ ପର୍ସନାଲ୍ ବଣ୍ଡରେ ଛାଡ଼ିଦେବା, ଆଉ ଯାମିନ୍ ପ୍ରଶ୍ନ କାହିଁକି ଉଠିବ ?' ଏସ୍.ଆଇ. କହିଲେ ଆଜ୍ଞା ପୁଣି ଗୋଟାଏ ରାତି ତାଙ୍କୁ ରହିବାକୁ ପଡ଼ିବ ? ମୁଁ କହିଲି, ଗୋଟାଏ ରାତି ତ ଯାଇଚି, ଆଉ ଗୋଟେ ରାତି ଯାଉ । ନୋ ପ୍ରେବ୍ଲେମ୍ ! ଜେଲ୍ ତ ଏପର୍ଯ୍ୟନ୍ତ ଦେଖିନାହିଁ- ସେଇଟା ମୋର ବଡ଼ ଲକ୍ଷ୍ୟ ।

ଚାଲିଲୁ ରାତି ଆଠଟାରେ ଢ଼େଙ୍କାନାଳ ଜେଲ୍‌କୁ । ଫାଟକ ପାଖରେ ୱାର୍ଡ଼ର୍‌କୁ ପଚାରିଲୁ 'ଜେଲର୍ ବା ସୁପରିଟେଣ୍ଡେଣ୍ଟ କାହାନ୍ତି ? କେହିନାହାନ୍ତି । ସଙ୍ଗେ ସଙ୍ଗେ ଜେଲର୍‌ଙ୍କୁ ବଜାରରୁ ଖୋଜି ଅଣାଗଲା । ସେ ମହାଶୟ ଫାଇଲ୍ ପଢ଼ି କହିଲେ, 'ଆଜ୍ଞା, କାଇଁତ ଏଥିରେ କିଛି ଲେଖା ହେଇନି ? ମୁଁ କହିଲି ଆମେ କୋଉ ଚିଠି ନା ରିପୋର୍ଟ ପଢ଼ିଛୁ ଯେ କହିବୁ ? କେତେ ତ ଲେଖାଯାଇଛି ? ଆଉ ଆପଣ କହୁଛନ୍ତି କିଛି ଲେଖାହେଇନି ବୋଲି ? କହିଲେ 'କୋଉ କ୍ୟାଟାଗୋରୀ ସେକଥା ଲେଖାହୋଇନି । ମୁଁ କହିଲି- ସେ କ୍ୟାଟାଗୋରୀ ଛାଡ଼ନ୍ତୁ । କୋଉଠି ଟିକିଏ ଜାଗା ଦେଲେ, ଆମେ ଶୋଉ । ''ଆଜ୍ଞା 'ବେଲୁ' ସେ ପଲ୍ଟିକାଲ୍ ପ୍ରିଜନର୍ କୋଠରୀରେ ରହୁଥିଲା । କାଲି ବ୍ରହ୍ମପୁର ଜେଲ୍‌କୁ ନିଆଯାଇଛି ।

Digitized by PPRACHIN, SOA

'ବେଲୁ' ଯେଉଁ ଦେଶରେ ପଲ୍‌ଟିକାଲ ପ୍ରିଜନର୍ ସ୍ଥାନ ନେଇପାରେ, ମୁଁ ସେ ଦେଶର ନାଗରିକ ଏକଥା ଭାବିଲା ବେଳକୁ ଲଜ୍ଜା ଲାଗେ । ସେ ଘରଟି ଅଳିଆ ହେଇ ପଡ଼ିଚି, କାଲି ସକାଳୁ ସଫା କରିଦବୁ । ରାତିଟା ଟିକିଏ ଆଡ୍‌ଜଷ୍ଟ କରିଯାଆନ୍ତୁ । 'ମତେ ଖୋଜୁଥିଲା ଆମ୍ବୁଲ ପାଣି, ବଇଦ କହିଚି ଥିରି ତୋରାଣୀ ।' ମୁଁ ଯାହା ଖୋଜୁଥିଲି, ମିଳିଗଲା ବୋଲି ଭଗବାନଙ୍କୁ ମନେ ମନେ ମୁଣ୍ଡିଆଟା ମାଇଲି । ଅଠେଇଶ କଇଦି ରହିବା ହଲ୍‌ରେ ଅଛନ୍ତି ପଚିଶ । କବାଟ କଣରେ ତିନୋଟି ଜାଗାଖାଲି । ସେଇଠି ଡ଼େରା ପଡ଼ିଲା । ଅନେକ କଇଦି ଶୋଇନଥିଲେ । ତାଙ୍କଠୁ ତାଙ୍କ ଗାଁ, ତାଙ୍କ ଅପରାଧ ଓ ଜେଲ୍ ଭୋଗିବା ସମୟ ସବୁ ପଚାରି ଟିପିଆଣିଲି । ସମସ୍ତେ (ପ୍ରାୟ) ମର୍ଡ଼ର କେଶ୍‌ରେ ଯାବଜ୍ଜୀବନ ଜେଲ୍‌ଦଣ୍ଡ ଭୋଗୁଛନ୍ତି । କେତେକ ଶୋଇ ପଡ଼ିଥିଲେ ।

କୟଦୀମାନଙ୍କୁ ଜେଲ୍‌ରେ ଦିଆଯାଉଥିବା ଖାଦ୍ୟ, ପାନୀୟ ବିଷୟରେ ପ୍ରଶ୍ନକଲି । ସକାଳେ ଖେଚୁଡ଼ି ବା ରୁଟିଗୁଡ଼ ବରାଦ ମୁତାବକ ତିଆରି ହୁଏ । ଯିଏ ଯାହା ଖାଇବ ସେ ଅନୁସାରେ ତିଆରି ହୁଏ । ଦିନ ୧୧ଟା ବେଳେ ଭାତ, ଡ଼ାଲି ଓ ତରକାରୀ । କୟଦୀମାନେ ଯାହା ଚାହିଁବେ ସେଇ ତରକାରୀ ହୁଏ । ଯଥା, ଘାଣ୍ଟ ବା କୋବି ବା ଆଳୁ ଇତ୍ୟାଦି । ସଂଧ୍ୟା ୫ଟାରେ ପୁଣି ଭାତ, ଡ଼ାଲି, ତରକାରୀ ବା ରୁଟି, ଡ଼ାଲି ତରକାରୀ । ସପ୍ତାହରେ ଥରେ ରବିବାର୍ ଦିନ ମାଂସ ହୁଏ । ରାତିରେ ପ୍ରତ୍ୟେକ କୟଦୀକୁ ଶହେଗ୍ରାମ ଚୂଡ଼ା ଓ ତିରିଶ ଗ୍ରାମ ଗୁଡ଼ ଦିଆଯାଏ । ସେମାନେ ତାକୁ ନଖାଇ ୱାର୍ଡ଼ରମାନଙ୍କୁ ବିକ୍ରୀକରିଦିଅନ୍ତି । ମାସକୁ ମାତ୍ର ଚାରିଟଙ୍କାରେ ତିନିକିଲୋ ଚୂଡ଼ା ଓ ନଅଶହ ଗ୍ରାମ ଗୁଡ଼ ୱାର୍ଡ଼ରମାନେ ପାଇଯା'ନ୍ତି ।

କାନ୍ଥରେ ତ୍ରିନାଥଙ୍କ ଫଟୋ ଟଙ୍ଗା ଯାଇଛି । ମେଳା ବା ବ୍ରତ ଦିନମାନଙ୍କରେ ଭୋଜି ହୁଏ । କର୍ତ୍ତୃପକ୍ଷ ଯାହା ଦିଅନ୍ତି ତହିଁରେ ଏମାନେ କିଛି ଅର୍ଥ ମିଶାଇ ଭୋଜି କରନ୍ତି । ସରକାରଙ୍କର ବିଶେଷ ଦିବସମାନଙ୍କରେ ଯାହା ବନ୍ଦୋବସ୍ତ ଥାଏ ତାହା କୟଦିମାନଙ୍କୁ ଜଣାନଥାଏ । ସ୍ୱାଧୀନତା ଦିବସ ଓ ଜନରାଜ୍ୟ ଦିବସରେ ଗୋଟିଏ ଗୋଟିଏ ମିଠାଇ ଦିଆଯାଏ । ରାତିରେ ଏତିକି କଥାବାର୍ତ୍ତା ହୋଇ ଆମେ ବିଛଣା ଧରିଲୁ । ତା ୧୯।୧୨।୯୨ ସକାଳୁ ନିତ୍ୟକର୍ମ ଛିଣ୍ଡାଇ ବାରଣ୍ଡାକୁ ବେଡ଼ିଂ ନେଇ ଆସିଲୁ ତିନିଜଣ । ଏତିକିବେଳେ ଗୋଟିଏ ୱାର୍ଡ଼ର ଆସି ନମସ୍କାର କଲା । 'କିଏ ବାପା' ପଚାରିବାରେ କହିଲା, 'ସାର୍ ମୁଁ ଆପଣଙ୍କ ଭୁବନ ହାଇସ୍କୁଲ ଛାତ୍ର' । ଏତେଦିନ ପରେ ଚିହ୍ନିବା କଷ୍ଟକର ଥିଲା । କହିଲି ମତେ ଟିକିଏ ପୁରା ଜେଲ୍ ଏରିଆଟା ବୁଲାଇ ଦେଖାଇ ଦେବୁ । ମୋତେ ସଙ୍ଗରେ ଧରି ସେ ହତା ଭିତରଯାକ ବୁଲାଇଲା । ପ୍ରଥମରେ ଅଫିସ୍ ପାଖକୁ ଲାଗି ଏକ ବିରାଟ କୁଣ୍ଡ ।

Digitized by PPRACHIN, SOA

୧୦ ହର୍ଷ ପାଓ୍ୱାର୍‌ର ଦୁଇଟା ପମ୍ପ ସେଥିରେ ପାଣି ଭର୍ତ୍ତିକରେ । ପ୍ରଥମ ଟ୍ରିପ୍‌ରେ ପ୍ରାୟ ଶହେପଚାଶ କଇଦି ସେଥିରୁ ପାଣିନେଇ ଗାଧୁଅନ୍ତି । ସକାଳ ଜଳଖିଆ ଓ ରୋଷାଇ ପାଇଁ ପାଣି ନିଆଯାଏ । ପୁଣିଥରେ ଦ୍ୱିପ୍ରହର ଖାଇବା ବେଳେ ଓ ଆଉଥରେ ସଂନ୍ଧ୍ୟା ଖାଇବାବେଳେ ପାଣି ଭରାଯାଏ ।

ଦେଖିଲି ଦଶଟି ଓ୍ୱାର୍ଡ଼ । ସବୁ ଓ୍ୱାର୍ଡ଼ ଚାରିପଟେ ପାଚେରୀ, ଅବଶ୍ୟ ବାହାରର ବଡ଼ ପାଚିରୀ ପରି ଏତେ ଉଚ୍ଚ ନହେଲେ ମଧ୍ୟ ଯଥେଷ୍ଟ ଉଚ୍ଚ' ଗୋଟିଏ ଦୁଇମହଲା ଘରେ ଦୁଇଟି ଓ୍ୱାର୍ଡ଼ - ଚତୁର୍ଥ ଓ ପଞ୍ଚମ । ସ୍ତ୍ରୀ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ଓ୍ୱାର୍ଡ଼ । ରାଜନୈତିକ ବନ୍ଦୀଙ୍କ ଓ୍ୱାର୍ଡ଼ ଓ ଫାଶୀ ଖୁଣ୍ଟ ମଧ୍ୟ ଦେଖିଲି ।

ଜେଲ୍ ମଧ୍ୟରେ ତନ୍ତ ଅଛି । କୟଦୀମାନଙ୍କ ଶେଯ ପାଇଁ ବହୁତ ମୋଟା ସତରଞ୍ଜି ବେଡ଼ସିଟ୍ ଇତ୍ୟାଦି ସେଠାରେ କଇଦୀମାନେ ନିଜେ ବୁଣନ୍ତି । ସକାଳ ୮ଟାରୁ ୧୦ଟା ଦୁଇଘଣ୍ଟା କାମହୁଏ । ହତାମଧ୍ୟରେ ନାନା ପ୍ରକାରର ଫସଲ ହେଇଛି- ବାଇଗଣ, କୋବି, ଟମାଟୋ ଇତ୍ୟାଦି । ଗୋଟିଏ ଜାଗାରେ ଦେଖିଲି ମାଛକାତି ପଡ଼ିଛି । ଓ୍ୱାର୍ଡ଼ର କହିଲା, ଏ କଇଦୀମାନେ ଜେଲ୍ ପୋଖରୀ ମାଛ ନେଇ ଆସି ଖାଇଦିଅନ୍ତି । ଗୋଟିଏ କୟଦୀକୁ ପଚାରିଲି ମାଛ କେମିତି ଆଣିଖାଅ ? ଆଜ୍ଞା ଖଣ୍ଡେ ଖଣ୍ଡେ ସିଲଭର ବେଲା ରଖିଚୁ । ବଗିଚାରୁ ଡ଼ାଳିଆ ସଂଗ୍ରହ କରି ଆମର ରୋଷେଇଆଠାରୁ ହଳଦୀ, ତେଲ, ଲୁଣ, ମସଲା ମାଗିଆଣି ଭାଜିଦେଇ ଖାଇ ଦେଉ । ବିଚିତ୍ର ଜୀବନ । ବନ୍ଦୀ ଜୀବନରେ ଏମାନେ ତ ନେହେରୁ, ଗାନ୍ଧୀ, ଗୋପବନ୍ଧୁଙ୍କ ପରି ବହିଲେଖିବେ ନାହିଁ- ଏଇମିତି କିଛି ଡ଼ାଇଭରସନ୍ ଜୀବନର କିଛିଟା ସରସତା ଆଣିଦିଏ । କେତେଗୁଡ଼ିଏ ଯୁବକଙ୍କ ସହ ସାକ୍ଷାତ୍ ହେଲା । ଅପରାଧ-ରେପ୍ । ଛଅବର୍ଷଠାରୁ ଆଠବର୍ଷ ପର୍ଯ୍ୟନ୍ତ ସଜା ହୋଇଛି । କେତେକ ଆପତ୍ତି କଲେ ଯେ ଆଜୀବନ ଚଉଦ ବର୍ଷ ପୁରିଲେ ମଧ୍ୟ ଛାଡୁନାହାନ୍ତି । ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଚାରିବାରେ ସେ କହିଲେ, 'ଆଜୀବନ ତ ଆଜୀବନ ମାତ୍ର ଚଉଦ ବର୍ଷ ପରେ କମ୍ପାସନେଟ୍ ଗ୍ରାଉଣ୍ଡରେ ଛଡ଼ାଯାଏ । ସେତେବେଳେ ଆମେ କଲେକ୍ଟରଙ୍କୁ ଲେଖୁଁ । କଲେକ୍ଟର ଏସ୍.ପି.ଙ୍କୁ ଜଣାନ୍ତି । ସ୍ଥାନୀୟ ଥାନାରୁ ଭଲ ରିପୋର୍ଟ ଆସିଲେ ଛଡ଼ାଯାଏ । ମାତ୍ର ଏମାନଙ୍କ ବିରୁଦ୍ଧରେ ରିପୋର୍ଟ ଆସିବାରେ ଏମାନଙ୍କୁ ଛଡ଼ାଯାଇପାରୁନି । ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଦୁଇଜଣ ଧରିଲେ ସେ ଚାଲୁଛନ୍ତି । ମାତ୍ର ତାଙ୍କ ବିରୁଦ୍ଧରେ ରିପୋର୍ଟ ତାଙ୍କ ନିଜ ଲୋକ ଥାନାରୁ ଚେଷ୍ଟାକରି ପଠାଉଛନ୍ତି, କାରଣ ଘରେ ବୁଢ଼ାର ସେବା କରିବାକୁ ସମସ୍ତେ ନାରାଜ । ଯେ ଜେଲ୍ କର୍ତ୍ତୃପକ୍ଷଙ୍କ ପାଇଁ ଏକ ମୁଣ୍ଡବ୍ୟଥା ।

Digitized by PPRACHIN, SOA

ଦିନ ଦୁଇଟା ବେଳୁ ଯୁବକମାନେ ଭଲିବଲ୍ ପିଟୁଛନ୍ତି । ମଧ୍ୟେ ମଧ୍ୟେ ଧାର୍ମିକ ପ୍ରବଚନ ମଧ୍ୟ ହୁଏ । ଭାତ ଖାଇନପାରି କେତେକ କୟଦୀ ଗୋଟିଏ ବଡ଼ ବାଲ୍ଟିରେ ବାଲ୍ଟିଏ ଅଇଁଠା ଭାତ ପୁରାଇଛନ୍ତି । ସମସ୍ତେ ଦାରିଦ୍ର୍ୟ ସୀମାରେଖା ତଳ ଶ୍ରେଣୀର ଲୋକ । ଘରେ ଯାହା ଖାଇବାକୁ ପାଆନ୍ତି ତା ଆପେକ୍ଷା ଯଥେଷ୍ଟ ଅଧିକ ଓ ପୁଷ୍ଟିକର ଖାଦ୍ୟ ଜେଲ୍‌ରେ ମିଳେ । ତେଣୁ ଅନେକ ଜେଲ୍‌ରେ ରହିବାକୁ ପସନ୍ଦ କରନ୍ତି । କାମ ମଧ୍ୟ ଯଥେଷ୍ଟ କମ୍ ।

ରାଜନୈତିକ ବନ୍ଦୀମାନଙ୍କ କୋଠରୀ ସଫାକରି ଆମକୁ ସଂନ୍ଧ୍ୟା ପାଞ୍ଚଟାରେ ସେଠାକୁ ଯିବାପାଇଁ ଅନୁରୋଧ କଲେ । ଆମେ ପ୍ରସ୍ତୁତ ହେବା ବେଳକୁ ଜାମିନ ଆସିଗଲା । ତେଣୁ ଆଉ ସେଠାକୁ ଯିବା ଆବଶ୍ୟକ ହେଲାନାହିଁ । ବିଛଣା ଧରି ଆସି ଆମ ଗାଡ଼ିରେ ବସିଲୁଁ । ଫୁଲମାଳ, ବାଣ ସବୁ ରହିଲା । ଆମେ ମନା କଲୁଁ, କାରଣ ବିଶ୍ୱ ହିନ୍ଦୁ ପରିଷଦ ବ୍ୟାନ୍ ହୋଇଥିଲା ।

ଆମକୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇବାକୁ ଅନେକ ବନ୍ଧୁ ଆସିଥିଲେ । ଜେଲରଙ୍କ କୋଠରୀରେ ସାକ୍ଷାତ୍ ହେଲା । ମନର ଗୋଟାଏ ବଡ଼ ଓରିମାନା ମେଣ୍ଟିଗଲା । ଜେଲ୍ ମଧ୍ୟସ୍ଥ ଜୀବନ, ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ସମସ୍ୟା ହୃଦୟଙ୍ଗମ କରି ଜୀବନର ଏକ ମହାନ୍ ଅଭିଜ୍ଞତା ଲାଭ କଲୁ ଗୋଟିଏ ଦିନର ବନ୍ଦୀ ଜୀବନରେ ।

।। ଜୟ ଭାରତ ।।

(ଅଙ୍ଗେନିଭାକଥା)

❖ ❖ ❖

Digitized by PPRACHIN, SOA

ଓଡ଼ିଶାର ପୂର୍ବତନ ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନ

(ଗଡ଼ଜାତ ମିଶ୍ରଣର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ)

ବ୍ରିଟିଶ ଶାସନ ସମୟରେ ସରକାର ଗମନା-ଗମନ ସୁବିଧା ଥିବା ଅଞ୍ଚଳମାନଙ୍କୁ ପ୍ରତ୍ୟକ୍ଷ ଶାସନାଧୀନ କରି ଅପେକ୍ଷାକୃତ ଦୁର୍ଗମ ଅଞ୍ଚଳମାନଙ୍କୁ ଦେଶୀୟ ରାଜାମାନଙ୍କୁ ଶାସନ ପାଇଁ ଛାଡ଼ି ଦେଇଥିଲେ । ଏହି ପରି ଛଅଶହଟି ଦେଶୀୟ ରାଜ୍ୟ ସାରା ଭାରତରେ ଥିଲା । ଏହି ରାଜାମାନଙ୍କର ବହିର୍ବାଣିଜ୍ୟ, ସୈନିକ ଓ ମୁଦ୍ରା ଇତ୍ୟାଦି କେତେକ ବିଭାଗ ରଖିବାକୁ ମନା କରାଯାଇଥିବାବେଳେ ନିଜ ନିଜ ରାଜ୍ୟରେ ସେମାନଙ୍କୁ ସାର୍ବଭୌମ କ୍ଷମତା ଦିଆଯାଇଥିଲା । ସେମାନେ ନିଜର ଶାସକୀୟ ତଥା ବିଚାର ବିଭାଗମାନଙ୍କର ସର୍ବମୟ କର୍ତ୍ତା ଥିଲେ । ନିଜରାଜ୍ୟର ରାଜସ୍ୱ, କୃଷି, ଜଳସେଚନ, ଚିକିତ୍ସା, ବନବିଭାଗ ଇତ୍ୟାଦି ସେମାନଙ୍କର ନିଜର ଇଚ୍ଛାନୁଯାୟୀ ପରିଚାଳିତ ହେଉଥିଲା । ଦୋଷୀକୁ ଫାଶିଦଣ୍ଡ ପର୍ଯ୍ୟନ୍ତ ଦେଇପାରୁଥିଲେ । ଓଡ଼ିଶାରେ ଏପରି ଛବିଶ ଗୋଟି ଗଡ଼ଜାତ ଥିଲା

ଗୋଟିଏ ପ୍ରବାଦ ଅଛି ଯୌବନ, ଧନସମ୍ପତ୍ତି ପ୍ରଭୁତ୍ୱମ-ବିବେକିତା, ଏକୈକ-ମପ୍ୟନର୍ଥାୟ, କିମୁଯତଃ ଚତୁଷ୍ଟୟଂ'' ଏତେ ଅଖଣ୍ଡ କ୍ଷମତାର ଅଧିକାରୀ ହେବାରୁ ବହୁରାଜା ସ୍ୱେଚ୍ଛାଚାରୀ ଓ ଅତ୍ୟାଚାରୀ ହୋଇଯାଉଥିଲେ । ପ୍ରଜାମାନଙ୍କର ଉନ୍ନତି ସେମାନେ ନଚାହିଁ ରାଜକୋଷ ଭରିବା ଏବଂ ପ୍ରଜାଙ୍କଠାରୁ ବିଭିନ୍ନ କର ଆଦାୟ କରିବା ସେମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଥିଲା । ଜମିର ଖଜଣା ସହ ଶିକ୍ଷାକର, ଜଙ୍ଗଲକର, ସ୍ଥାନୀୟ କର ଇତ୍ୟାଦି ନାନା ପ୍ରକାର କର ଭାରରେ ପ୍ରଜାକୁଳ ହାହାକାର କରୁଥିଲେ । ରାଜାଙ୍କର ପାର୍ଶ୍ୱଚର ଓ କର୍ମଚାରୀମାନେ ମଧ୍ୟ ପ୍ରଜାଙ୍କୁ ନାନା ପ୍ରକାର ଅଶ୍ଳୀଳ ବ୍ୟବହାର କରି ଧମକ ଚମକ ଦେଇ ବିଭିନ୍ନ ଉପାୟରେ ସେମାନଙ୍କର ସର୍ବସ୍ୱ ଲୁଣ୍ଠନ କରୁଥିଲେ । କେତେକ ରାଜା ମଧ୍ୟ ଝିଅବୋହୁମାନଙ୍କୁ ନେଇ ଉପଭୋଗ କରୁଥିଲେ । ଲୋକମାନଙ୍କୁ ମୂଲ ନଦେଇ ନାନା ପ୍ରକାର ବେଠି ଖଟାଉଥିଲେ । ଲୋକମାନଙ୍କ ପାଖରୁ ଚାଉଳ, ପରିବା, ଘିଅ, ଛେଳି, ଇତ୍ୟାଦି ଜବରଦସ୍ତ ଅପହରଣ କରାଯାଉଥିଲା । ପ୍ରଜାମାନଙ୍କ ଜୀବନକୁ ବିପନ୍ନ କରି ତାଙ୍କୁ ହାତୀ ଧରିବାପାଇଁ ବେଠିରେ ନିୟୋଜିତ କରାଯାଉଥିଲା ।

୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା । ୧୯୩୫ରେ ପ୍ରଭିନ୍ସିଆଲ୍ ଅଟୋନୋମୀ(Provincial autonomy) ଯୋଗୁଁ ଓଡ଼ିଶାରେ ପ୍ରତିନିଧିମୂଳକ ଶାସନ ଲାଗୁହେଲା । ଯେତେ କମ୍ ସଂଖ୍ୟକ୍ ହେଲେ ମଧ୍ୟ ଲୋକମାନେ ଭୋଟ ଦେବାର ଅଧିକାର

Digitized by PPRACHIN, SOA

ପାଇଲେ । ୧୯୩୬ର ଏ ଅଧିକାର ଗଡ଼ଜାତ ଲୋକମାନଙ୍କର ନଥିଲା । ଏଣୁ ମୋଗଲବନ୍ଦୀ ନିକଟବର୍ତ୍ତୀ ରାଜ୍ୟମାନଙ୍କରେ ରାଜୁଡ଼ା ଶାସନର ଅତ୍ୟାଚାର ବିରୁଦ୍ଧରେ ଏବଂ ଭୋଟ ଅଧିକାର (ଲୋକ ପ୍ରତିନିଧି ମୂଳକ ସରକାର ଗଠନ) ପାଇଁ ପ୍ରଜା ଆନ୍ଦୋଳନ ମୁଣ୍ଡଟେକି ଉଠିଲା ।

ଏ ଆନ୍ଦୋଳନ ବିଶେଷ କରି ଢ଼େଙ୍କାନାଳ, ନୀଳଗିରି, ରଣପୁର ଓ ତାଳଚେର ଇତ୍ୟାଦି ସ୍ଥାନମାନଙ୍କରେ ତୀବ୍ର ରୂପ ଧାରଣ କଲା । ୧୯୩୮ ମସିହା ବେଳକୁ ତାହା ଚରମ ସୀମାରେ ପହଞ୍ଚିଥିଲା । ବୈଷ୍ଣବ ଚରଣ ପଟ୍ଟନାୟକ ନାମକ ଏକ ଦୁର୍ଦ୍ଧର୍ଷ ଯୁବକ ୧୯୩୩ରେ ଢ଼େଙ୍କାନାଳ ସ୍କୁଲ୍ ଛାଡ଼ି ଗାନ୍ଧିଜୀଙ୍କ ଡ଼ାକରାରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବାପାଇଁ ଚାଲି ଯାଇଥିଲେ । ୧୯୩୪ରେ ସେ ନିର୍ଗୁଣ୍ଡି ଠାରୁ ତାଳଚେର ପର୍ଯ୍ୟନ୍ତ ପେଣ୍ଟର କାର୍ଯ୍ୟରେ ରେଳବାଇ ଦ୍ୱାରା ନିଯୁକ୍ତି ପାଇଥିଲେ । ସେ ଏହି କାର୍ଯ୍ୟରେ ରେଲଲାଇନ୍ କଡ଼େ କଡ଼େ ଚାଲି ଚାଲି ଗୋଟିଏ କୁଲି ସାହାଯ୍ୟରେ ଫୋନ୍‌ଖୁଣ୍ଟ ଇତ୍ୟାଦିରେ ନମ୍ବର ଲେଖୁଥିଲେ । ସେ ଭଗବତୀ ଚରଣ ପାଣିଗ୍ରାହୀ ଓ ଗୁରୁଚରଣ ବାବୁଙ୍କ ପ୍ରେରଣାରେ ଶ୍ରମିକ ସଂଗଠନ ଆରମ୍ଭ କରିଥିଲେ । ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀ ୧୯୩୮ ଆରମ୍ଭରୁ 'କୃଷକ' ସାପ୍ତାହିକ ପତ୍ରିକା ପ୍ରକାଶ କଲେ । ତହିଁରେ ଗଡ଼ଜାତ ଅତ୍ୟାଚାର ସମ୍ବନ୍ଧରେ ଲେଖା ପ୍ରକାଶିତ ହେଉଥିଲା । ଢ଼େଙ୍କାନାଳ ରାଜାଙ୍କ କଡ଼ା ବାରଣ ସତ୍ତ୍ୱେ ମଫସଲ ଅଞ୍ଚଳରେ ଏ କାଗଜ ବୈଷ୍ଣବବାବୁ କଟକରୁ ନେଇ ପରଜଙ୍ଗ ଅଞ୍ଚଳରେ ମହେଶ୍ୱର ସୁବାହୁ ସିଂହଙ୍କ ଜରିଆରେ ବଣ୍ଟାଉଥିଲେ । ଏପରି ଭାବରେ ପ୍ରଜା ଆନ୍ଦୋଳନ ୧୯୩୮ ମସିହାର ମଧ୍ୟ ଭାଗରେ ଭୀଷଣ ଆକାର ଧାରଣ କଲା । ଗଡ଼ଜାତର ପ୍ରଜାମାନଙ୍କୁ ରାଜା ଜେଲ୍‌ରେ ଭର୍ତ୍ତୀ କରିଦେବେ, ଏ ଭୟରେ ଢ଼େଙ୍କାନାଳର ସୀମାନ୍ତବର୍ତ୍ତୀ ଅନୁଗୁଳର ବୁଢ଼ାପଙ୍କ ଗ୍ରାମ ଓ କଟକ ଜିଲ୍ଲାର କଲାଣ୍ଡ (ପିଙ୍ଗୁଆ ନିକଟ) ଗ୍ରାମମାନଙ୍କରେ ପ୍ରଜାମଣ୍ଡଳର କର୍ମୀମାନଙ୍କର କାର୍ଯ୍ୟାଳୟ ନିର୍ମାଣ କରି ଆନ୍ଦୋଳନ ଚାଲୁ ରଖାଗଲା । ଢ଼େଙ୍କାନାଳର କୃତିବାସ ପ୍ରଧାନ, ବ୍ରଜ କିଶୋର ଧଳ, ବୈଷ୍ଣବ ଚରଣ ପଟ୍ଟନାୟକ, ମହେଶ୍ ଚନ୍ଦ୍ର ସୁବାହୁ ସିଂହ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଇତ୍ୟାଦି 'ପ୍ରଜାମଣ୍ଡଳର ନେତାମାନେ ବିଭିନ୍ନ ସ୍ଥାନରେ ସଭା ସମିତିମାନ କରି ପ୍ରଜାମାନଙ୍କର ମନରେ ନୂତନ ଆଶା ଓ ଉଦ୍ଦୀପନା ଜାଗ୍ରତ କରିବାକୁ ଲାଗିଲେ । ଠିକ୍ ସେହି ସମୟରେ ନୀଳଗିରି ରାଜାଙ୍କର ଅତ୍ୟାଚାରୀ ଶାସନରେ ଅତିଷ୍ଠ ହୋଇ ସେଠାରେ ମଧ୍ୟ ଅନୁରୂପ ଆନ୍ଦୋଳନ ଦେଖାଦେଲା । ସେଠାରେ ବନମାଳୀ ଦାସ ଓ କୈଳାସ ଚନ୍ଦ୍ର ମହାନ୍ତି ଇତ୍ୟାଦି ଅଗ୍ରଣୀ ନେତା ଥିଲେ । ଏମାନଙ୍କୁ ସାରଙ୍ଗଧର

Digitized by PPRACHIN, SOA

ଦାସ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ଭଗବତୀ ଚରଣ ପାଣିଗ୍ରାହୀ ଇତ୍ୟାଦି ବହୁମତେ ସାହାଯ୍ୟ କରୁଥିଲେ ।

ବହୁତ ଉତ୍ତେଜନାମୂଳକ ଗୀତ ରଚନା କରି ପ୍ରଜାମାନଙ୍କର ରକ୍ତକୁ ତତାଇ ଦିଆଯାଉଥିଲା । ଏପରି ଗୋଟିଏ ଗୀତର କିୟଦଂଶ ମନେଅଛି-

''ହେଲାଣି ସକାଳ, ଉଠେ ଢେଙ୍କାନାଳ,
ପାରିବ କି ଆଉ ଅନ୍ଧାରେ ଚାପି,
ଛାତି ପରେ ବସି, ବୁକୁ ରକ୍ତ ଶୋଷି,
ପିଇବ କି ଆଉ ବୁଜାଇ ଆଖି ।''

ମୋଟ ଉପରେ କରଦ ରାଜ୍ୟମାନଙ୍କରେ ଅସ୍ଥିରତା ସୃଷ୍ଟିହେଲା । ବ୍ରିଟିଶ ସରକାରଙ୍କ ପ୍ରତିନିଧି ରେସିଡ଼େଣ୍ଟ କମିସନ୍‌ର୍ ଓ ପଲ୍‌ଟିକାଲ୍ ଏଜେଣ୍ଟମାନେ ପ୍ରତ୍ୟେକ ରାଜ୍ୟ ଗସ୍ତ କରି ଓ ରାଜାମାନଙ୍କୁ ଏକାଠି ଡ଼ାକି ମନ୍ତ୍ରଣା ଆରମ୍ଭ କଲେ । ଏପରି ଗସ୍ତ କରୁ କରୁ ୧୯୩୯ରେ ରଣପୁରଠାରେ ତତ୍‌କାଳୀନ ପଲିଟିକାଲ୍ ଏଜେଣ୍ଟ ''ବଜେଲ୍‌ଗେଟ୍'' ସାହେବ ପ୍ରଜାମାନଙ୍କ ଦ୍ୱାରା ନିହତ ହେଲେ । ରଘୁ ଓ ଦିବାକର ନାୟକ ହତ୍ୟା ଯୋଗୁଁ ଫାଶୀ ପାଇଲେ । ବ୍ରିଟିଶ ସରକାର ସୈନ୍ୟପଠାଇ ପ୍ରଜା ଆନ୍ଦୋଳନକୁ ନିଷ୍ଠୁର ଭାବରେ ଦମନ କଲେ । ଅନେକ ଶିଶୁ ଓ ନାରୀ ମଧ୍ୟ ଏ ଦମନର ଶିକାର ହେଲେ । ଢେଙ୍କାନାଳର ନୀଳକଣ୍ଠପୁର ଘାଟରେ ୧୨ ବର୍ଷର ଶିଶୁ ବାଜୀରାଉତ, ହୃଷି, ଗୁରେଇ ଇତ୍ୟାଦି ପୋଲିସ୍ ଗୁଳିରେ ସହିଦ୍ ହେଲେ । ମାତ୍ର ପ୍ରଜାମାନଙ୍କର ଅଶାନ୍ତି ତା ଦ୍ୱାରା ବଢ଼ିଲା ସିନା, କମିଲା ନାହିଁ ।

ପରେ ପରେ ଗାନ୍ଧିଜୀଙ୍କର 'ଭାରତ ଛାଡ଼' ଆନ୍ଦୋଳନ ଆରମ୍ଭ ହେଲା । ଏହି ଆନ୍ଦୋଳନର ଝଲକ ଗଡ଼ଜାତମାନଙ୍କରେ ଦେଖାଦେଲା । ବୀର ବୈଷ୍ଣବ ପଟ୍ଟନାୟକଙ୍କ ନେତୃତ୍ୱରେ ସତର ଜଣ ପ୍ରଜାମଣ୍ଡଳ ନେତା ୧୯୪୨ ଅଗଷ୍ଟ ୯ ତାରିଖରେ କାମାକ୍ଷାନଗରରେ ସରକାରୀ ଥାନା, ଅଫିସ୍ ଆଦି ଲୁଟ୍ କରି ପୋଡ଼ି ପକାଇଲେ । କେତେଜଣ ଧରାପଡ଼ି ଜେଲ୍‌ଗଲେ । ମାତ୍ର ବୈଷ୍ଣବବାବୁ ଇତ୍ୟାଦି କେତେକ ନିଖୋଜ ହେଲେ । ତାଳଚେରର ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ ମଧ୍ୟ ସେ ସମୟରେ କଲିକତା ଚାଲିଗଲେ ।

୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା, ମାତ୍ର ଗଡ଼ଜାତର ଲୋକମାନେ ସ୍ୱାଧୀନ ରାଷ୍ଟ୍ରରେ ପରାଧୀନ ହୋଇରହିଗଲେ । ବ୍ରିଟିଶ ସରକାର ଛଅଶହ କରଦରାଜାଙ୍କୁ କ୍ଷମତା ଦେଇଗଲେ ଯେ ସେମାନେ ସ୍ୱାଧୀନଭାବେ ରାଜ୍ୟଶାସନ

Digitized by PPRACHIN, SOA

କରିପାରନ୍ତି କିମ୍ବା ଭାରତ ବା ପାକିସ୍ଥାନ ସହ ମିଶିପାରନ୍ତି । କେତେକ ରାଜା ମନ୍ତ୍ରୀମଣ୍ଡଳ ଗଠନ କରି ସେମାନଙ୍କୁ କ୍ଷମତା ହସ୍ତାନ୍ତର କରିଦେଲେ । ଅନ୍ୟ କେତେକ ମନ୍ତ୍ରୀମଣ୍ଡଳ ଗଢ଼ିବେ କି ଭାରତରେ ମିଶିବେ ଏ ଚିନ୍ତା କରୁଥିବା ବେଳେ ସ୍ୱାଧୀନ ଭାରତର ପ୍ରଥମ ଗୃହମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ B ଓ C ଶ୍ରେଣୀ ରାଜ୍ୟମାନଙ୍କୁ ୧୯୪୩ ଡ଼ିସେମ୍ବର ୧୩/୧୪ ତାରିଖ ଓ ଅନ୍ୟ ସମସ୍ତ ରାଜାଙ୍କୁ (A କ୍ଲାସ୍) ଏକାଠିକୁ ଡ଼କାଇ ୧୯୪୮ ଜାନୁୟାରୀ ଏକ ତାରିଖରେ ଭାରତରେ ମିଶିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରାଇନେଲେ । ମୟୂରଭଞ୍ଜ ରାଜା ପ୍ରଜା ପରିଷଦ ଗଢ଼ି ତାଙ୍କୁ କ୍ଷମତା ହସ୍ତାନ୍ତର କରିଦେଇଥିବାରୁ ସେ ରାଜ୍ୟର ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସଙ୍କ ସହ ଆଲୋଚନା କରି ୧୯୪୯ ଜାନୁୟାରୀରେ ସେ ରାଜ୍ୟର ମିଶ୍ରଣ ହେଲା । ଓଡ଼ିଶା ସରକାର ଗଡ଼ଜାତ ଭିତରୁ ତିନିଜଣଙ୍କୁ ନୀଳଗିରିର କୈଳାସ ଚନ୍ଦ୍ର ମହାନ୍ତି, ତାଳଚେରର ପବିତ୍ର ମୋହନ ପ୍ରଧାନ ଓ ବଲାଙ୍ଗୀରର କପିଳେଶ୍ୱର ପ୍ରସାଦ ନନ୍ଦଙ୍କୁ ଏକ୍ସିକ୍ୟୁଟିଭ୍ କାଉନ୍‌ସିଲର୍ ଭାବେ ବିଧାନସଭାରେ ଗ୍ରହଣ କଲେ । ମାତ୍ର ସେମାନଙ୍କର ଗୁରୁତ୍ୱ ନଥିବା ଉପଲବ୍ଧି କରି ସେମାନେ ଇସ୍ତଫା ଦେଇଦେଲେ ।

୧୯୪୯ ନଭେମ୍ବର ତା ୨୬ ରିଖ ଦିନ ସମ୍ବିଧାନ ଗୃହୀତ ହେବା ପର୍ଯ୍ୟନ୍ତ ଗଡ଼ଜାତରେ ପ୍ରଜାମାନେ ନିଜକୁ ସ୍ୱାଧୀନ ଭାରତର ନାଗରିକ ରୂପେ ଗଣନା କରିପାରୁନଥିଲେ । ୧୯୫୦ ଜାନୁୟାରୀ ୨୬ ତାରିଖରୁ ଭାରତର ସମ୍ବିଧାନ ଲାଗୁ ହେବାପରେ ସେମାନେ ସ୍ୱାଧୀନ ଭାରତର ନାଗରିକ ଭାବେ ସ୍ୱୀକୃତି ପାଇଲେ । ମହାଭାରତୀୟ ସ୍ରୋତରେ ସାମିଲ୍ ହୋଇ ୧୯୫୨ର ପ୍ରଥମ ନିର୍ବାଚନରେ ଅଂଶ ଗ୍ରହଣ କରି ସେମାନେ ସ୍ୱାଧୀନତାର ସ୍ୱାଦ ଆସ୍ୱାଦନ କଲେ । ଏସବୁ ସତ୍ତ୍ୱେ ମୋଗଲବନ୍ଦୀ ଓ ଗଡ଼ଜାତ ମଧ୍ୟରେ ଗୋଟିଏ ଭିନ୍ନ ମନୋଭାବ ସ୍ୱାଧୀନତାର ପଚାଶବର୍ଷ ପରେ ମଧ୍ୟ ଏପର୍ଯ୍ୟନ୍ତ ରହି ଆସିଅଛି । ଏ ଭାବନାରୁ ନିସ୍ତାର ପାଇଁ ଆଉ କେତେ ସମୟ ଅବଶ୍ୟ ଲାଗିବ ।

❖❖❖

Digitized by PPRACHIN, SOA

ଅବସର

କର୍ମ ଚଞ୍ଚଳ ଜୀବନରେ ଅବସର ଅତ୍ୟନ୍ତ ଆବଶ୍ୟକ । ସମସ୍ତ ଜୀବଙ୍କ ପାଇଁ ଗୋଟିଏ ନିଶ୍ଚିତ ଅବସର ନିଦ୍ରା । ସମସ୍ତ ଜୀବ ଅବଶ୍ୟ ନିଦ୍ରା ଯାଆନ୍ତି । ତେଣୁ ଆମର ଏକ ଆପ୍ତବାକ୍ୟ ଅଛି, ''ଆହାର ନିଦ୍ରା ଭୟ ମୈଥୁନଞ୍ଚ, ସାମାନ୍ୟମେତଦ୍ ପୁଶୁଭିର୍ନିରାଣାମ୍ ନିଦ୍ରା ବ୍ୟତୀତ ଅନ୍ୟ ଅବସର ସମୟ ମଧ୍ୟ ନିର୍ଦ୍ଧିଷ୍ଟ ଥାଏ ଯେପରି ଖାଇ ସାରି ଟିକିଏ ବିଶ୍ରାମ After dinner rest a while, After super walk a mile. ସ୍ୱାସ୍ଥ୍ୟ ରକ୍ଷା କହେ "Early to bed and early to rise, makes the man healthy wealthy and wise । ଆମେ ଅବଶ୍ୟ ଦେଖିନାହୁଁ - ମାତ୍ର ଶୁଣୁ ଯେ ଦାର୍ଶନିକ ଗବେଷକ ତଥା ବୈଜ୍ଞାନିକମାନେ ବହୁ ରାତ୍ର ପର୍ଯ୍ୟନ୍ତ କାର୍ଯ୍ୟବ୍ୟସ୍ତ ଥାଇ ଅନେକ ବିଳମ୍ବରେ ଶୁଅନ୍ତି ଏବଂ ବେଳେବେଳେ ପୂର୍ଣ୍ଣ ଉଜାଗର ମଧ୍ୟ ରହନ୍ତି । ମାତ୍ର ଏ ସବୁକୁ ନିୟମ ନୁହେଁ ନିପାତନ କୁହାଯାଇପାରେ ।

ସାଧାରଣ ଜୀବନରେ ବିଶ୍ରାମ କିମ୍ବା ବିନୋଦନ ନାନା ପ୍ରକାରର କରାଯାଏ । ଅଫିସ୍ କିମ୍ବା ଫ୍ୟାକ୍ଟ୍ରୀମାନଙ୍କରେ ଲଞ୍ଚ ରିସେସ ଦିଆଯାଏ । କେଉଁଠି ୧୨ ଟାରୁ ୧ଟା କେଉଁଠି ୧ଟାରୁ ୨ଟା, ବ୍ୟାଙ୍କ ଏବଂ ଆସେମ୍ଳି ଓ ପାର୍ଲିଆମେଣ୍ଟରେ ୨ଟାରୁ ୩ଟା ଲଞ୍ଚ ବ୍ରେକ୍ । ଲଞ୍ଚ ବ୍ରେକରେ ଯାଇ ଅଫିସରମାନେ ଫେରନ୍ତି ଅପରାହ୍ନ ୩.୩୦ ବା ୪ଟାରେ । ସରକାରଙ୍କର ନୀତି ନିର୍ଦ୍ଧାରଣ ଏକ ପ୍ରକାର ମାତ୍ର କାମ ହୁଏ ଭିନ୍ନ ପ୍ରକାର । ବିଦ୍ୟାଳୟ ମାନଙ୍କରେ ମଧ୍ୟ ବିଶ୍ରାମ ଦିଆଯାଏ ଅଧ ଘଣ୍ଟାଏ- କିଏ କହେ ଖେଳଛୁଟି ତ କିଏ କହେ ଖାଇବାଛୁଟି । ଅନେକ ପିଲା ଏଇ ସମୟ ମଧ୍ୟରେ ମଧ୍ୟାହ୍ନ ଭୋଜନ କରନ୍ତି । ବିଦ୍ୟାଳୟ ବା ଅଫିସ୍ ଛୁଟିପରେ ଲମ୍ବା ଅବସର ମିଳେ । ସହରମାନଙ୍କରେ ପାର୍କରେ ବୁଲିବା, ଖେଳ କସରତ କରିବା କିମ୍ବା ବଗିଚା କାମ କରିବାରେ ସମୟ ବିତାନ୍ତି । ଏଥିରେ ପରିଶ୍ରମ ଥିଲେ ମଧ୍ୟ ଏହାକୁ ଅବସର ବିନୋଦନ କୁହାଯାଇ ପାରେ । ସନ୍ଧ୍ୟାରେ କ୍ଳବ କିମ୍ବା ସିନେମା ବା ଥିଏଟର । କେତେକ ବ୍ୟକ୍ତି କେବଳ ବହି ବା ଖବର କାଗଜ ପଢିବାକୁ ପସନ୍ଦ କରନ୍ତି । କିନ୍ତୁ ବାକିତକ ସୁଖନିଦ୍ରା ଯାନ୍ତି ।

ଜୀବନର ୩୫ ବା ୩୭ ବର୍ଷ କର୍ମକ୍ଷେତ୍ରରେ କଟାଇ ଶେଷକୁ ଅବସର ଗ୍ରହଣ କରିବାକୁ ପଡେ । କମ୍ପାନୀ ଚାକିରୀ ହେଉ କିମ୍ବା ସରକାରୀ ଚାକିରୀ ହେଉ ଅବସର ଗ୍ରହଣ ପରେ ଅନେକ ଭାବନ୍ତି ଯେ ସେମାନେ ବୁଢା ହୋଇଗଲେ । ଏଭଳି ଚିନ୍ତା କିନ୍ତୁ ବ୍ୟବସାୟୀ, ଚାଷୀ, ଓକିଲ, ଇତ୍ୟାଦିଙ୍କର ନଥାଏ କାରଣ ସେମାନେ ଜିନ୍ଦେଗୀଭର କାର୍ଯ୍ୟ କରି ଚାଲନ୍ତି ଅତି ଅପାରଗ ନ ହେବା ଯାଏ । ଆଉ ଯେଉଁମାନେ କର୍ମକ୍ଷେତ୍ରରୁ

Digitized by PPRACHIN, SOA

ଅବସର ନିଅନ୍ତି, ସେମାନେ ଅବସର ଗ୍ରହଣ ପରବର୍ତ୍ତୀ ଯୋଜନା କରିଥାନ୍ତି । ଡାକ୍ତରମାନଙ୍କର କ୍ଲିନିକ, ଇଞ୍ଜିନିୟରଙ୍କର କଣ୍ଟ୍ରାକ୍ଟରୀ କେତେକ ଓକିଲାତି ଓ କେତେକ ସମାଜ ସେବା କରନ୍ତି । ଅନ୍ୟ କେତେକ ରାଜନୀତି କରିବାକୁ ପସନ୍ଦ କରନ୍ତି । ଏପରି ଜଣେ ରାଜନୀତି କରୁଥିବା ଅଧ୍ୟାପକଙ୍କର ଦଶା ଏ ଲେଖକ ଅଙ୍ଗେ ନିଭାଇଛି । ସେ ମହାଶୟଙ୍କ ସହ ହଠାତ୍ ଦେଖାହୁଏ । ଦେଖା ହେଉ ହେଉ ଆଳାପ ଜମେ । ମହାଶୟ ଉତ୍ତର ଜୀବନରେ ରାଜନୀତି କରିବାକୁ ବାହାରିଛନ୍ତି ବୋଲି ବ୍ୟକ୍ତ କଲେ । ମତେ କିନ୍ତୁ କଥାଟା କେମିତି ଅଡୁଆ ଲାଗିଲା । ଭଦ୍ରଲୋକ ଗାଡି ଖଣ୍ଡିଏ ରଖିଛନ୍ତି ରାଜନୀତି କରିବେ ବୋଲି । ଦିନେ ସକାଳେ ଖବର ମିଳିଲା ଯେ ସାର୍ ଟୁରରେ ଯାଉଛନ୍ତି, ଦୁଇ ଦିନି ଦିନ ତାଙ୍କ ସଙ୍ଗେ ଦେଖା ହେବନାହିଁ । ମେ ମାସରେ ଇଲେକ୍ସନ । ଅପ୍ରେଲ ଶେଷ ସପ୍ତାହ ଆଡକୁ ଟୁର ପଡିଛି । ତିନିଦିନ ପରେ ତାଙ୍କ ଘରେ ପହଞ୍ଚିଲା ବେଳକୁ ଖବର ମିଳିଲା ଯେ ବୁଢାଙ୍କୁ ସନ୍‌ଷ୍ଟ୍ରୋକ୍ ହୋଇ ସେ ଶଯ୍ୟାଶାୟୀ । ମନେ ମନେ ଚିନ୍ତା କଲି ମୁଁ ଯାହା ସନ୍ଦେହ କରୁଥିଲି ସେଇଆ ଠିକ୍ ଫଳିଛି । ଅଜାତିକୁ ବଣିଜ ଅଡୁଆ । ଅଧ୍ୟାପନା ପରି ସୁସ୍ଥୀ ଚାକିରୀରୁ ତୁମେ ଆସି ହଠାତ୍ ଦିପ୍ରହର ଖରାରେ ରାଜନୀତି କରିବତ ତୁମେ ମରିବନି ତ ଆଉ ମରିବ କିଏ ? ଯେ ଗଲେ ଜଣେ । ଆଉ ଜଣେ ଏକ ନମ୍ବର ଅଫିସର ଅବସର ପରେ ଘରେ ତ ରହୁଥିଲେ, ମାତ୍ର ସନ୍ଧ୍ୟାବେଳେ କିଛି ସମୟ କ୍ଲବରେ ଆସି ବ୍ରିଜ୍ ଖେଳନ୍ତି । ଦିନ କେତେ ପରେ ତାକୁ ମଧ ବନ୍ଦ କରିଦେଲେ । ଘରୁ ଆଉ ପଦାକୁ ବାହାରିଲେନି । ସକାଳୁ ଗୋସେବା ଓ ଗୋଦୋହନ, ତା ପରେ ସ୍ନାନ ସାରି ଠାକୁର ସେବା, ବାଜିଲା ୧୧ ତା ପରେ ଟିକିଏ ଚା ଖାଇ ବିଶ୍ରାମ । ସାଢେ ଗୋଟେ ଦିଟା ବେଳକୁ ମଧାହ୍ନ ଭୋଜନ । ବିଶ୍ରାମ ପରେ ପୁଣି ୪ ଟାରେ ଗୋସେବା ସାରି ସନ୍ଧ୍ୟାରେ ପୁଣି ଠାକୁର ସେବା । ରାତି ୮.୩୦ରେ ରାତ୍ରି ଭୋଜନ ଓ ଶୟନ, ଏପରି ବହୁ ପ୍ରକାରର ଅବସରକାଳୀନ ବିନୋଦନ ଅଛି ।

ଆଉ ଜଣେ ଭଦ୍ରଲୋକ ଅବସରର ବହୁ ପୂର୍ବରୁ ଯୋଜନା କରି ସାହିତ୍ୟ ସଂଗଠନ, ସଙ୍ଗୀତ ବିଦ୍ୟାଳୟ, ଧର୍ମାନୁଷ୍ଠାନ, ସ୍କୁଲ ଇତ୍ୟାଦି କରି ଅବସର ପରେ ସେଥିରେ ମାତିଲେ । ଗୋଟାଏ ରାଜନୀତି ଦଳରେ ମିଶି ଜେଲ୍ ଗଲେ । ଭାବିଲେ ସେ ବଡ ଆଦର୍ଶ ପୁରୁଷ । ପଚାରିଲେ କହନ୍ତି, କାବ୍ୟ ଶାସ୍ତ୍ର ବିନୋଦେନ କାଲୋଗଚ୍ଛତି ଧୀମତାଂ, ବ୍ୟସନେନ ଚ ମୂର୍ଖାଣାଂ ନିଦ୍ରୟା କଳହେନ ବା । ଅର୍ଥାତ ବୁଦ୍ଧିମାନ ଲୋକଙ୍କର ସମୟ କାବ୍ୟ ଶାସ୍ତ୍ର ଚର୍ଚ୍ଚାରେ କଟେ । ମାତ୍ର ମୂର୍ଖଙ୍କର ସମୟ ବିଳାସବ୍ୟସନ କିମ୍ବା ଶୋଇବା ବା କଳିରେ କଟେ । ଏ ମହାଶୟଙ୍କର ବୃତ୍ତି କଣ ପଚାରିଲେ କହନ୍ତି - ସମାଜ ସେବା । ଇଯେ କି ପ୍ରକାରର ସମାଜ ସେବା ? ଅବଶ୍ୟ ତାଙ୍କ ପ୍ରରୋଚନାରେ ଅନେକ ଗୁଡାଏ ସାହିତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ଗଢି ଉଠି ସାଂସ୍କୃତିକ ବାତାବରଣ ଗୋଟିଏ ସୃଷ୍ଟି ହୋଇଛି । ଏହିପରି ଅନେକ ବ୍ୟକ୍ତି ନାଁ ନବାରେ ବ୍ୟସ୍ତ ତ ଅନେକ ନାଁ ଦବାଇବାରେ ବ୍ୟସ୍ତ । ନାଁ ଦବାଇବା

Digitized by PPRACHIN, SOA

ଲୋକଙ୍କୁ ସମାଜ ଡାକେ କୌଣସି ଅନୁଷ୍ଠାନ କିମ୍ବା ସଭା ସମିତିରେ ଅତିଥି ହେବା ପାଇଁ ମାତ୍ର ସେମାନଙ୍କର ସ୍ପଷ୍ଟ ନାସ୍ତି । ଆଉ କେତେ ଜଣ ମତେ କାହିଁକି ଡାକିଲନି ବୋଲି ଖେଦୋକ୍ତି ଏବଂ ବେଳେବେଳେ ଜବରଦସ୍ତ ଯାଇ ମେଣ୍ଟେଇ ହୋଇ ଆମନ୍ତ୍ରିତ କରାଇ ହୁଅନ୍ତି । ଯଦିଓ ଏମାନଙ୍କୁ କେହି ପସନ୍ଦ ନ କରନ୍ତି, ତଥାପି ସଭା ସମିତିରେ ଦେଖିବେ, ସେ ମଞ୍ଚ ଉପରକୁ ଉଠିଯାଇ ଜବରଦସ୍ତ ଚଉକି ଭିଡିଆଣି ବସିଥିବେ । କିଓ ବାବୁ ଏଠି ସଭାପତି କି ମୁଖ୍ୟ ଅତିଥି କିଏ ବସିବେ ନା ତୁମେ ଯାକୁ ଅକ୍ତିଆର କରି ବସିଗଲଣି ? ହଠାତ୍ ମୁହଁ ଉପରେ କିଛି କହି ନ ପାରି କର୍ମକର୍ତ୍ତାମାନେ ବିମର୍ଷ । ଏପଟେ ଶ୍ରୋତୃ ମଣ୍ଡଳୀ ମଧ୍ୟରେ ପ୍ରତିବାଦର ଧ୍ୱନି ଏବଂ କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ । ଗୋଟାଏ ଅବାଞ୍ଛିତ ବ୍ୟକ୍ତିକୁ କାହିଁକି ଆମର ପ୍ରତିବାଦ ସତ୍ତ୍ୱେ ମଞ୍ଚରେ ବସାଇଲ ? ଆମେ ତୁମ ସଂସ୍ଥା ସହ ସମସ୍ତ ସଂପର୍କ ଛିନ୍ନ କରିବୁ । ତୁମକୁ ସିଏ ବୋଧହୁଏ ନୁହେଁ, ନିଶ୍ଚୟ କିଛି ଦେଇଛି ଇତ୍ୟାଦି ଇତ୍ୟାଦି ।

ସଭା ସମିତି କରି କିଛି ଲୋକଙ୍କୁ ଶୁଣାଇବା ଓ କିଛି ଲୋକଙ୍କୁ କୁହାଇବା, ଇଯେ ମଧ୍ୟ ଏକ ଅବସର ବିନୋଦନ ନୁହେଁ ତ ଆଉ କଣ ? ଡ୍ରାମା କଲା ବେଳେ ଆମେ କରିଛୁ - ପିଞ୍ଜରେ ଗୋଟାଏ ଫ୍ରେମ୍ କରି କାଗଜ ମଡାଇ ଦିଟା ଗୋଲିଆ କଳା ଆଖି କରିଦେଲେ ହେଲା ଜଗନ୍ନାଥ । ଦର୍ଶକ ଦେଖିଲେ କି ସୁନ୍ଦର ମୂର୍ତ୍ତି ଆମେ ଦେଖିଲୁ ପଛଆଡ ଏକ ଫାଙ୍କା ଖୋଳ, ଫୁଙ୍କି ଦେଲେ ଉଡିଯିବ । ଢବଲ ଆଗରେ ଖଣ୍ଡେ କାଗଜରେ ଟିକିଏ ପେଣ୍ଟି କରିଦେଇ ବସିଲେ ରାଜା ସିଂହାସନରେ । କି ବଢିଆ ସିଂହାସନ । ଆମେ ଜାଣିଲୁ ଢବଲ । ପଛ ଆଡେ କେତେ ହିନ୍ଛାକରା ହୋଇ ଡ୍ରାମାଟିକୁ ମନୋହର କରିବା ପାଇଁ ଚେଷ୍ଟିତ ମ୍ୟାନେଜର ଡଙ୍କା ତିଅଣ ଘୋରିଲା ପରି ଡ୍ରାମାର ସୁଆଦ ଟିକିଏ ବି ପାଏନି, ମାତ୍ର ଅନେକ ପ୍ରେକ୍ଷାଳୟ ଭରା ଦର୍ଶକ ଦର୍ଶିକାଙ୍କର ଇଏ ଏକ ସୁନ୍ଦର ସୁସ୍ଥ ଅବସର ବିନୋଦନ । ଦି ଟଙ୍କା ପାଞ୍ଚଟଙ୍କାର ଟିକଟକୁ ସେମାନେ ବିନୋଦନ ତୁଳନାରେ ତୁଚ୍ଛ ମଣନ୍ତି, ମାତ୍ର କର୍ମକର୍ତ୍ତାଙ୍କ ହିସାବ ଚାଲେ ଗଲା କେତେ, ରହିଲା କେତେ । ଭବିଷ୍ୟତରେ କାମ ହେବ । ନିଅଣ୍ଟ ହେଲେ ହାତରୁ ବୁହ । ଏମିତି ହାତରୁ ବୋହି କେତେକ ବିନୋଦନ କରାଉଥିବା ବ୍ୟକ୍ତି ତଥାପି ତାଙ୍କ ହବି ଛାଡି ପାରନ୍ତିନି - ଇଯେ ଗୋଟାଏ ମାନିଆଁ । ସଭା, ସମିତି, ଡ୍ରାମା ଇତ୍ୟାଦିର ପୂର୍ବେ ଓ ପରେ ତାଙ୍କର ଧାଁ ଦଉଡ ଦେଖିଲେ ଆପଣଙ୍କୁ କିପରି ଲାଗେ ? ପାଞ୍ଚ ଲୋକଙ୍କୁ ଧରି କାମ କଲେ ମଧ୍ୟ ହାନି ଲାଭ ପାଇଁ କେହି ଦାୟୀ ହୁଅନ୍ତି ନାହିଁ । ଶେଷକୁ ଭଣ୍ଡାରୀ ମୁଣ୍ଡରେ ଅଠା । କିହୋ ବାବୁ କୁଆଡେ କି ? ନମସ୍କାର, ମୁଁ କଣ କେବେ ନିଜ କାମରେ ଆସେ ଏଇ ପାଞ୍ଚ ପଚିଶ ଦେଶ କାମରେ ତ ଲାଗିଛି । ରାଜନୀତି, ପାର୍ଟିପାଇଁ କହିଲେ ହଜାରେ ମାତ୍ର ସାହିତ୍ୟ ସଂସ୍କୃତି ପାଇଁ ପାଞ୍ଚଟଙ୍କା ବି ବାହାରିବା କାଠିକର ବ୍ୟାପାର । ତେବେ ଅବସର ବିନୋଦନ ପାଇଁ ଏ ଗୁଡିକ ଯେ ନିହାତି ଆବଶ୍ୟକ, ତାକୁ ଅସ୍ୱୀକାର କରାଯାଇ ନ ପାରେ ।

Digitized by PPRACHIN, SOA

ମଫସଲର ଗାଁ ଗହଳିମାନଙ୍କରେ ସାଧାରଣତଃ ତାସ୍, ପଶା, ବାଗୁଡି, ବୋହୂଚୋରୀ ଇତ୍ୟାଦି ଆଉ ସ୍ତ୍ରୀଲୋକମାନଙ୍କର ଗିଲପଟା, ସାପସିଢି, ଲୁଡୁ ପ୍ରଭୃତି ଅବସର ବିନୋଦନର ଗୋଟିଏ ଗୋଟିଏ ମାଧ୍ୟମ । ତା ଛଡା ମଝେ ମଝେ ପାଲା, ଦାସକାଠିଆ, ବା ନାଟ (ଯାତ୍ରା) ଇତ୍ୟାଦି କରାଯାଏ । ତ୍ରିନାଥ ମେଳା, ପଞ୍ଚାନନମେଳା କିମ୍ବା ଅଷ୍ଟପ୍ରହରୀ କୀର୍ତ୍ତନ ଇତ୍ୟାଦି ମଧ୍ୟ ହୁଏ । ଗାଁ ଗାଁରେ ଯାତ୍ରା ଯେପରି ଦୋଳ, ରଜ, ପଣା ଦଶହରା, ମକର ଇତ୍ୟାଦି ଅବସର ବିନୋଦନ ପାଇଁ ଅନେକ ଖୋରାକ ଯୋଗାଇଥାଏ । ସନ୍ଧ୍ୟାବେଳେ ଭାଗବତ ଟୁଙ୍ଗୀରେ ଭାଗବତ, ହରିବଂଶ, ନୃସିଂହ ପୁରାଣ ଇତ୍ୟାଦି, ସଂକୀର୍ତ୍ତନ ମଧ୍ୟ ହୁଏ । ଏବେ ଅବଶ୍ୟ ଅନେକ ଗ୍ରାମରୁ ଟୁଙ୍ଗୀ ଲୁପ୍ତ ହୋଇ କ୍ଲବମାନ ଗଢି ଉଠିଲାଣି । ଯେଉଁ ପ୍ରକାରରେ ହେଉ ମଧ୍ୟ ଅବସର ବିନୋଦନ ଯେ ପ୍ରତ୍ୟେକ ମନୁଷ୍ୟ ପାଇଁ ଜରୁରୀ ଏହା ଅନସ୍ୱୀକାର୍ଯ୍ୟ ।

ସରକାରୀ ସ୍ତରରେ ମଧ୍ୟ ଅବସର ବିନୋଦନ ପାଇଁ ବ୍ୟବସ୍ଥା ଅଛି । ସେଥିପାଇଁ ସାହିତ୍ୟ, ସଙ୍ଗୀତ ଓ ଲଳିତକଳା ଏକାଡେମୀ ସବୁ ରହିଛି । ଗୋଟିଏ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମଧ୍ୟ ଅଛି । ବର୍ଷ ମଧ୍ୟରେ ଅନେକ ସାହିତ୍ୟ ସଙ୍ଗୀତ ଅନୁଷ୍ଠାନ ଏମାନେ କରନ୍ତି । ଫଟୋ ପେଣ୍ଟିଙ୍ଗ, ଚିତ୍ର ଚାରୁକଳା ଇତ୍ୟାଦିର ପ୍ରଦର୍ଶନ ଅନୁଷ୍ଠିତ ହୁଏ । ଏତଦ୍ ବ୍ୟତୀତ ବିଭିନ୍ନ ଛୁଟି ଦିବସ ଘୋଷଣା କରାଯାଇ କର୍ମଚାରୀମାନଙ୍କୁ ଅବସର ବିନୋଦନର ସୁବିଧା ଦିଆଯାଏ । ଅନ୍ୟ କେତେକ ଦିବସ ସରକାରୀ ସ୍ତରରେ ପାଳନ କରାଯାଏ । ଏଇ ଯେପରି ସ୍ୱାଧୀନତା ଦିବସ ଗଣତନ୍ତ୍ର ଦିବସ ଇତ୍ୟାଦି । ସମସ୍ତ ଶ୍ରେଣୀର ରାଜ କର୍ମଚାରୀଙ୍କର ଏଥିରେ କିଛି କର୍ତ୍ତବ୍ୟ ଥାଏ । ସ୍କୁଲ କଲେଜରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ କର୍ମକର୍ତ୍ତାମାନେ ଏଥିରେ ଅଂଶ ଗ୍ରହଣ କରନ୍ତି । ତେଣୁ କେନ୍ଦ୍ର ତଥା ରାଜ୍ୟ ସରକାରମାନେ ଏଥିପ୍ରତି ସର୍ବଦା ସଚେତନ ।

କର୍ମ ତିନିଭାଗ ହେଲେ ଅବସର ଏକ ଭାଗ । ତାହା ଏକ ସୁସ୍ଥ ବ୍ୟକ୍ତି ବା ସମାଜର ଲକ୍ଷଣ । ଅତ୍ୟଧିକ କର୍ମ କିମ୍ବା ଅତ୍ୟଧିକ ବିଶ୍ରାମ କୌଣସି ବ୍ୟକ୍ତି ବା ସମାଜ ପକ୍ଷେ ହିତକର ନୁହେଁ । ସର୍ବମତ୍ୟନ୍ତ ଗର୍ହିତଂ । ଅତି ଧାଇଁ ଧାଇଁ ପାଶ୍ଚାତ୍ୟ ଜଗତରେ ନିଦ ନାହିଁ । ତେଣୁ ବଟିକା ଖାଅ । ଅତି ଶୋଇ ଶୋଇ ଆଫ୍ରିକାଯାକ ତମସାଛନ୍ନ । ତେଣୁ ଉଭୟ କର୍ମ ଓ ବିଶ୍ରାମ ମଧ୍ୟରେ ଗୋଟାଏ ସାଲିସ ବା ସନ୍ତୁଳନ ଆବଶ୍ୟକ । ତାହାହେଲେ ଶରୀର ଓ ମନ ଉଭୟ କର୍ମଠ ରହିବେ ଏବଂ ବ୍ୟକ୍ତି ତଥା ସମାଜର କଲ୍ୟାଣ ସାଧିତ ହେବ ।

(ଖୋଲାଦ୍ୱାର)

Digitized by PPRACHIN, SOA

ମା' ଓ ମମତା

''ମାଆ ମାଆ ବୋଲି ଡାକନି ଥରେ, ଧରମ ବିଚାର କରି କୁମରେ, ଧରମ ବିଚାର କରି'' । ମାଆ-ସେ ଜନନୀ-ସର୍ବଂସହା, ପୁତ୍ର ବା କନ୍ୟା ଯେତେ ଦୁଷ୍ଟ, ଦୁର୍ଦ୍ଧର୍ଷ, ବିପଥଗାମୀ ବା ମଦ୍ୟପ ହେଲେ ମଧ୍ୟ ମା' ତାଙ୍କର ଅମଙ୍ଗଳ କାମନା କରି ପାରେନା । ତା' ଆଗରେ ତା'ର ସନ୍ତାନ ସବୁବେଳେ ପିଲା, - ସେ ପିତୃତ୍ୱ ଅର୍ଜନ କରି ଯେତେ ବୟସ୍କ ହେଉ ପଛକେ । ମାତୃସ୍ତନ୍ୟ ସନ୍ତାନର ଅମୃତ । ସେ ଅମୃତ ପିଇ ସନ୍ତାନ ଯେତେ ମେଧା ସମ୍ପନ୍ନ ହୁଏ, ଯେତେ ସୁସ୍ଥ ହୁଏ, ତାହା ଅନ୍ୟ କୌଣସି ଉପସର୍ଗ ଦ୍ୱାରା ସମ୍ଭବ ନୁହେଁ । ମାତୃସ୍ତନ୍ୟପାୟୀ ଶିଶୁ ଏବଂ କମ୍ପ୍ଲାନ, ହର୍ଲିକ୍ସ, ସେରେଲାକ ପିଆ ଶିଶୁ ମଧ୍ୟରେ ଅନେକ ପାର୍ଥକ୍ୟ । ଗାଈ କ୍ଷୀର ବା ସେପରି କିଛି ସେ ସବୁ (Comes as a poor second) ଅତି ନିମ୍ନମାନର ଦ୍ୱିତୀୟ ଶ୍ରେଣୀ । ମାତୃ ସ୍ତନ୍ୟ ପାନ କରି ନଥିବା ଶିଶୁମନରେ ସେ ମମତା ଜାଗେ ନାହିଁ, ଯାହା ମାତୃସ୍ତନ୍ୟ ଦାନ କରିଥାଏ । ମାତୃସ୍ତନ୍ୟର ରୋଗ ପ୍ରତିରୋଧକ ଶକ୍ତି ଅଛି । ନତୁବା ପ୍ରତିରୋଧ କ୍ଷୀଣତା ଦେଖାଯିବା ସ୍ୱାଭାବିକ । ଗ୍ରାମାଞ୍ଚଳରେ ଏକ ସାଧାରଣ ବା ଦରିଦ୍ର ଶିଶୁକୁ ଦେଖନ୍ତୁ (ଯେ ମାତୃସ୍ତନ୍ୟ ପାନ କରିଅଛି), ସେ ଭବିଷ୍ୟତ ଜୀବନରେ ଶାଗ, ପେଜ ଖାଇ ମଧ୍ୟ ଯେତେ ସୁସ୍ଥ ଅଛି, ଆଧୁନିକ ଖାଦ୍ୟ ଖାଇ (ଲୋଫ ମାଗି ଇତ୍ୟାଦି) ଆଜିର ନାଗରିକ ବିଭିନ୍ନ ରୋଗର ଶିକାର ହେଉଛି - ବିଭିନ୍ନ ପ୍ରକାର ଇନ୍‌ଫେକସନ୍, ଅଳ୍ପ ବୟସରୁ ଡାଇବେଟିସ, ଉଚ୍ଚ ରକ୍ତଚାପ, ହୃଦରୋଗ, କ୍ୟାନସର ଓ ଏଡସ୍ ଇତ୍ୟାଦିର । ଯେଉଁ ମାଆ ଆପଣାର ସୌନ୍ଦର୍ଯ୍ୟ ଅତୁଟ ରଖିବା ପାଇଁ ଶିଶୁକୁ ସ୍ତନ୍ୟଦାନରୁ ବଞ୍ଚିତ କରାନ୍ତି, ତାଙ୍କର ସନ୍ତାନ ଏପରି ହୀନବୀର୍ଯ୍ୟ ହୋଇ ଯାଆନ୍ତି ସେ ସେମାନଙ୍କୁ ଉପର୍ଯ୍ୟୁକ୍ତ ରୋଗମାନଙ୍କର ଶିକାର ହେବାକୁ ପଡେ । ଏବେ ଅନେକ ସିକ୍‌ଲିସେଲର ଶିଶୁ ଜନ୍ମ ନେଉଛନ୍ତି କାରଣ ତାଙ୍କର ପିତାମାତାଙ୍କର ଦୋଷ ଅଛି ଯାହା ସେମାନେ ପୂର୍ବଜ ମାନଙ୍କଠାରୁ ଆହରଣ କରିଥାନ୍ତି । ମୂକ, ବଧିର, ଚକ୍ଷୁହୀନ ଓ ଅନ୍ୟ ପ୍ରକାରର ଶାରୀତିକ ବିକଳାଙ୍ଗ ଶିଶୁ ଜନ୍ମ ନେବା ମୂଳରେ ମଧ୍ୟ ଏପରି କାରଣ ମାନ ନିହିତ । ଏମାନଙ୍କର ଶିକ୍ଷା, ପ୍ରଶିକ୍ଷଣ ଓ ସାମାଜିକ ପ୍ରତିଷ୍ଠା ପାଇଁ ଏ ସମାଜକୁ ବହୁମୂଲ୍ୟ ଦେବାକୁ ପଡୁଅଛି ।

ଆମ୍ଭମାନଙ୍କୁ ଏସବୁ ଦୈବ ଦୁର୍ବିପାକ ବୋଲି କହି ଏଡାଇଦେବା ପରିବର୍ତ୍ତେ ଏହାର ମୂଳୋତ୍ପାଟନ ପାଇଁ କାର୍ଯ୍ୟ କରିବା ଆବଶ୍ୟକ । ପିତାମାତାଙ୍କର ଯାହା ଶାରୀରିକ ଦୋଷ ଦୁର୍ବଳତା ଥିଲେ ମଧ ସନ୍ତାନଟି ଭୁମିଷ୍ଟ ହେବା ମାତ୍ରେ ସେମାନଙ୍କର ମାୟା ଓ ମମତା

Digitized by PPRACHIN, SOA

ଜାଗିଉଠେ । ପିଲା ଅନ୍ଧ, ଛୋଟା, କେମ୍ପା ଯାହାହେଲେ ମଧ୍ୟ ପିତୃମାତୃ ସ୍ନେହରୁ ବଞ୍ଚିତ ହୁଏନା, ବରଂ ଉକ୍ତ ସନ୍ତାନ ପ୍ରତି ସେମାନଙ୍କର ସ୍ନେହ ସହାନୁଭୂତି ଅଧିକ ହୁଏ । ମୋର ନିଜର ଅଭିଜ୍ଞତାରୁ ମୁଁ ଜାଣିଛି ଯେ ଗୋଟିଏ ସିକଲିସେଲ ସନ୍ତାନର ପିତାମାତା ତାକୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତ ଦେଇ ପଚିଶ ବର୍ଷ ବଞ୍ଚାଇଲେ । ତତ୍‌ପରେ ସେ ନିଜ ରୋଜଗାରରେ ନିଜର ଯତ୍ନ ନେଲା ମାତ୍ର ସେ ବୈବାହିକ ଜୀବନ ଯାପନ କରିପାରି ନାହିଁ, ପାରିବ ନାହିଁ ମଧ୍ୟ । ମହାଭାରତର ପଣ୍ଡୁଙ୍କ ପରି ତାର ଅବସ୍ଥା । ସମାଜରେ ଏପରି ଅନେକ ଅବାଞ୍ଛିତ ବ୍ୟକ୍ତିଙ୍କର ଆବିର୍ଭାବ ପାଇଁ ପିତାମାତା ହିଁ ଦାୟୀ ।

ମାଆର ମମତାର ତୁଳନା ନାହିଁ । ''ଆକାଶ ଠାରୁ ପିତା ବଡ ମାତାବଡ ପୃଥିବୀ ଅପେକ୍ଷା'' । ପୃଥିବୀ ଯେପରି ସର୍ବଂସହା-ମାତା ସେପରି ଶିଶୁର ସମସ୍ତ ଦୌରାତ୍ମ୍ୟ ସମ୍ଭାଳି ତାକୁ କୋଳେଇ ନିଅନ୍ତି । ରୋଗଶଯ୍ୟାରେ ରାତି ରାତି ଉଜାଗର ରହି ତାର ସେବା କରନ୍ତି- ଭୋକ ଶୋକ ଭୂଲି । ଜଣେ ମାଆର କାହାଣୀ - ଚାରିଗୋଟି ପୁତ୍ର ସନ୍ତାନର ଏହି ଜନନୀ ଗୋଟିଏ ପୁଅର ମୃତ୍ୟୁରେ ଏତେ ମ୍ରିୟମାଣ ହୋଇଗଲେ ଯେ ଶେଷରେ ସେ ପାଗଳିନୀ ହୋଇଗଲେ । ସାଇ ପଡିଶା ଘରଆଡେ ବୁଲି ଆସିଲେ ତାଙ୍କ ବାଡିରେ ପଶି କାକୁଡି ବାଡି, ଜହ୍ନି ବାଡିରେ ଖୋଜନ୍ତି, ଏଇଠି ଅଛିକି ? ସେଇଠି ଅଛିକି ? ସେଇଠି ଥିବପରା ! ଇତ୍ୟାଦି । ମା'ର ଅନ୍ତରର ବେଦନା କେହି ବୁଝିଲେନି ବରଂ ବାୟାଣୀ, ବାୟାଣୀ କହି ତାକୁ ନାନା ଉପହାସ କରି ଶେଷକୁ ଦଣ୍ଡଦେଇ ତାଙ୍କର ପ୍ରାଣ ନାଶ କଲେ । ଯେତେ ପ୍ରକାରରେ ବୁଝାଇଲେ ମଧ୍ୟ ସେ ଅବୁଝା, ଶେଷରେ ପୁଅ ପାଖକୁ ଚାଲିଗଲେ । ଅନ୍ୟଜଣକ କ୍ଷେତ୍ରରେ ସେପରି ପୁତ୍ରହରା ମାତା ଚିନ୍ତିତା ହୋଇ ଗୁମ୍ ହୋଇ ବସିଲେ । ବହୁ ଚେଷ୍ଟା ସତ୍ତ୍ୱେ କୌଣସି ଫଳ ମିଳିଲା ନାହିଁ । ତାଙ୍କର ଜଣେ ଆତ୍ମୀୟ ଏକ ବୁଦ୍ଧି ପାଞ୍ଚି ତାଙ୍କର ତିନି ବୟସ୍କା କନ୍ୟାକୁ ତାଙ୍କ କ୍ରୋଡରେ ଟୋକିଦେଲେ । ଏହି ଶିଶୁର ଲାଳନ ପାଳନ ଓ ଯତ୍ନରେ ଦିନ ବିତାଇ ସେ ପ୍ରାୟ ପାଞ୍ଚବର୍ଷ ପରେ ପ୍ରକୃତିସ୍ଥ ହେଲେ । ଏ ଦୁଇଟି ମାତ୍ର ଦୃଷ୍ଟାନ୍ତ । ଦୁନିଆଁରେ ଏପରି କେତେ ଯେ ମାତାଙ୍କର ଭାଗ୍ୟରେ ଏପରି ଦୁର୍ଦ୍ଦିନ ଆସିଛି, ତାଙ୍କର ମମତା ଜୁଆରରେ ହଠାତ୍ ଭଟ୍ଟା ପଡିଯାଇଛି ଏବଂ ତାକୁ ସହନ କରିବା ପାଇଁ ତାଙ୍କର ଶକ୍ତି ପାଇନି । ସେ ଜୀବନକୁ ତିଳ ତିଳ କରି ଜାଳି ଦେଇଛନ୍ତି । ମାଆ ବ୍ୟତିରେକେ ଏହାକି ଅନ୍ୟପକ୍ଷେ ସମ୍ଭବ? ଅବଶ୍ୟ ଆମେ ଖବର କାଗଜରୁ ପଢୁ କେତେକ ମାଆ ନିଜ ସନ୍ତାନକୁ ହତ୍ୟାକରି ଆପେ ଆତ୍ମାହୁତି ଦେଇଛନ୍ତି । ଏ କ୍ଷେତ୍ରରେ ଅବସ୍ଥାର ତାଡନାରେ ସେମାନେ ଏପରି କରନ୍ତି- ନିଜର

Digitized by PPRACHIN, SOA

ସନ୍ତାନ ମାନେ ଭବିଷ୍ୟତରେ ଦୁଃଖ ଭୋଗିବେ ନାହିଁ ବୋଲି ନିଜ ଜୀବନ ସହ ସେମାନଙ୍କ ଜୀବନକୁ ନାଶ କରିଦିଅନ୍ତି । ଏପରି କ୍ଷେତ୍ରରେ ମଧ୍ୟ ମାଆର ମମତା ହିଁ ମୂଳତଃ କାର୍ଯ୍ୟକରେ ।

ବର୍ତ୍ତମାନ ପରିସ୍ଥିତିରେ କେତେକ ମାଆ କର୍ମଜୀବୀ । ସେମାନେ ଗୃହକର୍ମ ଓ ସନ୍ତାନ ପାଳନ ବ୍ୟତିରେକେ କେତେକ କର୍ମ କ୍ଷେତ୍ରରେ ମଧ ଚାକିରୀ କରନ୍ତି । ଏ କ୍ଷେତ୍ରରେ ସେମାନଙ୍କର ଦାୟିତ୍ୱ ଦ୍ୱିଗୁଣିତ ହୁଏ । ତଥାପି ସେମାନେ ନାନା ପ୍ରକାର ପୂଜା, ଉପାସନା, ବ୍ରତ ଆଦି ପାଳନ କରନ୍ତି । ଅପର ପକ୍ଷରେ କେତେକ ମାଆ କର୍ମଜୀବୀ ନ ହୋଇ କେବଳ ଗୃହିଣୀ ହୋଇ ମଧ ଅତି ଭୋଗସର୍ବସ୍ୱ ହୋଇ ଯାଉଛନ୍ତି । ସେମାନଙ୍କର ସୁବିଧାବାଦୀ ଚିନ୍ତାଧାରା ଆମକୁ ବିବ୍ରତ କରେ । ସ୍ୱାମୀଙ୍କର ମୋଟା ରୋଜଗାର, ତାଙ୍କ ସହ କାର ବା ସ୍କୁଟରରେ ଯାଇ ସପିଙ୍ଗ କରିବା, କେଉଁଠି ହୋଟେଲ ବା ରେଷ୍ଟୁରାଣ୍ଟରେ ଖାଇଦେଇ ଘରେ ରୋଷାଇ ନକରିବା, ବର୍ଷ ମଧ୍ୟସ୍ଥ କୌଣସି ଓଷା, ବ୍ରତ ବା ଉପବାସ ନ କରି ତାକୁ କୁସଂସ୍କାର କହି ପରିହାସ କରିବା ଇତ୍ୟାଦି ଆମର ପରମ୍ପରା ଓ ସଂସ୍କୃତି ପ୍ରତି ଏକ ଅପମାନ । ଏଇମାନେ ହିଁ ଆମର ସଂସ୍କୃତିର ଅବକ୍ଷୟ ପାଇଁ ଦାୟୀ । ଗୋଟିଏ ଅଙ୍ଗେନିଭା ଘଟଣା ଏଠାରେ ବର୍ଣ୍ଣନା କରିବା ସମୀଚୀନ ହେବ । ଜଣେ ପ୍ରତିବେଶୀ ମାଆ ଦିନେ ପାଞ୍ଜି ଦେଖି ବସିଲେ ଅବଶ୍ୟ ଆମଠୁଁ ମାଗି । ନିକଟରେ ଚନ୍ଦ୍ର ଗ୍ରହଣ ଅଛି । ଦିନ ଗୋଟାଏ ବେଳୁ ପାକତ୍ୟାଗ, କାରଣ ରାତ୍ରି ଦଶଟାରୁ ଗ୍ରହଣ ଆରମ୍ଭ । କେବଳ ବାଳକ, ବୃଦ୍ଧ ଓ ରୋଗୀଙ୍କ ପାଇଁ ଏ ନିୟମ ପ୍ରଯୁଜ୍ୟ ନୁହେଁ । ମୁଁ କହିଲି - 'ମୁଁ ତ ବୃଦ୍ଧ' । ''ସଙ୍ଗେ ସଙ୍ଗେ ସେ କହି ଉଠିଲେ, ଆମେ ତ ରୋଗୀ ଭିତରେ ଯିବୁ'' - ଯଦିଓ ସେ ସମ୍ପୂର୍ଣ୍ଣ ସୁସ୍ଥ । ଏପରି ମାଆମାନେ ତାଙ୍କର ସନ୍ତାନ ସନ୍ତତିମାନଙ୍କୁ କି ପ୍ରକାର ନୀତି ଶିକ୍ଷା ଦେବେ ? କୋଉବାଟ ଦେଖି ଖସିଯିବା ପାଇଁ ଖୋଜି ହେଉଥିବେ । ଏମାନଙ୍କର Idle mind, devil's workshop ଅଟେ । ଏମାନେ ଏ ଘର ମାଉସୀ, ସେ ଘର ପିଉଷୀ, ବିଭିନ୍ନ ପରିବାରର ବ୍ୟକ୍ତିମାନଙ୍କ ମଧ୍ୟରେ ବିଭେଦ, ସ୍ୱାର୍ଥପରତା ଇତ୍ୟାଦି ନାନା ଦୁର୍ଗୁଣର ମଞ୍ଜି ବୁଣନ୍ତି । ଏମାନଙ୍କ ପ୍ରତି ସାବଧାନ ରହିବା ଉଚିତ । ଏମାନଙ୍କୁ ସତ୍ ମାର୍ଗକୁ ଆଣିବା ପାଇଁ ପ୍ରଶିକ୍ଷଣର ଆବଶ୍ୟକତା ଉପଲବ୍ଧ ହୁଏ ।

ଶିଶୁର ମମତାର ଚିରନ୍ତନ ମୂଲ୍ୟବୋଧ ମାଆ କୋଳରୁ ହିଁ ଆରମ୍ଭ ହୁଏ । ମା ଯେତେବେଳେ ନିଜ ସନ୍ତାନର ପିଠିରେ ବା ମସ୍ତକରେ ନିଜ ହାତରେ ଟିକିଏ ଆଉଁସି ଦିଏ ସେଥିରେ ମମତାର କେତେ ନିଗୂଢ ସ୍ପର୍ଶ ଥାଏ, ତାହା ଅନୁଭବି ହିଁ ଜାଣିପାରେ ।

Digitized by PPRACHIN, SOA

ଏଥିରେ କୌଣସି ଅର୍ଥର ଆବଶ୍ୟକତା ନ ଥାଏ - ମାତ୍ର ଏହା ନୋବେଲ୍ ପୁରସ୍କାର ଠାରୁ ମଧ୍ୟ ମୂଲ୍ୟବାନ । ସନ୍ତାନର ଏହି ମମତାବୋଧ କ୍ରମେ ନିଜର ଭ୍ରାତା, ଭଗିନୀ, ଆତ୍ମୀୟ ପରିବାର ଦେଇ ସମାଜ ପର୍ଯ୍ୟନ୍ତ ବିସ୍ତାରିତ ହୁଏ ।

ମାଆର ମମତା ଯେତେବେଳେ ସନ୍ତାନର ପରିସର ବାହାରକୁ ପରିବ୍ୟାପ୍ତ ହୁଏ ସେତେବେଳେ ସେ ବିଶ୍ୱଜନନୀ ପଦବାଚ୍ୟ ହୁଏ । ଏପରି ଭୁରି ଭୁରି ଉଦାହରଣ ଆମ ପୁରାଣମାନଙ୍କରୁ ଆରମ୍ଭ କରି ବିଶ୍ୱର ଇତିହାସରୁ ମିଳେ । ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ଇତ୍ୟାଦି ଦେବୀମାନେ ଏବଂ ସତୀ ଅନସୂୟା, ଗୌତମୀ, ଗାନ୍ଧାରୀ ଇତ୍ୟାଦି ପୁରାଣ ବର୍ଣ୍ଣିତ ନାରୀମାନେ ବିଶ୍ୱଜନନୀ ହେବାର ଗୌରବ ଅର୍ଜନ କରିଛନ୍ତି । ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଫ୍ଲରେନ୍ସ ନାଇଟିଙ୍ଗେଲ୍, ଯୋଆନ୍ ଅଫ୍ ଆର୍କ, ମା' ଆନନ୍ଦମୟୀ ଓ ମଦର ଟେରେସା ଇତ୍ୟାଦି ଦୃଷ୍ଟି ପଥାରୂଢ ହୁଅନ୍ତି । ନିଜର ସନ୍ତାନ ନ ଥିଲେ ମଧ୍ୟ ସମଗ୍ର ବିଶ୍ୱର ଜନଗଣଙ୍କୁ ଏମାନେ ସନ୍ତାନ ଜ୍ଞାନରେ ଆଶୀର୍ବାଦ କରିଛନ୍ତି । ଏମାନେ ବିଶ୍ୱଜନନୀ ପଦବାଚ୍ୟ । ସ୍ୱକୀୟ ସଂକୀର୍ଣ୍ଣ ଗଣ୍ଡିରୁ ଊର୍ଦ୍ଧ୍ୱରେ ଏମାନଙ୍କର ମମତା ବିସ୍ତାରିତ ଓ ବିସ୍ଥାରିତ ହୋଇଅଛି । 'ଘେନ ମୋ ପ୍ରଣତି ହେ ବିଶ୍ୱ ଜନନୀ, ମମତା ଡୋରିରେ ବାନ୍ଧିଲ ବିଶ୍ୱକୁ ତୁମେ ବିଶ୍ୱ ବିଜୟିନୀ' ।

ସାମ୍ପ୍ରତିକ ସମାଜରେ ମା' ହୋଇଛି 'ମମ୍ମି', ବାପା- 'ଡାଡି' ଏବଂ ମାଇଁ ମାଉସୀ ଇତ୍ୟାଦି 'ଆଣ୍ଟି' । ମା' ଓ ପିଲା ମଧ୍ୟରେ ବିରାଟ ବ୍ୟବଧାନ । ମାଆର ବେଳ ନାହିଁ ମମତା ଢାଳିବାକୁ, ପିଲାର ବେଳ ନାହିଁ ମମତା ଗ୍ରହଣ କରିବାକୁ । ସନ୍ତାନର ଦାୟିତ୍ୱରୁ ମୁକ୍ତ ହେବା ପାଇଁ ତିନିବର୍ଷ ବୟସର କୋମଳ ଶିଶୁକୁ ବିଦ୍ୟାଳୟକୁ ପ୍ରେରଣ କରି ଦିଆଯାଉଅଛି । ଶିଶୁର ଯତ୍ନ ନେବା ପାଇଁ ସମୟ ନାହିଁ ପିତାମାତାଙ୍କର । ଆୟା ଦାୟିତ୍ୱରେ ସନ୍ତାନ ମମତାର କ୍ଷୁଧାରେ କ୍ଷୁଧିତ, କେତେବେଳେ ଡ୍ରଗ୍‌ସ ବା ମଦ୍ୟ କିମ୍ବା ଆତ୍ମାହୁତି, ପଳାୟନ ଇତ୍ୟାଦିରେ ସମାପ୍ତି ଘଟୁଛି ମମତାର ଅବର୍ତ୍ତମାନରେ । ଭୌତିକ ଭୋଗ ଲାଳସା, ସ୍ୱାର୍ଥ କୈନ୍ଦ୍ରିକ ସମାଜ ବିପୁଳ ଅର୍ଥାଗମ ସତ୍ତ୍ୱେ ମାନବିକ ମୂଲ୍ୟବୋଧ ହରାଇ ସ୍ନେହ, ମମତାର କ୍ଷମା କରୁଣା ଇତ୍ୟାଦି ସଦ୍‌ଗୁଣ ମାନ ହଜାଇ ଦେଉଛି । ସମାଜର ସ୍ୱାଭିମାନ, ପରମ୍ପରା ଓ ସଂସ୍କୃତି ପ୍ରତି ଏହା ଏକ ଭୀଷଣ ବିପଦର ସଙ୍କେତ । ବେଳହୁଁ ସାବଧାନ ହୋଇ ଏ ଅବକ୍ଷୟରୁ ସମାଜକୁ ଉଦ୍ଧାର କରିବା ଚିନ୍ତନଶୀଳ ବ୍ୟକ୍ତିମାନଙ୍କର ସର୍ବାଦୌ କର୍ତ୍ତବ୍ୟ ।

Digitized by PPRACHIN, SOA

ଆମ ସମାଜ, ସଂସ୍କୃତି ଓ ପରମ୍ପରାର ମୂଳଉତ୍ସ ହିଁ ମମତା ଯାହାର ମୂଲ୍ୟାଙ୍କନ କରିବାକୁ ଯାଇ ମହାମନିଷୀମାନେ ପୁରାଣ ଓ ଶାସ୍ତ୍ରମାନଙ୍କରେ ବିଭିନ୍ନ ବିଶ୍ୱଜନନୀ ଦେବୀ ଦୁର୍ଗା, ଲକ୍ଷ୍ମୀ, ପାର୍ବତୀ, ସରସ୍ୱତୀ ଇତ୍ୟାଦିଙ୍କର ଅବତାରଣା କରିଛନ୍ତି । ଅନ୍ତର୍ନିହିତ ଉଦ୍ଦେଶ୍ୟ ମମତାର ମୂଲ୍ୟ, ତାର ଗୁରୁତ୍ୱ ଓ ମନ ଉପରେ ତାର ପ୍ରଭାବ ସମ୍ବନ୍ଧରେ ଏ ସମାଜ ଅବଗତ ହେଉ ଏବଂ ସ୍ୱ ସ୍ୱ କ୍ଷେତ୍ରରେ ତାର ଉପଯୋଗ କରୁ । ପାଶ୍ଚାତ୍ୟ ଦେଶମାନଙ୍କରେ ଏହି ସମସ୍ତ ମାନବିକ ମୂଲ୍ୟବୋଧର ଅବକ୍ଷୟ ଏବଂ ଭୌତିକ ଭୋଗ ଲାଳସାର ବର୍ଦ୍ଧିଷ୍ଣୁ ଗତିରେ ମ୍ରିୟମାଣ ଯୁବଗୋଷ୍ଠୀ ଏବେ ଦୁଇ ହଜାର ବର୍ଷ ପୂର୍ବର ସାମାଜିକ ବିଧି ବ୍ୟବସ୍ଥା, ନୈତିକ, ଧାର୍ମିକ ଓ ଆଧାତ୍ମିକ ମୂଲ୍ୟବୋଧ ସମ୍ବନ୍ଧରେ ଅନୁଶୀଳନ କରି ଭାରତ ବର୍ଷର ସନାତନ ଧର୍ମ ପ୍ରତି ଆକୃଷ୍ଟ ହେଲେଣି । ମାତ୍ର ଆମେ ସନାତନ ଧର୍ମ ପରମ୍ପରାରୁ ବିଛିନ୍ନ ହୋଇଯିବା ଅତୀବ ଦୁର୍ଭାଗ୍ୟଜନକ । ପାଶ୍ଚାତ୍ୟ ଚାକଚକ୍ୟ ଓ ଭୌତିକତକୁ ଆଦର୍ଶ ରୂପେ ଗ୍ରହଣ କରିବା ଏକ ଚରମ ଦୁର୍ଦ୍ଦଶା ଆଡକୁ ଆମକୁ ଟାଣିନେବ ଏଥିରେ ସନ୍ଦେହ ନାହିଁ । ତେଣୁ 'ସାଧୁ ସାବଧାନ' ।

(ସପ୍ତାରଣ୍ୟ-୧୯୯୭)

❖❖❖

Digitized by PPRACHIN, SOA

ଲେଖକ ପରିଚିତି

ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ର ତାଙ୍କର ଜନ୍ମ-୨୭-୦୨-୧୯୨୮ ଢେଙ୍କାନାଳ ଜିଲ୍ଲା ଭଗିରଥପୁର ଶାସନ ।

ପ୍ରଥମତଃ ସେ ଜଣେ ଶିକ୍ଷକ । ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଅବସର ପ୍ରାପ୍ତ । ଶୈଶବରୁ କଳା, ସଂଗୀତ ଓ ସାହିତ୍ୟ ପ୍ରତି ଆଗ୍ରହ । ଉଚ୍ଚବିଦ୍ୟାଳୟମାନଙ୍କରେ ବିଭିନ୍ନ ମୁଖପତ୍ର ପ୍ରତିଷ୍ଠା, ନାଟ୍ୟ ଅଭିନୟ ଓ ନିର୍ଦ୍ଦେଶନା ସହିତ ସେ ଜଣେ ନାଟ୍ୟକାର, କବି, ପ୍ରାବନ୍ଧିକ ତଥା ରମ୍ୟରଚନାକାର । ଓଡ଼ିଶାର ପୂର୍ବତନ ଗଡ଼ଜାତମାନଙ୍କରେ ଥିବା ଏକ ହଜାର ପାଞ୍ଚଶହ ଶିକ୍ଷକଙ୍କର ପେନ୍‌ସନ ଓ ସିନିୟରିଟି ପାଇଁ ୨୧ ବର୍ଷକାଳ ସଂଗ୍ରାମ କରି ନ୍ୟାୟପ୍ରାପ୍ତ ।

ସେ ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଓ ନଟରାଜ ସଂଗୀତ ମହାବିଦ୍ୟାଳୟ ଓ ଡଃ ଦାଶରଥି ମିଶ୍ର ହାଇସ୍କୁଲର ପ୍ରତିଷ୍ଠାତା । ବିଶ୍ୱହିନ୍ଦୁ ପରିଷଦର ଆଜୀବନ କାର୍ଯ୍ୟକାରୀ ସଦସ୍ୟ ।

୧୯୮୧ରେ ଉପଦେଶାମୃତ ୧୯୮୬ରେ ସ୍ୱାମୀ ଚିଦାନନ୍ଦଙ୍କ ଦୁଃଖାତୀତ ପଥର ଅନୁବାଦ ।

ତାଙ୍କ ରଚନା - ହିନ୍ଦୁଧର୍ମର ବୈଜ୍ଞାନିକ ବ୍ୟାଖ୍ୟା ବ୍ୟଙ୍ଗ ପୂର୍ଣ୍ଣରମ୍ୟ ରଚନା ''ମଧୁର ଆଳାପ'' ''ଚେତନାର ଚନ୍ଦ୍ରଭାଗା'', ଏବଂ ''ଗଲି ଅଇଲି ଯାହା ଦେଖିଲି'' ଭ୍ରମଣ ବୃତ୍ତାନ୍ତ

ଏତଦ୍ ବ୍ୟତୀତ ସେ ଆମେରିକା, ଇଂଲଣ୍ଡ ଭଳି ଅନେକ ଦେଶ ପର୍ଯ୍ୟଟନ କରିଛନ୍ତି ।

''ଚେତନାର ଚନ୍ଦ୍ରଭାଗା'' ଜାତି ସମାଜ ଏବଂ ସରକାର ତଥା ବ୍ୟକ୍ତିବିଶେଷଙ୍କ ନିମିତ୍ତ ବିଭିନ୍ନ ଉପଦେଶ ଓ ସମାଲୋଚନାରେ ପର୍ଯ୍ୟବେଶିତ ।

Digitized by PPRACHIN, SOA

ଚେତନାର ଚନ୍ଦ୍ରଭାଗା

ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ର

Digitized by PPRACHIN, SOA